ଫେବୃୟାରୀ ୨୦୨୪



Photo by Dr. Ranjit Ku Sahu, USA

ISSN NO – 2582-208X

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids: vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଦୀର୍ଘ ୫୦୦ ବର୍ଷର ଅପେକ୍ଷାର ଅନ୍ତ ଘଟାଇ ଅଯୋଧ୍ୟାରେ ନୂଆ ବନିଥିବା ମନ୍ଦିରରେ ଭଗବାନ ଶ୍ରୀ ରାମଙ୍କ ପ୍ରାଣ ପ୍ରତିଷ୍ଠା ହୋଇପାରିଛି ଯାହାକି ଅତ୍ୟନ୍ତ ଆନନ୍ଦର ବିଷୟ । ଏହା ପରେ ଭକ୍ତଗଣଙ୍କ ଦର୍ଶନ ପାଇଁ ସୁଅ ଛୁଟିଛି ଅଯୋଧ୍ୟା ନଗରୀରେ ପହଞ୍ଚିବା ପାଇଁ। ଗୋଟିଏ ପଟେ ରାମ ମନ୍ଦିର ତିଆରି ହେଇଛି କିନ୍ତୁ ଅନ୍ୟ ପଟେ ଏକ ପୁରୁଣା ସହରର କାୟାକଳ୍ପ ମଧ୍ୟ ବଦଳିଯାଇଛି । ଅଯୋଧ୍ୟାର ବିମାନବନ୍ଦରରୁ ଉଡାଣ ଆରମ୍ଭ ହୋଇଗଲା ପରେ ଏହା ପୃଥିବୀର ସବୁ ସହର ସହିତ ବର୍ତ୍ତମାନ ଯୋଡି ହୋଇପାରିଛି । ଏହାଦ୍ୱାରା ଏହି ଭବ୍ୟ ମନ୍ଦିର ଦେଖିବା ପାଇଁ ପୃଥିବୀର ଯେକୌଣସି ବ୍ୟକ୍ତି ଏଠାକୁ ଆସିପାରିବେ ।

ଗୋଟିଏ ପଟରେ ମନ୍ଦିର ବନିବା ଦ୍ୱାରା ଭକ୍ତମାନଙ୍କର ମନୋବାଞ୍ଛା ପୁରଣ ହେବା ସଙ୍ଗେ ସଙ୍ଗେ ଭାରତର ଏକ ପ୍ରାଚୀନତମ ସହରର ବିକାଶ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ଏହାଦ୍ୱାରା ଭାରତୀୟ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବ ଏବଂ ବିଦେଶୀ ମୁଦ୍ରା ଭଣ୍ଡାର ବଢିବାରେ ମଧ୍ୟ ସାହାଯ୍ୟ କରିବ ।

ISSN NO.
2582-208X

ଆଜିରେ ଯୁଗ ହେଉଛି ଖର୍ଚ୍ଚ କରିବାର ଯୁଗ । ଲୋକଙ୍କ ପାଖରେ କାମ ସହିତ ପଇସା ମଧ୍ୟ ଆସୁଛି ଆଉ ବ୍ୟସ୍ତ କର୍ମ କ୍ଷେତ୍ରରୁ କିଛି ଦିନପାଇଁ ଲୋକେ ବାହାରକୁ ବୁଲିଯିବାକୁ ଚାହୁଁଛନ୍ତି । ନୂଆ ନୂଆ ଯାଗା ଦେଖିବା, କିଛି ଦିନ ଅସ୍ତବ୍ୟସ୍ତ ଜୀବନରୁ ବାହାରି କିଛି ଶାନ୍ତି ପାଇବା ପାଇଁ ଲୋକେ ଆଜି ବ୍ୟାକୁଳ । ଏହି କ୍ଷେତ୍ରରେ ଯେଉଁଦେଶ ଏହି ଟୁରିଷ୍ଟ ମାନଙ୍କୁ ଲୋଭାଇ ପାରିଛି, ସେଇ ଦେଶ ଆଗକୁ ବଢିବାରେ ଲାଗିଛି । ଉଦାହରଣ ସ୍ୱରୂପ ମାଲଦ୍ୱୀପ୍ କୁ ନିଆଯାଉ । କିଛି ଛୋଟ ଦ୍ୱୀପମାନଙ୍କୁ ନେଇ ଏହି ଦେଶ ପର୍ଯ୍ୟଟନକୁ ନେଇ ଭାରତକୁ ମଧ୍ୟ ଆଖି ଦେଖଉଛି । କିନ୍ତୁ, ଭାରତ ମଧ୍ୟ ଏହାକୁ ଆଖି ଆଗରେ ରଖି ନିଜ ପାଖରେ ଥିବା ଲାକ୍ଷାଦ୍ୱୀପରେ ପର୍ଯ୍ୟଟନକୁ ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛି । ଏହା ସହିତ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜକୁ ମଧ୍ୟ ପର୍ଯ୍ୟଟନ କ୍ଷେତ୍ରରେ ଆଗକୁ ନେବାକୁ କିଛି ପଦକ୍ଷେପ ନିଆଯାଉଛି । ଏହା ହେଉଛି ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ଏହିପରି ଭାବରେ ଅଯୋଧ୍ୟାକୁ ଯେପରିଭାବରେ ବିଶ୍ୱ ଆଗରେ ରଖାଯାଇଛି, ତାହା ଯେ ନିଶ୍ଚୟ ପୁରା ବିଶ୍ୱବାସୀଙ୍କୁ ଶ୍ରୀରାମ ଙ୍କ ଦର୍ଶନ ପାଇଁ ସ୍ୱାଗତ କରିବ, ତଥା ତାହା ସହିତ ଭାରତବର୍ଷର ନାମ ପୁରା ବିଶ୍ୱରେ ପ୍ରସିଦ୍ଧିଲାଭ କରିବ, ଏଥିରେ କୌଣସି ସନ୍ଦେହ ନାହିଁ ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ (ଧାରାବାହିକ) | ଅଶୋକ ବିଶ୍ୱାଳ | ୧୩ |
| ଜୀବନ ଚକ୍ର | ଡ. ପ୍ରସନ୍ନ କୁମାର ବଳ | ୨୪ |
| ନା, ମୁଁ ଭୁଲିପାରେ ଗାଁକୁ... | ଶଶଧର ମହାପାତ୍ର | ୨୬ |
| ନିତ୍ୟ ନୂତନ | ପୁଷ୍ପାଞ୍ଜଳି ପଣ୍ଡା | ୨୯ |
| ଶ୍ରୀମତୀ ପଦ୍ମାଳୟା | ଡକ୍ଟର ବିଜ୍ଞାନୀ ଦାସ | ୩୧ |
| ପ୍ରୀତି ତରପଣ | ଡ. ଶକୁନ୍ତଳା (ନାୟକ) ଗୁପ୍ତା | ୪୨ |
| ତୁମକୁ ଖୋଜୁଛି | ଡଃ ମାଙ୍ଗଳିକା ମହାପାତ୍ର | ୪୫ |
| କବିତା | ନୀଳମଣି ଚାନ୍ଦ | ୪୬ |
| ସତ କହିବାକୁ କିଆଁ ଡରିବି | ଅଳକା ମହାନ୍ତି | ୪୯ |
| ଅଢେଇ ଦିନର ପ୍ରେମ | ସସ୍ମିତା ନାୟକ | ୫୩ |
| ଘରଚଟିଆ ଚଢେଇ | ଇଂ. ସୁଶାନ୍ତ କିଶୋର ବଳ | ୫୫ |
| ଶ୍ରୀନିବାସ ମିଶ୍ର ସ୍ମରଣେ | ଡକ୍ଟର ସୀମାଞ୍ଚଳ ପ୍ରଧାନ | ୫୮ |
| କାଡବରି ଚକୋବାର | ବିନୟ ମହାପାତ୍ର | ୬୦ |
| ସ୍ମୃତିର କଳାପଟା | ଶାଶ୍ୱତୀ ନନ୍ଦ | ୬୬ |
| ତୁମପାଇଁ କବିତାଟେ | ଭାରତୀ ମୁଦୁଲି | ୬୭ |
| ଯନ୍ତ୍ରଣା ଦେଉଛି ଅତି | ଅଜିତ କୁମାର ରାଉତ | ୬୮ |
| ଫେରିବ ରାମରାଜ୍ୟ | ଭାସ୍କର ଚନ୍ଦ୍ର ଖଣ୍ଡା | ୭୦ |
| ଓଡ଼ିଆ ଗୀତିକବିତାରେ ଚଉପଦୀର ରଚନାରୀତି | ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ | ୭୨ |

ISSN NO.
2582-208X


| | | |
|---|---|---|
| ସବୁ ବଦଳି ଗଲା ପରେ | ଜୟଶ୍ରୀ ପଟ୍ଟନାୟକ | ୭୮ |
| ଆଉ ଥରେ | ଶାନ୍ତିଲତା ମିଶ୍ର | ୮୦ |
| ସବୁ ତୁମରି ଇଚ୍ଛା | ସିନ୍ଧୁ ନନ୍ଦିନୀ | ୮୨ |
| ଗୁରୁଶିଷ୍ୟ | ନିରୂପମା ପଟେଲ | ୮୪ |
| ଲଳିତ ନିବନ୍ଧ- ପାର୍ବଣର ରଙ୍ଗ | ବଦ୍ରୀ ମହାନ୍ତି | ୮୬ |
| ନୂତନ ବର୍ଷ ର ଅଭିନନ୍ଦନ | ଏଲିନା ମହାନ୍ତି | ୯୦ |
| ମନର କଥା | ପ୍ରିୟଦର୍ଶିନୀ ମହାପାତ୍ର | ୯୧ |
| ଦୁଃଖ | ପ୍ରଦୀପ୍ତ କୁମାର ମିଶ୍ର | ୯୩ |
| ଆଶା | ସୁଜିତ କୁମାର ମିଶ୍ର | ୯୪ |
| ବିଚରା କଂସ | କୁଞ୍ଜ ବିହାରୀ ସାହୁ | ୯୫ |
| ଜୀବନର ମୋହ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୯୮ |
| ଆଶାର ନୀଳତୃଷ୍ଣା | ସତ୍ୟନାରାୟଣ ପ୍ରସାଦ ନାୟକ | ୯୯ |
| ଅନ୍ତିମ ସତ୍ୟ | ଛବି ରାଣୀ ପତି | ୧୦୧ |
| ପଶ୍ଚିମ ଓଡ଼ିଶାର ଦଣ୍ଡ ଯାତ୍ରା – ଏକ ବିହଙ୍ଗାବଲୋକନ | ଡ଼ଃ ପ୍ରଦୀପ କୁମାର ପଣ୍ଡା | ୧୦୩ |
| ଶୀତଳ ବହ୍ନିର ସ୍ୱଉଲଇଙ୍ଗ | କୁଞ୍ଜବିହାରୀ ରାଉତ | ୧୧୦ |
| ଆଖି | ଝିଲିମିଲି ସାହୁ | ୧୧୨ |
| ହିସାବ | ନଳିନୀ ଦାଶ | ୧୧୪ |
| ସାଂପ୍ରତିକ ସମାଜରେ ଲୋକକଳାର ପ୍ରାସଙ୍ଗିକତା | ଡକ୍ଟର ସ୍ୱାଧୀନ ଚନ୍ଦ୍ର ପଧାନ | ୧୧୬ |

ISSN NO.
2582-208X
ବେଦାନ୍ତି


| | | |
|---|---|---|
| ଅତିରୁ ଇତି | ବାସନ୍ତୀ ଲତା ଜେନା | ୧୨୪ |
| ଜନେ କହିବେ | ଡ. ଅଭିମନ୍ୟୁ କାନୁନଗୋ | ୧୨୭ |
| ଜୀବନ ସଂଗୀତ (ଦାରୁଣ ଦଇବ) | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୧୨୯ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୧୩୧ |
| ସଂକ୍ରାନ୍ତି ପୁରୁଷ ଫକୀର ମୋହନ | ଡଃ ପ୍ରିୟମ୍ବଦା ସାମଲ | ୧୩୯ |
| ଅପେକ୍ଷା କରିଛି ଇପ୍ସିତ ମୁହୂର୍ତ୍ତ ପାଇଁ | ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ | ୧୪୨ |
| କବି  ପରିଶ୍ରମୀ | ଆଶୁତୋଷ ମେହେର | ୧୪୪ |
| ବନ୍ଧୁତା ଓ ପ୍ରେମ | ପୂର୍ଣ୍ଣିମା ଗୋଚ୍ଛାୟତ | ୧୪୫ |
| ସେତିକି ଥାଉ | ମଧୁମିତା ମିଶ୍ର | ୧୪୮ |
| ଫୁଲ ଫୁଟୁଥାଏ | ରଘୁନାଥ ତ୍ରିପାଠୀ | ୧୫୦ |
| କବି ପିତାମ୍ବର ତରାଇଙ୍କ କବିତାରେ ଅନୁନ୍ନତ ସମ୍ପ୍ରଦାୟ ଚେତନା | ଅପରାଜିତା ମହାରଣା | ୧୫୨ |
| ଦୁଇଟି ମିନି କବିତା | ଡ. ଜ୍ଞାନେଶ୍ୱର ମିଶ୍ର | ୧୭୦ |
| ବିହଙ୍ଗିନି | ସତ୍ୟନାରାୟଣ ମିଶ୍ର | ୧୭୧ |
| ବୋଉ | ଅଧ୍ୟାପକ ପ୍ରଦୀପ୍ତ  କୁମାର ଦାସ | ୧୭୩ |
| ଆସୁଥିବ ମୁହୂର୍ତ୍ତକ ପାଇଁ | ପ୍ରଣତୀ ରଥ | ୧୭୫ |
| ବିଚ୍ଛିନ୍ନାଞ୍ଚଳ ସିଂହଭୂମିର ଓଡ଼ିଆ କାନ୍ଦଣାଗୀତର ସ୍ୱରୂପ | ପ୍ରଫେସର ହରିହର ପ୍ରଧାନ | ୧୭୭ |

ISSN NO.
2582-208X


| | | |
|---|---|---|
| ଶୂନ୍ୟ ହୃଦୟ | କୀର୍ତ୍ତି ଦେବୀ | ୧୮୨ |
| ନୀରବ ବେଦନା | ଦେବାର୍ଚ୍ଚନ ମେହେର | ୧୮୩ |
| ପ୍ରଣୟିନୀ ନିରିମାଖି | ବେଣୁଧର ସୂତାର | ୧୮୫ |
| ଚରୈବେତି ଚରୈବେତି | କନକବାଳା ନାୟକ | ୧୮୮ |
| ଗାଆଁ ପରିମଳ ଧୋବା ତୁଠରୁ | ପ୍ରସନ୍ନ କୁମାର ମେହେର | ୨୦୦ |
| ବଳିଆର ମହାବାହୁ | ଜୟ କୁମାର ମିଶ୍ର | ୨୦୨ |
| ଆଉ କିଛି ଚାହେଁ ନାହିଁ | ଝରଣା ବାରିକ | ୨୦୫ |
| 'ଛ ମାଣ ଆଠ ଗୁଣ୍ଠ', ଫକିର ମୋହନ ସେନାପତିଙ୍କ ଅନନ୍ୟ କୃତି | ଅସିତ ମହାନ୍ତି | ୨୦୭ |
| କେମିତି କହିବି | ମନୋରମା ମହାନ୍ତି | ୨୧୧ |
| ଭାଷାରେ ଭେଦ | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୨୧୩ |
| ହାଟ | ବିଶ୍ୱନାଥ କର | ୨୧୬ |
| ନାଟକ- ଭଲ ମଣିଷ ଖୋଜିବା ଆସ | ସୁଧାଂଶୁ ଶେଖର ଦ୍ୱିବେଦୀ | ୨୧୯ |
| ପିଲାଦିନ | ସ୍ୱାଗତିକା ସାହୁ | ୨୨୩ |
| ଆସ ଆସ ନବ ବରଷ | ଡ. ଅର୍ଜୁନ ଚରଣ ବାରିକ୍ | ୨୨୬ |
| ବୁଦ୍ଧ | ପ୍ରିୟଦର୍ଶିନୀ ମିଶ୍ର | ୨୨୭ |
| ମାର୍ଗଶିର ଗୁରୁବାର | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୨୨୮ |
| ଗୋଟିଏ ସନ୍ଧ୍ୟା:ଜରଓ୍ୱାଙ୍କ ଗହଣରେ (ଭ୍ରମଣ କାହାଣୀ) | ପ୍ରିୟବ୍ରତ ପାତ୍ର | ୨୨୯ |
| ପିଠି | କୀର୍ତ୍ତନ ସାହୁ | ୨୩୩ |

ISSN NO.
2582-208X


| | | |
|---|---|---|
| ଉଡ଼ାଣ; କିଛି ଇଚ୍ଛାର | ଜ୍ୟୋତିପ୍ରକାଶ ନାଏକ | ୨୩୫ |
| ମାଗୁଅଛି ଏହି ଭିକ୍ଷା | ନରେନ୍ଦ୍ର ପ୍ରସାଦ ବେହେରା | ୨୩୭ |
| ପ୍ରାଣୀର ଭଲ ମନ୍ଦ ବାଣି ମରଣ କାଳେ ତାହା ଜାଣି | ବିରଞ୍ଚି ନାରାୟଣ ମିଶ୍ର | ୨୩୯ |
| ସତ୍ୟ ଶାନ୍ତିର ସେ ଯୁଗପୁରୁଷ | ରାଜକିଶୋର ସ୍ୱାଇଁ | ୨୪୨ |
| ପ୍ରତିଦାନ | ବାଙ୍କାବିହାରୀ ମହାକୁର | ୨୪୪ |
| ନୀଳ-ନକ୍ଷତ୍ର | ପ୍ରତିଭା ଦାସ | ୨୪୬ |
| ଜୀବନର ମାନେ କ'ଣ ? | ବିଜୟ କୁମାର ସାହୁ | ୨୪୮ |
| ଭ୍ରମ ରାସ୍ତାର ବାଟୋଇ ନର | ଅଲେଖ ମେହେର | ୨୫୨ |
| ଆଶା ଓ ନିରାଶା | କାର୍ତ୍ତୀକେଶ୍ୱର ନାୟକ | ୨୫୪ |
| ନିର୍ବାଚନ ପର୍ବ | ମାନସ ରଞ୍ଜନ ନାୟକ | ୨୫୬ |
| ଅକୁହା କଥା | ସୁକୁମାରୀ ମେହେର | ୨୫୮ |
| ବୃଦ୍ଧା ଆଶ୍ରମ | ପ୍ରଜ୍ଞା ପାରମିତା ଦାଶ (ମିଶ୍ର) | ୨୬୦ |
| ପୂଜ୍ୟ ନେତାଜୀ | ଦୀନବନ୍ଧୁ ପୋଇ | ୨୬୪ |
| ଝର କଲମ | ନିରଞ୍ଜନ ସାହୁ | ୨୬୬ |
| ଭିନ୍ନ ଏକ ପରାଧୀନତା | ଅମୃତନାରାୟଣ ଶତପଥୀ | ୨୬୮ |
| ପ୍ରିୟାର ଦୁଃଖ | ବନ ଲତା ଦାସ | ୨୭୦ |
| ଓଡ଼ିଆ ସାହିତ୍ୟର ମାମୁଁ "କଣାମାମୁଁ" | ସତ୍ୟବ୍ରତ ଦାସ | ୨୭୩ |
| ଆମରି ଉତ୍କଳ | ପ୍ରସନ୍ନ କୁମାର ସାହୁ | ୨୭୯ |
| ଇପସା ଭିନ୍ନ ଏକ ପୃଥିବୀ ର | ପ୍ରତିମା ମହାରଣା | ୨୮୨ |
| ନୀଳମାଧବ | ଶୁଭେନ୍ଦୁ ମେହେର | ୨୮୩ |

ISSN NO.
2582-208X

ବେଦାନ୍ତି



| | | |
|---|---|---|
| ଭ୍ରମର ଓ କମଳ | ସନ୍ତୋଷ କୁମାର ବେହେରା | ୨୮୫ |
| ମଧୁ ମାଳତୀ (ଧାରାବାହିକ) | ଡାଃ. ଅନିତା ପଣ୍ଡା | ୨୮୭ |
| ହେଲେ ପାରୁନାହିଁ କହିତ | ଜୟନ୍ତ କୁମାର ମଲ୍ଲିକ୍ | ୨୯୧ |
| କବି ଓ କବିତା | ସୁହଂସ ଭୋଇ | ୨୯୨ |
| ଜାତୀୟ ଚରିତ୍ର | ଅମରନାଥ ବାରିକ | ୨୯୪ |
| ଅପ୍ରିୟ ସତ୍ୟ | ଖଗେଶ୍ଵର ବାଗ | ୨୯୬ |
| ହେ। ଭଗତେ | ପ୍ରଶାନ୍ତ କୁମାର ନାଥ | ୩୦୦ |
| ମାଆର ରାନ୍ଧଣା | ହରେରାମ ପଣ୍ଡା | ୩୦୨ |
| ପ୍ରଥମ ପ୍ରେମ | ମାନସୀ ସାହୁ | ୩୦୪ |
| ମଗୁଶୁର ଗୁରୁବାର | ଜୟନ୍ତୀ ଦେବୀ | ୩୦୬ |
| ତ୍ରାଣକର୍ତ୍ତା | ସିଦ୍ଧେଶ୍ଵର ତ୍ରିପାଠୀ | ୩୦୭ |
| ଦିବ୍ୟ ପଥର ଯାତ୍ରୀ | ଦୀନବନ୍ଧୁ ବେଜ | ୩୦୯ |
| ଶନି ଅଷ୍ଟୋତ୍ତର ଶତ ନାମ ସ୍ତୋତ୍ରମ୍ | ଅଧ୍ୟାପକ ଅବିନାଶ ବାରିକ୍ | ୩୧୧ |
| ଜୀବନ ର ନଉକା ରେ | ଦୁଷ୍ମନ୍ତ ବେହେରା | ୩୧୪ |
| ଲୀଳାମୟଙ୍କ ଲୀଳା | ଦାସ କମଳ କୁମାର | ୩୧୬ |
| ସମୟ | ବଂଶୀଧର ସା | ୩୨୧ |
| ପାତାଳରେ ବସିଥିଲା ଛଳନା | ଡୁଇଟ୍ ଡେଭିଡ ଫିଲିପ | ୩୨୩ |
| କାହାକୁ କହିବା | ଯଜ୍ଞଦତ୍ତ ସାମନ୍ତରାୟ | ୩୨୪ |
| ସ୍ମୃତିର ସପନ ଭାସେ | ପ୍ରଶାନ୍ତ କୁମାର ଦାଶ | ୩୨୬ |
| ଗଣେଶ କାହିଁକି ଅଗ୍ରପୂଜ୍ୟ | ଦେବଯାନୀ ବାରିକ୍ | ୩୨୮ |

ISSN NO.
2582-208X


| | | |
|---|---|---|
| ଶୀତ | କାଳିପ୍ରସାଦ ମହାପାତ୍ର | ୩୩୦ |
| ଶ୍ୟାମଳାଙ୍ଗୀ ଚତୁର୍ଭୁଜା | ରାମ ଚନ୍ଦ୍ର ପ୍ରଧାନ | ୩୩୨ |
| ଧୋକା ଖାଇ ମୁଁ | ଚିତରଂଜନ ବେହେରା | ୩୩୪ |
| ଏମିତି କିଛି | ଦୀପକ ନାୟକ | ୩୩୬ |
| ଆକାଶ ଦୀପ ଓ ଆମ ପରମ୍ପରା | ଲକ୍ଷ୍ମୀପ୍ରିୟା ବିଶ୍ୱାଳ | ୩୩୮ |
| ସୁନେଲି କିରଣ | ସୂର୍ଯ୍ୟ ନାରାୟଣ ସାହୁ | ୩୪୦ |
| ସମ୍ମାନ | ବିନୟାନନ୍ଦ ବସ୍ୱସ୍ୟ | ୩୪୨ |
| ଭୁବନେଶ୍ୱରରୁ କୋରାପୁଟ ରେଳ ଯାତ୍ରା | ଯଯାତି କେଶରୀ ମହାକୁଡ଼ | ୩୪୪ |
| କଣ ମୁଁ ଯାଇ ପାରୁଛି ବହୁ ଦୂରକୁ | ଅନନ୍ତ ପ୍ରସାଦ ପ୍ରଧାନ | ୩୪୬ |
| ଗରିବର ଲୁହ | ରେଖାରାଣୀ ବାରିକ୍ | ୩୪୭ |
| ଶ୍ରୀ ଅଞ୍ଜନେୟ ମଙ୍ଗଳାଷ୍ଟକମ୍ | ଅଭିଳାଷ ବାରିକ୍ | ୩୫୦ |
| ତୁମରି ନାମରେ ସକାଳ ଆରମ୍ଭ | ଜନ୍ମଜୟ ନାୟକ | ୩୫୨ |
| ମଗୁଶିର ଗୁରୁବାର ମହାଲକ୍ଷ୍ମୀଙ୍କର | ଅଳକା ବାରିକ୍ | ୩୫୪ |
| ଜରାଶ୍ରମ | ପ୍ରକାଶ ଚନ୍ଦ୍ର ପଣ୍ଡା | ୩୫୫ |
| ଗାଆଁ ଆଉ ଶୀତ | ଅନନ୍ତ କୁମାର | ୩୫୭ |
| ବୋଉ | ଶିବରାମ ସାହୁ | ୩୫୯ |
| ସୂର୍ଯ୍ୟମୁଖୀ | ରୋହିତ କୁମାର | ୩୬୧ |
| ଗେଲ ମୋର ଭୁଲିଗଲ | ତାରାପ୍ରସାଦ ଜେନା | ୩୬୩ |

ISSN NO.
2582-208X


| | | |
|---|---|---|
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୩୬୪ |
| ଗୀତା ମାହାତ୍ମ୍ୟ | ମାଳତୀ ଦେବୀ | ୩୬୬ |
| କଲମ | ନିଳେଶ କୁମାର | ୩୬୮ |
| ଆମ ବିକଶିତ ମଲ୍ ସଭ୍ୟତା | ପ୍ରବୋଧ କୁମାର ହୋତା | ୩୬୯ |
| ଶିଖି ପୁଛ ଚୁଳିଆ | ସମ୍ପଦା ଦେବୀ | ୩୭୧ |
| ଅଜାମିଳକୁ ବିଷ୍ଣୁଦୂତମାନେ ଯମଦୂତମାନଙ୍କ ଠାରୁ କାହିଁକି ରକ୍ଷା କଲେ | ନରେନ୍ଦ୍ର ପ୍ରସାଦ ବେହେରା | ୩୭୩ |
| **ସ୍ୱାସ୍ଥ୍ୟ ବିଭାଗ** | | |
| ଧର୍ମ ଭାବନା ଓ ଉତ୍ତମ ସ୍ୱାସ୍ଥ୍ୟ | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୭୩ |
| **ଆମ ହାଣ୍ଡିଶାଳ** | | |
| ସୁଜି ଲଡୁ | ସମ୍ପଦା ଦେବୀ | ୩୮୦ |
| ମାଂସ ଝୋଳ | ଅରବିନ୍ଦ ମିଶ୍ର | ୩୮୧ |
| **ଆଞ୍ଚଳିକ** | | |
| ରସର୍ କେଳି | ସନ୍ତୋଷ କୁମାର ବେହେରା | ୩୮୪ |
| ଅଛେଁ ମୁଇଁ | ଗଜାନନ ମିଶ୍ର | ୩୮୬ |
| ଭୋଟ ଦିଅ ତମେ ଭୋଟ ଦିଅ !!! | ଏମ୍.ବିଜୟ କୁମାର | ୩୮୮ |
| ସମାଜ୍ ସେବକ୍ | ସୁନୀଲ କୁମାର ଅଗସ୍ତି | ୩୯୦ |

ISSN NO.
2582-208X

# ଶିଶୁ ବିଭାଗ


| | | |
|---|---|---|
| ନୂଆ ଫଳର ନୂଆ ସୁଆଦ | ଡ଼ଃ ରଞ୍ଜିତ କୁମାର ସାହୁ | ୩୯୨ |
| ତାକୁ ନଜାଣେ କିଏ | ପ୍ରକାଶ କୁମାର ଚାନ୍ଦ | ୩୯୬ |
| ଶୀତ ମାସର ମଜା | ମୀରା ବାଇ ପାଣିଗ୍ରାହୀ | ୩୯୮ |
| ଆସନ୍ତୁ ପଢ଼ିବା ବହି | ବିଶ୍ୱବିଜୟୀ ଦାଶ | ୩୯୯ |
| ଖୋଜି ଆଣିବା ଖୁସି | ବିକାଶ କୁମାର ହୋତା | ୪୦୦ |
| ଚିତ୍ର | ଆଦବିକା ପଟ୍ଟନାୟକ | ୪୦୨ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୪୦୩ |
| ଫେବୃୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୪୦୬ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୪୦୭ |

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୨୦-ବିସ୍ମୟକର ଜୀବଗଣ

### କ-ଅନ୍ଧାରିଆ ଗୁମ୍ଫାର ସୁଇଫ୍ଟଲେଟ ଚଢେଇ

ଅସୀମଙ୍କ ଆକର୍ଷଣ ଏବେ ସମୁଦ୍ର, ନଦୀ, କ୍ରୀକ, ଜଙ୍ଗଲ ଆଉ ଆଶ୍ଚର୍ଯ୍ୟଜନକ ପ୍ରାଣୀମାନ ହୋଇଯାଇଛି । କ୍ୟାମ୍ପବେଲ ବେ ଭଳି ଅଞ୍ଚଳରେ ଆଡଭେଞ୍ଚର ସବୁବେଳେ ଦରକାର । ମନ ଆଉ ଶରୀର ପ୍ରସ୍ତୁତ ହୋଇ ରହିଛି । ଏ ଆଣ୍ଡାମାନ ନକୋବରରେ ଦ୍ୱୀପପୁଞ୍ଜରେ କେତେ ଅଦ୍ଭୁତ ଜୀବଜନ୍ତୁ ଅଛନ୍ତି । ଆଉ ଅଛି କେତେ କେତେ ଆଶ୍ଚର୍ଯ୍ୟଜନକ ଗଛ ଲତା। ସି ମହୋତ୍ସା, ଗର୍ଜନ, ଆଣ୍ଡାମାନ ପାଡକ ଆଦି ଗଛ ଜଙ୍ଗଲକୁ ଦେଉଛି ଶୋଭା । ଅରଣ୍ୟରେ ବାସ କରୁଛନ୍ତି ନକୋବରୀ ପିଜନ, ମେଗାପଡ, କଙ୍କଡା ଖିଆ ମାଙ୍କଡ, ରବର କ୍ରାବ ଭଳି ଅତି ଦୁର୍ଲଭ ପ୍ରାଣୀମାନ । ଜ୍ୟାଣ୍ଟ ଲେଦରବ୍ୟାକ କଚ୍ଛପ ଆସେ ଆଣ୍ଡାମାନ ନକୋବର ଦ୍ୱୀପ ସମୂହର ବେଳାଭୂମିକୁ । ସବୁଠାରୁ ବେଶି ଆଶ୍ଚର୍ଯ୍ୟକର ପ୍ରାଣୀ ଅଛନ୍ତି ଏଇ ଗ୍ରେଟ ନକୋବର ଦ୍ୱୀପରେ ।

ଏମିତିବି କଛି ନା କଛି କାମ କଲାବେଳେ ଅସୀମଙ୍କ କାଗଜ ଭିତରକୁ ଆଶ୍ଚର୍ଯ୍ୟଜନକ ପ୍ରାଣୀମାନେ ଆସନ୍ତି । ସେମାନଙ୍କୁ ନ ଦେଖିବା ପର୍ଯ୍ୟନ୍ତ ମନ ଆଉ ଥୟ ଧରେନ । ତାଙ୍କ

ISSN NO.
2582-208X

ସାଙ୍ଗରେ ସେମିତି କଛି ଲୋକ ମିଳଯାଇଥିଲେ ଯେଉଁମାନେ ମନକୁ ବାଧା ଭିତରେ ରଖିବାକୁ ଗ୍ରହୁଁନଥିଲେ । ଅସୀମଙ୍କ ଆଖି ଉଦାସ ହୋଇଗଲେ ବା ଅତି ଉଜ୍ଜ୍ୱଳ ହୋଇଉଠିଲେ ଗ୍ରମଦାସ ବା ପ୍ରସାଦବାବୁ ବା ବେଳେବେଳେ ପଦ୍ମଶିବ ବା ଡୋମିନକ ଆଗ୍ରହୀ କରିବା ପାଇଁ କଛି ନୂଆ ଉପାଦାନ ନେଇଆସନ୍ତୁ । ସେମାନଙ୍କ ସ୍ଥାନୀୟ ଜ୍ଞାନ ଅସୀମଙ୍କ ଭିତରେ ଅମାପ ଶକ୍ତ ଯେମିତି ଖୁନ୍ଦିଦିଏ ।

ଏମିତି ବି କ୍ୟାମ୍ପବେଲ ବେରେ ଓ୍ୱାଇଲ୍ଡ ଲାଇଫ ଅଫିସରେ ଏକ ମ୍ୟୁଜିଅମ କର୍‌ଯାଇଥିଲା। ଦ୍ୱୀପରେ ମିଳୁଥିବା ବନ୍ୟପ୍ରାଣୀ ଜୀବଙ୍କ ଦେହର ଅବଶେଷ, ଯଥା ସ୍କଲ, ହାଡ ଇତ୍ୟାଦି ଏକ ଲମ୍ବା କାଠପଟା ଉପରେ ସଜାଇ କରି ରଖାଯାଇଥିଲା । ସେଥିରେ ଥିଲା ଏକ କୁମ୍ଭୀର, ବନ୍ୟ ଶୂକର ତଥା ମାଙ୍କଡର ଖପୁରୀ, ଟର୍ଟଲମାନଙ୍କ କଠିନ ଖୋଳପା । କୁମ୍ଭୀରର ଖପୁରୀ ଅନ୍ୟମାନଙ୍କ ଅପେକ୍ଷା ବହୁ ବଡଥିଲା । ଏକ କୁମ୍ଭୀରର ଚମଡାକୁ ଟଙ୍ଗାଇ ରଖାଯାଇଥିଲା । ସେହି କୁମ୍ଭୀରଟିକୁ ଗ୍ରେଟ୍ ଶିକାରୀମାନେ ମାରି ଦେଇଥିଲେ ଆଉ ତା'କୁ ରେଞ୍ଜ ଅଫିସର ଜବତ କରିଥିଲେ ଆଉ ସେଇଥି ପାଇଁ ସେମାନେ ଏକ କେଶ ମଧ୍ୟ କରିଥିଲେ । ଲୋବଷ୍ଟରର ସେଲ ତ ବହୁତ ବଡ ଥିଲା । ଆଉ ଥିଲା ବଡ ଆକାରର ସି ଫ୍ୟାନ ବା ଗଛ ପରି ଦେଖାଯଉଥିବା ସମୁଦ୍ର ତଳେ ବଢିଥିବା ଝାଡିମାନ । ଏହା ଏକ ପ୍ରକାର କୋରାଲ ।

ଗ୍ରେଟ ନିକୋବର ଦ୍ୱୀପର ଜୈବ ବିବିଧତା ଏକ ବୁଢୀଆଣୀ ଜାଲ ଭଳି । ଗୋଟିଏ ପରେ ଗୋଟିଏ ସୂତା ଖିଅ ଆଉ ପଜଲକୁ ଖୋଲିଗ୍ଲଲ । ଜୀବ ଜୀବନ ଏଠାରେ ମଧ୍ୟ ଏକ ଏକ ପଜଲ । ଅଡୁଆ ସୂତାଖିଅ ନୁହେଁ । ବୁଝିନଜାଣିଲେ ସଂମ୍ପୂର୍ଣ ଅଡୁଆ, ବାଟ ମିଳବନ ଆଉ ବୁଢିଆଣୀ ଜାଲରେ ଗୁଡାଇ ହୋଇଯିବା କଥା । କନ୍ତୁ ଜାଣିପାରିଲେ ବୁଢୀଆଣୀ ପରି ଅତି ସହଜରେ ଜାଲର ଏକ କୋଣରୁ ଆଉ ଏକ କୋଣ ପର୍ଯ୍ୟନ୍ତ ଗ୍ଲଲିଯାଇହୁଏ । ସେମିତ ଏଥର କଥା ଥିଲା ଏକ ଆଶ୍ଚର୍ଯ୍ୟଜନକ ଛୋଟ ପକ୍ଷୀରୁ । ଜଙ୍ଗଲରେ ଅଛି ଏକ ସବୁବେଳେ ଉଡନ୍ତା ପକ୍ଷୀ ସୁଇପ୍ଟଲେଟ ଯାହାକୁ ଏଠାକାର ଭାଷାରେ ହାଓ୍ୱାବିଲ କହୁଛନ୍ତୁ । ସେହି ହାଓ୍ୱାବିଲ ରହୁଛି ନିକାଞ୍ଚନ ସ୍ଥାନମାନଙ୍କରେ । ଶିକାରୀମାନେ କେଉଁ ଅପହଞ୍ଚ ଯାଗାକୁ

ISSN NO.
2582-208X

ଆସି ସେମାନଙ୍କର ବସାକୁ ଚୋରାଇ ନେଇ ଯାଉଛନ୍ତି । ଏମିତିଆ ବସା କୁଆଡେ ସ୍ୱାଦିଷ୍ଟ ସୁପ ପାଇଁ ବ୍ୟବହୃତ ହୁଏ ।

"ଲାଳରୁ ତିଆରି ବସା ଲୋକେ ଚୋରି କରିନେଉଛନ୍ତି ।"- ରାମଦାସ କହିଲେ ।

"ପ୍ରକୃତରେ ସୁଇଫ୍ଟଲେଟ ଚଢେଇ ନିଜର ଲାଳରେ ବସା ତିଆରି କରେ ।"- ରାମଦାସ କହିଲେ ଆଉଥରେ ।

କଥାଟା କହିବାର ଆବଶ୍ୟକତା ଥିଲା । ତାଙ୍କ କଥା ଅସୀମଙ୍କ ସନ୍ଦେହକୁ ବିଶ୍ୱାସରେ ବଦଳାଉଥିଲା ।

"ଏ ପକ୍ଷୀ ଅନ୍ଧାରିଆ ପଥର ଗୁମ୍ଫାରେ କେଉଁଠି ବସା ବାନ୍ଧିବ ପ୍ରଥମେ ନିଶ୍ଚୟ କରେ । ଏତେ ଅନ୍ଧାର ଯେ ମଣିଷ ଟର୍ଚ୍ଚ ଲାଇଟ ବିନା କିଛି ଦେଖିପାରିବ ନାହିଁ । ତା'ପରେ ପଥର ଉପରେ ନିଜର ଛେପ ଫୋପାଡେ । ଏମିତି ୮-୧୦ ଥର ଛେପ ପକାଇ ଏକ ଅର୍ଦ୍ଧ ଗୋଲାକାର ବା ଘୋଡାନାଲ ଆକାରର ଢାଞ୍ଚା ତିଆରି କରେ । ତା'ପରେ ସେ ଥଣ୍ଟରୁ ଲାଳକୁ ସୂତା ହିସାବରେ ବାହାର କରି ଗୁଡାଏ । ଏମିତି କରିକରି ସେ ବସା ବନାଏ । ଅଣ୍ଡିରା ଆଉ ମାଇ ସୁଇଫ୍ଟଲେଟ ଚଢେଇ ମିଶି ବସା କରୁଥାନ୍ତି । ବସା ବନେଇବା କାମ ମାସ ମାସ ଧରି ଲାଗିଥାଏ ।"- ରାମଦାସ କହିଲେ ।

କ୍ୟାମ୍ପବେଲ ବେର ବହୁତ କଥା ପରି ଏ କଥା ମଧ୍ୟ ଅସୀମଙ୍କୁ ବିସ୍ମୟକର ଲାଗୁଥିଲା । କେଉଁ ଚଢେଇ ବସା ନିଜ ଲାଳରେ କରିବା କେମିତି ସମ୍ଭବ ହେବ? ବୁଢୀଆଣୀମାନେ ଲାଳରୁ ନିଜ ଜାଲ ତିଆରି କରନ୍ତି । ସେଇଟାତ ଅତି ଛୋଟ ଜିନିଷ । କିନ୍ତୁ ଏକ ବସା କରିବା ଅର୍ଥ ହେଉଛି ଚଢେଇ ସେଠାରେ ବସିବ, ଆଉ ଅଣ୍ଡାଦେବ । ସେଥିରେ ଛୁଆ ଫୁଟିବେ । ତେଣୁ ଚଢେଇ ଓଜନ ସମ୍ଭାଳିବା ଭଳି ବସାର ଆକର ବଡ ହେବା ଦରକାର ଆଉ ଶକ୍ତ ମଧ୍ୟ ହେବା ଦରକାର । ତେଣୁ ଜିଭର ଲାଳରୁ ବସା କରିବା ଅଦ୍ଭୁତ ଥିଲା । କିଛି ପ୍ରାଣୀ ସତରେ ଅତି ବିଚିତ୍ର ।

ISSN NO.
2582-208X

ସୁଇଫ୍ଟଲେଟ ବା ହାଓ୍ୱାବିଲ ଏକ ଛୋଟ ଚଢେଇ । ସବୁବେଳେ ଉଡୁଥାଏ । ମୋଟେ ବସେନ । ଏମିତିକି ପୁରା ରାତି ଉଡି କଟାଇଏ । ଏମିତି କ ଉଡୁଉଡୁ ଆକାଶରେ ଶୋଇଯାଇପାରେ । ରାତିରେ ଉଡି ଶୋଇଲା ବେଳେ ବହୁ ଉଚ୍ଚକୁ ଉଡିଯାଇଥାଏ । ବୋଧହୁଏ ମସ୍ତିଷ୍କର ଏକ ଅଂଶ ଶୁଏ, ଆଉ ଏକ ଅଂଶ ଚେଇଁଥାଏ । ଉଡୁ ଉଡୁ କେହି ନପହଁଚବା ଭଳ ଅତି ତୀଖ ପାହାଡିଆ ଖୋଲର ଉପରେ, କାନ୍ଥରେ ନଜ ଲାଳରୁ ବସା ତିଆରି କରେ ।"- ରାମଦାସ ପୁଣି କହିଲେ ।

"କଣ କହୁଛନ୍ତି! କନ୍ତୁ ସେମାନେ ଅଛନ୍ତ କେଉଁଠି ?"

"ନେଭିଡେରା ପରେ ଲାଫୁଲ ଆଡକୁ ପ୍ରାୟ ଅଧଘଣ୍ଟାରୁ ପଇଁତାଳଶି ମିନଟ ବୋଟ ଯାତ୍ରାପରେ କଛି ପାହାଡିଆ ଜାଗା ଅଛି । ଆଗକୁ କଣ୍ଡୁଲ, ପିଲୋବା ଇତ୍ୟାଦି ଜାଗା । ସେଆଡକୁ ପ୍ରାୟ ଲୋକବାକ ଯାତାୟତ ନାହିଁ । ସମୁଦ୍ର ଧାରରୁ ପାହାଡ ବାହାରିଛି । ଫାଙ୍କରେ ଯାଇ ଭିତରକୁ ଛାତ ଭଳଆ ଅଛି । ସେମିତି ସମୁଦ୍ରକୂଳରେ ଥିବା ଜାଗାରେ, ଅନ୍ଧାରିଆ ପାହାଡ ଖୋଲ ଭିତରେ ସେମାନେ ରୁହନ୍ତ ।"- ସାମୁଏଲ ଦିନେ କହିଥିଲେ ।

ଅସୀମ କ୍ୟାମ୍ପବେଲ ବେର ମ୍ୟାପକୁ ଅନାଇଲେ । ଗ୍ରେଟ ନକୋବର ଦ୍ୱୀପର ପୂର୍ବ ଆଡକୁ ଅଛି ନେଭିଡେରା କ୍ୟାମ୍ପ । ତା'ପରେ ଉତ୍ତରର ଉପର ଆଡକୁ ଅଛି ଲିଟଲ ନକୋବର । ସେପଟେ ତ୍ରିଙ୍କେଟ ଆଦି ଜାଗା । ସେପଟେ କେଉଁଠି ପାହାର ତୀଖ ଭିତରେ ଅନ୍ଧାରୁଆ ଗୁମ୍ଫାରେ ରହୁଛନ୍ତ ଏ ଛୋଟ ପକ୍ଷୀମାନେ । ଆଖ ପାଖରେ ଜନବସତି ନାହିଁ । କେଉଁ ଦୂରରେ ଅଛି କେତେଟା ନକୋବରୀ ଗାଁ । କେତେଜଣ ଲୋକ ରହୁଥିବେ ।

"ଏହି ପକ୍ଷୀର ଲାଳରୁ ତିଆରି ବସାକୁ ଚୋରମାନେ ଚୋରାଇ ନେଉଛନ୍ତ । ସେଥିରୁ ସୁପ ତିଆରି ହେବ ।"- ଏଥର ପଦ୍ମଶିବ କହିଲେ । ସେକଥା ଆଗରୁ ହରଦାସ ମଧ କହିଛନ୍ତ।

ISSN NO.
2582-208X

ପ୍ରକୃତରେ କିଛି ଅସାମାଜିକ ଲୋକ କ୍ୟାମ୍ପବେଲ ବେ ଅଞ୍ଚଳରୁ ଉପରେ ଉପରେ ଜଙ୍ଗଲ ରାସ୍ତାରେ ଯାଇ ସେ ଜାଗାରେ ପହଞ୍ଚିଯାଉଛନ୍ତି । ଜାଣିକରି ପାଣି ରାସ୍ତାରେ ଯାଉ ନାହାନ୍ତି, କାଳେ କିଏ ଲକ୍ଷ୍ୟ କରିନେବ । ଦୁଇ ତିନୋଟି କୁମ୍ଭୀର ଥିବା ନାଳାକୁ ପାରିହୋଇ ସେ ଜାଗାରେ ପହଞ୍ଚୁଛନ୍ତି । କୁମ୍ଭୀରମାନେ ଯେ ମଣିଷଖିଆ ତାହା ଭାବୁନାହାନ୍ତି । ତା'ପରେ ପାହାଡ ଉପରୁ ରଶିରେ ଓହ୍ଲାଇ ଗୁମ୍ଫା ମୁହଁରେ ପହଞ୍ଚୁଛନ୍ତି । ପାଣି ବାଟେ ସମସ୍ତଙ୍କୁ ଲୁଚାଇ ବୋଟ ଆଉ ଛୋଟ ଭେଳା ନେଇକରି ଯିବା ମୋଟେ ସମ୍ଭବ ନୁହେଁ । ହାଇ ଟାଇଡ ବା ଜୁଆରରେ ଗୁମ୍ଫା ମୁହଁ ପୁରା ପାଣିରେ ବନ୍ଦ ହୋଇଯାଏ । ଲୋ ଟାଇଡରେ ବେଶି ପାଣିରେ ବୋଟ ରଖି ଭେଳାକରି ମୁହଁରେ ପହଞ୍ଚିହେବ । ଏମିତି ଜାଗାରୁ ଚୋରୀ ହେଉଛି। ଆଉ ଚୋରୀ କରୁଛନ୍ତି କ'ଣ ? ହାଓ୍ୱାବିଲ ଭଳି ଏକ ଛୋଟ ଚଢେଇର ବସା ।

ପକ୍ଷୀର ଲାଳରୁ ତିଆରି ବସାରେ ସୁପ ! ପୋକ ଖାଇବା, ପତଙ୍ଗ ଖାଇବା ଏସବୁ ଅସୀମଙ୍କ ଖାଇବା ମେନୁର ବାହାରେ ଥିଲା । କି ବିଚକଟିଆ ଲାଗୁଥିବ । ଅସୀମଙ୍କ ଦେହ କେମିତି କେମିତି ହୋଇଗଲା । ସେ ମୁଣ୍ଡ ହଲାଉଥିଲେ । ରାମଦାସ ତା' ଲକ୍ଷ୍ୟ କରିଥିଲେ ।

"ଆପଣ ଜାଣିନଥିବେ ଏ ସୁପ ବୋଧହୁଏ ପୃଥିବୀର ସବୁଠାରୁ ଦାମିକିଆ ସୁପ । ଚାଇନା, ହଙ୍ଗକଙ୍ଗ ଇତ୍ୟାଦି ଦେଶରେ ଏହାର ବହୁତ ଚାହିଦା ଅଛି । ଅତି ନାମୀଦାମୀ ହୋଟେଲରେ କେବଳ ମିଳିବ ।"- ସେ ପୁଣି କହିଲେ । ଅସୀମ ଭାବୁଥିଲେ ଏକଥା ହୋଇପାରେ । ଏମିତି ଶୁଖୁଆ ତ ଦେଶରେ ବହୁତ ଲୋକ ଖାଉନାହାନ୍ତି । କିନ୍ତୁ ଦାମ ତ ବେଶ ଅଧିକ । କିଏ କିଏ କୁହନ୍ତି ଯେ ଏ ସୁପ ପିଇ କେତେ ଲୋକ ଅସାଧ୍ୟ ରୋଗରୁ ଭଲ ହୋଇଯାଇଛନ୍ତି । ଆଣ୍ଠୁଗଣ୍ଠି ବାତ ପାଇଁ ମହୌଷଧି । ଦେହ ଅତି ଗରମ କରିଦିଏ ଏ ସୁପ ।

ଏସବୁ କଥା ଅସୀମଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲା । କେଉଁ ସୁଦୂର ଦ୍ୱୀପ ଏ ଗ୍ରେଟ ନିକୋବର ବା ଅନ୍ୟ ଆଣ୍ଡାମାନର ଦ୍ୱୀପସମୂହ । ଏ ଅପନ୍ତରାରେ ପକ୍ଷୀର ଲାଳରୁ ତିଆରି ବସାକୁ ପୁଣି ଚୋରମାନେ ଆସି ଚୋରାଇ ନେଉଛନ୍ତି ଆଉ ହଂକଂ, ବେଜିଙ୍ଗ ଭଳି ଜାଗା ପର୍ଯ୍ୟନ୍ତ

ISSN NO.
2582-208X

ପହୁଞ୍ଚାଇଦେଉଛନ୍ତୁ । ବିଶ୍ୱାସ ହେଉନ । ଆକାଶରେ ଅନେକ ପକ୍ଷୀ ଉଡୁଥିଲେ । ସମୁଦ୍ରକୂଳ ଆକାଶରେ ଅନେକ ପକ୍ଷୀ ଦେଖାଯିବା ସାଧାରଣ କଥା । କେତେଟା ଚଲ ଜାତୀୟ ପକ୍ଷୀ ବଡ ଗଛରେ ବସିଥିଲେ । ତେଣୁ ଏ ପକ୍ଷୀର ଆକାର ଆଦି ଉପରେ ଜାଣିବାକୁ ଅସୀମଙ୍କ ଇଚ୍ଛା ହେଲା । ସେଇଟା ପ୍ରସାଦବାବୁ ଠିକ ଭାବରେ କହିଦେଲେ ।

ସୁଇଫ୍ଟଲେଟ ଏକ ଛୋଟ ପକ୍ଷୀ । ଓଜନ ବେଶିରେ ଦଶ-ବାର ଗ୍ରାମ ପର୍ଯ୍ୟନ୍ତ ହେବ ଆଉ ଲମ୍ବା ଅତି ବେଶିରେ ଦଶ ସେଣ୍ଟିମିଟର ପର୍ଯ୍ୟନ୍ତ ହେବ । ସାଧାରଣ ପକ୍ଷୀଭଳ ଏ ପକ୍ଷୀ ଗଛରେ ବସିପାରିବନ । ଏହାର ଗୋଡ ଠିକଭାବରେ ବିକଶିତ ହୋଇନାହିଁ । ଏହା ସେମାନଙ୍କୁ ଗଛରେ ସିଧା ବସାଇ ଦିଏନାହିଁ । ତା'କୁ ସବୁବେଳେ ଉଡିବାକୁ ପଡିବ । ଉଡୁଉଡୁ ପୋକଯୋକ ସଂଗ୍ରହ କରି ଖାଇନଏ । ଏମାନଙ୍କର ପଞ୍ଝାର ନଖମାନ କେବଳ ଝୁଲିବା ପାଇଁ ଉପଯୋଗ ହୋଇପାରେ । କୁହାଯାଇପାରେ ସବୁଠାରୁ ବେଶି ଉଡୁଥିବା ପକ୍ଷୀ। ଅତିବେଶିରେ ଏ ପକ୍ଷୀ କଛିକୁ ଧରି ବାଦୁଡି ଭଳଆ ଓହଳ ପାରିବ । ଏ ପକ୍ଷୀକୁ ଗଛରେ କମ୍ବା ମାଟିରେ ବସିଥିବାର କେହି ଦେଖିନାହାନ୍ତି । ଶରୀରର ଆକାର ହିସାବରେ ଏହାର ଡେଣା ବଡ, ସରୁଆ ଆଉ ଲମ୍ବ । ଏମାନେ ଉଡିଲାବେଳେ ବେଶ କୌଶଳରେ ଶୂନ୍ୟରେ ଅବିଶ୍ୱାସନୀୟ କଳାକାରୀ କରିପାରନ୍ତୁ । ବେଳେବେଳେ ଅଳ୍ପ ଦୂର ପାଇଁ ପାଖାପାଖି ୧୫୦ କମି ବେଗରେ ଗତି କରିପାରନ୍ତୁ । ଏମାନେ ଦଳଦଳ ହୋଇ ଗୁମ୍ଫା ଭିତରେ ରୁହନ୍ତୁ ଆଉ ଅନ୍ଧାରୁଆ କୋଣରେ କାନ୍ଥରେ ବସା ବାନ୍ଧନ୍ତୁ । ପ୍ରଣୟ ଓ ମିଳନ ଆଶ୍ଚର୍ଯ୍ୟ ଭାବେ ଉଡୁଥିଲା ବେଳେ ସଂଘଟିତ ହୁଏ । ପ୍ରାୟ ସକାଳେ ବା ମୁହଁ ସଂଜରେ ମିଳନ ଘଟେ । ସେମାନେ ପ୍ରାୟ ଫେବୃୟାରୀରୁ ସେପ୍ଟେମ୍ବର ମଧ୍ୟରେ ନଜର ବସା ବନାନ୍ତୁ। ଏକ ବସାରେ ଏ ଚଢେଇ ଗୋଟାଏରୁ ଦୁଇଟା ଅଣ୍ଡା ଦିଏ । ଏମାନେ କ୍ଲକ କ୍ଲକ କରି ନଜର ପ୍ରକୃତ ଉପସ୍ଥିତିକୁ ପ୍ରତିଧ୍ୱନୀ ଶୁଣି ଜାଣିପାରନ୍ତୁ । ବାଦୁଡି ଭଳ ଅନ୍ଧାରରେ ଇକୋ ଲୋକେସନ କରିପାରନ୍ତୁ ।

ତେଣୁ ନିଶ୍ଚିତ ହେଲା ସୁଇଫ୍‌ଟଲେଟ ରହୁଥିବା ଅଞ୍ଚଳକୁ ବୋଟରେ ଯିବେ । ସେମାନଙ୍କ ଯିବା ଖବର କ୍ୟାମ୍ପବେଲ ବେରେ ମଧ୍ୟ ଖେଳଯିବ । ଗ୍ରେଗ୍ ଶିକାରୀମାନେ ଡରିଯିବେ ।

ISSN NO.
2582-208X

ଫରେଷ୍ଟ ଷ୍ଟାଫ ମଧ୍ୟ ଅପନ୍ତର୍ ଜାଗାକୁ ଯାଉଛନ୍ତି । ଅସୀମଙ୍କର ହାଓ୍ୱାବିଲ ନେଷ୍ଟ ଦେଖିବା ଛଡା ଗ୍ରେଭ୍ ଶିକାରୀଙ୍କ ପାଖକୁ ଏକ ଷ୍ଟ୍ରଙ୍ଗ ମ୍ୟାସେଜ ଦେବାକୁ ଆନ୍ତରିକ ଇଚ୍ଛା ଥିଲା । ଏଥର ଶୋଭନାଙ୍କୁ ସାଥିରେ ନେବା ଅସୀମଙ୍କ ମନରେ ପ୍ରଶ୍ନ ମଧ୍ୟ ଥିଲା । ନକହି ଚାଲିଗଲେ ଶୋଭନା ମନଦୁଃଖ କରିବେ । ଅନେକ ସମୟୟରେ ଜଙ୍ଗଲ ବୁଲିବାକୁ ଶୋଭନା ସାଙ୍ଗରେ ଆସିପାରନ୍ତି ନାହିଁ । ଜଙ୍ଗଲ ଭିତରେ ପାହାଡ ଚଢିବା ହୁଏତ ତାଙ୍କ ପକ୍ଷେ ସମ୍ଭବ ହୁଅନ୍ତାନ । କନ୍ତୁ ସମୁଦ୍ର ଯାତ୍ରାରେ ଏତେ ଅସୁବିଧା ନାହିଁ । ଏଠି ଶକ୍ତି ମିଳୁଛି କରୋସିନ ବା ଡିଜେଲ ଚାଳତ ଇଂଜିନରୁ । ନଜ ଶକ୍ତି ନଜ ଭିତରେ ସଞ୍ଚୟ ହୋଇ ରହୁଛି । ତେଣୁ ଅସୀମ ନଜ ଉପରେ ବଶ୍ୱାସ ରଖି ଶୋଭନାଙ୍କୁ ଅନାଇଲେ ।

"ଶୋଭନା, ତୁମେ ସାଥିରେ ଯିବ ?"-ଅସୀମ ପଚାରିଲେ ଆଉ ଶୋଭନା ସାଥିରେ ଆସିଥିଲେ ।

ପ୍ରକୃତରେ ସମୁଦ୍ରରେ ଛୋଟ ଖୋଲା ବୋଟରେ ଯିବା ପାଇଁ ଶୋଭନାଙ୍କୁ ଡର ଲାଗେ । ଅନନ୍ତ ସମୁଦ୍ର । ଠିକ ଦ୍ୱୀପ ପରେ ପରେ କେଉଁ ଅତଳ ଗଭୀରରେ ଥିବ ସମୁଦ୍ର ତଳ । କୂଳରେ ଅଳ୍ପ ପାଣିରେ ଥିବ ସମୁଦ୍ରର କୋରାଲ ଉଦ୍ୟାନ । ତା'ପରେ ଗାଢ ନୀଳ ପ୍ରାୟ କଳା ଦେଖାଯାଉଥିବା ସୀମାହୀନ ଗଭୀରତା । ଏକ ଛୋଟ ଖୋଲା ବୋଟରେ ଗଲାବେଳେ ଶୋଭନା ଅସୀମଙ୍କ ଉପରେ ଡରି ଆଉଜି ପଡନ୍ତି ।

ଉପଯୁକ୍ତ ପ୍ରସ୍ତୁତିପରେ ସୁଇଫ୍ଟଲେଟ ରହୁଥିବା ଜାଗାକୁ ସେମାନଙ୍କର ଯାତ୍ରା ଆରମ୍ଭ ହେଲା । ସ୍ଥାନ ବିପଦଭରା । ଏକଦମ ପାହାଡିଆ । ପୂର୍ବ ଉପକୂଳର ଲଫୁଲ ଆଖପାଖ ଅଞ୍ଚଳରେ କଛି ପାହାଡ ଅଛି । ସେଇଠି କୁଆଡେ ଅଛି ସୁଇଫ୍ଟଲେଟ ମିଳୁଥିବା ଗୁମ୍ଫାମାନ । ସମୁଦ୍ରକୂଳରୁ ଆସିବା କଷ୍ଟ, ବୋଟ ଲାଗିବାକୁ ଜାଗା ନାହିଁ । ଜୋରରେ ପାଣି ଲହଡି ମାରୁଛି । ଏମିତି କଛି ପଥୁରିଆ ସ୍ଥାନରେ ଅନ୍ଧାରୁଆ ଛୋଟ ଗୁମ୍ଫାମାନ ପ୍ରକୃତି ତିଆରି କରିଛି । ସେଇମିତି ଗୁମ୍ଫାମାନଙ୍କରେ, ଶିକାରୀମାନେ ସହଜରେ ପହଞ୍ଚୁନଥିବା ସ୍ଥାନରେ ସୁଇଫ୍ଟଲେଟ ଚଢେଇମାନେ କଲୋନୀ ବା ଦଳବାନ୍ଧି ରୁହୁଛନ୍ତି । ସହଜରେ ତ

ISSN NO.
2582-208X

ପହଁଞ୍ଚିହେବନି । ଏମାନଙ୍କ ଯାତ୍ରାରେ ଯିବା ପାଇଁ ବୋଟରେ ଏକ ଆଉଟ ବୋର୍ଡ ଇଂଜିନ ଫିଟ ଥିଲା । ଦରକାର ପଡିଲେ ଇଞ୍ଜିନକୁ ଉପରକୁ ଉଠାଇ ହୁଏ ଆଉ ବୋଟ ଏକ ସାଧାରଣ ଡଙ୍ଗା ଭଳି ବ୍ୟବହୃତ ହୋଇପାରେ । ଏମିତି ବୋଟରେ ସାମାନ୍ୟ ବାଲିଥିବା ଚଡା ପର୍ଯ୍ୟନ୍ତ ଯାଇହୁଏ । ଗ୍ରେଟ ନିକୋବର ଦ୍ୱୀପରେ ଚାରିଆଡେ ଲମ୍ବା ବାଲିଚର ଥିବା କୂଳ ନାହିଁ । ଅଧିକାଂଶ ଜାଗାରେ କୂଳରେ ପଥର । କୋରାଲର ବ୍ୟାପକ ବୃଦ୍ଧିଯୋଗୁ ସବୁଯାଗାରେ ସମୁଦ୍ରରୁ ପହଞ୍ଚି ମଧ ହୁଏ ନାହିଁ ।

ସେମାନଙ୍କ କାନ ପୁରିପାଖେ ଇଂଜିନର ଫଟ୍ ଫଟ୍ ଶବ୍ଦ ଥିଲା ଆଉ ବୋଟ ପାଣି ଉପରେ ନାଚୁଥିଲା । ଶୋଭନା ଆଗଭଳ ଡରିଯାଇ ଆଖି ବନ୍ଦ କରି ଅସୀମଙ୍କ ଉପରେ ଆଉଜି ପଡିଲେ । ପାଣିରେ ଧପ୍ କରି ପଡୁଥିବା ଶବ୍ଦରେ ତାଙ୍କର ଛାତିର ଗତି ବଢିଗଲା ପରି ଲାଗୁଥିଲା । ଏତେ ଜୋରରେ ପାଣିରେ ବାଡେଇ ହେଲେ ଯଦି ବୋଟଟା ଫାଟିଗଲା ତେବେ ? ଅସୀମଙ୍କୁ ଡର ଲାଗୁ ନଥିଲା ତ ନୁହେଁ । ସେ ନିଜର ଡରକୁ ସଂଜତ କରି ନୀଳ ସମୁଦ୍ର ଧାରରେ ଥିବା ସବୁଜ ରେଖାକୁ ଦେଖୁଥିଲେ । ଡାହାଣରେ ମହା ସମୁଦ୍ର, କୁଆଡକୁ କିଛି ଆଖି ପାଉନ । ଏପଟ ବାମରେ କୂଳ ଯାହା ସାହାରା । କୂଳରେ ଭାଙ୍ଗି ପଡୁଥିବା ଧଳା ରେଖା ମନରେ ସାହାସ ଦେଉଥିଲା । ସବୁବେଳେ ପାଣିର ଧକ୍କାରେ ଭାସୁଥିବା କାଠ ମଧ ଏକ କୂଳରେ ଲାଗିବ । ମଣିଷ କିନ୍ତୁ ପାଣିରେ ବୁଡିଯିବ । କିନ୍ତୁ କାଠ ସାହାରାରେ ମଣିଷ କୁଳରେ ପହଞ୍ଚିଯାଇପାରେ ।

"ଅସୀମ ।"- ଶୋଭନା ଧିରେ କହିଲେ । ଶୋଭନା ଅସୀମଙ୍କ ହାତକୁ ଧିରେ ସାଉଁଳୁଥିଲେ । ଅସୀମ ଶୋଭନାଙ୍କ ମନରେ ଉଠୁଥିବା ତରଙ୍ଗଙ୍କୁ ମାପି ନେଉଥିଲେ । ଅସୀମ ଶୋଭନାଙ୍କ ହାତକୁ ସାମାନ୍ୟ ଆଉଁସି ଦେଲେ । ଶୋଭନା ଏ ପର୍ଯ୍ୟନ୍ତ ନିଜ ଡରକୁ ସଂଜତ କରି ପାରି ନାହାନ୍ତୁ । କିନ୍ତୁ ଅସୀମଙ୍କୁ ଶୋଭନାଙ୍କ ମନର ସାହାସ, ଅବଶ୍ୟ ତାହା ପ୍ରକୃତ ବାସ୍ତବତାକୁ ନବୁଝି କହୁଥିବା ସାହାସ, ଭଲ ଲାଗୁଥିଲା । ଏମିତି ଅବୁଝା ସାହାସ ତ ସାଧାରଣ ମଣିଷ ମନରେ ଉତ୍ସାହ ଭରିଦିଏ । ଅସୀମ ଶୋଭନାଙ୍କ ପାଖରେ ନିଜକୁ ଅସାଧାରଣ ମନେକଲେ ।

ISSN NO.
2582-208X

"ଡର ନାହିଁ ।"- ଅସୀମ ଧିରେ କହିଲେ ।

ଶୋଭନା ଅସୀମଙ୍କ ହାତକୁ ଟିକେ ଜୋରରେ ଜାବୁଡି ଧରିଲେ । ଅସୀମ ଜାଣିଲେ ଶୋଭନା ସାହାଯ୍ୟ ମାଗୁଛନ୍ତି ମନରେ । କଏ ନଜର ପାଖରେ ଥିଲେ ଏତେ ଡର ଲାଗେନାହିଁ। ଡର ତ ସ୍ୱାଭାବିକ । କିନ୍ତୁ ସାମାନ୍ୟ ପରଶରେ, ସାମାନ୍ୟ କଥାରେ ଡର ମନରୁ ଗୁଲିଯାଏ ଆଉ ସାହାସ ତା'ର ସ୍ଥାନ ନଏ ।

ଏଣେ ବୋଟ ଏକ ପାହାଡିଆ କୂଳର ପ୍ରାୟ ଶହେ ମିଟର ଦୂରରେ ଥିଲା । ସେଇଠି ବଡ ବଡ ପଥର । ଜୋରରେ ପାଣି ବାଡେଇ ହେଉଛି ଆଉ ପ୍ରାୟ ଏକ ମହଲା କୋଠା ଉଚ୍ଚା ପାଣି ଛିଟିକ ହେଉଛି । ଏ ବୋଟ ସେଠିକ ଯାଇପାରିବ । କିନ୍ତୁ ପାଣି ବାଡେଇ ହେବ ଜାଗାର ଠିକ ଓଲଟାରେ, ସେଠି ପାଣି ଜୋରରେ ନାଚୁଥିବ, ପଥରରେ ବାଡେଇ ହେଉଥିବ। ଏମିତି ସ୍ଥାନରେ ପଥରରେ ଓହ୍ଲାଇବା ପାଇଁ ବୋଟ ଗୁଳକ ଅତି କୁଶଳୀ ହେବା ଦରକାର । ବୋଟର ଇଂଜିନ ପୁରା ଉଠିବନ, ଷ୍ଟାର୍ଟରେ ଥିବ । ଦରକାର ହେଲେ ମଙ୍ଗ ମୋଡି ସାମାନ୍ୟ ଚଲାଇ ସେମିତି ପଥର ପାଖରେ ପହଞ୍ଚି ହେବ ।

ଶୋଭନା ଭାଙ୍ଗି ପଡୁଥିବା ଲହଡିମାନଙ୍କୁ ଏକ ଧ୍ୟାନରେ ଅନାଇ ରହିଲେ । ସେ ଆଉ ଏତେ ଡରୁ ନଥିଲେ । ଏବେ ଟିକେ ସିଧା ହୋଇ ବସିଲେଣି । ଏକ ବଡ ପଥର ତୀଖ ହୋଇ ଉପରକୁ ଉଠିଛି । ଆଉ ଏକ ବଡ ପଥର କୋଣ ହୋଇ ଯାଇଛି । ସେ ପଥର ଆଗରେ ଅନେକ ବଡ ବଡ ଗୋଲ ପଥର । ଏକ ଏକ ଡଙ୍ଗାଠାରୁ ବଡ । ମଝିରେ ମଝିରେ ପାଣି । ଆଉ ସେଇଠି ଭାଙ୍ଗୁଛି ବେଶ ବଡ ଲହଡି । ଏତେ ବଡ ପଥରର ଅଧା ପର୍ଯ୍ୟନ୍ତ ପାଣି ଛିଟିକ ପଡୁଛି । ତାଙ୍କୁ ଲାଗୁଥିଲା ମଣିଷ ମନଟା ଏକ ବିଶାଳ ଲହଡିର ଭଳ । ଏକ ଅଫୁରନ୍ତ ଉତ୍ସାହ ନେଇ ଲକ୍ଷ୍ୟ ଆଡକୁ ପ୍ରବାହିତ ହେଉଛି ଅସରନ୍ତି ଶକ୍ତିରେ, ସମୁଦ୍ରର ଶକ୍ତି, ବାୟୁର ଶକ୍ତି ସହ । ଭାଙ୍ଗି ପଡୁଛି କୂଳରେ । ସେଇ ତା'ର ଲକ୍ଷ୍ୟ । ସେଇଠି ଭାଙ୍ଗି ପଡିବ । ମଣିଷ ମନର ଉଦ୍ଦୀପନା ସେମିତି ଲକ୍ଷ୍ୟର ସମୀପରେ ନଜର ଶକ୍ତି ହରାଇବସିବ। କିନ୍ତୁ ପୁଣି ଥରେ ଶକ୍ତି ଜାତ ହେବ ମହାସମୁଦ୍ରରେ, ମନର ଗଭୀର

ISSN NO.
2582-208X

ପ୍ରଦେଶରେ । କୂଳ ଆଡକୁ ଅଫୁରନ୍ତ ଶକ୍ତି ସହ ପ୍ରବାହିତ ହେବ । ଏହାହିଁ ତ ଜୀବନ । ଏକ ବିଶାଳ ଲହଡି ଜୋରରେ ବାଡେଇ ହୋଇଗଲା ପଥରରେ । ଆକାଶକୁ ଛୁଇଁ ଜଳକଣା, ସେମାନଙ୍କ ଉପରେ ବିଞ୍ଚି ହୋଇଗଲା । ଶୋଭନା ଅସୀମଙ୍କୁ ଆଉଥରେ ଟିକେ ଆଉଁଷି ଦେଲେ ।

ବୋଟମ୍ୟାନ ପାଖକୁ ଆସି ଇଞ୍ଜିନ ବନ୍ଦ କରିଦେଲା । ତା'ପରେ ସେମାନେ ଆହୁଲା ମାରି ପାଣି ବାଡେଇ ହେଉଥିବା ପଥର ପାଖକୁ ଆସିଗଲେ । ଏକଦମ କୂଳକୁ ଆସିପାରିବେନ । ଅସୀମ ଜାଣି ଶୋଭନାଙ୍କୁ ଚଢିବାକୁ କହିବେନ, ଏମିତି ବିପଦଜନକ ଯାଗାକୁ ନେବେନ । ତୀଖ ପାହାଡ, ଗଛ ବୃକ୍ଷ ନାହିଁ । ସେଇଠି ଓହ୍ଲାଇ ଅଳ୍ପ ଚଢିବାକୁ ମିଳବ । ଉପର ଆକାଶରେ କଛି ସୁଇଫ୍ଟଲେଟ ଉଡୁଥିବାର ଦେଖାଗଲା । ଏକଦମ ଛୋଟ ଛୋଟ, ଏରୋପ୍ଲେନ ଭଳ ଦେଖାଯାଉଥିବା ପକ୍ଷୀମାନେ ଏପଟ ସେପଟ ହୋଇ ଜୋରରେ ଉଡୁଛନ୍ତି। କେହି କାହା ଦେହରେ ବାଡେଇ ହେଉନାହାନ୍ତି । ଉପରକୁ ଏକ ଛୋଟ ଖୋଲା ସ୍ଥାନ । ତା' ଭିତରକୁ କୁଆଡେ ଥିବ ଅନ୍ଧାରିଆ ଗୁମ୍ଫାର ଗହ୍ୱର । ପଥର ଭିତରେ ପ୍ରାୟ ସିଧା, ଆଉ ପାଦ ରଖି ଉପରକୁ ଚଢିବାଭଳ ଜାଗା ମୋଟେ ନଥିଲା କୁହାଯାଇପାରେ । ଟର୍ଚ୍ଚ ନେଇ ଭିତରକୁ ଯିବାକୁ ପଡିବ । ଗୁମ୍ଫାର ମୁହଁ ସରୁଆ ଥିଲା । ପାଣି ପ୍ରାୟ ମୁହଁରେ । ଏ ଭିତରେ ପାଣି ବଢୁଥିଲା । ଗୁମ୍ଫାର ମୁହଁ ପାଣିରେ ବନ୍ଦ ହୋଇଯିବ ଆଉ ବହୁତ ବଡ ବଡ ଢେଉ ଆସିବ । ସେଠି ଏ ଭେଳାରେ ବସିବା ଆଉ ସମ୍ଭବ ହେବନ । କେଉଁଠି ଅଟକବାକୁ ଜାଗା ନାହିଁ ।

"ଏତିକ ଫାଙ୍କ, ପଥୁରିଆ ଜାଗା । ବହୁତ ସାପ ଥିବେ ।"– ଅସୀମ ପଗ୍ଚରିଲେ । ସମୁଦ୍ର ସାପ ବେଶ ବିଷାକ୍ତ ।

"ଏ ଗୁମ୍ଫା ଆଉ ଫାଟମାନଙ୍କରେ ସାପ ଅଛନ୍ତି । ସାପମାନେ ସୁଇଫ୍ଟଲେଟ ଗୁମ୍ଫାର କାନ୍ଥରେ ଓହଳ ରହିଥାନ୍ତି ଓ ଗୁମ୍ଫା ମୁହଁରୁ ପକ୍ଷୀକୁ ଧରିନଅନ୍ତି ।"– ସାମୁଏଲ କହିଲେ ।

ISSN NO.
2582-208X

“କ ଭୟଙ୍କର ଜାଗା । ଲୋକେ ତଥାପି ବି ଗ୍ଭେରି କରୁଛନ୍ତୁ ।”- ଅସୀମ କହୁଥିଲେ । ସେଇଟା ତାଙ୍କ ମନର ଅବିଶ୍ବାସ ଥିଲା ।

“ଅର୍ଥ ପାଇଲେ ଗ୍ଭେର କଅଣ ନକରିବେ । ସେମାନେ ଅବଶ୍ୟ ସବୁ ସୁରକ୍ଷା ସହ ଆସୁଛନ୍ତୁ। ଗୋଡରେ ରବର ବୁଟ , ହାତରେ ଗ୍ଲୋଭସ ଇତ୍ୟାଦି ।”- ପଦ୍ମଶିବ କହିଲେ ।

-୦-୦-

କ୍ରମଶଃ.....

ସେକ୍ଟର-୩ , ସଲ୍ଟଲେକ , କଲିକତା

ISSN NO.
2582-208X

# ଜୀବନ ଚକ୍ର



ଡ. ପ୍ରସନ୍ନ କୁମାର ବଳ

ଛୁଆର ଜନମ ପୂରଣ କରଇ ବାପା ମା'ର ସପନ,

ସପନ ଗ୍ରଇଜେ ଘୂରି ବୁଲୁଥାଏ ବାପା ମା'ଙ୍କର ମନ ।।

କେତେ ଆଦରରେ କେତେ ସେନେହରେ ବଢାନ୍ତି ସେହି ଛୁଆକୁ,

କେତେ ବଡ ବଡ ସପନ ଦେଖନ୍ତି ତାକୁ ବଡ କରି ବାକୁ ।।

ଛୁଆ ବଡ ହୁଏ, ପାଠ ପଢା ସାରେ ଘର ସଂସାର ବି କରେ,

ସଂସାର ମଧ୍ୟରେ ନିଜର କରତବ୍ୟ ନିରନ୍ତର କରି ଥାଏ ।।

ବୟସ ବଢିଲେ ବାପା, ମା ପୁଣି ହୋଇଯାନ୍ତି ଅପାରଗ,

ଖାଦ୍ୟ ବଦଳରେ ଔଷଧ ଖାଇକି ଜୀବନ ହୁଏ ତ ନର୍କ ।।

ନାତି ନାତୁଣୀଙ୍କ ପରଶ ପାଇକି କାଟନ୍ତି ନିଜ ସମୟ,

ମନେ ପଡେ ତାଙ୍କ ପିତା ମାତା କଥା ସେହି ସମୟରେ ପ୍ରାୟ ।।

ବୁଢା ବାପା ମା କାଳକ୍ରମେ ପୁଣି ଛାଡନ୍ତି ଧରା ଧାମକୁ,

ପୁତ୍ର କନ୍ୟା ପିତା ହୋଇ ସାରିଥାଏ ପୁଣି ବିଧି ବିଧାନକୁ ।।

ISSN NO.
2582-208X

ପୁତ୍ର, ବୋହୁ ପୁଣି ସଂସାର କରିକ ହୋଇଲେ ତ ବାପା, ମା
ଜୀବନ  ଚକ୍ରର କଷାଘାତ ତଳେ ଗୃପି ହୋଇ ଗଲେ ଆହା ।।
ତାଙ୍କରି ଅବସ୍ଥା ସେହି ପରି ହୁଏ, ଯେ ପରି ସେ କରେ କର୍ମ,
ବାପା, ମାଆ ଙ୍କର ଆଶିଷ ଯେ ପାଏ ଜୀବନ ହୁଅଇ ଧନ୍ୟ ।।
ଏ ଜୀବନ ଏକ ରଙ୍ଗମଞ୍ଚ ସତେ ଆମେ ସବୁ କଳାକାର,
ନଜର ନଜର ଅଭିନୟ ସାରି ବାହୁଡିବା ହେବ ସାର ।।
କଏ ଭଲ କଏ ଖରାପ କହିବେ ଦେଖୁଥିବା ଲୋକମାନେ,
ପାପ ପୁଣ୍ୟ କନ୍ତୁ ଅର୍ଜନ କରିବା ଆମ କର୍ମର ବଳରେ ।।
ଜୀବନ ଯୌବନ ଅଟେ କ୍ଷଣସ୍ଥାଇ କର୍ମ ଟିତ ହୁଏ ସାର,
କର୍ମ ହିଁ କହିବ କଏ ସ୍ୱର୍ଗ ଯିବ କଏ ବା ଯିବ ପାତାଳ ।।
ଏହି ଅନୁରୋଧ କରିବି ସଭିଙ୍କୁ ଭଲ କଳାକାର ହୁଅ,
ଜୀବନ ଚକ୍ରର ପ୍ରତିଟି  ସୋପାନେ ପୂର୍ବଜଙ୍କୁ ମନେ କର ।।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ନା, ମୁଁ ଭୁଲିପାରେ ଗାଁକୁ...



ଶଶଧର ମହାପାତ୍ର

ଯେତେ ଚେଷ୍ଟାକଲେ
ନା ମୁଁ ଭୁଲିପାରେ ଗାଁକୁ
କେତେ ବାଗରେ ଧସ୍ କରି ପୁଣି ପଶିଆସେ
ମୋ' ମନ ଭିତରକୁ, ମୋ ଜୀବନକୁ
ଯେତେ ଭାବେ
ଗାଁ କଥା ସପ୍ତାହେ ପାଇଁ ଭାବିବି ନାହିଁ
କିନ୍ତୁ ନ ଭାବି ରହିହେଉଛି କେଉଁଠି ?
ଆଖି ଆଗରେ ଭାସିଯାଆନ୍ତି
ଗାଁର ସମସ୍ତ ନରନାରୀ ଗଛଲତା ପଶୁପକ୍ଷୀ
ବାଉଁଶବଣ ଡେଙ୍ଗାଡେଙ୍ଗା ତାଳଗଛ
ଜମିବାଡ଼ି ଗୋଚର ଅନାବାଦି
ଚିହ୍ନବର୍ଣ୍ଣ ନଥିବା ମଠ ମୋ' ପିଲାବେଳର
ମାଟିରେ ମିଶିଯାଇଥିବା ଯଜ୍ଞଘର
ଗୌତମ ବାବା, ସରସ୍ୱତୀ ମାତା
ତା' ଆକାଶରେ ଖଣ୍ଡଖଣ୍ଡ ଭାସମାନ ମେଘ

ISSN NO.
2582-208X

ତା' ସଂଗେ ବିଜୁଳିର ଝଲକ ଓ ଘଡ଼ଘଡ଼ି
ସେ ଆଲୁଅରେ ଦିଶିଯାଏ
ମୋ ବୋଉର ଉଦାସିଆ ମୁହଁ
ସ୍ମୃତିସବୁ ତା'ର ମାୟାଜାଲ ବିଛେଇ
ବାନ୍ଧିଛନ୍ତି ପକାଏ
ବର୍ଷାଭଳି ସ୍ମୃତି ଉଜାଡ଼ି ହେଇଯାଏ ।
ମନେପଡ଼ିଯାଏ ବୋଉ ସହ ସବାରୀରେ ବସି
ଯିବା ମାମୁଘର
ସୀମା ନଥାଏ ମୋ'ର ଆନନ୍ଦର
ମୁଁ ସେତେବେଳେ ବାଳକଟିଏ
ମାତ୍ର ସାତ ଆଠ ବରଷର
ବୋଉର ଗୋଡ଼ ତଳେ ଲାଗୁନଥାଏ
ଏତେ ଖୁସି ହେବାର ମୁଁ କେବେ ଦେଖିନଥିଲି
ସେ ସବୁ ଅପାଶୋରା ମୁହୂର୍ତ୍ତ
କାଲି ଭଳି ଲାଗୁଥିବା ସେ ଅତୀତ
ମନେପଡ଼େ ଆଉଥରେ ବୋଉ ସହ
ଶ୍ରାବଣ ମାସରେ ଡଙ୍ଗାରେ ବସି ଯିବା ମାମୁଘର
ଡଙ୍ଗା ବାହିବାହି ନେଇଥିଲା
ପାଖ ଗାଁର ବିନ ମଳିକ
ଚାରିଆଡ଼େ ସମୁଦ୍ରଭଳି ଜଳରାଶି
ସେସବୁ ପୁରୁଣା ଦିନର
ସ୍ମୃତି ଏବେ ହୁଏ ଉଜାଗର ।
ଝଡ଼ ସଙ୍ଗେ ଦିନେ ସିଏ ଆସିଥିଲା
ଝଡ଼ ସଂଗେ ସିଏ ମିଳେଇଗଲା।

ISSN NO.
2582-208X

ଏହା ତ ଏକ ସ୍ୱପ୍ନ ଥିଲା
ଜଣା ପଡ଼ିଗଲା ଏ ଯେ ରାତ୍ରିର ଶେଷ ପ୍ରହର
ଚାରିଆଡ଼େ ନୀରବ ନିସ୍ତବ୍ଧ
ମୁଁ ତାକୁ ଖୋଜିଖୋଜି ନିଜକୁ ପାଇଲି
ଲୁହ ଢାଳିଲି ତା'ପାଇଁ ଦି'ଟୋପା
ଯିଏ ଦେଇଥିଲା ଏ ଜୀବନ
ତା' ସହ ବହୁତ କିଛି
କିଛି ପାଇବାର ଆଶା ନରଖି
ଆଣ୍ଠେଇପଡ଼ି ମୁଣ୍ଡିଆଟିଏ ମାରୁଥିଲି
ମୋ ମୁଣ୍ଡ ଉପରେ
ମୋ ବୋଉର ଆଶୀର୍ବାଦ ଝରିପଡୁଥିଲା
ଏ ମୋର ଅନୁଭବ ଥିଲା ।

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ନିତ୍ୟ ନୂତନ



ପୁଷ୍ପାଞ୍ଜଳି ପଣ୍ଡା

ତୁମେ ନିତ୍ୟ ନୂତନ
ଅଜର ଅମର
ମହାକାଳ ବୋଲି
ସବୁ ଘଟଣା ଅଘଟଣ କୁ
ଅକ୍ତିଆର କରି
ଆକାଶ ଭର୍ତ୍ତି
ଶୁନ୍ୟ ଦିଗନ୍ତ ରୁ
ତୋଳିଆଣିପାର ସବୁତକ
ପ୍ରାଣ ସ୍ପନ୍ଦନ ର ସୁତ୍ର । ।

ତୁମେ ଖୁସୀ ଥିଲେ
ଅଫଳନ୍ତି ଭାଗ୍ୟଫଳ
ସୁଆଦିଆ ଲାଗେ
ମିଠା ଲାଗେ ନିର୍ଜନ ଦ୍ୱୀପ ର
ବିଜନ ବେଳା...!!

ISSN NO.
2582-208X

ଲତା ପରି ମାଡ଼ି ଚାଲେ
ସହ ଖୁସୀ ଆନନ୍ଦ ରେ
ଭରପୁର ସଂସାର ।
ପ୍ରତିକ୍ଷଣ ନୂଆ ଲାଗ ।
ନୁଆ ବାଗରେ ନୁଆ ରୁପରେ
ଆସୁଥାଅ ଫି ବର୍ଷା।।
ତୁମ ଅସୁଖରେ
ସଞ୍ଚିତ ପ୍ରାରବ୍ଧ କର୍ମ ଫଳେ
ଅନିଛାରେ ଆଣିଦିଅ
ଯାବତ ଜଞ୍ଜାଳ।।

ଜଗତ ଯାକର ଜଡ ଚୈତନ୍ୟର
ସଞ୍ଜିବନୀ ସୁଧା ସମ
ସମୟ ଗୋ ତୁମେ
ନିତ୍ୟ ନୂତନ ଚିରକାଳ।।

କେନ୍ଦ୍ରାପଡା

ISSN NO.
2582-208X

# ଶ୍ରୀମତୀ ପଦ୍ମାଳୟା



ଡକ୍ଟର ବିଜ୍ଞାନୀ ଦାସ

ସେ ନାରୀ ଜଣକର ବ୍ୟବହାର ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି । କିଏ ସେ ? ଏମିତି କଣ ପାଇଁ କରୁଛି ? ସିଏ ଅନେକ ହାଠି ଓ ଡବା ଧରି ଘର ସାମନାରେ ଥିବା ଦାଣ୍ଡର ଭୋଜି ନିକଟରେ ପହଞ୍ଚିଲା ଓ ବାଲ୍‌ଟିରେ ବଢାହେବାକୁ ଥିବା ଅନେକ ରକମର ଖାଦ୍ୟ ପଦାର୍ଥ ସବୁ ତା ହାଣ୍ଡି ଓ ଡବା ଭିତରେ ଭର୍ତ୍ତିକଲା । ସେତେବେଳକୁ ପ୍ରାୟ ତିନିଟା ବାଜିଯାଇଥିଲା ଓ ଭୋଜିର ଖିଆପିଆ ସରିଆସୁଥିଲା । "ସିଏ କିଏ ? ସିଏ ଏମିତି କାହିଁକି କରୁଛି ? କାହାରିକୁ ପଚରାଉଚରା ନାହିଁ । ନିଜେ ମାଲିକାଣୀ ଭଳି, ଘରଲୋକଙ୍କ ବିନା ଅନୁମତିରେ ନିଜେନିଜେ ବାଢି ନେଉଛି ।'

ନଣନ୍ଦ ଭାନୁ କହିଲେ, "ସିଏ ସେମିତି ଗୋଟିଏ ଜବରଦସ୍ତ ସ୍ତ୍ରୀ ଲୋକ । ତା ନାଁ ପଦ୍ମାଳୟା। ସମସ୍ତଙ୍କ ଭୋଜିରେ ସିଏ ସେମିତି କରେ । ବିନା ନିମନ୍ତ୍ରଣରେ ପଶିଯାଏ ଓ ସବୁ ଖାଦ୍ୟ ପଦାର୍ଥ ଧରି ଘରକୁଯାଏ । ସେଇଥିରେ ତାର ଚାରିପାଞ୍ଚ ଦିନ ଚଳିଯାଏ ।'

ଏମିତି ଅଜବ ଘଟଣା ମୁଁ ପୂର୍ବରୁ ଦେଖିନଥିଲି କି ଶୁଣିନଥିଲି। ଜଣେ ସ୍ତ୍ରୀ ଲୋକ ଏମିତି ଜବରଦସ୍ତ କରିପାରିବ ଓ ଅଲାଜୁକ ହୋଇପାରିବ, ସେମିତି ଧାରଣାମୋର ନଥିଲା । ମୁଁ

ISSN NO.
2582-208X

ପଚାରିଲି, "ତାକୁ କଣ କେହି ଆକଟ କରନ୍ତିନି ? ଏମିତି କେମିତି ଅନ୍ୟ ଜଣକର ଭୋଜିରେ ପଶି ଜଣେ ଜବରଦସ୍ତ ଖାଦ୍ୟପଦାର୍ଥ ନେଇପାରିବ ?'

ଭାନୁ ସେ ସ୍ତ୍ରୀ ଲୋକର ଅସଲ ପରିଚୟ ଦେଲେ । ସିଏ ସ୍ଵାମୀ ପରିତ୍ୟକ୍ତା ଓ ଚାରି ଝିଅଙ୍କର ଜନନୀ । ନିଜେ ଅନ୍ୟ ପୁରୁଷଙ୍କୁ ଫସେଇ ବ୍ଲାକମେଲ୍‌କ ରେ ଓ ଝିଅମାନଙ୍କୁ ବି ସେମିତି କାମରେ ଲଗେଇ ଦେଇଛି । ତାର ଏ ପ୍ରକୃତି ପାଇଁ ସମସ୍ତେ ତାକୁ ଡରନ୍ତି । କାଳେ କେଉଁ ପୁରୁଷ ନାଁରେ ମିଛସତ ଲଗେଇ ପୋଲିସ୍ ରେ ଅଭିଯୋଗ କରିବ ଓ ମିଛରେ ଜଣେ ଭଦ୍ର ମଣିଷ ସେ ଜାଲ ଭିତରେ ଫସିଯିବ, ସେଇ ଭୟରେ ସମସ୍ତେ ନୀରବ ରହନ୍ତି । ଆଜିକାଲିର ଏ ଯେଉଁ ମୋବାଇଲ୍ ଫୋନ୍, ସୋସିଆଲ୍‌ମିଡିଆ, ଫେସ୍‌ବୁକ୍, ୟୁଟିଉବ ସବୁ ରାଜୁତି କରୁଛନ୍ତି, ବିଚରା ଭଦ୍ର ମଣିଷଟିଏ ଥରେ ଛନ୍ଦି ହୋଇଗଲେ ସେଥିରୁ ମୁକୁଳିବା ମୁସ୍କିଲ୍ ହୋଇଯିବ । ସମାଜରେ ସମ୍ମାନ ହାନିଠାରୁ ଆରମ୍ଭ କରି ପରିବାରର ବଦନାମ ପର୍ଯ୍ୟନ୍ତ ସବୁ କିଛି ଘଟିଯିବ । ସମସ୍ତେ ସ୍ତ୍ରୀ ଲୋକଟିକୁ ସମବେଦନା ଦେଖେଇବେ । "ନିଆଁ ନଥାଇ କଣ ଧୂଆଁ ବାହାରେ', ଏମିତି କେତେ ସବୁ ନୀତିବାକ୍ୟ ଶୁଣେଇ ବିଚରା ମଣିଷଟାକୁ ଦଂଶି ପକେଇବେ । ମିଛ କଣ, ସତ କଣ ବୁଝିବା ପୂର୍ବରୁ, କିଛି ପ୍ରମାଣ ହେବା ପୂର୍ବରୁ ବିଚରା ମଣିଷଟିର ଜୀବନରେ ସମସ୍ତ ବିପର୍ଯ୍ୟୟ ଆସିଯାଇଥିବ । ସେଇଥିପାଇଁ ତାକୁ କେହି କିଛି କହନ୍ତିନି । ତାର ଯାହା ଇଛା ସିଏ କରେ । ସମସ୍ତଙ୍କର ଭୋଜିରେ ଜବରଦସ୍ତ ପଶେ ଓ ପାଞ୍ଚ, ଛଅ ଦିନର ଖାଦ୍ୟପଦାର୍ଥ ଧରି ଘରକୁ ଯାଏ ।

ମୋର ଇଛା ହେଲା ମୁଁ ସେ ସ୍ତ୍ରୀ ଲୋକଟିକୁ ଅଟକାନ୍ତି । ବୁଝେଇ କହନ୍ତି, "ଦେଖେ, ଏସବୁ ଭଲ ନୁହେଁ । ଏମିତି ଅନିମନ୍ତ୍ରିତ ଜବରଦସ୍ତ ଅନ୍ୟମାନଙ୍କ ବ୍ୟକ୍ତିଗତ କାମରେ, ଭୋଜିରେ, ମହୋତ୍ସବରେ ଯାଇ ଖାଦ୍ୟ ସବୁ ନିଜ ଘରକୁ ବୋହିନେବା ସମ୍ମାନଜନକ କାମ ନୁହେଁ । ଏଭଳି ଆଚରଣ ସମସ୍ତ ନାରୀ ସମାଜ ପାଇଁ ଏକ ଲଜ୍ଜାଜନକ କଥା ।'

ISSN NO.
2582-208X

ହେଲେ ମୁଁ ସମସ୍ତ କଥା ଜାଣିନଥିବାରୁ ଚୁ ପ୍ରହିଲି ଓ କିଛି କହିପାରିଲିନି । ତେବେ ମତେ ଭଲ ଲାଗୁନଥିଲା । ଜୀବନସାରା ସ୍ତ୍ରୀ ଲୋକଙ୍କ ସପକ୍ଷରେ ମୁଁ ଅନେକ ବିକ୍ଷୋଭ କରିଛି, ପରିବର୍ତ୍ତନ ପାଇଁ ନେତୃତ୍ୱ ନେଇଛି, କେତେ କାହାଣୀ ଲେଖିଛି ଓ ଭାଷଣ ଦେଇଛି। ଆଉ ମୋ ସାମନାରେ ଜଣେ ସ୍ତ୍ରୀ ଲୋକ ଏତେ ନୀଚ କାମକରୁଛି । ମତେ ଭଲଲାଗିଲାନି ।

ଏଇ ସମୟରେ ସେ ସ୍ତ୍ରୀ ଲୋକଟି ବାରଣ୍ଡାକୁ ଆସିଲା । ଆମ ଘରେ କାମ କରୁଥିବା ସୁକାନ୍ତୀକୁ କହିଲା, "ହେ ସୁକାନ୍ତୀ, ଘରେ ଖିରି ଥିବ ଆଣିଲୁ । ଭୋଜି ଜାଗାରେ ଖିରି ନାହିଁ।'

ସୁକାନ୍ତୀ କହିଲା, "ଖିରି ତ ଘରେ ନାହିଁ । ଭୋଜି ଜାଗାରେ ଯଦି ନାହିଁ, ତେବେ ସରି ଯାଇଥିବ ।'

ସେ ସ୍ତ୍ରୀ ଲୋକ ଏଥର ଧମକେଇ କହିଲା, "ହେ, ମିଛ କହନା । ଯାଇକରି ଦେଖେ । ରୋଷେଇଘରେ ଖିରି ଥିବ, ଆଣିକରି ଦେ ମତେ ।'

ସୁକାନ୍ତୀ ପୁଣି ଉତ୍ତରଦେଲା, "କହିଲି ତ ନାହିଁବୋଲି । ଆଉ ଦେଖିବି କଣ ?'

ସେ ସ୍ତ୍ରୀ ଲୋକ ପୁଣି ଜବରଦସ୍ତ କଳି କରିବାଭଳି ଆଦେଶ ଦେଲା, "କହିଲି ତ ଖିରି ଆଣିକି ଦେ । ମତେ ମିଛ କଥା ଗୁଡା କାହିଁକି କହୁଛୁ ?'

ମୁଁ ଭାବିଲି ତାକୁ କହିବି, "ହେ, ତୁ ଆମ ଘରେ କିଏ ? ଜବରଦସ୍ତ ଆମ ଘରେ ପଶିଯାଇ ଆମ ଘରୁ ଖାଦ୍ୟ ନେବାକୁ ଜିଦ୍ କରୁଛୁ । ଆମେମାନେ ଏଠି ବସିଛୁ, ଆମମାନଙ୍କର ଅନୁମତି ବି ଲୋଡୁନୁ ।'

ISSN NO.
2582-208X

ମତେ ଏମିତି ଲାଗିଲା କି ଯେଉଁଭଳି ଢଙ୍ଗରେ ସିଏ କଥାବାର୍ତ୍ତା କରୁଥିଲା, ସିଧା ସିଏ ଆମ ରୋଷେଇଘରକୁ ପଶିଯିବ ଓ ଖିରି ଖୋଜିବ । ରକ୍ଷା ଯେ ସିଏ ସେମିତି କଲାନି । ସିଏ ଯଦି ସେମିତି କରିଥାନ୍ତା, ମୁଁ ନିଶ୍ଚୟ ଉଠିଯାଇଥାନ୍ତି ଓ ତାକୁ ଅଟକାଇଥାନ୍ତି । ସିଏ ସୁକାନ୍ତୀ ସହିତ ଅନେକ ସମୟ ଯୁକ୍ତିତର୍କ କଲା ଓ ତାପରେ ପଳେଇଗଲା ।

ଯାହାହେଉ ଗୋଟିଏ ଅପ୍ରୀତିକର ପରିସ୍ଥିତିରୁ ମଣିଷ ମୁକ୍ତି ପାଇଲା । ନହେଲେ ଏମିତି ଏକ ସୁଖ, ଶୁଭ ଘଟଣା ସମୟରେ ଏମିତି ଜଣେ ସ୍ତ୍ରୀ ଲୋକ ପାଇଁ କିଛି ଗୋଟିଏ ଅପ୍ରୀତିକର ପରିସ୍ଥିତି ଘଟୁ, ସେଇଟା କେହି ଚାହୁଁନଥିଲେ । ବିଶେଷକରି ସନ୍ଧ୍ୟାବେଳକୁ ମେଜିକ୍ ଶୋ ଓ ନାଚ ପ୍ରୋଗ୍ରାମ୍ ରହିଥିଲା । ସମସ୍ତେ ଦିନର ଭୋଜି ପରେ ସନ୍ଧ୍ୟାରେ ସେ ପ୍ରୋଗ୍ରାମ୍ ଦେଖିବାକୁ ଉତ୍ସାହିତ ଥିଲେ । କିଛିଲୋକ ଖାଇସାରି ବିଶ୍ରାମ ନେଉଥିଲେ ଓ ଖଟରେ ଗଡପଡ ହେଉଥିଲେ ।

ସେ ଦିନଟି ଥିଲା ୨୦୨୩ ମସିହା ଡିସେମ୍ବର ୩୦ ତାରିଖ, ଶନିବାର । ଆମେ ଗାଁରେ ଗୋଟିଏ ଭୋଜି ଦେଉଥିଲୁ । ଅସଲରେ ଆମ ଝିଅର ବିବାହ ୨୦୧୯ ଅଗଷ୍ଟ ମାସରେ ହୋଇଥିଲା । ଆମେ ୨୦୨୦ ଜାନୁଆରୀରେ ଝିଅ ଓ ଜୁଆଁଇକୁ ନେଇ, ଓଡିଶା ଯାଇ ଗାଁରେ ଏକ ଭୋଜି ଦେବାକୁ ଓ ବିବାହର ଅନ୍ୟ କିଛି ଶୁଭବିଧି ପାଳନ କରିବାକୁ ସ୍ଥିର କରିଥିଲୁ । କିନ୍ତୁ ସେଇ ସମୟରେ ଚାଇନା ଓ ୟୁରୋପ୍ ରେ କୋଭିଡ୍ ବ୍ୟାପୁଥିବାର ଶୁଣାଗଲା ଓ ତାପରେ ମାର୍ଚ୍ଚ ମାସଠାରୁ କୋଭିଡ୍ ଭୟ ପୃଥିବୀକୁ ପ୍ରାୟ ଦୁଇ ବର୍ଷ ପର୍ଯ୍ୟନ୍ତ ନିଜ ଅକ୍ତିଆରରେ ରଖିଲା । ଭିନ୍ନଭିନ୍ନ ପ୍ରତିରୂପରେ ସାରାବିଶ୍ୱରେ ଆତଙ୍କ ଖେଳାଇଦେଲା। ଯଦିଓ ଟୀକା ନେବା ପରେ ସମସ୍ତେ ଟିକେଟିକେ ସଙ୍ଗରୋଧ କଟକଣା କମେଇଲେ ଓ ଦେଶବିଦେଶ ଯାତ୍ରା କଲେ, ତେବେ ଆମ ପାଇଁ ଝିଅ, ଜୁଆଁଇକୁ ନେଇ ଯାତ୍ରା କରିବା ପାଇଁ ସମୟ ଅନୁକୂଳ ନଥିଲା । ସେ ଭିତରେଝିଅର ପୁଅଟିଏ ଜନ୍ମହେଲା । ତେଣୁ ୨୦୨୩ ଡିସେମ୍ବର ମାସରେ ସମସ୍ତେ ଓଡିଶା ଯିବା ପାଇଁ ସ୍ଥିରକଲୁ । ଯଦିଓ ଅନ୍ୟ ମାସ ତୁଳନାରେ

ISSN NO.
2582-208X

ଡିସେମ୍ବରରେ ଯାତ୍ରାର ଟିକେଟ୍ ଅଧିକ ଦାମ ରେ କିଣିବାକୁ ପଡିଲା, ପ୍ରାୟତଃ ଅଢେଇ ଗୁଣ ଦାମ୍ ରେ ସମସ୍ତେ ଟିକେଟ୍ କିଣି ଯାତ୍ରା ପାଇଁ ପ୍ରସ୍ତୁତ ହୋଇରହିଲୁ । ଆମେମାନେ ସମସ୍ତେ ଚାକିରିକରୁ । ନିଜନିଜର କର୍ମକ୍ଷେତ୍ରରେ ନିଜ ଅନୁପସ୍ଥିତିରେ ସୁଚାରୁରୂପେ କାର୍ଯ୍ୟସଂପାଦନ ପାଇଁ ଆଗତୁରା ଜଣେଇବାର ଆବଶ୍ୟକତା ଥିଲା । ମୋ ଝିଅ ଯେହେତୁ ୟୁନିଭର୍ସିଟିରେ ପଢାଏ, ତାକୁ ଯେକୌଣସି ସମୟରେ ଛୁଟି ନେଇ କୁଆଡେ ଯିବାର ସ୍ୱାଧୀନତା ମିଳେନି । ଛୁଟି କେବଳ ଡିସେମ୍ବର-ଜାନୁଆରୀ ଓ ଜୁନ୍-ଅଗଷ୍ଟ ଭିତରେ ମିଳେ । ଜୁନ୍‌ରୁ ଅଗଷ୍ଟ ଭିତରେ ଗରମ ପାଇଁ ଓ ବର୍ଷା ପାଇଁ ଓଡିଶା ଯାତ୍ରା ଅସମ୍ଭବ ହୋଇପଡେ । ସେଥିପାଇଁ ଅଧିକ ଟିକେଟ୍ ଖର୍ଚ୍ଚର ମାନସିକ ଅବସାଦକୁ ଭୁଲିଆମେ ଆମ ଯାତ୍ରାର ପ୍ରତ୍ୟେକ ଦିନର ଏକ କାର୍ଯ୍ୟସୂଚୀ ପ୍ରସ୍ତୁତ କଲୁ । ସେଇକାର୍ଯ୍ୟସୂଚୀ ଅନୁଯାୟୀ, ଝିଅ, ଜୁଆଁଇ ଓ ନାତି ପାଇଁ ଡିସେମ୍ବର ୩୦ ତାରିଖ ଶନିବାର ଦିନ ଗାଁରେ ଏକ ଭୋଜି ଦେବାକୁ ସ୍ଥିରକଲୁ ।

ହେଲେ ଭୋଜି ଅତି ସରଳ ରୂପେ କରିବାକୁ ଚାହୁଁଥିଲୁ । ଭୋଜି ବ୍ୟତୀତ ଆଉ କିଛି ବିଧି କରିବାକୁ ଇଚ୍ଛା ନଥିଲା । କାରଣ ହେଲା, ବାହାଘର ବେଳେ ଚିତା ସୁନ୍ଦର । ଏତେଦିନ ପରେ ଏମିତି ସବୁ ବିଧି ଓ ପାର୍ଟି କରିବାର ମନ ମରିଯାଇଥିଲା । ଦ୍ୱିତୀୟ କାରଣ ହେଲା, ଏ ସମୟରେ ଅନ୍ୟ ଝିଅମାନେ କି ପୁତୁରା, ଝିଆରୀମାନେ କେହି ନଥିଲେ । ସମସ୍ତେ ଏକାସାଙ୍ଗରେ ଥିଲେ, ସେମାନଙ୍କୁ ଦେଖିକି ପେଟ ପୂରିଯାଏ । ମନରେ ଓ ଶରୀରରେ ଶକ୍ତି ଆସେ । କଣ ଗୋଟିଏ ନୂଆ କରିବା ପାଇଁ, କୁଆଡେ ମିଶିକରି ବୁଲି ଯିବାପାଇଁ ଇଚ୍ଛାହୁଏ । ଘରର ଅନ୍ୟ ପିଲାମାନଙ୍କ ଅନୁପସ୍ଥିତିରେ କିଛିଟା ଅଭାବ ଅନୁଭୂତ ହେଉଥିଲା । ତେଣୁ ଘରେ ଗହଳଚହଳ ଥିଲେବି ତା' ମଧ୍ୟରେ କିଛିଟା ଶୂନ୍ୟତା ମଧ୍ୟ ଥିଲା । ଏମିତି ଦେଖିଲେ ସବୁ କିଛି ଅତି ଆଡମ୍ବରପୂର୍ଣ୍ଣ ନଥିଲେବି, ଘରେ ଓ ବାହାରେ ଉତ୍ସବର ବାତାବରଣ ରହିଥିଲା । ଘର ଆଗର ଦାଣ୍ଡ ଓ ଭୋଜିଖାଇବା ସ୍ଥାନ ସମସ୍ତ ରଙ୍ଗୀନ କପଡାରେ ଓ ଆଲୁଅରେ ସଜା ଯାଇଥିଲା ଏବଂ ବଙ୍ଗଳାରେ ବେଲୁନ୍‌ର ତୋରଣଟିଏ ତିଆରି କରାଯାଇଥିଲା । ପରିବେଶରେ ଉତ୍ସବର ଆନନ୍ଦ ଓ ସୁନ୍ଦରତା ଥିଲା । କିଛି

ISSN NO.
2582-208X

ବନ୍ଧୁବାନ୍ଧବଙ୍କୁ ଅନେକ ଦିନ ପରେ ଦେଖି ଭଲଲାଗିଲା । ହେଲେ ଖାଲି ଭୋଜି ହେଉହେଉ, ଏକ ମେଜିକ୍ ଶୋ ହେବବୋଲି ସ୍ଥିରହେଲା ଓ ସେ ମେଜିକ୍ ଶୋ ଭିତରେ କିଛିଟା ନାଚ ପ୍ରୋଗ୍ରାମ ରହିବ ବୋଲି ମଧ୍ୟ ବ୍ୟବସ୍ଥା କରାଗଲା । ସେସବୁ ବ୍ୟବସ୍ଥା ଅତି କମ ସମୟ ଭିତରେ ସ୍ଥିର ହୋଇଗଲା ।

ଗ୍ରାମବାସୀ ଓ ବନ୍ଧୁବାନ୍ଧବଙ୍କୁ ମିଶାଇ ପ୍ରାୟ ପାଞ୍ଚଶହ ବ୍ୟକ୍ତିଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା । ଘରର ଓ ପଡିଶାର କିଛି ଲୋକ ଖାଇପିଇ ସାରି ବଙ୍ଗଳାରେ ବସି ଗପଶପ କରୁଥିଲେ । ମାଇକ୍ ରେ ଗୀତ ବାଜୁଥିଲା ଓ ସନ୍ଧ୍ୟାବେଳେ ମେଜିକ୍ ଶୋ ହେବ ବୋଲି ପାଖ ଗ୍ରାମମାନଙ୍କରେ ପ୍ରଚାର କରାଯାଉଥିଲା ।

ଏମିତି ଏକ ସମୟରେ ପଦ୍ମାଳୟା ଆସି ପହଞ୍ଚିଯାଇଥିଲା ଓ ଯେତେ ଖାଦ୍ୟ ପଦାର୍ଥ ନେଇ ହେବ, ସେସବୁ ନେଇ, ଖିରି ପାଇଁ ସୁକାନ୍ତୀ ସହିତ ଯୁକ୍ତିତର୍କ କରି ପ୍ରସ୍ଥାନ କଲା ।

ପରେ ସମସ୍ତେ ସେ ସ୍ତ୍ରୀ ଲୋକ ବିଷୟରେ ଅନେକ କିଛି କହିଲେ । ଗାଁରେ ପ୍ରାୟ ପ୍ରତି ମାସରେ ତିନି ଚାରିଟା ଭୋଜିହେଉଛି । କାହାର ଜନ୍ମଦିନ ତ, କାହାରଶ୍ରାଦ୍ଧ । କିଏ ସରସ୍ୱତୀ ପୂଜା କଲାଣି ତ କିଏ ହୋଲିକଲାଣି । କାହାଘରେ ବାହାଘର ତ, କାହାଘରେ ଏକୋଇଶା ପୂଜା । ସେ ସ୍ତ୍ରୀ ଲୋକ ଜଣକ ଚାରି ପାଞ୍ଚ ଖଣ୍ଡ ଗାଁର ସମସ୍ତ ଭୋଜିର ହିସାବରଖେ । ଯେଉଁଠି ଭୋଜି ହେଉଥାଏ, ସେଠି ଡେକ୍‌ଚି, ହାଣ୍ଡି, ଡବା ଧରି ପହଞ୍ଚିଯାଏ। ଚାରିପାଞ୍ଚ ଦିନର ଖାଦ୍ୟ ଭର୍ତ୍ତିକରି ଘରକୁ ଆଣେ । ସେଥିରେ ତାର ଓ ତା' ଝିଅମାନଙ୍କର ଏମିତି ବର୍ଷକର ଖିଆପିଆ ହୋଇଯାଏ ।

ସତରେ, ପଦ୍ମାଳୟା ତ ନିଜ ଜୀବନରୁ ଅର୍ଥନୀତି ଶିଖିଯାଇଛି । ତାର ଓ ତା ପରିବାରର ବର୍ଷକର ଖାଇବା ଖର୍ଚ୍ଚ ଶୂନ ନହେଲେ ବି ଶୂନ ଭଳି । ଏଇଟା ତ ଏକ ବଡସଫଳତା ।

ISSN NO.
2582-208X

ତଥାପି ମୁଁ ଭାବୁଥିଲି, "ଇଏ କେମିତି ଜୀବନ ? ଆଜିକାଲି ସମାଜ କେତେ ଆଗେଇଲାଣି । ସ୍ତ୍ରୀ ଲୋକମାନଙ୍କର ଶିକ୍ଷା ଓ ସୁବିଧା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ଉପରେ ଯୋଜନା କରିଚାଲିଛନ୍ତି । ତଥାପି ଏମାନେ ଏମିତି ଏକ ଜୀବନକୁ କାହିଁକି ବାଛୁଛନ୍ତି ?'

ପଦ୍ମାଳୟା ଯିବା ପରେ ମଧ୍ୟ ତାର ସ୍ମୃତି ମୋ ମୁଣ୍ଡରେ ରହିଲା । ହଁ, ଏକଥା ସତ ଯେ, ଭୋଜିଭାତରେ ଅନେକ କିଛି ଖାଦ୍ୟ ବଳେ । ତାକୁ ନେଇ ଯଦି କିଏ ଖାଇଲା କି ଅନ୍ୟକୁ ଖୁଆଇଲା, ସେଥିରେ ଗୃହକର୍ତ୍ତା ସମସ୍ତେ ନିଶ୍ଚୟ ଖୁସିହେବେ । ସେଇ ଏକା କଥା ପଦ୍ମାଳୟା ଭଲଭାବେ ବି କରିପାରନ୍ତା । ସିଏ ଯଦି ଭଦ୍ର ଭାବେ ବ୍ୟବହାର କରନ୍ତା ଓ ନିଜପାଇଁ ଏକ ଭଲ ପ୍ରତିଛବି ସମସ୍ତଙ୍କ ପାଖରେ ତିଆରିକରି ରଖିଥାନ୍ତା, ଅନ୍ୟମାନେ ମଧ୍ୟ ତାକୁ ଭଦ୍ର ଭାବେ ନିମନ୍ତ୍ରଣ କରନ୍ତେ ଓ ଯାଚିକରି ଖାଦ୍ୟ ତା' ଘରେ ବାଣ୍ଟିଆସନ୍ତେ । କିନ୍ତୁ ପଦ୍ମାଳୟାର ଚରିତ୍ର ହିଁ ପ୍ରଶ୍ନବାଚୀ । ସିଏ ପାଖଆଖ ଗ୍ରାମର ସମସ୍ତ ପରିବାରକୁ ଡରେଇ ରଖିଛି । ବିଶେଷକରି ପୁରୁଷମାନେ ତାକୁ କଥା କହିବାକୁ ଡରନ୍ତି । କିଏ ବି ଯଦି ଟିକେ ସମବେଦନା ଦେଖେଇବ ତ ସିଏ ତାକୁ ଭିଡିଓ କରି ଅନ୍ୟ ଅର୍ଥ କରି ପୋଲିସରେ ଅଭିଯୋଗ ଲେଖିବ ଓ ତାକୁ ବ୍ଲାକମେଲ୍ କରି ଟଙ୍କା ଆଦାୟ କରିବ । କିଏ ଯଦି ଆକଟ କଲା, ତାକୁ ମଧ୍ୟ ସିଏ ଅନ୍ୟ ଅର୍ଥ କରି, ଭିଡିଓ କରିବ । ସିଏ ଏକା ନୁହେଁ, ତାରଚାରି ଝିଅ ମଧ୍ୟ ତାର ସଙ୍ଗୀ ।

ଅଭାବେ ସ୍ୱଭାବ ନଷ୍ଟ । ହୁଏତ ଅଭାବରେ ପଡି ସିଏଏମିତି କରୁଛି । କିଏ ଜାଣେ ? ମୁଁ ତା' ମନ ଭିତରକୁ ଯେତେ ପଶିବାକୁ ଚେଷ୍ଟା କଲିସେତେ ବ୍ୟର୍ଥ ହେଲି । ତା' ଭଳି ଅବସ୍ଥାରେ ଥଲେ ମୁଁ କଣ କରିଥାନ୍ତି, ମୁଁ ଜାଣିନି । ହୁଏତ କେଉଁ ପୁରୁଷ ତାକୁ ନିଶ୍ଚୟ ଖରାପ ବ୍ୟବହାର କରିଛି, କି ତାର ପରିସ୍ଥିତିର ସୁଯୋଗ ନେବାକୁ ଚେଷ୍ଟା କରିଛି । ହୁଏତ

ISSN NO.
2582-208X

ସେଥିପାଇଁ ସିଏ ଏମିତି ଏକ ଜୀବନ ବାଛିଚି । ମଣିଷକୁ ଡରିଲେ, ସେମାନେ ଡରେଇବେ। କିନ୍ତୁ ନିଜେ ଯଦି ସେମାନଙ୍କୁ ଡରେଇବ, ଅନ୍ୟମାନେ ଡରିବେ, ପାଖରେ ପଶିବେନି । ହୁଏତ ସେଥିପାଇଁ ସେ ପଦ୍ମାଳୟା ଏମିତି ଏକ ଅସ୍ତ୍ର ନିଜ ପାଇଁ ଓ ନିଜ ଝିଅଙ୍କ ପାଇଁ ତିଆରିକରିଛି । କିଏ ଜାଣେ ପ୍ରକୃତ ଘଟଣା କଣ ? କିଏ ଜାଣେ ଅନ୍ୟ କାହାର ମନସ୍ତତ୍ୱ କେମିତି କାମକରେ ?

ଜୀବନରେ ମୁଁ ବି ଅନେକ ସମୟରେ ଭୁଲ କରିଛି । ମୋ ଯୋଜନାରେ ଯଦି କିଛି ବି ବ୍ୟତିକ୍ରମ ହୋଇଯାଏ, ମୁଁ ବ୍ୟସ୍ତ ହୋଇଯାଏ ଓ ଚାପଗ୍ରସ୍ତ ହୋଇଯାଏ । କାରଣ ମୋ ସ୍ୱଭାବ ଅନୁଯାୟୀ ସବୁକାମ ଏକ ନିର୍ଦ୍ଦିଷ୍ଟ ସମୟରେ ହେବାଉଚିତ । ଠିକ୍ ସମୟରେ ଆରମ୍ଭ ଓ ଠିକ୍ ସମୟରେ ଶେଷହେବା ଉଚିତ୍ । ଯଦିଓ ସେସବୁ କାମ ପାଇଁ ମୁଁ ଆଗରୁ ପ୍ରସ୍ତୁତି କରେ ଓ ଯୋଜନା କରେ, ତେବେ ଅନ୍ୟ କିଛି କାରଣରୁ ସେସବୁ ସେମିତି ଭାବେ ହୁଏନି । ସେ ସମୟରେ ମୁଁ ଚାପଗ୍ରସ୍ତ ରହେ । ଯଦିଓ ମୁଁ ଜାଣେ, ଚାପଗ୍ରସ୍ତ ହେବା ଭଲ ନୁହେଁ, ତଥାପି ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ମୋ ମୁଣ୍ଡର ସେ ଚାପ ରହେ । ସେଇ ମୁହୂର୍ତ୍ତରେ ଆଉ କିଛି ବିଶୃଙ୍ଖଳା ଆସିଲେ, ମୁଁ ଆଉ କୌଣସିଥିରେ ମୁଣ୍ଡ ପୂରେଇ ପାରେନି । ଘରେ ରୋଷେଇ ହେଲା କି ନାହିଁ, ଘରେ କିଏ ଅତିଥି ଅଛନ୍ତି କି ନାହିଁ, କାହାର କଣ ଦରକାର, ସେସବୁ ମୋ ମୁଣ୍ଡର ପଶେନି । ଏମିତି କି ନିଜର ଆବଶ୍ୟକତା ମଧ୍ୟ ଭୁଲିଯାଏ । ଆଉ ମୋତେ ଚାପଗ୍ରସ୍ତ କରିବା ଦିଗରେ ଅନେକ ସମୟରେ ମୋ ପରିବାରର ଅନ୍ୟ ସଦସ୍ୟଙ୍କର, ବିଶେଷକରି ମୋ ସ୍ୱାମୀଙ୍କର ଅକସ୍ମାତ୍ ଘଟଣା ଘଟାଇବା ପ୍ରକୃତି ଇନ୍ଧନ ଯୋଗାଏ । ଅନେକ ସମୟରେ ସିଏ ହଠାତ୍ କିଛି ଗୋଟିଏ ନୂଆ କରିବାର ନିର୍ଣ୍ଣୟ ନେଇଯାନ୍ତି । କାମ ପାଇଁ ଭାବିବାକୁ ସମୟ ନଥାଏ, ଭାବିବା ପୂର୍ବରୁ କିଛି ଘଟିଯାଏ । ଯାହା କିଛି ଯେକୌଣସି ସମୟରେ ତାଙ୍କ ମୁଣ୍ଡର ପଶେ, ସେସମୟରେ ସେସବୁ ହେବା ଉଚିତ୍ । ସେସବୁର ପ୍ରଭାବ ମୋ ଜୀବନରେ ପଡେ । ମୋ ବ୍ୟବସାୟିକ କାମରେ ମଧ୍ୟ

ISSN NO.
2582-208X

ବାଧା ଆସେ । ସେ ସମୟରେ ବେଳେବେଳେ ମୋର ବ୍ୟବହାର ଠିକ୍ ରହେନି, ଯେଉଁଥିପାଇଁ ମୁଁ ପରେ ବୁଝେ ଓ ଅନୁତାପ କରେ ।

ହୁଏତ ପଦ୍ମାଳୟା ମଧ୍ୟ ବୁଝିଛି ଯେ ସିଏ ଯାହା କରୁଛି, ସେସବୁ ଠିକ୍ ନୁହେଁ । କିନ୍ତୁ, ସେସବୁ କରିବା ବ୍ୟତୀତ ତାର ଅନ୍ୟ କିଛି ଉପାୟ ନାହିଁ । ପ୍ରତିଦିନର ଖାଦ୍ୟ ଯୋଗାଡ କରିବାକୁ ଅର୍ଥ ଦରକାର । ଯଦି ସେ ଅର୍ଥ ତା' ପାଖରେ ନାହିଁ, ତାହେଲେ ଏମିତି ଜବରଦସ୍ତ କରି ସମସ୍ତଙ୍କ ଭୋଜିରୁ ଖାଦ୍ୟ ଯୋଗାଡ କରିବାରେ କ୍ଷତି କଣ ?

ଛାଡ, ମୋର ସେଥିରେ ଭାବିବାର କଣ ଅଛି । ଦୁନିଆରେ ଅନେକ ପ୍ରକୃତିର ମଣିଷ ଅଛନ୍ତି । ନିଜକୁ ଚଳେଇବା ପାଇଁ, ଏ ସଂସାରରେ ବଞ୍ଚିରହିବା ପାଇଁ ନିଜ କାମର ମାର୍ଗ ସେମାନେ ନିଜେ ନିରୂପଣ କରୁଛନ୍ତି । ସେମାନଙ୍କୁ ଭାବିବସିଲେ, ନିଜ ପାଇଁ ଭାବିବାକୁ ସମୟ ବଳିବନି ।

ସନ୍ଧ୍ୟାବେଳେ ସମସ୍ତେ ମେଜିକ୍ ଶୋ ଦେଖିବାରେ ଓ ନାଚ ଉପଭୋଗ କରିବାରେ ବ୍ୟସ୍ତ ରହିଲେ । ଏମିତିରେ ଗହଳି ଥିଲା । ହେଲେ ପଦ୍ମାଳୟା ସେଠିକୁ ଆସିଥିଲା କି ନାହିଁ ମୁଁ ଜାଣିନି । ତା' ପରଦିନ ଡିସେମ୍ବର ୩୧ ତାରିଖ ରବିବାରରେ, ମଧ୍ୟାହ୍ନ ଭୋଜନ ପରେ ଆମେମାନେ ଭୁବନେଶ୍ୱର ଫେରିଆସିଲୁ । ପଦ୍ମାଳୟାର କଥା ସେଇଠି ରହିଗଲା ।

ଭୁବନେଶ୍ୱର ଫେରିବା ବାଟରେ ପାଣିକୋଇଲି ପାଖରେ ତେଲ ଭର୍ତ୍ତିକରିବା ପାଇଁ ଡ୍ରାଇଭର୍ ଅଟକିଲା । ଗ୍ୟାସ୍ ଷ୍ଟେସନର ଜଣେ କର୍ମଚାରୀ ତେଲ ଭର୍ତ୍ତି କରୁଥିବାବେଳେ ଜଣେ ସ୍ତ୍ରୀ ଲୋକ ଆସିଲା । ସଜେଇ ହୋଇଥାଏ ଏମିତି କି ଯେମିତି ଯାତ୍ରାରେ ପାର୍ଟକରିବା ପାଇଁ ପ୍ରସ୍ତୁତ ହୋଇଛି । ସିଏ ତା ମୁହଁରେ କେତେ ରକମର ମେକ୍ଅପ୍ ଲଗେଇଥିଲା, ଓଠରେ ଲିପ୍ଷ୍ଟିକ୍, ଓ ଚିକ୍ମିକ୍ ଶାଢୀ ସାଙ୍ଗକୁ ଗଭାରେ ଫୁଲ ଖୋସିଥିଲା। ସିଏଆସି କାର ଝରକାରେ ମୁହଁ ଦେଖେଇ ମୋ ସ୍ୱାମୀଙ୍କୁ ଓ ଜୁଆଁଇକୁ ଟଙ୍କା ମାଗିଲା । ସିଏ ଯେମିତି

ISSN NO.
2582-208X

ଅଭିନୟ ଭଙ୍ଗୀରେ ଓ ଠାଣିରେ କଥାହେଲା, ତାକୁ ଦେଖି ଦୟା କରିବା ବଦଳରେ ମୋ ମନରେ ରାଗ ଓ ଘୃଣା ଆସିଲା । ଭାବିଲି କହିବି, "ବଳ, ବୟସ ଥିବା ସ୍ତ୍ରୀ ଲୋକଟିଏ ତୁ। କିଛି କାମ କରୁନୁ । ସେ ଗ୍ୟାସ୍ ଷ୍ଟେସନ୍ ରେ ଝାଡୁପୋଛା କି ବିକାବିକି କରୁନୁ । ଗାଡି ଧୋଉନୁ । ଗ୍ୟାସ୍ ଭର୍ତ୍ତିକରିବାରେ ସାହାଯ୍ୟ କରୁନୁ । ଆସିକିରି ସଜବାଜ ହେଇ ଟଙ୍କା ମାଗୁଛୁ । ତତେ କିଏ କାହିଁକି ଟଙ୍କା ଦବ ?'

ଡ୍ରାଇଭର୍ ସାବଧାନ କରେଇଦେଲା, "ଝରକା ଖୋଲନ୍ତୁନି କି ସେ ସ୍ତ୍ରୀ ଲୋକ ସହିତ କିଛି କଥାବାର୍ତ୍ତା କରନ୍ତୁନି କି ଟଙ୍କା ଦିଅନ୍ତୁନି ।'

ମୋର ମନେହେଲା, ହୁଏତ ଓଡିଶାରେ ଏବେ ଅନେକ ସ୍ତ୍ରୀ ଲୋକ ମହିଳା ସଶକ୍ତୀକରଣକୁ ଭୁଲ୍ ଅର୍ଥରେ ନେଉଛନ୍ତି । ତାଲିମ୍ ପାଇ ନିଜକୁ କୌଣସି ବୃତ୍ତିରେ ଦକ୍ଷ କରାଇବା ପରିବର୍ତ୍ତେ ସେମାନେ ସୁବିଧାବାଦୀ ହେଉଛନ୍ତି ଓ ଭୁଲ୍‌ବାଟକୁ ଆପଣାଉଛନ୍ତି । ଗାଁ ଗହଳରେ କେତେକେତେ ବୟସ୍କ ବ୍ୟକ୍ତି ରହୁଛନ୍ତି । ଗାଁ ଗହଳରେ କାହିଁକି, ପ୍ରତି ସହରରେ ମଧ୍ୟ ବୟସ୍କ ବ୍ୟକ୍ତି ରହୁଛନ୍ତି । ସେମାନଙ୍କୁ ସାହାଯ୍ୟ କରି କଣ ଏମାନେ ନିତିଦିନର ଗୁଜୁରାଣ ମେଣ୍ଟେଇ ପାରନ୍ତେନି ? କାହା ଘରର ସଫାସଫି ଦାୟିତ୍ୱ ନେଇ, କାହାଘରେ ରୋଷେଇ କରିବାର ଦାୟିତ୍ୱ ନେଇ ଏମାନେ କଣ ଗୁଜୁରାଣ ମେଣ୍ଟେଇ ପାରନ୍ତେନି ? ଡ୍ରାଇଭର ହୋଇ ତ ଏମାନେ ଭଲ ରୋଜଗାର କରିପାରନ୍ତେ । ହେଲେ ସେସବୁ କାମ କରିବାକୁ ଏମାନେ ମନ କରିବେନି । ସେତେବେଳକୁ ସେମାନଙ୍କ ସ୍ୱାଭିମାନ ଆସିଯିବ । କାହାର ଆଦେଶ ମାନିବା, କାହାର ସେବାକରିବା, ଜଣାଶୁଣା କାହା ଘରେ କାମ କରିବାରେ ସେମାନଙ୍କ ସ୍ୱାଧୀନତା ଚାଲିଯିବ । ହେଲେ ଭିକ ମାଗିବାକୁ, ଅନ୍ୟକୁ ଡରେଇବାକୁ, ଜବରଦସ୍ତ ଅନ୍ୟ ଘରୁ ଖାଦ୍ୟପଦାର୍ଥ ନେବାକୁ ସେମାନଙ୍କୁ ଖରାପ ଲାଗେନି।

ତାକୁ ଦେଖି ମୋର ପୁଣି ସେ ପଦ୍ମାଳୟା କଥା ମନକୁଆସିଲା । ଏମିତି ସବୁଚରିତ୍ରଙ୍କୁ ସୁଧାରିବାର କଣ କିଛି ଉପାୟ ନାହିଁ ? ରାଜ୍ୟସରକାରଙ୍କର ମହିଳାସଶକ୍ତୀକରଣ କଣ

ISSN NO.
2582-208X

ଗୋଟିଏ ଛଳନା ? ମିଥ୍ୟା ରାଜନୈତିକ ପ୍ରଚାର ? ଯଦିରାଜ୍ୟରଲୋକଙ୍କ ମନରେ ସ୍ୱାଭିମାନ ନାହିଁ, ସ୍ୱାଭିମାନର ସଚେତନତା ନାହିଁ, ତେବେ ସେ ରାଜ୍ୟ ସବୁବେଳେ ପଛୁଆ ହୋଇ ପଡିରହିବ । ଯେତେ ଗଗନଚୁମ୍ବୀ କୋଠା ଗଢିଲେବି, ଯେତେ ସଡକ ଚଉଡା କଲେବି, ଯେତେ ବାହ୍ୟ ଚାକଚକ୍ୟ ରହିଲେବି, ଭିତରଟା ଦୁର୍ବଳ ହୋଇରହିବ । ମୁଁ ସେସବୁ ଦେଖୁଥିଲି । ମୋ ଚାରିପଟର ମଣିଷମାନଙ୍କ ଭିତରେ ସ୍ୱାଭିମାନର ଅଭାବ ଦେଖୁଥିଲି ।

ରାସ୍ତାର ଦୁଇପାର୍ଶ୍ୱରେ ନବବର୍ଷର ଶୁଭେଚ୍ଛା ପାଇଁ ଅନେକ ସବୁ ପୋଷ୍ଟର ଲାଗିଥିଲା । ସେ ପୋଷ୍ଟର ମାନଙ୍କରେ ଅନେକ ସ୍ଥାନରେ ମହିଳାମାନଙ୍କର ଚିତ୍ର ଥିଲା । ସେମାନଙ୍କ ମଧ୍ୟରେ କିଏ ୱାର୍ଡମେମ୍ବର, କିଏ ସରପଞ୍ଚ, କିଏ ଏମ୍.ଏଲ୍.ଏ, କିଏ ମନ୍ତ୍ରୀ ତ କିଏ ପୁଣି ସମାଜସେବୀ ଥିଲେ । ସେମାନେ ସମସ୍ତେ ହାତଯୋଡି ଥିଲେ ଓ ମହିଳା ସଶକ୍ତୀକରଣର ବାର୍ତ୍ତା ଦେଉଥିଲେ ।

-0-

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ପ୍ରୀତି ତରପଣ



ଡ. ଶକୁନ୍ତଳା (ନାୟକ) ଗୁପ୍ତା

ତୋତେ ଧିଆଇବା ପରଠୁଁ
ଏ ସୃଷ୍ଟିରେ
ମୋତେ କିଛି ଦିଶେ ନାହିଁ
ନା ସୂର୍ଯ୍ୟ-ଚନ୍ଦ୍ରମାର ଗତି
ନା ଗଗନ, ବିହଙ୍ଗ, ନା ଋତୁରଙ୍ଗ
ନା ଆସ୍ଥାନ, ନା କଳେବର,
ନା ରସରସନା ପ୍ରତ୍ୟୟ
ମୋତେ କିଛି ଦିଶେ ନାହିଁ

ମୁଁ ଏକ ହୀନିମାନ ଆଦିମ ହୃଦୟ
ମୋ ବୟସରୁ ଅଧିକ ପୁରାତନ
କେବଳ ପ୍ରେମ ସାଇତିବାକୁ ବଳାଏ ମନ
ମୋ ମାନ-ସରୋବରେ
ଏତନ ବିଚରଣକାରୀ,
ଏଣିକି ଅସ୍ତୁ ବୋଲି କହ !

ମୁଁ ମାଗେ ତୋ ପୟର ଅମୃତ
ତୁ ଢାଳୁ ଅଯାଚିତ ବିରାଗ ଆଶ୍ଲେଷ
ମୋ ସଂସାରରେ
ତୁ ଗୁଠ ଗୁଠ ମାୟାମୃଗ

ISSN NO.
2582-208X

ତୋ ପ୍ରେମରେ ବିରହ ଢଳଢଳ
ପରମ, ଶିଖେଇଦେ ମୋତେ -
କେମିତି କରନ୍ତି କଣ୍ଠସ୍ଥ
ଜଗତର ହଳାହଳ ବିଷ !

ତୁ ହିଁ ସାଜୁ ବନଚର ନିଷାଦ,
ତୁ ହିଁ ସେଇ ପ୍ରାଣଭେଦି ନିର୍ମମ ବ୍ୟାଧଶର
ମୁଁ ଏକ ବିଷାଦିତ ସାରସ
ତୁ ମୋରି ଲୋତକରେ ଲେଖୁ ଆଦ୍ୟକାବ୍ୟ
ମୋ ପିତୁଳିରେ ତୋର ଅନାଦି କାଳରୁ ବସା
ମୋ ଜୀବନ ତୋ କିରାତୀ ମୃଗୟା ସ୍ଥଳ

ଥୋକେ ମଟାଳ ମାଟିରୁ ମୋ ପିଣ୍ଡ
ତୋ ସମୟଚକ-ମଣୋହିରେ ମୁଁ ଘୁରୁଚି;
ଯେପରି ମନ୍ତ୍ରର ତାଳେ ତାଳେ ନାଚେ
ଆବାହନୀ ଲୟର ବାଦ୍ୟ ବାଦନ
ଏଥର ବାଦ ବଚସା ତୁଟା
ମୋତେ ଦେ ଶେଷ ବିଦାୟ;

ବା,
ଆ, ବ'
ବାରେ ମୋଠେଁ
ଆଳାପ ମୋ ହାତଧରି

ସଞ୍ଜିବନୀ ସରଞ୍ଜାମ
ପ୍ରୀତି ତରପଣେ
ଉଦ୍ଧର ତୋ ମୃଣ୍ମୟ ପରଶରେ,

ISSN NO.
2582-208X

ପ୍ରେମର ଚେତନ ଆଭାକୁ
କର ଆବାହନ,
ମୋ ଘଟତୁମ୍ବୀରେ ଅଖୁଣ ରୂପ ଦେ
ମୋତେ ଦେ ଜୀବଦାନ!

~

ଅଖୁଣ- ଅଖଣ୍ଡ,ପୂର୍ଣ୍ଣ
ମଣୋହି -ନୀତି
ସମୟ ଚକ ମଣୋହି - କାଳସର୍ପ ଦଶା
ଏତନ - ସତତ
ବିରାଗ- ଅପ୍ରୀତ, ଅପବାଦ
ବ୍ୟାଧ- ଶିକାରୀ
ନିଷାଦ- ଶବର, କିରାତ
ତୁମ୍ବୀ - ଲାଉ ପାତ୍ର
ମୃଗୟା -ଶୀକାର

ଅଧ୍ୟାପିକା, ଡାମିଟସ୍, ରାଉରକେଲା

ISSN NO.
2582-208X

# ତୁମକୁ ଖୋଜୁଛି



ଡଃ ମାଙ୍ଗଳିକା ମହାପାତ୍ର

ତୁମକୁ ଖୋଜୁଛି
ମୋ ମନ ଭିତରେ
ମୋ ହୃଦୟର ପ୍ରତିଟି କୋଠରୀରେ
ମୋ ଜୀବନର ପରିଧିରେ
ମୋ ଆଖ ପାଖରେ
ମୋ ସ୍ମୃତିର ବଳୟରେ
ମୋ ଆଖିର ପଲକରେ
ମୋ ସ୍ୱପ୍ନର ସହରରେ
ମୋ ଅକୁହା ଭାଷାରେ
ମୋ ପ୍ରତିଟି କବିତାରେ
ମୋ ପ୍ରତିଟି ଗଳ୍ପରେ
ମୋ ନିରବତା ରେ
ମୋ ଖିଲ୍ ଖିଲ୍ ହସରେ
ମୋ ପାଉଁଜି ଶବ୍ଦରେ
ମୋ ଚପଳତାରେ
ତୁମେ କେବେ ଦେଇଥିବା
ଶୁଖିଲା ଗୋଲାପ ପାଖୁଡ଼ାରେ

ISSN NO.
2582-208X

ହେଲେ ମୋ ଖୋଜିବା ଯେ ବୃଥା
ତୁମେ ଅଛ ଯେ ମୋ ସାରା ସତ୍ତାରେ
ଦେଖୁଛ ମତେ ସରଳ ଚାହାଣୀରେ
ମୋ ପ୍ରତିଟି ଖୁସିର ମୁହୂର୍ତ୍ତରେ
ଦୂରରେ ଥିଲେ ବି ଅନୁଭବେ
ତୁମ ଉପସ୍ଥିତି ଅତି ନିକଟରେ...

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# କବିତା



ନୀଳମଣି ଗୁନ୍ଦ

ନିଭୃତରେ ଆସେ ମନ ଇଲାକାକୁ
ଅଜଣା ପଥିକ ପରି
ପାରାବାରଟିର ଲହଡ଼ି ସମ ସେ
ଦିଏ ଆନ୍ଦୋଳିତ କରି ।

ସ୍ରଷ୍ଟାର ପାଇଁ ଏ ଅମୃତ ବେଳା
ସର୍ଜନା କରିଦିଏ
ତା ସୃଷ୍ଟିରେ ହୁଏ  ଅଙ୍କୁରୋଦ୍ଗମ
ସିଏ ସିନା ଭାବିନିଏ ।

ଉତ୍ସାହ ଭରା ନବ ଉନ୍ମାଦନା
ସତେ ବହେ ଭାବଧାର
ମସୀ ଲେଖିଯିବ କବିତାରୁ ପୁଞ୍ଜେ
ଯେ ଭାଷାର ଗଳାହାର ।

ISSN NO.
2582-208X

କବିତା ସବିତା, କବିତା ଶଶାଙ୍କ
ଚୁମ୍ବକ ପରି ଟାଣେ
ବିଦ୍ୱାନ ଯିଏ କବିତାର ଅର୍ଥ
ମର୍ମେ ମର୍ମେ ଯେ ଜାଣେ ।

କିଏ ହୋଇଯାଏ କାଳଜୟୀ ପରା
କିଏ ପାଠକକୁ ଛୁଏଁ
ଇତିରି ମିତିରି ଭାବିବାନି ତାକୁ
ସିଏରେ ଅଳୀକ ନୁହେଁ ।

ସାହିତ୍ୟ କେଦାରେ ହେମଶସ୍ୟ ସିଏ
ତା ମୂଲ ଅମୂଲ ମୂଲ
କିଏସେ ଦେବରେ କବିତା ଉପମା
କବିତା କବିତା ତୁଲ ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

ISSN NO.
2582-208X

# ସତ କହିବାକୁ କଆଁ ଡରିବି



ଅଳକା ମହାନ୍ତ

## ନୂତନ ବର୍ଷରେ କଛି ପୁରୁଣା ସ୍ମୃତି

ମନରେ ଅନେକ ଭାବନା ଆସେ । ଅନେକ ଆଶା ଆଉ ସ୍ୱପ୍ନ ସୃଷ୍ଟି ହୁଏ । କିଛି ଅପୂରଣୀୟ କ୍ଷତି, କିଛି ଅଧୁରା ସ୍ୱପ୍ନ, କିଛି ଅବଶୋଷ ମନ ରେ ବାସ କରି ରହି ଯାଇଥାନ୍ତି । ତାକୁ ଭୁଲି ହୁଏନି କି ମନରୁ ସମ୍ପୂର୍ଣ୍ଣ ଲିଭାଇ ଦେଇ ହୁଏନି । ମନର କାନଭାସ୍ ରେ କିଛି କୌତୁହଳ ପୂର୍ଣ୍ଣ, କିଛି ବିଷାଦ ମୟ ତ କିଛି ସୁଖଦ ଘଟଣା ଆମକୁ ଜୀବନ ଜିଇଁବାକୁ ଖୋରାକ ଯୋଗାଇ ଥାଆନ୍ତି । କେବେ କେବେ ମୋତେ ସେ ସ୍ମୃତି ଭିତରୁ କିଛି ସ୍ମୃତି କନ୍ଦାଇ ଦିଏ ତ କିଏ ହସାଇ ଥାଏ । ଏବେ ଏବେ ଆମେ ନୂଆ ବର୍ଷ ରେ ପଦାର୍ପଣ କରିଛୁ । ମନେ ପଡେ ମୋର ପିଲାଦିନ ର ଗୋଟେ ଛୋଟ ସ୍ମୃତିଟିଏ । ମନେ ପଡୁଛି ପିଲା ଦିନର ନୂଆ ବର୍ଷ ପାଳନ ଅବସରରେ ଘଟିଥିବା ଗୋଟେ ଘଟଣା । ଏଥିରେ ସଂଶ୍ଳିଷ୍ଟ କିଛି ଲୋକ ଅଛନ୍ତି ଆଉ କିଛି ନିଜର ଶରୀର ଛାଡ଼ି ଦେଲେଣି । ହେଲେ ଯାହା ମୁଁ ଆଗରୁ କହିଛି, କିଛି କଥାକୁ ମନରୁ ଲିଭାଇ ହୁଏନି । ବୋଲ୍ଡ ଲେଟରରେ ଲେଖା, ଅଣ୍ଡର ଲାଇନ ହୋଇ ଯେମିତି ଡି ଡ୍ରାଇଭ୍ ରେ ସେଭ୍ ହୋଇ ରହିବା ପରି ।

ମୁଁ ଗାଁ ସ୍କୁଲ୍ ରେ ଷଷ୍ଠ ଶ୍ରେଣୀରେ ପଢୁଥାଏ । ମୋ ଭାଇମାନେ ମୋ ଠାରୁ ଟିକେ ୬/୭ ବର୍ଷ ବୟସ ରେ ବଡ଼ ବୋଲି ତାଙ୍କର ସ୍କୁଲ୍ ପଢା ସରି ଯାଇଥାଏ । ପ୍ରତିବର୍ଷ ନୂଆବର୍ଷ ପାଇଁ ଗାଁରେ ସମବୟସ୍କ ଲୋକ ବା ପିଲାମାନେ ନିଜ ନିଜ ସମ୍ବଳ ବା ରୁଚି ଅନୁଯାୟୀ ପାଳନ କରନ୍ତି । ଘରେ ବୋଉ, କିଛି କିଛି ଭଲ ଆଇଟମ ବନାଇ ଆମକୁ ଖାଇବାକୁ ଦିଏ । ସ୍କୁଲ ରେ ଆମର ଶୀତକାଳୀନ ଛୁଟି କୁ ବଡଦିନ ଛୁଟି ବୋଲି କହୁ । ଶୀତ ଦିନେ ବିଲ ବାରି

ISSN NO.
2582-208X

ରେ ବୁଲି ବିରି ଛୁଇଁ, ମୁଗ ଛୁଇଁ ତୋଳା ହୁଏ, ତାକୁ କଞ୍ଚା ବା ସିଝା କରି ଅଗଣା ସେ ଖରା ସେ ବସି ଖାଇ ଖାଇ  ସମୟ ଅତିବାହିତ କରିବାର ଖୁସି ନିଆରା। ନୂଆ ଆଳୁ ପୋଡ଼ା ବା ଘରେ ଆଳୁ ଚପ୍ ବି ରୀତିମତ ଖିଆ ହୁଏ। ଧନିଆ ପତ୍ର ଚଟଣୀ ଆଉ ଟମାଟୋ ଖଟା ରୋଜ ସାଇଡ୍ ଆଇଟମ। ଚୁଲି ମୁଣ୍ଡେ ବସି ନିଆଁ ପୁଇଁବା ବା ଦେହ କୁ ଗରମ କରାଇବା ମଜା ଗାଁ ରେ ବହୁତ ବଢିଆ। ଆଉ ଗରମ ଗରମ ବୋଉ ହାତର ରୋଷେଇ ସେଇ ଚୁଲି ମୁଣ୍ଡରେ ବସି ଖାଇବାକୁ ଇଚ୍ଛା। ଗ୍ରାମ୍ୟ ଜୀବନରେ ଶୀତ ଦିନ ହେଲା ଲକ୍ଷ୍ମୀଙ୍କ ମାସ। ସେଥିରେ ଘର ବାରି ନୂଆ ଫସଲ ଆଉ ଫୁଲ ରେ ଭରି ହୋଇ ଥାଏ। ଇଂରାଜୀ ନବ ବର୍ଷ ବି ଆସେ ଏଇ ଶୀତ ଦିନରେ। ମୋର ପ୍ରତିବର୍ଷ ମନେ ପଡେ, ସେ ବର୍ଷ ନୂଆ ବର୍ଷ କୁ ମୁଁ କିପରି ସ୍ୱାଗତ କରିଥିଲି।

ଆମେ ପିଲାମାନେ, ଘରୁ ଚାଉଳ, ଡାଲି, ପରିବା ଆଣି ଘର ସାମ୍ନା  ବଗିଚାରେ ରୋଷାଇ କରୁ। ଆମ ଉତ୍ସୁକତା ଦେଖି ସାହିର ଖୁଡି, ଭାଉଜ ମାନେ ଆମର ସହାୟତା କରି ରୋଷେଇ କାର୍ଯ୍ୟ କୁ ସମ୍ପାଦନ କରିଦିଅନ୍ତି। ତଳେ ମାଟି ଉପରେ ବସି, ବାରି ରୁ କଟା କଦଳୀ ପତ୍ର ରେ ଭାତ ଡାଲମାରେ ଯେଉଁ ସ୍ୱାଦ ଆଉ ଆନନ୍ଦ ଥିଲା, କେଜାଣି କେବେ ବି ଆଉ କୋଉଥିରେ ମିଳିନି। ବଡ଼ ଭାଇ ମାନଙ୍କର ଟିକେ ଉଚ୍ଚ ଧରଣର ଭୋଜି ହୁଏ। କେବେ କେବେ ମୁଁ ସାନଟେ ଥାଏ ବୋଲି, କିଛି କିଛି ରାତି ଅଧରେ ମୋ ପାଇଁ  ଆଣି ଘରକୁ ଆସନ୍ତି। ସେ ବର୍ଷ ସେମାନେ ବି ଭୋଜି କଲେ। ଅତ୍ୟନ୍ତ ଖୁସିର ମାହୋଲ୍। ତାଙ୍କ ଭୋଜିରେ ମଧ୍ୟ ଆଳୁ ଚପ ସାମିଲ୍ ହୋଇଥିଲା। ମୋ ପାଇଁ ଭାଇ ଆଣିଥିଲା। ସେମାନେ କଥା ହେଉଥିଲେ ଯେ ସ୍କୁଲ୍ ବାରି ରୁ କିଛି ଟମୋଟୋ, ପିଆଜ ନେଇଥିଲେ ଭୋଜି କରିବାକୁ।

ଦୁଇ ତାରିଖକୁ ସ୍କୁଲ୍ ଖୋଲିଗଲା। ଆମ ସ୍କୁଲ୍ ର ବଗିଚାରେ ଆମ ସାର ମାନେ ଆମକୁ ଫୁଲ ଆଉ ପନିପରିବା ଲଗାଇବା କାମ ଶିଖାନ୍ତି। ଆମେ ପାଖ ପୋଖରୀ ରୁ ପାଣି ବୋହି ସେଥିରେ ଦେଇ ତାକୁ ବଡ କରୁ। ହେଲେ ସେ ପନିପରିବା ସବୁ ଆମ ସାର୍ ମାନେ ଘରକୁ ନିଅନ୍ତି। ସେଇଟା ଆମର ପରମ୍ପରା ବୋଲି ଆମେ ଜାଣିଥାଉ। ସେଦିନ ସ୍କୁଲ୍ ରେ ପହଞ୍ଚି ଦେଖିଲୁ -- ଶାଗ, ପିଆଜ, ଆଳୁ, ଟମାଟୋ, ବନ୍ଧା କୋବି, କଞ୍ଚାଲଙ୍କା ଏମିତି ସବୁ ପଟାଳୀ ଅଧା ଅଧା ଉପୁଡ଼ା, ଛିଣ୍ଡା ହୋଇ ଯାଇଛି। ସାରେ ମାନେ ତ ରାଗରେ ନାଲି ପଡି

ISSN NO.
2582-208X

ପଚରା ଉଚରା କରି ଚାଲିଛନ୍ତି। ମୁଁ ବି ବଗିଚାକୁ ଦେଖି ଦୁଃଖୀ ହୋଇ ପଡିଲି। ଆମେ ଏତେ କଷ୍ଟ କରି ପାଣି ଦେଇ ବଡ଼ କଲୁ। ଫଳ ସବୁ ଚୋରି ହୋଇ ଗଲା ବୋଲି। ଆମ ବଡ଼ ଭାଇଙ୍କର ସାଙ୍ଗମାନଙ୍କର ଯେତେ ସବୁ ମୋ ପରି ପିଲା ପଢୁଥିଲେ, ସାର ତାଙ୍କୁ ଡାକି ପଚାରିଲେ। କହିଲେ, "କୁହ, ତୁମେ ଜାଣିଛ କିଏ ଚୋରି କରିଛି ?" ପିଲା ମନେ ସମସ୍ତେ ତାଙ୍କୁ ମନା କରିଛନ୍ତି। ସେ କଥା ମୁଁ ଜାଣିନି। ମୋତେ ଅଫିସ କୁ ଡାକି ପଚାରିଲେ ସାର୍,

--'ତୋ ଭାଇ ମାନେ କାଲି ନିଉ ଇୟର ଭୋଜି କରିଥିଲେ ?

-- ହଁ ସାର୍, ସେମାନେ କରିଥିଲେ।

-- ସେମାନେ କୋଉଠି କରୁଥିଲେ, ଘରେ ନା ବାହାରେ ?

-- ସାର୍, ନଈକୂଳରେ, ଏଇ ଆମ ସ୍କୁଲ୍ ପାଖରେ ଥିବା ଲାଇବ୍ରେରି ପିଣ୍ଡାରେ।

ସାର୍ ମୋତେ କହିଲେ, "ଦେଖ ସତ କହିବୁ। ସେମାନେ ଆମ ବଗିଚା ରୁ ଚୋରି କରି ନେଇଛନ୍ତି ନା??" ଦେଖ ସତ କହିଲେ ପୁରସ୍କାର ମିଳିବ। ମିଛ କହି ଯଦି ଧରା ପଡ଼ିବୁ, ଜାଣିଥା, କଣ ମୁଁ କରିବି!

ମୋର ତ ଦେହ ବରଡ଼ା ପତ୍ର ପରି ଥରିଲାଣି । କଣ କହିବି। ଭାବିଲି ସତ କହି ପୁରସ୍କାର ନେବି। କହିଲି, ସାର୍ ଆମ ଭାଇ ଆଉ ତା ସାଙ୍ଗମାନେ ସବୁ ଚୋରି କରି ଭୋଜି କରିଛନ୍ତି ବୋଲି ଘରେ କଥା ହେଉଥିଲେ। ମୁଁ ଶୁଣିଛି।" ହେଲେ ଆପଣ ମୋ ଭାଇ କୁ କହିବେ ଯଦି ସେ ମୋତେ ମାରିବ । "

ସାର୍ ତ ସନ୍ଦେହ ରେ ଥିଲେ। ମୁଁ ପକ୍କା କରିଦେଲି। କହିଲେ, ଆରେ ନାହିଁ ନାହିଁ। କେହି କିଛି କହିବେନି ତୋତେ।"

ସ୍କୁଲ ଛୁଟି ୪ଟା ରେ ହେଲା। ମୁଁ ଘରକୁ ଆସିଲି। କିଛି ପୁରସ୍କାର ତ ମିଳି ନଥାଏ। ଭାବିଲି, ସାର୍ କିଛି କିଣିକି ପରେ ଦେବେ। ତାଙ୍କ ମାଡ଼ କି ଗାଳି ଡରରେ ସତ କହିଦେଇ

ISSN NO.
2582-208X

ପଳେଇ ଆସିଲି। ମନେ ମନେ ଖୁସି। ଘରେ କିଛି ନଜାଣିଲା ଭଳିଆ ବୁଲୁଥାଏ। ରାତିରେ ଗାଁରେ ସାର୍ ମିଟିଂ ଡାକି ଭାଇ ଆଉ ତା ସାଙ୍ଗଙ୍କୁ ଡାକି, ଗାଁର ମୁଖିଆ ଲୋକଙ୍କ ଠାରୁ ତାଙ୍କୁ ଗାଳି ଦେଇଛନ୍ତି, ଭୁଲ ମଗାଇଛନ୍ତି। ଭାଇ ଆଉ ତାଙ୍କ ସାଙ୍ଗମାନେ କହିଲେ,

-- ଆମେ କିଛି ଚୋରି କରିନୁ। ଆମକୁ ମିଛରେ ଗାଳି ଦିଅ ନାହିଁ।

-- ସାର୍ କହିଲେ, ଡାକିବି ତୁମ ଭଉଣୀକୁ, ସେ ସତ କହିବ ।

ସେମାନେ ଜାଣିନେଲେ ଯେ ମୁଁ କହି ଦେଇଛି ବୋଲି। ରକ୍ତ ଚାଉଳ ଚୋବେଇ ଚୁପ୍ ରହିଲା। ଭାଇ ଆଉ ତା ସାଙ୍ଗମାନେ ଭୁଲ ମାଗି ଆସିଲେ ।

ତାପରେ ଆଉ କଣ !!!

ମୋ ପିଠିରେ ଉତ୍ତମ ମଧ୍ୟମ ପୁଳାଏ ବସିଲା । ଇ କହିଲା, "ମୋ ସାଙ୍ଗରେ ଯେତେ ପିଲା ଥିଲେ, ତାଙ୍କ ସାନ ଭାଇ ଭଉଣୀ ତ କେହି ତାଙ୍କ ନା କହିଲେନି। ତୁ କଣ ବେଶୀ ଭଲେଇ ହେଉଥିଲୁ"।

ମୁଁ ୧୦/୧୧ ବର୍ଷ ପିଲା। କଣ ହେଉଛି କିଛି ବୁଝି ବି ପାରୁ ନ ଥିଲି। ଯେମିତି ମୋତେ ଏପଟେ ଖାଇ ସେପଟେ କୂଅ ପରି ଲାଗୁଥାଏ। ସତ କହିବା ଭଲ କି ଖରାପ କିଛି ବୁଝା ପଡିଲାନି ମୋତେ।ଲାଗିଲା, "ସତରେ ଭାଇର ସାଙ୍ଗ ମାନଙ୍କ ଛୋଟ ଭାଇ ଭଉଣୀ କେତେ ଚାଲାକ୍। ନା ସାର୍ ଙ୍କ ମାଡ଼ ଡର ନା ଭାଇ ଠାରୁ ମାଡ ଖାଇବାର ଡର। ମୁଁ ଏମିତି ଭୁଲ କାହିଁକି କଲି ??!!"

ପ୍ରିନ୍ସପାଲ, ବକ୍ସି ଜଗବନ୍ଧୁ ଇଂରେଜୀ ମିଡିୟମ ସ୍କୁଲ
ଭୁବନେଶ୍ୱର ୭୫୨୧୦୦ / ମୋ: 7303264377

ISSN NO.
2582-208X

# ଅଢେଇ ଦିନର ପ୍ରେମ



ସସ୍ମିତା ନାୟକ

ଯନ୍ତ୍ରଣା ଜୀବନ ଏତେ ନିଘଞ୍ଚିତ
ପାରେ ନାହିଁ କେବେ କହି।।
ସବୁ ସହିଯାଏ ଲୁହ ଢାଳି ନୀତି
ଛାତିକୁ ପଥର କରି।।

ଗୋପନେ ଗୋପନେ ଲୁଚି କାନ୍ଦିଥାଏ
ଭାବି ବିତିଜାଇ ଥିବା ଦୁଃଖ ।।
କିଏ ପଚାରିଲେ କେମିତି ଅଛୁତୁ
କୁହେ ଜୀବନେ ଖାଲି ମୋ ସୁଖ।।

କିଏ ବା କାହିଁ ବୁଝିବ କେମିତି
ଏ ହୃଦୟର କୋହ କଥା।।
ଯାହାର ଅଧିକାର ବୁଝିବା ପାଇଁ
ସିଏ ମନେ ଭରି ଦେଲା ବ୍ୟଥା।।

ଅଢେଇ ଦିନର ପ୍ରେମ ବନ୍ଧନର
ଦେଇଥିଲା ସିଏ କେତେ ଖୁସି ।।
ଅନ୍ୟ ଅଢେଇ ଦିନର ପ୍ରେମ ପରସରେ
ମୋତେ ଗୋଡରେ ଦେଲା ଘଷି।।

ISSN NO.
2582-208X

ଯୋଉ ଛାତି ଦିନେ ରଖିଥିଲା ମୋତେ
ଆଉ କାହା ମୁଣ୍ଡେ ରେ ରଖିଲା ଛାତି।।
ସେ ଦୁହିଙ୍କର ସାଥୀ ଦେଖିଦେଲେ ଥରେ
ଏ ହୃଦୟ ସ୍ପନ୍ଦନ ଯାଉଚି ଫାଟି।।

ସବୁ ଦୁଃଖ ସିନା ସହି ହେଇଯାଏ
ବିରହ ବେଦନା ହୁଏନି ସହି ।।
ଅନୁଭବି ଯିଏ ବୁଝିଯାଏ ସିଏ
ଆଖି ଛଳେ ଛଳେ ଦିଅଇ କହି।।

କାହିଁକି ହୁଅଇ ପ୍ରେମ ଦୁଇ ଦିନ
ମିଠା ସ୍ୱପ୍ନେ ହୁଏ ଖୁସି
ଧୋକା ଖାଇଗଲେ ମନ ଭାଙ୍ଗିଯାଏ
ସବୁ ଆଶା ଯାଏ ଭାଷି।।

କାକଟପୁର, ନଇଁଗୁଆଁ, ପୁରୀ

ISSN NO.
2582-208X

# ଘରଚଟିଆ ଚଢେଇ



ଇଂ. ସୁଶାନ୍ତ କିଶୋର ବଳ

ଛୋଟିଆ ଶରୀରେ ବିନା ଡରରେ
ତୁ ଉଡୁଥାଉ କିଚିରିମିଚିରି ଶବଦରେ
ଊଂଚିଆ କାନ୍ଥରେ ଝଂକା ବୁଦାମୂଳେ
ବନେଇଥାଉ ତୋ' ନୀଡ ଘାସ, କାଠିରେ
ବରଷା, ଝଂଜା, ବତାସକୁ ନଥାଏ ଡର
ଆଶ୍ରୟ ନେଇଥାଉ କେଉଂ ଛପର ତଳ
ବରଷା ଛାଡିଲେ ପୁଣି ଉଡିଯାଇ ତୁ
ବନେଇଥାଉ ଆଉଏକ ନୂଆ ଘର !
ବଡଦୂନିଆରେ ଘାଉଘାଉ ଶବଦରେ
ତୋର କି ନଥାଏ ଟିକିଏ ଡର ?
ପ୍ରାଣୀଂକ ଭିତରେ ସବୁଠୁଂ ସାନ
ହେଲେ ସାହାସଟି ତୋର ବଡ ଗହନ .
ତୁ କଅଣଖାଉ କଣପିଉ କେହି ଜାଣେନା
ଧାନ,ମୁଗ,ବିରି ଯେବେ ହେଂସରେ ଶୁଖେ
ଛୋଟଆ ଆଖିରେ ସବୁ ଦେଖି ଦୂରୁ,
ଡେଣାମେଲେଇ ତୁ ସଂଧାନ କରୁ !
ଉଡିଆସିକରି ଚଟକରି ଖୁମ୍ପାଏ ନେଇ
ପୁଣି ଉଡିଯାଉ ତୋ ନୀଡ ବକ୍ଷ୍ୟେ !

ISSN NO.
2582-208X

ଛୋଟିଆ ଥଣ୍ଟରେ ଖୁମ୍ପିଖୁମ୍ପି ଖାଉ
ଦାନାଦାନା କରି ସବୁ ଉଦରେ ଭରୁ !

ଅଂଗ ବିହୀନେ ସଂଗବିହୀନେ ଏକୁଟିଆ
ତୁ ଜାରିରଖିଥାଉ ଜୀବନ ଲଢେଇ .
କେହି ଅଦୃଶ୍ୟ ଶକ୍ତି ନେଇଥାନ୍ତି ତତେ
ସୁରୁଖୁରେ ବିନା ଆପଦରେ ବାଟକଢେଇ !
ବିଶାଳ ଦୁନିଆର ଅସର ବ୍ୟାପ୍ତିରେ
କୋଟିପ୍ରାଣୀଂକ ଭିତରେ ଏକୁଟିଆ ଥାଇ
ନିଜବୁଧ୍ଧି, ନିଜ ଶକତି, ନିଜସାହାସ ବଳେ
ବଂଚି ରହିଥାଉ ତୁ ଏ ବିଶାଳ ଗଗନ ତଳେ !
ନାଂ ଭୂତପ୍ରେତର ଭୟ, ନାଂ ଚୋର ଡାକୁଂକ
ଭୟ, ନାଂ ଝଂଜା,ତୋଫାନ,ବାତ୍ୟାର ଭୟ!
ଗ୍ରୀଷୀମ ଦାଉରେ ଗରମ ଦିନରେ
ଦେହ ତାତିଗଲେ ନଦୀ, ନୀଳ କୂଳେ
ଯାଇ ମନଭରି ଗାଧେଇପଡୁ ସଫାସୁତୁରେ.

ତୁ ପରାଶ୍ରୟ ନୁହେଂ ଅସହନଶୀଳ ନୁହେଂ
ଭିଖ୍ୟାବୃତି ତୋର ନାହିଂ ଜାତକେ !
ନିଜ ବାହୁବଳେ ଖରା ବରଷାକୁ ବେଖାତିରେ
ଉଡିବୁଲୁଥାଉ ନୀଡରେ ସଚରାଚରେ !
ନାଂ ତୁ ହିଂସୁକ, ନାଂ ହିଂସ୍ରକ
ନାଂ ବର୍ବର, ନାଂ ଅବଲମ୍ବୀ,
ନାଂ ଦୂରାଚାରୀ, ନାଂ ଲୁଂଠନକାରୀ
ନାଂ ଆତତାୟୀ, ନାଂ ଆକାଂଖୀ !
ନାଂ ପରଶ୍ରୀକାତର, ନାଂ ସୂତ୍ରଧର
ଆତ୍ମଗତ ତୁ, ଆତ୍ମନିଷ୍ଠ ତୁ, ନୀର୍ଧନୀ ତୁ


ISSN NO.
2582-208X

ପ୍ରଲୋଭନ ହୀନ ଜୀବନ ତୋର
ସେଥିକି ଖାଉ ତୁ ଯେତିକି ଲୋଡା !
ଧନ, ଧାନ୍ୟ, ରତ୍ନାଳଂକାର, ସ୍ୱର୍ଣମୋହରେ
ନଥାଏ ତୋ ଲୋଭ ,ଆକର୍ଷଣ , ଅଭିଳାଷା
ସ୍ମଶାନ, ମଂଦି , ରାଜଦ୍ୱାର ଆଉ
ଦରୀଦ୍ର କୁଟୀରେ, ଅଭ୍ରଲିଂହୀ ମହଲେ
ସର୍ବତ୍ରେ ତୋର ଆତଜାତ ବସତି !
ତୋ ଜୀବନ ତ ଏକ ଖୋଲା ପୁସ୍ତକ
ପ୍ରବୃତି, ପ୍ରକୃତି ତୋ ଅନୁକରଣୀୟ !
ସାହାସ ଉଦାମ ତୋ ଅତୁଳନୀୟ !
ବାହୁବଳ ତୋ ଅଦମନୀୟ,
ମନୋବଳ ତୋ ଅନମନୀୟ !
ବାସ୍ତବେ ତୁ ଅଟୁ ପ୍ରାତସ୍ମରଣୀୟ !

କଟକ

ISSN NO.
2582-208X

# ଶ୍ରୀନିବାସ ମିଶ୍ର ସ୍ମରଣେ



ଡ଼କ୍ଟର ସୀମାଞ୍ଚଳ ପ୍ରଧାନ

ଅଣିଶହ ସତାଇଶି ମସିହାରେ
ଗୋବିନ୍ଦ ପୁରରେ ତୁମେ
କଟକ 'ଆଳି'ରେ ଜନମ ଲଭିଲ
ଏହି ଓଡ଼ିଶାର ଭୂମେ ।

ଉତକଳ ବିଶ୍ୱବିଦ୍ୟାଳୟ ଥିଲା
ତୁମ ଅଧ୍ୟୟନ କ୍ଷେତ୍ର
ସେହିଠାରୁ ତୁମେ ସୁବର୍ଣ୍ଣ ପଦକ
ପାଇଥିଲ ମୋତି ସୁତ ।

ନୀଳାମ୍ବର ଥିଲେ ତୁମର ଜନକ
ସ୍ତିରୀ ରତ୍ନଟିକୁ ପାଇ
ଧନ୍ୟ ହୋଇଥିଲ ତୁମେ ଶ୍ରୀନିବାସ
ତାଙ୍କରି ଗୁଣକୁ ଗାଇ ।

ISSN NO.
2582-208X

ଭୁବନେଶ୍ୱରର ସହୀଦ ନଗରେ
ତୁମେ ଘର ତୋଳାଇଲ
ଭଞ୍ଜବିହାରରୁ ଅବସର ନେଇ
ସେଠାରେ ତୁମେ ରହିଲ ।

ଖ୍ରୀଷ୍ଟ କଲେଜରୁ ଅଧ୍ୟାପକ ହୋଇ
ଶାନ୍ତି ନିକେତନ ଗଲ
ସେହିଠାରେ ତୁମେ ପ୍ରାଧ୍ୟାପକ ହୋଇ
ଭଞ୍ଜବିହାର ଆସିଲ ।

ବଙ୍ଗଳା ଭାଷାର ବିଶାରଦ ଥିଲ
ଶ୍ରୀନିବାସ ମିଶ୍ର ତୁମେ
ତୁମରି ମୃତ୍ୟୁର ଖବରକୁ ଶୁଣି
ମୂର୍ଚ୍ଛିତ ହୋଇଲୁ ଆମେ ।


ରାଧାକ୍ରିଷ୍ଣନଙ୍କ ଜୀବନୀକୁ ତୁମେ
କରିଥିଲ ଅନୁବା JBଦ
ଅଳଙ୍କାର ପରି ଝଟକିଲା ସିନା
ମିଶି ଥିବାରୁ ସେ ଖାଦ ।

***

ନଗମ ନଗର-୩ୟ ଗଳି
ଆଙ୍କୁଲି, ବ୍ରହ୍ମପୁର -୧୦
ମୋ: ୭୩୭୨୯୯୪୫୪୫

ISSN NO.
2582-208X

# କାଡବରି
# ଚକୋବାର



ବିନୟ ମହାପାତ୍ର

ଅଂଶୁମାନ 'ରୁଚି'ର ଅଫିସ ଗେଟ ପାଖରେ ସେଇ କୃଷ୍ଣଚୁଡା ଗଛ ତଳ ଛାଇରେ କାରଟାକୁ ପାର୍କିଂ ଲଗାଇ ଦେଇ ତା ଉପରେ ଆଉଜି ଠିଆ ହୋଇଗଲା । ରୁଚି ଏବେ ଆସୁଥିବ, ତାର ଛୁଟି ହେବାର ସମୟ ବି ହୋଇ ଗଲାଣି । ମୋବାଇଲ ଖୋଲି ସମୟ ଦେଖିଲା, ସମୟ ଛଅଟା ବାଜିବାକୁ ଆଉ ମାତ୍ର ପାଞ୍ଚ ମିନିଟ ବାକି ଅଛି । ଅଂଶୁମାନର ଅଫିସ୍ ଶାଢେ ପାଞ୍ଚଟାରେ ଛୁଟି ହୋଇଯାଏ କିନ୍ତୁ ରୁଚିର ଅଫିସ୍ ଛଅଟା ବେଳେ । ଭୁବନେଶ୍ୱର ସାଇବର ସିଟିରେ ଦୁହିଁଙ୍କର ଅଫିସ, ପାଖା ପାଖି ନହେଲେ ବି ବେଶି ଦୂରତା ନଥିଲା ସେମାନଙ୍କ ଅଫିସ୍ ମଧ୍ୟରେ । ଅଂଶୁମାନର ଅଫିସ ଜଲଦି ଛୁଟି ହୋଇଯାଏ, ସେଥି ପାଇଁ ସେ ରୁଚିର ଅଫିସ୍ ପାଖକୁ ଚାଲି ଆସେ । ତାର ଛୁଟି ହେବା ପର୍ଯ୍ୟନ୍ତ ସେଇଠି ଅପେକ୍ଷା କରେ । ସେ ଆସିଗଲା ପରେ ଦୁହେଁ କାରରେ ଘର ଅଭିମୁଖେ ବାହାରି ପଡନ୍ତି । କିଟ୍ ରାସ୍ତା ଦେଇ ଗଲା ବେଳେ କିଟ୍ ଛକ ପୂର୍ବରୁ ମାରୁତି ଭିଲ୍ଲା ହାଉସିଂ କଲୋନି ଭିତରେ ରୁଚିର ଘର, ରାସ୍ତାରେ ତାକୁ ଡ୍ରପ କରି ଦେଇ ଅଂଶୁମାନ ନନ୍ଦନ କାନନ ରାସ୍ତାରେ ନିଜ ଘରକୁ ଚାଲିଯାଏ । ବେଳେ ବେଳେ କିଟ୍ ଜଗନ୍ନାଥ ମନ୍ଦିର ପାଖରେ ଦୁହେଁ କିଛି ସମୟ ସାଥି ହୋଇ ବସି ଯାଆନ୍ତି । ସେଦିନ କିନ୍ତୁ ଅଂଶୁମାନକୁ ଲାଗୁଥିଲା, ସତେ ଯେପରି ରୁଚି ଫେରିବାରେ କିଛି ଅଧିକ ଡେରି କରୁଛି । ବିଗ୍ ବଜାର ଫ୍ରି-ଅଫର ପରି ପ୍ରେମିମାନଙ୍କ ହୃଦୟରେ ବୋଧ ହୁଏ ଏପରି ଅଧୈର୍ଯ୍ୟପଣ ଗୋଟାକ ସାଙ୍ଗରେ ଆଉ ଗୋଟାଏ ଫ୍ରି-ଅଫର ପରି ମିଳିଯାଏ ? ଏଇ ଅଧୈର୍ଯ୍ୟପଣ ଅଂଶୁମାନକୁ ଆହୁରି ଅଧିକ ବିବ୍ରତ କରି ଦେଉଥିଲା, ଅଧୈର୍ଯ୍ୟ ହୋଇ ସେ ମୋବାଇଲ ଦେଖିଲା, ଛଅ ବାଜିବାକୁ ଆଉ ଦୁଇ ମିନିଟ ବାକି ଅଛି, ତଥାପି ସେ

ISSN NO.
2582-208X

ଅଧୈର୍ଯ୍ୟ ହୋଇ ପଡୁଥିଲା । ଅଂଶୁମାନ ରୁଚିକୁ ମୋବାଇଲ ମିଳେଇବାକୁ ଯାଉଛି, ଠିକ୍ ସେତିକି ବେଳେ ତା ଅଫିସ୍ ସାମ୍ନାରେ ଠିଆ ହୋଇ ରୁଚି ହାତ ହଲାଇ ହାଏ କହିବାର ଦେଖିଲା ।

ରୁଚି ପାଖକୁ ଆସିଗଲା ପରେ ଅଂଶୁମାନ କାରର ଡୋର ଖୋଲି ବସି ପଡିଲା, ଏବଂ ରୁଚି ବସିଗଲା ପରେ ସେ ଗାଡି ଷ୍ଟାର୍ଟକରି ଚାଲିବା ଆଗରୁ ରୁଚି ମୁହଁକୁ ଅନାଇ ପଚାରି ବସିଲା, ଆଚ୍ଛା ରୁଚି ତୁମେ ମୋତେ ପ୍ରେମ କର ?

ଅଂଶୁମାନ କାରର ଗିୟର ପକାଇ ଆଗକୁ ବଢିବା ପୂର୍ବରୁ ରୁଚି କହିଲା ନା' ବାବା ନା', ମୁଁ କାହାକୁ କିଛି ପ୍ରେମ ଫ୍ରେମ କରେନି !

କାହିଁକି ? ଅଂଶୁମାନ ଗିଅର ଚେଞ୍ଜ କରୁ କରୁ ପଚାରିଲା, କହିଲା ମୋ ପରିକା ପୁଅକୁ ପ୍ରେମ କରିବା ପାଇଁ ଝିଅଙ୍କର ଲାଇନ ଲାଗି ଯାଉଛି, ଆଉ ତୁମେ କହୁଛ କଣନା ତୁମେ ମୋତେ ପ୍ରେମ କରନି ! କିନ୍ତୁ କାହିଁକି, କାରଣଟା ଜାଣି ପାରେକି ?

ଅଂଶୁମାନର ଗାଡି ଆଗକୁ ମାଡି ଚାଲି ଥାଏ, ଭୁବନେଶ୍ୱରର ଚିକ୍କଣ ସଡକ ଉପରେ ମଝିରେ ମଝିରେ ଚକୁଳିଆ ପଣ୍ଡାଙ୍କ ମଥାର ଚନ୍ଦନ ତିଳକ ପରି ତିନି ଲାଇନବାଲା ବହୁତ ଗୁଡାଏ ହମ୍ପସ, ଗାଡିର ସ୍ପିଡ ବଢିବା ପୂର୍ବରୁ ସ୍ପିଡ ବ୍ରେକର ଆସିଯାଏ । ବିଶେଷ କରି କିଟ୍ ରାସ୍ତାରେ ତ ଅଗଣିତ ସ୍ପିଡ ବ୍ରେକର । ସ୍ପିଡ ବ୍ରେକର ଉପରେ ଗାଡି ଦୋଳି ଖେଳିଲା ବେଳେ ଅଂଶୁମାନକୁ ଲାଗୁଥିଲା ରୁଚିକୁ ବୋଧ ହୁଏ ପ୍ରେମରେ ଏମତି ଦୋଳି ଖେଳିବାରେ ମଜା ଆସୁଛି । ସ୍ପିଡ ବ୍ରେକରର ଦୋଳି ଖେଳ ସରିବା ପରେ ଅଂଶୁମାନ ରୁଚିର ମୁହଁକୁ ଚାହିଁଲା, ତା ପ୍ରଶ୍ନର ଉତ୍ତର ଏବେ ବି ବାକି ଅଛି ରୁଚି ପାଖରେ, ପଚାରିଲା କିଛି କହିଲନି ଯେ ?

ରୁଚି ଟିକିଏ ହସି ଦେଇ କହିଲା, କାରଣଟା ବଡ ସିମ୍ପଲ, କାରଣ, ତୁମେ ମୋତେ ପ୍ରେମ କରନି, ସେଇଥି ପାଇଁ ମୁଁ ବି ତୁମକୁ ପ୍ରେମ କରେନି । ତୁମେ ମୋତେ ପ୍ରେମ କରୁଥିଲେ ସିନା ମୁଁ ତୁମକୁ ପ୍ରେମ କରନ୍ତି, ତୁମେ ମୋତେ ଭଲ ପାଅନି, ତା ହେଲେ ମୁଁ କାହିଁକି କରିବି ?

ISSN NO.
2582-208X

ଅଂଶୁମାନ ରୁଚିର କଥା ମଝିରେ କହିଲା, ଆଚ୍ଛା, ଏଇ କଥା, ତାହେଲେ ଏବେ ଯଦି ମୁଁ ତୁମକୁ ଠିକ୍ ସେଇ କଥା କହିବି !

ରୁଚି ଚୁପ୍ ହେଇ ଗଲା, ଟିକିଏ ରହି ଅଂଶୁମାନ ଆଖିକୁ ଚାହିଁଲା । ଅଂଶୁମାନ ଆଖିରେ ଦୁଷ୍ଟାମୀର ହସ ସହିତ ଏକ ବିଜେତାର ଭାବକୁ ସ୍ପଷ୍ଟ ଭାବରେ ସେ ଦେଖି ପାରୁଥିଲା । ରୁଚି କ୍ଷଣେ ଗମ୍ଭୀର ହେବାର ଅଭିନୟ କରି ପୁଣି ଫିକ୍ କିନା ହସି ଦେଲା ଆଉ କହିଲା, ତୁମେ ଭାବୁଛ ତୁମେ ଜିତିଗଲ ବୋଲି, ନାହିଁ ? ପ୍ରଶ୍ନ କଲା ରୁଚି । ଆଚ୍ଛା, ଠିକ୍ ଅଛି, ତୁମ କଥା ଅନୁସାରେ, ତୁମେ ମୋତେ ପ୍ରେମ କରୁନ ! ମାନି ନିଅ ଏ ପରିସ୍ଥିତିରେ ମୁଁ ଯଦି ତୁମକୁ ପ୍ରେମ କରିବା ଆରମ୍ଭ କରି ଦେବି, ତାପରେ ? ତାପରେ ତୁମେ ମୋ ପ୍ରେମକୁ କଣ କହିବ ? ମୋ ପ୍ରେମର ସଜ୍ଞା ହୋଇଯିବ ଏକ ପାଖିଆ ପ୍ରେମ । ମୁଁ ବୁଝି ପାରେନି, ପ୍ରେମରେ ଏଇ ନେଣ ଦେଣ, ହିସାବ କିତାବ ଲୋକେ କେମିତି କରି ପାରନ୍ତି ? ପ୍ରେମରେ ଏଇଟା ଏକ ସର୍ତ୍ତ, ଜଣେ ପ୍ରେମ କଲେ ତା ବଦଳରେ ଆଉ ଜଣେ ପ୍ରେମ କରିବ, ନହେଲେ ନାହିଁ । ପ୍ରେମ କଣ ନିସର୍ତ୍ତ, ନିସ୍ୱାର୍ଥ, ନିର୍ଲୋଭ ହୋଇ କରି ହେବନି ?

ଭକ୍ତିରେ ସବୁ ବେଳେ ପ୍ରାପ୍ତିର ଇଚ୍ଛା ଥିଲେ ସେ କେଉଁ ପ୍ରକାରର ଭକ୍ତି ? ଭକ୍ତି କରି ପ୍ରଭୁଙ୍କୁ କୃପା ପ୍ରଦାନ କରିବା ପାଇଁ ବାଧ୍ୟ ତ କରା ଯାଇ ପାରିବନି ନା' ? ସେହି ପରି ପ୍ରେମରେ ମଧ୍ୟ ହୁଏ । ରାଧା କୃଷ୍ଣଙ୍କ ପ୍ରେମରେ, ପ୍ରେମ ଥିଲା, ଭକ୍ତି ବି ଥିଲା, ମୀରାର ପ୍ରେମରେ ନିରୁତା ପ୍ରେମ ଥିଲା, ସେମାନଙ୍କର ପ୍ରେମ କେବେ କାହାର ସ୍ୱୀକୃତି, ସହମତି ଚାହିଁ ନଥିଲା। କୃଷ୍ଣ ମୀରାକୁ ପ୍ରେମ କରୁଥିଲେ କି ନାହିଁ ତାହା ନଜାଣି ବି ମୀରା କୃଷ୍ଣ ପ୍ରେମରେ ବୁଡି ରହିଥିଲେ । ପ୍ରେମରେ ପାଇ ଯିବାର ମୋହ ନଥାଏ, ଥାଏ କେବଳ ଦେଇ ଦେବାର ତୀବ୍ର ପିପାଶା କିନ୍ତୁ ମଣିଷ ଜଣକୁ ପ୍ରେମ କରି, ପାଇ ଯିବାର ମୋହରୁ ନିଜକୁ ଅଲଗା କରି ପାରେନା, ସେଇଥି ପାଇଁ ତା ମନରେ ସନ୍ଦେହ ଆସି ଯାଏ, 'ସେ ମୋତେ ପ୍ରେମ କରୁଛି କି ନାହିଁ ? କୃଷ୍ଣ ମୀରାକୁ ପ୍ରେମ କରୁଥିଲେ କି ନାହିଁ ଏଥିରେ ମୀରା ପ୍ରେମରେ କଣ କିଛି ଫରକ ପଡୁଥିଲା ? ଗୀତାର କର୍ମଯୋଗର ଜ୍ଞାନ ପରି ପ୍ରେମଜ୍ଞାନ ଠିକ୍ ସେଇ କଥାକୁ ଇଙ୍ଗିତ କରେ, ତୁମ ପ୍ରେମ, ତୁମ ଅଧିକାର କ୍ଷେତ୍ର ଭିତରେ ସୀମିତ, ତୁମେ କାହାକୁ ପ୍ରେମ କରିବ ନକରିବ ସେଇଟା ତୁମର ଇଚ୍ଛାଧୀନ ।

ISSN NO.
2582-208X

ମନେ କର ତୁମେ ଯଦି କାହାକୁ ପ୍ରେମକରି ବସିଲ, କେବଳ ପ୍ରେମ କରିବା ତୁମ ଅଧିକାର, ତୁମ ପ୍ରେମର ପରିସୀମା ସେଇଠି ସମାପ୍ତ । ତୁମେ ଯାହାକୁ ପ୍ରେମ କରୁଛ, ସେ ତୁମ ପ୍ରେମ ବଦଳରେ ତୁମକୁ ପ୍ରେମ କରିବ ବା ନକରିବ ସେଇଟା ତାର ଇଚ୍ଛାଧୀନ, ନା କଣ କହୁଛ ? କିନ୍ତୁ ହୁଏ କଣ ? ଆମେ କର୍ମ କରି ସାଙ୍ଗେ ସାଙ୍ଗେ ଫଳ ପ୍ରାପ୍ତିର ଇଚ୍ଛା ରଖିଲା ଭଳି, ପ୍ରେମ କରି ତା ବଦଳରେ ପ୍ରେମ ମାଗିବା ଆରମ୍ଭ କରି ଦେଉ । ତେବେ ଏଇଟାକୁ ତୁମେ କଣ କହିବ ? ପ୍ରେମରେ ବଣିଜ ? ଆଉ ସବୁ ଠାରୁ ବଡ ଇଣ୍ଟେରେଷ୍ଟିଙ୍ଗ କଥା କଣ ଜାଣିଛ ? ଦୁନିଆର ନବେ ପ୍ରତିଶତରୁ ଅଧିକ ପ୍ରେମ ଏଇ କାରଣରୁ ବିଫଳ ହୋଇ ଯାଆନ୍ତି । ପ୍ରେମ ବଦଳରେ ପ୍ରେମ ନପାଇ ଯୁବକ ଯୁବତୀ ଆତ୍ମହତ୍ୟା କରି ଦିଅନ୍ତି । ତୁମକୁ ଏକଥା କିଛି ଅଜବ୍ ଲାଗୁନି ଅଂଶୁ ?

ଅଂଶୁମାନ ରୁଚିର ମୁହଁକୁ ଦେଖିଲା, ତା ଓଠରେ ସ୍ମିତ ହସର ପତଳା ରେଖାଟିଏ ସ୍ପଷ୍ଟ ବାରି ହୋଇ ଯାଉଥିଲା । ରୁଚି ଏଥର ବି ଜିତିଗଲା, ସବୁ ବେଳେ ସେ ଏମିତି ଜିତି ଯାଏ, ଭାରି ଇଣ୍ଟେଲିଜେଣ୍ଟ ଝିଅ । ହଁ କାହିଁକି ଜିତିବନି, ଯେତେ ହେଲେ ସହରୀ ଝିଅ, ଅଂଶୁମାନ ପରି ସେ କଣ କେଉଁ ମଫସଲ ଗାଆଁରୁ ଆସିଛି ! ପିଲା ଦିନୁ ସହରରେ ରହି ଆସିଛି ପବ୍ଲିକ ସ୍କୁଲରେ ପଢିଛି । ଅଂଶୁମାନର ଅଧା ଜୀବନ ସେଇ ଗାଁର ଓଡିଆ ମିଡିୟମ ସ୍କୁଲରେ କଟିଛି । କଲେଜ ପଢିବା ପାଇଁ ସହରକୁ ଆସିଲା, ଆଉ ଭୁବନେଶ୍ୱରରେ ଇଜିନିୟରିଂ କରିବା ସମୟରେ ରୁଚି ସହିତ ତାର ଚିହ୍ନାଜଣା ହୋଇ ଥିଲା । ତାପରେ ବନ୍ଧୁତା କିନ୍ତୁ ତାଙ୍କର ଅସଲ ପ୍ରେମ କାହାଣୀ ଉଭୟଙ୍କର ଚାକିରୀ ପାଇବା ପରେ ହିଁ ଆରମ୍ଭ ହୋଇଥିଲା।

ଅଂଶୁମାନ ମଧ୍ୟ କିଛି କମ୍ ଇଣ୍ଟେଲିଜେଣ୍ଟ ନଥିଲା, ସେ ସଙ୍ଗେ ସଙ୍ଗେ ରୁଚିକୁ କହିଲା, ରୁଚି, ମୁଁ ଯଦି ଏବେ କହେ, 'ହଁ ମୁଁ ତୁମକୁ ଭଲପାଏ' ତାହେଲେ ତୁମେ କଣ କହିବ ? ଏଇଟା ମୋର ଏକ ପାଖିଆ ପ୍ରେମ ନା ଆଉ କିଛି ? ରୁଚି ଟିକିଏ ହସିଲା, ଏଇ କଥାର ଉତ୍ତର ଲଜିକାଲି କଣ କହି ପୁଣି ଥରେ ଅଂଶୁମାନକୁ ଚିତପଟାଙ୍ଗ କରିବ ଭାବୁଥାଏ, କିନ୍ତୁ ସେମିତି କିଛି ବଳିଷ୍ଠ ଯୁକ୍ତି ତା ମୁଣ୍ଡକୁ ଜୁଟୁ ନଥାଏ । ଭାବିବାକୁ କିଛି ସମୟ ନେବା ପାଇଁ କଥାର ମୋଡ ବଦଳାଇ ରୁଚି କହିଲା ବହୁତ ଦିନ ହେଲା ଜଗନ୍ନାଥ ଦର୍ଶନ ହୋଇନି, ଆଜି ଚାଲ ସେଇଠି ଦି' ଘଡି ବସିବା, କିଛି ସମୟ ପରେ ସଂଧ୍ୟା ଆରତି ବି ଆରମ୍ଭ ହୋଇଯିବ, ସାଥି ହୋଇ ସଂଧ୍ୟା ଆରତୀ ଦେଖିବା ତା'ପରେ ଘରକୁ ଯିବା । ରୁଚିର କଥା ଶୁଣି

ISSN NO.
2582-208X

ଅଂଶୁମାନ ଶିଖରଚଣ୍ଡି ଟର୍ଣିଂ ପରେ କିଟ୍ ଜଗନ୍ନାଥ ମନ୍ଦିର ଆଡକୁ ତାର କାର ମୋଡି ଦେଲା ।

କାରରୁ ଓହ୍ଲାଉ ଓହ୍ଲାଉ ରୁଚି ମନେ ମନେ ଟିକିଏ ହସି ପଚାରିଲା, ଆଚ୍ଛା ଅଂଶୁମାନ, ତୁମେ କହୁଛ ତୁମେ ମୋତେ ଭଲ ପାଅ, କିନ୍ତୁ କେତେ ? କେତେ ଭଲ ପାଅ ମୋତେ ? ପ୍ରଥମ ବାଜୀ ଜିତିବାର ନିଶା ତାର ଏବେ ବି ସରି ନଥିଲା, ମନେ ମନେ ଭାବିଥିଲା ଏଇ ବାଜୀଟିରେ ବି ତାର ଜିତାପଟ ନିଶ୍ଚୟ ହୋଇ ଯିବ । ଅଂଶୁମାନ ମଧ୍ୟ ହଠାତ ଏପରି ଏକ ପ୍ରଶ୍ନ ପାଇଁ ଆଗରୁ ପ୍ରସ୍ତୁତ ନଥିଲା । ରୁଚିର ପ୍ରଶ୍ନ ଶୁଣି ଅଂଶୁମାନ କହିଲା କେତେ ପ୍ରେମ ମାନେ ? ପ୍ରେମକୁ କଣ ମାପି ହୁଏ ?

ରୁଚି ସତେ ଜାଣି ଥିଲା ଅଂଶୁମାନ ତାର ପ୍ରଶ୍ନର ଉତ୍ତରରେ ଏକଜାକଟ୍ଲି ଏଇ ପ୍ରଶ୍ନ ପଚାରିବ, ସେଥି ପାଇଁ ସେ ପୁରା ପ୍ରସ୍ତୁତ ଥିଲା, ସାଙ୍ଗେ ସାଙ୍ଗେ ହାତ ଦେଖାଇ କହିଲା, କେତେ ମାନେ, ଏତେ, ଏ...ତେ, ଏ.....ତେ, ନା' ଏଏଏଏଏଏ...ତେ, ଶେଷବେଳକୁ ତାର ଦୁଇ ହାତ, ତାର ପୁରା ଶରୀର ସହିତ ୧୮୦ ଡିଗ୍ରୀର କୋଣ ଆଙ୍କି, କ୍ରୁଶବିଦ୍ଧ ଯିଶୁଙ୍କ ପରି, ମିଶାଣ ଚିହ୍ନର ସିମ୍ବଲ ଆଙ୍କି ସାରିଥିଲା । ଅଂଶୁମାନ ଟିକିଏ ହସି ରୁଚିର ହାତ ଦୁଇଟାକୁ ତଳକୁ କରି ତାକୁ ସାବଧାନ ପୋଜକୁ ନେଇ ଆସିଲା । କହିଲା ଚାଲ, ସେଇ ଆନନ୍ଦବଜାର ଗେଟ ପାଖରେ ବସିବା । ଦୁହେଁ ଗେଟ ପାଖରେ ଥିବା ସିମେଣ୍ଟ ବେଞ୍ଚରେ ଯାଇ ବସି ପଡିଲେ । ରୁଚି ତାର ଭ୍ୟାନିଟରୁ ଦୁଇଟି କାଡବରି ଚକୋଲେଟ ବାହାର କରି ଗୋଟିଏ ଅଂଶୁମାନ ହାତକୁ ଦେଇ ନିଜର ଚକୋଲେଟ ଖୋଲିବାକୁ ଯିବା ବେଳେ ଅଂଶୁମାନ ତା ହାତକୁ ଅଟକେଇ ଦେଇ କହିଲା, ରୁହ ସେଇଟା ପରେ ଖାଇବା, ଆଗ ମୋ ଚକୋଲେଟଟା ଖାଇବା କହି, ନିଜ ଚକୋଲେଟର ରାପର ଖୋଲି ରୁଚି ଓଠ ଆଗକୁ ବଢାଇ ଦେଲା । ରୁଚି ଗୋଟିଏ ବାଇଟ ଖାଇବା ପରେ ଅଂଶୁମାନ ମଧ୍ୟ ଗୋଟିଏ ବାଇଟ ନେଇ କହିଲା, ଆଚ୍ଛା ରୁଚି, ମୋତେ ଟିକିଏ ବୁଝେଇ କହିବ, ଲୋକେ ପ୍ରେମକୁ ମାପନ୍ତି କେମିତି ? କିଏ କେମିତି କହି ପାରିବ ସେ କେତେ ଭଲ ପାଏ ବୋଲି ? ପ୍ରେମକୁ ମାପ କରିବାର ୟୁନିଟି କଣ ? ଇଞ୍ଚ, ଫୁଟ, ମିଟର, କିଲୋ, ଲିଟର କିମ୍ବା ଶତକଡା ହିସାବ ପରି ଏତେ ପରସେଣ୍ଟ ସେତେ ପରସେଣ୍ଟ ନା' ଆଉ କିଛି ? କେମିତି ମାପନ୍ତି ପ୍ରେମକୁ ?

ISSN NO.
2582-208X

କଥାଟିକୁ ଆଉ ଟିକେ ସରଳ କରି ଅଂଶୁମାନ କହିଲା, ପ୍ରେମ ହେଉଛି ଜୀବନ, ଜୀବନଟା ହେଉଛି ପ୍ରେମ ଏବଂ ଏଇ ଜୀବନ ଓ ପ୍ରେମ ହେଉଛି ଏଇ କାଡବରି ଚକୋବାର । ରାପର ଖୋଲିଗଲା ପରେ ଗୋଟେ ବାଇଟ୍ ତୁମର, ଗୋଟେ ବାଇଟ୍ ମୋର, କିଛି ତୁମର, କିଛି ମୋର ଏବଂ ପୁରାଟା ଆମ ଦୁଇ ଜଣଙ୍କର । କିଛି ପ୍ରେମ ତୁମେ କରିବ, କିଛି ପ୍ରେମ ମୁଁ କରିବି ଏବଂ ଆମ ଦୁଇଜଣଙ୍କ ପ୍ରେମ ମିଶିଲେ ଗୋଟାଏ ସମ୍ପୂର୍ଣ୍ଣ ପ୍ରେମ କାହାଣୀ ହେବ ଏବଂ ସେଇ ପ୍ରେମ କାହାଣୀଟି ଆମର ଜୀବନ ହେବ । ମୋ ହୃଦୟ ତୁମ ଛାତି ଭିତରେ ଧକ୍ ଧକ୍ କରୁଥିବ ଆଉ ତୁମ ହୃଦୟ ମୋ ଛାତି ଭିତରେ ଠିକ୍ ସମତାଳରେ ସ୍ପନ୍ଦିତ ହେଉଥିବ । ପ୍ରେମରେ ମାପ ହୁଏନା, ପ୍ରେମ ନିର୍ମାଲ୍ୟ ପରି ପବିତ୍ର, ପ୍ରେମ ଅମୃତ ପରି ପ୍ରାଣ ସଂଜୀବନୀ, ସେଥିରୁ ଜାଣିଚାଏ ବି ନିର୍ମାଲ୍ୟ ପରି ସେତିକି ପବିତ୍ର ଏବଂ ପ୍ରାଣଦାତ୍ରୀ। ପ୍ରେମ ଶୁଷ୍କ ତରୁ ଡାଳରେ ନବ ପଲ୍ଲବର ସୃଜନ କରିଯାଏ । ମୁଁ ଜାଣେନା ମୋ ଭିତରେ କେତେ ପ୍ରେମ ଅଛି, କିନ୍ତୁ ଏତିକି ଜାଣିଛି ମୋ ଭିତରେ ଯେତେ ବି ପ୍ରେମ ଅଛି ପ୍ରତିଟି ବୁନ୍ଦା କେବଳ ତୁମ ପାଇଁ ହିଁ ଝରି ଆସିବ ।

ଅଂଶୁମାନର କଥା ଶୁଣିବା ପରେ ରୁଚି ପାଖରେ କହିବାକୁ କିଛି ଶବ୍ଦ ନଥିଲା । ସେ କେବଳ ନିର୍ବିବାକ୍ ହୋଇ ଅଂଶୁମାନର ମୁହଁକୁ ଚାହିଁ ରହି ଥାଏ । ଅଂଶୁମାନକୁ କଥାରେ ଜିତିବାର ତାର ନିଶା ତା ମନରେ ଆଉ ଜାଣିଚାଏ ବି ବାକି ନଥିଲା । ସତରେ ପ୍ରେମର ଏଇଟା ଏକ ନିଆରା ଅନୁଭୂତି, ଜିତିଯିବା ପରେ ବି ହାରି ଗଲା ପରି ଲାଗେ ଏବଂ ହାରି ଗଲା ପରେ ବି ଜିତିବାର ସମସ୍ତ ସ୍ପୃହା ସମାପ୍ତ ହୋଇଯାଏ । ଏଇ ହାରିବାରେ ବି ଜିତିବାର ଏକ ଅପୂର୍ବ ଆନନ୍ଦ ମିଳି ଥାଏ । ଅଂଶୁମାନ ପାଖରୁ ହାରି ମଧ୍ୟ ସେ ଅଂଶୁମାନକୁ ସମ୍ପୂର୍ଣ୍ଣ ଭାବରେ ପାଇ ଯାଇଥିଲା ସେ । ଆଉ କଣବା ଅଧିକା ଚାହିଁ ପାରିଥାନ୍ତା ରୁଚି ? ଏଇ ପାଇବାର ଖୁସି ଏତେ ପ୍ରବଳ ଥିଲାଯେ ରୁଚିର ଆଖିରେ ଲୁହ ଜକେଇ ଆସିଲା, ଯେଉଟା ଅଂଶୁମାନର ଦୃଷ୍ଟିକୁ ଏଡାଇ ଯାଇ ପାରି ନଥିଲା । ଚାରି ଆଖି ଏକ ହୋଇ ଯାଇଥିଲେ ସେତେ ବେଳକୁ । ଅଂଶୁମାନ ତାର ବାହୁପଶାରି ରୁଚିକୁ ନିଜ ଛାତି ଉପରକୁ ଆଉଯାଇ ନେଲା । ଦୁହେଁ ନିର୍ବାକ ଥିଲେ, କିନ୍ତୁ ସେମାନଙ୍କର ହୃଦୟର ସ୍ପନ୍ଦନ ପରସ୍ପର ସହିତ ବହୁତ କିଛି ବାର୍ତ୍ତା ବିନିମୟ କରୁଥିଲେ । ଏକଥା କିନ୍ତୁ ବୁଝି ହେଉ ନଥିଲା କାହା ହୃଦୟ କାହା ଛାତି ଭିତରେ ସ୍ପନ୍ଦିତ ହେଉ ଥିଲା ।

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ସ୍ମୃତିର କଳାପଟା



ଶାଶ୍ୱତୀ ନନ୍ଦ

ସ୍ମୃତିର କଳାପଟାରେ ଅଙ୍କା ତୁମ ଛବି,
ବାରମ୍ବାର ଭାସିଉଠେ ଅବେଳାରେ ଆସି ।
ବସନ୍ତର ମଳୟରେ ତୁମ ସ୍ୱର ଭାସେ,
ଆଲିଙ୍ଗନ ଅନୁଭବ ଦେଇଯାଏ ପାଶେ ।
ଶେଫାଳୀର ଦୂର ବନୁ ତୁମ ବାସ୍ନା ଛୁଟେ,
ମୁହୂଃମୁହୂଃ ପ୍ରତିକ୍ଷଣ ପ୍ରତୀକ୍ଷାରେ କଟେ ।
ଝରଣାର ପ୍ରତି ବୁନ୍ଦେ ତୁମ ହସ ଦିଶେ,
ଛୁଉଁ ଛୁଉଁ ଲିଭିଯାଏ ଧରା ଦିଏନାହିଁ ପାଶେ ।
ନକ୍ଷତ୍ରର ଶୀତଳତା ତୁମ ସ୍ପର୍ଶ ଦିଏ,
ମୁହୂର୍ତ୍ତରେ ଏ ଜୀବନେ ଖୁସି ଭରିଦିଏ ।
ଜହ୍ନର ରୂପେଲି ବର୍ଣ୍ଣ ଅଭିମାନ ବୁଣେ,
ଅଝଟ ଅବୁଝା ସ୍ମୃତି ଅଙ୍କୁରିତ ଲଭେ ।
ତନ୍ଦ୍ରାର ନିର୍ଜନ କୋଣେ ତୁମ ଚାହାଣୀଟା ନାଚେ,
ଚତୁର୍ଚକ୍ଷୁ ମିଶିଗଲେ ଦୂରତା ସେ ଖୋଜେ ।
ସ୍ମୃତିର କଳାପଟାରେ ତୁମେ ଆଜିବି ଜୀବନ୍ତ,
ଲିଭିବାକୁ ଦେବିନାହିଁ ଶେଷ ପ୍ରଣୟ ସନ୍ତକ ।

କଳାପଥର, ବାଙ୍କୀ, କଟକ
shashwatinanda8@gmail.com

ISSN NO.
2582-208X

# ତୁମପାଇଁ କବିତାଟେ



ଭାରତୀ ମୁଦୁଲି

ଆଦ୍ୟ ସ୍ୱରବର୍ଣ୍ଣରୁ ଆରମ୍ଭ ନାଁ ତୁମର
ଆଦ୍ୟ ବ୍ୟଞ୍ଜନରେ ଶେଷ
ଛଳନାହୀନ ନିଃସ୍ୱାର୍ଥପର ହୃଦୟ ତୁମର
କହିଲେ ହେବ କି ଶେଷ ।

ଅସତ୍ୟ ଅନୁଭବ ହୁଏନି ପ୍ରେମ ତୁମର
ଦୁଇ ଶରୀରର ଏକାତ୍ମା ସଦୃଶ
ଇଶଙ୍କ ଆଶୀର୍ବାଦ ଥାଉ ଭାଗ୍ୟରେ ତୁମର
କରୁଛି ପ୍ରାର୍ଥନା ଦୁଃଖରେ ପ୍ରତ୍ୟହ ଦିବସ!

ଅଭିମାନ ନଥାଏ କେବେ ମନରେ ତୁମର
ସେଥିପାଇଁ ରହିଛି ତିଷ୍ଠି ଏତେ ସମୟ
ନଜର ନ ପଡୁ କାହାରି ଉପରେ ତୁମର
ଭାବିଲେ ସେସବୁ ଲାଗେ ଅତି ଅସହାୟ

ଦୂରେଇ ଯିବନି ବୋଲି ଶପଥ ତୁମର
ଭାଙ୍ଗିବନି ବୋଲି ଲାଗେ ସତରେ
ଅପେକ୍ଷାରେ ଅଛି କେହି ଜଣେ ତୁମର
ଭାବୁଥାଅ କେବଳ ବିଶ୍ୱାସ ଆଉ ଭରସାରେ..

ଗବେଷିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଯନ୍ତ୍ରଣା ଦେଉଛି ଅତି



ଅଜିତ କୁମାର ରାଉତ

କାହିଁକି କହୁଛ ପ୍ରବାସୀ ଓଡ଼ିଆ ଭୂମି ପରା ଓଡ଼ିଶାର
ବିଚ୍ଛିନ କରିଛ କେଉଁ କାରଣରୁ
ଦୁଃଖ ଯନ୍ତ୍ରଣା ଅପାର !!
ଶବ୍ଦ ବ୍ୟବହାର ପ୍ରବାସୀ ଓଡ଼ିଆ ଲଜ୍ୟା ବୋଧ ହୁଏ ଶୁଣି
ସାତ ପୁରୁଷର ସମ୍ପର୍କ ଆମର
କହୁଛ 'ପ୍ରବାସୀ' ଜାଣି !!
ଥିଲା ଉତ୍କଳର ମଣି ସିଂହଭୂମି କହୁଥିଲେ ଗୋପବନ୍ଧୁ
କହୁଥିଲେ ପୁଣି ଉତ୍କଳ ପୁରୋଧା
ଓଡ଼ିଶାର ଭୂଇଁ ବନ୍ଧୁ !!
ଭୂଇଁ ଉତ୍କଳର ବିଚ୍ଛିନ ଏ ଭୂମି ବିଚ୍ଛିନ୍ନାଞ୍ଚଳ ଟି କୁହ
ତାହା ନ କହିଣ ପ୍ରବାସୀ କହୁଛ
ଝରୁ ଅଛି ଆଖି ଲୁହ !!
ବନ୍ଧୁ ଓ କୁଟୁମ୍ବେ ଚିନ୍ତା ନାହିଁ କିମ୍ପା କୁହ ପ୍ରବାସୀ ପ୍ରବାସୀ ?
ଇତିହାସ କିମ୍ପା ଭୁଲି ଗଲ ଜ୍ଞାନୀ ?
ଆମ୍ଭେ ଭି ଓଡ଼ିଶା ବାସୀ !!
ବିଚ୍ଛିନ କରିଛି ଓଡ଼ିଶା ରାଜ୍ୟରୁ ଆମରତ ଦୋଷ ନାହିଁ
ସଂସ୍କୃତି ସଂସ୍କାର ସବୁତ ଓଡ଼ିଆ
ଭାଷା ଟି ଓଡ଼ିଆ ଯହିଁ !!

ISSN NO.
2582-208X

ଶବ୍ଦ ଟି ପ୍ରବାସୀ ମୁଖରେ କିମ୍ପାହେ ଦୁଃଖିତ କରୁଛି ଅତି
ହେବ ଭୁଲିବାକୁ ପ୍ରବାସୀ ଶବ୍ଦକୁ
ରଖିବାକୁ ହେବ ପ୍ରୀତି !!
ଆମ ସମସ୍ୟାକୁ ବୁଝିବାକୁ ହେବ କର ତାର ପ୍ରତିକାର
ଶିକ୍ଷା ମାତୃଭାଷା ମିଳୁ ଓଡ଼ିଆଙ୍କୁ
ତାହାରି ବ୍ୟବସ୍ଥା କର !!

କଳାବାଡିଆ
ମୋ:- ୬୨୦୫୩୪୩୫୬୯
ସଭାପତି ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲାର
ରାଜନଗର ବ୍ଲକ ଶାଖା ଝାଡ଼ଖଣ୍ଡ ରାଜ୍ୟ

ISSN NO.
2582-208X

# ଫେରିବ ରାମରାଜ୍ୟ



ଭସ୍କର ଚନ୍ଦ୍ର ଖଣ୍ଡା

ଅସହ୍ୟ ଯନ୍ତ୍ରଣାର ଛଟପଟ ହେଉଥିବା
ବାଷ୍ପିଭୂତ ବେଦନା ସମୂହର ଅନ୍ତ ଆଣି
ହୋଇଛି ପ୍ରାଣ ପ୍ରତିଷ୍ଠା ସମ୍ପନ୍ନ ପ୍ରଭୁଙ୍କର
ନିରବିଚ୍ଛିନ୍ନ ପ୍ରଚେଷ୍ଟା
ଲୋମହର୍ଷଣକାରୀ ସଂଘର୍ଷ
ପରିଶେଷରେ ବିଜୟ ଧ୍ୱଜ ।୧।

ଏହା କଣ ସମାନ୍ୟ ବିଗ୍ରହର ପ୍ରାଣ ପ୍ରତିଷ୍ଠା ?
ଆମ ସ୍ୱର୍ଣ୍ଣିମ ଭାରତୀୟ ସଂସ୍କୃତିର ପୁନରୁତ୍ଥାନ
ପବିତ୍ର ସନାତନ ଧର୍ମର ପ୍ରାଣକେନ୍ଦ୍ର
ଅଯୋଧ୍ୟା ନଗରୀ
ପ୍ରବାହିତ ହେଉଥିଲା ଯା'ର ବାୟୁମଣ୍ଡଳରେ
ଦିନେ ସତ୍ୟ ଓ ନ୍ୟାୟର ପରାକାଷ୍ଠା
ସେଇ ମହାନ ପରମ୍ପରା
କରି ସୁଖ ଶାନ୍ତି ଐଶ୍ୱର୍ଯ୍ୟର ପରିତ୍ୟାଗ
କରିଥିଲେ ପିତୃସତ୍ୟର ପାଳନ
ସେଇ ପ୍ରଭୁ ରାମଚନ୍ଦ୍ରଙ୍କର ବାସସ୍ଥଳୀ ।୨।

ISSN NO.
2582-208X

ହୋଇଛି ଲୋକାର୍ପିତ, ଦେବାକୁ ସନ୍ଦେଶ
ବସୁଧୈବ କୁଟୁମ୍ବକମ୍ ନୀତି
ସର୍ବେ ଭବନ୍ତୁ ସୁଖିନର ବାଣୀ
ତେଯ୍ୟ କରି ହିଂସା ଦ୍ୱେଷର ବଶବର୍ତ୍ତୀତା
ଝଲସିବ ଶାନ୍ତି ମୈତ୍ରୀ ପ୍ରୀତିର ମମତା
ଶ୍ରବଣ କରି ଓଁକାର ଧ୍ୱନି
ପବିତ୍ରତାର ବନ୍ଧନରେ
ବାନ୍ଧି ଦେଇ ସମଗ୍ର ଧରାକୁ
ସାଜିବ ବିଶ୍ୱ ଗୁରୁ ଆମ ଦେଶ
ଫେରି ଆସିବ ସେଇ ରାମରାଜ୍ୟ
ଜୟ ଶ୍ରୀ ରାମ ।୩।

ଫ୍ଲାଟ୍ ନଂ ବି/୩୦୧, ଗୌରୀଶଙ୍କର ରେସିଡ଼େନ୍ସ
କେଶୁରା, ଭୁବନେଶ୍ୱର
(ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ଓଡ଼ିଆ ଗୀତିକବିତାରେ ଚଉପଦୀର ରଚନାରୀତି



ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ

ପୃଥିବୀର ସଙ୍ଗୀତ ଇତିହାସରେ ଭାରତୀୟ ସଙ୍ଗୀତର ପ୍ରାଚୀନତା ଓ ମହତ୍ତ୍ୱ ଅନସ୍ୱୀକାର୍ଯ୍ୟ। ସଂସ୍କୃତ ଶ୍ଳୋକ ମଧ୍ୟ ଆବଶ୍ୟକତା ଅନୁସାରେ ଗୀତ ହେଉଥିଲା । କିନ୍ତୁ ମାତ୍ର ଯେଉଁ ପ୍ରକାରର ରଚନା ରୀତିକୁ ଆମେ ଗୀତ ବୋଲି ଅଭିହିତ କରିଅଛନ୍ତି, ତାହାର ମୂଳରୂପ ପ୍ରାକୃତ ଓ ଅପଭ୍ରଂଶ ସାହିତ୍ୟରେ ପରିଦୃଷ୍ଟ ହୁଏ । ଦ୍ୱାଦଶ ଶତାବ୍ଦୀର କବି ଜୟଦେବଙ୍କ 'ଗୀତଗୋବିନ୍ଦ' ପୂର୍ବରୁ ସଂସ୍କୃତ ସାହିତ୍ୟରେ ସଙ୍ଗୀତ ବିଶେଷ ଭାବରେ ଲିଖିତ ହୋଇଥିବାର ପ୍ରମାଣ ମିଳେ ନାହିଁ। ଆଧୁନିକ ଭାରତୀୟ ଆର୍ଯ୍ୟଭାଷାମାନଙ୍କୁ ଏହି ଗୀତଗୁଡ଼ିକ ବିପୁଳ ପରିମାଣରେ ପ୍ରଭାବିତ କରିଅଛି। ଓଡ଼ିଆ କାବ୍ୟ ସାହିତ୍ୟରେ ଏହାର ଜନପ୍ରିୟତା ଓ ପ୍ରଭାବ ଯେ ବିପୁଳତର, ଏହା କହିବା ଅନାବଶ୍ୟକ । ଏହି 'ଗୀତଗୋବିନ୍ଦ' ପ୍ରଭାବରୁ ପରବର୍ତ୍ତୀ କାଳରେ ଓଡ଼ିଆରେ ଗୀତ ବା ଚଉପଦୀ ରଚିତ ହୋଇଥିବା ଅନୁମେୟ।

ଓଡ଼ିଶାରେ ସଙ୍ଗୀତ ସାଧାରଣତଃ 'ଚଉପଦୀ' ନାମରେ ଅଭିହିତ । ଏହା ପ୍ରାଚୀନ ଓଡ଼ିଆ ଗୀତିକାବ୍ୟର ଅନ୍ୟତମ ଶ୍ରେଷ୍ଠ ବିଭବ । ପ୍ରାଚୀନ କବିମାନଙ୍କ ରଚିତ ସଙ୍ଗୀତାବଳୀକୁ 'ଓଡ଼ିଶୀ ସଙ୍ଗୀତ' ନାମରେ ଅଭିହିତ କରିଥାଉ; ମାତ୍ର ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଓଡ଼ିଆରେ ଲିଖିତ ବା ଓଡ଼ିଶାରେ ପ୍ରଚଳିତ ସଂଗୀତାବଳୀକୁ 'ଓଡ଼ିଶୀ' ନାମରେ କଦାପି ଅଭିହିତ କରାଯାଇ ନାହିଁ । କିନ୍ତୁ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ 'ଚଉପଦୀ' ବା 'ଚୋପଦୀ' ଶବ୍ଦ ବ୍ୟବହୃତ ହେବା ଦେଖାଯାଏ । ସେ ଯୁଗରେ ସାହିତ୍ୟ ଓ ସଙ୍ଗୀତ ମଧ୍ୟରେ କୌଣସି ପର୍ଥକ୍ୟ ନ ଥିଲା ଓ ସଙ୍ଗୀତ ଅର୍ଥରେ ଚଉପଦୀ ଚତୁଷ୍ପଦୀ ଶବ୍ଦ ସାଧାରଣତଃ ବ୍ୟବହୃତ ହେଉଥିଲା। ଷୋଡ଼ଶ ଶତାବ୍ଦୀରୁ କ୍ଷୁଦ୍ର ପ୍ରବନ୍ଧ ବା ଗୀତ

ISSN NO.
2582-208X

ଅର୍ଥରେ  ଚଉପଦୀ’ ଶବ୍ଦର ବ୍ୟବହାର ହେଉଥିବା ଅନୁମେୟ । ଏଥିରୁ ଏହା ହିଁ ପ୍ରତିପନ୍ନ ହୁଏ ଯେ, ବିଭିନ୍ନ ଶତାବ୍ଦୀରେ ଏହି ଶବ୍ଦଟି ସଙ୍ଗୀତକୁ ହିଁ ନିର୍ଦ୍ଦେଶ କରୁଥିଲା, ମାତ୍ର ଆଧୁନିକ ଯୁଗରେ ଓଡ଼ିଶା ବାହାରେ ସ୍ୱତନ୍ତ୍ର ଗାନରୀତି ସମନ୍ୱିତ ‘ଓଡ଼ିଶୀ ସଂଗୀତ’ ଶବ୍ଦଟିକୁ ବହୁଳ ପ୍ରଚଳନ କରିବା ଯୋଗୁଁ ‘ ଚଉପଦୀ’ ଏକପ୍ରକାର ବିସ୍ମୃତ ହେବାକୁ ଯାଉଛି ।

ପ୍ରାଚୀନ ଓ ମଧ୍ୟକାଳୀନ ଓଡ଼ିଆ ସାହିତ୍ୟରେ ‘ଚଉପଦୀ’ ଶବ୍ଦର ବ୍ୟାପକ ବ୍ୟବହାକାର ପରିଲକ୍ଷିତ ହୁଏ । ସେ ଯୁଗରେ ସାହିତ୍ୟ ଓ ସଙ୍ଗୀତ ମଧ୍ୟରେ କୌଣସି ପାର୍ଥକ୍ୟ ନଥିଲା ଓ ସଙ୍ଗୀତ ଅର୍ଥରେ ଚଉପଦୀ ବା ଚତୁଷ୍ପଦୀ ଶବ୍ଦ ସାଧାରଣତଃ ବ୍ୟବହୃତ ହେଉଥିଲା । ଷୋଡ଼ଶ ଶତାବ୍ଦୀରୁ କ୍ଷୁଦ୍ର ପ୍ରବନ୍ଧ ବା ଗୀତ ଅର୍ଥରେ ଚଉପଦୀ ଶବ୍ଦର ବ୍ୟବହାର ହେଉଥିବା ଅନୁମେୟ। ଊନବିଂଶ ଶତାବ୍ଦୀର ଶେଷ ଦଶକ ଓ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ କବିମାନଙ୍କର ସ୍ୱରଚିତ ସଂଗୀତ, ସଂଗ୍ରହ ତଥା ସଂକଳିତ ସଂଗୀତ ସଂଗ୍ରହମାନଙ୍କର ନାମ ମଧ୍ୟ ଚଉପଦୀ ଶବ୍ଦ ଦ୍ୱାରା ଚିହ୍ନିତ ହୋଇଛି। ଏବେ ଆମେ ଯାହାକୁ ଓଡ଼ିଶୀ ସଂଗୀତ କହୁଛୁ, ତହାହିଁ ପ୍ରାଚୀନ ଯୁଗରେ ଚଉପଦୀ ନାମରେ ଥିଲା ପରିଚିତ। ଯେଉଁ କ୍ଷୁଦ୍ର କବିତା ଗୁଡ଼ିକ ତାଳରେ ନିବଦ୍ଧ ହୋଇ ଗାନ କରାଯାଉଥିଲା ତାହାକୁ ଚଉପଦୀ କୁହାଯାଉଥିଲା। କବିମାନେ ଆଖ୍ୟାନମୂଳକ ଛନ୍ଦ, କାବ୍ୟ ଲେଖିବା ସଙ୍ଗେ ସଙ୍ଗେ ବହୁ ଚଉପଦୀ ରଚନା କରୁଥିଲେ । ଏହିସବୁ ରଚନାକୁ ପ୍ରାଚୀନ କବିମାନେ ‘ଚଉପଦୀ ଭୂଷଣ’ ଓ ‘ଚଉପଦୀ ଚନ୍ଦ୍ର’ ନାମରେ ଅଭିହିତ କରିଅଛନ୍ତି ।

ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷରେ କୁହାଯାଇଛି “ଚଉପଦୀ ହେଉଛି ୪ ଏବଂ କ୍ୱଚିତ ତତ୍ତୋଧିକ ପଦବିଶିଷ୍ଟ ସଂଗୀତ ବା କବିତା” । ‘ଗୀତ’ ର ମୂଳରୂପ ପ୍ରାକୃତ ଓ ଅପଭ୍ରଂଶ ସାହିତ୍ୟରେ ପରିଦୃଷ୍ଟ ହୁଏ । ଉପେନ୍ଦ୍ର ଭଞ୍ଜଙ୍କ ପୂର୍ବରୁ ଧନଞ୍ଜୟ ଭଞ୍ଜ, ବନମାଳୀ ଦାସ, ବିଷ୍ଣୁ ଦାସ ପ୍ରଭୃତି କବିଗଣ ବହୁ ସଂଗୀତ ରଚନା କରିଥିଲେ ହେଁ ଉପେନ୍ଦ୍ର ଭଞ୍ଜଙ୍କୁ ଓଡ଼ିଆ ଚଉପଦୀ ସାହିତ୍ୟର ପୁରୋଧା ଭାବେ ଗ୍ରହଣ କରିବା ସମିଚୀନ। ସେ ବହୁ ରାଗରାଗିଣୀର ବିନିଯୋଗ କରି ସଂଗୀତ ରଚନା କରିଥିବା ଯୋଗୁଁ ଓଡ଼ିଆ ସଂଗୀତ ସମୃଦ୍ଧ ଓ ସମୁନ୍ନତ ହୋଇଅଛି ।

ISSN NO.
2582-208X

ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷରେ କୁହାଯାଇଛି "ଚଉପଦୀ ହେଉଛି ୪ ଏବଂ କ୍ୱଚିତ ତତ୍ତୋଧିକ ପଦବିଶିଷ୍ଟ ସଂଗୀତ ବା କବିତା" । 'ଗୀତ' ର ମୂଳରୂପ ପ୍ରାକୃତ ଓ ଅପଭ୍ରଂଶ ସାହିତ୍ୟରେ ପରିଦୃଷ୍ଟ ହୁଏ । ଉପେନ୍ଦ୍ର ଭଞ୍ଜଙ୍କ ପୂର୍ବରୁ ଧନଞ୍ଜୟ ଭଞ୍ଜ, ବନମାଳୀ ଦାସ, ବିଷ୍ଣୁ ଦାସ ପ୍ରଭୃତି କବିଗଣ ବହୁ ସଂଗୀତ ରଚନା କରିଥିଲେ ହେଁ ଉପେନ୍ଦ୍ର ଭଞ୍ଜଙ୍କୁ ଓଡ଼ିଆ ଚଉପଦୀ ସାହିତ୍ୟର ପୁରୋଧା ଭାବେ ଗ୍ରହଣ କରିବା ସମିଚୀନ। ସେ ବହୁ ରାଗରାଗିଣୀର ବିନିଯୋଗ କରି ସଂଗୀତ ରଚନା କରିଥିବା ଯୋଗୁଁ ଓଡ଼ିଆ ସଂଗୀତ ସମୃଦ୍ଧ ଓ ସମୁନ୍ନତ ହୋଇଅଛି । ତତ୍କାଳୀନ କବିଗଣ କାବ୍ୟ କବିତା ରଚନା କରିବା ପୂର୍ବରୁ କାବ୍ୟ, ବ୍ୟାକରଣ, ଅଳଙ୍କାର ଆଦି ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ମଧ୍ୟ ଚର୍ଚ୍ଚା କରୁଥିଲେ। ଓଡ଼ିଶାର ବୈଷ୍ଣବ କବିମାନଙ୍କ ଦ୍ୱାରା ମଧ୍ୟ ଓଡ଼ିଆ ସଂଗୀତ ବା ଚଉପଦୀ ସାହିତ୍ୟ ସମୃଦ୍ଧ ହୋଇଅଛି । ବୈଷ୍ଣବ କବିମାନେ ରାଧା - କୃଷ୍ଣ ବା ରାମ - ସୀତାଙ୍କର ବିଷୟକୁ ଆଖ୍ୟାନ କାବ୍ୟ ପରିବର୍ତ୍ତେ ବହୁ ଗୀତି କବିତା ଆକାରରେ ପରିବେଷଣ କରିଯାଇଛନ୍ତି। ଏହା ବ୍ୟତୀତ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରୁ ଊନବିଂଶ ଶତକର ମଧ୍ୟଭାଗ ପର୍ଯ୍ୟନ୍ତ ଏକ ଶତାବ୍ଦୀ ମଧ୍ୟରେ ଆବିର୍ଭୂତ ହୋଇଥିବା ପ୍ରାୟ ସମସ୍ତ ଉତ୍କଳୀୟ କବି ମୁଖ୍ୟତଃ ସଂଗୀତ ଆକାରରେ ହିଁ ଭାବ ବ୍ୟକ୍ତ କରିଯାଇଛନ୍ତି। ତେଣୁ ଏହି ସମୟକୁ ଓଡ଼ିଆ ସାହିତ୍ୟର 'ଚଉପଦୀ ଯୁଗ' କୁହାଯାଇପାରେ। ସଂଗୀତକୁ ଆଶ୍ରୟ କରି ଓଡ଼ିଶାରେ ଗୀତାଭିନୟ ଓ ଗୀତିନାଟ୍ୟର ବିକାଶ ସାଧିତ ହୋଇଥିଲା। ଗାୟକମାନେ ରସ ଭାବ, ଆଳଙ୍କାରିତା ଓ ରଚନା ଚାତୁର୍ଯ୍ୟର ନିଦର୍ଶନ ସ୍ୱରୂପ ବହୁ ଚଉପଦୀ ଉଦାହରଣ ସ୍ୱରୂପ ଗାନ କରିଥାନ୍ତି।

ଓଡ଼ିଆ ସାହିତ୍ୟର ଆଦି ପର୍ବରେ ଓଡ଼ିଆ ଚଉପଦୀ ର ରୂପ କିପରି ଥିଲା, ତାହା କହିବା ଅତ୍ୟନ୍ତ କଷ୍ଟକର । ଷୋଡ଼ଶ ଶତାବ୍ଦୀରୁ ଓଡ଼ିଆ ଚଉପଦୀ ସାହିତ୍ୟରେ ପ୍ରତିଷ୍ଠା ଲାଭ କରିଥିଲା । ଏହି ସମୟରେ ବୈଷ୍ଣବ ଧର୍ମର ପ୍ରଚାର ପ୍ରସାର ଫଳରେ କୃଷ୍ଣ ଲୀଳାମୃତ ଚଉପଦୀ ରଚନାର ବିକାଶ ହୋଇଥିଲା। ଷୋଡ଼ଶ ଶତାବ୍ଦୀର ମଧ୍ୟ ଭାଗରୁ ଓଡ଼ିଶା ସ୍ୱାଧୀନତା ହରାଇ ପଠାଣ ଓ ମୋଗଲମାନଙ୍କ ଶାସନାଧୀନ ହୋଇଥିଲା ତଥାପି ଚଉପଦୀ ରଚନା ବ୍ୟାହତ ହୋଇ ନଥିଲା। ସଙ୍ଗୀତ ଅନୁରାଗ ହିଁ ତତ୍କାଳୀନ ନିର୍ବେଦ, ନିରାଶଗ୍ରସ୍ତ ଓ ସଂକିତ ବନ ଜୀବନକୁ ସରସ ଓ ସକ୍ରିୟ ରଖିପାରିଥିଲା ।

ISSN NO.
2582-208X

"ଗୋପୀ ସଙ୍ଗେ ବନମାଳୀ ହେ ସୁଜନେ, ଗୋପୀ ସଙ୍ଗେ ବନମାଳୀ
ଶରଦ ଜହ୍ନରେ ଶ୍ରୀବୃନ୍ଦାବନରେ ରଙ୍ଗେ କଲେ ରସକେଳି ହୋ"।

(ଶରଦ ମିଳନ – ବନମାଳୀ ଦାସ)

ଓଡ଼ିଆ ଚଉପଦୀ ଯଥାର୍ଥତଃ ପଠାଣ ଓ ମୋଗଲ ରାଜସ୍ୱ କାଳରେ ବିକାଶଲାଭ କରିଥିଲା। କାରଣ ସେତେବେଳେ ଓଡ଼ିଶାର ସାମରିକ ବିଭବ ନଥିଲା, ଗଜପତି ରାଜା ଦୁର୍ବଳ ଓ ଶକ୍ତିହୀନ ଥିଲେ । ତେଣୁ ଆଳସ୍ୟ ଜୀବନଯାପନ ଓ ଇନ୍ଦ୍ରିୟ ସେବାରେ ସେମାନେ ଜୀବନ ଅତିବାହିତ କରୁଥିଲେ । ସେହି ରାଜଦରବାରରେ ଆଶ୍ରିତ କବିଗଣ ରାଜାମାନଙ୍କର ମନୋରଞ୍ଜନ ପାଇଁ ଇନ୍ଦ୍ରିୟ ଭୋଗସମ୍ପନ୍ନ ସଂଗୀତ ରଚନା କରିଥିଲେ। ସେଥିରେ ପ୍ରେମର ଉପସ୍ଥାପନାରେ ମନ ଅପେକ୍ଷା ଦେହର ପ୍ରାଧାନ୍ୟ ବେଶୀ ଦେଖାଯାଏ ।

ପ୍ରାଚୀନ ଯୁଗରେ ଚଉପଦୀ ରଚୟିତା ଭାବରେ ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ହରିଚନ୍ଦନ, ବନମାଳୀ ଦାସ, ରାମକୃଷ୍ଣ, ଗୋପାଳକୃଷ୍ଣ, ବଳଦେବ ରଥ, ଗୌରଚରଣ ଅଧିକାରୀ ପ୍ରମୁଖ ଚିରସ୍ମରଣୀୟ। ସେମାନଙ୍କ ରଚିତ ଚୌପଦୀ ସମୂହ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ ରୂପେ ପରିଗୃହୀତ । ପ୍ରାଚୀନ ଓ ମଧ୍ୟକାଳୀନ ସାହିତ୍ୟରେ ମଧ୍ୟ ଚଉପଦୀ ଶବ୍ଦର ବ୍ୟାପକ ବ୍ୟବହାର ପରିଲକ୍ଷିତ ହୁଏ । ଷୋଡ଼ଶ ଶତାବ୍ଦୀରୁ ଓଡ଼ିଆ ଚଉପଦୀ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିଲା। ଜଗନ୍ନାଥ ଦାସଙ୍କ "ରାଧାକୃଷ୍ଣ ଲୀଳାମୃତ" ରଚିତ 'ଷୋଳ ଚଉପଦୀ' ଓ ' ଚାରି ଚଉପଦୀ' ରଚନାରେ ୧୬ ଟି ଓ ୪ ଟି କ୍ଷୁଦ୍ର ଗୀତର ସମାହାରରେ ହୋଇଛି । କବିସୂର୍ଯ୍ୟ ବଳଦେବ ରଥଙ୍କ ସଙ୍ଗୀତାବଳୀକୁ "ଚଉପଦୀ ରତ୍ନାକର" ନାମରେ ନାମିତ କାଯାଇଅଛି। କୃଷ୍ଣଲୀଳାତ୍ମକ ଓ ମାନବିକ ପ୍ରଣୟାନୁଭୂତିମୂଳକ ଗୀତ ରଚନା ଦ୍ୱାରା ଏ ଯୁଗର ସାହିତ୍ୟ ସୁସମୃଦ୍ଧି ଲାଭ କରିଥିଲା ।

ଓଡ଼ିଶାରେ ବୈଷ୍ଣବ କବିମାନଙ୍କ ଦ୍ୱାରା ଓଡ଼ିଆ ସଂଗୀତ ବା ଚଉପଦୀ ସାହିତ୍ୟ ସମୃଦ୍ଧ ଲାଭ କରିଥିଲେ ମଧ୍ୟ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରୁ ଊନବିଂଶ ଶତାବ୍ଦୀର ମଧ୍ୟ ଭାଗ ପର୍ଯ୍ୟନ୍ତ ସମୟକୁ ଓଡ଼ିଆ ସାହିତ୍ୟରେ "ଚଉପଦୀ ଯୁଗ" ବୋଲି କୁହାଯାଇଥାଏ। ପ୍ରାଚୀନ ଗୀତିକାରମାନଙ୍କ ମଧ୍ୟରୁ କୃଷ୍ଣଲୀଳାତ୍ମକ ଗୀତ ରଚୟିତା ଭାବରେ ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ସ୍ଥାନ ସର୍ବାଦୌ ଅବସ୍ଥିତ । ଶ୍ରୀରାଧା ନବାନୁରାଗ ମାଧୁର୍ଯ୍ୟ ବର୍ଣ୍ଣନା ରହିଛି ତାଂକ ଚଉପଦୀରେ ।

ISSN NO.
2582-208X

"ଦୟା ନ କରନ୍ତୁ ମୁଁ ଦାସୀ ସିନାରେ
ଦୁଃଖ ଦେଇ ଶ୍ୟାମକୁ ରାଧା ସୁଖୀ ହେବାକୁ
ରୁଷିବ କଲୁ କି ଏ ଆଲୋଚନାରେ" ।

ମଧ୍ୟଯୁଗରେ ବୈଷ୍ଣବ କବିତା ରଚିତ ହେବା ପରେ ମାନବିକ ବା ଲୌକିକ ପ୍ରୀତିମୂଳକ ଚଉପଦୀ ସମୂହ ରଚିତ ହୋଇଥିଲା। ଓଡ଼ିଶାର ଗୀତିକାରଗଣ ବହୁ ଚଉପଦୀ ରଚନା କରି ଜାତୀୟ ଏକତା ଓ ବୈପ୍ଲବିକ ଚେତନାକୁ ଜାଗ୍ରତ କରାଇବା ପରେ ବଳିଷ୍ଠ ଭୂମିକା ଗ୍ରହଣ କରିଛନ୍ତି। ଦେଶାତ୍ମବୋଧ ସଂଗୀତ ରଚନା କରିବାରେ ବୀରକିଶୋର ଦାସ ଓ ବାଞ୍ଛାନିଧି ମହାନ୍ତି ଅଗ୍ରଗଣ୍ୟ। ଜନସାଧାରଣଙ୍କୁ ଜାତୀୟ ଭାବନା ତଥା ଅହିଂସା ସଂଗ୍ରାମରେ ଉଦବୁଦ୍ଧ କରାଇବାରେ ଏହି ସବୁ ସଙ୍ଗୀତର ଦାନ ଅତୁଳନୀୟ ।

"ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ
ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ
ଗାଏ ସାଗର ଭୂଧର ଅମ୍ବର ଚୁମ୍ବିତ
ଭାଲ ହିମାଚଳ ଗିରିବର କମ୍ପିତ
ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ" । (ବାଞ୍ଛାନିଧି ମହାନ୍ତି)

ଲବଣ ସତ୍ୟାଗ୍ରହ ସମୟରେ ରଚିତ ବୀରକିଶୋରଙ୍କ ଅନ୍ୟ ଏକ ସୁପ୍ରସିଦ୍ଧ ଗୀତ –

"ଆସରେ ଆଜି ଆସ, ଆଜି ଆସ
ଆସ ଦରିଆ ଦଖଲ କରିଯିବ କିଏ ଆସ ।
କଳି କଳିଯୁଗ ହେଲା ବଳିୟାର
ମନୁଷ୍ୟ କରଇ ମନୁଷ୍ୟ ଶିକାର
ବିଦେଶୀ ଶାସନ କଲା ଶମଶାନ
ଆମ ଦେବତା କନକ ଦେଶ" ।

ଭକ୍ତକବି ମଧୁସୂଦନ ଦାସଙ୍କ "ତୁହି ମାଁ ଜନମ ଭୂମି ପବିତ୍ର ଭାରତ ଭୂମି", କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ "ବନ୍ଦେ ଉତ୍କଳ ଜନନୀ", ଗଙ୍ଗାଧର ମେହେରଙ୍କ "ବିଶ୍ୱଜୀବନ ହେ ତୁମ୍ଭଙ୍କୁ କରୁଣା ସିନ୍ଧୁ", ଗୋଦାବରୀଶ ମିଶ୍ରଙ୍କ "ତୁଙ୍ଗ ଶିଖରୀ ଚୂଳ", ଗୋଦାବରୀଶ

ISSN NO.
2582-208X

ମହାପାତ୍ରଙ୍କ "ଉଠ କଙ୍କାଳ" ପ୍ରଭୃତି ଗୀତି କବିତା ଗୁଡ଼ିକର କାବ୍ୟିକ ମହତ୍ତ୍ୱ ଓ ଜନପ୍ରିୟତା ଏବେ ମଧ୍ୟ ସ୍ୱୀକୃତ । ଆଧୁନିକ ଯୁଗର ବିଶିଷ୍ଟ ଗୀତିକାର ଭାବରେ କୃଷ୍ଣମୋହନ, ଲକ୍ଷ୍ମୀକାନ୍ତ ମହାପାତ୍ର, ଲୋକନାଥ ପଟ୍ଟନାୟକ, କାଳୀଚରଣ ପଟ୍ଟାୟକ ପ୍ରଭୃତି ସୁନାମଧନ୍ୟ ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ଚଉପଦୀ ବା ସଂଗୀତ ରଚନା ଓ ଗାନ ରୀତିରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ଏହିପରି ଭାବେ ଓଡ଼ିଆ ଚଉପଦୀ ପରିବର୍ତ୍ତିତ ପରିସ୍ଥିତି ସହ ଆପଣାର ରୂପ ଓ ରୀତିକୁ ବଦଳାଇ ଗତି କରି ଚାଲିଛି । ନୂତନ ସଙ୍ଗୀତର ସାହିତ୍ୟିକ ମୂଲ୍ୟ ଆକଳନ ବର୍ତ୍ତମାନ କଷ୍ଟସାଧ୍ୟ ଓ ସମୟସାପେକ୍ଷ ମନେହୁଏ ।

ଅତିଥି ଅଧ୍ୟାପିକା, ଓଡ଼ିଆ ଭାଷା - ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ସବୁ ବଦଳି ଗଲା ପରେ



ଜୟଶ୍ରୀ ପଟ୍ଟନାୟକ

ସବୁ ସେମିତି ଅଛି ଗାଁ, ଦାଣ୍ଡ,
ଗଡ଼ିଆ, ନଈ, ନାଳ ଓ ପଦ୍ମ ପୋଖରୀ
ବଦଳି ଯାଇଛି ମଣିଷ
ସ୍ନେହ, ଶ୍ରଦ୍ଧା, ଭଲପାଇବା, ମାନବିକତା
ଗୋଟିଏ ଗୋଟିଏ ଶବ୍ଦ ପାଲଟିଛି ।

ଅନ୍ଧକୁ ବାଡ଼ି ଧରେଇ ରାସ୍ତା ପାର
କରୁଥିବା ମଣିଷ ଆଜି ବଢ଼ାଉନାହିଁ ହାତ
ସ୍ନେହ ଶ୍ରଦ୍ଧା ଭଲପାଇବା ବେଳ
ଅବେଳରେ ଖୋଜିବା ହୃଦୟ ସବୁ
ହଜିଯାଇଛନ୍ତି  ଗୋଠରୁ ଗାଈ ହଜିଲା ପରି
କାଲି ଯିଏ ଖୋଜୁଥିଲା ଆତ୍ମୀୟ ସୋଦର ପରି
ଆଜି ସିଏ ଅଚିହ୍ନା, ଅଦୂର ସମ୍ପର୍କ ର ଅଂକଟିଏ ।

ଏଇତ ମଣିଷର ପରିଚୟ ।
ଯେତେ ଦିନ ଖୋଜୁଥିବ ମୋର ମୋର ବୋଲି
ବଣ ଶୁଆ ବି ଧରାଦେବ ହାତ ପାପୁଲିରେ

ISSN NO.
2582-208X

ଯେଉଁଦିନ ଅପସରି ଯିବ କଥା ଚାନ୍ଦିନୀ ରୁ
ସେହିଦିନ ମୃତବତ ପାଲଟିଯାଏ ପରିଚୟ।

ହେ ଇଶ୍ୱର !
ତୁମେ ତ ତ୍ରିକାଳଦର୍ଶୀ
ତୁମେ ହି ତ ଅତୀତ ବର୍ତ୍ତମାନ
ଆଉ ଭବିଷ୍ୟତର ସୂତ୍ରଧର
ତୁମବିନା ସାଧ୍ୟ କାହାର ବୁଝିବାକୁ ଏ ଐନ୍ଦ୍ରଜାଲର କଥା
ଅବା କାହା ମନ ତଳର ସାଉଁଟା ଗୁମର କଥା ।

ତୁମ ଆଦେଶରେ ଦିନ ରାତି ସମ୍ଭବ
ସମ୍ଭବ ବି ସୁଖ ଦୁଃଖର ଜୀବନ
ତୁମ ଛଡ଼ା କିଏ ଅଛି କରିବ
ଏଥିକୁ ଉପଚାର
ବଦଳାଇ ବାକୁ ସମୟର ସ୍ୱର !

ଗଙ୍ଗନଗର, ଭୁବନେଶ୍ୱର,
ମୋ: 7978110474

ISSN NO.
2582-208X

# ଆଉ ଥରେ


ଶାନ୍ତିଲତା ମିଶ୍ର

ଫେରି ଆସ ଆଉ ଥରେ ହେ,
କାଳ ଜୟୀ ଲେଖାର ସ୍ରଷ୍ଟା ।
ଫେରିଲେଣି ରାମ ତାଙ୍କ ବାସ ଭବନକୁ,
ଅପେକ୍ଷା କେବଳ ତୁମ ପଥକୁ ।।
ଲେଖି ଯାଅ ଆଉ ଥରେ ତାଙ୍କର ସେଇ ଅମର,
ପ୍ରେମ କାହାଣୀ, ଠୁ ଆରମ୍ଭ କରି ବିରତ୍ୱର କାହାଣୀ ।
ତୁମ ଯୋଗୁ ସେ ଆଜି ଦେବତାର ଆସନେ,
ପୂଜା ପାଉଛନ୍ତି ପ୍ରତ୍ୟେକ ଟି ଘରେ ଘରେ ।।
ନିଖୁଣ ବର୍ଣ୍ଣନାରେ ତୁମର ସେ ଉଜ୍ଜ୍ୱିବିତ,
ସବୁରି ହୃଦୟେ କରନ୍ତି ସେ ରାଜତ୍ୱ ।।
ଦୃଶ୍ୟମାନ ହୁଅନ୍ତି ଚକ୍ଷୁ ସାମନାରେ,
ଜୀବିତ ହୋଇ ବୁଲନ୍ତି ମନ ପ୍ରାନ୍ତରେ ।।
ସ୍ରଷ୍ଟା ଠାରୁ ସୃଷ୍ଟି ବଡ ଯେ ତୁମେ ତାର ବଡ ପ୍ରମାଣ,
ରାମ ପୂଜା ପାଉଛନ୍ତି ସବୁଦିନ, ସାରା ବିଶ୍ୱରେ ।
ତୁମେ ମନ ପଡ କେବେ କେମିତି କାହାରେ,
ତଥାପି ପୁଜ୍ୟ ପୂଜା କେବେ ବିଲୁପ୍ତ ହୋଇ ନପାରେ ।।
ହେ ମହର୍ଷୀ ବାଲ୍ମିକ, ଜ୍ଞାନୀ ଗୁଣୀ ପ୍ରବର,
ତୁମ ନାମ କିନ୍ତୁ ସ୍ୱର୍ଣ୍ଣକ୍ଷରେ ହୋଇ ଯାଇଛି ଲିଖିତ ।

ISSN NO.
2582-208X

ଆଉଥରେ ଆସି ଲେଖି ଦେଇ ଯାଅ କିଛି ଅମର କୃତିତ୍ୱ,
କରି ଦେଇ ଯାଅ ବିଶ୍ୱବାସୀଙ୍କୁ ଚମତ୍କୃତ ।।
ସର୍ବ ଧର୍ମ ସମନ୍ୱୟ ହୋଇ ଥିଲେ ବି,
ସବୁ ଦେବାଦେବୀ ସମାନ ଯେତେ ହେଲେ ବି ।
ଯେଝା ସ୍ଥାନେ ଜେଝେ ରହିଲେ ଲାଗେ ତାହା ସୁନ୍ଦର,
ଫେରି ଲେଣି ଶ୍ରୀରାମ ତାଙ୍କ ବାସ ଭବନ ।।
ତୁମେ ବି ଫେରି ଆସ ଗାଇବାକୁ ତାଙ୍କ,
ନବ ନିର୍ମିତ ମନ୍ଦିରର ଅମର ଗାଥା ।
ପୁଣିଥରେ ପରିଚୟ କରେଇ ଦେଇ ଯାଅ
ଅନ୍ୟ ଏକ ବିଶ୍ୱଜୟୀ ଗ୍ରନ୍ଥର ସତ୍ତା ।।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ସବୁ ତୁମରି ଇଚ୍ଛା



ସିନ୍ଧୁ ନନ୍ଦିନୀ

ତୁମ ଇଚ୍ଛା ବିନା ପତ୍ରବି ହଲେନି
ତୁମେ ଅଟ ଇଛାମୟ
ଗୀତି କବିତାର ଭାବପ୍ରିୟ ତୁମେ
ତୁମେ ପରା ଲୀଳାମୟ

ତୁମରି ଇଛାରେ ଚାଲେ ଏ ଜଗତ
ଅନ୍ଧ ବି ଦେଖେ ପଥ
ସାରା ସଂସାର ହୁଅନ୍ତି ଆତଯାତ
ମୁକ ଗାଇ ପାରେ ଗୀତ

ସୁଖ ବି ଦେଇଛ ଦୁଃଖ ବି ଦେଇଛ
ସାଥେ ଅଛି ହସଲୁହ
ଖାଦ୍ୟ ବସ୍ତ୍ର ବାସ ସମ୍ପର୍କ ଦେଇଛ
ଆଉକି ମାଗିବି କୁହ

ସବୁତ ତୁମର କିଛି ନୁହେଁ ମୋର
ଦେଇଅଛ ମନ ପ୍ରାଣ
ଛନ୍ଦାଚରଣେ ତୁମ ବନ୍ଧା ଏ ଜୀବନ
ସଦା ରହୁ ମନ ଧ୍ୟାନ

ISSN NO.
2582-208X

ଚିନ୍ତା ଚେତନା  କର୍ମ  ଓ ଭାବନା
ସବୁଥିରେ ପ୍ରଭୁ ଥିବ
ଅନ୍ୟ ଦୁଖେ ଦୁଃଖୀ ସୁଖେ ହେବି ସୁଖୀ
ଏହି ଭାବ ପ୍ରଭୁ ଦେବ

ଧନଜନ ମୋର କିଛି ଲୋଡ଼ା ନାହିଁ ପ୍ରଭୁ
ସାଥେ ରୁହ ଭଗବାନ
ଏତିକି ଅଳି ରଖ କୃପାସିନ୍ଧୁ
କରୁଅଛି ନିବେଦନ

ଗଗନେ ପବନେ  ସଲିଳେ ଅନିଳେ
ତୁମେ ପ୍ରଭୁ ବିଦ୍ୟମାନ
ଶୟନେ ସପନେ   ଅବା ଜାଗରଣେ
ତବ ଶ୍ରୀ ଚରଣେ ମୋ ମନ

ଭୁବନେଶ୍ୱର

ISSN NO.
2582-208X

# ଗୁରୁଶିଷ୍ୟ



ନିରୂପମା ପଟେଲ

ଗୁରୁ ଆଶୀର୍ବାଦେ ସୁମନ ବରଷେ
ଏଇ ଆମ ଚଳା ପଥେ
ସତ୍ୟ ଧର୍ମ ନ୍ୟାୟ ଆହୁଲା  ବାହିକି
ଆଗେଇ ଚାଲନ୍ତି ସତେ ।

ବ୍ରହ୍ମା, ବିଷ୍ଣୁ, ଶିବ ଅଟନ୍ତି ସର୍ବସ୍ୱ
ନାହିଁ ତାଙ୍କ ପଟାନ୍ତର
ମହକି ଉଠେ ଏହି ମନ ପ୍ରାଣ
ଦୂରୀଭୂତ ଅନ୍ଧକାର  ।

ସ୍ନେହର ସୁତାରେ ସେବା ମମତାରେ
ଆମର ଏଇ ସମ୍ପର୍କ
ଯୋଡି ହୋଇଥିବା ସବୁଦିନ ପାଇଁ
ଛୁଇଁ ବନି ଯୁକ୍ତିତର୍କ  ।

ଅନ୍ଧାର ପଥରେ ଆଲୁଅ ସାଜିହେ
ଆଗକୁ ଆଗକୁ ନେବ

ISSN NO.
2582-208X

ସୁଉଚ୍ଚରେ  ସ୍ଥାନ ଦେଉଅଛୁ ଆମ୍ଭେ
ଦୋଷ ଥିଲେ କ୍ଷମା ଦେବ  ।

ମାଟିର ପିଣ୍ଡୁଳା ଥିଲୁ ଆମେ ଦିନେ
ସୌନ୍ଦର୍ଯ୍ୟତା ଭରିଦେଲ
ଶିକ୍ଷାର ସମ୍ପତ୍ତି ଭରିଦେଲ ମନେ
ଜୀବନ ହେଲା ସୁଢଳ  ।

ଗୁରୁଶିଷ୍ୟ ଙ୍କର ପବିତ୍ର ବନ୍ଧନ
ନାହିଁ ତାର ପଟ୍ଟାନ୍ତର
ଏ ଅମୂଲ୍ୟ ଜୀବନ ହୃଦୟ ସ୍ପନ୍ଦନ
ପ୍ରଣତି ଢ଼ାଳେ ବାରବାର
ଆଜି ପ୍ରଣତି ଢ଼ାଳେ ବାରବାର  ।

ମାଧିଆପାଲି, ବଲାଙ୍ଗୀର

ISSN NO.
2582-208X

# ଲଳିତ ନିବନ୍ଧ -
# ପାର୍ବଣର ରଙ୍ଗ



ବଦ୍ରୀ ମହାନ୍ତ

ସୁସ୍ଥ ନିରାମୟ ଶୃଙ୍ଖଳିତ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନ ଜୀଇବାକୁ ହେଲେ ଅନେକ କଥା ଅଣଦେଖା କଲା ପରି କେତୋଟି ଗୁରୁତ୍ୱପୂର୍ଣ୍ଣ ଧାରା ସହିତ ସାଲିସ କରିବାକୁ ପଡେ। ସେଠାରେ ଇଛା ଅନିଛା, ଭଲପାଇବା ଅଥବା ଘୃଣା କରିବାର କୌଣସି ମୂଲ୍ୟ ନ ଥାଏ। ଶୁଦ୍ଧ ମନ ଏକାତ୍ମ ଭାବ ଓ ନିରୋଳା ବିଚାରକୁ ନେଇ ରୂପ ରଙ୍ଗରେ ଚିତ୍ରାୟିତ କଲେ ଯେଉଁ ଅନୁଷ୍ଠାନଟିଏ ଉଭା ହୋଇ ମନ ପ୍ରାଣ ଏବଂ ହୃଦୟର ରୁଦ୍ଧ ଦ୍ୱାର ଖୋଲିଦିଏ, ତାହା ହିଁ ପାର୍ବଣ। ସାମାଜିକ ମାନ୍ୟତା, ପରମ୍ପରା ଏବଂ ପ୍ରାଚୀନ ସଂସ୍କାରର ଭୂମି ଉପରେ ଛିଡା ହୋଇ ପର୍ବ ପର୍ବାଣୀ ହର୍ଷ ଉଲ୍ଲାସରେ ମନ ପ୍ରାଣକୁ ଦ୍ରବୀଭୂତ କରିଦିଏ। ମୁକ୍ତ କରେ ମାନସିକ ଅବସାଦରୁ। କର୍ତ୍ତବ୍ୟ ଓ ଦାୟିତ୍ୱକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଥିବା ବିଚରା ମଣିଷ ହାତରେ ସମୟ ନଥାଏ ନିରେଖି ଦେଖିବା ପାଇଁ ସୁଖଦ ପରିବର୍ତ୍ତନର ଲୁଚିବା ସ୍ଥାନ। ମନୋରଞ୍ଜନ ନଇରେ କିଏ ତାକୁ ଗୋପନରେ ଭସାଇ ନେଇ ଅନନ୍ଦ ଓ ଆଲୋକର ଦୁନିଆକୁ ନେଇ ଯିବ! ଅବଚେତନର ରୁଦ୍ଧଦ୍ୱାର ଖୋଲି ବିଭୁ ପ୍ରେମରେ ବୁଡାଇ ଦେବ ! ସେ ରଙ୍ଗ ପର୍ବର, ପାର୍ବଣର, ସଂସ୍କୃତିର, ପରମ୍ପରାର, ଆସ୍ଥା ଓ ବିଶ୍ୱାସର।

ସାମାଜିକ ଜୀବନକୁ ରସୋତ୍ତୀର୍ଣ୍ଣ କରି ପ୍ରାଣରେ ପୁଲକ ଖେଳେଇବା ନିମନ୍ତେ ଖଞ୍ଜା ହୋଇଥିବା ରଙ୍ଗ ଓ ବ୍ୟବସ୍ଥା ମଧ୍ୟରୁ 'ପାର୍ବଣ' ସହଜରେ ବାରିହୁଏ। ଆଉ ସମଗ୍ର ବିଶ୍ୱରେ ଯେତେ ପର୍ବ ପର୍ବାଣୀ ଅନୁଷ୍ଠିତ ନହୁଏ ତା ଠାରୁ ଅଧିକ ପାଳନ ହୁଏ ଆମ ଦେଶରେ, ନିଷ୍ଠା ଉତ୍ସାହ ଓ ଉଦ୍ଦୀପନାର ସହ। ଏହା ଦେଖାଇ ଦିଏ ଆମର ବଳିଷ୍ଠ

ISSN NO.
2582-208X

ସାଂସ୍କୃତିକ ବିଚାରବୋଧ। ସାମାଜିକ ଏକତା ବନ୍ଧନ ଭାତୃପ୍ରେମର ନିଦର୍ଶନ ରୂପେ ଅନ୍ୟକୁ ଅନୁପ୍ରେରିତ କରେ ଏ ଦର୍ଶନ। ଆଧ୍ୟାତ୍ମିକ ବିଶ୍ୱାସ, ରାଷ୍ଟ୍ର ପ୍ରେମ ଓ ଋତୁ ବଦଳିବାର କ୍ରମ ସହିତ ଜଡିତ ପ୍ରତିଟି ପର୍ବ ଭିତରେ ଲୁଚି ରହିଛି ସ୍ୱତନ୍ତ୍ର ବାର୍ତ୍ତା। ସେ ବାର୍ତ୍ତା ମନର,ପ୍ରାଣର, ହୃଦୟର ଓ ସମାଜର। ସେଠାରେ ବ୍ୟକ୍ତି ନିମିତ୍ତ ହୋଇଯାଏ। ଭାବ ଭାବନା ଆଣିଦିଏ ସୁଖଦ ପରିବର୍ତ୍ତନ, ମାନସିକ ଅବସାଦ ଦୂର କରି ପ୍ରସ୍ତୁତ କରେ ପ୍ରଭୁତ ମନୋରଞ୍ଜନର କ୍ଷେତ୍ର। ଉତ୍ସାହ ଭରା ପ୍ରତିଟି ମୁହୂର୍ତ୍ତକୁ ଆନନ୍ଦରେ ବିତାଇବା ସହ ଖୁସିରେ ଫାଟିପଡେ। ପାର୍ବଣ ବଦଳାଇ ଦିଏ ଦୁଷ୍ପ୍ରାପ୍ୟ ମନେହେଉଥିବା ହସ ରସ ମଉଜ ମଜଲିସ ଏବଂ ଆନନ୍ଦର ଉତ୍ସ। କିଏ ଇଚ୍ଛା ନ କରିବ ଏହାର ରଙ୍ଗ ମାଖି ନ ହେବା ପାଇଁ ? ଜଞ୍ଜାଳ ଓ ଆବଶ୍ୟକତାର ଅର୍ଗଳୀରେ ମିଳୁଥିବା ଅବସର ସମୟକୁ ସଠିକ ଢଙ୍ଗରେ ଉପଯୋଗ କରି ପାର୍ବଣ ଦରିଆରେ ବୁଡିଯିବା ପାଇଁ।

ଆସ୍ଥା ବିଶ୍ୱାସ ଭରସାକୁ ପାଥେୟ କରି ବର୍ଷସାରା ବିଭିନ୍ନ ସମୟରେ ରଙ୍ଗ ରୂପରେ ସଜେଇ ଦେଖେଇବା ଓ ଦେଖିବା ପାଇଁ ଅନୁଷ୍ଠିତ ହେଉଥିବା ନାନା ପର୍ବ ପର୍ବାଣୀ ଏକତା ବନ୍ଧୁତ୍ୱ ସହଯୋଗିତାକୁ ବଳ ଯୋଗାଉଥିବା ସତ୍ୱେ ଆଧ୍ୟାତ୍ମିକ ପ୍ରେମ ସବୁ କ୍ଷେତ୍ରରେ ସଠିକ ପ୍ରକାଶିତ ହୋଇ ପାରେନା। ଈଶ୍ୱରଙ୍କ ସ୍ୱରୂପରେ ବିବିଧତା, ମତବାଦର ଭିନ୍ନତା ଓ ସମ୍ପ୍ରଦାୟର ସ୍ୱତନ୍ତ୍ରତା ଯୋଗୁଁ ଧାର୍ମିକ ଉତ୍ସବାନୁଷ୍ଠାନ ପାଳନର ଅନୁଶ୍ରୁତ ଶୈଳୀ ଅଲଗା ଅଲଗା। ଉପାସନା ପଦ୍ଧତିରେ ଭିନ୍ନତା ଥିବାରୁ ଏହାକୁ କେନ୍ଦ୍ର କରି ସମସ୍ତ ପର୍ବର ଆୟୋଜନ, ବର୍ଣ୍ଣବିଭା ଓ ତାର ପ୍ରଭାବ ପ୍ରସାର ସୁଦ୍ଧା କାହାରି ସହିତ ସମାନ ନଥାଏ। ହିନ୍ଦୁ ଧର୍ମରେ ହୋଲି ଦୀପାବଳି ଦଶହରା ମୁଖ୍ୟପର୍ବ ପରି ଇସଲାମ ରେ ଇଦ ମହରାମ ବା ଖ୍ରୀଷ୍ଟ ଧର୍ମରେ ଖ୍ରୀଷ୍ଟମାସ ଗୁଡ଼ ଫ୍ରାଇ ଡେକୁ ତୁଳନା କଲେ ଏହା ପଶ୍ଚାଦରେ ଥିବା ମୌଳିକ ଲକ୍ଷ୍ୟଟି ଦିଶିଯାଏ। ଏହା ସହିତ ସାରା ବର୍ଷ ବ୍ୟାପି ଅନୁଷ୍ଠିତ ହେଉଥିବା ଅସଂଖ୍ୟ ଉତ୍ସବ ପ୍ରଦର୍ଶିତ କରେ ବ୍ୟକ୍ତିର ଭକ୍ତି ଭାବନା ଓ ସାଂସ୍କୃତିକ ପରମ୍ପରା। ମାନବ ଜାତି ଓ ସମାଜ ଏହା ଦ୍ୱାରା କେତେ ଉପକୃତ ହୁଏ ଜଣା ନାହିଁ, ମାତ୍ର ଏହାର ରଙ୍ଗ ରୂପ ମନୋରଞ୍ଜନର ଅପ୍ରମିତ ଖୋରାକ ଯୋଗାଇ ଥାଏ।

ISSN NO.
2582-208X

ରଙ୍ଗ ରୋଷଣୀର ପରିବେଶ, ମଧୁର ସଂଗୀତ, ମିଷ୍ଟାନ୍ନ, ନୂତନ ବସ୍ତ୍ର ଯୋଗାଡ଼ ସହିତ ନିଜ ଘର, ମନ୍ଦିର, ମସଜିଦ ଗୁରୁଦ୍ୱାର ଗୀର୍ଜାଘର ମାନଙ୍କୁ ରଙ୍ଗୀନ ଆଲୋକ ମାଳାରେ ସଜାଇବା ପାଇଁ ଲୋଡ଼ା ପଡୁଥିବା ଅର୍ଥର ପରିମାଣ ମଧ୍ୟ କିଛି କାମ ନୁହେଁ। ସୁଖାଦ୍ୟ, ବାଣିଜ୍ୟ ବ୍ୟବସାୟ, ମେଳା ମହୋତ୍ସବ ଓ ନୂଆ ନୂଆ ମନୋରଞ୍ଜନର ବିପଣିକୁ ଭକ୍ତି ଓ ସାଂସ୍କୃତିକ ପରମ୍ପରା ନିକିତିରେ ତୁଳନା କଲେ ଏକ ବିଚିତ୍ର ନିଷ୍କର୍ଷରେ ଉପନୀତ ହେବାକୁ ପଡେ। ପାର୍ବଣ ଦେହରେ ନାନା ରଙ୍ଗର ପର ଲଗାଇ ଉଡି ଯାଉଥିବା ବର୍ତ୍ତମାନର ମଣିଷ କେବେ କ୍ଲାନ୍ତ ହେଉ ନାହିଁ। ବରଂ ଚାହୁଁଛି ନୂଆ ନୂଆ ପ୍ରୟୋଗ, ଆଧୁନିକ କାରିଗରୀ ବିଦ୍ୟା ଉପଯୋଗ କରି କେମିତି ଏହାକୁ ଆହୁରି ଆକର୍ଷଣୀୟ ଓ ସାର୍ବଜନୀନ କରି ଗଢି ତୋଳିବ। ଏଥିରୁ କିପରି ଅର୍ଥନୈତିକ ଓ ରାଜନୈତିକ ଲାଭ ହାସଲ କରାଯାଇ ପାରିବ। ଏ ବାବଦରେ ସୁଦ୍ଧା କିଛି କମ ସଚେତନ ନୁହନ୍ତି ଆୟୋଜନକାରୀ ।

ରାଷ୍ଟ୍ରୀୟ ପର୍ବ ହେଉ ବା ମୌସୁମୀ ପର୍ବ, ଆଜି ସବୁଠି ବଦଳିଛି ତାର ମୌଳିକ ଚିନ୍ତନ। ଓଷା ବ୍ରତ, ଯାନିଯାତ୍ରା ଗୁଡିକ ତିଥି, ବାର, ନକ୍ଷତ୍ର, କୃଷି କର୍ମ, ଦେବଦେବୀ, ଶାସ୍ତ୍ରୀୟ କାହାଣୀ, ଲୋକକଥା ସମ୍ବଳିତ ପର୍ବ ହଜାର ହଜାର ବର୍ଷ ବ୍ୟାପି ଯେଉଁ ସବୁ ବିଧି ବ୍ୟବସ୍ଥା ସାତ୍ତ୍ୱିକତାର ସହ ପାଳିତ ହେଉଥିଲା, ତାହା ଆଜି ଆଉ ହୃଦୟ ସହିତ ସମ୍ପର୍କ ନରଖି ମନ କବଳରେ ପଡି ଯାଇଛି। ଅର୍ଥନୈତିକ ସ୍ୱଚ୍ଛଳତା ଆଧୁନିକ ବିଜ୍ଞାନ ହାତରେ କ୍ରୀଡ଼ନକ ସାଜିଛି ସେଦିନର ସ୍ୱଚ୍ଛ ସୁନ୍ଦର ପର୍ବ ପର୍ବାଣୀ। ଆନ୍ତରିକତା ଥାଉ ବା ନ ଥାଉ ପ୍ରଦର୍ଶିତ କରିବା ଓ ସବୁ କଥାରେ ମନୋରଞ୍ଜନ ଏକମାତ୍ର ଦର୍ଶନ ହୋଇଥିବା ଯୋଗୁଁ ଜୀବନ ଯାତ୍ରା ସହିତ ସମ୍ପର୍କିତ ଥିବା ବର୍ଷ ତମାମର ପୂଜା ପାର୍ବଣର ରଙ୍ଗ ବିଭୋର କରୁଛି ଆସନ୍ତା ପିଢ଼ିକୁ। ପ୍ରତିଟି ନୂତନ ପିଢ଼ି ମନେ କରୁଛି ଏହା ସର୍ବଶେଷ ସତ୍ୟ ନୁହେଁ, ଆହୁରି ଅନେକ ରହି ଯାଉଛି, ଯାହା ଆମ ଦ୍ୱାରା ସାକାର ହେବ। ମନେ କରୁଛି ପ୍ରଲେପ ଓ ପରିବର୍ତ୍ତନ ହିଁ ସତ୍ୟ। ତେଣୁ ଆକାର ବିଚାର ରଙ୍ଗ ରସ ସବୁଥିରେ ହାତ ଲଗାଇବାକୁ ପଛାଉ ନାହିଁ। ଏଥି ନିମନ୍ତେ ସେ ଯଥେଷ୍ଟ ଯତ୍ନଶୀଳ ମଧ୍ୟ।

ISSN NO.
2582-208X

ସାର୍ବଜନୀନ ଉତ୍ସବାନୁଷ୍ଠାନ ଏକତା ବନ୍ଧୁତ୍ୱ ଭାତୃଭାବର ସୁଖଦ ଅନୁଭବ ଆଣେ ସତ, ମାତ୍ର ପରିବେଶକୁ ପ୍ରଦୂଷିତ କରୁଥିବା କଥାଟିକୁ ସହଜରେ ଏଡାଇ ଯାଇହେବ ନାହିଁ। ଧ୍ୱନୀର ତୀବ୍ରତା, ଭାଷଣ ବାଜି, ଶବ୍ଦ ପ୍ରଦୂଷଣ ସହିତ ମୂର୍ତ୍ତି ବିସର୍ଜନ ଦ୍ୱାରା ଜଳ ଦୂଷିତ ହେବା, ଲକ୍ଷ ଲକ୍ଷ ଜନତା ଗୋଟାଏ ସ୍ଥାନରେ ଏକତ୍ରିତ ହୋଇ ସୃଷ୍ଟି କରୁଥିବା ବିଘଟନ ଦେଖି ବାଇ ମହାନ୍ତି କହନ୍ତି, "ହେ ପୁଣ୍ୟାତ୍ମା! ନିରୁତା ଆତ୍ମରଞ୍ଜନ ଓ ମନୋରଞ୍ଜନ ପାଇଁ ସମୟ ଓ ଅର୍ଥ ଶ୍ରାଦ୍ଧ କରି ପାର୍ବଣକୁ ଯେଉଁ ରଙ୍ଗରେ ଯେଉଁ ରୂପରେ ରଙ୍ଗାୟିତ କରୁଛ ତାହା କଣ ଯଥାର୍ଥ ? ଥରେ କାନ ଡେରି ଶୁଣ କେମିତି ବିଳାପ କରୁଛି ପ୍ରକୃତି, ଅନୁଭବ କର ସମୃଦ୍ଧ ସାଂସ୍କୃତିକ ପରମ୍ପରାର ଅବକ୍ଷୟ ! ସାମାଜିକ ଏକତା ଭାତୃ ପ୍ରେମ ଓ ବନ୍ଧନ ପାଇଁ ପବିତ୍ର ଉତ୍ସବ ମାନଙ୍କରେ ଢାଳି ଦେଉଥିବା ରଙ୍ଗ ସତରେ କଣ ଆମର ପ୍ରତିଟି ଆସନ୍ତା କାଲିର ନୂଆ ସକାଳକୁ ସମ୍ଭାବନାମୟ କରୁଛି ?"

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ନୂତନ ବର୍ଷ ର ଅଭିନନ୍ଦନ



ଏଲିନା ମହାନ୍ତ

ନୂଆ ବରଷ ର ନୂଆ ସକାଳ...
ନୂଆ ବରଷ କୁ ସ୍ୱାଗତ କର.
ପୁରୁଣା ବରଷ କୁ ବିଦାୟ ଦେଇ..
ପୁରୁଣା ସ୍ମୃତି କୁ ସାଉଁଟି ନେଇ..
ଆଗେଇ ଚାଲ ତୁମେ ରେ ଭାଇ.
ବର୍ଷ ବଦଳିଯାଏ...
ମାସ ବଦଳିଯାଏ...
ବଦଳିଯାଏ ପୁଣି ତାରିଖ.
ମନ ବଦଳେନି...
ଭାବ ବଦଳେନି...
ବଦଳେ ନାହିଁ ଯେ ସମ୍ପର୍କ.
ହେ ପ୍ରଭୁ କଳାଠାକୁର...
ସଭିଙ୍କୁ କରି ରଖିଥା ଚକ୍ର ଆଢୁଆଳ...
ତୁମ ଆଶୀର୍ବାଦ ପ୍ରଭୁ ସଦା ରହିଥାଉ..
ହସ, ଖୁସି ରେ ଏ ଜୀବନ ବିତିଯାଉ.
ନୂଆ ବରଷ ର ନୂଆ ସକାଳ...
ସଭିଙ୍କୁ ଜଣାଉଛି ନୂତନ ବର୍ଷ ର ଅଭିନନ୍ଦନ.

ଭୁବନେଶ୍ୱର
ଫୋନ-9348163037

ISSN NO.
2582-208X

# ମନର କଥା



ପ୍ରିୟଦର୍ଶିନୀ ମହାପାତ୍ର

ତୁମେ ଭିନ୍ନ ଆଉ ମୁଁ ଅଭିନ୍ନ
ବାସ୍ ଏତିକି ଅନ୍ତର
ତୁମେ ଉଦ୍ଭାସିତ କର ଅସରନ୍ତି ଭାଷା
ମୁଁ ନିରୁପାୟ ଆଉ ଏକାନ୍ତର ।।

ତୁମେ ସଭିଙ୍କ ଭିତରେ ସମାନ
ଆଉ ଛୁଇଁ ଯାଅ ସ୍ୱପ୍ନ ସାଗର
ମୁଁ ଶୂନ୍ୟ ର ସେ ଅନ୍ଧକାର ରେ
ଖୋଜୁଥାଏ ନିଜ ଆକାର ।।

ପ୍ରତି ପ୍ରଗତିରେ ତୁମେ ବାଃ ବାଃ ନିଅ
ମୁଁ ଯେ ଅଚଳନ୍ତି ନିର୍ଝର
ବାସ୍ ବୁଝିନିଅ ମୋତେ ଧରିନିଅ ହାତ
ସଫଳତା ନୁହେଁ ବେଶୀ ଦୂର ।।

ମୁଁ ହେଲେନ୍ କେଲେର୍ ପରି ପୁନର୍ବାର
ରଚିବି ଖ୍ୟାତି ଏ ଜଗତେ

ISSN NO.
2582-208X

ତୁମେ ମିସ୍ ସୁଲିଭାନ୍ ଗୁରୁ ହୋଇ ଆସ
ସ୍ନେହ ଆଦର ତ ଲୋଡ଼ା ଖାଲି ମୋତେ ।।

କ୍ଷଣଟିଏ ପାଇଁ ବୁଝି ଯାଅ ମୋତେ
ମୁଁ ବି ସମ୍ମାନ ଖୋଜୁଛି
ବାରମ୍ବାର ପଡ଼େ ଚାଲୁ ଚାଲୁ ହେଲେ
ଜିତିବାର ଲକ୍ଷ୍ୟ ରଖିଛି ।।

ହଟାଇ ଦିଅ ସେ କୁତ୍ସିତ ନଜର
ମୁଁ ପାଇଯିବି ନିଜ ଆକାର
ବାସ୍ ବୁଝିଯାଅ ମୋତେଧରିନିଅ ହାତ
ସଫଳତା ନୁହେଁ ବେଶୀ ଦୂର ।

ଶିକ୍ଷୟିତ୍ରୀ
ପ୍ରାଥମିକ ବିଦ୍ୟାଳୟ ଅନ୍ଧାରୁଆ,
ଜଗନ୍ନାଥ ପ୍ରସାଦ

ISSN NO.
2582-208X

# ଦୁଃଖ



ପ୍ରଦୀପ୍ତ କୁମାର ମିଶ୍ର

ଦୁଃଖଟା ସବୁଆଡେ, ସୁଖ ପଛେ ପଛେ
ସୁଖ ନସରୁଣୁ ତାର ଲମ୍ବା ଧାଡି ।
ସମସ୍ତେ କହୁଛନ୍ତି ତାଙ୍କ ଦୁଃଖ କଥା
ମେଡିକାଲରୁ ମନ୍ଦିର ଯାଏ ।
ସୁଖ କେମିତି ଭାରି ଡରୁଆ ନିର୍ବଳ ପାଲଟିଗଲାଣି
ଦୁଃଖର ମେଞ୍ଚାଏ ଅବସ୍ଥିତିରେ, ନୁହେଁ ।
ଶିଶୁ ହସୁନି ଖାତା ବହି ବୋଝରେ ନହେଲେ ପେଟପାଇଁ
ନିଶା ସୁଖଦେବକହି ଅନେକଙ୍କୁ ବାଢ଼ିଦେଇଛି ମେଞ୍ଚାଏ ଦୁଃଖ ।
ଏବେ ଯାହାକୁ ଦେଖୁଛନ୍ତି ସମସ୍ତଙ୍କ ମୁହଁରେ ହସ
କିନ୍ତୁ ହସ ପଛରେ କେତେ କଣ ।
ଆକାଶ ଦୁଃଖରେ ବୃକ୍ଷଦୁଃଖରେ ମନ୍ଦିରରେ
ଭଗବାନ ବି ଦୁଃଖରେ ସବୁଠି ନିରାଶ ।
ଜିତିବାଲୋକ ଜିତିନି ହାରିବା ଲୋକତ ଏମିତି ଜିତିନି
ତେବେ ସୁଖ କାହିଁ କେବଳ ମେଞ୍ଚାଏ ଦୁଃଖ ।

ଅରେଇ, ଯାଜପୁର
9658614728

ISSN NO.
2582-208X

# ଆଶା



ସୁଜିତ କୁମାର ମିଶ୍ର

ମୁଠାଏ ଆଶାର କିରଣେ ଜୀବନ ମହକେ କୁସୁମ ପରି,
ନାହିଁ ନାହିଁ ମଧ୍ୟେ ଆନନ୍ଦ ଜୁଆର ନିଜକୁ ସମିଧ କରି ।
ମନ ଉପବନ ଚହଟେ ଶୋଭାରେ ମିଠା ଆଶା ପରଶରେ,
କଣ୍ଟକିତ ପଥ ସହଜ ସୁଗମ କମନୀୟ କାମନାରେ ।

ପଙ୍ଗୁ ଲଙ୍ଘେ ଗିରି ଅଦମ୍ୟ ସାହସେ ପରମ ଆଶାର ଧାରେ,
ଇତିହାସ ସବୁ ସାଉଁଟା କୀରତି ଏକନିଷ୍ଠ ସାଧନାରେ ।
ଅମା ଅନ୍ଧକାରେ ସଢ଼ୁଥିବା କଢ଼ି ଆଲୋକରେ ପ୍ରସ୍ଫୁଟିତ,
ଆଶାର ଅମୃତ ଛୁଆଁରେ ନିରାଶା ଅନ୍ତରରୁ ଅପହୃତ ।

ପଥ ଅସରନ୍ତି ଅଙ୍କାବଙ୍କା ନଇ ପାହାଡ ଆକାର ସ୍ୱପ୍ନ,
ଚାଲିବାକୁ ହେବ ଆଶା ସାଥେ ସାଥେ ଛୁଇଁବାକୁ ଶୁଭଦିନ ।
ତଟିନୀ ବିଦଗ୍ଧ ଆଶାର ବର୍ଷାରେ ତାର ସ୍ୱାର୍ଥେ ଧାବମାନ,
ମିଶେ ସାଗରରେ ମଧୁର ମୋହରେ ମିଳନର ପାରବଣ ।

ଆଶା ତ ଦୀପର ପ୍ରଜ୍ୱଳିତ ଶିଖା ଅଲିଭା ସେ ଅହର୍ନିଶ,
ଜଳୁଥିଲେ ସବୁ ତୁଚ୍ଛ କରିଦେଇ ଜଖମ ଓଠରେ ହସ ।

ଜନାର୍ଦ୍ଦନପୁର ଶାସନ,କେନ୍ଦୁଝର
୭୬୮୩୮୭୭୭୪୨

ISSN NO.
2582-208X

# ବିଚରା କଂସ



କୁଞ୍ଜ ବିହାରୀ ସାହୁ

ଘଟଣାଟି ଘଟିଲାବେଳକୁ ଭାଇ ହାତରେ ରାଖୀ ବାନ୍ଧିବା ରୀତି ନୀତି ଥିଲା କି ନାହିଁ ଜାଣିବା ମୁସ୍କିଲ । କିନ୍ତୁ ଭାଇର ମୃତ୍ୟୁର କାରଣ ନିଜ ଭଣଜା ହେବାକୁ ଯାଉଛି, କିଏ ବରଦାସ୍ତ କରିବ ? ବ୍ଲଡ ପ୍ରେସର ବଢିବା ହିଁ ବଢିବ । ମନକୁ ପାପ ଛୁଇଁବ ହିଁ ଛୁଇଁବ । ଭଉଣୀ ଭିଣୋଇଙ୍କୁ ହାତମୁଠା ଓ ନଜରବନ୍ଦୀରେ ରଖିଲେ ଏଭଳି ଅସମୀଚୀନ ଆଶଙ୍କା ଦୂରେଇଯିବ !!

ଦୀର୍ଘ ନିଃଶ୍ୱାସ ମାରିଲା କଂସ । ଭଉଣୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ ରଥରେ ବସାଇ ନଗର ପରକ୍ରମାବେଳେ ଶୂନ୍ୟବାଣୀ ଶୁଣି ହତଚକିତ ହୋଇଗଲା ମହାପ୍ରତାପୀ କଂସ । ଦେବକୀର ଅଷ୍ଟମ ସନ୍ତାନ ବିନାଶର କାରଣ ହେବ-କଂସ ମୁଣ୍ଡକୁ ତେନ୍ତୁଳିଆ ବିଛା କାମୁଡ଼ିଦେଲା । ମତିଭ୍ରମ ହେଲା ଏକାବେଳକେ । ଅନ୍ଧାର ଦିଶିଲା ଚାରିଦିଗ । ଯଦି ଶୂନ୍ୟବାଣୀ ସତ ହୋଇଯାଏ, ତେବେ ଆକାଶଟା ମୁଣ୍ଡ ଉପରେ ଛିଡିପଡ଼ିବନି ତ ! ପାଦତଳୁ ମାଟି ଧସେଇଯିବନି ତ ! ନିଜ ବ୍ୟଭିଚାରର ପରାକାଷ୍ଠା ପଦାରେ ପଡ଼ିଯିବନି ତ! ଏମିତି ଏକ ଅପ୍ରତ୍ୟାଶିତ ଘଟଣାରେ କଂସ ନିଜକୁ ଆୟତ୍ତ କରିପାରିଲାନି । ରଥର ଗତିପଥକୁ ବଦଳାଇ ନିଜକୁ ନିଜେ କହିଦେଲା-

ମୂଳୁ ମାଇଲେ ଯିବ ସରି
ଦେବଙ୍କ ସାଙ୍ଗେ କିମ୍ପା କଳି ।

ISSN NO.
2582-208X

ନା ରହିବ ବାଉଁଶ ନା ବାଜିବ ମୁରଲୀ । ନାକ ଉପରେ ଅସମ୍ଭବ ରାଗ । ସିଏ ତ ବାପାଙ୍କୁ ମଥୁରାକଟକର ରାତ୍ରି ଜଗୁଆଳ କରିସାରିଛି । ଏବେ ସେ ହିଁ ଏକମାତ୍ର ରାଜା । ଚାଲିଲେ ଗର୍ଭିଣୀ ଗାଇ ବି ବାଟ ଛାଡ଼ିଦେବ । ଏମିତି ଚିନ୍ତା ଚେତନାକୁ ମନରେ ସାଇତି ସିଧାସଳଖ ନେଇଗଲା କାରାଗାରକୁ । ବନ୍ଦୀ କରିଦେଲା ଭଉଣୀ ଓ ଭିଣୋଇକୁ । କଡା ହୁକୁମ ଦେଲା - ତୋର ସନ୍ତାନ ହେବା ମାତ୍ରେ ଖବର ଦେବୁ । ଅଷ୍ଟମ ସନ୍ତାନ ମୋ ଶତ୍ରୁ। କଥାଟିକୁ ମନେରଖିଥିବୁ ଦେବକୀ ।

ଦେବକୀ ଆଖିରେ ଶ୍ରାବଣର ବାରିଧାରା ବୋଲ ମାନୁନି । ବସୁଦେବ ହତୋତ୍ସାହିତ ମୁଦ୍ରାରେ। ଆଖି ଥାଇ ଯେମିତି ଦୃଷ୍ଟିବାଧିତ ଦେବକୀ ଓ ବସୁଦେବ ! ନିୟତିର କି ଭିଆଣ।

କଂସର ରାଗ ସତେ ଯେମିତି ଘୂର୍ଣ୍ଣିଝଡ଼ ପରି ମନକୁ ଚୂରମାର କରିଦେଉଛି ଆପଣାଛାଏଁ । ସାରା ଶରୀର ଆନ୍ଦୋଳିତ ହେଉଛି । ବନ୍ଦୀଶାଳର ଚାରିପଟେ ପ୍ରହରୀ ଜଗେଇଦେଲା ସନ୍ତାନ ଜନ୍ମର ଖବର ଜଣାଇବାକୁ ନିର୍ଦ୍ଦେଶ ଦେଲା । ଆଜ୍ଞାଧୀନ ପରି ପ୍ରହରୀ ମୁଣ୍ଡ ଟୁଙ୍ଗାରିଦେଲେ ସଭିଏଁ ।

ଦିନ ଆସି ଦେବକୀର ପ୍ରଥମ ସନ୍ତାନ ଆବିର୍ଭାବ ହେଲା । ପ୍ରହରୀର ଡାକରାରେ ପ୍ରଲୁବ୍ଧ କଂସ ସନ୍ତାନକୁ ନଷ୍ଟ କରିଦେଲା । ଏଇମିତି ଛଅଟି ସନ୍ତାନର ଜୀବନକୁ ପାଣିଫୋଟକା ପରି ଚିପିଦେବାରେ କି ଆନନ୍ଦ ଥିଲା କେଜାଣି ସେ ହିଁ ଜାଣିଥିଲା । ରାଗ କିନ୍ତୁ ଥମିନଥିଲା। ଦେବକୀର ସପ୍ତମ ଗର୍ଭ ଉଭେଇଯାଇଥିଲା ।

ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ । ବାହାରେ ମୂଷଳ ଧାରାରେ ବର୍ଷା । ବିଜୁଳି ଓ ଘଡ଼ଘଡ଼ିର ଯୁଗଳବନ୍ଦୀ ସ୍ୱରରେ ଫାଟିପଡୁଛି ସାରା ସହର । ସ୍ୱୟଂ ନାରାୟଣ ଦେବକୀ ଗର୍ଭରୁ ସାନ୍ତ୍ୱନା ଦେଲେ- ଦୁଃଖ ଅପସରିଯିବାର ବେଳ ଆସିଗଲା ମା।

ISSN NO.
2582-208X

ଭୂମିଷ୍ଠ ହେଲା ସନ୍ତାନ । ଦେବକୀ ମନରେ ଭୟ ଓ ଆଶଙ୍କାର ବୁଢିଆଣୀ ଜାଲ ଖେଦିଗଲା। କେମିତି କଂସ ହାତକୁ ଟେକିଦେବ କଅଁଳା ବାଳୁତକୁ ! ବସୁଦେବ ବୁଝିଗଲେ ଦେବକୀର ମନକଥା । ସ୍ୱୟଂ ନାରାୟଣ ଯାହାର ସାହା, ବିପଦ ଆପେ ଆପେ ବାଟ ଭାଙ୍ଗି ଚାଲିଯିବ । ଜନ୍ମିତ କୁମର ହିଁ ସ୍ୱୟଂ ଭଗବାନ । ଅଛପା ରହିଲାନି । ମୁଣ୍ଡପରେ ରଖି ଗୋପପୁରକୁ ଚାଲିଗଲେ ତତକ୍ଷଣାତ୍ । ଯମୁନା ନଦୀ ବାଟ ଦେଖେଇଦେଲା, ବାସୁକୀ ସହଯୋଗର ହାତ ବଢାଇଦେଲା ।

ନନ୍ଦ ଯଶୋଦାଙ୍କୁ କୋଳରେ ନିଜ ପୁତ୍ରକୁ ସମର୍ପି ଦେଇ କନ୍ୟାକୁ ପାଛୋଟି ଆଣିଲେ । କି ଚମତ୍କାର ଏ ଦୃଶ୍ୟ । ଦେବକୀ ଏବେ ପାଇଛି କନ୍ୟାଟିଏ । ବିମୋହିତା ଓ ପ୍ରଫୁଲ୍ଲିତା ସେ। କଂସର ପାଦ ପଡିବନି କି ପୁତ୍ରର ନିଧନ ହେବନି ।

ବିଧି କିନ୍ତୁ ଲେଖିଦେଇଥିଲା ନିଆରା କଥାଟିଏ । କଂସ ପାଖରେ ବିଳମ୍ବିତ ଖବର ପହଞ୍ଚିଗଲା । ମାଟି କାମୁଡ଼ିଦେଲା ରାଗରେ । ଅଚିରେ ଧାଇଁଗଲା ଦେବକୀ ପାଖକୁ । ଛଡେଇଆଣିଲା ଆଷ୍ଟମ ସନ୍ତାନକୁ । ଦର୍ପଶିଳାରେ ପିଟିଦେଇ ମାରିବାକୁ ପ୍ରୟାସ କରନ୍ତେ ଉଡିଗଲା ଶୂନ୍ୟକୁ ବିଜୁଳିକନ୍ୟା । ଅଟ୍ଟହାସରେ ଚେତେଇଦେଲା - ରେ କଂସ ତୁ ସିନା ମାରିବାକୁ ବାଉଳି ହେଉଛି, ହିତାହିତ ଜ୍ଞାନ ହରେଇଦେଉଛୁ, ତୋ ଶତ୍ରୁ ତ ଗୋପପୁରର ଯଶୋଦା କୋଳରେ ଦୋଳି ଖେଳୁଛି ।

ଛାତି ଫାଟିଗଲା ପରି ଲାଗିଲା କଂସର । ମନେ ମନେ ଗୁଣୀ ହେଉଥିଲା – "ଯେ ପାଞ୍ଚେ ପରର, ମନ୍ଦ ତା ମନ୍ଦ ପାଞ୍ଚନ୍ତି ଗୋବିନ୍ଦ" ।

ନିଜ ପାରିଲାପଣିଆକୁ ଧିକ୍କାର କଲା କଂସ । ରାଗରେ ମ୍ରୂୟମାନ ହୋଇଗଲା ।

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ଜୀବନର ମୋହ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଜୀବନର କୁଟୀଳ ପଥରେ
କେହି ନଥାନ୍ତି ସାଥିରେ
ଖାଲି ଯାହା ରହିଥାଏ
ମେଞ୍ଚାଏ କଳା ଅନୁଭୂତି
ବିଫଳତାରେ ମନ ମରିଯାଏ
ରୁକ୍ଷ ଏହି ହୃଦୟ କାରାଗାରେ
ତୁମର ସେ ଉର୍ବଶୀ ସ୍ୱପ୍ନଟା
କେବେ ବା କେମିତି ମୋର
ଅନ୍ଧାରୁଆ ମନ ଗହ୍ୱରକୁ
ଦଲକାଏ ଆଲୁଅ ଦେଖାଏ
ଏ ଜୀବନ ଦୁଃଖ ସୁଖ ସାଥି
ଅତୀତର ଇନ୍ଦ୍ରଧନୁ
ଏବକାର କରୁଣ ରାଗିଣୀ

ସୁଦୂରର ସହୃଦୟ ବନ୍ଧୁ
ଛାତିରେ ଆଉଜାଇ ଦିଅ
ହେ ମୋର କାଗଜ ଆଉ
କଲମର ସାଥି
ତୁମକୁ ମୁଁ ନ ଛାଡ଼େ କିପାଇଁ
ଛାଡ଼ି ଦିଏ ଜୀବନର ମୋହ ।

ଦାମୋଦରପୁର, ଗଂଜାମ
ମୋ:୮୮୯୫୧୪୧୭୨୭

ISSN NO.
2582-208X

# ଆଶାର ନୀଳତୃଷ୍ଣା



ସତ୍ୟନାରାୟଣ ପ୍ରସାଦ ନାୟକ

ମନ ଟି ଆମରି ଘୋଡା ପରି ଦୌଡେ
ସେତ ଲଗାମ ବିହୀନ
ଅସୁମାରୀ ଆଶା ଏକାଠି ହୋଇଲେ
କେମିତି ହୋଇବ ପୂର୍ଣ୍ଣ ।

ସବୁ ଆଶା କେବେ ହୁଏନି ପୂରଣ
ଯାହା ଭାବେ ଏଇ ମନ
ବହୁ ଆଶା କରି ସରଗକୁ ସିଡ଼ି
ବାନ୍ଧିଲା କି ଦଶାନନ !

କିଛି ଆଶା ସିନା ହୁଅଇ ପୂରଣ
ପରିଶ୍ରମ କଲେ ଟାଣ
ଇଚ୍ଛାଶକ୍ତି ପୁଣି ଆଉ ଏକ ବଳ
ମନକୁ କରେ ସବଳ ।

ସବୁ ଆଶା ଯଦି ଘୋଡା ହେଇଥାନ୍ତା
ଭିକାରୀ ଚଢି ବୁଲନ୍ତା
କୋଟିପତି ହୋଇ ଭଲରେ ଚଳନ୍ତା
ଅଭାବ କିଛି ନଥାନ୍ତା ।

ISSN NO.
2582-208X

ଯେତେ ସବୁ ଭଲ କର୍ମ କରି ଚାଲ
ଫଳରେ ନ ରଖି ଆଶା
ଭଗବତ ଗୀତା ଏହି କଥା କହେ
ଅକର୍ମାକୁ ପଡେ ଦଶା ।

ସଦାଚାରେ ଲକ୍ଷ୍ମୀ ବିଚାରେ ପଣ୍ଡିତ
ହୁଏ ମହିମା ମଣ୍ଡିତ
ମହତ କର୍ମରୁ ମିଳେ ଯେଉଁ ଫଳ
ଆମକୁ କରଇ ତୃପ୍ତ ।

ରଥ ରୋଡ, ଭୁବନେଶ୍ୱର
Mob.-9437764014

ISSN NO.
2582-208X

# ଅନ୍ତିମ ସତ୍ୟ



ଛବି ରାଣୀ ପତି

ସୁଖ ସମ୍ଭୋଗରେ ଭୁଲିଯାଏ ମନୁ
ଅସାର ସଂସାର ସତ୍ୟ
ଘାଣ୍ଟିହୁଏ ଲୋଭ ମାୟା ମୋହ ଜାଲେ
ଜଳି ମରୁଥାଏ ନିତ୍ୟ ।

ଜନ୍ମ ଠାରୁ ଧ୍ରୁବ ମରଣ ଯେ' ସତ୍ୟ
ପାସୋରି ଯାଏ ସେ ହେଳେ
ଅମର, ଯୌବନା ରହିବାକୁ କରେ
ଯତ୍ନ କେତେ କଳବଳେ ।

ମୋର ମୋର କହି ସାଉଁଟି ପକାଏ
ଅଜାଚିତ ଯେତେ ଧନ
ମର୍ଯ୍ୟାଦା ସମ୍ମାନ ଅର୍ଥ ପ୍ରତିପତ୍ତି
ଦୃଢ଼ ଚିତ୍ତେ ଖୋଜେ ମନ ।

ISSN NO.
2582-208X

ଆଧ୍ୟାତ୍ମିକ ଦିବ୍ୟ ସତ୍ତାକୁ ପଛରେ
ପକାଇ ଆଗକୁ ଧାଏଁ
ଜୀବନର ଶେଷ କ୍ଷଣକୁ ବିସ୍ମରି
ହିଂସା ଆପଣେଇ ନିଏ ।

ଶ୍ମଶାନ ଜୁଇର ଚିମୁଟେ ପାଉଁଶ
"ଜୀବନ ଅନ୍ତିମ" ସତ୍ୟ
ବେଳହୁଁ ଏଥିକି ବୁଝିବାକୁ ହୁଏ
ଅମୃତ ତାତ୍ୱିକ ତତ୍ତ୍ୱ ।

ସମ୍ପାଦିକା - ରାମକୃଷ୍ଣ ସାହିତ୍ୟ ସଂସଦ
ମଧ୍ୟ ଶାସନ, ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ISSN NO.
2582-208X

# ପଶ୍ଚିମ ଓଡ଼ିଶାର ଦଣ୍ଡ ଯାତ୍ରା - ଏକ ବିହଙ୍ଗାବଲୋଚନ



ଡ଼ଃ ପ୍ରଦୀପ କୁମାର ପଣ୍ଡା

ଦଣ୍ଡ ଯାତ୍ରା ପଶ୍ଚିମ ଓଡ଼ିଶାର ଗୋଟିଏ ଲୋକପ୍ରିୟ ଉତ୍ସବ । ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତିର ମୁଖ୍ୟ ଅଂଶଭାବେ ଏକ ହଜାର ବର୍ଷରୁ ଅଧିକ ସମୟ ଧରି ଏହା ପାଳିତ ହୋଇ ଆସୁଛି । ଏଥିରେ ଶୈବ, ଶାକ୍ତ ଓ ତନ୍ତ୍ର ଧର୍ମର ଅପୂର୍ବ ସମନ୍ୱୟ ଘଟିଛି । ଏଥିରେ ଆଚାର, ଅଭିଚାର ଓ ସାଧନା ବ୍ୟତୀତ ଗୀତ, ବାଦ୍ୟ, ନୃତ୍ୟ ମଧ୍ୟ ରହିଥାଏ । ଏହି ଦଣ୍ଡ ଯାତ୍ରାକୁ ସମ୍ବଲପୁର ଓ ବଲାଙ୍ଗିର ଅଞ୍ଚଳରେ ସୁଲ୍ହ ସୁଆଙ୍ଗ କହନ୍ତି । ଏଥିରେ ଆଠ ଯୋଡି ବା ଷୋହଳ ଜଣ ମୁଖ୍ୟ ଅଭିନୟକାରୀ ରହିଥାନ୍ତି । ଏହି ଦଣ୍ଡ ଯାତ୍ରା ଶିବରାତ୍ରୀ ଦିନ 'ମେରୁ ଉଠା' ପର୍ବ ଠାରୁ ଆରମ୍ଭ ହୋଇ ପଣା ସଂକ୍ରାନ୍ତି ଦିନ 'ମେରୁ ଭଙ୍ଗା' ପର୍ବରେ ଏହା ଉଦ୍‌ଯାପିତ ହୋଇଥାଏ ।

କପିଳାଗାଇ ବଧ ଓ ମାତୃହରଣ ପାପ ପ୍ରକ୍ଷାଳନ ନିମିତ୍ତ ଶିବ କୈଳାସରେ ନ ରହି ଦଣ୍ଡ ସ୍ୱରୂପ ବାହାରେ ବୁଲୁଥିଲେ । ଆଜି ମଧ୍ୟ ଗୋହତ୍ୟା ପାପ ନିବାରଣ ପାଇଁ ଲୋକେ ଦଣ୍ଡ ସ୍ୱରୂପ ବେକରେ ରଶି ପକାଇ ଦ୍ୱାରେ ଦ୍ୱାରେ ବୁଲିଥାନ୍ତି । ସମ୍ଭବତଃ ଏଥିରୁ ଦଣ୍ଡ ଯାତ୍ରାର ଏପରି ନାମକରଣ ହୋଇଥାଇ ପାରେ । ଡଃ କୁଞ୍ଜବିହାରୀ ଦାଶଙ୍କ ମତରେ ଦଣ୍ଡ ଅର୍ଥ ବାଡ଼ି । ଦଣ୍ଡ ଯାତ୍ରାରେ ଅଭିମନ୍ତ୍ରିତ ଦଣ୍ଡ (ବେତ ବାଡ଼ି) କୁ ଶିବ ଏବଂ ଶକ୍ତିଙ୍କର ପ୍ରତୀକ ରୂପେ ପୂଜା କରାଯାଏ । ଏହି ଅଭିମନ୍ତ୍ରିତ ଦଣ୍ଡ ପୂଜା କରାଯାଉଥିବାରୁ ଏହାର ଏପରି ନାମକରଣ କରାଯାଇ ଥାଇପାରେ । କୃଷ୍ଣ ଚରଣ ବେହେରାଙ୍କ ମତ ଅନୁସାରେ,

ISSN NO.
2582-208X

"ଦୈନନ୍ଦିନ କର୍ମରୁ ଯାତ ହେଉଥିବା ପାପ ପ୍ରକ୍ଷାଳନ ପାଇଁ ମାନସିକ କରି ଦଣ୍ଡ ବରଣ ପୂର୍ବକ ନିଜକୁ କଷ୍ଟ ଦେଇ ଶିବ ପୂଜା କରୁଥିବାରୁ ସମ୍ଭବତଃ ଏପରି ନାମକରଣ ହୋଇଥାଇ ପାରେ ।" ପଣ୍ଡିତ ଲକ୍ଷ୍ମୀ ନାରାୟଣ ସାହୁଙ୍କ ଅନୁସାରେ, "ଦଣ୍ଡ ହେଉଛି ଶିବଙ୍କ ପ୍ରତୀକ ଏବଂ ଏହି ଯାତ୍ରାରେ ଚାରି ଶମ୍ଭୁଙ୍କ ପ୍ରତୀକ ରୂପରେ ଚାରୋଟି ଦଣ୍ଡ ବ୍ୟବହାର କରାଯାଇଥାଏ । ଯାତ୍ରା ଆରମ୍ଭ ପୂର୍ବରୁ ପୋତା ହୋଇଥିବା ଚାରି ଦଣ୍ଡକୁ ଏକ ବିଶେଷ ଉତ୍ସବରେ ବାହାର କରାଯାଏ । ଏହାକୁ "ଦଣ୍ଡ ଉଠିବା" ବୋଲି କୁହାଯାଏ । ତାପରେ ଚାରି ଦଣ୍ଡରେ ଅଗ୍ନି ସଂଯୋଗ କରାଯାଏ । ଯାହାକୁ 'ଦଣ୍ଡ ଜୀଆଁଇବା' କୁହାଯାଏ । ଏହି ଦଣ୍ଡ ଚାରୋଟି ଦଶ ଆଙ୍ଗୁଳି ବିଶିଷ୍ଟ, ଫମ୍ପା ଓ ଲିଙ୍ଗାକୃତି । ଦଣ୍ଡ ଯାତ୍ରାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏହି ଦଣ୍ଡର ଭୂମିକା ଅପରିହାର୍ଯ୍ୟ । ଏହି ଦଣ୍ଡ ଯୋଗୁଁ ଯାତ୍ରାର ନାମ ଦଣ୍ଡ ଯାତ୍ରା ହୋଇଥାଇ ପାରେ ।" ପଣ୍ଡିତ ସାହୁଙ୍କ ମତାମତ ଅଧିକ ଯୁକ୍ତିଯୁକ୍ତ ମନେ ହେଉଥିଲେ ହେଁ ଏହି ଯାତ୍ରାର ନାମକରଣର କୌଣସି ଐତିହାସିକ ଭିତ୍ତି ଏ ଯାଏଁ ଅନୁସନ୍ଧାନ କରାଯାଇପାରିନାହିଁ ।

ଏହାର ଉତ୍ପତ୍ତି ବିଷୟରେ ମଧ୍ୟ ଭିନ୍ନ ଭିନ୍ନ ମତ ରହିଛି । ଏହି ଦଣ୍ଡ ସତ୍ୟ ଯୁଗରେ କୈଳାସ ପର୍ବତ ମଧ୍ୟରେ ଲୁକ୍କାୟିତ ଭାବରେ ଥିଲା। ତ୍ରେତୟା ଯୁଗରେ ଏହା ସେତୁବନ୍ଧ ରୂପରେ ପରିଦୃଷ୍ଟ ହୋଇଥିଲା । କଳିଯୁଗରେ ଏହା କପିଳାସରେ ଥିଲା । ଏହାକୁ ଶିବଙ୍କ ସର୍ପ ଓ ହିଙ୍ଗୁଳା ଦେବୀ ଅଗ୍ନି ରୂପ ଧାରଣ କରି ଜଗିଥାନ୍ତି । ପରେ ଭକ୍ତମାନେ ଶିବଙ୍କ ସର୍ପ ଓ ହିଙ୍ଗୁଳା ଦେବୀଙ୍କୁ ସନ୍ତୁଷ୍ଟ କରି ଉକ୍ତ ଦଣ୍ଡ ପ୍ରାପ୍ତ ହୋଇଥିଲେ ଏବଂ ସେହି ଦିନଠାରୁ ଦଣ୍ଡ ନାଚର ଆରମ୍ଭ ହୋଇଥିଲା । ଅନ୍ୟ ଏକ ମତ ଅନୁସାରେ ଶିବଙ୍କ ତାଣ୍ଡବ ନୃତ୍ୟରୁ ଦଣ୍ଡ ନାଚ ଆରମ୍ଭ ହୋଇଥିବା ବିଶ୍ୱାସ କରାଯାଏ । ଭିନ୍ନ ଏକ ମତ ଅନୁସାରେ ଜଣେ ନିମ୍ନ ଜାତିର ବାଳକ ଅଘୋରି ତପସ୍ୟାରେ ବସି ଅଲୌକିକ ସିଦ୍ଧି ପ୍ରାପ୍ତ ହୋଇଥିଲେ। ଏହାକୁ ଦେଖି ଉଚ୍ଚ ଜାତିର ବାଳକମାନେ ଆଚମ୍ବିତ ହୋଇଥିଲେ ଏବଂ କୌଶଳ କ୍ରମେ ସେ ବାଳକଠାରୁ ପ୍ରାପ୍ତ ସମସ୍ତ ଅଲୌକିକ ସିଦ୍ଧି ଅପହରଣ କରି କୈଳାସ ପର୍ବତର ଏକ ନିଭୃତ ଗୁମ୍ଫାରେ ଲୁଚାଇ ଦେଲେ । ଶିବ ଏ ବିଷୟରେ ଜ୍ଞାତ ହେବା ପରେ

ISSN NO.
2582-208X

ନିମ୍ନ ଜାତିର ଲୋକମାନଙ୍କର ସକାଶେ ସେହି ସିଦ୍ଧ ଜ୍ଞାନକୁ କୈଳାସ ପର୍ବତ ଗୁମ୍ଫାରୁ ମୁକ୍ତ କରିଦେବା ପାଇଁ ତାଙ୍କର ଶିଷ୍ୟ ନନ୍ଦୀଙ୍କୁ ଆଦେଶ ଦେଲେ । ଏହା ସହିତ ଲୋକଙ୍କୁ ପାପରୁ ମୁକ୍ତି ଦେବା ପାଇଁ ଶିବତାଣ୍ଡବ ନୃତ୍ୟକୁ ମଧ୍ୟ ପ୍ରଦାନ କଲେ । ଆଉ ଏକ ମତ ଅନୁସାରେ ଦକ୍ଷ ଯଜ୍ଞରେ ସତୀ ଅପମାନିତ ହୋଇ ଯଜ୍ଞ ଅଗ୍ନିରେ ଝାସ ଦେଇ ପ୍ରାଣ ବିସର୍ଜନ କରିଥିଲେ । ଏହାପରେ ମହାକ୍ରୋଧରେ ଶିବ ଦକ୍ଷଙ୍କ ଶିର ମୋଡ଼ି ଯଜ୍ଞକୁଣ୍ଡରେ ନିକ୍ଷେପ କଲେ । ଘଟଣାକ୍ରମେ ଶିବ ଦକ୍ଷଙ୍କ ରାଣୀ ଦ୍ୱାରା ଅଭିଶାପ ପାଇ ଲିଙ୍ଗ ରୂପେ ପୂଜିତ ହେଲେ । ଏ ଲିଙ୍ଗର ଭାର ଭୂମାତା ସହି ନ ପାରିବାରୁ ଅଗ୍ନି ମଧ୍ୟରୁ ଦେବୀ ସତୀ ଶକ୍ତି ରୂପରେ ଆସି ଆସନ ପାରି ରହିଲେ । ସେଦିନ ଠାରୁ ଶିବ ପାର୍ବତୀ ଲିଙ୍ଗ ଶକ୍ତି ରୂପେ ପୂଜା ପାଇ ଆସୁଛନ୍ତି । କଳିକାଳରେ ଏହି ବ୍ରତ କରିବା ପାଇଁ ଚଢ଼େଇଆକୁ ଲିଙ୍ଗ ଶକ୍ତି ନ ଦେଇ ଦୁଇଟି ଦଣ୍ଡ ଘଡ଼ି ପ୍ରଦାନ କରି ତାକୁ ଲିଙ୍ଗ ଶକ୍ତି ରୂପେ ରୁଦ୍ର କାଳି ପୂଜା ନିମିତ୍ତ ଆଦେଶ ଦେଲେ । କାମନା ଦଣ୍ଡର ଦୁଇ ଗୋଟି ଦଣ୍ଡ ଈଶ୍ୱର ପାର୍ବତୀଙ୍କ ଲିଙ୍ଗ ଶକ୍ତି । ଗୋଟିଏ ହର ଏବଂ ଅନ୍ୟଟି ଗୌରୀ ।

ଦଣ୍ଡ ଯାତ୍ରାର ମୁଖ୍ୟ ହେଉଛନ୍ତି ଶିବ ଓ ଶକ୍ତି । ଏହାଙ୍କ ସହିତ ଆହୁରି ଦଶ ଜଣ ଦେବାଦେବୀ ପୂଜା ପାଆନ୍ତି । ସେମାନେ ହେଲେ କାଳିକା, ଦକ୍ଷିଣ କାଳୀ, ରୁଦ୍ର କାଳୀ, ରଣଘଣ୍ଟା, ବାଉତି, କ୍ଷେତ୍ରପାଳ, ଚଣ୍ଡି, ଭୈରବୀ, ଭୁବନେଶ୍ୱରି, ଏବଂ ଗ୍ରାମଦେବୀ । ଏହି ଦଣ୍ଡ ଯାତ୍ରାରେ ପର୍ଭା ବା ଛତ୍ରକୁ କାଳୀ ବା ଶକ୍ତିଙ୍କ ପ୍ରତୀକ ରୂପେ ପୂଜା କରାଯାଏ ।

ଏହି ଦଣ୍ଡ ଯାତ୍ରା ବ୍ରତଧାରୀମାନେ ଦଣ୍ଡ ଯାତ୍ରା ସମୟରେ ଗୃହତ୍ୟାଗ କରି ଗ୍ରାମରୁ ଗ୍ରାମକୁ ବୁଲିଥାନ୍ତି । ବ୍ରତଧାରୀମାନେ ପ୍ରତିଦିନ ସକାଳୁ ପର୍‌ଭା, ଛତ୍ର, ବୈରଖ, ଶିବ ଖଟୁଲି ଇତ୍ୟାଦି ଧରି ଢୋଲ ବାଦ୍ୟ ବଜାଇ ଗ୍ରାମ ପରିକ୍ରମା କରିଥାନ୍ତି । ଏହି ପରିକ୍ରମା ସମୟରେ ଯେଉଁ ବ୍ୟକ୍ତି ସେମାନଙ୍କ ସମ୍ମୁଖରେ ଢାଳରେ ପାଣି ଆଣି ଢ଼ାଳି ଦିଅନ୍ତି ଏହାକୁ ନିମନ୍ତ୍ରଣ ମନେ କରି ସେମାନେ ସେଠାରେ ଅଟକି ଯାଇ ଦଣ୍ଡ ଯାତ୍ରା ପୂଜା ବିଧି ଆରମ୍ଭ କରନ୍ତି । ଏହି ଦଣ୍ଡ ଯାତ୍ରାରେ ୧୩ ଜଣ ଭୋକ୍ତା ବା ବ୍ରତୀ ରହିଥାନ୍ତି । ସେମାନଙ୍କ ମଧ୍ୟରେ ଜଣେ ପାଟଭୋକ୍ତା ରହିଥାନ୍ତି । ଦଣ୍ଡ ଯାତ୍ରାର ନିୟମ ଅନୁସାରେ ଏହି ୧୩ ଜଣ କାଷ୍ଠାରେ ରହି

ISSN NO.
2582-208X

ବ୍ରତ ପାଳନ କରନ୍ତି । ଏହି ଯାତ୍ରାର ପରମ୍ପରା ଅନୁସାରେ ପାଟଭୋକ୍ତା ହେଉଛନ୍ତି ମାତଙ୍ଗ ମୁନି । ଅନ୍ୟ ୧୨ ଜଣ ତାଙ୍କର ପୁତ୍ର ବା ଶିଷ୍ୟ । ଏହି ୧୨ ଜଣ ହେଲେ କବି, ହବି, ନବମୁନି, ବ୍ରହ୍ମା, ପରିଚୟ, କରଣ, କଣ୍ଡୁଳ, ଜ୍ଞାନୀ, କପିଳ, ପରାସର, ଶୂକ ଓ ଜନକ । ଏମାନେ ଲୋକମାନଙ୍କର ସାମ୍ନାରେ ଶବର-ଶବରୁଣୀ, ଯୋଗୀ-ଯୋଗିଆଣୀ, ଚଢ଼େଇଆ - ଚଢ଼େଇଆଣୀ, ପତ୍ରସଉରା- ପତ୍ରସଉରାଣୀ ଆଦି ରୂପରେ ଅଭିନୟ କରିଥାନ୍ତି ।

ଦଣ୍ଡର ଆରମ୍ଭ ଓ ଅନ୍ତିମ ଦିନ ଦଣ୍ଡ, ଛତ୍ର ବା ପର୍ଭା, ଗୌରୀବେତ, ନାଗ, ଗୁଆ, ଢୋଲ ପ୍ରଭୃତି ପୂଜା ଉପକରଣଗୁଡିକୁ ହୋମ ସାହାଯ୍ୟରେ କାମନା ଗୃହରେ ଶୁଦ୍ଧ କରାଯାଏ। ଦଣ୍ଡ ପୂଜାର ଆରମ୍ଭ ଦିନ ଭୋକ୍ତାମାନଙ୍କର ପଇତା ଅଭିମନ୍ତ୍ରିତ କରାଯାଏ । ଏହି ଦଣ୍ଡ ପୂଜାର ଆଉ ଏକ ମୁଖ୍ୟ ଉପକରଣ ହେଉଛି କାମନା ଘଟ । ଦଣ୍ଡ ଯାତ୍ରା ଅବ୍ୟବହିତ ପୂର୍ବରୁ ବିଭିନ୍ନ ବାଦ୍ୟ ବଜାଇ କୁମ୍ଭାର ଘରୁ ନୂତନ କଳସୀ ଅଣାଯାଏ । ଜଣେ ନିମ୍ନ ଶ୍ରେଣୀର ବ୍ରାହ୍ମଣ ନିକଟସ୍ଥ ନଦୀ, ନାଳ, ବା ଜଳାଶୟରେ ବୁଡ଼ ପକାଇ ଜଳ ଭର୍ତ୍ତି କରି ଆଣନ୍ତି । ଏହି କଳସୀକୁ ବିଭିନ୍ନ ଫୁଲପତ୍ରରେ ସଜାଇ ଭୋକ୍ତାମାନେ ଓଦା ଲୁଗା ପିନ୍ଧି ପ୍ରଥମେ ବରଗଛ ମୂଳରେ ରଖି ପୂଜା କରନ୍ତି । ଏହା ପରେ ଗ୍ରାମ ପରିକ୍ରମା କରି ଘଟକୁ ଶିବମନ୍ଦିର ସମ୍ମୁଖରେ ବା କାମନା ଗୃହରେ ଅବସ୍ଥାପିତ କରାଯାଏ । ଶିବ ଶକ୍ତିଙ୍କ ପ୍ରତୀକ ରୂପେ ଦଣ୍ଡ ବା ବେତ ଦୁଇଟିକୁ ଘଟ ସମୀପରେ ରଖାଯାଏ । ଘର ଭିତରେ ହୋମ କରାଯାଇ ପାଟଭୋକ୍ତା ସାହାଯ୍ୟରେ ଦ୍ୱୀପ ପ୍ରଜ୍ୱଳନ କରନ୍ତି । ଅନ୍ୟ ସବୁ ଭୋକ୍ତାମାନେ ସମବେତ ସ୍ୱରରେ "ହେ ଋଷି ପୁତ୍ର" ବୋଲି କହିଥାନ୍ତି । ଏହି କାମନା ଘଟକୁ କାଳୀଙ୍କ ପ୍ରତୀକ ରୂପେ ଗ୍ରହଣ କରାଯାଏ ଏବଂ ଏହାର ପୂଜା ଦ୍ୱାରା ବ୍ରତଧାରୀମାନଙ୍କର ସକଳ ବାଧାବିଘ୍ନ ଦୂର ହୁଏ ବୋଲି ବିଶ୍ୱାସ କରାଯାଏ ।

ଏହି ଦଣ୍ଡ ଯାତ୍ରାର ମୁଖ୍ୟ ବାଦ୍ୟ ହେଉଛି ଢୋଲ । ଏହାକୁ ପାଟଢୋଲ୍ ଓ ଏହାର ବାଦ୍ୟକାରକୁ ପାଟଢୁଲିଆ ବୋଲି କୁହାଯାଏ । ଏଥିରେ ଢୋଲ ବ୍ୟତିତ ମାନ୍ଦଲ, ଗିନି, ବଂଶୀ ପ୍ରଭୃତି ବାଦ୍ୟଯନ୍ତ୍ର ବ୍ୟବହୃତ କରାଯାଏ । ଷୋଳ ସୁଆଙ୍ଗରେ ଷୋଳ ପ୍ରକାର ଶୈଳୀରେ ବାଦ୍ୟ ବଜାଯାଇଥାଏ । ଏହାକୁ 'ଷୋଳ ଖାଡି' ବାଦ୍ୟ କୁହାଯାଏ । ଏହି ଷୋଳ

ISSN NO.
2582-208X

ଖାଡ଼ିର ପରିକଳ୍ପନା ଏକ ଗୁଢ ତାତ୍ତ୍ୱିକ ପୃଷ୍ଠଭୂମି ଉପରେ ପର୍ଯ୍ୟବେଶିତ । ପଶ୍ଚିମ ଓଡ଼ିଶାରେ ଏହା ଭର୍ନି, ରାସ୍ନି, ମଞ୍ଜ୍ମରା, ଭେଲ୍କି, ଆବାହନ୍, ବେଜିମରା, ଅଁଗଖେଲା, ଉଁଦଣ୍, ଶିଖାବନ୍ଧା, ଅଭିଷେକ, ରସାବେଶ୍, ଦେବ୍ତାଚଢା, ଉଭା, ଚକର୍ମରା/ଚକରକଏଲଇ, ଉର୍ଘେନ୍ ଓ ଛଡେନ୍ ନାମରେ ପରିଚିତ ।

ଯଦିଓ ଶିବରାତ୍ରୀ ଦିନ 'ମେରୁ ଉଠା' କରାଯାଏ କିନ୍ତୁ ଚୈତ୍ର ପୂର୍ଣ୍ଣିମା ଦିନ ବ୍ରତଧାରୀମାନେ ଛତ୍ର, ବୈରଖ, ପର୍ଭା, ଦଣ୍ଡ, ମୟୂର ପୁଚ୍ଛ, ତଥା ଶିବ ପାର୍ବତୀଙ୍କ ଖଟୁଲି ସହ ବିଭିନ୍ନ ଗ୍ରାମକୁ ଦଣ୍ଡ ଯାତ୍ରା ଆରମ୍ଭ କରନ୍ତି । ପଣା ସଂକ୍ରାନ୍ତି ଦିନ ମେରୁଭଙ୍ଗା ପର୍ବ ଅନୁଷ୍ଠିତ ହୋଇ ଦଣ୍ଡ ଯାତ୍ରାର ଉଦ୍ଯାପନ କରାଯାଏ । ବ୍ରତଧାରୀମାନେ ଏହି ୨୧ ଦିନ ପର୍ଯ୍ୟନ୍ତ ଶୁଦ୍ଧପୂତ ଜୀବନଯାପନ କରନ୍ତି । ସେମାନେ କାହାଠାରୁ ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ସେମାନେ ଦୈନିକ ଥରେ ମାତ୍ର ଆହାର କରନ୍ତି । ଖାଇବା ସମୟରେ ଖଇ, ଗୋଡ଼ି କିମ୍ବା କାହାର ଅନୁପ୍ରବେଶ ଦେଖିଲେ ଖାଇବା ତ୍ୟାଗ କରି ଉଠି ଯାଇଥାନ୍ତି । ଏହାକୁ ଏଡ଼ାଇବା ପାଇଁ ଏହି ସମୟରେ ଉଚ୍ଚ ଶବ୍ଦରେ ଢୋଲ ବଜାଯାଇଥାଏ ।

ପଶ୍ଚିମ ଓଡ଼ିଶାରେ ଏହି ଦଣ୍ଡନାଚ ତିନୋଟି ପର୍ଯ୍ୟାୟରେ ହୋଇଥାଏ । ପାଏନ୍ ଡଁଣ ବା ଧୁଇଲ୍ ଡଁଣ, ଅଗ୍ନି ଡଁଣ ଓ ଷୋଳ ସୁଆଙ୍ଗ ।

ଡଁଣ ଯାତ୍ରାର ଆରମ୍ଭ ଦ୍ୱିପ୍ରହରର ପ୍ରଚଣ୍ଡ ସୂର୍ଯ୍ୟକିରଣରେ "ଧୁଇଲ୍ ଡଁଣ" ରୁ ଆରମ୍ଭ କରାଯାଏ । ଏଥିରେ ବ୍ରତଧାରୀମାନେ ଦାଣ୍ଡରେ ଶିବ ଶକ୍ତିଙ୍କୁ ସ୍ଥାପନ କରି ଷୋହଳଟି ବିଭିନ୍ନ ଶୈଳୀରେ କଷ୍ଟକର ସାଧନା ପ୍ରଦର୍ଶନ ମାଧ୍ୟମରେ ଶିବ ପାର୍ବତୀଙ୍କ ଷୋଳ ସେବା କରିଥାଆନ୍ତି । ଧୁଇଲ ଡଁଣ ସାଧାରଣତଃ କୃଷି ସଭ୍ୟତା ଓ ତା ସହ ଶିବଙ୍କ ସମ୍ପର୍କର କଥା କହିଥାଏ । ଏଥିରେ କୃଷି କ୍ଷେତ୍ର ପ୍ରସ୍ତୁତ ଠାରୁ ଅମଳ ପର୍ଯ୍ୟନ୍ତ ଦୃଶ୍ୟାଭିନୟ ପ୍ରଦର୍ଶନ କରାଯାଇଥାଏ। ଏଠାରେ ଶିବ ହେଉଛନ୍ତି ଜମି ମାଲିକ ଓ ତାଙ୍କର ହଲିଆ ହେଉଛନ୍ତି ସହଁରା ।

ISSN NO.
2582-208X

ଧୁଇଲ ଡଁଣ ପରେ ସନ୍ଧ୍ୟା ସମୟରେ ଛତ୍ର, ବୈରଖ, ପର୍‌ଭା ଆଦି ଥିବା ସ୍ଥାନକୁ ପୂଜା କରାଯାଏ । ଏହାକୁ ସନ୍ଧ୍ୟା ଧୂପ ବା ଆଲତି ବୋଲି କୁହାଯାଏ । ଏହାକୁ "ଅଗ୍ନି ଡଁଣ" ବୋଲି କୁହାଯାଏ । ଏହି ସମୟରେ ସମସ୍ତ ଭୋକ୍ତା ପୂଜ୍ୟ ଦେବଦେବୀଙ୍କ ସମ୍ମୁଖରେ ଭିନ୍ନ ଭିନ୍ନ ଶୈଳୀରେ ନୃତ୍ୟ କରି ଝୁଣା ଓ ଧୂପ ପ୍ରଦାନ କରିଥାନ୍ତି । ଏହା ନାଟ୍ୟ ଶାସ୍ତ୍ରରେ ବର୍ଣ୍ଣିତ ନାଟ୍ୟାରମ୍ଭ ପୂର୍ବରୁ ରଙ୍ଗ ପୂଜାର ଅନୁରୂପ ।

ଦଣ୍ଡ ନାଚର ଶେଷ ପର୍ଯ୍ୟାୟରେ ଷୋଳ ସୁଆଙ୍ଗ ଅନୁଷ୍ଠିତ ହୁଏ। ଏଥିରେ ଗୀତ ବାଦ୍ୟ, ଟପାଦାଏକା, ଚୁଟକୁଲା, ସଂଳାପ, ଅଭିନୟ ପ୍ରଭୃତି ରହିଥାଏ । ଏହି ଲୋକ ନାଟକରେ ଷୋହଳ ଜଣ ମୁଖ୍ୟ ଚରିତ୍ରକୁ ନେଇ ନାଟକ ବା ସୁଆଙ୍ଗ ହେଉଥିବାରୁ ପଶ୍ଚିମ ଓଡ଼ିଶାରେ ଏହାକୁ "ଷୋଳ ସୁଆଙ୍ଗ" କୁହାଯାଏ । ଏହି ଲୋକ ନାଟକ ପଶ୍ଚିମ ଓଡ଼ିଶାର ଭାଷା ପରିପୃଷ୍ଟି ପାଇଁ କେତେକ ପରିମାଣରେ ସହାୟକ ହୋଇଥାଏ । ପୌରାଣିକ ଆଖ୍ୟାୟିକା ଆଧାରରେ ଏହାର ବିଷୟବସ୍ତୁ ହୋଇଥିଲେ ହେଁ ମୁଖ୍ୟତଃ ଏଥିରେ ଥିବା କାଳ୍ପନିକ ଚରିତ୍ର ବାଁଣିବୁତଲ ଓ ଦୁତି ଚରିତ୍ର ସହିତ ଅନ୍ୟ ଚରିତ୍ର ମଧ୍ୟ ସ୍ୱୀୟ ଗାନଧର୍ମୀ ସଂଳାପ ମାଧ୍ୟମରେ ଲୋକ ଜୀବନଚର୍ଯ୍ୟାର ପରିପ୍ରକାଶ କରିଥାନ୍ତି । ଏଥିରେ ରାଧାକୃଷ୍ଣଙ୍କୁ ସାଧାରଣ ମାନବୀକରଣ ପ୍ରକ୍ରିୟାରେ ଉପସ୍ଥାପନ କରାଯାଇଥାଏ । ଦଣ୍ଡ ନାଚର ପ୍ରାୟ ପ୍ରତ୍ୟେକ ଅଂଶରେ ପଶ୍ଚିମ ଓଡ଼ିଶାର ଲୋକଗୀତ ଶୈଳୀରେ ପଦ୍ୟମୟ ସଂଳାପ ସହିତ ଗଦ୍ୟ ସଂଳାପ ମଧ୍ୟ ସଂଯୋଜିତ ହୋଇଥାଏ । ଏହାସହିତ ବିଭିନ୍ନ ସାମାଜିକ ଓ ପାରିବାରିକ ସମସ୍ୟାର ଉପସ୍ଥାପନ କରାଯାଇଥାଏ ।

ଷୋଳ ସୁଆଙ୍ଗ ଆରମ୍ଭରେ ପର୍‌ଭା ନୃତ୍ୟ ହୁଏ । କଳା କନା ପିନ୍ଧିଥିବା ଜଣେ ଭୋକ୍ତାଙ୍କ ପିଠିରେ କାଳୀଙ୍କ ପର୍‌ଭା ବନ୍ଧା ଯାଇଥାଏ । ପାଟଢୋଲର ଷୋଳ-ଖାଡି ବାଦ୍ୟର ତାଳେ ତାଳେ ପର୍‌ଭା ନର୍ତ୍ତକ ନୃତ୍ୟ କରି କରି ମଞ୍ଚକୁ ଆସିଥାଏ । କ୍ରମେ ବାଦ୍ୟ ଦୃତ ହୁଏ ଓ ତା ସହିତ ନୃତ୍ୟ ମଧ୍ୟ କ୍ଷୀପ୍ର ହୁଏ । ଅନେକ ସମୟରେ ନୃତ୍ୟାୟିତ ଅବସ୍ଥାରେ ନର୍ତ୍ତକ 'ଭୋଳ ଯାଏ' ଓ ସେ ତଳେ ପଡ଼ିଯାଏ । ସେତେବେଳେ ନର୍ତ୍ତକ ଦେହରେ କାଳୀ ଅବତୀର୍ଣ୍ଣ

ISSN NO.
2582-208X

ହୋଇଥିବାର ବିଶ୍ୱାସ କରାଯାଏ । ଏ ନୃତ୍ୟକୁ ଶିବ ତାଣ୍ଡବର ପ୍ରତୀକ ରୂପେ ଗ୍ରହଣ କରାଯାଏ ।

ପର୍‌ଭା ନୃତ୍ୟ ପରେ ଶିବ ପାର୍ବତୀ ଆସି ଦଣ୍ଡ ନୃତ୍ୟ ଆରମ୍ଭ କରିବା କଥା ଘୋଷଣାପୂର୍ବକ ଆପଣାର ଅଭିନୟ ଦେଖେଇ ଥାନ୍ତି । ତାଙ୍କ ପରେ ଭାଇଧନ, ପତର ସହଁରା-ସହଁରେନ, କନ୍ଧ-କନ୍ଧେନ, ଚଢ଼େଇଆ-ଚଢେଇଏନ, ଭାଲୁଆ-ଭାଲୁଏନ୍ ଓ ସବା ଶେଷରେ ବୀଣାକାର ଆସି ନିଜ ନିଜର ଅଭିନୟ, ନୃତ୍ୟ ଓ ଗୀତ ପରିବେଷଣ କରିଥାନ୍ତି । ଦଣ୍ଡନାଚର ପ୍ରତିଟି ଚରିତ୍ର ମଞ୍ଚ ପ୍ରବେଶ ସମୟରେ ଗୀତ ମାଧ୍ୟମରେ ଆପଣାର ପରିଚୟ ପ୍ରଦାନ କରିଥାଏ ।

ସହାୟକ ଗ୍ରନ୍ଥ ସୂଚୀ

୧ - ସମ୍ବଲପୁରୀ ସାହିତ୍ୟ ସମ୍ପଦ - ଉତ୍ପନ୍ନ ଭୋଇ

୨ - ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ବିକାଶ ଧାରା, ଡ଼ଃ ସୁଧିର କୁମାର ସାହୁ

୩ - ଲୋକ ମହୋତ୍ସବ ୯୯ - ଜିଲ୍ଲା ସଂସ୍କୃତି ପରିଷଦ ସମ୍ବଲପୁର

୪ - ବିଶ୍ୱ ବିଦ୍ୟାଳୟ ପ୍ରବନ୍ଧାବଳୀ - ଡଃ ନୃସିଂହ ଷଡ଼ଙ୍ଗୀ

୫- କନ୍ଦରା ଡଁଡପାଟୀ - ରେଢ଼ାଖୋଲ

ଡିଜିଟାଲ ମୁଖ୍ୟ ସମ୍ପାଦକ
ବ୍ରହ୍ମ ନିର୍ଘୋଷ ଇ-ପତ୍ରିକା, ସମ୍ବଲପୁର
ନୂଆଁ ବରଙ୍ଗାମାଲ, ସମ୍ବଲପୁର - ୭୬୮୦୧୨
ଦୂରଭାଷ :- ୯୯୩୭୩୯୬୭୭୮

ISSN NO.
2582-208X

# ଶୀତଳ ବହ୍ନିର ସ୍ୱଉଲଇଙ୍ଗ



କୁଞ୍ଜବିହାରୀ ରାଉତ

ନାରୀ ଜାଗରଣର ହେ ଦୃପ୍ତ ଅନଳଶିଖା
ତୁମେ ଥିଲ କ୍ରାନ୍ତି ଆଉ ଶାନ୍ତିର ଅଲିଭା ସଳିତା।
ଜୀବନର ଚକ୍ରବାଳେ ମୁଠାମୁଠା ଅନ୍ଧକାର ଚିରି
କହିଥିଲ ତୁମେ ମା, ମାଟି, ମଣିଷର କଥା...
ସବୁଜ ର ସ୍ୱପ୍ନେ ତୁମେ ଦେଖିଥିଲ କଳ୍ପନା ବିଳାସ
ତେଣୁ 'ବାସନ୍ତୀ'ରେ ଆଙ୍କିଥିଲ ଜୀବନ ଜଳଛବି
ଯାହା ଖାଲିଥିଲା ବାସ୍ତବତା, ଚିର ବାସ୍ତବତା
ଜୀବନ ବଞ୍ଚିବା ପାଇଁ ନୂଆ ଇସ୍ତାହାର ....
କୁସଂସ୍କାର, ଅନ୍ଧବିଶ୍ୱାସ, ରକ୍ଷଣଶୀଳତା ଅନ୍ଧାବର୍ତ୍ତେ
ସୃଜିଥିଲ ସୃଜନୀର ନବନବ ପଥ
ଅନ୍ଧକାର ବକ୍ଷ ଚିରି ଗମିଥିଲ ଦୁର୍ଗମ ପଥରେ
ତୁମେ ଥିଲ ଏକା ଏକା ସୂର୍ଯ୍ୟଙ୍କ ସପ୍ତାଶ୍ୱ....
ଇତିହାସ ତୁମେ ରଚିନାହଁ, ସୃଷ୍ଟି କରି ନିଜେ ଇତିହାସ
ବହ୍ନିବାଳା ଗୋ ସରଳା! ତୁମେ ଥିଲ ଝାନ୍ସି ରାଣୀ
ନିଆଁଫୁଲ, ଅଗ୍ନିଫୁଲ, ସମୟର ମହାପଥେ
ଏକମାତ୍ର ବେଗବତୀ, କୋଣାର୍କର ସବୁଠାରୁ ବେଗବାନ ଅଶ୍ୱ .....
ନିଃସ୍ୱର ମୁଖଛବି, ଜ୍ୱଳାଯନ୍ତ୍ରଣାର ଯେତେ ଅଛି

ISSN NO.
2582-208X

ଦୀର୍ଘଶ୍ୱାସ, ହସକାନ୍ଦ, ଆଶାଭଙ୍ଗ, ସଂଗ୍ରାମ ସଂଘାତ
ଆଉ ଜୟ ପରାଜୟ, ଅନ୍ଧକାର ବତ୍ମ ଚିରି
ସାରସ୍ୱତ ସର୍ଜନାରେ, ସୃଜିଥିଲ କାଳବକ୍ଷେ
ଆଲୋକର ମହାରଶ୍ମି ରଥ
ହେ ବହ୍ନି ବଳାକା,ଏ ମହାଜାତିର ଉର୍ଦ୍ଧ୍ୱ ଉଡାଣରେ
ତୁମେ ହିଁ ତ ନିଜେ ଥିଲ ଏକାଏକା ହିରଣ୍ମୟ ପଥ.....
ସେଦିନର ସଂଗ୍ରାମ, ଠାଣି, ବାଣୀ, ସ୍ୱପ୍ନ ସବୁ
ସୃଜିଥିବା ଆଜି କୋଟି କୋଟି ପୁଷ୍କର ଉଦ୍ୟାନ
ତୁମର ସେ ରକ୍ତକ୍ଷୟୀ ତପସ୍ୟା ର
ଅନିର୍ବାଣ ଆତ୍ମିକ ବିଶ୍ୱାସ
ଆଜି ନହେଲେ କାଲି ଖୋଲିଯିବ ଲୁହାର ଶିକୁଳି
ହେ ଲୌହମାନବୀ ! ତୁମ ଇଙ୍ଗିତରେ
ଲେଖାହେବ ସାବିତ୍ରୀ ର ମହାକାବ୍ୟ
ବଦଳିବ ବଦଳିବ ଗୋ ସରଳା, ପୃଥିବୀର ବେଶ ......

ପ୍ଲଟ ନଂ: ୧୪୮/୫,
ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

ISSN NO.
2582-208X

# ଆଖି


ଝିଲିମିଲି ସାହୁ

ସେ ସ୍ୱପ୍ନିଳ , ଚଞ୍ଚଳ
ମୁଦ୍ରିତ ହେଉ ଅବା ଉନ୍ମୁକ୍ତ
ଭାବନା ଅନ୍ତରୀକ୍ଷେ ଦେଖେ
ଅନେକ ଜାଜ୍ୱଲ୍ୟମାନ ତାରକା
ପୁଷ୍କରିଣୀର ଚହଲା ପାଣିରେ
ପ୍ରତିଫଳିତ କରେ ଉଦ୍ଭୋଳିତ ଚିତ୍ର। ।।୦।।

କେବେ ଗ୍ରୀଷ୍ମ ଆକାଶେ କଳାମେଘ ପରି
ବିଷର୍ଣ୍ଣ ଦୁନିଆଁକୁ କରିଦିଏ ରଙ୍ଗୀନ
ଆଶ୍ଚର୍ଯ୍ୟ ଲାଗେ........!!!
ଖୋଲା ଆଖିରେ ବି ଥାଏ ସାମର୍ଥ୍ୟ
କ୍ଷଣକେ ଗଢିପାରେ ସେ ସ୍ୱପ୍ନର କୋଣାର୍କ
ଆଉ ଏକ ଇପସିତ ସୁନ୍ଦର ବ୍ରହ୍ମାଣ୍ଡ । ।।୧ ।।

ସର୍ବଦା ଗତିଶୀଳ ଅନନ୍ତ ଗଗନେ
ଚନ୍ଦ୍ରମା ସମ ସ୍ନିଗ୍ଧ ଶୀତଳ
ସୃଷ୍ଟି କରିପାରେ ଅବା ଭାଙ୍ଗି ପାରେ
ଅସଂଖ୍ୟ ସ୍ମୃତିର ଦୁର୍ଗ

ISSN NO.
2582-208X

ସ୍ନେହ, ପ୍ରେମ ଛନ୍ଦେ ହେଲେ ଛନ୍ଦିତ
ଲୋତକ ବି ପାଲଟି ଯାଏ ଗଙ୍ଗାର ଉତ୍ସ
ତା' ଶୁଭେଚ୍ଛା ଦିଏ ଅମୃତର ସ୍ପର୍ଶ। ।।୨ ।।

ସେ ନିରବରେ ମଧ୍ୟ ସଜ୍ଜଳ
ଗଭୀର ଜ୍ଞାନର ପ୍ରତିଫଳକ
ଏକ ଲୁକ୍କାୟିତ ଆନନ୍ଦ
କେବେ ମୃଦୁ ମରୀଚିକା ତ
ପୁଣି କେବେ ଜ୍ୱଳନ୍ତ ଅଗ୍ନିଶିଖା
ମିଶିଗଲେ ଦୁନିଆଟା ଲାଗେ ମଧୁମୟ
ଆଉ ଛାଇରେ ସେ ଦେଖିପାରେ ଜୀବନ। ।।୩ ।।

ସେ ଅନୁଗ୍ରହ ସହିତ ନମ୍ର
ସଭିଙ୍କ ଆତ୍ମା ହୃଦୟର ଝରକା
ଆବେଗର ନିଛକ ପ୍ରତିବିମ୍ବ
ଅନେକ ନୀରବ ଝଡ଼ର ମୂକସାକ୍ଷୀ
ପ୍ରତ୍ୟେକ ତାଲାର ଚାବି
ସେ ସଫଳତା, ଶାନ୍ତି ଆଉ ମୁକ୍ତି। ।।୪ ।।

ଥରଟିଏ ହେଉପଛେ ହଜାଇଦିଅ
ତୁମ ବିସ୍ତୀର୍ଣ୍ଣ ଗଭୀରତାରେ
ଯାହା ନିତ୍ୟ ସୃଷ୍ଟିକରେ ରହସ୍ୟ
ଅଦୃଶ୍ୟ ଅନ୍ତରୀକ୍ଷେ ତାରାଙ୍କ ଗହଣେ
ଯେଉଁଠି ନିଇତି ପରସ୍ପରକୁ ଜାଣୁଥିବା
ଚାଲ, ସେଇ ବିନ୍ଦୁରୁ ବଳୟ ଛୁଇଁ
ହାଲୁକା ଓ ମୁକ୍ତ ହୋଇଯିବା। ।।୫ ।।

ସହ. ଶିକ୍ଷୟିତ୍ରୀ, ନୟାଗଡ଼

ISSN NO.
2582-208X

# ହିସାବ



ନଳିନୀ ଦାଶ

ହିସାବ କରୁଛି କାଳିଆ ଠାକୁର
ବସି ବଡ଼ ଦେଉଳରେ
ପାପ ପୁଣ୍ୟ କେତେ କିଏ ଯେ କରିଛି
ସିଏ ଏକା ଜାଣିପାରେ ।
ଧର୍ମ ଅଧର୍ମର ହିସାବ କରୁଛି
କାଳ ଯମ ସ୍ୱର୍ଗପୁରେ
ବୟସ ଗାଡ଼ି ମୋ ଗଡ଼ି ଗଡ଼ି ଯାଏ
କଣ୍ଟକମୟ ପଥରେ ।
ହିସାବ ମାଗୁଛି ବୟସର ଫର୍ଦ୍ଦ
ଆୟୁଷ ଖାତାରୁ ଆଜି
ଦିନେ କମିଗଲେ ଯୋଡ଼ି ବି ପାରେନା
ଅତୀତ ହୁଏ ସେ ଖୋଜି ।
ବାପା ମାଆଙ୍କର ଅମାପ ସ୍ନେହଁର
ହିସାବ କିଏ ରଖିଛି
ତାରାଗଣ ଙ୍କର ହିସାବ ଆକାଶେ
କା ପାଖେ ସାଇତା ଅଛି ।
ଗଛ କରୁଅଛି କେତେ ଉପକାର
ହିସାବ ନାହିଁଟି ତାର

ISSN NO.
2582-208X

ମାଟି ମାଆ ଆମ          ସହିଛି କଷଣ
        ଝରାଇ ଲୁହର ଧାର   ।
ବୟସ ଗଛରୁ            ଯଉବନ ଫୁଲ
        କିଏ ସେ ନେଉଛି ତୋଳି
କେଉଁ ବିଦ୍ଧାଣୀ ସେ      ଶୈଶବରୁ ବୃଦ୍ଧ
        କରୁଛି ପାରିବ କଳି    ।
ମାଲିକ ବସିକି          ହିସାବ କରୁଛି
        ଖାତା କଲମକୁ ଧରି
ବୟସ ହିସାବ            ଇଶ୍ୱର କରନ୍ତି
        ଜନ୍ମ ମୃତ୍ୟୁ ପାଞ୍ଜି ଧରି   ।
ହସ ଖୁସି ସୁଖ          ନାହିଁତ ଜୀବନେ
        ଆସିଲାଣି ସରି ସରି
ରୋଗ ଓ ଯନ୍ତ୍ରଣା        କଡ ଲେଉଟାଏ
        ହିସାବ ନାହିଁ କାହାରି   ।
ହିସାବ କରୁଛି          ଚିତ୍ର ଗୁପ୍ତ ବସି
        ପାଞ୍ଜି ଲେଖନୀ କୁ ଧରି
ପାପ ପୁଣ୍ୟ ଯେତେ        କରୁଛି ମଣିଷ
        ରଖେ ଲିପିବଦ୍ଧ କରି    ।

ଭିକାରିପଡା, ଶରଣକୁଳ, ନୟାଗଡ଼
ଦୂରଭାଷ–୭୩୭୦୦୯୫୨୪୧

ISSN NO.
2582-208X

# ସାଂପ୍ରତିକ ସମାଜରେ ଲୋକକଳାର ପ୍ରାସଙ୍ଗିକତା

ଡ଼କ୍ଟର ସ୍ୱାଧୀନ ଚନ୍ଦ୍ର ପଧାନ

ଲୋକକଳା ଏକ ସ୍ୱତନ୍ତ୍ର ଧରଣର କଳା । ଲୋକମାନଙ୍କ ଦ୍ୱାରା ଏହାର ସୃଷ୍ଟି ଓ ଭିତ୍ତି । ଲୋକସାହିତ୍ୟ ଯେପରି କେଉଁ ପ୍ରାଚୀନ କାଳରୁ ସୃଷ୍ଟି ହୋଇଛି । ଠିକ୍ ସେହିପରି ଲୋକକଳା କେଉଁ ଆଦିମ କାଳରୁ ଲୋକ ପରମ୍ପରା କ୍ରମରେ ଗଢ଼ି ଆସିଛି । ଲୋକମାନଙ୍କ ଦୈନନ୍ଦିନ ଜୀବନର କର୍ମକଷଣ, ହସ-ଲୁହର ପରିମାର୍ଜନା କରି ଗ୍ରାମୀଣ ଲୋକଟିଏ ଏବେ ବି ଲୋକକଳାର ପୂଜାରୀ ସାଜିଛି । କଳା ଏକ ଈଶ୍ୱର ପ୍ରଦତ୍ତ ସ୍ୱତନ୍ତ୍ର ଚିହ୍ନ ବା ପରିଚୟ । ଏହା ସମସ୍ତଙ୍କ ଦ୍ୱାରା ଉତୁରେ ନାହିଁ । ଗ୍ରାମୀଣ ଜନତାଙ୍କ ହୃଦୟ କନ୍ଦରେ ଆଜି ବି ଏ ଲୋକକଳା ଉଜ୍ଜୀବିତ ହୋଇ ରହିଛି । ଲୋକଟିଏ ମୁହଁରେ ରଙ୍ଗ ମାଖି, ବାଜା ବଜେଇ, ଗୀତର ସୁରେ ସୁରେ ବିଭୋର ହୋଇ ମହାଆନନ୍ଦରେ ନାଚି ଉଠେ, ସେତେବେଳେ ସେ ଭୁଲିଯାଏ ସଂସାରର ଯାବତୀୟ ଦୁଃଖ, ଦୁର୍ଦ୍ଦଶା, ହତାଶା ଓ ପାରିବାରିକ ପ୍ରତିପୋଷଣର ଚିନ୍ତାକୁ । ସେ କଳାର ପୂଜାରୀ । କଳା ହିଁ ତା ପାଇଁ ବଞ୍ଚିବାର ରାହା । ଲୋକକଳା କେଉଁ ଆଦିମ କାଳରୁ ପିଢ଼ି ପରେ ପିଢ଼ି କ୍ରମଶଃ ଗତିକରି ଆସିଛି ।

ଲୋକକଳାର ରୁଚି ଓ ଆବେଦନ ସ୍ୱତନ୍ତ୍ର । ଲୋକର ଅଙ୍ଗଭଙ୍ଗୀ ସହ ନିଜର କଳା ପାରଙ୍ଗମତା ଏହାର ଶ୍ରେଷ୍ଠ ନିଦର୍ଶନ । ସାଂପ୍ରତିକ ଯୁଗରେ ଯୁବମାନଓ ଅନେକ ମାତ୍ରାରେ କମ୍ପ୍ୟୁଟର, ଇଣ୍ଟରନେଟ୍, ମୋବାଇଲ, ଫେସ୍‌ବୁକ୍, ଇଷ୍ଟଗ୍ରାମ, ୱାଟ୍‌ସଫ୍‌ର ମାୟା ଜାଳରେ ଆଚ୍ଛାଦିତ । ତଥାପି ଲୋକମାନଙ୍କ ଭିତରେ ଆଜିବି କଳାପ୍ରାଣତା ଉଜ୍ଜୀବିତ । ଲୋକକଳା ଏକ ଚିତ୍ତ ବିନୋଦନକାରୀ କଳା । ଏହାର ଆଭିମୁଖ୍ୟ ଲୋକ ଜୀବନର ସାମଗ୍ରିକ ଚେତନାକୁ ମୋହିତ କରିବା । ଲୋକକଳାର ସ୍ୱତନ୍ତ୍ର ସ୍ୱରୂପକୁ ଚିହ୍ନଟ ପୂର୍ବକ ଓ ସାଂପ୍ରତିକ

ISSN NO.
2582-208X

ସମାଜରେ ତା'ର ପ୍ରାସଙ୍ଗିକତାକୁ ମୂଲ୍ୟାଙ୍କନ କରି ନିମ୍ନରେ ତାହାର କେତୋଟି ଉଦାହରଣ ଆଲୋଚନା କରାଗଲା ।

## ପାଲା :

ଏକ ସ୍ୱତନ୍ତ୍ର ଧରଣର ଲୋକକଳା । ସାଧାରଣତଃ ଗ୍ରାମାଞ୍ଚଳରେ ପୌରାଣିକ ଆଖ୍ୟାନକୁ କେନ୍ଦ୍ରକରି ଏହାର ଭାବବଳୟ ଗଠିତ । ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ । ଠିଆ ପାଲା ଓ ବୈଠକୀ ପାଲା ଭେଦରେ ଏହା ଦ୍ୱିବିଧ । ପଞ୍ଚଦେବତା ଉପାସନା ବିଧି ଏଥିରେ ରହିଛି । ଜଣେ ମୃଦଙ୍ଗ ବାଦକ ଓ ଅନ୍ୟ ଦୁଇଜଣ ଗିନି ଖୋଳପାଧରି ପାଲାକରି ଗୀତଗୁଡ଼ିକ ଆବୃତ୍ତି କରିଥାନ୍ତି । ଏହା ସାଧାରଣତଃ ପୌରାଣିକ ଆଖ୍ୟାନକୁ ଉପଜୀବ୍ୟ କରି ରଚିତ ହୋଇଥାଏ । ପ୍ରାଚୀନ କାଳରେ କାହା ପରେ ଯଦି ନବଜାତ ଶିଶୁର ଏକୋଇଶିଆ, ନାମକରଣ ଉତ୍ସବ ହେଲେ ପାଲା ଆୟୋଜନ ହେଉଥିଲା । ମାତ୍ର ଏବେ ଏହା ପାଶ୍ଚାତ୍ୟ ରୀତି ନୀତି ହେଉଅବା ମଣିଷର ଅନାଗ୍ରହ ଏ ଲୋକକଳାକୁ ଦୁଷ୍ପ୍ରାପ୍ୟ କରିଦେଇଛି ।

## ସଂକୀର୍ତ୍ତନ :

ବର୍ତ୍ତମାନ ପରିପ୍ରେକ୍ଷୀରେ ସଂକୀର୍ତ୍ତନର ପାଶ୍ଚାତ୍ୟ ସଂସ୍କୃତି ଓ ସଭ୍ୟତାର ଅନୁପ୍ରବେଶ ଘଟି ଏହା ତାର ରୂପସତ୍ତାକୁ ହରାଇ ଦେଇଛି । ପ୍ରାଚୀନ କାଳରେ ଗ୍ରାମାଞ୍ଚଳଗୁଡ଼ିକରେ "ହରେ ରାମ ରାମ ରାମ ହରେ ହରେ. . . ." ଯେଉଁ ଭକ୍ତି ଭାବାପୂର୍ଣ୍ଣ ଶବ୍ଦରେ ମାଧୂର୍ଯ୍ୟ ପ୍ରକଟିତ ହେଉଥିଲା, ତାହା ଏବେ ବିଦେଶୀୟ ଢ଼ାଞ୍ଚାରେ ପଡ଼ି ରଙ୍ଗୀନ ବେଶ ପୋଷାକର କୀର୍ତ୍ତନଦଳ ଗୁଡିକ ନୃତ୍ୟାଙ୍ଗନା ଝିଅମାନଙ୍କୁ ନେଇ ଅଶ୍ଲୀଳ ଢ଼ଙ୍ଗରେ ନୃତ୍ୟ କରାଉଛନ୍ତି । ଯାହା ଫଳରେ ଆଜି ସଂକୀର୍ତ୍ତନ ଭଳି ଏକ ପ୍ରମୁଖ ଲୋକକଳାର ମୃତ୍ୟୁ ଘଟିବା ସହିତ ଏହାର ନବକଳେବର ରୂପ ଲୋକଙ୍କ ମନରେ ଥିବା ଧର୍ମୀୟ ବିଶ୍ୱାସକୁ ଦୂରୀଭୂତ କରିଦେଇଛି । ତଥାପି କେତୋଟି ସ୍ଥାନରେ ଆଜିବି ଏହାର ପ୍ରକୃତ ମାଧୁର୍ଯ୍ୟ ପ୍ରକଟିତ ହେଉଛି ।

ISSN NO.
2582-208X

## ଗଣ୍ଡାବାଜା :

ସାଂପ୍ରତିକ କାଳର ଏକ ପ୍ରମୁଖ ଲୋକକଳା ଭାବରେ ଗଣ୍ଡାବାଜାର ସ୍ୱାତନ୍ତ୍ର୍ୟତା ପରିଲକ୍ଷିତ ହୁଏ । ଏହା ଗଣ୍ଡା ଜାତିର ଏକ ସ୍ୱତନ୍ତ୍ର ପରିଚୟ । ଏହି ବାଜା ଦେଶ ବିଦେଶରେ ପରିଚିତ । ଭର୍‌ନି, ମାଇଲାଜଡ଼ ସାଙ୍ଗକୁ ଢ଼ୋଲ ନିଶାନ୍, ତାସା, ମହୁରୀର ସୁରେ ସୁରେ ଦିନେ ଏହି ବଜାର ମହକ ରହିଥିଲା । ମାତ୍ର ଏବେ ଡ୍ରମ ଓ ଦୁଲ୍‌ଦୁଲି ବଜାର ପ୍ରାଦୁର୍ଭାବ ଯୋଗୁଁ ଡି. ଜେ. ସାଉଣ୍ଡ ପ୍ରଭାବ କାରଣରୁ ଗଣ୍ଡାବଜାର ପୂର୍ବରୂପ ବଦଳିଛି । ଯାହା ଫଳରେ ଗଣ୍ଡା ବଜା ତାର ପୂର୍ବ ସ୍ୱାତନ୍ତ୍ର୍ୟକୁ ହରାଇ ବସୁଛି । କେତେକ ଲୋକ ଏ ବଜାକୁ ଜୀବିକା ଆକାରରେ ଗ୍ରହଣ କରି ପେଟପାଟଣା କରୁଥିଲା ବେଳେ ଅନ୍ୟ କେତେକ ବ୍ୟବସାୟିକ ମନୋବୃତ୍ତି ନେଇ ଏହାର ରୂପକୁ କଳୁଷିତ କରି ଦେଇଛନ୍ତି । ଏଭଳି ଏକ ମହତ୍ତର ଲୋକକଳା ଦେଶବିଦେଶରେ ଖ୍ୟାତି ଲାଭ କରିଥିଲେ ସୁଦ୍ଧା ଏହା ତା'ର ପୂର୍ବ ସତ୍ତା ହରାଇ ବସୁଛି । ଏହାକୁ ପୁନରୁଦ୍ଧାର କରି ଗୋଟିଏ ଜାତିର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରିବା ଆମ୍ଭମାନଙ୍କର ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ ।

## କର୍ମା :

ଲୋକବିଶ୍ୱାସ ପରମ୍ପରା ଅନୁସାରେ କର୍‌ମା ଗଛର ଡାଳକୁ ଏଥିରେ ପୂଜା କରାଯାଏ । କର୍‌ମା ବା ହଲନ୍ ନାମକ ଗଛରେ ଦେବୀ କରମସାନୀ ବସବାସ କରନ୍ତି । ଏହାର ସାତଗୋଟି ପତ୍ର ବା ଦୁଇଗୋଟି ଡାଳକୁ ଆଣି ପୂଜା ସ୍ଥାନରେ ସ୍ଥାପନ କରି ପୂଜାର୍ଚ୍ଚନା କରାଯାଏ । ଗାଁ ଲୋକଙ୍କ ମିଳିତକ୍ରମେ ରାତ୍ରିରେ ଗାଁର ଝାଙ୍କର ବା କର୍ତ୍ତା ସମେତ ମୃଦଙ୍ଗ ବାଦକ ଝାଞ୍ଜ ବଜେଇ ଦେବୀଙ୍କୁ ଆଣିବା ପାଇଁ ଯାଇଥାନ୍ତି । ଦେବୀଙ୍କୁ ଆରାଧନା କରି ଧୂପ, ଦୀପ, ନୈବେଦ୍ୟ ନେଇ ବରଣ କରି ନେଇ ଆସି ଗାୟକ ବାୟକ ସମେତ ନୃତ୍ୟାଙ୍ଗନା କରି ଗୀତ ଗାଇଥାନ୍ତି -

"ଜୁହାର ମା ଗୋ କରମସାନୀ, ଅପୁତ୍ରିକେ ପୁତ୍ରଦାନୀ
ଦୟା କରିଥିବୁ ମାଗୋ ମତେ ଶହେ ପୁତ୍ର ଧନ ଦେବୁ ମା

ISSN NO.
2582-208X

ଗୁହାଳରେ ଧନୁ ଦେବୁ
ବାନା ତୋର ଉଡ଼ିବ ଜଗତେ ଗୋ ମାଁ କରମସାନୀ ।"

ବର୍ତ୍ତମାନ ସମୟରେ ବି ଏହି କରମା ପୂଜା ଅଭୀଷ୍ଟ କାମନା ସୂଚକ ପୂଜା ଓ ଧର୍ମୀୟ ବିଶ୍ୱାସ ଭାବେ ଗ୍ରାମ୍ୟଜନତାଙ୍କ ହୃଦୟରେ ବଞ୍ଚିରହିଛି ।

## ଦାସକାଠିଆ :

ଏହା ଏକ ପାରମ୍ପରିକ ନାଟ୍ୟକଳା । ଗଞ୍ଜାମ ଅଞ୍ଚଳରୁ ଏହା ଜନ୍ମ ହୋଇ କ୍ରମଶଃ ସର୍ବତ୍ର ବ୍ୟାପିଛି । ମୁକ୍ତ ରଙ୍ଗ ମଞ୍ଚରେ ଏହି ଦାସକାଠିଆ ଅଭିନୀତ ହୋଇଥାଏ । ଦୁଇଖଣ୍ଡ କାଠିରେ କେତୋଟି ଝୁମୁକା ଲାଗିଥାଏ । ଏହି ଦୁଇଖଣ୍ଡ କାଠିକୁ ଦାସକାଠି କୁହାଯାଏ । ଦୁଇ ହାତରେ ଦୁଇ ଯୋଡ଼ା କାଠି ସାହାଯ୍ୟରେ ଏହା ପରିବେଷଣ କରାଯାଇଥାଏ । ପରିବେଷିତ ନୃତ୍ୟ, ଗୀତ ଓ ଅଭିନୟକୁ ଦାସକାଠିଆ କୁହାଯାଏ । ଜଣେ ଗାୟକ ଓ ଅନ୍ୟ ଜଣେ ତାକୁ ଅନୁକରଣ କରି ପାଳିଆ ଧରିଥାଏ । ପୌରାଣିକ ଗୀତର ତାଳେ ତାଳେ ଏହି ଦାସକାଠିଆର ବାଡ଼ି ବଜାଇ ଗାୟକ ଗାୟିକା ନୃତ୍ୟ ପରିବେଷଣ କରିଥାନ୍ତି । ଏହା ମଧ୍ୟ ପ୍ରାଚୀନ ଲୋକକଳାର ଅନନ୍ୟ ନିଦର୍ଶନ ।

## ବାଘ ନାଟ :

ଆଦିବାସୀ ସଂସ୍କୃତିକୁ ଭିତ୍ତିକରି ଦକ୍ଷିଣ ଓଡ଼ିଶାର ଅତି ଲୋକପ୍ରିୟ ନାଟ୍ୟକଳା ଭାବେ ବାଘନାଟର ପ୍ରସିଦ୍ଧି ରହିଛି । ଏହା ବହୁ ଖ୍ୟାତି ସଂପନ୍ନ ଏକ ନୃତ୍ୟକଳା । ଜଣେ ପୁରୁଷ ବାଘମୁଖା ପିନ୍ଧି ନିଜର ଅଙ୍ଗଭଙ୍ଗୀକୁ ପରିବେଷଣ କରି ନୃତ୍ୟକରିବା ଭଙ୍ଗୀକୁ ବାଘନାଟ କୁହାଯାଏ । ଏହା ପୁଣି ଅନେକ ଲୋକଙ୍କ ମଧ୍ୟରେ ଏହି ଲୋକକଳା ପରିବେଷିତ ହେବାର ଲକ୍ଷ୍ୟ କରାଯାଏ ।

ISSN NO.
2582-208X

## ଛଉନୃତ୍ୟ :

ଏହା ମଧ୍ୟ ଲୋକକଳାର ଅନନ୍ୟ ଚିତ୍ର ପ୍ରଦାନ କରିଥାଏ । ବିଶେଷତଃ ଷଢ଼େଇକଳା, ମୟୁରଭଞ୍ଜ ଅଞ୍ଚଳରେ ଏହା ପ୍ରସିଦ୍ଧ । ଏହି ନୃତ୍ୟରେ ବିଭିନ୍ନ ପ୍ରକାର ବାଜାର ସମ୍ମିଶ୍ରଣ ଲକ୍ଷ୍ୟ କରାଯାଏ । ଢ଼ୋଲ୍, ତାକ୍, ଧୁମୁଷା, ଜୋଡ଼ି, ନାଗରା, ସାହାନାଇ, ମହୁରି ଆଦିର ପ୍ରୟୋଗ ସହ ବିଭିନ୍ନ ରଙ୍ଗରେ ସଜ୍ଜିତ ନୃତ୍ୟ ବେଶ୍ ଉପଭୋଗ୍ୟ ହେବା ସହ ଦର୍ଶକଙ୍କୁ ବିମୋହିତ କରିଥାଏ । ଏହି ନୃତ୍ୟ ସାଧାରଣତଃ ଚୈତ୍ର ମାସରେ ପରିବେଷିତ ହୁଏ । କ୍ରମଶଃ ଆଜିତ ଯୁବ ସମାଜରେ ଏହାର ଆଦର କ୍ଷୀଣ ହେବାକୁ ବସିଲାଣି । ଛଉ ନୃତ୍ୟର ଛ'ଟି ଅଧ୍ୟାୟରୁ ପ୍ରଥମ ଅଧ୍ୟାୟଟି ହେଉଛି ରଙ୍ଗବାଦ୍ୟ ।

## ମୋଗଲ୍ ତାମ୍ସା :

ଲୋକନାଟ୍ୟ ପରମ୍ପରାର ଅନନ୍ୟ ସିଦ୍ଧି ଓ ସାଫଲ୍ୟ ହାସଲ କରିଥିବା ଏକ ମୁଖ୍ୟ ନାଟ୍ୟକଳା ଭାବେ ମୋଗଲ ତାମସାର ପ୍ରଚାର ପ୍ରସାର ସର୍ବାଧିକ । ମୁଖ୍ୟତଃ ଶିବ ମନ୍ଦିର ସମ୍ମୁଖସ୍ଥ ତାମସା ଅଭିନୟ ଲାଗି ମୁକ୍ତ ରଙ୍ଗମଞ୍ଚ ତିଆରି କରାଯାଏ । ଚୋପଦାର, ମିର୍ଜାସାହେବ, ଭେଣ୍ଡିବାଲା, ତୋଡିବରଦାର ପ୍ରଭୃତି ମୁସଲମାନ ବେଶ୍ ପୋଷାକ ପିନ୍ଧିଥାନ୍ତି। ତାମସା ଅଭିନୟରେ ଉଭୟ ହିନ୍ଦୁ ଓ ମୁସଲମାନ ଉଭୟ ସଂପ୍ରଦାୟର ଲୋକମାନେ ଅଂଶଗ୍ରହଣ କରିଥାନ୍ତି । ଜଣେ ଗଉଡୁଣୀ ସାଧାରଣ ହିନ୍ଦୁ ନାରୀର ପରିପାଟୀରେ ମଞ୍ଚକୁ ଆସି ଦୁଧ ଦହି ମୁଣ୍ଡରେ ବୋହି ଆସିଥାଏ । ରାତ୍ରିରେ ଅଭିନୀତ ଏ ମୋଗଲ ତାମସାର ପ୍ରତ୍ୟେକଟି ଚରିତ୍ରର ଜୀବନ୍ତ ଅଭିନୟ ବେଶ୍ ପ୍ରାଣଭୋଗ୍ୟ ଓ ଚିର୍ତ୍ତାକର୍ଷକ ହୋଇଥାଏ ।

## ଦଣ୍ଡନୃତ୍ୟ :

ଏହା ଏକ ଶବର ଶବରୁଣୀ କାହାଣୀ ଭିତ୍ତିକ ଆଖ୍ୟାନକୁ ନେଇ ଶିବଙ୍କ ଉପାସନାରେ ଏହା ପରିବେଷିତ ହୋଇଥାଏ । ଏହା ଏକ ନୃତ୍ୟକଳା । ଗୋଟିଏ କାଠି/ ବାଡ଼ିକୁ ସିନ୍ଦୁର

ISSN NO.
2582-208X

ଲଗାଇ ରଙ୍ଗୀନ କପଡ଼ାରେ ସଜାଇ ଶିବଙ୍କ ପ୍ରତିନିଧିଭାବେ ରଖାଯାଏ । ଶବର ଶିକାର ଉଦ୍ଦେଶ୍ୟରେ ଜଙ୍ଗଲକୁ ଯାଇ ସର୍ପାଘାତରେ ମୃତ୍ୟୁ ଘଟିବା ଓ ତା' ସ୍ତ୍ରୀ ଶବରୁଣୀ ଶିବ ଉପାସନା କରି ତାକୁ ପୁର୍ନ ଜୀବନ୍ୟାସ ଦେବା ବିଷୟ ଏଥିରେ ପରିବେଷିତ ହୋଇଥାଏ । ସମାଲୋଚକମାନଙ୍କ ମତରେ ବିଶେଷତଃ ଶବର, ପାଟୁଆ, ଚଢ଼େୟା ରୂପରେ ଶିବଭକ୍ତମାନେ ଓଡ଼ିଶାର କେଶରୀବଂଶର ରାଜତ୍ୱ କାଳରେ ବୌଦ୍ଧ ଧର୍ମ କବଳରୁ ମୁକ୍ତିଲାଭ ପାଇଁ ଏହି ନୃତ୍ୟରେ ସୃଷ୍ଟିବୋଲି ମତ ଦିଅନ୍ତି ।

## ଘୁମୁରା ନୃତ୍ୟ :

ଘୁମୁରା ଏକ ପୁରୁଷ ପ୍ରଧାନ ଲୋକନୃତ୍ୟ । ଘୁମୁରା ମାଟି ନିର୍ମିତ ଏକ ବାଦ୍ୟ । ମାଠିଆ ଆକୃତିର ଏହି ବାଜାରେ ଗୋଧି ଚମଡ଼ା ଘଡେଇ ଦିଆଯାଏ । ଡ଼ମ୍ବରୁ ଆକୃତି ପରି ମଝି ଅଂଶରେ ଫାଙ୍କା ରହିଥାଏ । ଏହା ଶବ୍ଦ ଉଚ୍ଚାରଣ ଘୁମ୍ ଘୁମ୍ ନାଦ ସୃଷ୍ଟି କରେ ବୋଲି ଏହାକୁ ଘୁମୁରା ନୃତ୍ୟ କୁହାଯାଏ । ବିଶେଷତଃ କଳାହାଣ୍ଡି ରାଜାଙ୍କ ପୃଷ୍ଠପୋଷକତାରେ ଏହି ନୃତ୍ୟ ପ୍ରତିଯୋଗିତା କରାଯାଉଥିଲା । ପ୍ରାଚୀନକାଳରେ ଏ ନୃତ୍ୟ ବେଶ୍ ବେଶ୍ ଉପଭୋଗ୍ୟ ଥିଲା । ବର୍ତ୍ତମାନ ସମୟରେ କେତେକ ଯାନିଯାତ୍ରାରେ ଏ ଲୋକନୃତ୍ୟ ହେବା ଲକ୍ଷ୍ୟ କରାଯାଉଛି ।

## ଘୋଡ଼ାନାଚ :

ଲୋକକଳା ପରମ୍ପରାର ଅନ୍ୟତମ ସଫଳ ନାଟ୍ୟରୂପ ହେଉଛି ଘୋଡ଼ାନାଚ । ଏହା ସାଧାରଣତଃ କୈବର୍ତ୍ତମାନଙ୍କର ଆରାଧ୍ୟ ଦେବୀ ବାସ୍ୟାଳୀଙ୍କ ଉଦ୍ଦେଶ୍ୟରେ ପରିବେଷିତ ହୋଇଥାଏ । ଚୈତ୍ର ମାସର ପୂର୍ଣ୍ଣିମା ଠାରୁ ବୈଶାଖ ମାସ ଆଠ ଦିନ ପର୍ଯ୍ୟନ୍ତ ଏହା ପାଳିତ ହୁଏ । ବର୍ତ୍ତମାନ ସମୟରେ ଏହା ବିଭିନ୍ନ ମାସରେ ଯାନିଯାତ୍ରାଗୁଡ଼ିକରେ ଅଭିନୀତ ହେଉଥିବା ପରିଲକ୍ଷିତ ହେଉଛି । ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ପୁରୀ, ଢେଙ୍କାନାଳ ର ଏହାର ପରମ୍ପରା ରହିଥିବା ବେଳେ ଆଜି ବିଭିନ୍ନ ସ୍ଥାନରେ ଅଭିନୀତ ହେଉଛି । ଘୋଡ଼ା ଖୋଳପା ଭିତରେ ରହି ଜଣେ ପୁରୁଷ ବିଭିନ୍ନ ଅଙ୍ଗଭଙ୍ଗୀରେ ଏହାକୁ ଅଭିନୟ କରିଥାଏ ।

ISSN NO.
2582-208X

## ଘୁବୁକୁଡୁ :

ଏହା ସାଧାରଣତଃ ବାଦ୍ୟ, ଗୀତ ସମ୍ମିଶ୍ରିତ ଏକ ନୃତ୍ୟ ପ୍ରଧାନ ଲୋକକଳା । ଏଥିରେ ଶବର ବେଶରେ ସଜ୍ଜିତ ଜଣେ ପୁରୁଷ ଘୁବ୍‌କୁଡୁ ଖୋଳପାଧରି ହସ୍ତାଙ୍ଗୁଳିର ଚାଳନା ଦ୍ୱାରା ବିଭିନ୍ନ ବାଦ୍ୟ ସ୍ୱର ନିର୍ଗତ କରି ଗୀତ ଆବୃତ୍ତି କରିଥାଏ । କେତେବେଳେ ତା'ର ସହଧର୍ମିଣୀ ଏ ଗୀତର ତାଲେ ତାଲେ ଅଣ୍ଟା ହଲାଇ ନାଚିଥାଏ ତ କେତେବେଳେ ଅନ୍ୟ ଯୁବତୀମାନେ ଏହି ଗୀତର ସୁରେ ସୁରେ ନାଚିଥାନ୍ତି । ଘୁବ୍‌କୁଡୁ ନୃତ୍ୟ ସାଧାରଣତଃ ଶବର ଜାତିର ଲୋକମାନେ ପରିବେଷଣ କରିଥାନ୍ତି । ଏହା ଏହି ଜାତିର ଲୋକନୃତ୍ୟ ।

## ଡାଲଖାଇ :

ଡାଲଖାଇ ଏକ ପ୍ରମୁଖ ଲୋକକଳା ଭାବରେ ପଶ୍ଚିମ ଓଡ଼ିଶାରେ ବିଖ୍ୟାତ । ଡାଲଖାଇ ମୁଖ୍ୟତଃ ଗୀତର ସୁରେ ସୁରେ ନୃତ୍ୟାଙ୍ଗନାମାନଙ୍କ ନୃତ୍ୟ ବେଶ୍ ଉପଭୋଗ୍ୟ ହୋଇଥାଏ । ଏହି ନୃତ୍ୟ ସାଧାରଣତଃ ଦଶହରା ବେଳକୁ ଦୁର୍ଗାଷ୍ଟମୀ ଦିନ ପାଳନ କରାଯାଏ ତେଣୁ ଏହା ଡାଲଖାଇ ଭାଷା ଭାବରେ ପରିଚିତ । ଏହି ଦିନ ପଶ୍ଚିମ ଓଡ଼ିଶାର ଭଉଣୀଟିଏ ଭାଇର ଶୁଭ ମନାସି ଭାଇଁ ଜୀଉଁତିଆ ଉଷା ପାଳନ କରିଥାଏ ।

## ରସର୍କେଲି/ ମାଇଲାଜଡ଼ :

ରସର୍କେଲି ଗୀତ ଓ ମାଇଲାଜଡ଼ ପଶ୍ଚିମ ଓଡିଶାରେ ବହୁ ଜନାଦୃତ ଗୀତ ଭାବେ ଖ୍ୟାତି ଅର୍ଜନ କରିଛି । ବିଭିନ୍ନ ପର୍ବ ପର୍ବାଣୀ, ଉତ୍ସବଗୁଡ଼ିକରେ ଏହି ଗୀତଗୁଡ଼ିକ ଲୋକମାନଙ୍କୁ ଆକର୍ଷିତ କରିଥାଏ । ସେହିପରି ହୁମୋ, ବଉଳି ମଧ୍ୟ ପଶ୍ଚିମ ଓଡ଼ିଶାର ଦୁଇଟି ପ୍ରମୁଖ ଲୋକକଳା ଭାବେ ଖ୍ୟାତି ଅର୍ଜନ କରିଛି । ସେହିପରି ଝୁମର ନୃତ୍ୟ ପାଇଁ ସୁନ୍ଦରଗଡ଼ ଅଞ୍ଚଳ ପ୍ରସିଦ୍ଧ । ପ୍ରହ୍ଲାଦ ନାଟକ ଗଞ୍ଜାମ ଜିଲ୍ଲା, ଛଉନାଚ ପାଇଁ ମୟୁରଭଞ୍ଜ ଜିଲ୍ଲା, ଦେଶିଆ ନାଟ ଦକ୍ଷିଣ ଓଡ଼ିଶା, ଦଧି ନାଟ ଉତ୍ତର ଓଡ଼ିଶା ପ୍ରସିଦ୍ଧ । ପୁନଶ୍ଚ ବିଭିନ୍ନ ସମୟରେ ଅନୁଷ୍ଠିତ ରାମଲୀଳା, କୃଷ୍ଣଲୀଳା, ସୁଆଙ୍ଗ, ଯାତ୍ରା ଧନୁଯାତ୍ରା ମୁକ୍ତରଙ୍ଗ ମଞ୍ଚରେ

ISSN NO.
2582-208X

ଅଭିନୀତ କଳାକାରଙ୍କ ଲୋକକଳାର ପାରଙ୍ଗମତା ସହ ପୌରାଣିକ ଆଖ୍ୟାନ ଓ ବିଷୟବସ୍ତୁକୁ ଆଜି ବି ଜୀବିତ ରଖିଛି । ଲୋକମାନେ ଏହାକୁ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ଉପଭୋଗ କରି କଳାପ୍ରେମୀ ମଣିଷର ପ୍ରଶଂସାଗାନ କରି ଏହାକୁ ଉଜ୍ଜୀବିତ କରିରଖି ଅଛନ୍ତି ।

ବସ୍ତୁତଃ ଏହି ଆଲୋଚନାରୁ ସ୍ପଷ୍ଟ ଅନୁମେୟ ହୁଏ ଯେ ବର୍ତ୍ତମାନ ପରିପ୍ରେକ୍ଷୀରେ ଲୋକନୃତ୍ୟ ଓ ଗୀତର ବ୍ୟବସାୟିକ ମନୋବୃତ୍ତି ଆଜି ଏ ଲୋକକଳାର ଚିହ୍ନବର୍ଣ୍ଣ ଲୋପ କରିବାକୁ ବସିଲାଣି । ପୁନଶ୍ଚ ନୂତନ ପ୍ରୟୋଗରୀତି ଓ ପାଶ୍ଚାତ୍ୟ ରୀତିର ଅନୁକରଣ ଫଳରେ ପାରମ୍ପରିକ ଢ଼ଙ୍ଗରେ ଚଳି ଆସୁଥିବା ଏ କଳାର ଆଜି ଦୁର୍ବିସହ ଅବସ୍ଥା । ସତରେ କଳାପ୍ରେମୀ ମଣିଷଟିଏ ଏ ନଗ୍ନ ରୂପ ଦେଖିଲେ ନିଶ୍ଚିତ ଭାବରେ କ୍ଷୁବ୍ଧ ହେବା ସ୍ୱାଭାବିକ । ବଦଳିଯାଉଥିବା ସଭ୍ୟତା, ଚଳଣି, ପରମ୍ପରା ସଂସ୍କୃତି ମନୁଷ୍ୟଠାରୁ ଆଜି ତା' ବାପା ଅମଳର ଆଉ କ'ଣ ଲୁକ୍କାୟିତ କରୁ ଅବା ନକରୁ ତା'ର ନିଜଜାତିର ଐତିହ୍ୟ ପରମ୍ପରାକୁ ଲୁଟି ନେଇଛି । ଏହାକୁ ଦୃଷ୍ଟିରେ ରଖି ଆଜିର ଯୁବ ସମାଜ ଆଗେଇ ଆସି ଲୋକକଳାର ସଂରକ୍ଷଣ ଦିଗରେ ହାତ ବଢ଼େଇଲେ, ଅଧିକରୁ ଅଧିକ ମାତ୍ରାରେ ମ୍ୟୁଜିୟମ ଓ ପ୍ରାଚୀନ ଲୋକକଳାର ଗବେଷଣା ନିମିତ୍ତ ସରକାରୀ ପ୍ରୋତ୍ସାହନ ମିଳିଲେ ନିଶ୍ଚିତ ଭାବରେ ଏହାର ପୁନରୁଦ୍ଧାର ହୋଇପାରିବ । ଲୋକକଳାର ପ୍ରାସଙ୍ଗିକତାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଜନସାଧାରଣ ଓ ସୁଧୀବୃନ୍ଦ ଏ ଦିଗରେ ହାତ ବଢ଼େଇ ଆମ ସାମାଜିକ ଜୀବନରେ ଲୋକକଳାର ମହତ୍ୱ ବୃଦ୍ଧି କରିବା ପାଇଁ ଚେଷ୍ଟା କରିବା ଉଚିତ । ଯାହା ଫଳରେ ଆମର ଆଗାମୀ ପିଢ଼ିଙ୍କ ମନରେ ଏକ ଉନ୍ମାଦନା ଓ ଧାରଣା ଜନ୍ମିବ ।

ବିଭାଗୀୟ ମୁଖ୍ୟ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ଜମଲା ଡିଗ୍ରୀ ମହାବିଦ୍ୟାଳୟ, ଜମଲା
ପଦ୍ମପୁର, ବରଗଡ଼---୭୬୮୦୪୯
ମୋ---୯୬୬୮୨୪୩୪୦୫

ISSN NO.
2582-208X

# ଅତିରୁ ଇତି



ବାସନ୍ତୀ ଲତା ଜେନା

ଅତି ସ୍ନେହ ପ୍ରୀତି ତିଷ୍ଠି ରହେ ନାହିଁ
ଆଖି ଲୁହ ଭରି ଦିଏ
ବିଶ୍ୱାସରେ ଯଦି ଗରଳ ମିଳଇ
ହୃଦେ କୋହ ଭରି ଯାଏ ।୧।

ବାତ୍ସଲ୍ୟ ମମତା ଅତିରିକ୍ତ ହେଲେ
ପିଲାଙ୍କୁ ବିଗାଡି ଦିଏ
ଅନୁ ଶାସନର କୋହଳ ହୋଇଲେ
କଠିନ ଯଦିବା ହୁଏ ।୨।

ବନ୍ଧୁ ବନ୍ଧୁ ମଧ୍ୟେ ପ୍ରେମ ବଢ଼ି ଗଲେ
ସ୍ୱାର୍ଥ ଯଦି ଲୁଚି ଥାଏ
ସମ୍ପର୍କର ଡୋର ଦିନେ ଛିଡି ଯାଏ
ଅତିରୁ ଇତି ସେ ହୁଏ ।୩।

ମାଟି ଘର କାନ୍ଥ ବହଳ ଲିପିଲେ
ଫାଟି ଫାଟି ଯାଇ ଥାଏ
ସବୁ ଦିନେ ନାହିଁ ଚାନ୍ଦିନୀର ରାତ୍ରି
ଏକ ପକ୍ଷ ଅମା ହୁଏ ।୪।

ISSN NO.
2582-208X

ଗିରିଷମ ଦାଉ ମେଣ୍ଟିବା ପାଇଁକି
ଲେମ୍ବୁ ପଣା କରାଯାଏ
ଲେମ୍ବୁଟିକୁ ଯଦି ଅତି ଚିପୁଡ଼ିବ
ପିତା ହୋଇଣ ସେ ଥାଏ ।୫।

ଅସତ୍ୟ ପଥରେ ଧନ ଅରଜିଲେ
ହୁଉ - ହୁଉ ବଢୁ ଥାଏ
ଅଳପ ଦିନରେ ଧନ ନଷ୍ଟ ହୁଏ
ଯଶ ଖ୍ୟାତି ଇତି ହୁଏ ।୬।

ନ କହିବା ଲୋକ ପଦେ କହି ଥାଏ
ନିନ୍ଦାର ପାତ୍ର ସେ ହୁଏ
ଠକାମୀ ଭଣ୍ଡାମୀ ତିଷ୍ଟି ରହେ ନାହିଁ
ଦିନେ ଶେଷ ହୋଇ ଯାଏ ।୭।

ବାଉଁଶ ବଢିଲେ ଡେଙ୍ଗା ହୋଇ ଥାଏ
ବାଉଁଶ ଫୁଲିଲେ ମରେ
ବେଲୁନ୍ ରେ ବାୟୁ ଅଧିକ ଭରିଲେ
ଫାଟି ଯାଇ ଶବ୍ଦ କରେ । ୮।

ଗର୍ବ ଅହଂକାର କାହାରି ରହିନି
ଏହି ମର୍ତ୍ତ୍ୟ ମଣ୍ଡଳରେ
ଗର୍ବ କରି ବଳି ପାତାଳେ ପଶିଲା
ତ୍ରିପାଦ ଭୂମି ଦେବାରେ ।୯।

ମହିଷା ରାବଣ ଗର୍ବ ଅହଂକାର
ଦିନେ ଚୂର୍ଣ୍ଣ ହୋଇ ଥିଲା

ISSN NO.
2582-208X

ଅସତ୍ୟ ଉପରେ ସତ୍ୟର ବିଜୟ
ଧର୍ମର ସ୍ଥାପନା ହେଲା ।୧୦।

ମିଥ୍ୟା ଗର୍ବ କରି କଉରବ ଧ୍ୱଂସ
ଅତିରୁ ଇତି ସେ ହେଲା
ପ୍ରତିଶୋଧ ନିଆଁ ହୃଦୟେ ଜଳିଲେ
ଶତ୍ରୁତା ବଢ଼ଇ ଭଲା ।୧୧।

ଅତିବଡ କଥା କହନି ବଉଳ
ଦିନେ ଲୋଟିବୁ ଭୂଇଁରେ
ସାଲିଳତା ରକ୍ଷା କରି ପାରୁ ଥିଲେ
ପ୍ରଶଂସା ସର୍ବ ମୁଖରେ ।୧୨।

ନୀତି ନିୟମରେ ସ୍ୱଚ୍ଛତା ପଣରେ
ନିଜ କର୍ମ କରି ଯାଅ
ବଡ଼ ପଣ କହି ତୁଛ ହୁଅ ନାହିଁ
ସବୁରିଙ୍କ ପ୍ରିୟ ହୁଅ ।୧୩।

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ଜନେ କହିବେ



ଡ. ଅଭିମନ୍ୟୁ କାନୁନଗୋ

କରହାଟ ଶିଖେ ମଧୁପ ଛତ୍ର
ବ୍ୟାଧ ହରିତହୁଁ ବିକେ ଜଗତ୍ର
କରଣରେ ଚୌର୍ଯ୍ୟ ବୃତ୍ତି ଆବୋରି
ପଟୁ ପଣେ ଭାଷେ କୀର୍ତ୍ତି ଆମ୍ଭରି
ଜନେ କହିବେ, ଉଟ ବ୍ୟାଧ କାହୁଁ ମଧୁପ ହେବେ ?

ଅଷ୍ଟାପଦ କଣ୍ଠେ ମଣି ଶୋଭନ
ଯେସନ ଅରିଷ୍ଟ ପଞ୍ଚମ ତାନ
ତେସନ ଅଧରେ ପଦ କମ୍ପନ
କିଲାଳକୁ କିବା ହେବ ଭାଜନ
କାହୁଁ ହୋଇବ, ଚନ୍ଦ୍ରବାଳ କେହ୍ନେ ବଦଳି ଯିବ ?

ତନୁ ଦୃଢ଼ ହୁଏ ପୃଷ୍ଟି ଭୋଜନେ
ଯେମନ୍ତ ବର୍ଦ୍ଧଇ ବିଦ୍ୟା ଅଧ୍ୟନେ
ରସନା ଛେଦିଲେ ସେ ଦ୍ୱିଜ ଗଣେ
ସୁଢ଼ଳ ହେବେକି ସେ କ୍ଷୀଣ ଜନେ
ପଦ୍ୟ ମାଧୁରୀ, ପଣ୍ଡିତ ହେବେ କି ହରଣ କରି ?

ISSN NO.
2582-208X

ଭାରତୀ ଯା ଦେଲେ ଜନମ କାଳୁ
ଅଭିମନ୍ୟୁ ଭଣେ ସେ ହେତୁ ବେଳୁ
ପିଅର ପୟରେ ଥାଉ ମୋ ମତି
ବେନି ଶ୍ରୀ ଆବୋରି ହେଉ ମୋ ଗତି
ଜ୍ଞାନ ବିତରି, ଅଜ୍ଞାନୀ ମୁଁ ସୂର୍ଯ୍ୟ ଭଞ୍ଜ ଆଦରୀ ।।

ଆକାଶବାଣୀ ପୁରୀ
ମୋବାଇଲ ନମ୍ବର ୮୮୯୫୪୫୦୧୧୭

ISSN NO.
2582-208X

# ଜୀବନ ସଂଗୀତ
# (ଦାରୁଣ ଦଇବ)



ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ଦିନେ ସଂସାର ହାଟ ସରିବରେ, ସଙ୍ଗାତ,
ଦାରୁଣ ଦଇବ,
ବାଟ ସରୁ ସରୁ ଘାଟ ମୂଲ ନେଇ
ତୋତେ ବାହୁଡାଇ ନେବ,
ସତ୍ୟ ଧର୍ମ ପଥେ ରହିଲେ ସିନା ରେ
ପଥରେ ସହାୟ ହେବ ରେ, ସଙ୍ଗାତ,
ଦାରୁଣ ଦଇବ ।।

ଅଢେଇ ଦିନର ଘେ ଜୀବନ ହାଟ
ପଦ୍ମ ଦଳେ ଯେହ୍ନେ ଜଳ
ତେମନ୍ତ ଜୀବନ ଅଥୟ ପବନ
ଅବିଶ୍ୱାସ ତାର ଭାବ ରେ, ସଙ୍ଗାତ,
ଦାରୁଣ ଦଇବ, ଦିନେ ସଂସାର ହାଟ ସରିବରେ ।।

ପରମ ପୁରୁଷ ପଦେ ଲୟ ଯେବ
ନିରତେ ତୋହର ଥିବ,
ରାମ କୃଷ୍ଣ ନାମ ଜପ କରୁଥିଲେ

ISSN NO.
2582-208X

ଜୀବନ ସାର୍ଥକ ହେବ ରେ, ସଙ୍ଗାତ
ଦାରୁଣ ଦଇବ, ଦିନେ ସଂସାର ହାଟ ସରିବରେ ।।

ଜଗିଛି ରେ ପଥ ବାଟ ଡାକାୟତ
ବାଛି ବାଛି କରି ନେବ,
ନଛାଡିବ ଯେବେ ତୋ ପାଳି ପଡିବ
ନାହିଁ ତାର ଦୟା ଭାବ ରେ, ସଙ୍ଗାତ,
ଦାରୁଣ ଦଇବ, ଦିନେ ସଂସାର ହାଟ ସରିବରେ ।।

ଆଜି ଠାରୁ ଧନ ଧର୍ମ ସଞ୍ଚିବାର
ବାଛିନିଅ ପୂଣ୍ୟ ପଥ,
ସେ ପଥ ହୁଡିଲେ କୁହଇ ପ୍ରଫୁଲ୍ଲ
ଭୋଗିବୁ ତା ପରାଭବ ରେ, ସଙ୍ଗାତ,
ଦାରୁଣ ଦଇବ, ଦିନେ ସଂସାର ହାଟ ସରିବରେ ।।

ମଙ୍ଗଳାଯୋଡି, ଖୋର୍ଦ୍ଧା

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭଗ - ୩୦ )

ବାପା ଦେଖା କରିବାକୁ ଆସିବେ, ଦେଖା କରିବାକୁ ଆସିବେନି ।

ଆସିବେ, ଆସିବେନି, ଆସିବେ, ଆସିବେନି। କଦମ କଦମରେ ଗୁମୁରୁ ଥାଏ ଆସ୍ଥାଟିଏ। ବିଶ୍ୱାସ ଟିଏ। ନଈ ପାଖର ସେଇ ଚଟକା ପଥର ଉପର କଦମ୍ ଟା ଯଦି ଆସିବେ ହୁଏ ତ ଆସିବେ । ନହେଲେ ନାହିଁ । ବାଟରେ ଯଦି ଦୁଇଟା ବଣି ଦେଖାଯାନ୍ତି ତ ଆସିବେ, ନହେଲେ ନାହିଁ । ବାଁ ପାଖ ପୋଖରୀରେ ଯଦି ଅଧିକ କଇଁ ଫୁଲ ଫୁଟିଥାଏ ତେବେ ଆସିବେ ନହେଲେ ନାହିଁ । ଏମିତି ବିଭିନ୍ନ ଅଟକଳ, ବିଭିନ୍ନ କଳନା ।

ଦୁଇଟା ବଣି ତ ଦେଖିଲି, ବାପା କାହିଁ ?

ପୋଖରୀରେ ତ ଅଗଣତି କଇଁଫୁଲ, ହେଲେ ବାପା କାହିଁ ?

ଧିମେଇ ଧିମେଇ ଚାଲୁଥାଏ ମୁଁ। ବାପା ଆସିବେ, ନିଶ୍ଚିତ ଆସିବେ ।

ମାଆ ମନା କରିଥିଲା,

ISSN NO.
2582-208X

- ପଛ୍ କୁ ଘୁରବୁ ନାଇଁ ବାବୁ। ଶୁଭ୍ କାମ୍ ରେ ଯାଉଛୁ। ମାଆ ଗୋ, ମାଆ ପାଉଡ଼ି । ମୋର୍ ଛୁଆର୍ ଭଲ୍ ମନ୍ଦ୍ ବୁଝବୁ ମାଆ। ମାଆ ହାତ ଯୋଡ଼ିଥିଲା ଇଷ୍ଟଦେବୀ ଉଦ୍ଦେଶ୍ୟରେ। ମୁଁ କିନ୍ତୁ ପଦଚାପ ଶୁଣି ପଛକୁ ଘୁରି ଚାହିଁ ଦେଇଥିଲି।

- ବାବୁରେ, ଘଡ଼ିଟା ଛାଡ଼ି ଦେଇକିରି ଆସିଥିଲୁ ଯେ। ତୋର୍ ମାଆ ପଛ୍ ରୁ ଡାକତେ ମନା କରିଥିଲା ବାବୁ।

ବାପା ହେଁସରୁଥାନ୍ତି। ଧାଇଁ ଧାଇଁ ଆସିଥିଲେ ସେ। ପାଦଟା ଭୀଷଣ ଭାବରେ ଫୁଲି ଯାଇଥିଲା ତାଙ୍କର। ସେଥିପାଇଁ ନେଢ଼ଉ ଥାଆନ୍ତି।

- ବାପା, ପାଦରେ କି ହେଲା ?

- କିଛି ନାଇଁ ବାବୁ, ଏଡ଼େଟେଇ ବାବଲା କଣ୍ଟା ପଶି ଯାଇଥିଲା। ସେଇ ଦେଇକିରି ଦେରି ହେଲା।

- ବାହାରିଲା ନା ନାଇଁ ଗୋ ?

ମୁଁ ନୁଇଁ ପଡ଼ିଥିଲି । ତାଙ୍କ ପାଦକୁ ଦେଖିବା ପାଇଁ । ମୋ ଦେହରେ ସହସ୍ର ସହସ୍ର ବାବଲା କଣ୍ଟା ଫୋଡ଼ି ହେଇ ଯାଉଥିଲା। ବିଲଟାରେ ଭର୍ତ୍ତି ବାବଲା ଗଛ। ତାର ଡାମ୍ଫଣ ମୋଟ ଗୋଜ ଗୋଜ କଣ୍ଟା। ପାଦରେ ଏପାର୍ ସେପାର୍ ପଶିଯାଏ।

- ଦେ ନା ଦେ, କିଛି ନାଇଁ ହେଇ ଯେ। ଅଭିନୁ କାକା ବାରକେଇ ଦେଲା କଣ୍ଟାଟାକୁ ।

- ଚଲ୍ ଚଲ୍ । ଦେରି ହେଲାନି । କେତେବାଟ ଯାଇତେ ଅଛି।ତୋର୍ ବାପା ଭାଲିଆ ଖଣ୍ଡେ ତତେଇକରି ଚେଙ୍କେଇଦେବ ଯାଇକରି, ହେଲା ? ଚଲ୍ ତୁଇ।

ଅବନୀ ମାମୁଁ କହୁଥିଲେ।

ISSN NO.
2582-208X

ସେତେବେଳେ ଟିଟାନସ୍ ହେଉଥିଲା କି ନାଇଁ ଜଣା ନାଇଁ କିନ୍ତୁ କଣ୍ଟା ପଶିଲେ ଭାଲିଆ ଚେଙ୍କ ଅମୋଘ ଔଷଧ। ହାତ କଟି ଯାଇ ଥିଲେ ଚିନି ଟିକେ ଚୁରି କିମ୍ବା ଗେଣ୍ଡୁପତ୍ର ମକଚି ପାଣିକନା ଗୁଡେଇ ଦେଲେ ରକ୍ତ ତୁରନ୍ତ ବନ୍ଦ ହେଇ ଯାଉଥିଲା, ବଥା ଖାଇ ଯାଉଥିଲା।

ଦୂର୍ଗାମେଲା ପଡ଼ିଆରେ ମୁଁ ଥରେ ହୁମ୍ବଡ଼ିଗାଡ଼ି (ମୁହଁ ମାଡ଼ି)ହେଇ ପଡ଼ି ଯାଇଥିଲି ଯେ ହାଣ୍ଟୁଟା ଛେଚରା ହେଇ ଯାଇଥିଲା। ଚିତ୍ତ ପତଳା ଧୂଳି ଆଣି ଥାପି ଦେଇଥିଲା ସେଥିରେ। ଘରେ କେହି ଜାଣି ନଥିଲେ ଏ ବିଷୟରେ। ଏତିକି ଟିକ୍ ନିଖ୍ କଥା ବୁଝିବାକୁ ସମୟ କାହିଁ କାମ କାଜି ମାଆ ବାପା ମାନଙ୍କୁ। ପେଟ କଥା ଚିନ୍ତା କରିବାକୁ ବେଳ ନାଇଁ ? ଆଉ ପିଠି କଥା କିଏ ଦେଖୁଛି? ଆମେ ପଡ଼ି ହୁଣ୍ଟରି ହେଉଥିଲୁ ନିଜେ ନିଜେ, ଉଷଦକଷା କରୁଥିଲୁ ନିଜେ ନିଜେ, ଭଲ ହେଉଥିଲୁ ନିଜେ ନିଜେ।

ବଡ଼ ବେମାରୀ ସୁମାରୀ ହେଲେ ଅଲଗା କଥା। ସେମିତି ହେଉ ଭି ନଥିଲା। ଯଦି ହେଉଥିଲା ସାମୂହିକ, ସଂକ୍ରାମକ ମହାମାରୀ। ଗାଁ କୁ ଗାଁ ସଫା ହେଇ ଯାଉଥିଲା।

ଛୋଟକାଟିଆ ରୋଗ ବୈରାଗ, କଟା ଖଣ୍ଡା ଇତ୍ୟାଦିର ଚିକିତ୍ସା ଆମେ ଶିଖି ଯାଇଥିଲୁ ଖେଳନା ଚିକିତ୍ସା ଉପକରଣ ନଥାଇ ବି। ବିଛା କି ବିରୁଡ଼ି କାମୁଡ଼ିଲା, ଗୁଡାଖୁ କି ଚୂନ ଟିକିଏ ମାରି ଦେଲୁ ସୁ ସା ହେଇ ହେଇ । ଖଣ୍ଡିଆ ହେଇଗଲା, ନିଜର ଲୁଣିଆ ରକ୍ତ ନିଜେ ଚୁଚୁମି ଗେଣ୍ଡୁପତ୍ର କି ମଞ୍ଜୁଆତି ପତ୍ର ମସଟି ନଗେଇ ଦେଲୁ। ଘିମିରି ହେଲା, ସାଟ୍ ପିନରେ ଏକ ଆରେକର ଘିମିରି ଫୁଟେଇ ଦେଲୁ । ଏମିତି ସାନ ସାନ କଥା ସବୁ ଆମ ମୁଣ୍ଡକୁ କେବେ ଗୋଳମାଳ କରୁ ନଥିଲା, କି ମାଆ ବାପାଙ୍କୁ ଜଣେଇବା ଦରକାର ପଡୁ ନଥିଲା ।

ଆଉ ରୋଗ ବାଲାଇ କଥା କହିବା ଯଦି ମାଆମାନଙ୍କ ଠାରୁ ବଡ଼ ଡାକ୍ତରାଣୀ ନଥିଲେ କି ମାଆ ରନ୍ଧାଘରୁ ବଡ଼ ଔଷଧାଳୟ ନଥିଲା। ସବୁ ତିକିଛା ତାକୁ ଜଣା ଥିଲା ।

- ମାଆ ଗୋ, ମେସମେସିଆ ନାଗୁଛି, କାକର୍ ଭି ।

ISSN NO.
2582-208X

ମାଆ ମୋ କପାଳ ଛୁଇଁ କହି ଦେଉଥିଲା କେତେ ଜ୍ୱର ଅଛି ପାଣିପଟି ଦରକାର ନା ଖାଲି ତୁଳସୀ ଅଦା ମଞ୍ଜୁଆତି ପତ୍ର ରସ ପାନେ ଦିପାନରେ ଠିକ୍ ହେଇଯିବ। ଜରଟା ଅଦ୍ଧେଇଦିନିଆ ନା ପାଳିକିଆ ।

- ମାଆ ଗୋ, ପେଟ ବଥଉଛି ।

ପେଟ ଥାପୁଡେଇ ଜାଣି ଦେଉଥିଲା, ପେଟବଥା ବଦହଜମ୍ ପାଇଁ ହେଇଛି ନା ଜାଉଦା ପାଇଁ ନା ନାଳ ପାଇଁ। ମୁଥା ବାଟି ପେଇଦେଲେ ଠିକ୍ ହେବ ନା ଖାଇବା ସୋଡ଼ । ଫାଙ୍କିଦେଲେ, ନା ପିଜୁଳି ପତ୍ର ଓ ଡାଳିମ୍ବ ପତ୍ର ଏକତ୍ର ବାଟି ରସ ପିଆଇ ଦେଲେ ଠିକ୍ ହେବ। ପେଟ ବଥା ହେଲେ ଗରମ ପାଣି କାଚ ବୋତଲ୍ ପେଟ ଉପରୁ ତଳକୁ ଗଡେଇ ଦେଲେ, ନହେଲେ ସୋରିଷ ତେଲ ଓ ପାଣି ମାଲିସ୍ କରିଦେଲେ ଚଟ୍ କିନା ଠିକ୍ ହେଇ ଯାଉଥିଲା ପେଟ ବଥା।ପେଟ ଗରମ୍ ହେଇଥିଲେ କଂସାରେ ଥଣ୍ଡା ପାଣି ଭାଙ୍ଗିଲେ ସବୁ ଠିକ୍ ଠାକ୍।

ଶର୍ଦ୍ଦି ହେଇ ପାଣି ବୋହୁଛି, ଟୁକେଇ ସେଙ୍କ ଦେଇଦେଲେ ବସିଯିବ। କାଶ ହେଉଛି, ହରିଡ଼। ଫୁରୁସେଇ (ସେକି) କଳରେ ଜାକିଲେ ଠକ୍ କିନା କାଶ ବନ୍ଦ୍।

ରୋଗମାନେ ମଧ୍ୟ ସେତେବେଳେ ଏତେ ଜଟିଳ ନଥିଲେ। ମଣିଷ ଜଟିଳ ହେଲାରୁ ରୋଗ ଜଟିଳ ହେଲା ଔଷଧ ତହୁଁ ଜଟିଳ ତ ରୋଗ ଆହୁରି ଜଟିଳ। ରୋଗ ମାନଙ୍କର ପ୍ରାଧାନ୍ୟତା ନଥିଲା। ରୋଗକୁ ମହତ୍ତ୍ୱ ଦେବା ପାଇଁ ଲୋକଙ୍କର ମୁଣ୍ଡ ନଥିଲା କି ବେଳ ନଥିଲା।

ବେଳେ ବେଳେ ମାଆ ଶୀତଳା, ବାଡ଼ି ବୁଢ଼ୀ ମାନେ ମାତୁଥିଲେ। ସେତିକି ବେଳେ ଚିକିତ୍ସାର ନୁହେଁ, ଧୈର୍ଯ୍ୟର ପରୀକ୍ଷା ହେଉଥିଲା। ଦୈବ ଦୁର୍ଯୋଗକୁ ମଥା ପାତି ସହୁଥିଲେ ଲୋକ। ସବୁ ଉପରବାଲା ହାତରେ ଦେଇ ନିଜ ହାତ ଟେକି ଦେଉଥିଲେ।

ହଁ, ଭାଲିଆ, କଣ୍ଟା, ଚିକିତ୍ସା ଠାରୁ ହଟିବା ଏଥର ।

ISSN NO.
2582-208X

ବାପାଙ୍କ ପାଦ ଛୁଇଁଲି ମୁଁ, ଅନୀନାନି ଦେଇଥିବା ଘଡ଼ିଟା ବାନ୍ଧିଲି । ବାପା ସେମିତି ନିର୍ବିକାର । କେବଳ ମୁଣ୍ଡରେ ହାତଟାକୁ ରଖିଦେଲେ କିଛି ନକହି । କାରଣ ତାଙ୍କ ଚାହାଣୀ ବୁଝିବାର ଶକ୍ତି ମୋ ଠାରେ ଉତ୍ପନ୍ନ ହେଇ ସାରିଥିଲା । ମାଆ ପରି ମୁଁ ମଧ୍ୟ ଚାହାଣୀର ଅର୍ଥ ବୁଝିବାକୁ ଆରମ୍ଭ କରିଥିଲି । ମୋ ମୁଣ୍ଡରେ ଥିବା ବାପାଙ୍କ ହାତ ଉପରେ ମୁଁ ହାତ ରଖିଲି । ମୋ କଣ୍ଠ ଭି ବାଷ୍ପାଚ୍ଛନ୍ନ ଲାଗୁଥିଲା ।

ନଇରେ ଡଙ୍ଗାଧର କାକା ନଥିଲେ କି ତାଙ୍କ ଡଙ୍ଗା ନଥିଲା । ନଇରେ ଡଙ୍ଗା ଚାଲିବା ପାଇଁ ପାଣି ଭି ନଥିଲା । ପାଣି ମାନେ କଇଦିରେ ଥିଲେ, ତାଙ୍କର ହାତଗୋଡ଼ ବନ୍ଧା ହେଇଥିଲା ପଥର ବନ୍ଧ ଦ୍ଵାରା । ଛଳଛଳ, କଳକଳ ନିନାଦିନୀ ନଇ ଜୀର୍ଣ୍ଣ ଶୀର୍ଣ୍ଣ ରୂପ ଧାରଣ କରିଥିଲା । ତାର ସବୁ ଐଶ୍ୱର୍ଯ୍ୟ, ସବୁ ମାଧୁର୍ଯ୍ୟ ବନ୍ଧା ପଡ଼ିଥିଲା ।

କୋଉଠି କେମିତି ପଥର ମଝିରେ କି ସିଅର ମଝିରେ ମୁମୂର୍ଷୁ ସରୁ ଧାରଟିଏ ହେଇ ମିଁ ମିଁ ହେଇ ବୋହୁଥିଲା । ତଥାପି ସ୍ୱାଗତ ଜଣାଉଥିଲା,

- ଆସ ବନ୍ଧୁ, ମରି ନାହିଁ ମୁଁ। ମରିବି ନାହିଁ ମଧ୍ୟ । ରହିବି ସରସ୍ୱତୀ ପରି ଗୁପ୍ତ ହେଇ ନଚେତ୍ ଇତିହାସରେ ।

ଆମେ ତାର ଲୁହରେ ପିଚ୍ଛିଳ ପଥର ମାନଙ୍କରେ ସାବଧାନରେ ପାଦ ଥାପି ପାରି ହେଉଥିଲୁ। ଶୁଖିଲା ନଇରେ ପୋଲ ତିଆରି ହେଇଥିଲା କିନ୍ତୁ ହାୟ ଦୂରରେ ।

ନଇ ପାରି ହେଇ ବଡ଼ ଗାଁ । ସେଠୁ ଚାରିଶସାତ୍ ( ମିନିବସ୍) ନେଇ ଗଲୁ ଗନ୍ତବ୍ୟ ସ୍ଥାନକୁ।

ଅବନୀ ମାମୁଁ ଅଭ୍ୟାସ ମୁତାବକ ଆଠଣା ଦେଇଥିଲେ ହାତରେ । ଝିଅ ଘର, ପାଣି ପିଇବେ ନାଇଁ । ତାଙ୍କ ଝିଅ ଜୋଇଁ କଲିକତାରେ । ଜୋଇଁ ଜଜମାନୀ କରନ୍ତି ସେଠି ଦକ୍ଷୀଣ କାଳି ମନ୍ଦିରରେ। ତାଙ୍କ ସମୁଦୁଣୀ ଦୋକାନ ଜିନିଷ ଆଣି ପରଷି ଦେଲେ। ମୁଁ ବସିଲି ପିଣ୍ଡାରେ। ବାହ୍ମଣ ଘର। ତେଣୁ ମୋତେ ପତରରେ ଦେଲେ ଜଳଖିଆ। ଖାଇ

ISSN NO.
2582-208X

ସାରିଲା ପରେ ଅଇଁଠା ପତରକୁ ଗୋବର ଗାଦିରେ ପକେଇ ଦେଇ ଖାଇବା ଜାଗାରେ ଗୋବର ନୁଣ୍ଡା (ଛୁଞ୍ଚ) ନଗେଇବାକୁ ନିର୍ଦ୍ଦେଶ ଦେଲେ । ବିନା ପ୍ରତିବାଦରେ, ବିନା ଆପତ୍ତିରେ ଆମେ ସେସବୁ କରିବାରେ ଅଭ୍ୟସ୍ତ ଥିଲୁ । ତାଙ୍କ ଉପରେ ଖରାପ ମନୋବୃତ୍ତି ଆସୁ ନଥିଲା କଦାପି ।

ଅବନୀ ମାମୁଁ ମୋତେ ତାଙ୍କ ଜିମା ଦେଇ, ମୋର ସଫଳତା କାମନା କରି ପଳେଇ ଗଲେ ।

ଦାଣ୍ଡ ପିଣ୍ଡାର ପୂର୍ବ ପାଖ କୋଠରୀଟା ମୋତେ ଦିଆ ଯାଇଥିଲା । ମୋ କୋଠରୀର ସାମନାରେ ଆଉ ଗୋଟିଏ କୋଠରୀରେ ମଧ୍ୟ ତିନିଟା ପିଲା ରହିଥିଲେ ଅଲଗା ସ୍କୁଲର। ତାଙ୍କ ସହିତ ଜଣେ ମହିଳା ଥିଲେ। ବୋଧେ ସେମାନଙ୍କ ଭିତରୁ କାହାର ମାଆ ହେଇଥିବେ।

ଦୁଇ କୋଠରୀ ମଝିରେ ବଡ଼ ବଡ଼ ଶିଙ୍କୁଳି ଦିଆ ଜାଉଁଳି କବାଟ । କେତେ ସୁନ୍ଦର କାରୁକାର୍ଯ୍ୟ କବାଟ ମାନଙ୍କରେ । ସେଇଟା ସାଧାରଣତଃ ବନ୍ଦ ରହୁଥିବ, ସେମିତି କିଛି ବଡ଼ ନାମୀ ଦାମୀ ଲୋକ ଆସିଲେ କି ମେଳା ମଉଛବ ହେଲେ ନା ଖୋଲୁଥିବ ।

ସଫା ସୁତୁରା ମାଟି ଗୋବର ଲିପା କୋଠରୀ। ପୂର୍ବ ଦିଗକୁ ତଳୁଆ ଛୋଟ ଜାଲଣା। ସକାଳଟା ମୋତେ ବହୁତ ଭଲ ଲାଗୁଥିଲା ସେଠି। ସୂର୍ଯ୍ୟ ମାହାପ୍ରୁଙ୍କର ପ୍ରଥମ କିରଣ ଆସି ପଡୁଥିଲା ମୋ ବିଛଣାରେ। ଜାଲଣା ସେପାଖେ ସର୍ବ ସାଧାରଣ ସୁନ୍ଦର ପୋଖରୀଟାଏ। ଏତେ ପଦ୍ମଫୁଲ ମୁଁ ସେହି ପୋଖରୀରେ ହିଁ ଦେଖିଲି । ଭରି ଭାଙ୍ଗୁଥିଲା। ବାସ୍ନା ଖେଳୁଥିଲା ମୋ କୋଠରୀ ଭିତରେ। ଉଚ୍ଚାଟ କରିବା ପରି ବାସ୍ନା । ନାମଟା କିନ୍ତୁ ଅଜବ, "ପଙ୍କୁଆ ପୁଖରୀ"। ଠିକ୍ କଥା ଭି। ପଙ୍କରୁ ହିଁ ତ ପଙ୍କଜର ଉତ୍ପତ୍ତି। ସେଇଠି ଆମେ ଗାଧୁଆ ପାଧୁଆ କରୁଥିଲୁ । ପୋଖରୀ ହୁଡାରେ ହୁଡାରେ ଗଲେ ବିସ୍ତିର୍ଣ୍ଣ ଅନାବାଦୀ ଜମି। ନିତ୍ୟକର୍ମ କରିବା ପାଇଁ ସେଇଟା ବ୍ୟବହାର କରୁଥିଲେ ଯାହାର ପାଇଖାନା ସୁବିଧା ନଥିଲା। ୟାଙ୍କର ବରପାଲି ପାଇଖାନା ଥିଲେ ହେଁ ଆମକୁ ଯିବାକୁ ଅନୁମତି ନଥିଲା।

ହଁ, କେତେ ଦିନର କଥା କି ? ଦେଖୁ ଦେଖୁ ଦଶଟା ଦିନ ବିତିଯିବ ।

ISSN NO.
2582-208X

ଗୋଟାଏ ସପ, ଗୋଟାଏ ବଇଠା ସହିତ ଡିବିରି, ଗୋଟାଏ ମାଟିକଳସୀ ଓ ମାଟି ଗ୍ଲାସ୍, ରସଥାଳି ପଟେ । ଏତିକି ଦିଆ ଯାଇଥିଲା ମୋ କୋଠରୀରେ। ଚଦର ମୁଁ ନେଇ ଯାଇଥିଲି। କିରୋସିନି ନିଜେ ଯୋଗାଡ଼ କରିବାକୁ ପଡୁଥିଲା।

ଆଉ ସବୁ ତ ଠିକ୍ ଥିଲା । ଖାଇବା ପାଇଁ ବଡ଼ ହଇରାଣ ହେଇଥିଲି ମୁଁ। ଏକରେ ଅବନୀ ମାମୁଁଙ୍କ ଗାଁର ବୋଲି ମୋଠାରୁ ଭଡ଼ା ନେଇ ପାରୁ ନଥିଲେ। ଦୁଇରେ ମୁଁ ଅବ୍ରାହ୍ମଣ ପିଲା। ତାଙ୍କର ଛୋଟ ପୁଅଟିଏ ଆଣି ଖାଇବା ଦେଉଥିଲା । ଘରୁ ମୁଢି ଚୁଡା ଆଣିଥିଲି ଜଳଖିଆ ପାଇଁ। ମୋତେ ତାଙ୍କର ଅସହନୀୟ ଅସ୍ପୃଶ୍ୟ ବ୍ୟବହାର ପୋଷେଇଲା ନାହିଁ। ଖାଦ୍ୟ ମଧ୍ୟ ବାସି ତିଆସି ଦେଲେ। ଅନନ୍ୟୋପାୟ ହେଇ ମୁଁ ସକାଳ ଜଳଖିଆ ଛାଡ଼ି ଦେଇ କେବଳ ରାତିରେ ଚୁଡ଼। ମୁଢି ଚଲେଇଲି। ପାଣି ପାଇଁ ଅବଶ୍ୟ ଅଳ୍ପ ଦୂରରେ ଚାପାକଳଟିଏ ଥିଲା।

ଏମିତି ଅସୁବିଧା ବୋଲି ଜାଣିଥିଲେ ମୋ ମାଆ ହୁଏତ ରଙ୍ଗୀ ଖୁଡ଼ୀଙ୍କୁ ପଠେଇ ଥାନ୍ତା। ଜାଣିବୁ କେମତି ଯେ, ଆମ ଗାଁରୁ କିଏ ଆଗରୁ ମେଟ୍ରିକ ପରୀକ୍ଷା ଦେଇଥିଲେ ସିନା।

କିନ୍ତୁ ଅରକ୍ଷିତର ଦଇବ ସାହା। ସାମନାରେ ଥିବା ସେହି ମାଉସୀ ଖୁବ୍ ଅମାୟିକ ଓ ଦୟାବତୀ। ନିଶ୍ଚିତ ବୁଦ୍ଧିମତୀ ମଧ୍ୟ। ସେମାନେ ସମସ୍ତେ ମଧ୍ୟ ବ୍ରାହ୍ମଣ ଥିଲେ । ମୋ ଅସୁବିଧା ଅନ୍ଦାଜ କରିଦେଲେ।

- ବାବୁରେ, ତୋକେ ଖାଇତେ ଦେଇତେ କେହି ନାଇଁ ଆସି ?

- ନାଇଁ ମାଉସୀ। ଚଳବ।

- କିଟା ଚଳବ ରେ ? ଆମେ ଏନେ ରାନ୍ଧି ବାଢ଼ି ଖାଉଥିମୁ ଆଉ ତୁଇ ଭୋକରେ ରହିବୁ?

"ନଇକେ ବାଙ୍କ୍, ଦେଶକେ ଫାଙ୍କ୍"

ISSN NO.
2582-208X

ଭାଷା ସହିତ ବ୍ୟବହାର କେତେ ଅଲଗା ସତରେ।

ସେହି ପିଲାମାନଙ୍କ ମଧ୍ୟରୁ ଜଣେ ଜାଣିଦେଲା ମୋତେ। ମୁଁ ବୃତ୍ତି ପାଉଛି ବୋଲି। ବାସ୍ ଆମର ପାରସ୍ପରିକ ସହଯୋଗିତା ଆରମ୍ଭ ହେଇଗଲା। ଆମେ ମିଳିମିଶି ପାଠ ପଢ଼ିଲୁ। ସେମାନଙ୍କ ଭିତରୁ ଜଣେ ଗଜମୂର୍ଖ ଥିଲା, ସେହି ମାଉସୀଙ୍କ ପୁଅ ଜୀବନ ନନ୍ଦ। ବାକି ଦୁଇଜଣ ତାର ସାଙ୍ଗ ଥିଲେ । ସମର ରଥ ଓ ବିମଳେନ୍ଦୁ ଶତପଥି । ଠିକ୍ ଠାକ୍ ପାଠ ଥିଲା ତାଙ୍କର।

ମାଉସୀ ଏପର୍ଯ୍ୟନ୍ତ କୁହନ୍ତି, ଜୀବନ ନନ୍ଦର ଭବିଷ୍ୟତ ମୋ ଦେଇ ହେଲା ବୋଲି।

ମୁଁ ବେଶି କିଛି କରି ନଥିଲି ଯେ, ଯେମିତି ମମତାକୁ କିଛି ପ୍ରଶ୍ନ ବାଛି ରଟେଇଥିଲି ସେମିତି ତାକୁ ମଧ୍ୟ ରଟେଇଦେଲି ରାତିସାରା ବସି। ଆମେ ପରୀକ୍ଷା ନିଶାରେ ଦଶରାତିରୁ ଅନ୍ୟୁନ ସାତରାତି ଶୋଇ ନଥିଲୁ।

ଜୀବନ ଦ୍ୱିତୀୟ ଶ୍ରେଣୀରେ ପାସ୍ କଲା, ମମତା ମଧ୍ୟ। ମଜାକଥା, ଜୀବନର ସାଙ୍ଗ ଦୁଇଜଣ ତାଠାରୁ କମ୍ ନମ୍ବର ରଖିଥିଲେ।

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ସଂକ୍ରାନ୍ତି ପୁରୁଷ ଫକୀର ମୋହନ



ଡଃ ପ୍ରିୟମ୍ବଦା ସାମଲ

ହେ ବ୍ୟାସକବି
ତୁମେ ଓଡିଆ ଭାଷା ସାହିତ୍ୟର
ଉଜ୍ଜ୍ୱଳ ରବି
ତୁମ ଭାଷା ପ୍ରୀତି ନିଷ୍ଠା ପରାକାଷ୍ଠା
ଓଡିଆ ଭାଷା ସାହିତ୍ୟର ନବ ନିର୍ମାତା
ଓଡ଼ିଆ ଭାଷା ଆନ୍ଦୋଳନର ପୁରୋଧା
ଓଡିଆ ଭାଷାର ପ୍ରକୃତ ଗାରିମା
ତୁମ ପାଇଁ ପ୍ରଜ୍ୱଳିତ
ସରଳ ସୁବୋଧ୍ୟ ସମାଜର ଚିତ୍ର
ଲେଖିହେଲ ସୁବିଖ୍ୟାତ
କବିତାକୁ ଜୀବନ ଦେଇ
କଲ ତୁମେ ପ୍ରାଣବନ୍ତ
ସରସ୍ୱତୀ ଉପାଧିରେ ବାମଣ୍ଡାର ରାଜା
ଦେଲେ ସ୍ୱୀକୃତ ।

ISSN NO.
2582-208X

ହେ କଥା ସମ୍ରାଟ
ଓଡିଆ ଭାଷାର କାଳଜୟୀ
ପ୍ରଥମ କ୍ଷୁଦ୍ରଗଳ୍ପ
ରଚନାର ନାୟକ
କୋଡିଏ ଟି ଗଳ୍ପ ଲେଖି
ରେବତୀ ଗଳ୍ପରେ
ନାରୀ ଶିକ୍ଷାକୁ
କଲ ପ୍ରୋତ୍ସାହିତ
ହେଲେ ସମାଜର ଅନ୍ଧବିଶ୍ବାସରେ
ରେବତୀ ହେଲା ପରାହତ
ତୁମ ଲେଖନୀର ଶକ୍ତି ଅପ୍ରମିତ ।

ପେଟେଣ୍ଟ ମେଡିସିନ୍ ରେ ନାଲି ପାଣିର
ସାରିଲ ମହତ୍ତ୍ୱ
ଡାକ ମୁନିସି ଗଳ୍ପେ ଇଂରାଜୀ
ପଢୁଆ ପୁଅର କାର୍ଯ୍ୟ
ବିବେକ ରହିତ ।
ହେ ଯୁଗଜନ୍ମା
ଉତ୍କଳ ମାତାର ବରପୁତ୍ର
ଲେଖନୀରେ ତୁମେ ଲେଖିଦେଲେ
ସମାଜ ଚିତ୍ର
ଛମାଣଗୁଣ୍ଠ ଲଛମା
ମାମୁଁ ପୁଣି ପ୍ରାୟଶ୍ଚିତ୍ତ

ISSN NO.
2582-208X

ଶୋଷଣ କଷଣ ନୀତିକୁ
ପ୍ରସ୍ଫୁଟିତ କରି କଲ ଉଚ୍ଛେଦ।

ହେ ସଂକ୍ରାନ୍ତି ପୁରୁଷ
ମକର ସଂକ୍ରାନ୍ତି ରେ ଜନ୍ମ ହୋଇ
ରଚିଗଲ ଇତିହାସ
ସଂପାଦନ ପ୍ରକାଶନ
ଓଡିଆ ଭାଷାର ଉନ୍ନତି ସାଧନ
ଓଡ଼ିଆ ଭାଷାକୁ ନବ ପ୍ରାଣଦାନ
କରିଦେଲେ ଉଦଭାସିତ
ଚାଲିଗଲ ପୁଣି ରଜ ସଂକ୍ରାନ୍ତି ରେ
ପଚସ୍ତରୀ ବୟସରେ
ପାଲଟିଲ ସଂକ୍ରାନ୍ତି ପୁରୁଷ।

ଛତିଶଗଡ଼/ନନ୍ଦନ ବିହାର,
ପଟିଆ, ଭୁବନେଶ୍ୱର

ISSN NO.
2582-208X

# ଅପେକ୍ଷା କରିଛି ଇପ୍ସିତ ମୁହୂର୍ତ୍ତ ପାଇଁ



ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ

ଇପ୍ସିତ ବର୍ଷ ଟିଏ
ଆସିବ ବୋଲି
ଅପେକ୍ଷା କରିଛି
କାହିଁ କେତେ ଦିନରୁ.......
ଏ ପ୍ରତୀକ୍ଷା ନା ହେଉ
ଅନନ୍ତ;
ଖୁବ୍ ଶୀଘ୍ର ଆସିଯାଉ
ଅପେକ୍ଷିତ ପୃଥିବୀକୁ......
ଶୁଭ ସନ୍ଦେଶ ନେଇ
ଦେବଦୂତ ପରି!!

ସବୁଜ ବନାନୀ ପୁଣି
ହସି ଉଠିବ
ତାର ଆଗମନେ.....
ଶସ୍ୟଶ୍ୟାମଳ କ୍ଷେତ
ଭରିଯିବ
କାଶତଣ୍ଡି ଫୁଲରେ
ସମ୍ଭାବନାର ଆକାଂକ୍ଷା ନେଇ।।

ISSN NO.
2582-208X

ଇପ୍ସିତ ବର୍ଷଟି
ଆସିଗଲେ,
ଘୁଞ୍ଚିଯିବ
ପୃଥିବୀର ଦୁଃଖ
ଭରିଯିବ ପୁଣି
ସବୁ କ୍ଷତ
ନୂତନ ଉନ୍ମାଦନାରେ......
ବନ୍ଦୀ ଜୀବନର
ମୋହ ଛାଡି
ସମସ୍ତେ ଗାଇବେ
ଜୀବନର ଉଦ୍ ଘୋଷ
ସଙ୍ଗୀତ....ମୁକ୍ତିର
ମଶାଲ ଜାଳି।।

ଜାମସେଦପୁର, ଝାଡ଼ଖଣ୍ଡ

ISSN NO.
2582-208X

# କବି ପରିଶ୍ରମୀ



ଆଶୁତୋଷ ମେହେର

ହୃଦୟ କନ୍ଦରେ ଛୋଟ ନିର୍ଝରଣୀ ପଥର ଫୁଟାଇ ଝରେ,
ଭାବେ ସରସର ଅଫୁରନ୍ତ ସ୍ରୋତ ସ୍ୱପ୍ନ ସାକାର କରେ ।
ବହ୍ନି ତେଜିୟାନ ଆଲୁଅ ଫୁଆରା ସେ, କଳ୍ପନା ଇନ୍ଦ୍ରଧନୁ,
ରଙ୍ଗେ ଭରପୁର ପ୍ରୀତି ଚିତ୍ରମୟ ଫଗୁଣ ବାସଇ ମନୁ ।।

ଫୁଲ ବଗିଚାରେ ପ୍ରଜାପତି ଡେଣା ରଙ୍ଗ ବେରଙ୍ଗର ଧାର,
ନୀଳ ପାରାବାରେ ଭସା ବାଦଲର ଚକ୍ରବାଳେ ଗିରି ଗାର ।
ଗହୀର ଆକାଶୁଁ ଝରି ସିକ୍ତ କରେ କାଗଜ କଲମେ ପଦ,
କବି ଲେଖିଚାଲେ ବହୁ ପରିଶ୍ରମେ ନିତ୍ୟ ଆରାଧନା ସତ ।।

କଲମ ନିହାଣ ମୁନେ ଖୋଦିଚାଲେ ମନର ଭାବନା ଛବି,
ଶିଳା ଦେହେ ଲେଖେ ପରସ୍ତ ପରସ୍ତ ମୂଳିଆ ଭାବୁକ କବି ।
ପକ୍ଷୀ ଡେଣା ବାନ୍ଧି ଉଡେ ଚକ୍ରବାଳେ କବିର କଳ୍ପନା ଜାଲ,
ଛନ୍ଦାଛନ୍ଦି ଗଢା ପଦ ଧାଡି ପଦେ ଯୁଟାଇ ଶକତି ବଳ।।

ହୃଦୟର ଭାବ ଭାଷା ଦେଇ ଯୋଡେ ରାଜମିସ୍ତ୍ରୀ କିବା ସିଏ,
କବି ପରିଶ୍ରମ କୋଣାରକ ସମ ମନରେ ଆହ୍ଲାଦ ଦିଏ ।।

୫୪ ଆର୍ଯ୍ୟପଲ୍ଲୀ
କଟଛକ, ପଟିଆ, ଭୁବନେଶ୍ୱର ୭୫୧୦୨୪
ମୋ-୯୪୩୭୦୮୫୩୯୬

ISSN NO.
2582-208X

# ବନ୍ଧୁତା ଓ ପ୍ରେମ



ପୂର୍ଣ୍ଣିମା ଗୋଛାୟତ

ବନ୍ଧୁତା କହୁଛି ପ୍ରେମକୁ ଚାହିଁ
କେତେ ଭାଗ୍ୟ ମୋର ଅଟଇ ଭାଇ
ସବୁଦିନ ଲାଗି ମୁଁ ରହେ ଅମର
ମତେ ଯେ ବୁଝନ୍ତି ସେ ଚିର ସୁନ୍ଦର ।

ପ୍ରେମ ମନେ ଶୁଣି ଲାଗଇ ନିଆଁ
କହଇ ବନ୍ଧୁତା ଆଗେ ହେଉଣ ଠିଆ
ସଦା ମୁଁ ଅଟେ ରମଣୀୟ ଶାଶ୍ୱତ
ସବୁ ଖୁସି ଦିଏ ଭରି ମନରେ ପ୍ରୀତ ।

ବନ୍ଧୁତା ଶୁଣିକି ମୁରୁକି ହସେ
କହେ ତୁ ଭୟଙ୍କର ଯେହ୍ନେ ସାପର ବିଷ
ମନ ମାନିଗଲେ ଅଟୁ ମନୁଆ
ନ ମାନିଲେ ହେଇଯାଉ ଅମାନିଆ ।

ଶୁଣିଣ ପ୍ରେମ ପୁଣି ବୋଲଇ ଉତ୍ତର
ତୁ ଥିଏ ମିଳେନି କିଛି ବି ସତ୍ୱର

ISSN NO.
2582-208X

ସମତେ ଚାହାଁନ୍ତି ତତେ ଭାଙ୍ଗିବା ପାଇଁ
ଭାଙ୍ଗିଯାଉ ବି ତୁ ବିନା ପ୍ରମାଣ ପାଇ ।

ବନ୍ଧୁତା କହଇ କେତେ ନିର୍ଲଜ ତୁହି
ଆଗପଛ କିଛି ଭାବୁତ ନାହିଁ
ଅଳ୍ପ ସମୟେ ଗଢୁ କେତେଯେ ସମ୍ପର୍କ
ସବୁ ସୀମା ଟପୁ ପୁଣି ହେଉଣ ମୂର୍ଖ ।

ମିଛରେ ତିଆରି ସମ୍ପର୍କ ତୋର
ମିଛ ପ୍ରତିହୃତି ରେ କରୁ ଆଦର
କଥା ଦେଉ ସ୍ୱାର୍ଥ ପୂରଣ ପାଇଁ
ସ୍ୱାର୍ଥ ପୂରା ହେଲେ ଯାଉ ଦୂରେଇ ।

ଚିରସ୍ଥାୟୀ ମୁଁ କେବେ ଭାଙ୍ଗେନି ମନ
ଲୁହ କୁ ଭୁଲାଏ ସଦା ରଖେ ପ୍ରସନ୍ନ
ବିନା ସ୍ୱାର୍ଥେ ଗଢା ଶରୀର ମୋର
କଳଙ୍କ ର ଛିଟ ନଥାଏ ତହିଁର ।

କହଇ ବନ୍ଧୁତା ପୁଣି ହେ ପ୍ରେମ ଭାଇ
ମୃତ୍ୟୁ ମୁଖକୁ ନେଇଯାଉ ସବୁଙ୍କୁ ଭୁଲାଇ
ବାପା ମା ଭାଇ ଙ୍କୁ ଦେଉ ମନରୁ ପାସୋରି
ସଭିଙ୍କୁ ଦୁରେଇ କରୁ ସୁଖର ଭଗାରୀ ।

ସବୁ ଶେଷେ ପ୍ରେମ କହେ ମୁଣ୍ଡକୁ ନୁଆଇଁ
କ୍ଷମା କର ମତେ ହେ ବନ୍ଧୁତା ଭାଇ

ISSN NO.
2582-208X

ତୋ ଭିତରେ ମୁଁ ଯେବେବି ପସଇ
ଭଙ୍ଗାଇ ସମ୍ପର୍କ ତୁ ଅତି ଶୀଘ୍ର
ଏବେ ଜାଣିଲି ଭାଇ ସଦା ତୁମେ ମୋ ଅଗ୍ର ।

ସବୁବେଳେ ନୂଆ ତୁ କେବେ ହେଉନା ପୁରୁଣା
ତୋ ଆଗେ ଫିକା ମୁଁ ସବୁ କରନ୍ତି ଯେ ଘୃଣା
କ୍ଷମା କର ମତେ ହେ ବନ୍ଧୁତା ଭାଇ
ତୋ ସହ ସମ ଆଉ କିଛି ସମ୍ପର୍କ ହିଁ ନାହିଁ ।

ଗୁରିବାଟିଆ , ଚଣ୍ଡିଖୋଲ
ଜିଲ୍ଲା: ଯାଜପୁର-୭୫୫୦୪୪

ISSN NO.
2582-208X

# ସେତିକି ଥାଉ



ମଧୁମିତା ମିଶ୍ର

ଏ ଭଲ ପାଇବା...ରାଗ ଅଭିମାନ...
ବହୁତ ହେଲାଣି...
ସେତିକି ଥାଉ...
ବର୍ଷିଗଲା ବେଳେ ଦଗ୍ଧ କରିଦେବା...
ଉଗ୍ରପ୍ରେମ ତୁମ...
ସେତିକି ଥାଉ...

ବିରହେ ଉଚ୍ଛନ୍ନ... ମିଳନେ ଗାମ୍ଭୀର୍ଯ୍ୟ...
ବିଚିତ୍ର ବେଭାର...
ସେତିକି ଥାଉ...
ହିମ ବଳୟରେ ତପ୍ତ ଉଦଗୀରଣ...
ବିଷାକ୍ତ ପ୍ରେମଟି...
ସେତିକି ଥାଉ...

ଶୌର୍ଯ୍ୟ କବଳିତ... ଗର୍ବେ ବିମଣ୍ଡିତ...
ସ୍ୱର୍ଣ୍ଣ ମୃଗତୃଷ୍ଣା ...
ସେତିକି ଥାଉ...
ଦିବସେ ଉଲ୍ଲୁକ ଚିତ୍ରପଟ ଅଙ୍କା...

ISSN NO.
2582-208X

କୁଟିଳ ପ୍ରେମ ବି...
ସେତିକି ଥାଉ...

କ୍ଷଣିକେ ନିଜର... କ୍ଷଣିକରେ ପର...
କରିବା ବିଚାର...
ସେତିକି ଥାଉ...
ଅନ୍ତଃସାର ଶୂନ୍ୟ ଚାକଚକ୍ୟ ପୂର୍ଣ୍ଣ...
ନିଲଠା ଏ ପ୍ରେମ...
ସେତିକି ଥାଉ...

ଆସନ୍ନ ସମୟେ...ଉଭାନ ହୋଇଯାଅ...
ଅଦିନ ରୋଦନ...
ସେତିକି ଥାଉ...
ବନ୍ୟା ଆସିଲାଣି ଭସେଇ ଦେଲଣି...
ପ୍ରେମବୃଷ୍ଟି ତୁମ...
ସେତିକି ଥାଉ...

ଭୁବନେଶ୍ୱର

ISSN NO. 2582-208X


# ଫୁଲ ଫୁଟୁଥାଏ



ରଘୁନାଥ ତ୍ରିପାଠୀ

ଫୁଲ ଫୁଟୁଥାଏ ନାନା ଉପବନେ
ସାତକାଳ ବାରମାସ
ଋତୁକ୍ରମେ କେତେ ରଙ୍ଗ ନେଇ ଆସେ
ଚହଟାଇ ତାର ବାସ ॥
କୁସୁମ ବି ଫୁଟେ ଘୋର ବନସ୍ତରେ
ଲୁପ୍ତ ତାର ଅପଘନ
ମଧୁମକ୍ଷିକା ଟି ଘୁରି ବୁଲୁଥାଏ
ପ୍ରସୂନ ପାଶେ ତା ମନ ॥
କୁସୁମାକରର ପ୍ରଭାବେ ଉଦ୍ୟାନ
ଭରିଯାଏ କୁସୁମରେ
ପଦ୍ମ ବନ୍ଧୁଙ୍କର ଦକ୍ଷିଣା କାଳରେ
ଜଳରୁହ ପୋଡି ମରେ ॥
ମନ ଗହନରେ ଫୁଲ ଫୁଟିଥିଲେ
ଦଶଦିଶ ବାସିଉଠେ
ଅଧୀର ମନଟା ଖୋଜିଥାଏ ସଦା
ହେବି ପ୍ରଜାପତି ଗୋଟେ ॥
ପ୍ରଲୁବ୍ଧ କରିବ ପୁଷ୍ପ ମଞ୍ଜରୀକୁ
ହେବାପାଇଁ ପ୍ରାଣପ୍ରିୟା

ISSN NO.
2582-208X

ଚିତ୍ରିତ ଡେଣାକୁ ଦେଖି ସେ ତୁଟାଇ
ପାରିବନି ତାର ମାୟା ॥
ପୁଷ୍ପ ଯେବେ ଫୁଟେ ଗଗନ ବକ୍ଷରେ
ନିଶିକାନ୍ତ ସହ ମିଶି
ଆଖି ମିଟିମିଟି କରିଥାଏ ନିତି
ନିଜ ପ୍ରଭା ପରକାଶି ॥
ଊଷା ଉପଗତେ ପୂରଇ ଆୟୁଷ
ହୋଇଯାଇ ଥାଏ ବାସି
ସହି ନ ପାରଇ ରବି କିରଣକୁ
ଥିଲେ ବି ସେ ଅଭିଳାଷୀ ॥
ଯେବେ ପୂର୍ଣ୍ଣ ଇନ୍ଦୁ ଅପସରି ଯାଏ
କୁହୁନିଶା ଉପସ୍ଥିତ
ସେକାଳେ ସଞ୍ଜରେ ଅବା ପାହାନ୍ତା ରେ
ଶୁକ୍ର ସତେ ଚନ୍ଦ୍ରକାନ୍ତ ॥
ଉପବନେ

ବାଲିସାହି, ମଧୁପାଟଣା,
କଟକ/8763343263

ISSN NO.
2582-208X

# କବି ପିତାମ୍ବର ତରାଇଙ୍କ କବିତାରେ ଅନୁନ୍ନତ ସମ୍ପ୍ରଦାୟ ଚେତନା

ଅପରାଜିତା ମହାରଣା

କବିର ପ୍ରାଣର କଥା କବିତାରେ ପରିସ୍ଫୁଟିତ ହୋଇଥାଏ । କବିତାର ଶବ୍ଦ ହେଉଛି ଛନ୍ଦୋବଦ୍ଧ । କବିତାର ମୁଖ୍ୟ ଉତ୍ସ ହେଉଛି ଅନୁଭୂତି । କବିତା ବ୍ୟତୀତ ମଣିଷ ଜୀବନ କଷ୍ଟମୟ ହୋଇପଡ଼େ । ସମାଜରୁ ପଲ୍ଲୀ ପ୍ରକୃତି, ନାରୀ, ପୁରୁଷ, ଶିଶୁ, ଦେଶଭକ୍ତି, ଅତୀତ ସ୍ମୃତି ଇତ୍ୟାଦି ଅନେକ ବିଷୟକୁ ନେଇ କବିତାମାନ ରଚନା କରାଯାଏ । ସେହିପରି ଓଡ଼ିଆ ସାହିତ୍ୟ ଜଗତରେ ଉତ୍ତର ଷାଠିଏ ଦଶକର ଅନ୍ୟତମ ବଳିଷ୍ଠ ସ୍ୱର ହେଉଛନ୍ତି ପିତାମ୍ବର ତରାଇ । କବି ପିତାମ୍ବର ତରାଇ ଙ୍କ ଜନ୍ମ ଜଗତସିଂହପୁର ଜିଲ୍ଲା ର କୁଜଙ୍ଗ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ଗାଁ ରେ ୧୯୫୯ ମସିହାରେ ଦୀପାବଳି ଦିନ ପିତା ହାଡ଼ିବନ୍ଧୁ ତରାଇ ଓ ମାତା ଶ୍ରୀମତୀ ପଞ୍ଚେଇ ଦେବୀ ଙ୍କ ଔରସ ରୁ କବି ପିତାମ୍ବର ତରାଇ ଙ୍କ ଜନ୍ମ । କବି ନିଜ ବାସଭବନ ର ନାମ ଅଶ୍ରୁନୀଡ଼ ରଖିଛନ୍ତି । କବିଙ୍କର ଅନେକ କବିତା ପୁସ୍ତକ ମଧ୍ୟରେ ଏକମାତ୍ର ଗଳ୍ପ ସଂକଳନ ରହିଛି । ତାହା ହେଉଛି "ଲହଲହକା ପତର ବଙ୍କା"। କବି ଅନୁନ୍ନତ ସମ୍ପ୍ରଦାୟ ର ଲୋକ ମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି ନିଜ କବିତା ମାଧ୍ୟମରେ । ଏହା କବିଙ୍କ ସ୍ୱଚରିତ୍ର ମଧ୍ୟରୁ ବଳିଷ୍ଠ ଗାନ୍ଧିବାଦୀ ପରିଚୟ ସୃଷ୍ଟି କରେ ।

କବି ପିତାମ୍ବର ତରାଇ ଙ୍କ ଅଜସ୍ରସ୍ରାବୀ ଲେଖନୀ ପାଠକକୁ ଏଯାବତ ଭେଟି ଦେଇସାରିଛନ୍ତି । ତାଙ୍କ ଲେଖନୀ ରୁ ସୃଷ୍ଟି ହୋଇଥିବା କବିତା ଗ୍ରନ୍ଥ ଉପରେ ଦଳିତ ଚେତନା ର ସ୍ୱର ଦେଖିବାକୁ ମିଳେ । ଗ୍ରାମୀଣ ପରିବେଶ ର ସୁନ୍ଦର ବର୍ଣ୍ଣନା ସହିତ ଚମତ୍କାରୀ ଶବ୍ଦ ସଂଯୋଜନା ସହିତ କବିତା ଗ୍ରନ୍ଥ ପ୍ରକାଶିତ । ସେଥିମଧ୍ୟରୁ "ବୁନ୍ଦେ ଲୁହର ପିଠିରେ" "ନିଃଶ୍ୱାସ ରେ ନିଜେ ହିଁ ଜଳୁଛି" "ଦେହ ଦଶବିଶା" "ରାଗ ରୁଦ୍ରାକ୍ଷରୀ" "ତରାଇ ସଇରାତ" "ଚଇତର ଚିଠା" "ଅଭାଜନ" ଇତ୍ୟାଦି କବିତାଗୁଚ୍ଛ । ଅତ୍ୟନ୍ତ ସ୍ପଷ୍ଟବାଦୀ ମନୁଷ୍ୟ କବି ପିତାମ୍ବର ତରାଇ ସାହିତ୍ୟ ଜଗତରେ ଦଳିତ ଚେତନା ର ପ୍ରମୁଖ

ISSN NO.
2582-208X

କାବ୍ୟସ୍ୱର ଭାବେ ପରିଚିତ । କବି ଅନ୍ୟାୟ କୁ ଅନବରତ ଦୃଢ଼ ପ୍ରତିବାଦ କରିଆସୁଛନ୍ତି ନିଜ କବିତା ମାଧ୍ୟମରେ, ଏତଦବ୍ୟତୀତ ପ୍ରେମ ପ୍ରଣୟ, ନୈରାଶ୍ୟ, ଗାନ୍ଧିବାଦୀ ଚେତନା ଓ ଦୁଃଖ ଅବସାଦ ଇତ୍ୟାଦି ଚେତନା ତାଙ୍କ କବିତାରେ ସ୍ଥାନ ପାଇଛି । କବିଟିଏ ନିଜ ଜୀବନ ର କଷ୍ଟ କୁ କବିତା ମାଧ୍ୟମ ରେ ପ୍ରକାଶ କରିଥିବା କବିତା ରେ ଦେଖିବାକୁ ମିଳିଛି ।

ଉଚ୍ଚକୋଟୀର ସାହିତ୍ୟ ରଚନାକାର ସହିତ ଜଣେ ଦରଦୀ କବି ଭାବେ ବେଶ୍ ଜଣାଶୁଣା କବି ପିତାମ୍ବର ତରାଇ । ତାଙ୍କ କବିତା ରେ ଶବ୍ଦ ମାଧୁର୍ଯ୍ୟ ଖୁବ୍ ମର୍ମସ୍ପର୍ଶୀ । କିନ୍ତୁ କବିତା ରଚନା ପରେ ବହି ଛାପି ପାଠକ ଙ୍କ ପାଖରେ ପହଞ୍ଚେଇବା ଯେ କେତେ କଷ୍ଟଦାୟକ ତାହା କବିଙ୍କ ନିଜସ୍ୱ ବକ୍ତବ୍ୟ ରୁ ପ୍ରମାଣିତ । କବିଙ୍କର କବିତା ପୁସ୍ତକ "ବୁନ୍ଦେ ଲୁହର ପିଠିରେ ସମୁଦ୍ର" ଓ "ନିଜ ନିଃଶ୍ୱାସ ରେ ନିଜେହିଁ ଜଳୁଛି" କବିତା ପୁସ୍ତକରେ କବି ନିଜ ସହଧର୍ମିଣୀ ଙ୍କ ଗହଣା ବିକ୍ରୟ କରି ବହି ଛପା ବଜେଟ୍ ପ୍ରସ୍ତୁତ କରିଥିଲେ ଅତ୍ୟନ୍ତ ଦୁଃଖ ସହିବା ପରେ ମଧ୍ୟ ପୁସ୍ତକ ବଜାରକୁ ଆସିପାରି ନଥିଲା । ଅନେକ ବର୍ଷ ପରେ କବି ବଜାର କୁ ନିଜର ପୁସ୍ତକ ଆଣିବାରେ ସଫଳ ହୋଇଥିଲେ । ଏହାପରେ ମଧ୍ୟ ଏହି ଦୁଇଟି କବିତା ତାଙ୍କ ପାଇଁ ଦୁଃଖଦ ସ୍ମୃତିଚାରକ କବିତା ଗ୍ରନ୍ଥ ଅଟେ । ପିତାମ୍ବର ତରାଇ ଙ୍କ କବିତାରେ ସାଧାରଣତଃ ଇତର,ଦଳିତ, ଗରିବ ଗୁରୁବା, ଅସ୍ପୃଶ୍ୟ ଜାତି ବର୍ଣ୍ଣ, ଗ୍ରାମୀଣ ପରିବେଶ, ଜୀବଜନ୍ତୁ, ନଈ ନାଳ ,ପୋଖରୀ ର ପ୍ରକୃତି ବର୍ଣ୍ଣନା ଇତ୍ୟାଦି ପରିଦୃଷ୍ଟ ।

କବି ପିତାମ୍ବର ତରାଇ ଙ୍କ କବିତା ପାଠ କରିବା ସମୟରେ ପାଠକ ସମ୍ମୁଖରେ ଗ୍ରାମୀଣ ଚିତ୍ର ର ନିଚ୍ଛକ ପ୍ରତିଛବି କଳ୍ପନା ରେ ଆସିବା ସମୀଚୀନ । କବି ଙ୍କର କବିତା ଗୁଡ଼ିକ ଅଧିକ ରୁ ଅଧିକ ଦଳିତ ନିଷ୍ପେସିତ ଙ୍କ ଉପରେ ପର୍ଯ୍ୟବେସିତ ଏହାଛଡ଼ା ସମାଜ ରେ ବର୍ଣ୍ଣାଶ୍ରମ ପ୍ରଥା ମଧ୍ୟରୁ ଶୁଦ୍ର ମାନେ କିପରି ସମାଜରୁ ରୀତିନୀତି ବଞ୍ଚିତ ହୋଇଥାନ୍ତି କେତୋଟି ପ୍ରଥାରେ ବନ୍ଧା ହୋଇଥାନ୍ତି ତାହା ଉପରେ କବିତା ଗ୍ରନ୍ଥ ଗୁଡ଼ିକ ପ୍ରକାଶିତ ।

"ଅଭାଜନ"-

କବିତା ପୁସ୍ତକ ଟିର ନାମ "ଅଭାଜନ" । ଏହି କବିତା ସଂକଳନ ବହି ଟି ୨୦୧୦ ମସିହାରେ କାହାଣୀ ପ୍ରକାଶନୀ ଠାରୁ ପ୍ରକାଶ ପାଇଥିଲା । ଏହି କବିତା ପୁସ୍ତକ ରେ ପଚିଶ ଟି କବିତା କୁ ନେଇ ସଂକଳିତ । ଯଥା - ନଈ, ଛଣ ମଣିଷ, ଆମର ଘର କହିଲେ,

ISSN NO.
2582-208X

ଗୋଟେ ବାଲି ର ବାପା ଗଡ଼ୁନ୍ତ କି ସୁଦର୍ଶନ, ମୋହିନୀ, ଅସୁର ଅକାରଣ, ଅଛବ, ବିଜ୍ଞାପନ, ଲଳିତା ଲବଙ୍ଗଲତା, ଆଜି ସୁବ୍ରତ ସହିତ, ଓଃ ସାବରମତି, କବି ହବାର ଅଛି ତ, ଢ଼ିଙ୍କିଆ ଚାରିଦେଶ, ଟିପଚିହ୍ନ, ବର୍ଷା ଜଣାଣ, କମ୍ପାନୀ, ଗୁଲିଖଟି, ଭଲଲୋକ ତ ଆପଣ, ଉପଦେଶ, ମାଳିକା, ନିଜକୁ ଗାଇ ମନେକରି, ଭାଙ୍ଗି ପଡୁଛ କି ଚକ୍ରଧର, ଗୋଟେ ଗାଁ ର ଦୃଶ୍ୟ, ଜୋତା, ଗୋଟେ ବହିର ମୃତ୍ୟୁ,

ଏହି ପଚିଶ ଗୋଟି ମର୍ମସ୍ପର୍ଶୀ କବିତା ମଧ୍ୟରେ ଦଳିତ ଚେତନା ର ସ୍ୱର ଉତ୍ତୋଳନ ରହିବା ସହିତ ଗ୍ରାମ୍ୟ ମନସ୍କତା ପରିସ୍ଫୁଟିତ । "ଅଭାଜନ" କବିତା ସଂକଳନ ର ପ୍ରଥମ କବିତା "ନଇ" ରେ ଗ୍ରାମୀଣ ଚିତ୍ର ବର୍ଣ୍ଣନା ରହିଛି । "ଅଭାଜନ" କହିଲେ ଯିଏକି କାହା ସହିତ ବିଭାଜିତ ହୋଇପାରେ ନାହିଁ । ଏଠାରେ "ଅଭାଜନ" କୁ ଅର୍ଥ ବିଶ୍ଳେଷଣ କଲେ ସମାଜରେ ଯେଉଁମାନେ ଅସ୍ପୃଶ୍ୟ, ଅନାଦର, ଅଛୁଆଁ, ପଛୁଆ, ଶୁଦ୍ର, ଅନ୍ୟ ମାନଙ୍କ ଠାରୁ ଭିନ୍ନ, ଅତିସାଧାରଣ ଭାଷାରେ କହିବାକୁ ଗଲେ ଯେଉଁମାନଙ୍କୁ ସମାଜରୁ କିଛି ରୀତିନୀତି ରୁ ବଞ୍ଚିତ ହେବାକୁ ପଡ଼ିଥାଏ, ଓ ଯିଏକି ସମାଜ ଭଳି ଉଚ୍ଚସ୍ତରୀୟ ଲୋକମାନଙ୍କ ସହିତ ମିଶିପାରେ ନାହିଁ ସମାସସ୍କନ୍ଦ ହୋଇପାରେ ନାହିଁ ତାହାକୁ କୁହାଯାଏ "ଅଭାଜନ" ।

କବି "ନଇ" କବିତାରେ ଏକ ପରିଶ୍ରମୀ ଭାଗ୍ୟହୀନ ମଣିଷର ବର୍ଣ୍ଣନା କରିଛନ୍ତି । ଯିଏକି ନିଜର ସ୍ୱପ୍ନ କୁ ଜଳାଞ୍ଜଳି ଦେଇ କଠିନ ପରିଶ୍ରମ କରୁଛି । ଏହା ଏକ ପ୍ରତୀକାତ୍ମକ କବିତା । ଗ୍ରାମୀଣ ପରିବେଶ ରେ ନଇ ଟିଏ ଥାଏ । ସେଇ ନଇ, ବରଗଛ, ଏମାନେ ଜଣେ ଜଣେ ମୁକ ସାକ୍ଷୀ ଅଟନ୍ତି । କବିତାରେ ନଇ ର ବର୍ଣ୍ଣନା ସହିତ ଜନମାନସ ସହିତ ନଇ କିପରି ଜଡ଼ିତ ତାହା ମଧ୍ୟ ବର୍ଣ୍ଣିତ । କବିଙ୍କ ଭାଷାରେ :-

ହାଡ଼ ପରି ଚାରିକତି ହିଡ଼, ମଝିତକ ଛାତି ସାରଦ ବିଲ
ରକ୍ତ, ଝାଳରେ ଉଧେଇଥିବ ଧାନଗଛ
ସ୍ୱପ୍ନତକ ସଜେଇ ହୋଇଥିବ ସବୁଜ ପତର
କେଣ୍ଡାରେ ଓହଳିଥିବ କଲବଲ କଲି ଜାକଢ଼
ଜଗିଥିବ ମେଘ, ଖରା, ପବନ ପରି ସାରାବର୍ଷ
ଠେକା, ଠିକଣାର ବିଶାଳ ବିଶ୍ୱାସ

( କବିତା - ନଇ )

ISSN NO.
2582-208X

ଏହି କବିତାରେ ଗ୍ରାମୀଣ ଚିତ୍ର ସ୍ପଷ୍ଟ ଭାବେ ଅଙ୍କନ କରାଯାଇଛି । ଗାଁ ଲୋକମାନେ ଗାଁ ଛାଡ଼ି ବହୁଦୂର ଭୁବନେଶ୍ୱର, କେହି ବମ୍ବେ, କେହି ବାଙ୍ଗାଲୋର ପଳେଇଲେଣି ଏହି ନଈ ତୁଠ ବର୍ତ୍ତମାନ ଖାଲି ପଡ଼ି ରହିଛି । ସେହିପରି ଦୁଃଖୀ ଦରଦି କୃଷକ ରାଧୁ ମାହାଳି ନାମକ ଚରିତ୍ରର ବର୍ଣ୍ଣନା ରହିଛି ଯିଏକି କୃଷି ଋଣ ନେଇ ପ୍ରମାଦ ରେ ପଡ଼ିଛି ତାହା "ଛଣମଣିଷ" କବିତାରେ ବର୍ଣ୍ଣିତ । ଗାଉଁଲି ଶବ୍ଦ ର ବ୍ୟବହୃତ ହୋଇଥିବାରୁ କବିତା ବେଶ୍ ହୃଦୟସ୍ପର୍ଶୀ ହୋଇପାରିଛି । ଏସନ, ଅମଳ, ବାଇମନ, ଅମାର, ମଣ୍ଡି, ଝାବଡ଼ ପବନ, ଜିଅଁଳ, ପାଳକ, ଠେକା ଇତ୍ୟାଦି । କବିତା ରୁ ପଦେ :-

ସେମାନଙ୍କ କଥା ଛାଡ଼, ଜାମାଯୋଡ଼ରେ ସଜେଇ ମୋତେ
ମାର୍ଫତରେ ଦେଲ ସାରଦ ଫସଲ
ଅଣଦେଖା କରିଛି କି ଆଜ୍ଞାଙ୍କ ଆଦେଶ
ଛୁଆଁଇ ଦେଲି କି ଶୁଆଶାରୀ ପାରାପଲ, କହୁନ
ଯେତିକି ବୁଣିଥିଲ ଏଥର ଜାଣି ଅଧିକ ନେଲ

( କବିତା - ଛଣ ପୁରୁଷ )

"ଆମର ଘର" କବିତାରେ କବି ଅନୁନ୍ନତ ସ୍ତରୀୟ ଲୋକଙ୍କ ଦୁଃଖ କୁ ହୃଦୟଙ୍ଗମ କରିପାରିଛନ୍ତି । ସୁଖ ର ଅନ୍ୟନାମ କହିଲେ "ଘର" । ମନୁଷ୍ୟ ହେଉ କି ପଶୁପକ୍ଷୀ ସମସ୍ତଙ୍କର ରହିବା ପାଇଁ ବାସସ୍ଥାନ ଟିଏ ଥାଏ । ଦିନସାରା ଖାଦ୍ୟ ଅନ୍ୱେଷଣ ପରେ ସମସ୍ତେ ନିଜ ନିଜ ବସାକୁ ଫେରନ୍ତି । କାରଣ ପରିବାର ହେଉଛି ପ୍ରତ୍ୟେକ ବ୍ୟକ୍ତି ଙ୍କ ପାଇଁ ବଳ ସମ । ଏଠାରେ କବି ପିତାମ୍ବର ତରାଇ ଘର ଉପରେ ଏକ କବିତା ରଚନା କରିଛନ୍ତି । ଘରଟିଏ ତୋଳିବାକୁ ଧନୀ ଟିଏ ଟଙ୍କା ବାନ୍ଧେ ଆଉ ଗରିବ ଟିଏ ଆଶା ବାନ୍ଧେ । ଗରୀବ ଲୋକ ପାଇଁ ଘରଟିଏ ତିଆରି କରିବା ସହଜ ହୋଇନଥାଏ, ଗରୀବ ଲୋକ ଟିଏ ପ୍ରତିଦିନ ସ୍ୱପ୍ନ ଦେଖେ ତାର ସ୍ୱପ୍ନ ର ଘରଟିଏ ପାଇଁ କେତେ କଷ୍ଟ ପରିଶ୍ରମ କରି ଯେଉଁ ଟଙ୍କା ରେ ସେ ଘରଟିଏ କରେ, ସେ ଘର ତା ପାଇଁ ସ୍ୱର୍ଗ ସହିତ ତୁଲ୍ୟ ହୋଇଥାଏ ।

ଗାଁ ର ଜୀବନ ଦର୍ଶନ କଥା ଏହି କବିଙ୍କ କବିତାରେ ବର୍ଣ୍ଣନା ରହିଛି, ଗ୍ରାମରେ ଗୋଟିଏ ଦଳିତ ନିଷ୍ପେସିତ ଲୋକଟିଏ ଅତି କଣ୍ଟିକାଣ୍ଟି, ଟଣାଅଟୋରା ଓ ସରଳ ଜୀବନଯାପନ

ISSN NO.
2582-208X

କରିଥାଏ । ସହର ର ଯଥା -: ସରକାରୀ ଯୋଜନା ଦ୍ୱାରା ପରିଚାଳିତ ଗୋଟିଏ ଦାରିଦ୍ର ସୀମାରେଖା ତଳେ ରହୁଥିବା ଲୋକ ଟିଏ କିପରି ଜୀବନଯାପନ କରିଥାଏ, ତାହା କବି କବିତାରେ ଦର୍ଶାଇଛନ୍ତି । ଦି ଟଙ୍କା ରେ ଚାଉଳ, କୃଷି ଋଣ ଛାଡ଼, ଶସ୍ତା ରେ ସାର ଯୋଗାଣ, ବି.ପି. ଏଲ୍ ଇତ୍ୟାଦି ବର୍ଣ୍ଣିତ ।

ଘର ଟି ଅତି ଅଧିକ ବର୍ଷ ପୁରୁଣା ହୋଇଗଲେ ଘର ଟି ର ସୌନ୍ଦର୍ଯ୍ୟ କମ୍ ହୋଇଯାଏ । ମଣିଷର ଆବଶ୍ୟକତା ଚାହିଦା ସଦାବେଳେ ଅଧିକ ଓ ପରିବର୍ତ୍ତନଶୀଳ । କିନ୍ତୁ ଦରିଦ୍ର୍ୟତା ପାଚେରୀ ହୋଇ ଠିଆହୁଏ ଓ ମଣିଷର ମନକୁ ଦୁର୍ବଳ କରିଦିଏ । ଯାହାକି ନିଜ ବର୍ତ୍ତମାନ ସେ ସଜାଡ଼ି ପାରେ ନାହିଁ କି ବଦଳେଇପାରେନାହି ଓ ସେ ଘରେ ମୂଷା, ବିଲେଇ, ଚୁଚୁନ୍ଦ୍ରା ଙ୍କର ରାଜୁତି ଚାଲେ ।

ଗୋଟେ ବାଲିର ବାପା ଗଢ଼ନ୍ତେ କି ସୁଦର୍ଶନ - ଏହି କବିତା ଅଭାଜନ କବିତା ଗ୍ରନ୍ଥ ସଂଖ୍ୟା ଚତୁର୍ଥ କବିତା ଏହି କବିତାରେ କବି ନିଜର ଏକ ଇଚ୍ଛା କୁ ପୂରଣ କରିବାକୁ ଚାହିଁଛନ୍ତି । ଏହି କବିତାରେ ମଧ୍ୟ କବି ଗ୍ରାମୀଣ ପରିବେଶ ବର୍ଣ୍ଣନା କରିଛନ୍ତି । ନଈବଢି ର ବର୍ଣ୍ଣନା ରହିଛି ଓ ନଈବଢି ରେ ହୋଇଥିବା କ୍ଷତି ଗୁଡ଼ିକ କବି କବିତାରେ ଚିତ୍ରକଳ୍ପ ଦେଇଛନ୍ତି ।

"ବିଜ୍ଞାପନ" - ଅଷ୍ଟମ ସଂଖ୍ୟାରେ ପ୍ରକାଶ ପାଇଥିବା ଏହି କବିତା ଜଗତିକରଣ କଥା କୁହାଯାଇଛି । ଦେଶରେ ବିଦେଶୀ ଦ୍ରବ୍ୟ କିପରି ବିକ୍ରି ହେବା ସମ୍ଭବ ହୋଇଥାଏ । ଜଗତୀକରଣ ପାଇଁ ବିଜ୍ଞାପନ ଅଧିକ ମାତ୍ରା ରେ ହୋଇଥାଏ । ଏହି ବିଜ୍ଞାପନ ମନୁଷ୍ୟ ମାନଙ୍କୁ ପ୍ରଲୋଭିତ କରିଥାଏ । ବିଜ୍ଞାପନ ଥାଳ ରେ ଲୋକ ଙ୍କୁ ଲୁଟିଥାନ୍ତି ।

ଉଦା :- ଅମୃତ ଦେଶ ଇଏ, ଏଠି ପ୍ରଭୁ କହିଲେ ମାଛ, କଇଁଛ
ସାପ, ମାଙ୍କଡ଼, ଶ୍ରୀଜଗନ୍ନାଥ
ଆମ୍ଭେ ହିଞ୍ଜିଡ଼ା, ଶରଣାଗତ, କୃତ୍ୟ କୃତ୍ୟ !
ହେଉ ବସ୍ତ୍ରହରଣ କି ମଣିଷ ଚାଲାଣ
କହୁ ଈଶ୍ୱର ଙ୍କ ଖେଳ
ଯଦି କେହି ହରେଇବ ହଜାରେ ଥର, ଲୁଟି ନେବ
ଜମି, ଯୁବତୀ, ଜାତିଆ, ବିହନ, ମୁଣ୍ଡରୁବାଳ,
କହିବୁ ଭାଗ୍ୟ ଭାଗ୍ୟ ! ( କବିତା -ବିଜ୍ଞାପନ )

ISSN NO.
2582-208X

"ମୋହିନୀ" – ଏହି କବିତା ଏକ ପ୍ରେମ କବିତା । ଏହି ବିରହ ବ୍ୟଥା ର ସ୍ପର୍ଶ ଏହି କବିତା ରେ ରହିଛି । ଏହି କବିତାରେ ପ୍ରେମିକ ଓ ପ୍ରେମିକା ଦୁହେଁ ଙ୍କର ବିରହ ପ୍ରଣୟ ବର୍ଣ୍ଣିତ । ରସିକ ଏଠାରେ ଭ୍ରମର ସହିତ ତୁଳନା କରିଛନ୍ତି । ମନର ଭାବନା କୁ କୁଞ୍ଜବନ ଭୂଇଁ ସହ ତୁଳନା କରିଛନ୍ତି । ଏଠାରେ ବିରହ ପ୍ରେମିକ ପ୍ରେମିକା ଠାରୁ ଶୋଷାତୁର ପ୍ରାଣ ପାଇଁ ଆଞ୍ଜୁଳେ ବର୍ଷା ଚାହିଁଛି, ତା ସହ ପ୍ରେମିକାର ଅଳତା ଲଗା ପାଦ, ଓ ମଥା ପାଇଁ ଚୁମ୍ବନ ର ଦାଗ । ଏଠାରେ ପ୍ରେମିକ ଶରୀର କୁ ଚନ୍ଦନ ଗଛ ସହିତ କରାଯାଇଛି । ବିରହ ପୀଡ଼ା ପ୍ରେମିକ ଆତୁର ।

ଯଥା କବିଙ୍କ ଭାଷା ରେ :-

ଉଭା ହେଲ ତ ବିଚରା ବିମୋହିତ,
ବଦଳିଛି ପ୍ରବୃତ୍ତି ବିପରୀତ ବୁଦ୍ଧି
ସାରା ଶରୀର ଚନ୍ଦନଗଛ ରାସ ବିଭୋର
ବିରହର ପୀଡ଼ା ଭୋଗ ଏତେ ପ୍ରଖର ଅଗଭୀର
ଜାଣିଲି, ତମ ହସ ହସ ଯୋଡ଼ିଲି ସିନା ପ୍ରଥମଥର ।

"ଅସୁର ଅକାରଣ" - ଏହି କବିତା "ଅଭାଜନ" କବିତା ସଂକଳନ ର ଷଷ୍ଠ କବିତା । ଏହି କବିତାରେ ସରକାର ଙ୍କର ବିଭିନ୍ନ ଯୋଜନା ବିଷୟରେ ବର୍ଣ୍ଣନା କରାଯାଇଛି । ଯଥା :- ମନ୍ଦିର ପ୍ରବେଶ, ସରକାରୀ, ଆଦେଶ, ବି. ପି. ଏଲ୍ କାର୍ଡ, ଦି ଟଙ୍କା ରେ କିଲେ ଚାଉଳ, ଇନ୍ଦିରା ଆବାସ ଇତ୍ୟାଦି । ଭାରତବର୍ଷ ରେ ଚାଲିଥିବା ବେନିୟମ ଧନ୍ଦା ଗୁଡ଼ିକୁ କବିତାରେ କବି ଆକ୍ଷେପ କରିଛନ୍ତି । ଏହି କବିତା ରେ ଏକ ଚରିତ୍ର ଶ୍ରୋତା ଭାବରେ ଅଛନ୍ତି "ନବଘନ" । ଭାରତବର୍ଷ ର ରାଜନୀତି ମୁଖା ପିନ୍ଧି ରହିଥିବା ଚକ୍ରାନ୍ତକାରୀ ସମାନ୍ତବାଦୀ କ୍ଷମତାବାଦୀ ନେତା, ମନ୍ତ୍ରୀ ମାନଙ୍କ ର କାର୍ଯ୍ୟକଳାପ ବର୍ଣ୍ଣିତ । ଯାହାକି ଦଳିତ ମାନଙ୍କ ଉପରେ ପ୍ରଭାବ ପକାଇଥାଏ । ଏସବୁ ଏହି କବିତାର ମୂଳ ଉତ୍ସ । ଏଠାରେ କବି ବକ୍ତା ପାଠକ ମାନଙ୍କୁ "ନବଘନ" ଦ୍ୱାରା ଭାରତବର୍ଷ ର ଅନୀତି କୁ ବର୍ଣ୍ଣନା କରୁଛନ୍ତି ।

"ଅଛବ" - ଏହା କବିତା ସଂକଳନ ର ସପ୍ତମ କବିତା । କବି ଏହି କବିତାର ନାମ "ଅଛବ" ରଖିଛନ୍ତି । "ଅଛବ" ର ଅର୍ଥ କହିବାକୁ ଗଲେ ଯାହାକି ଜାତିଭେଦ ଏକ ଅର୍ଥ କୁ ବୁଝାଏ । ଜାତିହୀନ, ଅଛୁଆଁ, ସମାଜ କୁସଂସ୍କାର କଥା ବର୍ଣ୍ଣିତ । ଏହି କବିତାର ଚରିତ୍ର

ISSN NO.
2582-208X

ହେଉଛନ୍ତି ଉର୍ମି, ଓ ମହନ୍ତ ଘର ପୁଅ କଥା କୁହାଯାଇଛି । ଅଦାଲତ ବିବାହ ସତ୍ୟପାଠ କଥା କୁହାଯାଇଛି ଓ କବିତାରେ କବି ନିଜକୁ ଏଠାରେ "ଅସଉଚ", "ଅଛବ" ବୋଲି କହୁଛନ୍ତି ।

"ଲଳିତା ଲବଙ୍ଗଲତା" - ଏହା ଅଭାଜନ ର ନବମ କବିତା । ଏହି କବିତାରେ କବି ଗୋଟିଏ କୁଆଁରୀ ଝିଅ ର ଦୁଃଖ ବର୍ଣ୍ଣନା କରିଛନ୍ତି । ଏହି କବିତାରେ ଗୋଟିଏ କ୍ଷମତା ର କଥା କୁହାଯାଇଛି । ଏକ ଦଳିତ କନ୍ୟା ଉପରେ କ୍ଷମତା ର ଜୋର୍ ଓ ଦଳିତ ର ହାର ଏହା ବର୍ଣ୍ଣିତ । ଏଠାରେ ଗୋଟିଏ କୁଆଁରୀ ଝିଅ ନିଜର ପାଦ ପ୍ରେମରେ ଖସାଇ ଦେଇଛି । ପ୍ରେମରେ ପ୍ରତାରଣା ର ଶିକାର ହୋଇଛି । ଏହି ହାଉଳି, ଗାଉଁଲି ସରଳ ନିଷ୍କପଟ କୁଆଁରୀ ଝିଅ ଟି ଏକ ବିଦେଶୀ ଲୋକ ଠାରୁ ପ୍ରତାରଣା ର ଶିକାର ହୋଇଛି । ସେ କୁଆଁରୀଝିଅ ସମାଜ ରେ ଲଜ୍ଜ୍ୟା ପାଇଛି କବିଙ୍କ ଭାଷାରେ-

ତେଣିକି ଘାଟରେ ମୁଦି ହଜିବ କି ପେଟରେ ବଢ଼ିବ ଗୋପନ ଭ୍ରୁଣ
ହେଜରେ ଏତକ ନଥାଏ ବୋଲି ଦେହ ଖେଳ ପାଇଁ କନ୍ୟାଦାନ ତ
ଯା, ଆଉ କି ଅଟକେ ! ଖସିଗଲା ଜାଣି କୁଆଁରୀ ପାଦ

ସମାଜରେ କୁଆଁରୀ ଝିଅ କୁ ସମସ୍ତେ ଟାହି ଟାପରା କଲେ ଓ କୁଆଁରୀ ଝିଅ ଲଜ୍ଜ୍ୟା ପାଇଲା । କବିଙ୍କ ଭାଷାରେ :-

କହ ବଉଳ, କିଏ ଭୋଗ କଲା ଦେଉଳ ଦିଅଁ ମଣିମା ଡାକ
ପଦ୍ମାବତୀର ପଦ୍ମଗନ୍ଧ
ବିଚାରୀ ଲଳିତା ପାଇଲା କଅଣ !ଇଏ ରକ୍ଷିତା, ନାୟିକା
ନ ନବନୀତା, ପ୍ରଥମା ନା, ଅନ୍ତିମା କି ପରିଚୟ ! କହୁନ !

ଏହି କବିତାରେ କବି ଏକ ଦଳିତ କନ୍ୟା ର ଦୁଃଖ କଥା ବର୍ଣ୍ଣନା କରିଛନ୍ତି ।

ବର୍ଷା ଜଣାଣ :- ଏହି କବିତା "ଅଭାଜନ" କବିତା ଗ୍ରନ୍ଥର ସଂଖ୍ୟା ପନ୍ଦର କବିତା । ଏହି କବିତାର ନାମ "ବର୍ଷା ଜଣାଣ" । "ଜଣାଣ" ର ଅର୍ଥ କହିବାକୁ ଗଲେ ଯାହା ଗୀତ ଆକାରରେ ଜଣାଯାଏ । ତାହାକୁ ଜଣାଣ କୁହାଯାଏ । ଏଠାରେ ବର୍ଷା ହେଉନାହିଁ ସେଥିପାଇଁ

ISSN NO.
2582-208X

କବି ବର୍ଷା କୁ ଜଣାଣ କରିଛନ୍ତି ବର୍ଷା ହେବା ପାଇଁ ଏହି କବିତାରେ ଅନ୍ଧବିଶ୍ୱାସ ପ୍ରଥା ର ବର୍ଣ୍ଣନା ରହିଛି । ଉଦାହରଣ :-

ବର୍ଷା ହଉନି ତ, କ୍ଷେତ ସାରା ବୁଲାଇ ଆଣ ଅକ୍ଷତ ଅସବର୍ଣ୍ଣା ର ଝିଅ
ବସ୍ତ୍ର ବିହୀନ, ଇଏ ଶାସ୍ତ୍ରସମ୍ମତ । ବର୍ଷା ହେବ ।
ପୋଖରୀ ଗୋଟକ ମାରା କହିଛି ବେନୁ ବାଉରୀର ଝାବଡ଼ ପୁଅ
ମନ୍ଦିର ବେଢାରେ ଧସେଇ ପଶିଛି ବାଜା ବଜାଳି ବରଜୁ ଡ଼ମ
ଦୁଧ ଘିଅ ମହୁରେ ମୁହଁ ଲଗେଇଛି ରଘୁ ଅଛପ
ଛକରେ ଦେଖେଇଛି ମୁହଁତୋଡ଼

ଏହି କବିତାରେ ଦଳୀୟ ଚେତନା ପ୍ରଭାବ ପଡ଼ିଛି । ଦଳିତ ମାନଙ୍କ ହତାଦର ବର୍ଣ୍ଣନା ରହିଛି ।

"ଓଃ, ସାବରମତୀ" - ଏହି କବିତାରେ ମହାତ୍ମା ଗାନ୍ଧୀ ଙ୍କର ସାବରମତୀ ଆଶ୍ରମ ର ବର୍ଣ୍ଣନା କରିବା ସହିତ ବର୍ତ୍ତମାନ ର ପରିବେଶ ପରିସ୍ଥିତି ର ପରିବର୍ତ୍ତନ ଅଶାନ୍ତି ବେନିୟମ କ୍ରାନ୍ତି କୁ ଏଗୁଡ଼ିକ ନିଜ କବିତାରେ ବର୍ଣ୍ଣନା କରିଛନ୍ତି ।

"କବି ହବାର ଅଛି ତ" - ଏହା "ଅଭାଜନ" କବିତା ସଂକଳନ ର ସଂଖ୍ୟା ବାର କବିତା ଅଟେ । ଏହି କବିତାରେ କବି କବି ହେବାକୁ ହେଲେ କେତେ କଷ୍ଟ, ସାହସ, ଦୁଃଖ, ବିଶ୍ରାମହୀନ ଜୀବନ, ଦ୍ୱନ୍ଦପୂର୍ଣ୍ଣ, ଟଣା ଅଟୋରା ସଂଘର୍ଷ ଜୀବନ ପାର କରି କବି ହେବାକୁ ହୋଇଥାଏ । ତାହା ଏଠାରେ ବର୍ଣ୍ଣିତ । କବି ଜୀବନ ସଦାବେଳେ ସଂଘର୍ଷପୂର୍ଣ୍ଣ ଥାଏ । ନିଜର ଘରସଂସାର କୁ କାଖରେ ଜାକି ସାରା ସମାଜର ଦୁଃଖ କୁ ନିଜର ସମସ୍ୟା ଭାବି କବି ନିଜ ମୁଣ୍ଡରେ ବୋହି ଚାଲୁଥାଏ ଓ ସମସ୍ତେ ପାଠକ ସମ୍ମୁଖରେ କବି କବିତା ମାଧ୍ୟମ ରେ ବଖାଣିଥାଏ । ଏହି କବିତାରେ କବି ନିଜର ସଂଘର୍ଷ ବଖାଣିଛନ୍ତି । କବିଙ୍କର ପ୍ରାଣପ୍ରିୟା ପତ୍ନୀ ସୁଖ ଜୀବନଯାପନ ଆଶା କରୁଛନ୍ତି । କିନ୍ତୁ କବିତାରେ ନିଜର ହାଡ଼ଭଙ୍ଗା ପରିଶ୍ରମ ଓ ପାଣି ଭଳି କୁହାଉଥିବା ରକ୍ତସମ ଝାଳ କୁ ଦେଖି ପ୍ରାଣପ୍ରିୟା ପତ୍ନୀ କବିଙ୍କୁ କବିତାରେ ନ ମାତିବା କଥା କହିଛନ୍ତି ଓ ଅଭିଯୋଗ କରିଛନ୍ତି କବିତାରୁ କେତେ ଟଙ୍କା ଅର୍ଜନ କରୁଛ ? ପ୍ରଶ୍ନ ଆସେ ତାହାହିଁ କବି ପଣ କୁ ମୃତ୍ୟୁ ଦିଏ ।

ISSN NO.
2582-208X

"ଗୋଟେ ବହିର ମୃତ୍ୟୁ" - "ଅଭାଜନ" କବିତା ସଂକଳନ ର "ଗୋଟେ ବହିର ମୃତ୍ୟୁ" କବିତା ଟି ସ୍ଥାନ ପାଇଛି । କବିତାର ଶୀର୍ଷକ ରହିଛି "ଗୋଟେ ବହି ର ମୃତ୍ୟୁ" । ଏହି କବିତାରେ କବି ନିଜର ଭାବନା ବ୍ୟକ୍ତ କରିଛନ୍ତି । କବିଙ୍କ ମନରେ କବିତା ଲେଖିବାର ସୃଜନଶୀଳ ପ୍ରତିଭା ଟି କବିତା ସୃଷ୍ଟି କରିବାରେ କବିଙ୍କୁ ସାହାଯ୍ୟ କରିଛି । କବି ଟିଏ କେତେବେଳେ ସମାଜରେ ଘଟୁଥିବା ଘଟଣା ଗୁଡ଼ିକ ନିଜର ପାଠରେ ବିଷୟବସ୍ତୁ କରିଥାଏ ତ କେତେବେଳେ କଳ୍ପନା ପ୍ରବଣ ହୋଇ ବିଷୟବସ୍ତୁ ସାଜେ ଅତିବାସ୍ତବତା ।

କବିଙ୍କ ଭାଷାରେ :-

ଯାହା ଯାହା ଲେଖିଛନ୍ତି ଦୁଧରେ ଚଳେ ଚଳେ ପାଣି ପରି ଆମ ଧୂଳି ଧୂସରିତ
ପେଟ ପାଟଣା, ଘଟ ଘଟଣା ସହିତ ମିଶି ଯାଉଛି ଅବିକଳ
ଶବ୍ଦରେ ସାଜିଛି ବେଶ୍ ଘା, ଘାଇ, ଘଳିଆ ରେ ବୋହି ଯାଉଥିବା ଆମ ଅରକ୍ଷଦିନ

ଯେବେ କବିତାକୁ କେହି ପାଠକ ଭେଦ କରିପାରେ ନାହିଁ ଓ ଯେତେବେଳେ କବିର ବ୍ୟକ୍ତତା କୁ ପାଠକ ସଠିକ ଭାବରେ ଅର୍ଥାନ୍ତର କରିପାରେ ନାହିଁ ସେହିଠାରେ କବି ଓ ବହିଟି ର ମୃତ୍ୟୁ ହୋଇଥାଏ । କେଉଁ କେଉଁ କବିଙ୍କ ପୁସ୍ତକ ପଢ଼ନ୍ତି ନାହିଁ । ସେତେବେଳେ କବି ଓ କବିତାରେ ମୃତ୍ୟୁ ହୋଇଥାଏ । କବି ଏଠାରେ ନିଜକୁ ଏଯାବତ ବଡ଼ ବଡ଼ କବିଙ୍କ ଭଳି ଉଚ୍ଚସ୍ଥାନରେ ରାକଗଇପାରିନାହାନ୍ତି ସତ କିନ୍ତୁ କାଶତଣ୍ଡୀ କିଆରୀ ଭଳି କିଛି ସ୍ଥାନରେ ମଧ୍ୟ ନାହାଁନ୍ତି ।

ଜଣେ ଅଶଉଚ ଲୋକ:

କବି ପିତାମ୍ବର ତରାଇ ଙ୍କର ଆଉ ଏକ ସଫଳ ହୃଦୟସ୍ପର୍ଶୀ ଚର୍ଚ୍ଚିତ ସମାଜ ର ତଳସ୍ତର ର ଜନ ମାନଙ୍କୁ ନେଇ ସୃଷ୍ଟି କରିଥିବା କବିତା ସଂକଳନ ହେଉଛି "ଜଣେ ଅଶଉଚ ଲୋକ"। ଅଠତିରିଶ ଗୋଟି କବିତାକୁ ନେଇ ଏହି ପୁସ୍ତକ ରଚନା କରିଛନ୍ତି । ଏହା ପ୍ରଥମ ପ୍ରକାଶ ପାଇଥିଲା ୨୦୧୭ ମସିହା ରେ ପଶ୍ଚିମା ପ୍ରକାଶନୀ ସଂସ୍ଥା ତରଫରୁ ଏହି ପୁସ୍ତକ ମଧ୍ୟ ସମାଜର ଅନୁନ୍ନତ ସମ୍ପ୍ରଦାୟ ଗୋଷ୍ଠୀ ମାନଙ୍କୁ କେନ୍ଦ୍ରୀଭୂତ କରି ରଚନା କରିଛନ୍ତି । ସାମାଜିକ ନ୍ୟାୟ ରୁ ବଞ୍ଚିତ ମାନଙ୍କ ଉପରେ ସମସ୍ତ କବିତା ପର୍ଯ୍ୟବେସିତ । କଟା ହାତର କବିତା, ଆମେ ତିନିଜଣ, ନିରୁଦ୍ଦିଷ୍ଟ, ପ୍ରଜାପତି, ଦେଶ, ଠୁଣ ମଣିଷର କାବ୍ୟପାଠ,

ISSN NO.
2582-208X

ଡୋମ୍ବୀର ପିଲା ବୋଲି ତ !, ଦେବୀ ଗଡ଼ଣର ପଛଦିନ, ପନ୍ଦର ବର୍ଷ ତଳେ ବିକ୍ରି ହୋଇଥିବା ଝିଅ, ଆଖି କାଳକ ମୃଢ ବୋଲିତ, କ୍ଷଣିକେ ଭରପୂର ତ କ୍ଷଣିକେ ଛାରଖାର, ନାରୀ : ନ କହୁ ନ କହୁ, ଶୀତ ସକାଳର ସଙ୍ଗୀତ, ଗୃହିନୀ, ଆଜି ରାତିରେ ସୁହାସିନୀ, ଅହଲ୍ୟା, ହୋ ଦିଲୀପ ! ଆମର ନାହିଁ ଧାନଫୁଲ କାନଫୁଲ, ବନ୍ଧକ ମଣିଷ, ଦେହ, ଗାଁ ବାହାରେ ମଣିଷ, ଜଣେ ନାରୀର କଥା, କନ୍ଧମାଳ ର ମାରାନ ଗୀତ, ନାରୀ, ମା, ପାଟି ଖୋଲ, ଜଣେ ନାସ୍ତିକର ଦିନଲିପି, ଜଣେ ଅଶଉଚ ଲୋକ, ସେହି ସ୍ତ୍ରୀ ଲୋକ, ଶୋକର ସୁନୟନା, ଅପଯଶ, ଅଛବ, ଜୋତା, କେବେ କହିନ ତ!, ନିଜକୁ ଗାଇ ମନେକରି, ଥାଏ ତମ ସହ, ଆମ ଭିତରୁ କେହି ତ, ମାଟି ଗୀତ, ପ୍ରତିପକ୍ଷ, ଧର୍ମ ।

"କଟା ହାତର କବିତା" -କବିତାଟି ଅତ୍ୟନ୍ତ ଦୁଃଖଦାୟକ । ଏହା ସତ୍ୟ ଆଧାରିତ କବିତା। କବି ଏହି କବିତାଟି ଖବରକାଗଜ ରୁ ପଢ଼ି କବିତାର ଶୀର୍ଷକ ଦେଇଛନ୍ତି । ଏହାର ବିଷୟବସ୍ତୁ ଅତ୍ୟନ୍ତ ଭୟାନକ ହୃଦୟ ବିଦାରକ ଉପରେ ଆଧାରିତ । କୁନି କୁନି ପିଲାମାନେ ତାଙ୍କ ବୟସରେ ଯାହା କରିବା କଥା, ତାହା ପରିବର୍ତ୍ତେ ଏଠାରେ ସେମାନେ ଦଲାଲ୍ ମାନଙ୍କ ହାତରେ ଶିକାର ହୋଇ ପଡ଼ିଥିବା ଦୁଇ ଶିଶୁ ଶ୍ରମିକ ଙ୍କ ଉପରେ ଆଧାରିତ । କୁନି ପିଲାଟିଏ ତା ତରୁଣ ଔଜଲ୍ୟ ବୟସରେ ହାତରେ କେତେ କଣ କରେ । କିନ୍ତୁ ଅଭାବରୁ ଶିଶୁ ଟି ଶ୍ରମିକ ହୋଇଯାଏ ଓ ଦାଦନ ଖଟେ ଓ ଦଲାଲ ମାନଙ୍କର ଶିକାର ହୋଇଯାଏ । କବି ଏଠାରେ କହିଛନ୍ତି :- ଯେ କଅଁଳ ଓଠ, ହାତ, ନିରୀହ ଆଖି, ବକଟେ ହାତ, ଯାହାକି ସବୁ ଜିନିଷ ସ୍ପର୍ଶ କରିଥାନ୍ତା ପାଠ ପଢିଥାନ୍ତା,ଲେଖିଥାନ୍ତା, ସିଲଟ ଶୁଖେଇ ଥାନ୍ତା, କିନ୍ତୁ ଏସବୁ କରିବା ପାଇଁ ତାକୁ ତା ପେଟ ଦୟା କରିନାହିଁ, ବରଂ ଆଦେଶ ଦେଇଛି ଯେ ପେଟ ପୋଷିବା ପାଇଁ କାମ କରିବାକୁ ହୋଇଥାଏ । କଅଁଳ ଶିଶୁ ଟି କୁ ରାଜ୍ୟ ଦାଦନ ଖଟିବାକୁ ପଡ଼ିଛି । କେବେ ଆନ୍ଧ୍ର ତ କେବେ ଗୁଜୁରାଟ । କେଉଁ ଇଟାଭାଟି ତ କେଉଁ ଲୁଣ କାରଖାନା ରେ ଭର୍ତ୍ତି ହୋଇଛି ତାର କଅଁଳ ଶରୀର ।

"ଆମେ ତିନିଜଣ" – ଜଣେ ଅଶଉଚ ଲୋକ କବିତା ସଂକଳନ ରୁ ଦ୍ୱିତୀୟ ସଂଖ୍ୟା କବିତା ହେଉଛି "ଆମେ ତିନି ଜଣ" । ଏହି କବିତାରେ କବି ମହାତ୍ମା ଗାନ୍ଧିଜୀ ଙ୍କ ତିନି ମାଙ୍କଡ଼ କଥା ସଂକେତ ରେ କହିଛନ୍ତି । ଏହି କବିତା ଏକ ସମାଜ ରେ ସ୍ୱର ଉତ୍ତୋଳନ କରିବାର କ୍ଷମତା ହରେଇଥିବା ମଣିଷ କିପରି ନିରବୀ ଯାଏ ତାହା ଉପରେ କବିତା ଟି ପର୍ଯ୍ୟବେସିତ ।

ISSN NO.
2582-208X

"ପନ୍ଦର ବର୍ଷ ତଳେ ବିକ୍ରି ହୋଇଥିବା ଝିଅ" - ଅସହାୟ ମା ଟିଏ ଦାରିଦ୍ର୍ୟ ପାଇଁ ତାର କନ୍ୟା ଶିଶୁ କୁ ବିକ୍ରୟ କରିବାକୁ ପଛଉନି । କୁକୁଡ଼ା, ବତକ, ଛେଳି, ଘୁଷୁରୀ ଭଳି ଆଜି ଶିଶୁ କନ୍ୟା ମଧ୍ୟ ବିକ୍ରି ହେଉଛି । ବିକ୍ରି ହେଇ ଯାଉଥିବା ଝିଅ କପାଳ ରେ ସୁଖ ନଥାଏ ।ଦୁଃଖ ଲେଖା ଥାଏ, ତାଙ୍କୁ କିଣି ନେଉଥିବା ବ୍ୟକ୍ତି ସ୍କୁଲ ପଢ଼ିବାକୁ ପଠାଏ ନାହିଁ ବରଂ ପିଠିରେ ଝୁଲାଇ ଦିଏ ମୁଣା ଆଉ ଗୋଟେଇବାରେ ଲାଗିପଡ଼େ ଝିଅ ବୋତଲ, ପ୍ଲାଷ୍ଟିକ । ଝିଅ ଟିଏ ନିଜର ସତୀତ୍ୱ କୁ ରକ୍ଷା କଲା ତେବେ ଦେବୀ ପାଲଟେ ଆଉ ଅଭାବ ରୁ ଅବାଟ କୁ ଚାଲିଯାଇ ଦେହଜିବୀ ପାଲଟିଯାଏ । ସମାଜ ରେ କନ୍ୟା ବିକ୍ରି ର କାରଣ ଓ ବିକ୍ରି ହେବା ପର ଅବସ୍ଥା ର ଦୁଃଖ ବର୍ଣ୍ଣନା ହୋଇଛି ଏହି କବିତାରେ ।

"ଆଜି ରାତିରେ ସୁହାସିନୀ"- ଏହା ଏକ ସତ୍ୟ ଆଧାରିତ କବିତା । ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଏକ ଗ୍ରାମରେ ସ୍ୱାମୀର ମାରଣାସ୍ତ୍ର ସୁହାସିନୀ ର ମୃତ୍ୟୁ ହୋଇଥିବା ଘଟଣା ଉପରେ ପର୍ଯ୍ୟବେସିତ କବିତା ଟି । ସ୍ୱାମୀ ର ନିର୍ଯ୍ୟାତନା ରେ ସୁହାସିନୀ ଆଜି ମୃତ୍ୟୁବରଣ କରିଛି । ସବୁଦିନ ର ନିର୍ଯ୍ୟାତନା ସହି ସହି ଶେଷରେ ନଈ ବାଲିରେ ଉଦାସ ହୋଇ ପଡ଼ିଛି ସୁହାସିନୀ ର କ୍ଷତ ବିକ୍ଷତ ଶବ ।

"ଶୁଦ୍ରକର ଶ୍ଳୋକ"

"ଶୁଦ୍ରକର ଶ୍ଳୋକ" କବି ପିତାମ୍ବର ତରାଇ ଙ୍କର ଏକ କରୁଣ ଭବ୍ୟ ସଂକଳନ ହେଉଛି "ଶୁଦ୍ରକର ଶ୍ଳୋକ"। ଏହି କବିତାର ପ୍ରକାଶକାଳ ୨୦୦୨ । ଏହାର ପ୍ରକାଶକ ହେଲେ "ପାଦଟୀକା"। ଏହି କବିତା ଗ୍ରନ୍ଥ ର ନାମ ଏକ ବର୍ଣ୍ଣାଶ୍ରମ ପ୍ରଥା ର ଚତୁର୍ଥସ୍ତର ବା ଶୁଦ୍ର ମାନଙ୍କ ଉପରେ ପର୍ଯ୍ୟବେସିତ । କବିଙ୍କ ଭାଷାରେ :- ନୃପତି ର ନାରାଚରେ, ସିମନ୍ତି ର ଶୂଳିରେ, ଗଣତନ୍ତ୍ର ର ଗୁଳିରେ କାଳେ କାଳେ ଏକ ଉତ୍ପୀଡ଼ିତ ଅସ୍ତିତ୍ୱ ସେ କରୁଣ କାକୁସ୍ତ କଙ୍କାଳ ଟେ - ଶୁଦ୍ର !

ସେ ଅସବର୍ଣ୍ଣ , ସେ ଅଭାଜନ ନୀଚ ଜାତି କୂଳରେ ଜାତ ବୋଲି ଉଚ୍ଚବର୍ଗୀୟ ଲୋକମାନେ ବାରମ୍ବାର ତୁଚ୍ଛ ମନେ କରିଥାନ୍ତି ଶୁଦ୍ରଙ୍କୁ । ଅନାଦର ବର୍ଣ୍ଣ ହେଉଛି ଶୁଦ୍ର । ସେମାନେ ଅସ୍ପୃଶ୍ୟ ତାଙ୍କୁ ସ୍ପର୍ଶ କଲେ ପାପ, ଏହି ମନୋଭାବନା ସମାଜରେ କାଳ କାଳ ଧରି ରହିଆସିଛି । ଯାହାକି ସମାଜରେ ବଞ୍ଚିରହିଥିବା ବର୍ଣ୍ଣାଶ୍ରମ ର ଚତୁର୍ଥସ୍ତର ର ବର୍ଣ୍ଣ ଶୁଦ୍ର ଜାଣି ଗୋଷ୍ଠୀ ଲୋକ ମାନଙ୍କୁ ଦଳିତ ଭାବେ ବଂଚିବାକୁ ହୋଇଥାଏ । ସମାଜ ର

ISSN NO.
2582-208X

ଉଚ୍ଚବର୍ଗୀୟ ଲୋକ ମାନଙ୍କ ର ସେବକ ହୁଏ ଏହି ଶୁଦ୍ର । ଏ ସମାନ୍ତବାଦୀ ସମାଜରେ ରେ ଶୁଦ୍ର ବଞ୍ଚିରହେ ଖାଲି ତାଙ୍କର ସେବା କରିବା ପାଇଁ । ସେବା କରେ ଅଥଚ ସମାଜ ସହିତ ମିଶିପାରେ ନାହିଁ । ଆବଶ୍ୟକ ସ୍ଥଳେ ସମାଜ ତାକୁ ଖଟାଏ । କାର୍ଯ୍ୟ ସରିଗଲେ ଅନାଦର ହୋଇପଡ଼େ ଶୁଦ୍ର ।

ଏହି କବିତା ଗ୍ରନ୍ଥ ୩୭ ଟି କବିତା କୁ ନେଇ ରଚନା କରିଛନ୍ତି କବି ପିତାମ୍ବର ତରାଇ । ପ୍ରଥମ କବିତାରେ "ଖଣ୍ଡେଭୂଇଁ" ଓ ପରେ "ଉଚ୍ଚକୂଳ", "ପଛଲୋକ", "ବାପା", "ବୀର୍ଯ୍ୟ ବିପର୍ଯ୍ୟୟ", "ପୁଅ", "ବୋଉ", "ସର୍ତ୍ତ" "ଭୂଇଁ ଭାଗ", "ନୋହିଲେ", "ଜୀବନ ଛାଡ଼", "ପକ୍ଷୀ" "ପକ୍ଷୀଗୀତ", "ପକ୍ଷୀ ଜନ୍ମ, "ପକ୍ଷୀର ଜୀବନ", "ଜଣାଣ", "ପକ୍ଷୀ ଗାଏ", "ମହାଝଡ଼", "ଓଃ ଏରସମା!", "ମରୁଡ଼ି", "ମରିବା ଚାଲ", "କୁଆଡ଼େ ଯାଉଛ ହୋ", "ଗୋରୁ", "ଭାରତବର୍ଷ", "ଯଦି କେହିଜଣେ ଅଛ", "ଯେଉଁଠି ଅଛି ସେଇଠି ଥିବି", "ଆଜି ଠାରୁ", "ଆଦିପର୍ବ", "ଶେଷ ଶତାବ୍ଦୀ ର ଗୀତ", "ସଭାଘର", "ନୂଆଘର:ଅନେକ ବିସ୍ମୟ!", "ମହାଭାରତ", "ଶେଷ ଦୃଶ୍ୟ", "ଅହଂକାର", "ବର୍ଷା ଦାସ", "ଭିଜିନାହିଁ ବାରବର୍ଷ", "ଶୋଭାବତୀ : ସମୟକୁ ଦେଖ", "ଯେଉଁ ରଙ୍ଗରେ ଆସୁଛ ଆସ", "ଟିପ ଚିହ୍ନ", ।

"ଶୁଦ୍ରକର ଶ୍ଳୋକ" ନାମକରଣ ଅନୁଯାୟୀ ଶୁଦ୍ର ଦଳିତ ମଣିଷ ଜାତିର ପ୍ରତୀକ ଭାବେ ପରିଦୃଷ୍ଟ । ସାମ୍ପ୍ରତିକ ସମାଜ ରେ ନିଚ୍ଚବର୍ଗ ମଣିଷର ଶୋଣିତ ମଣିଷ ଜାତିର ଦୁଃଖ କଷ୍ଟ ବେଦନାର କଥା କବିତାରେ ବର୍ଣ୍ଣିତ । ଶୁଦ୍ର ଟିଏ ସମାଜ ରେ ଥାଇ ମଧ୍ୟ ବିଚ୍ଛିନ୍ନ ।

ଏହି କବିତା ସଂକଳନ ରେ ପ୍ରଥମ କବିତା ହେଉଛି "ଖଣ୍ଡେ ଭୂଇଁ" । ଏହି କବିତାରେ କବି ଖଣ୍ଡେ ସ୍ଥାନ କଥା ବର୍ଣ୍ଣନା କରିଛନ୍ତି କବିତାରେ କବି କହିଛନ୍ତି ଯେ ତାଙ୍କ ପୂର୍ବ ପୁରୁଷ ଯାହା ତାଙ୍କ ସମୟରେ କରିନଥିଲେ ତାହା କବି ନିଜେ ଅର୍ଜନ କରିଛନ୍ତି । ଗୁଣ୍ଠ ଚାରିଶ ଯାଗା କବି ଅର୍ଜନ କରିଛନ୍ତି । ଓ ସେଥିରେ ଅନାବିଳ ସ୍ୱପ୍ନ ଦେଖିଛନ୍ତି । ଘର ତୋଳିବା, ନାମାଙ୍କନ କରିବା ଇତ୍ୟାଦି ଇତ୍ୟାଦି । ଯେଉଁ ବଖରା ରେ କିଏ ଚଳିବ ଓ କିପରି କାର୍ଯ୍ୟକଳାପ ସହ ବସବାସ କରିବ ତାହା ବର୍ଣ୍ଣିତ । କବିଙ୍କ ଭାଷାରେ :-

ଗୋଟେ ବଖରା ଭିତରେ ସହବାସ
ସିଂହାସନ ଭୋଗ ପାଇଁ

ISSN NO.
2582-208X

ଶୋଇ ପାରୁ ନଥିବ ପୁଅ
ପ୍ରେମ ଚିଠି ଲେଖୁଥିବା ସାରା ରାତି ଝିଅ
ମୋ କଥା ଛାଡ଼, ମୋର ତ ଫେରିବାକୁ
ବେଳ ହୋଇଯାଇଥିବ
ଥିଲେ ଥିବି ବୁଢ଼ାଲୋକ
ଚଉକି ରେ ଚହଲୁ ଥିବା ଗୋଟେ କଙ୍କାଳ

"ଉଚ୍ଚକୂଳ" :

ଏହି କବିତା ନାମକରଣ ରୁ ଜଣାଯାଉଛି ଯେ କବି ଏହି କବିତାରେ କୌଣସି ଏକ ଦଳିତ କୁ କେନ୍ଦ୍ରକରି ଜାତିପ୍ରଥା କଥା କହିବାକୁ ଚାହିଁଛନ୍ତି । ଏହି କବିତାରେ କବି ନିଚ୍ଚକୂଳ ର ଲୋକମାନଙ୍କୁ ଜାତି ବିଷୟରେ କିଛି ଆକ୍ଷେପ କରିଥିଲେ ବୋଲି ନିଚ୍ଚକୂଳ ର ଲୋକମାନଙ୍କୁ ସରକାର ଙ୍କ ତରଫରୁ ସରକାରୀ ଯୋଜନା ଗୁଡ଼ିକ ମିଳିଲା । ସରକାର ଯେତେ ଜାତିପ୍ରଥା ବିବାଦ ଣ ଉଠେଇବା ପାଇଁ ଚାହାଁନ୍ତି, ସେଥିପାଇଁ ଦଳିତ ଙ୍କୁ ଉଚ୍ଚସ୍ଥାନ କୁ ଆଣିଥାନ୍ତି । କିନ୍ତୁ ସେତେ ନୀଚ୍ଚକୂଳ କୁ ଟାହି ଟାପରା ଶୁଣିବାକୁ ପଡ଼ିଥାଏ । ନିଚ୍ଚକୂଳ ଗରିବ ଦଳିତ ଙ୍କୁ ସମାନ୍ତବାଦୀ କ୍ଷମତାବାଦୀ ଲୋକ ମାନଙ୍କ ଠାରୁ ସରକାରୀ ସ୍ତରରେ ଯୋଜନା ତରଫରୁ ଦୟା ପରବଶ ହୋଇ "ଇନ୍ଦିରା ଆବାସ" ଖଣ୍ଡେ ମିଳିଥାଏ । ଯାହାକି ସଦାସର୍ବଦା ପିତୃ ଅର୍ଜିତ ଗୁଣ୍ଡେ ବୋଲି ଡ଼ିହ ଉଜ୍ଜ୍ୱଳ ଦିଶିଥାଏ ।

"ପଛଲୋକ" :-

"ଶୁଦ୍ରକର ଶ୍ଳୋକ" କବିତା ସଂକଳନ ର ଅନ୍ୟତମ କବିତା ଟି ହେଉଛି "ପଛଲୋକ"। ଏହି କବିତାରେ ନାମକରଣ ରୁ ବେଶ୍ ପ୍ରମାଣିତ ଯେ ଏହି କବିତା ମଧ୍ୟ ଏକ ଦଳିତ ବିଷୟ ଉପରେ ପର୍ଯ୍ୟବେସିତ । ଏହି କବିତାରେ ପଛଲୋକ ର ଭାଗ୍ୟ ଏକ ନିଃସଙ୍ଗ ପକ୍ଷୀର ଦୁଃଖ ପରି । "ପଛଲୋକ" କହିଲେ ଯେଉଁମାନେ ଦଳିତ ଓ ଇତର । ସମାଜରେ ରହିଥିବା ଶୋଷିତ, ନିର୍ଯ୍ୟାତୀତ ମାନଙ୍କର ଦୁଃଖ କଷ୍ଟ କୁ କବି ନିଜ କବିତାରେ ଶବ୍ଦ ମାଧ୍ୟମରେ ରୁପାୟିତ କରିଛନ୍ତି । ସମାଜରେ ଚାଲିଥିବା ଦଳିତ ମଣିଷ ଉଚ୍ଚବର୍ଗ ର ମଣିଷଙ୍କ ଭିତରେ ଥିବା ଅତ୍ୟନ୍ତ ଘୃଣାଭାବ ଓ ହୀନ ଭାବ ଦଳିତ ଙ୍କୁ ମାନସିକ କଷ୍ଟ ଦେଇଥାଏ ।

ISSN NO.
2582-208X

ବାପା ଙ୍କ ଦୁଃଖ କଷ୍ଟ, ଅଭାବ, ଉଦାସୀନତା , ଅଳି ଅର୍ଦ୍ଦଳି "ବାପା" କବିତାରେ ରଚନା କରାଯାଇଛି ।

"ବୀର୍ଯ୍ୟ ବିପର୍ଯ୍ୟୟ" - ଏହି କବିତା ଏକ ଇତର କୁ କେନ୍ଦ୍ରକରି ରଚିତ । "ଇତର" ଶବ୍ଦ ର ଅର୍ଥ ଯାହା ମନୁଷ୍ୟ ଜାତି ର ତଳ ପ୍ରାଣୀ ଙ୍କୁ ବୁଝାଏ । ସାଧାରଣତଃ ଆମେ ପଶୁ ଜାତି ଙ୍କୁ ଇତର ଭାବେ ବୁଝୁ । କିନ୍ତୁ ସମାଜ ର ବର୍ଗୀକରଣ ପାଇଁ ଶୁଦ୍ର ବର୍ଗ ର ମଣିଷ କୁ ସମାଜ ଇତର ଭାବିଥାଏ ।ଏହି କବିତାରେ କବି ନିଃସଙ୍ଗ ଗଛ, ଅପଯଶ, ଦୁର୍ଭାଗ୍ୟ, ଅବକ୍ଷୟ, କଥା କହିଛନ୍ତି ।

"ପୁଅ" - ଏଠାରେ କବି ସମାଜରେ ଚାଲିଥିବା ଭାଇ ଭାଇ ମଧ୍ୟରେ ବିବାଦ ଓ ବାପା ପୁଅ ମଧ୍ୟରେ ବିବାଦ କୁ କେନ୍ଦ୍ରୀଭୂତ କରିକବିତା ରଚନା କରିଛନ୍ତି । ନିଜ ନିଜ ସମ୍ପର୍କୀୟ ହୋଇ ମଧ୍ୟ ଜମିବାଡ଼ି ସମ୍ପତ୍ତି ପାଇଁ କିପରି ବିବାଦ ଉପୁଜିଥାଏ । ତାହା କବିତା କବି ରଚନା କରିଛନ୍ତି । ଏଠାରେ କବି ପିତା ସାଜି ପାଠକ ମାନଙ୍କୁ ପୁତ୍ର ମାନେ ଭାବି ଚେତେଇ ଦେଇଛନ୍ତି ଯେ ସମାଜରେ ବିବାଦ କରିବା କେତେ ଅଭାବନୀୟ ସ୍ୱଭାବ ହ୍ରାସ କାର୍ଯ୍ୟ ଅଟେ ।

"ବୋଉ" - ଏହି କବିତା ବହୁତ ହୃଦୟସ୍ପର୍ଶୀ । ଜନ୍ମଦାତ୍ରୀ ଙ୍କ କଥା ଏହି କବିତାରେ କୁହାଯାଇଛି । ସମସ୍ତଙ୍କ ପାଇଁ ନିଜ ଜନ୍ମଦାତ୍ରୀଙ୍କୁ ଭଲ ପାଆନ୍ତି । ଏଠାରେ କବି ମଧ୍ୟ ମାତୃତ୍ୱ କୁ ଗୁରୁତ୍ୱ ଦେଇଛନ୍ତି ଓ ସ୍ନେହ ମମତା କଥା ବର୍ଣ୍ଣନା କରିଛନ୍ତି । ମାଆ ମାନେ ନିଜ ସନ୍ତାନ କୁ ଛୋଟ ଥିବା ବେଳେ ଶ୍ୟାମ ବେଶ କରେଇ ଦିଅନ୍ତି ଓ ପକ୍ଷୀମାନେ ଘୋଡ଼ା ପିଠିରେ ବସେଇ ଦିଅନ୍ତି । କବିଙ୍କର ନିଜର ନିଜ ଜନ୍ମଦାତ୍ରୀ ଙ୍କ କଥା ମନେ ପଡ଼ିଲେ ସେ ଦୁଃଖ ପ୍ରକାଶ କରିଛନ୍ତି । ଏହି କବିତା ଅତ୍ୟନ୍ତ ହୃଦୟସ୍ପର୍ଶୀ ।

"ଟିପ ଚିହ୍ନ"- ଟିପ ଚିହ୍ନ କହିବାକୁ ଗଲେ ଏହା ଏକ ସଂକେତ ମନୁଷ୍ୟ ର ଅଜ୍ଞତା ପରିଚୟ ଦେଇଥାଏ । ସମାଜ ରେ ଶିକ୍ଷା ଗ୍ରହଣ କରି ଶିକ୍ଷିତ ହେବା ମଧ୍ୟ ଆବଶ୍ୟକ । ଯିଏ ଶିକ୍ଷିତ ରୁ ବଞ୍ଚିତ ସେ ଟିପ ଚିହ୍ନ ର ବ୍ୟବହାର କରି ନିଜର ପରିଚୟ ଦେଇଥାଏ । ସାଧାରଣତଃ ବର୍ତ୍ତମାନ ସମୟରେ "ଟିପ ଚିହ୍ନ" କହିଲେ ଅଶିକ୍ଷିତ ର ସଂକେତ ବୋଲି ଧରାଯାଏ । "ଟିପ ଚିହ୍ନ" ହେଲେ ସମାଜରେ ବହୁତ କଷ୍ଟ ଭୋଗିବାକୁ ପଡ଼ିଥାଏ ଏହା କବିଙ୍କୁ ବଡ଼ ଦୁଃଖ ଲାଗିଥିଲା । ସାହୁକାର ଠାରୁ ଆଣିଥିବା ଋଣ ମଧ୍ୟ ସାହୁକାର ଗଡ଼େଇ

ISSN NO.
2582-208X

ଚାଲିଥାଏ । "ଟିପ ଚିହ୍ନ" ପାଇଁ ଆମ୍ବ ଟାକୁଆ ର ଖରାପ ଗୁଣ ନ ଜାଣି ଭକ୍ଷଣ ପାଇଁ "ଦାଦି" ମୃତ୍ୟୁ ବରଣ କରିଛନ୍ତି ଜ୍ଞାନ ଅଭାବ ରୁ ବୋଉ ମଧ୍ୟ ମ୍ୟାଲେରିଆ ରେ ମୃତ୍ୟୁବରଣ କରିଛନ୍ତି ବୋଲି କବି କବିତାରେ ପ୍ରକାଶ କରିଛନ୍ତି । ଗୁଣି ଗାରେଡ଼ି ସନ୍ଦେହ ଜନକ ମୃତ୍ୟୁବରଣ ମଧ୍ୟ ଟିପ ଚିହ୍ନ ପାଇଁ କିନ୍ତୁ ବର୍ତ୍ତମାନ ସେହି ହାତ ଟିପ ଚିହ୍ନ ହେଲେ ମଧ୍ୟ ଏଥର ହାତ ଯାଇ ତାଇ ନୁହେଁ ବୋଲି କବି କହିଛନ୍ତି ।

"ପକ୍ଷୀ" "ପକ୍ଷୀଗୀତ" "ପକ୍ଷୀ ଜନ୍ମ" "ପକ୍ଷୀ ର ଜୀବନ" "ପକ୍ଷୀ ଗାଏ" "ଜଣାଣ" "ମରୁଡ଼ି" "ମରିବା ଚାଲ" ଇତ୍ୟାଦି । ପଶୁ ଅପେକ୍ଷା ପକ୍ଷୀ ଟିଏ ହେବା ଭାଗ୍ୟର ବିଷୟ । ପକ୍ଷୀଟି ତାର ଡେଣାର ସାହାଯ୍ୟ ରେ ସମଗ୍ର ସ୍ଥାନ ଉଡ଼ିବୁଲେ ଯେଉଁ ଆଡ଼େ ଇଚ୍ଛା ସେଇ ଆଡ଼େ ଉଡ଼ି ବୁଲେ ପକ୍ଷୀ ର କଣ୍ଠସ୍ୱର ପ୍ରକୃତି କୁ ନିଜର ଉପସ୍ଥିତି ଜାହିର କରେ । ପକ୍ଷୀ ର ସୁମଧୁର କଣ୍ଠ ଚିଁ ଚିଁ ରାବ ହୃଦୟ କୁ ବିମୋହିତ କରେ । ଭୋର ରେ ପକ୍ଷୀ କଣ୍ଠରାବ ଟି ଗୀତ ଭଳି ଲାଗେ । କବି ନିଜକୁ ପକ୍ଷୀ ହେବାକୁ ଚାହିଁଛନ୍ତି । ପକ୍ଷୀ ଜୀବନ ର ସୁଖ କବିଙ୍କୁ ବିମୋହିତ କରୁଛି । ପକ୍ଷୀ ଜନ୍ମ ପାଇବା ପାଇଁ କବି ଜଣାଣ କରୁଛନ୍ତି । ପକ୍ଷୀ ଜୀବନକୁ ଅନୁସରଣ କରିବା ପାଇଁ କବିଙ୍କ ବାପା କହିଛନ୍ତି । ଗୀତ ଗାଇବା ର ସ୍ୱର କୁ ମନେ ରଖିବାକୁ କହିଛନ୍ତି । ଗଛ ଡାଳ ଠାରୁ ସିଡ଼ି ସିଂହାସନ କଥା କହିଛନ୍ତି । ପକ୍ଷୀଟିଏ ନିଜ ବସା ତିଆରି କରିଥାଏ । ସେହିପରି ମଣିଷ ମଧ୍ୟ ନିଜ ଘର ନିଜେ କରିବା ଉଚିତ । କବି ପ୍ରଭୁ ଙ୍କୁ ଜଣାଣ କରିଛନ୍ତି ଯେ ସେ ପକ୍ଷୀ ଜନ୍ମ ପାଇବାକୁ ଚାହିଁଛନ୍ତି । ସିଂହାସନ ଠାରୁ ଉଚ୍ଚ ଏଠାରେ ଡାଳ କୁ କବି କହିଛନ୍ତି । କବି ଆର ଜନ୍ମ କୁ ପକ୍ଷୀ ଜନ୍ମ ପାଇବାକୁ ଚାହିଁଛନ୍ତି । "ପକ୍ଷୀ ଗାଏ" କବିତାରେ କବି ପକ୍ଷୀର ଗୀତ କଣ୍ଠରେ ରହୁ ବୋଲି କବି ଚାହିଁଛନ୍ତି ପକ୍ଷୀ ର ଗୁଣ କୁ ଆପଣେଇ ନିଜ କଣ୍ଠରୁ ସଦାସର୍ବଦା ସତ୍ୟ ସତ୍ୟ ଗାନ ଗାଇବା ପାଇଁ କବି ଚାହିଁଛନ୍ତି ।

"ମହାଝଡ଼" – ଜଗତସିଂହପୁର ଜିଲ୍ଲା ଏକ ବାତ୍ୟା ଝଡ଼ ପ୍ରବଣ ଅଞ୍ଚଳ ଟିଏ । "ମହାଝଡ଼" ନାମକରଣ ରୁ ଜଣାଯାଇଛି ଯେ ଝଡ଼ବତାସ ଯାଇଁ ଗଛ, ବୃକ୍ଷ, ଧାନକ୍ଷେତ, ମୁଗବିଲ, ଶୋରିଷ କିଆରୀ, କନିସିରି ହୁଡ଼ା, ସଜନା ଡାହି, କୋଶଳା ଶାଗ ଏସବୁ "ମହାଝଡ଼" ର ଶିକାର ହୋଇଛନ୍ତି । ସବୁଥର ଝଡ଼ ପରି ଏଥର ବି ମହାଝଡ଼ ସବୁକିଛି ଉଜାଡ଼ି ଦେଇଛି । ପୂର୍ବ ପରି ସବୁକିଛି ଉଜାଡ଼ି ଦେଇଛି ଏହି ମହାଝଡ଼ । ଝଡ଼ ର ପ୍ରତାରଣା ସମସ୍ତ ଙ୍କୁ ଅଥୟ କରିପକାଏ । ଗରିବ ର ସମସ୍ତ ପୁଞ୍ଜି ଝାଳ ଲହୁ ଶ୍ରମ ଲଗେଇଥିବା ବିଲ ବାରି ଉଜାଡ଼ି ଦିଏ

ISSN NO.
2582-208X

କ୍ଷଣିକ ରେ ଝଡ଼ । ଏହି ଝଡ଼ କବିଙ୍କ ପରିବାର ମଧ୍ୟ ଭୋଗ କରିଛନ୍ତି । ସାତତାଳ ପଙ୍କ ତଳୁ ଉଠି ଆସିଥିବା ପଦ୍ମନାଡ଼ ସହିତ ବୋଉ ର ଟାଣପଣ ହୃଦୟ, ଲୁହ ବାପାଙ୍କ ସାହସ ମଧ୍ୟ । ମହାଝଡ଼ ସବୁକିଛି ଛଡେଇ ନେଇଛି କିନ୍ତୁ ଅଳ୍ପ ଦିନରେ ସବୁ କିଛି ଧରିତ୍ରୀ ଫେରେଇ ଦେବ ବୋଲି କବି ଆଶା ବାନ୍ଧିଛନ୍ତି ।

"ଓଃ ଏରସମା !" ଏହି କବିତାର ନାମକରଣ ରୁ ଯଥେଷ୍ଟ ସ୍ପଷ୍ଟ ଯେ ଏହି କବିତା ଜଗତସିଂହପୁର ଜିଲ୍ଲା ସ୍ଥିତ ଏକ ଅଞ୍ଚଳ ଏରସମା କୁ ନେଇ ବର୍ଣ୍ଣନା କରାଯାଇଛି । ଏରସମା ଏକ ଏପରି ଅଞ୍ଚଳ ଯାହାକି ସଦାସର୍ବଦା ବାତ୍ୟା ଝଡ଼ ବନ୍ୟା ବିପନ୍ନ ଅଞ୍ଚଳ, ଏହି ସ୍ଥାନରେ ସଦା ସର୍ବଦା ବାତ୍ୟା ବନ୍ୟାର ଶିକାର ହୋଇଥାଏ । ଦରଦୀ କବି ପିତାମ୍ବର ତରାଇ ଏରସମା ଅଞ୍ଚଳ ଉପରେ କବିତା ରଚନା କରିଛନ୍ତି । ବର୍ଷା ଝଡ଼ ର ପ୍ରତାରଣା ରେ ଏରସମା ଅଞ୍ଚଳ ନଷ୍ଟ ଭ୍ରଷ୍ଟ ହୋଇଛି । ଏହି କବିତାରେ ଏରସମା ଅଞ୍ଚଳ ର ଦୁଃଖ ବର୍ଣ୍ଣନା କରିଛନ୍ତି କବି । ଅଦିନ ଆଘାତ, କାଦୁଅ, ପଙ୍କ, ପାଣି, ସମୁଦ୍ର, ଜୁଆର, ଲୁଣା ବାଲି, ସର ସର ଘର ଡ଼ିହ ଓ ବିଲ ବାଡ଼ିପାଣି ମାଡ଼ିଯାଇଥିବା ବର୍ଣ୍ଣନା କବିତାରେ ରହିଛି । 1999 ମସିହାରେ ହୋଇଥିବା ମହାଝଡ଼ ରେ ଏରସମା ବହୁ କ୍ଷତିଗ୍ରସ୍ତ ହୋଇଥିଲା । ସବୁକିଛି କ୍ଷତି ଭରଣ ହୋଇସାରିଲାଣି କିନ୍ତୁ ମନରେ ଯେଉଁ ମହାଝଡ଼ ର ଦାଗ ଟି ରହିଯାଇଛି ତାହା ଜଗତସିଂହପୁର ଅଞ୍ଚଳବାସୀ ଙ୍କ ମନରୁ ଲିଭିପାରୁନାହିଁ ।

"ଗୋରୁ" -ଏହି କବିତାରେ ଦଳିତ ଚେତନା ର ପ୍ରଭାବ ପଡ଼ିଛି । ଗୋଟିଏ ଗରିବ ଲୋକ ର କାହାଣୀ କୁ ନେଇ କବିତା ପର୍ଯ୍ୟବେସିତ । କବିତାର ବିଷୟବସ୍ତୁ ଦେଖିବାକୁ ଗଲେ ଗୋଟିଏ ଗରିବ ଲୋକ ପାଖରେ ସମ୍ପତ୍ତି କହିବାକୁ ଗଲେ ଗୋଟିଏ ଘର ଗୋଟିଏ ଗାଇ ଓ ଗୋଟିଏ ଫଳନ୍ତି ଗଛ ଏତିକି ଜିନିଷ ହିଁ ଗରିବ ଲୋକଟି ପାଇଁ ବହୁତ କିଛି ହୋଇଥାଏ । ଏହି କବିତାରେ ପିତାମ୍ବର ତରାଇ ବର୍ଣ୍ଣନା କରିଛନ୍ତି ଯେ ଗୋଟିଏ ଗରିବ ଜଣକ ଗୋରୁ ପାଳନ କରେ ଖଟାଏ ଗାଇ ବୁଢ଼ା ହେଲେ ବିକ୍ରି କରେ ଟଙ୍କା ପାଇଥାଏ ସେହି ଟଙ୍କାରେ ସନ୍ଧ୍ୟାରେ ଚାଉଳ କିଣାକିଣି କରେ ଓ ଅଭାବୀ ଲୋକଟି ଅତ୍ୟାବଶ୍ୟକ ଜିନିଷ କିଣା କିଣି କରେ ଓ ରାତିରେ ଖାଦ୍ୟ ଖାଇଲାବେଳେ ଦିନସାରା ର କଷ୍ଟ ଦୁଃଖ ଅଶ୍ରୁ ଭାବେ ଆଖିବାଟେ ନିଗିଡ଼ି ପଡ଼େ । ଏହି ଘଟଣା ଗୋଟିଏ ଗରିବ ସବୁବେଳେ ଭୋଗ କରେ ଗରିବ ହେବା ଏତେ ସହଜ କଥା ନୁହେଁ ତାହା ଏଥିରେ ବର୍ଣ୍ଣିତ । ଗରିବ ଟିଏ ପ୍ରତିଦିନ କେତେ କଷ୍ଟ କରେ ତାହା ମଧ୍ୟ ଏହି କବିତାରେ ବର୍ଣ୍ଣିତ । ସମାଜରେ ସାମନ୍ତବାଦୀ ଲୋକମାନେ ଦଳିତ

ISSN NO.
2582-208X

ମାନଙ୍କ ଉପରେ ସଦାସର୍ବଦା ଜୋର ଜବରଦସ୍ତ କରିଥାନ୍ତି । ସମାନ୍ତବାଦୀ ଲୋକମାନେ ବିଳାସ ରେ ସଦାବେଳେ ବୁଡ଼ି ରହିଥାନ୍ତି ନିଜର ସଉକ ପୂରଣ କରିବା ପାଇଁ ସେମାନେ ଦଳିତ କୁ ବ୍ୟବହାର କରିଥାନ୍ତି ।

"ଭିଜିନାହିଁ ବାରବର୍ଷ" - ଏହି କବିତା ଏକ ପ୍ରକୃତି ଉପରେ ପର୍ଯ୍ୟବେସିତ । ପ୍ରକୃତି ମଧ୍ୟରେ ସୌନ୍ଦର୍ଯ୍ୟ ଭରପୁର ହୋଇ ରହିଥାଏ । କବି ପିତାମ୍ବର ତରାଇ ଏହି କବିତାରେ ଗ୍ରାମୀଣ ପ୍ରତିଛବି ସବୁ ଶବ୍ଦ ମାଧ୍ୟମରେ ଅଙ୍କନ କରିଛନ୍ତି । କବିତା ପାଠ କରିବା ମାତ୍ରେ ଗ୍ରାମୀଣ ପରିବେଶ ଆଖି ଆଗରେ ନାଚି ଉଠୁଛି । ଧାନକ୍ଷେତ, ଗାଇଆଳ ଗୀତ, ଜହ୍ନରାତି, ଗାଁ ଦାଣ୍ଡ, ଧୂଳି ଘର, ପିଲାଦିନ, କାଶ ତଣ୍ଡି, ଜୁଇ ଆଉ ମଲ୍ଲୀ ବଣ, କଙ୍କି, ପ୍ରଜାପତି, ପଦ୍ମ ପୋଖରୀ ଇତ୍ୟାଦି । ଏକ ନୂତନ ସୁର୍ଯ୍ୟୋଦୟ ର ସବୁଜ ସମ୍ଭାବନା ରେ କାବ୍ୟପ୍ରାଣ ଶିଳ୍ପୀ,ଭୋକ, ଭୟ, ନର୍କ ଓ ନୃଶଂସ ର ବନ୍ଧ୍ୟା ମାଟିରେ ପୁଣିଥରେ ଗାଇଛନ୍ତି କାଳ ଓ କାଳନ୍ତର କୁ ଅତିକ୍ରମ କରି ମାନବୀୟ ପ୍ରଣୟ ର ପାବନୀ ସଙ୍ଗୀତ । ବାରୁଦ ଓ ବୋମାର ଗନ୍ଧ ଭିତରେ ପ୍ରିୟତମା ର ପ୍ରଗାଢ଼ ଆଶ୍ଲେଷ ଘେନି ସେ ସ୍ୱପ୍ନ ଦେଖିଛନ୍ତି ପତ୍ର ଛଡ଼ା ପୃଥିବୀ ରେ ଫୁଲ ଆଉ ଫଳ ଙ୍କର ହସ ।

ପରିଶେଷରେ ସମସ୍ତ କବିତା ପାଠ କରିବା ପରେ କବିଙ୍କର ପ୍ରତ୍ୟେକ କବିତା ମଧ୍ୟରେ ଏକ ପ୍ରକାର ର ଚିତ୍କାର ର ସ୍ୱର ରହିଛି । ସେହି ଚିତ୍କାର ଟି ସମାଜରେ ଅବହେଳିତ ଅନୁନ୍ନତ ସମ୍ପ୍ରଦାୟ ଦିଗ ପ୍ରତି ସ୍ୱର ଉତ୍ତୋଳନ କରିଛନ୍ତି କବି ପିତାମ୍ବର ତରାଇ । ପ୍ରତ୍ୟେକ କବିତା ମଧ୍ୟରେ ଚରିତ୍ର ଭୂମିକା ରେ ନିଜେ କବି ଓ ନିଜର ସ୍ମୃତି ହେଉଛି କବିତାର ବିଷୟବସ୍ତୁ । ଅନେକାଂଶ ସତ୍ୟ ଆଧାରିତ ଓ ପ୍ରକୃତି ଚିତ୍ରଣ କୁ ନେଇ କବିତା ସରଳ ଶବ୍ଦ ଗଠନ ର ବର୍ଣ୍ଣନା ଓ ହୃଦୟ ର ଭାବ କୁ ବ୍ୟକ୍ତ କରିବାରେ ସଫଳ ସୃଷ୍ଟିକର୍ତ୍ତା ଭାବେ ପରିଚିତ କବି ପିତାମ୍ବର ତରାଇ । କବି ଯେ କେବଳ ଏକମୁଖୀ ହୋଇ କବିତା ରଚନା କରିଛନ୍ତି ତାହା କହିବା ବି ଆଦୌ ଉଚିତ ହେବନାହିଁ । ଜୀବନ ର ମୂଲ୍ୟବୋଧ ପ୍ରେମ ପ୍ରଣୟ ର କବିତା ଗ୍ରନ୍ଥ ହେଉଛି ତାଙ୍କର ଅନ୍ୟତମ ସୃଷ୍ଟି "ତରାଇ ସଇରାତ" । ଏହି ଗ୍ରନ୍ଥ ରେ ବ୍ୟକ୍ତି କୈନ୍ଦ୍ରିକତା ହେଉଛି ମୁଖ୍ୟ । କବି ପିତାମ୍ବର ତରାଇ ସାହିତ୍ୟ ରଚନା ରେ ନିଜର ସ୍ୱତନ୍ତ୍ରତା ସୃଷ୍ଟି କରିପାରିଛନ୍ତି ।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ -

ତରାଇ, ପିତାମ୍ବର, "ଅଭାଜନ", ପ୍ରଥମ ପ୍ରକାଶ - 2010

ତରାଇ, ପିତାମ୍ବର, "ରାଗ ରୁଦ୍ରକ୍ଷରୀ", ପ୍ରଥମ ପ୍ରକାଶ - ପାରାଦ୍ୱୀପ ପୁସ୍ତକମେଳା - 2003

ତରାଇ, ପିତାମ୍ବର, "ଚିରା ଚଇତର ଚିଠା", ପ୍ରଥମ ପ୍ରକାଶ -2001

ତରାଇ, ପିତାମ୍ବର, "ଶୁଦ୍ରକର ଶ୍ଳୋକ", ପାଦଟୀକା ପ୍ରକାଶନ - 2001

ତରାଇ, ପିତାମ୍ବର, "ଜଣେ ଅଶଉଚ ଲୋକ" - ପ୍ରଥମ ପ୍ରକାଶ - 2017

ସିଂହ, ଡଃ ବିଜୟାନନ୍ଦ, ଶବ୍ଦ ଶାମୁକାରେ ସାତ ସମୁଦ୍ର - ଅକ୍ଷର ପ୍ରକାଶକ - ପ୍ରଥମ ସଂସ୍କରଣ -2016

ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ISSN NO.
2582-208X

# ଦୁଇଟି ମିନି କବିତା



ଡ. ଜ୍ଞାନେଶ୍ୱର ମିଶ୍ର

(୧) ଏକପଦୀ

ଦିନସାରା ଦୋକାନରେ ବସି
ଶହ ଶହ ତାଲା ସେ ବିକିଛି
ରାତିରେ ତା ଦୋକାନର ତାଲା ଭାଙ୍ଗି
ଚୋର ସବୁ ଲୁଟି ଏଇଛି ।

(୨) ସମୟ

ଆସନ୍ତା କାଲିର କଲମରେ
ଗତକାଲିର କାଜଗରେ
ଜୀବନ କାହାଣୀ ଆଜିର ଦିନରେ
ବଳିଷ୍ଠ ଲେଖକ କେବଳ
ସମୟ ହିଁ ଲେଖିପାରେ ।

ମୋ: ୮୪୨୦୨୪୨୭୫୫

ISSN NO.
2582-208X

# ବିହଙ୍ଗିନି



ସତ୍ୟନାରାୟଣ ମିଶ୍ର

ଭିଣୋଇ କହିଲେ ଶଳା ରେ ତୁ ପରା
ଯାଇଥିଲୁ କାଇଁ କନିଆଁ ଦେଖି
ପସନ୍ଦ ହେଲା କି ନା ହେଲା ତୋହର
ଦେଖିବାକୁ ସିଏ କେମିତି ??
ଭାବ ଗଦ ଗଦ ଶାଳକ କହୁଛି
କି କହିବି ଭାଇ ତା ରୂପ ଗୁଣ
ସର୍ବ ସୁଲକ୍ଷଣା ଗୁଣ ସମ୍ପର୍ଣ ସେ
ଝିଅ ବିଷୟରେ କହୁଛି ଶୁଣ ।
ମରାଳ ଗମନା ଚାଲଇ ଯେମିତି
ରାଜହଂସୀ ଚାଲେ ଢଳି ଢଳି
ପିକ ଭାଷିନି ସେ କଥା କହୁଥିଲେ
ରାବଇ କି ସତେ ରାଣୀ କୋଇଲି ।
ଶୁକ ଓଷ୍ଠିନି ତା ଓଠ ଦେଖିବାକୁ
ଶୁଆ ଥଂଟ ପରି ନାଲି
ପାଟ ପତନି ତା ମୟୁର ଚନ୍ଦ୍ରିକା
କରୁଥାଏ ଝିଲିମିଲି ।
ସୁବର୍ଣ ବରନା ଦେହରଙ୍ଗ ତାର
ହଳଦୀ ବସନ୍ତ ଭଳିଆ

ISSN NO.
2582-208X

କଜଳ ପାତି ଠୁଁ ଆହୁରି କଳା
କେଶ ଗୁଚ୍ଛ କୁଂଚୁ କୁଞ୍ଚିଆ ।
ବଗୁଲିରାଣୀ ସେ ମଉନା ବତୀ
ବସୁଥାଏ ଟିକେ ଚୁପ୍ ଚାପ୍
ଭାରି ଚତୁରୀ ସେ କାକ ପକ୍ଷୀ ଭଳି
ବଡ଼ ବୁଦ୍ଧିମତୀ ଚାଲାକ୍ ।
ଦୂରଦୃଷ୍ଟି ତାର ବାଇ ଚଢେଇ ଠୁଁ
ଆହୁରି ଅଧିକ ଟିକିଏ
କୁକୁଟ ଭଳି ସେ ସଅଳ ଉଠି କି
ଘରେ ସମସ୍ତଙ୍କୁ ଉଠାଏ ।
ଆଖି ଦୁଇ ତାର ପକ୍ଷୀଙ୍କ ଭଳିଆ
ଦିଶୁଥାଇ ସିନା ଗୋଲ୍ ଗୋଲ୍
ସୁନା ଚଢେଇ ମୋ ରୁପା ଚଢେଇ
ଅନମୋଲ୍ ଭାଇ ଅନମୋଲ୍ ।

ସିନ୍ଧେକେଲ୍ ବଲାଙ୍ଗୀର
ମୋ: 9583605915

ISSN NO.
2582-208X

# ବୋଉ



ଅଧ୍ୟାପକ ପ୍ରଦୀପ୍ତ  କୁମାର ଦାସ

ବୋଉ ! ଦୁଇଟି ଅକ୍ଷରର ପବିତ୍ର ସାମ୍ବୋଧନ ଟିଏ
ତା'ରି ଭିତରେ ଧରିତ୍ରୀର ସହନୀୟତା/
ତା' ରି ପାଖରେ ଆକାଶର ମହନୀୟତା,
ସବୁ ସ୍ନେହର ସେ ସାଗର...ସବୁ ଭଲପାଇବାର ଗନ୍ତାଘର,
ସବୁଠୁ ସେ ମହିୟସୀ... ସବୁଠୁ ସେ ଗରୀୟସୀ
ସଭିଙ୍କ ପାଇଁ ସେ ଅମୃତର ସ୍ୱାକ୍ଷର
ଧରାଧାମେ ତା ଅସ୍ତିତ୍ୱ ଅଟଇ ଅମର ।
ସେ ଢାଳିଦିଏ ତୁଣ୍ଡରେ ପୀୟୂଷ,
ମୁଣ୍ଡରେ ଆଶିଷ /ମନରେ ବିଶ୍ୱାସ...
ତା ହସରେ ପଲ୍ଲବି ଯାଏ  ମୃତ ପ୍ରାଣ
ତା ପ୍ରେମରେ ଉଲ୍ଲସି ଉଠେ ତନୁମନ
ତା ସ୍ପର୍ଶରେ ଭରିଯାଏ ଚନ୍ଦ୍ରମାର ଜ୍ୟୋତ୍ସ୍ନା
କୋଳରେ ହଜିଯାଏ ସବୁକିଛି କ୍ଲାନ୍ତି ଓ ନିରାଶା ।
ତା ହୃଦରେ ହିମାଦ୍ରୀର ପ୍ରତିଜ୍ଞା
ତା ଆକର୍ଷଣର ବଞ୍ଚିବାର ରାହା...
ସେହି ଏକା ଦୁନିଆଁରେ ସଭିଙ୍କର ସାହା,

ISSN NO.
2582-208X

ତା ଋଣକୁ ପାରେନାଁ କେ ଶୁଝି/
ତା ମନକୁ ପାରେନାଁ କେ ବୁଝି ।
ସଭିଙ୍କର ଆଗ ଡ଼ାକ "ବୋଉ"...
ସେ ଆଶାର ବୈତରଣୀ /
ସେ ପୁଣ୍ୟତୋୟା ଜାହ୍ନବୀ
ସେ ସ୍ନେହମୟୀ, ପ୍ରେମମୟୀ, କୃପାମୟୀ...
ସେ ସବୁକିଛି...
ତା ପାଖରେ ନଥାଏ ଛୋଟ ବଡ଼ର ବିଚାର
ତା ପାଖରେ ନଥାଏ ପ୍ରଭେଦର ପ୍ରାଚୀର...
ସବୁଠୁ ଉଦାର ତା'ର ମନ/ସବୁଠୁ ମହାନ ତା'ର ପ୍ରାଣ
ସଭିଙ୍କର ଅଟଇ ସେ ଜୀବର ଜୀବନ ।

କଣ୍ଟାବଣିଆ, ଯାଜପୁର
ମୋ-୯୪୩୭୮୫୪୧୭୫

ISSN NO.
2582-208X

# ଆସୁଥିବ ମୁହୂର୍ତ୍ତକ ପାଇଁ



ପ୍ରଣତୀ ରଥ

ମନକୁ ସ୍ତବ୍ଧ କରି ବିଶ୍ୱାସକୁ ବାନ୍ଧି
ନିରୋଳା ଜାଗାରେ କିଛି କ୍ଷଣ
ନିଜ ଭିତରେ କେଇପଦ କଥାହୁଏ,
ଭୁଲ୍ ଭାବିବନି
ସେ ଭିତରେ ମୁଁ ତମକୁ ବି ଗୁନ୍ଥି ଦେଇଥାଏ।

ତୁମର ଅନୁପସ୍ଥିତିତାକୁ
ମୋ ଡାହାଣ ପାର୍ଶ୍ୱ ବାହୁ ତୁମ ବାମ
ପାର୍ଶ୍ୱ ବାହୁରେ ଥୋଇ ବେଳେ ବେଳେ ମୁଣ୍ଡ ଲଗାଇ
ଆଖି ବୁଜି ଦେଉଥାଏ।
ତୁମରି ଆଲିଙ୍ଗନ ଓ ମଧୁଭରା ପ୍ରୀତି ଆଢୁଆଳରେ
କିଛିକ୍ଷଣ ହଜିଯାଇଥାଏ।

ମଳୟର ମୃଦୁ ସଂଚରଣରେ ମୋ ଛାତି
ଥରିଉଠେ,
ଅଭୁଲା ସ୍ମୃତିର ସେ ରୋମାଞ୍ଚକ ସ୍ପର୍ଶ

ISSN NO.
2582-208X

ହଜିଯାଏ କ୍ଷଣକ ପାଇଁ ମୁଁ
ସେହି ମୁହୂର୍ତ୍ତରେ,
କିଛିକ୍ଷଣରେ ଯେତେବେଳେ
ଚେତନାକୁ ଫେରି ଆସେ
ତୁମର ଅନୁପସ୍ଥିତି ମୋତେ
ବହୁତ ମର୍ମାହତ କରିଥାଏ।

ଆଖିର ଏ ଅଜସ୍ର ନିର୍ଝରିଣିକୁ
ଥମାଇ ହୁଏନି।
ଏ ବହେ, ଆହୁରି ଜୋରରେ ବହୁଥାଏ।
ପୁଣି ସ୍ମୃତି ପଟଳରେ ଠନ୍ ଠନ୍ ବାଜିଉଠେ
ତୁମେ ଦେଇଥିବା ସାନ୍ତ୍ୱନାର ବାର୍ତ୍ତା
ଥମାଇ ଦେଇଥିବା ମୋ ହାତରେ
ଏ ପରିବାରର ଦାୟିତ୍ୱ
ତା ପରେ ନିଜକୁ ବାନ୍ଧିଦିଏ
ଅଜସ୍ର ସିଂହର ବଳରେ।

ବାସ୍ କିଛି ମୁହୂର୍ତ୍ତକ ପାଇଁ
ଏମିତି ଚାଲି ଆସୁଥାଅ
ମୋ ଜୀବନର ଗୋଟିଏ ଗୋଟିଏ ମୁହୂର୍ତ୍ତରେ।
ଯାହାକୁ ନେଇ ବଞ୍ଚିଜିବି
ଏ ନିଶ୍ୱାସ ଟିକକ ଥିବାଯାଏ।

ରାଉରକେଲା, ସୁନ୍ଦରଗଡ

ISSN NO.
2582-208X

# ବିଛିନ୍ନାଞ୍ଚଳ ସିଂହଭୂମିର ଓଡ଼ିଆ କାନ୍ଦଣାଗୀତର ସ୍ୱରୂପ



ପ୍ରଫେସର ହରିହର ପ୍ରଧାନ

ସିଂହଭୂମି ସମେତ ସମସ୍ତ ଦିଗନ୍ତର ବିଚ୍ଛିନ୍ନାଞ୍ଚଳ ଗୁଡିକର ଓଡ଼ିଆ ଲୋକ ସାହିତ୍ୟ ଭାବ ଦୃଷ୍ଟିରୁ ଉତ୍କଳୀୟ ହେଲେ ମଧ୍ୟ ସଂପ୍ରତି ଭାଷା ଓ ଧ୍ୱନି ସଂଭାର ବହୁଭାବରେ ମିଶ୍ରିତ ହୋଇସାରିଲାଣି। ଅନେକ ଲୋକଗଳ୍ପ ଓ ଲୋକଗୀତ ଆବେଦନ ଦିଗରୁ ମଧ୍ୟ ଦ୍ୱିପାକ୍ଷିକ କିମ୍ବା ବହୁପାକ୍ଷିକ ହୋଇସାରିଲାଣି। ଦକ୍ଷିଣାଞ୍ଚଳରେ ତାହା ତେଲୁଗୁ ପ୍ରଭାବିତ ଓ ଉତ୍ତରପୂର୍ବ ଓଡ଼ିଶାରେ ବଂଗଳା ପ୍ରଭାବିତ ହୋଇଥିବା ବେଳେ ପଶ୍ଚିମାଞ୍ଚଳ ଓ ଉତ୍ତର ପଶ୍ଚିମାଞ୍ଚଳରେ ହିନ୍ଦୀ ପ୍ରଭାବିତ ହୋଇ ସାରିଲାଣି। ପୁଣି ଧ୍ୱନିବିଜ୍ଞାନ ଦିଗରୁ କେବଳ ହିନ୍ଦୀ ବା ତେଲେଗୁ ବା ବଙ୍ଗଲା ନୁହେଁ, ସେହି ଅଂଚଳର ଆଦିବାସୀଙ୍କ କଥିତ ଭାଷାର ଉଚ୍ଚାରଣ ଭଂଗୀ ମଧ୍ୟ ଅସୀମ ପ୍ରଭାବ ବିସ୍ତାର କରିଥାଏ । ସିଂହଭୂମିର କାନ୍ଦଣାଗୀତ ଗୁଡ଼ିକ ଠିକ ସେହିକ୍ରମରେ କେବଳମାତ୍ର ହିନ୍ଦୀ ବା ବଂଗଳା ପ୍ରଭାବିତ ନୁହେଁ, ବରଂ ବହୁଧାବିଭକ୍ତ ଆଦିବାସୀ ଭାଷାଗୋଷ୍ଠୀ ପ୍ରଭାବିତ ମଧ୍ୟ। ଅନ୍ୟ ଭାଷା ଦ୍ୱାରା ପ୍ରଭାବିତ ହେବା ଭାଷା ଓ ଧ୍ୱନି ପରିବର୍ତ୍ତନର ଏକ ସ୍ୱାଭାବିକ ଗୁଣ। ଏବଂ ଏହିଗୁଣ କୌଣସି ଗୋଟିଏ ଭାଷାର ନୁହେଁ, ଅଳ୍ପ ବହୁତ ପୃଥିବୀର ସମସ୍ତ ଭାଷାର। ସେହି ମର୍ମରେ ଏହା ଓଡ଼ିଆ ଭାଷାରେ ମଧ୍ୟ ଦେଖାଯାଏ। ତେବେ ଭାଷାର ଏହି ପରିବର୍ତ୍ତନ ଏହାର ଗୁଣାତ୍ମକ ପରିପ୍ରକାଶ କ୍ଷେତ୍ରରେ ବାଧକ ନୁହେଁ,ବରଂ ଭିନ୍ନ ଦିଗରୁ ଦେଖିବାକୁଗଲେ ଏହା ଭାଷାର ଅଭିବର୍ଦ୍ଧିତ ଓ ବୈଚିତ୍ର୍ୟମୟ ରୂପ ପରିବେଷଣର ସହାୟକ ବୋଲି କୁହାଯାଇପାରେ। ଏହି ନିବନ୍ଧରେ ବିଛିନ୍ନାଞ୍ଚଳ ସିଂହଭୂମିର ଓଡ଼ିଆ କାନ୍ଦଣାଗୀତ ଗୁଡ଼ିକରେ ଦେଖା/ଶୁଣାଯାଉଥିବା ଭାଷା ଓ ଶବ୍ଦ ବୈଚିତ୍ରର ସମ୍ୟକ ସୂଚନା କରାଯାଇଛି।

ISSN NO.
2582-208X

କାନ୍ଦଣାଗୀତ ସାଧାରଣତଃ ଦୁଇଟି ଅବସରରେ ଶୁଣାଯାଇଥାଏ, ପ୍ରଥମତଃ ବିବାହ ଓ କନ୍ୟାବିଦାୟ କାଳରେ ଏବଂ ଦ୍ୱିତୀୟତଃ କୌଣସି ପ୍ରିୟଜନର ମୃତ୍ୟୁଜନିତ ବିଚ୍ଛେଦବେଳାରେ । ଏବଂ ଉଭୟବେଳାରେ ବେଶିଭାଗ ନାରୀମାନଙ୍କ କାନ୍ଦଣାହିଁ ଶୁଣାଯାଇଥାଏ । ଏହି ଆଲୋଚନାରେ ଆମେ ପ୍ରଥମେ ଉଭୟ ଉପଲକ୍ଷର କେତେଗୁଡ଼ିଏ କାନ୍ଦଣାଗୀତ ଶୁଣିବା/ପଢିବା, ତାପରେ ତାର ଭାଷାବୈଚିତ୍ର୍ୟ ସଂପର୍କିତ ଆଲୋଚନା କରିବା।

ବିବାହପରେ ନବବଧୂର ବିଦାୟକାଳୀନ କାନ୍ଦଣାଗୀତ –

ମାଆଙ୍କୁ ସଂବୋଧନକରି –

– "ଦୁଆର ଆଗରେ ଦୁଧଗିଲାସ ମା ଗୋ
ମା ଗର୍ଭଧାରୀ ନଦଶ ମାସ ମା ଗୋ
କି ଦୋଷଦେଖିଲ ଇନା ମୋହର ମା ଗୋ
ମୋକେ ଠେଲିଦେଲ ନଦୀସେପାର ମା ଗୋ
କାହୁଁ ଅଇଲା ମୋ ନଗନ ହାଣ୍ଡି ମା ଗୋ
ଭାଂଗିଗଲା ମୋର ରେଶମ ଚୁଡି ମା ଗୋ"

ବାପାଙ୍କୁ ସଂବୋଧନ କରି –

–"ବେକ ସୁତା ଖଂଡ କେରିକେ କେରି ବାବା ଗୋ
ଝିଅ ଜନ୍ମ କଲ ଯେ ପରଘରି ବାବା ଗୋ
ଗୋରୁ ବିକିଦେଲ ଗୁହାଳେ ବସି ବାବା ଗୋ
ଝିଅ ବିକିଦେଲ ସଭାରେ ବସି ବାବା ଗୋ
ଗୋରୁ ବିକା ଟଂକା ଘିନି ଖାଇବ ବାବା ଗୋ।
ଝିଅ ବିକାଟଂକା ସୁଦ ବଢାବ ବାବା ଗୋ"

ISSN NO.
2582-208X

ବଡଭାଇ/ ଦାଦାକୁ ସଂବୋଧନ କରି-

"ମୋକେ ଏକମୁହାଁ ଯେଭେଁ କରିବ ଦାଦା ଗୋ।
ମୋର ମାଛମୁଂଡ ପିତାଖାଇବ ଦାଦା ଗୋ
ସରିଲେ ସରିବ ପଚାଶ ଟଙ୍କା ଦାଦା ଗୋ
ନାଇଁ ସରିଯିଆ ଚାକୀରୀ ଟଙ୍କା ଦାଦା ଗୋ
ଚାକିରୀ ଟଂକାକେ ହେଂଜିବ ନାହିଁ ଦାଦା ଗୋ
ହେଂଜିଲେ ହେଂଜିବ ମାସେ ପଂଦର ଦାଦା ଗୋ
ଲୁଗା ଖଂଡେ ଦେଲେ ଛ'ମାସ ଯିତା ଦାଦା ଗୋ।
ରାଇଜ ରାଇଜ ଡାକ ପଡିତା ଦାଦା ଗୋ
ମକର ପରବ ପହଂଚିଯିବ ଦାଦା ଗୋ
ତୁମକୁ ଯେ ଅଳି କିଏ କରିବ ଦାଦା ଗୋ।"

ଭାଉଜଙ୍କୁ ସଂବୋଧନ କରି-

"ଆଳୁ ବାଇଗଣ ଚେକାକୁ ଚେକା ବୋହୂ ଗୋ
କଉଡି ଘେନି ମୋ ରହିଲା ଟେକା ବୋହୂ ଗୋ
ଗିନାର ହଳଦୀ ଗିନାରେ ଥିବ ବୋହୂ ଗୋ
ଗାଧୁଆ ଘାଟରେ ମନେ କରିବ ବୋହୂ ଗୋ
ନୂଆ ଖପରାରେ କି ଭୂଜା ଭାଜ ବୋହୂ ଗୋ।
ମୁଠେଇ ମାଗିଲେ ଝିଲିକି ଉଠ ବୋହୂ ଗୋ
ସାପ ଯେ ଶୋଇଛି ଚାରିଚଉତା ବୋହୂଗୋ।
ଇନା ଆସି ଯଦି କାମୁଡିଦେତା ବୋହୂ ଗୋ"

ଏହିଭଳି ଭାବରେ କାକା, କାକୀ, ବବା, ବଡେଇ, ଗଇଁ ଓ ସଂଗାତ ମାନଙ୍କ ଉଦ୍ଦେଶ୍ୟରେ ମଧ୍ୟ  କାନ୍ଦଣାଗୀତ ବିଦାୟକାଳୀନ ବେଳାରେ ନବବିବାହିତ।ଟିଏ ଗାଇଥାଏ।

ISSN NO.
2582-208X

ଉପର ଲିଖିତ କାନ୍ଦଣାଗୀତ ଗୁଡ଼ିକରେ ସଂବୋଧନରେ ଭାବବୈଚିତ୍ର୍ୟ ତଥା ଶବ୍ଦବୈଚିତ୍ର୍ୟ ଓ ତାର ମାର୍ମିକ ଅର୍ଥ ବୈଚିତ୍ର୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଲକ୍ଷଣୀୟ। ଭାବ ଦିଗରୁ ଦେଖିବାକୁଗଲେ, ବାପାଙ୍କୁ ଜଣେ ଗୋରୁ ବେପାରୀ ଓ ଝିଅକୁ ଏକ ନିରୀହ ବାଛୁରୀରୂପେ ଉପସ୍ଥାପନ କରିବା, ମା'କୁ, ଝିଅ ଦୋଷୀ ହୋଇଉଠୁଥିବାର ଦେଖି ହୁଏତ ଶୀଘ୍ର ବାହା କରେଇଦେଉଥିବାର ଦୋଷାରୋପ, ବାରମ୍ବାର ଉପହାର ଦେବାର ଖର୍ଚ୍ଚରୁ ବର୍ତିବାର ଉପାୟ ସ୍ୱରୂପ ଚାକିରିଆ ବଡଭାଇ (ଦାଦା) ଉପରେ ବାଳୁତ ସାନଭଉଣୀକୁ ବାହା ଦେଇଦେଉଥିବାର ଅଭିମାନପୂର୍ଣ ଦୋଷାରୋପ କିଂବା ସ୍ନେହଶୀଳ। ଭାଉଜ ସହ ଗାଧୁଆତୁଠ ଓ ଖାଇବାବେଳାର ସୁମଧୁର ସ୍ମୃତି ମଧ୍ୟ ଅତ୍ୟନ୍ତ ମର୍ମନ୍ତୁଦ। ଠିକ ସେହିପରି କାକା,କାକୀ, ଗଇଁ,ବଡେଇ ଆଦିଂକ ସହ ବିତେଇଥିବା ମୁହୂର୍ତ୍ତ ସମୂହ·ମଧ୍ୟ ଭାବପୂର୍ଣ୍ଣ ହୋଇଉଠିଥାଏ।

ବକ୍ରୋକ୍ତି ଓ ମର୍ମାର୍ଥ ବ୍ୟତୀତ ଏହି କାନ୍ଦଣାଗୀତ ଗୁଡ଼ିକରେ ଆସିଥିବା ଅନେକ ପରିବର୍ତ୍ତିତ ଶବ୍ଦସମୂହର ଗାଠନିକ ରୂପ ଓ ଶବ୍ଦର ଶବ୍ଦାର୍ଥ ସମହ ମଧ୍ୟ ଅତ୍ୟନ୍ତ ନୂତନତ୍ତ୍ୱର ଭାବ ଆଣିଥାଏ। ଉଦାହରଣ ସ୍ୱରୂପ-

ଇନା = ଏବେ/ ଏଇନା ( ସଂବଲପୁରୀ= ଇହାଦେ )
ମୋକେ = ମୋତେ/ମତେ
ଅଇଲା=ଆସିଲା ( ସମ୍ବଲପୁରୀ= ଆସ୍ଲା/ଆଏଲା )
ନଗନ= ଲଗ୍ନ ( ହିଂଦୀ/ସମ୍ବଲପୁରୀ= ଲଗନ୍ )
କେରି= ଧାରଧାର/ ଝୁମ୍ପା ଝୁମା( ସମ୍ବଲପୁରୀ= କେରାକେରା)
ଘିନି= କିଣି ( ସମ୍ବଲପୁରୀ= ଘିନି )
ସୁଦ= ସୁଧ ( ସମ୍ବଲପୁରୀ= ସୁଧ୍/ କନ୍ତର )
ଯେଭେଁ= ଯେବେ ( ସଂବଲପୁରୀ= ଯେଭେଁ)
ସରିଯିଆ = ସରିଯିବ (ସଂବଲପୁରୀ= ସରିଁଯିବାକାଏଁ)
ହେଂଜିବ= ପଶ୍ଚାତାପ ( ସମ୍ବଲପୁରୀ=ପସ୍ତେଇହେବା/ଝୁରିଁହେବା )
ଯିତା= ଯାଆନ୍ତା/ଯାଇଥାନ୍ତା ( ସଂବଲପୁରୀ= ଯାଇଥିତା )

ISSN NO.
2582-208X

ଚେକା= ଚକ/ଚକା (ସଂବଲପୁରୀ= ଚକି/ ଚକ୍ରି)
ଚଉତା= ସାଇତା (ସଂବଲପୁରୀ= ଚଉତା/ଚଉତିକରିଁ)
ଭୂଜା= ଭଜା ( ହିଂଦୀ=ଭୁଂଜା, ସମ୍ବଲପୁରୀ=ଭୂଜା,ଲିଆ)
ଖପରା=ହାଂଡି ( ସଂବଲପୁରୀ= ଉଷ୍ ନା ହାଁଡି)
ଝିଲିକି= ଚିହିଂକି ଉଠିବା (ସମ୍ବଲପୁରୀ=ଝୁଂଜଲେଇହେବା)

ଏହିପରି ଭାବରେ କେବଳ କାନ୍ଦଣାଗୀତ କାହିଁକି, ସିଂହଭୂମିର ସମସ୍ତ ପ୍ରକାର ଲୋକସାହିତ୍ୟର ଭାଷା ଓ ଲୋକସମ୍ପର୍କର ଭାଷାରେ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ଓଡ଼ିଆ ଶବ୍ଦ ଗୁଡ଼ିକର ଅର୍ଥମାଧୁରୀ ଦେଖାଯାଏ । ବିଲୁପ୍ତିର ମୁହାଣରେ ଛିଡାହୋଇଥିବା ଏହି ସାହିତ୍ୟ, ସଂଗୀତ, ନାଟକ ଓ ଶବ୍ଦ ସମୂହର ସଂରକ୍ଷଣ ନିତାନ୍ତ ଜରୁରୀ ।

___000___

ଓଡ଼ିଆ ବିଭାଗ
କୋହ୍ଲଣ ବିଶ୍ୱବିଦ୍ୟାଳୟ ସେବା,ଝାଡ଼ଖଣ୍ଡ

ISSN NO.
2582-208X

# ଶୂନ୍ୟ ହୃଦୟ



କୀର୍ତ୍ତି ଦେବୀ

ଶୂନ୍ୟ ହୃଦୟରେ ନୀରବତାର ଝଡ଼
କେହି ଦେଖି ପାରି ନାହିଁ ତାର ରୂପ
ମନୁଷ୍ୟ ଦେହଧାରୀ ଏଠି ହାରି ଯାଏ ।
ସାଂସାରିକ, ମାନସିକ, ପାରିପାର୍ଶ୍ୱିକ ଚାପରେ
ନୀରବତାର ଝଡ଼ ହୁଏ ସୁଦୃଢ଼
କରିବାକୁ ଆଉ ଶୁଣିବାକୁ ତା' ପାଖେ କେହି ନଥାନ୍ତି
ଭାବି ଭାବି ଶୂନ୍ୟ ହୃଦୟରେ
କେତେ ଯେ କୋହକୁ ଚାପି ରଖେ
ପଞ୍ଚଭୂତ ଏଠି ନିଃସ୍ୱ
ତେବେ ପଞ୍ଚପ୍ରାଣ କଥା କିଏ ଭାବେ
ଏଠାରେ ଥିବା ପ୍ରାଣେଶ୍ୱର
ସବୁ ଜାଣି ନୀରବ
ସମୟର ଗତି ଏଠି ମନ୍ଥର
ଭାବ ବିନିମୟ ପାଇଁ କେହି ନାହିଁ
ବନ୍ଧୁ ପରିଜନ ସରରେ ନିଜ କର୍ମରେ ଲିପ୍ତ
ମୁଁ ହିଁ ଏକା ମନେ ମନେ ଚିନ୍ତା କରେ ଏମାନେ ମୋ' ନିଜର
ତଥାପି ବଞ୍ଚିବି ମୋ' କର୍ମ ଫଳକୁ ଆଦରି
ଦିଅ ପ୍ରଭୁ ମତେ କୋଟି ଆୟୁଷ ।

ସିଭିଲ୍ ଟାଉନସିପ୍, ରାଉରକେଲା
ଫୋନ୍ - ୯୫୮୩୮୩୩୮୨୭

ISSN NO.
2582-208X

# ନୀରବ ବେଦନା



ଦେବାର୍ଚ୍ଚନ ମେହେର

କାହାକୁ ମୁଁ କହିବି କିଏ ବା ବୁଝିବ
ମୋର ହୃଦୟର ଯନ୍ତ୍ରଣା,
ସବୁ ହୃଦୟ ଭିତରେ ଚାପି ରଖିବାକୁ ହେବ
ମୋର ଏ ନୀରବ ବେଦନା।।

ଯାହା ପାଇଁ ଏ ଯନ୍ତ୍ରଣା ଭଗୁଛି ମୁହିଁ
ସେ ତ କେବେ ପଚାରି ବୁଝେନା,
ସବୁ ଦିନ ପାଇଁ ସେ ଯାଇଛି ଭୁଲି
ଏବେ ମୁଁ ବି ତା ପାଇଁ ଅପରିଚିତା ଅଚିହ୍ନା।।

ତା ପରି ମୁଁ ହସି ହସି
ମିଛ ଅଭିନୟ କରି ପାରେନା,
କାହିଁକି ସେ ଏପରି ମିଛ ଅଭିନୟ
କରୁଥିଲା କିଛି ବୁଝା ପଡ଼େନା।।

ଯଦି ଧୋକା ଦିଏ ଆତ୍ମୀୟ ସ୍ୱଜନ
ବିଶ୍ୱାସ କରିବା ଆଉ କାହାକୁ,

ISSN NO.
2582-208X

ନିଜ ଲୋକ ଯଦି ବିଶ୍ୱାସେ ବିଷ ଦିଏ
ତେବେ ଦୋଷ ଦେବା କି ବିଷକୁ।।

ଅନେକ ଅକୁହା କଥା କହିବାର ଇଚ୍ଛା ଅଛି
କିନ୍ତୁ କାହା ଆଗରେ ମୁଁ କହି ପାରେନା,
ତୁମ କଥା ଗୁଡ଼ାକ ମନେ ପଡୁଛି ଯେବେ
ମୋ ହୃଦୟେ ଭରିଦିଏ ଅସହ୍ୟ ଯନ୍ତ୍ରଣା ।।

ଶୟନ ପୂର୍ବରୁ ନୟନରୁ ଦି ଟୋପା ଲୁହ
ଭିଜାଇ ନିତି ଶୋଇବା ଶେଯ ରେ ସତେ,
ତୁମ ସହ ବିତାଇ ଥିବା ସ୍ମୃତି ମୋ ମନେ ପଡୁଛି ଭାରି
ଛାତିରେ ପଥର ଲଦିଛି କେତେ।

ମରି ମରି ନିତି ବଞ୍ଚିବାକୁ ହୁଏ
ସହି ସହି ସବୁ ଯନ୍ତ୍ରଣା,
ସବୁ ଦୁଃଖ ଚାପି ହସିବାକୁ ହୁଏ
ସହି ନୀରବ ବେଦନା ।।

ଗ୍ରାମ - ବାପୁଜୀନଗର, ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

ISSN NO.
2582-208X

# ପ୍ରଣୟିନୀ ନିରିମାଖି



ବେଣୁଧର ସୂତାର

ପ୍ରୀତି ପୁଲକର ଲହରି ଛନ୍ଦେ
ଚୋରା ଚଇତାଳି ମଳୟ ଗନ୍ଧେ
ଯାଦୁର ଚମକ ମାଖି
ନୟନ ତୀରେ ମୋ କୁହୁକ ଚିତ୍ର
ପ୍ରୀତି ସମ୍ମୋହନେ ଶିହରେ ଗାତ୍ର
ସପନ ଭରା ଏ ଆଖି ।।

ନୀଳ ଆକାଶର ଜ୍ୟୋସ୍ନା ଲହରି
ମଲ୍ଲୀକା ମହଲ ସୁରଭି ହରି
ବୟସୀ ଜୋଛନା ରାତି
ଉତ୍ତାଳ ମୋର ଏ ମାନସ ପଟେ
ପୁଲକିତ ତନୁ ଚହଲି ଉଠେ
ରଙ୍ଗିଲା ଫଗୁଣ ପ୍ରୀତି ।।

ଗୋଧୂଳି ରଙ୍ଗର ଗୋଲାପୀ ଓଠେ
ମିଠା ସପନର ତଟିନୀ ତଟେ
ପ୍ରୀତିଫୁଲ ଚାରୁ ହସେ
ଚହଲାଇ ଦିଏ ତାରୁଣ୍ୟ ମନ

ISSN NO.
2582-208X

ମାତବରୀ ଏଇ ଚାରୁ ସପନ
କଳ୍ପିତ ପ୍ରଣୟ ରାସେ ।।

ଅନୁଢା ବୟସ ଅଳସ ଆଖି
ପ୍ରଣୟର ଭାଷା ଦେଉଛି ଲେଖି
ନୀଳରାତି ନୀଳ ପ୍ରୀତି
ରୂପ ମାଧୁରୀ ମୁଁ ରମଣୀ ରମ୍ୟା
ଲଳିତ ଲଲାମ ତନୁଶ୍ରୀ ସୌମ୍ୟା
ନିଶିଥର ଫୁଲମତୀ ।।

ଅମୃତ ପ୍ରେମର ବିମୁଗ୍ଧ ଧାରା
ଅନୁରାଗ ବୋଳା ପ୍ରୀତିପସରା
ପ୍ରୀତିମୟ ସୁଧା ପାତ୍ରେ
ପ୍ରେମ ପ୍ରତିଶ୍ରୁତି ପ୍ରଣୟ ଗୀତି
ମଧୁ ଯୌବନର ମୋହନ ସ୍ମୃତି
ମୋ ହୃଦୟ ମାନଚିତ୍ରେ ।।

ପ୍ରୀତି ବିଭାବରୀ ଜୋଛନା ଫାଙ୍କେ
ପ୍ରେମ ପ୍ରଣୟର ସପନ ଆଙ୍କେ
ଉନ୍ମାଦନା ଭରେ ଅଙ୍ଗେ
ରୋମାଞ୍ଚିତ ତନୁ ତନ୍ମୟ ମନ
ପ୍ରୀତି ଅଭିଳାଷି ନବ ଯୌବନ
ନବ ଅଭିସାର ରଙ୍ଗେ ।।

ଆସ ପ୍ରିୟତମ ଲୋଡ଼ଇ ଦାସୀ
ପ୍ରୀତିମୟ ହେଉ ନିବିଡ଼ ନିଶି

ISSN NO.
2582-208X

ପବିତ୍ର ବନ୍ଧନ ସାକ୍ଷୀ
ପ୍ରୀତିମଧୁ ଢାଳି ଅଧର ପାତ୍ରେ
ସପନେ ଝୁମିବା ନିଝୁମ୍ ରାତ୍ରେ
ମୁଁ ପ୍ରଣୟିନୀ ନିରିମାଖି ।।

ସପନ କୁମାର ଆସ ମୋ ଆସ
ସପନେ ରଚିବା ଅମିୟ ରାସ
ଯାମିନୀ ଯାଉଛି ସରି
ଗୋପନ ପ୍ରୀତିର ସୁହାଗ ରାତି
ପ୍ରୀତିରେ ଲେଖିବା ମଧୁର ସ୍ମୃତି
ସାଜିବି ମୁଁ ଅଭିସାରୀ ।।

କେଶଦୁର୍ବାପାଳ କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

ISSN NO.
2582-208X

# ଚରୈବେତି ଚରୈବେତି



କନକବାଳା ନାୟକ

ଚରୈବେତି ଚରୈବେତି ଶବ୍ଦ ଟି ଐତରେୟ ବ୍ରାହ୍ମଣ ଋକ୍ ବେଦ ରୁ ଆସିଛି । ଚରୈବେତି ଶବ୍ଦ ର ସନ୍ଧି ବିଚ୍ଛେଦ ହେଉଛି -ଚର+ଏବ+ଇତି ଯାହା ର ଅର୍ଥ ହେଉଛି ଆଗେଇ ଚାଲ ଆଗେଇ ଚାଲ. ଜୀବନ ରେ ଯେ କୌଣସି ପରିସ୍ଥିତି ଆସିଲେ ମଧ୍ୟ ହତାଶ ଓ ନିରାଶ ନ ହୋଇ ଆଗକୁ ମାଡି ଚାଲିବା ର ନାମ ହିଁ ଜୀବନ ।

ଏହି ଶବ୍ଦ ବିଷୟରେ ବିଶେଷ ବିବରଣୀ ଦେବା ପୂର୍ବରୁ ପ୍ରଥମେ ଐତରେୟ ବ୍ରାହ୍ମଣ ଗ୍ରନ୍ଥ, ଯେଉଁ ଗ୍ରନ୍ଥ ରୁ ଏ ଶବ୍ଦ ଆସିଛି ତା ବିଷୟରେ କିଛି ଜାଣିବା ।

ସଂସାର ର ସବୁଠାରୁ ପ୍ରାଚୀନ ଗ୍ରନ୍ଥ ହେଉଛି ବେଦ । ଯାହାକୁ ପରମାତ୍ମା ଙ୍କ ମୁଖ ନିଶୃତ ବାଣୀ ବୋଲି ମଧ୍ୟ କୁହାଯାଏ. ବେଦ ଚାରି ପ୍ରକାରର -

1-ଋକ ବେଦ
2-ଯଜୁ ବେଦ
3-ସାମ ବେଦ
4-ଅର୍ଥବ ବେଦ

ପ୍ରତ୍ୟେକ ବେଦ ଦୁଇ ଭାଗ ରେ ବିଭକ୍ତ କରାଯାଇଛି-ମନ୍ତ୍ର ଓ ବ୍ରାହ୍ମଣ । ଯେଉଁ ଗ୍ରନ୍ଥ ରେ ମନ୍ତ୍ର ବର୍ଣ୍ଣିତ ହୋଇଛି ତାକୁ ସଂହିତା କୁହାଯାଏ ଏବଂ ବ୍ରାହ୍ମଣ କୁ ତିନି ଭାଗ ରେ ବିଭକ୍ତ

ISSN NO.
2582-208X

କରାଯାଇଛି ଯଥା -:1-ବ୍ରାହ୍ମଣ 2-ଅରଣ୍ୟକ ଏବଂ 3-ଉପନିଷଦ । ଏଥିରେ ନିତ୍ୟ ପ୍ରତିଦିନ ବୈଦିକ କର୍ମ କାଣ୍ଡ ବିଷୟରେ ଲେଖା ହୋଇଛି· ଋକ ବେଦ ର ବ୍ରାହ୍ମଣ ଦୁଇ ଭାଗ ରେ ବିଭକ୍ତ । 1-ଐତରେୟ ବ୍ରାହ୍ମଣ ଏବଂ 2-ସଂଖ୍ୟାୟନ ବ୍ରାହ୍ମଣ ।

ଐତରେୟ ବ୍ରାହ୍ମଣ ଯେଉଁ ବ୍ରାହ୍ମଣ ରୁ ଚରୈବେତି ଚରୈବେତି ଶବ୍ଦ ଟି ଆସିଛି ତାହା ଏଇ ଭଳି ଭାବରେ ରଚିତ ହୋଇ ଥିଲା । ପୁରା କାଳ ରେ ମାଣ୍ଡୁକୀ ନାମ ରେ ଜଣେ ଋଷି ଥିଲେ । ତାଙ୍କ ପତ୍ନୀ ଙ୍କ ନାମ ଥିଲା ଇତ୍ରା । ଦୁଇ ଜଣ ଇଶ୍ୱର ଭକ୍ତ ଥିଲେ ଏବଂ ଅତ୍ୟନ୍ତ ପବିତ୍ର ଜୀବନ ଜାପାନ କରୁଥିଲେ। ଦୁଇ ଜଣ ପରସ୍ପର କୁ ବହୁତ ଭଲ ପାଉଥିଲେ। ପରସ୍ପର ପରସ୍ପର ର ବହୁତ ଯତ୍ନ ନେଉଥିଲେ। ସବୁ ସୁଖ ଭିତରେ ବି ଦମ୍ପତି ଙ୍କ ର ଗୋଟିଏ ବଡ଼ ଦୁଃଖ ଥିଲା। ସେମାନଙ୍କର କୌଣସି ସନ୍ତାନ ସନ୍ତତି ନଥିଲେ। ଅନେକ ଚିନ୍ତା କରିବା ପରେ ଉଭୟ ପୁତ୍ର ପ୍ରାପ୍ତି ର ଇଚ୍ଛା ନେଇ ଭଗବାନଙ୍କର କଠିନ ତପସ୍ୟା କଲେ। କିଛି ଦିନ ପରେ ଇଶ୍ୱର ତାଙ୍କ କଠୋର ତପସ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କର ପ୍ରାର୍ଥନା ପୂରଣ କରିଦେଲେ।

ତାଙ୍କ ଘରେ ଏକ ସୁନ୍ଦର ଓ ଆକର୍ଷଣୀୟ ଶିଶୁପୁତ୍ର ଜନ୍ମଗ୍ରହଣ କଲା। ଜନ୍ମ ରୁ ହିଁ ଶିଶୁ ପୁତ୍ର ଟି ଅନେକ ପ୍ରକାର ଅଲୌକିକ ଓ ଚମତ୍କାରୀ ବିଦ୍ୟା ରେ ପରିପୂର୍ଣ୍ଣ ଥିଲା। କିନ୍ତୁ ଅନେକ ସମୟରେ ସେ ମୌନ ରହୁଥିଲା। ଅନେକ ପ୍ରତୀକ୍ଷା କଲା ପରେ ସେ କଥା କହିବା ଆରମ୍ଭ କଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ଏଇଆ ଥିଲା ଯେ ସେ ଯେତେବେଳେ ବି କଥା ହେଉଥିଲା କେବଳ ଇଶ୍ୱରଙ୍କ ନାମ ବାସୁଦେବ ବାସୁଦେବ ହିଁ ଉଚ୍ଚାରଣ କରୁଥିଲା।

ଆଠ ବର୍ଷ ବୟସ ପର୍ଯ୍ୟନ୍ତ ସେ ବାସୁଦେବ ଶବ୍ଦ ଛଡ଼ା ଅନ୍ୟ କିଛି ଶବ୍ଦ ଉଚ୍ଚାରଣ କରୁନଥିଲା। ସେ ନିରବ ରେ ସବୁବେଳେ ଧ୍ୟାନ ରେ ବସୁଥିଲା।ତାଙ୍କ ମୁହଁରୁ ତେଜ ଓ ଆଖିରୁ ଚମକ ବାହାରୁ ଥିଲା।

ଆଠବର୍ଷ ବୟସରେ ତାଙ୍କ ବାପା ତାଙ୍କର ଯଜ୍ଞ ପବିତ ସଂସ୍କାର କରାଇଥିଲେ। ତା ପରେ ସେ ତାଙ୍କୁ ବେଦ ପଢ଼ାଇବା ପାଇଁ ପ୍ରୟାସ କଲେ। ସେ କିନ୍ତୁ ବେଦପାଠରେ ମନ ନଦେଇ କେବଳ ବାସୁଦେବ ଙ୍କ ନାମ ସଙ୍କୀର୍ତ୍ତନ କରୁଥିଲେ। ଏହାର ପରିଣାମ ସ୍ୱରୂପ ମାଣ୍ଡୁକୀ

ISSN NO.
2582-208X

ଋଷି ତାଙ୍କ ମାତା ଇତ୍ରା ଙ୍କ ଉପରୁ ମଧ୍ୟ ମୁହଁ ଫେରାଇ ନେଲେ ଏବଂ ଅନ୍ୟ ଜଣେ ସ୍ତ୍ରୀ ପିଙ୍ଗା ଙ୍କୁ ଦ୍ୱିତୀୟ ବିବାହ କରିନେଲେ। ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ଔରସରୁ ମାଣ୍ଡୁକୀ ଋଷି ଙ୍କ ର ଚାରି ସନ୍ତାନ ଜାତ ହେଲେ। ବଡ଼ ହୋଇ ସେମାନେ ବେଦ ଓ କର୍ମକାଣ୍ଡ ର ମହାନ ପଣ୍ଡିତ ହୋଇ ଉଠିଲେ। ଚାରିଆଡେ ତାଙ୍କର ପୂଜା ଅର୍ଚ୍ଚନା ହେଲା। ପରିଣାମ ସଦୃଶ ତାଙ୍କ ପ୍ରଥମ ସ୍ତ୍ରୀ ଇତ୍ରା ମାଣ୍ଡୁକୀ ଋଷିଙ୍କ ଦ୍ୱାରା ଉପେକ୍ଷିତ ହୋଇ ଘର ଭିତରେ ଏକାନ୍ତ ଜୀବନ ଯାପନ କରିବା ଆରମ୍ଭ କରିଦେଲେ।

ତାଙ୍କ ପୁତ୍ର ଐତରେୟ ଙ୍କର ଏଥିପ୍ରତି ଜମାରୁ ଧ୍ୟାନ ନଥିଲା। ସେ ସବୁ ସମୟରେ କେବଳ ବାସୁଦେବ ଙ୍କ ନାମ ଜପ କରି ଗୋଟେ ମନ୍ଦିରରେ ପଡ଼ି ରହୁଥିଲେ। ଗୋଟେ ଦିନ ତାଙ୍କ ମାତାଙ୍କ ର ତାଙ୍କ ଉପରେ ବହୁତ କ୍ରୋଧ ଜାତ ହେଲା। ସେ ଐତରେୟ ରହୁଥିବା ମନ୍ଦିର ରେ ପହଞ୍ଚିଲେ ଏବଂ କହିଲେ ତୁମକୁ ଜନ୍ମ ଦେଇ ମୋତେ କଣ ଲାଭ ମିଳିଲା? ତୁମକୁ ତ କେହି ପୂଜା କରୁନାହାନ୍ତି। ମୋତେ ସମସ୍ତେ ଘୃଣା ଚକ୍ଷୁରେ ଦେଖୁଛନ୍ତି। ଏମିତି ଜୀବନ ଥାଇ ଲାଭ କ'ଣ?

ମାଆଙ୍କ ଠାରୁ ଏଇ ଭଳି ପ୍ରଶ୍ନ ଶୁଣି ଐତରେୟ ଙ୍କ ର କିଛି ମନେ ପଡ଼ିଲା। ସେ କହିଲେ ମାଆ ତୁମେ ତ ସଂସାର ପ୍ରତି ଆସକ୍ତ। ଯାହା ଦିନେ ନା ଦିନେ ବିନାଶ ହୋଇ ଯିବ। ଏ ଜଗତରେ କେବଳ ଇଶ୍ୱରଙ୍କ ନାମ ହିଁ ସତ୍ୟ ଅଟେ। ଯାହାର କେବଳ ବିନାଶ ହେବନି। ମୁଁ ତ କେବଳ ସେଇ ଇଶ୍ୱର ଙ୍କୁ ସ୍ମରଣ କରୁଛି। କିନ୍ତୁ ଏବେ ମୁଁ ବୁଝି ପାରୁଛି ମୋର ମୋ ମାଆଙ୍କ ପ୍ରତି ମଧ୍ୟ କିଛି କର୍ତ୍ତବ୍ୟ ଅଛି। ଯାହାକୁ ମୁଁ ଏବେ ପୁରଣ କରିବି ଏବଂ ତୁମକୁ ଏମିତି ସ୍ଥାନ ରେ ବସାଇବି ଯେ ଯାହା ଅନେକ ଯଜ୍ଞ କରିବା ପରେ ମଧ୍ୟ ସମ୍ଭବ ହୋଇ ନଥାଏ। ଏହା କହି ଐତରେୟ ସଚ୍ଚା ହୃଦୟରେ ଭଗବାନ ବିଷ୍ଣୁଙ୍କୁ ବେଦର ବିଧି ଅନୁସାରେ ସ୍ତୁତି କଲେ। ଏଥିରେ ଭଗବାନ ବିଷ୍ଣୁ ସନ୍ତୁଷ୍ଟ ହୋଇ ସାକ୍ଷାତ ରୂପରେ ଐତରେୟ ଏବଂ ତାଙ୍କ ମାଆ ଙ୍କୁ ଆର୍ଶୀବାଦ ଦେଲେ।

ଭଗବାନ ବିଷ୍ଣୁ କହିଲେ ପୁତ୍ର ଯଦିଓ ତୁମେ ଯଥାର୍ଥ ରୂପରେ ବେଦର ଅଧ୍ୟୟନ କରିନାହଁ, ତଥାପି ମୋ କୃପାରୁ ତୁମେ ସବୁ ବେଦରେ ପ୍ରବୀଣ ହୋଇ ଜଣେ ପ୍ରଖ୍ୟାତ ବିଦ୍ୱାନ ହୋଇଯିବ। ତୁମେ ବେଦର ଗୋଟିଏ ଅଜ୍ଞାତ ଅଧ୍ୟାୟ କୁ ଖୋଜି ପାଇବ। ଏହି ନୂତନ

ISSN NO.
2582-208X

ଅଧ୍ୟାୟଟି ତୁମ ନାମ ଅନୁସାରେ ଐତରେୟ ବ୍ରାହ୍ମଣ ନାମରେ ନାମିତ ହେବ। ଭଗବାନ ବିଷ୍ଣୁ ମଧ୍ୟ ଏକଥା କହିଲେ ତୁମେ ବିବାହ କରି ଘର ସଂସାର ଗଢ। କିନ୍ତୁ ଯାହାବି କର୍ମ କରିବ ମୋତେ ସମର୍ପଣ କରି କରିବ ଆଉ ଭାବିବ ଯେ ମୋ କଥା ଅନୁସାରେ ହିଁ ତୁମେ ସବୁ କାର୍ଯ୍ୟ କରୁଛ।ଏବେ ତୁମେ କୋଟି ତୀର୍ଥ ବୋଲି ଗୋଟେ ସ୍ଥାନ ଅଛି ସେଠାକୁ ଯାଅ। ସେଠାରେ ହରିମେଧା ଯଜ୍ଞ କରୁଛନ୍ତି। ସେଠାରେ ତୁମର ଆବଶ୍ୟକତା ଅଛି। ସେଠାକୁ ଯିବା ପରେ ତୁମ ମାଆଙ୍କର ସବୁ ଇଚ୍ଛା ପୂରଣ ହୋଇଯିବ । ଏତିକି କହି ବିଷ୍ଣୁ ସେଠାରୁ ଅନ୍ତର୍ଦ୍ଧାନ ହୋଇଗଲେ।

ଭଗବାନ ବିଷ୍ଣୁ ଙ୍କୁ ସ୍ଵଚକ୍ଷୁରେ ଦେଖି ଐତରେୟ ଙ୍କ ମାଆ ଇତ୍ରା ଙ୍କ ମନ ପୁତ୍ର ସ୍ନେହ ରେ ଗଦ୍ ଗଦ୍ ହୋଇ ଉଠିଲା। ଏହା ପରେ ମାଆ ପୁଅ ଦୁହେଁ ହରିମେଧା ଙ୍କ ଯଜ୍ଞ ନିକଟରେ ଉପସ୍ଥିତ ହେଲେ। ସେଠାରେ ଐତରେୟ ଭଗବାନ ବିଷ୍ଣୁ ଙ୍କ ସ୍ତୁତି ଗାନ କଲେ। ଏହା ଶୁଣି ସେଠାରେ ଥିବା ସମସ୍ତ ବିଦ୍ଵାନ ପ୍ରସନ୍ନ ହୋଇ ଉଠିଲେ। ହରିମେଧା ତାଙ୍କୁ ଉଚ୍ଚ ଆସନ ରେ ବସାଇ ତାଙ୍କର ପରିଚୟ ଭିକ୍ଷା କଲେ ଏବଂ ତାଙ୍କର ସତ୍କାର କଲେ। ଐତରେୟ ଏଠାରେ ବେଦର ନୂତନ ଚାଳିଶ ଅଧ୍ୟାୟ ପାଠ କରିଥିଲେ। ଏହି ପାଠ ପୁରା ପୁରି ଅଜ୍ଞାତ ଥିଲା. ପରେ ଏହି ପାଠ ଐତରେୟ ବ୍ରାହ୍ମଣ ନାମରେ ବିଖ୍ୟାତ ହେଲା ।

ହରିମେଧା ତାଙ୍କ ଝିଅର ବିବାହ ଐତରେୟ ଙ୍କ ସହିତ କଲେ। ଐତରେୟ ଙ୍କ ମାଆ ଙ୍କ ର ସବୁ ଇଚ୍ଛା ପୂରଣ ହେଲା। ସେ ତାଙ୍କ ପୁତ୍ର ଐତରେୟ ଙ୍କ ଠାରୁ ଯାହା ଚାହିଁ ଥିଲେ ତାଙ୍କୁ ତାହା ମିଳି ଗଲା। ଏହି ପରି ଭାବରେ ଭଗବାନ ବିଷ୍ଣୁ ଙ୍କ କୃପା ରୁ ଐତରେୟ ଙ୍କ ନାମ ଐତରେୟ ବ୍ରାହ୍ମଣ ଗ୍ରନ୍ଥ ର ରଚୟିତା ଭାବରେ ଚୀର ଅମର ହୋଇ ଗଲା।

ଚାଳିଶ ଅଧ୍ୟାୟ ବିଶିଷ୍ଟ ଏଇ ଐତରେୟ ବ୍ରାହ୍ମଣ ଋକ୍ ବେଦ ଗ୍ରନ୍ଥ ରୁ "ଚରୈବେତି ଚରୈବେତି" ଶବ୍ଦ ଟି ଆନୀତ ହୋଇଛି । ଇକ୍ଷ୍ଵାକୁ ବଂଶ ର ରାଜା ହରିଶ୍ଚନ୍ଦ୍ର ଙ୍କ ର ଅନେକ ରାଣୀ ଥିଲେ କିନ୍ତୁ କୌଣସି ରାଣୀ ଙ୍କ ର ପୁତ୍ର ସନ୍ତାନ ନଥିଲେ। ଶାସ୍ତ୍ରୀୟ ମାନ୍ୟତା ଅନୁସାରେ ଯେଉଁ ମଣିଷ ପୁତ୍ରହୀନ ହୋଇ ଥାଏ ମୃତ୍ୟୁ ପରେ ତାର ଉଦ୍ଧାର ହୁଏ ନାହିଁ। କାରଣ ପୁତ୍ ରୂପକ ନର୍କରୁ ପିତା ମାତାଙ୍କୁ ଉଦ୍ଧାର କରିବା ପାଇଁ ପୁତ୍ର ସନ୍ତାନଟିଏ ଜାତ

ISSN NO.
2582-208X

ହେବା ନିତାନ୍ତ ଆବଶ୍ୟକ। ରାଜାଙ୍କର ପୁତ୍ର ସନ୍ତାନ ଟିଏ ନଥିବା ହେତୁ ରାଜା ସବୁ ବେଳେ ଚିନ୍ତିତ ରହୁଥିଲେ।

ଥରେ ତାଙ୍କ ରାଜ ମହଲରେ ଦେବର୍ଷି ନାରଦ ଓ ପର୍ବତ ଋଷି ରାତ୍ରୀ ଯାପନ କଲେ। ସେଇ ସମୟରେ ରାଜା ତାଙ୍କର ଚିନ୍ତା ଦେବର୍ଷି ନାରଦ ଙ୍କ ନିକଟରେ ପ୍ରକାଶ କଲେ ଏବଂ ପୁତ୍ର ପ୍ରାପ୍ତି ପାଇଁ ଉପାୟ ବତାଇବା ପାଇଁ କହିଲେ। ଦେବର୍ଷି ନାରଦ ତାଙ୍କୁ ବରୁଣ ଦେବଙ୍କୁ ପୂଜା ଅର୍ଚ୍ଚନା କରିବା ପାଇଁ କହିଲେ। ଯିଏ ସନ୍ତୁଷ୍ଟ ହେଲେ ତାଙ୍କୁ ପୁତ୍ର ପ୍ରାପ୍ତି ପାଇଁ ବର ଦେବେ ବୋଲି କହିଲେ।

ଦେବର୍ଷି ନାରଦ ଙ୍କ ଉପଦେଶ ଅନୁସାରେ ରାଜା ହରିଶ୍ଚନ୍ଦ୍ର ବରୁଣ ଦେବଙ୍କ ପୂଜା ଅର୍ଚ୍ଚନା କଲେ। ରାଜାଙ୍କ ପୂଜା ଅର୍ଚ୍ଚନା ରେ ସନ୍ତୁଷ୍ଟ ହୋଇ ବରୁଣ ଦେବ ତାଙ୍କ ନିକଟରେ ଉପସ୍ଥିତ ହେଲେ। ରାଜା ପୁତ୍ର ପ୍ରାପ୍ତି ପାଇଁ ବର ଦାନ ମାଗିଲେ ଏବଂ କହିଲେ ପୁତ୍ର ସନ୍ତାନ ଜାତ ହେଲେ ରାଜା ପୁତ୍ର ଙ୍କ ସହିତ ମିଶି ବରୁଣ ଦେବଙ୍କ ଉଦ୍ଦେଶ୍ୟରେ ଯଜ୍ଞ କରିବେ। (ପୁତ୍ର ହେଲା ପରେ ତାକୁ ବଳି ପଶୁ କରି ଯଜ୍ଞ କରିବା ପାଇଁ ବରୁଣ ଦେବ କହିଲେ)। ସେ ସମୟରେ ଯଜ୍ଞରେ କୌଣସି ପଶୁବଳି ର ଉଲ୍ଲେଖ ଦେଖିବାକୁ ମିଳେ। ଏଠାରେ ଯେଉଁ କଥା ବର୍ଣ୍ଣନା କରାଯାଇଛି ତା ଅନୁସାରେ ରାଜା ଙ୍କ ମନରେ ଭବିଷ୍ୟତରେ ପୁତ୍ର ସନ୍ତାନ ହେଲେ ତାକୁ ବଳି ଦେବା କଥା ହିଁ ଚାଲୁଥିଲା। ପୁତ୍ର ପ୍ରାପ୍ତି ର ଆଶାରେ ରାଜା ରାଜା ବୋଧେ କିଛି ଚିନ୍ତା ନ କରି ବରୁଣ ଦେବଙ୍କୁ ଏକ ଅନୁଚିତ ବଚନ ଦେଇ ଦେଇଥିଲେ।

ସମୟ କ୍ରମେ ରାଜାଙ୍କର ଏକ ପୁତ୍ର ସନ୍ତାନ ଜାତ ହେଲା। ସେ ସମୟରେ ବରୁଣ ଦେବ ରାଜାଙ୍କ ପାଖରେ ଉପସ୍ଥିତ ହୋଇ ତାଙ୍କ ପ୍ରତିଜ୍ଞା ବିଷୟରେ ମନେ ପକାଇ ଦେଇଥିଲେ ଏବଂ ନିଜର ଶିଶୁପୁତ୍ର ଙ୍କୁ ନେଇ ଯଜ୍ଞ କରିବା ପାଇଁ କହିଥିଲେ। ରାଜା ବରୁଣ ଦେବଙ୍କୁ କହିଲେ ବର୍ତ୍ତମାନ ଆମ ଘର ଅଶୌଚ ଅଛି। ତେଣୁ ଏ ଭଳି ପରିସ୍ଥିତିରେ ଯଜ୍ଞ କରି ହେବନି।ଦଶ ଦିନ ପରେ ବରୁଣ ଦେବ ପୁଣି ଥରେ ରାଜାଙ୍କ ସମ୍ମୁଖରେ ପ୍ରକଟ ହେଲେ ଏବଂ ପୁଣି ଥରେ ରାଜାଙ୍କୁ ତାଙ୍କ ପ୍ରତିଜ୍ଞା ବିଷୟରେ ମନେ ପକାଇ ଦେଲେ।ରାଜା ବରୁଣ ଦେବଙ୍କୁ କହିଲେ ଦାନ୍ତ ନ ଉଠିବା ପର୍ଯ୍ୟନ୍ତ କୌଣସି ପଶୁଙ୍କୁ ମଧ୍ୟ ବଳି ଦିଆଯାଏ ନାହିଁ। ତେଣୁ ଅତ୍ୟନ୍ତ ମୋ ପୁଅର ଦାନ୍ତ ଉଠିବା ପର୍ଯ୍ୟନ୍ତ ଦିଅନ୍ତୁ। ବରୁଣ ଦେବ ଠିକ୍ ଅଛି କହି

ISSN NO.
2582-208X

ସେଠାରୁ ପ୍ରତ୍ୟାବର୍ତ୍ତନ କରିଗଲେ। କିଛି ଦିନ ପରେ ଯେତେବେଳେ ବାଳକ ରୋହିତ ର ଦାନ୍ତ ଉଠିଲା, ବରୁଣ ଦେବ ପୁଣି ଥରେ ରାଜାଙ୍କ ନିକଟକୁ ଆସି ତାଙ୍କ ସଂକଳ୍ପ ମନେ ପକାଇ ଦେଲେ। ଏଥର ମଧ୍ୟ ରାଜା ହରିଶ୍ଚନ୍ଦ୍ର ବରୁଣ ଦେବଙ୍କୁ ଏଇ କଥା କହି ଫେରାଇ ଦେଲେ ଯେ ହେ ବରୁଣ ଦେବ ମୋ ପୁତ୍ର ଯେତେବେଳେ ଧନୁର୍ବିଦ୍ୟା ଓ ଯୁଦ୍ଧ କଳା ଇତ୍ୟାଦି କ୍ଷତ୍ରିୟ ସଂସ୍କାର ରେ ସଂସ୍କାରିତ ହୋଇ ଯିବ ମୁଁ ନିଶ୍ଚିତ ତା ଦ୍ୱାରା ଆପଣଙ୍କ ଆପଣଙ୍କ ଯଜ୍ଞ କରାଇବି।

ରୋହିତ ଯେତେବେଳେ କ୍ଷତ୍ରିୟ ସଂସ୍କାର ରେ ସଂସ୍କାରିତ ହୋଇଗଲା ସେତେବେଳେ ପୁଣି ଥରେ ବରୁଣ ଦେବ ରାଜାଙ୍କୁ ତାଙ୍କ ସଂକଳ୍ପ ମନେ ପକାଇ ଦେଲେ। ଏଥର ରାଜା ହରିଶ୍ଚନ୍ଦ୍ର ଆଉ କିଛି ବାହାନା କରି ପାରିଲେ ନାହିଁ। ସେ ନିଜ ପୁଅ ରୋହିତ କୁ ଏକଥା କହିଲେ। ଏବଂ କହିଲେ ଏହା ମୋର ପାପ ବଚନ। ତଥାପି ମୁଁ ଦେଇଥିବା କଥା ଅନୁସାରେ ମୋତେ ଯଜ୍ଞ କରିବାକୁ ପଡିବ।

କୁମାର ରୋହିତ ପିତା ଙ୍କର ଏଇ ଭଳି ଅନ୍ୟାୟ ପୂର୍ଣ୍ଣ ପ୍ରସ୍ତାବ କୁ ଗ୍ରହଣ ନ କରି ନିଜ ର ଧନୁତୀର ଇତ୍ୟାଦି ଅସ୍ତ୍ରଶସ୍ତ୍ର ନେଇ ବଣକୁ ଚାଲିଗଲେ। ଭିନ୍ନ ଭିନ୍ନ ସ୍ଥାନରେ ଭ୍ରମଣ କଲେ। ଏବଂ ବିଭିନ୍ନ ଘଟଣାକୁ ଅନୁଧ୍ୟାନ କଲେ। ବରୁଣ ଦେବ ଏଇ କଥା ଜାଣି ଅତ୍ୟନ୍ତ କ୍ରୋଧିତ ହୋଇ ରାଜା ହରିଶ୍ଚନ୍ଦ୍ର ଙ୍କୁ ଜଳଉଦର ରୋଗରେ ଆକ୍ରାନ୍ତ ହେବାପାଇଁ ଅଭିଶାପ ଦେଲେ। ବରୁଣ ଦେବଙ୍କ ଅଭିଶାପ ଅନୁସାରେ ରାଜା ହରିଶ୍ଚନ୍ଦ୍ର ଜଳଉଦର ରୋଗରେ ଆକ୍ରାନ୍ତ ହୋଇ ପଡ଼ିଲେ।

ଗୋଟେ ବର୍ଷ କାଳ ଜଙ୍ଗଲରେ ଭ୍ରମଣ କରି ସାରିବା ପରେ ରୋହିତ ଗୃହ କୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ବାହାରିଲେ। ସେ ଗୃହକୁ ଆସୁଥିବା ମାର୍ଗରେ ଇନ୍ଦ୍ର ଦେବ ତାଙ୍କୁ ବ୍ରାହ୍ମଣ ବେଶରେ ଦେଖାଦେଲେ। ଏବଂ ଉପଦେଶ ଦେଇ କହିଲେ-

"ନାନାଶ୍ରାନ୍ତାୟ ଶ୍ରୀରସ୍ତୀତି ରୋହିତ ଶୁଶ୍ରୁମ।
ପାପୌ ନୃଷଦ୍ବରୌ ଜନ ଇନ୍ଦ୍ର ଇଚ୍ଚରତଃ ସଖା ଚରୈବେତି"।।
(ଐତରେୟ ବ୍ରାହ୍ମଣ, ଅଭ୍ୟାସ ୩, ଖଣ୍ଡ ୩)

ISSN NO.
2582-208X

ଅର୍ଥାତ୍ ଜ୍ଞାନୀ ଜନ କହନ୍ତି- ପରିଶ୍ରମ କରି ଥକି ଯାଉଥିବା ବ୍ୟକ୍ତି କୁ ବେଳେ ବେଳେ ଧନ ସଂପତ୍ତି ମିଳେ। ଗୋଟେ ସ୍ଥାନ ରେ ନିଷ୍କ୍ରିୟ ହୋଇ ବସି ରହୁଥିବା ବିଦ୍ୱାନ ବ୍ୟକ୍ତି କୁ ବି ଲୋକମାନେ ତୁଚ୍ଛ ମନେ କରନ୍ତି। ସବୁବେଳେ କାର୍ଯ୍ୟରତ ବ୍ୟକ୍ତି କୁ ଇନ୍ଦ୍ର ମାନେ ଈଶ୍ୱର ମଧ୍ୟ ସହାୟ ହୁଅନ୍ତି। ତେଣୁ ତମେ ଆଗକୁ ଆଗେଇ ଚାଲ।

ବ୍ରାହ୍ମଣ ରୂପୀ ଇନ୍ଦ୍ର ଙ୍କ କଥା ଶୁଣି ରୋହିତ ପୁଣି ଥରେ ଦେଶ ପ୍ରଦେଶରେ ବୁଲିବାକୁ ଲାଗିଲେ। ଏହି ପରି ଭାବରେ ପୁଣି ଥରେ ଏକ ବର୍ଷ କାଳ ରୋହିତ ଜଙ୍ଗଲ ରେ ଭ୍ରମଣ କରି ନା ନା କଥା ଅନୁଧ୍ୟାନ କଲେ। ଏକ ବର୍ଷ ପୂରିବା ପରେ ପୁନର୍ବାର ସେ ଗୃହ ଅଭିମୁଖେ ପ୍ରସ୍ଥାନ କରିବାକୁ ଚାହିଁଲେ। ପୁଣି ଥରେ ଇନ୍ଦ୍ର ଦେବ ବ୍ରାହ୍ମଣ ରୂପରେ ତାଙ୍କୁ ଦେଖା ଦେଲେ ଏବଂ ଉପଦେଶ ଦେଇ କହିଲେ-

"ପୁଷ୍ପିଣୌ ଚରତୋ ଜଙ୍ଘେ ଭୂଷ୍ଣୁରାତ୍ମା ଫଳ ଗ୍ରହିଃ
ଶେରତେ ଅସ୍ୟ ପାପ୍ମାନ ଶ୍ରମେଣ ପ୍ରପଥେ ହତାଃ ଚରୈବେତି ଚରୈବେତି।।"
(ଐତରେୟ ବ୍ରାହ୍ମଣ, ଅଭ୍ୟାସ ୩, ଖଣ୍ଡ ୩)

ନିରନ୍ତର ଚାଲୁଥିବା ବ୍ୟକ୍ତିର ଜଙ୍ଘ ଗୁଡିକ ସଶକ୍ତ ହୋଇଥାଏ। ଯେଉଁ ବ୍ୟକ୍ତି ସଫଳତା ମିଳିବା ପର୍ଯ୍ୟନ୍ତ କାର୍ଯ୍ୟରେ ଲାଗି ରହନ୍ତି ତାଙ୍କ ଆତ୍ମା ପ୍ରତିଭା ସମ୍ପନ୍ନ ହୁଏ। ପରିଶ୍ରମୀ ମନୁଷ୍ୟ ର ସମସ୍ତ ଦୋଷ ତୃଟି କାର୍ଯ୍ୟ କରୁଥିବା ରାସ୍ତା ରେ ହିଁ ସ୍ୱତଃ ନଷ୍ଟ ହୋଇ ଯାଇଥାଏ । ତେଣୁ ତୁମେ ଆଗକୁ ଆଗକୁ ଆଗେଇ ଚାଲ ।

ବ୍ରାହ୍ମଣ ରୂପୀ ଇନ୍ଦ୍ର ଙ୍କ ର ଏଇ ଉପଦେଶ କୁ ଶୁଣି ରୋହିତ ପୁଣି ଥରେ ଜଙ୍ଗଲ ମଧ୍ୟକୁ ଫେରି ଗଲେ ଏବଂ ଜଙ୍ଗଲ ଭିତରେ ବିଭିନ୍ନ ଜିନିଷ ଅନୁଧ୍ୟାନ କଲେ। ଏହି ପରି ଭାବରେ ଏକ ବର୍ଷ ଭ୍ରମଣ କରିବା ଅନ୍ତେ ପୁନର୍ବାର ରୋହିତ ଗୃହ ଅଭିମୁଖେ ଯିବା କୁ ଚାହିଁଲେ। ଏଥର ମଧ୍ୟ ବ୍ରାହ୍ମଣ ରୂପୀ ଇନ୍ଦ୍ର ତାଙ୍କୁ ଏଇ କଥା କହି ଜଙ୍ଗଲ ଭିତର କୁ ଫେରାଇ ଦେଲେ-

ISSN NO.
2582-208X

"ଆସ୍ତେ ଭଗ ଆସୀନ ସୌଧ୍ୱସ୍ତିଷ୍ଠତି ତିଷ୍ଠତଃ ଶତେ ନିପଦ୍ୟ ମାନସ୍ୟ ଚରତି ଚରତଃ ଭଗ ଚରୈବେତି ଚରୈବେତି"।।
(ଐତରେୟ ବ୍ରାହ୍ମଣ, ଅଭ୍ୟାସ ୩, ଖଣ୍ଡ ୩)

ଯେଉଁ ମଣିଷ ବସିରହେ ତାର ସୌଭାଗ୍ୟ ମଧ୍ୟ ବସି ରହେ। ଯିଏ ଉଠି ଛିଡ଼ା ହୁଏ ତାର ସୌଭାଗ୍ୟ ମଧ୍ୟ ସେ ଭଳି ଉପରକୁ ଉଠେ। ଆଉ ଯିଏ ଶୋଇରହେ ତାର ଭାଗ୍ୟ ମଧ୍ୟ ଶୋଇ ରହେ। ଆଉ ଯିଏ ନିରନ୍ତର କର୍ମ କରି ଚାଲିଥାଏ, ତା ସୌଭାଗ୍ୟ ରେ ମଧ୍ୟ ବୃଦ୍ଧି ହୁଏ। ତେଣୁ ତମେ ଚାଲିବା ଜାରୀ ରଖ। ଏଇ କଥା ଶୁଣି ରୋହିତ ପୁଣି ଥରେ ବଣ କୁ ଫେରି ଗଲେ ଏବଂ ବିଭିନ୍ନ ଜାଗା ଭ୍ରମଣ କରି ଅନୁଭବ ସାଉଁଟିଲେ। ଏକ ବର୍ଷ ଅନ୍ତେ ପୁଣି ଥରେ ରୋହିତ ଗୃହ ଅଭିମୁଖେ ପ୍ରସ୍ଥାନ କରିବାକୁ ଚାହିଁଲେ । ଏଥର ମଧ୍ୟ ବ୍ରାହ୍ମଣ ରୂପୀ ଇନ୍ଦ୍ର ତାଙ୍କୁ ଦେଖା ଦେଇ ଉପଦେଶ ଦେଇ କହିଲେ -

"କଳିଃ ଶୟାନୋ ଭବତି ସଂଜିହାନସ୍ତୁ ଦ୍ୱାପର
ଉତ୍ତିଷ୍ଠ ସ୍ତ୍ରେତାଭବତି
କୃତଂ ସମ୍ପଦ୍ୟତେ ଚରନ୍ ଚରୈବେତି ଚରୈବେତି"।।
(ଐତରେୟ ବ୍ରାହ୍ମଣ, ଅଭ୍ୟାସ ୩, ଖଣ୍ଡ ୩)

ଅର୍ଥାତ୍ ଶୟନ ଅବସ୍ଥା କଳି ଯୁଗ ସହିତ ସମାନ। ଜାଗ୍ରତ ରହି କର୍ମ କରିବା ଦ୍ୱାପର ଯୁଗ ସହ ସମାନ। ଉଠି ଛିଡ଼ା ହେବା ତ୍ରେତୟା ଯୁଗ ସହିତ ସମାନ। ଆଉ ଅନବରତ ଉଦ୍ୟମ ଜାରି ରଖିବା ସତ୍ୟ ଯୁଗ ସହିତ ସମାନ। ତେଣୁ ତୁମେ ଅଗକୁ ଆଗେଇ ଚାଲ। ଏଥର ମଧ୍ୟ ଇନ୍ଦ୍ର ଙ୍କ ର ଏଇ କଥା ଶୁଣି ରୋହିତ ଜଙ୍ଗଲ ଭିତରକୁ ଫେରି ଗଲେ ଏବଂ ବିଭିନ୍ନ ସ୍ଥାନ ଭ୍ରମଣ କଲେ।

ପୁଣି ଥରେ ଏକ ବର୍ଷ ଅନ୍ତେ ରୋହିତ ଗୃହ ଅଭିମୁଖେ ପ୍ରସ୍ଥାନ କରିବାକୁ ବାହାରିଲେ। ଏ ଥର ମଧ୍ୟ ବ୍ରାହ୍ମଣ ରୂପୀ ଇନ୍ଦ୍ର ତାଙ୍କୁ ରାସ୍ତାରେ ଦେଖାଦେଇ ଉପଦେଶ ଦେଲଲେ।

ISSN NO.
2582-208X

"ଚରନ୍ ବୈ ମଧୁ ବିନ୍ଦତି
ଚରନ୍ ସ୍ୱାଦୁମୁଦୁମ୍ବରମ୍
ସୂର୍ଯ୍ୟସ୍ୟ ପଶ୍ୟ ଶ୍ରେମାଣଂ
ୟୋ/ଯଃ ଚରଣ ନ ତନ୍ଦ୍ରୟତେ ଚରୈବେତି ଚରୈବେତି"।।
(ଐତରେୟ ବ୍ରାହ୍ମଣ, ଅଭ୍ୟାସ ୩, ଖଣ୍ଡ ୩)

ଅର୍ଥାତ୍ ପରିଶ୍ରମ ରୁ ହିଁ ମଧୁ ପ୍ରାପ୍ତି ହୁଏ। ପରିଶ୍ରମରୁ ହିଁ ସୁସ୍ୱାଦୁ ଫଳ ମିଳେ। ସୂର୍ଯ୍ୟଙ୍କ ଶ୍ରେଷ୍ଠତାକୁ ଦେଖ ଯିଏ ଚାଲିବା ସମୟରେ କେବେବି ଆଳସ୍ୟ କରନ୍ତି ନାହିଁ। ତାଙ୍କ କିରଣ ର ତେଜକୁ ଦେଖ, ଏହି ତେଜ ତାଙ୍କର ନିରନ୍ତର ଗତି ଯୋଗୁଁ ହିଁ ସମ୍ଭବ ହୁଏ। ବ୍ରାହ୍ମଣ ରୂପୀ ଇନ୍ଦ୍ର ଙ୍କ ଉପଦେଶ ଶୁଣି ରୋହିତ ଷଷ୍ଠ ବର୍ଷ ପାଇଁ ପୁଣିଥରେ ଭ୍ରମଣ କରିବା ପାଇଁ ଚାଲିଗଲେ।

ବ୍ରାହ୍ମଣ ରୂପୀ ଇନ୍ଦ୍ର ଙ୍କ ଉପଦେଶ ଅନୁସାରେ ରୋହିତ ପୁଣି ଥରେ ଭ୍ରମଣ କରିବା ଉଦ୍ଦେଶ୍ୟରେ ବାହାରି ଗଲେ। ଏହି ସମୟରେ ତାଙ୍କୁ ଖବର ମିଳିଲା ଯେ ତାଙ୍କ ପିତାଙ୍କ ସ୍ୱାସ୍ଥ୍ୟ ଅତ୍ୟନ୍ତ ଖରାପ, ସେ ସେତେବେଳେ ଗୃହକୁ ପ୍ରସ୍ଥାନ କରିବାକୁ ଚାହିଁଲେ। ସେଇ ସମୟରେ ତାଙ୍କ ର ଭେଟ ଅଜୀଗର୍ତ ନାମକ ଜଣେ ଦରିଦ୍ର ବ୍ରାହ୍ମଣ ଋଷି ଙ୍କ ସହିତ ହେଲା। ଯିଏ କି ଖାଦ୍ୟ ପାଇଁ ସଙ୍ଘର୍ଷ କରୁଥିଲେ।

ଅଜୀଗର୍ତ ଙ୍କ ର ତିନୋଟି ପୁତ୍ର ଥିଲେ। ଯଥା-ଶଉନଃପଉଚ୍ଛ, ଶୁନଃଶେପ ଓ ଶୁନଃଲାଙ୍ଗୁଳ। ରୋହିତ ତାଙ୍କ ସମ୍ମୁଖରେ କୌଣସି ଗୋଟେ ପୁତ୍ର କୁ ବିକ୍ରି କରିଦେବା ପାଇଁ ପ୍ରସ୍ତାବ ରଖିଲେ। ଅଜୀଗର୍ତ ବଡ଼ ଓ ତାଙ୍କ ସ୍ତ୍ରୀ ସାନ ପୁଅକୁ ବହୁତ ପାଉଥିଲେ। ତେଣୁ ସେ ଧନ ଲୋଭରେ ତାଙ୍କ ମଧ୍ୟମ ପୁତ୍ର ଶୁନଃଶେପ କୁ ରୋହିତ ଙ୍କୁ ବିକ୍ରି କରିଦେଲେ।

ଯାହା ଦ୍ୱାରା ସେ ନିଜେ ଯଜ୍ଞରେ ନ ବସି ଶୁନଃଶେପ ଙ୍କ ଦ୍ୱାରା ଯଜ୍ଞ ସମାପ୍ତି କରାଇ ପାରିବେ। କୁହାଯାଏ ଯେ ବରୁଣ ଦେବଙ୍କୁ କ୍ଷେତ୍ରୀୟ ବାଳକ ଠାରୁ ବ୍ରାହ୍ମଣ ବାଳକ ଅଧିକ ପ୍ରିୟଥିବା। ଶୁନଃଶେପ ଙ୍କୁ ନେଇ ରୋହିତ ରାଜ୍ୟକୁ ଫେରିଆସିଲେ ଏବଂ ଯଜ୍ଞର ସମସ୍ତ ବ୍ୟବସ୍ଥା କରାଇଲେ। ସେଠାରେ ଶୁନଃଶେପ ଙ୍କ ପିତା ଅଜୀଗର୍ତ ମଧ୍ୟ ଉପସ୍ଥିତ ଥିଲେ।

ISSN NO.
2582-208X

ଯେତେବେଳେ ଶୁନଃଶେପ ଙ୍କୁ ପଶୁଭଳି ବଳୀଖୁଣ୍ଟ ରେ ବାନ୍ଧିବା ର ବେଳ ଆସିଲା, ସେତେବେଳେ ସେଠାରେ ଉପସ୍ଥିତ ଥିବା କୌଣସି ବ୍ୟକ୍ତି ସେଭଳି ପାପ କରିବା ପାଇଁ ଇଚ୍ଛୁକ ହେଲେ ନାହିଁ।

ସେ ସମୟରେ ଶୁନଃଶେପ ଙ୍କ ପିତା ରାଜା ହରିଶ୍ଚନ୍ଦ୍ର ଙ୍କ ଠାରୁ ୧୦୦ ଗାଇ ନେଇ ଶୁନଃଶେପ ଙ୍କୁ ଯୁପ କାଠରେ (ଯଜ୍ଞରେ ବଳି ଦିଆଯିବା କୁ ଥିବା ପଶୁ ବିନ୍ଧିବା ପାଇଁ ଥିବା କାଠ) ବାନ୍ଧି ଦେଲେ। ହେଲେ ଯୁପ କାଠରେ ପଶୁଭଳି ବନ୍ଧା ହୋଇଥିବା ଏହି ବାଳକକୁ ବଳୀ ଦେବା ପାଇଁ କେହି ରାଜି ହେଲାନାହିଁ। ଏଥର ମଧ୍ୟ ଶୁନଃଶେପ ଙ୍କ ପିତା ଅଜୀଗର୍ତ ପୁଣି ଥରେ ଶହେ ଗାଇ ନେଇ ଶୁନଃଶେପ କୁ ବଳି ଦେବା ପାଇଁ ରାଜି ହୋଇଗଲେ।

ଶୁନଃଶେପ ଏଇ କଥା ଜାଣିଗଲା ଯେ ଯଜ୍ଞରେ ତାକୁ ପଶୁ ଭଳି ବଳି ଦିଆ ଯିବ। କିନ୍ତୁ ଯଜ୍ଞ ସମ୍ବନ୍ଧରେ ତାର ଯେତିକି ଜ୍ଞାନ ଥିଲା, ସେ ଭାବୁଥିଲା ଯଜ୍ଞରେ ଆହୁତି ଶେଷ ହେବାପରେ ତାକୁ ବଣ ମଧ୍ୟରେ ଛାଡି ଦିଆଯିବ। କିନ୍ତୁ ସେ ଯେତେବେଳେ ଜାଣିଲା ଯେ ଯଜ୍ଞରେ ଆହୁତି ଶେଷ ହେବା ପରେ ତାକୁ ବଣ ଭିତରେ ଛଡା ଯିବନି ବରଂ ତାର ବଦ୍ଧ କରାଯିବ, ସେତେବେଳେ ସେ ଆତ୍ମରକ୍ଷା ପାଇଁ ବିକଳ ହୋଇ ଋକ୍ ବେଦ ର ମନ୍ତ୍ର ଅନୁସାରେ ଦେବତା ଙ୍କୁ ପ୍ରାର୍ଥନା କଲା।

ପ୍ରଥମେ ସେ ପ୍ରଜାପତି ବ୍ରହ୍ମାଙ୍କୁ ପ୍ରାର୍ଥନା କଲା, ପ୍ରଜାପତି ବ୍ରହ୍ମା ତାକୁ ଅଗ୍ନି ଦେବଙ୍କ ସ୍ତୁତି କରିବା ପାଇଁ କହିଲେ। ପ୍ରଜାପତି ବ୍ରହ୍ମା ଙ୍କ କଥା ଅନୁସାରେ ସେ ଅଗ୍ନି ଦେବ ଙ୍କୁ ପ୍ରାର୍ଥନା କଲା। ହେଲେ ଅଗ୍ନି ଦେବ ତାକୁ ସୂର୍ଯ୍ୟ ଦେବଙ୍କୁ ପ୍ରାର୍ଥନା କରିବା ପାଇଁ କହିଲେ। ଶୁନଃଶେପ ସୂର୍ଯ୍ୟଦେବ ଙ୍କୁ ପ୍ରାର୍ଥନା କରନ୍ତେ, ସୂର୍ଯ୍ୟଦେବ ତାଙ୍କୁ କହିଲେ ଯେହେତୁ ତୁମକୁ ବରୁଣ ଦେବ ଙ୍କୁ ଉତ୍ସର୍ଗ କରିବା ପାଇଁ ଯୁପ କାଠରେ ବନ୍ଧା ଯାଇଛି ତୁମେ ବରୁଣ ଙ୍କୁ ପ୍ରାର୍ଥନା କର। ଶୁନଃଶେପ ବରୁଣ ଦେବଙ୍କ ସ୍ତୁତି କଲା। ବରୁଣ ଦେବ ତାକୁ କହିଲେ, ଅଗ୍ନି ଦେବ ସବୁ ଦେବତାଙ୍କ ର ମୁଖ୍ୟ ସ୍ୱରୂପ ଅଟନ୍ତି କାରଣ ତାଙ୍କ ମାଧ୍ୟମରେ ସବୁ ଦେବତାମାନଙ୍କୁ ଯଜ୍ଞରେ ଆହୁତି ଦିଆଯାଏ। ତେଣୁ ତୁମେ ଅଗ୍ନି ଦେବଙ୍କୁ ସ୍ମରଣ କର। ବାଳକ ଶୁନଃଶେପ ପୁଣି ଥରେ ଅଗ୍ନି ଦେବ ଙ୍କୁ ସ୍ତୁତି କଲା। ସେତେବେଳେ ଅଗ୍ନି ଦେବ

ISSN NO.
2582-208X

ତାଙ୍କୁ ସବୁ ଦେବତାଙ୍କୁ ସ୍ତୁତି କରିବା ପାଇଁ କହିଲେ। ଅଗ୍ନି ଦେବତା ଙ୍କ ଉପଦେଶ ଅନୁସାରେ ସେ ସମସ୍ତ ଦେବତାଙ୍କୁ ସ୍ତୁତି କଲା।

ସେତେବେଳେ ଦେବତା ମାନେ ତାଙ୍କୁ ଦେବତା ମାନଙ୍କ ରାଜା ଇନ୍ଦ୍ର ଙ୍କୁ ପ୍ରାର୍ଥନା କରିବା ପାଇଁ କହିଲେ। ଦେବତା ମାନଙ୍କ କଥା ଅନୁସାରେ ସେ ଇନ୍ଦ୍ର ଦେବ ଙ୍କୁ ପ୍ରାର୍ଥନା କଲା। ଇନ୍ଦ୍ର ତା ପାଇଁ ଏକ ରଥ ପଠାଇଲେ ଏବଂ ଅଶ୍ଵିନୀ କୁମାରଙ୍କ ସ୍ତୁତି କରିବା ପାଇଁ କହିଲେ। ଯାହା ଫଳରେ ତାଙ୍କୁ ସବୁ ଦେବ ଦେବୀ ମୁକ୍ତ କରିଦେବେ। ଶୁନଃଶେପ ବୈଦିକ ମନ୍ତ୍ର ଅନୁସାରେ ଅଶ୍ଵିନୀ କୁମାର ଙ୍କୁ ସ୍ତୁତି କରିବା ଆରମ୍ଭ କରିଦେଲେ। ସେ ଯେତେ ଯେତେ ମନ୍ତ୍ର ପାଠ କଲେ ସେମିତି ସମିତି ତାଙ୍କ ବନ୍ଧନ ଖୋଲିବାକୁ ଲାଗିଲା ଏବଂ ରାଜା ହରିଶ୍ଚନ୍ଦ୍ର ମଧ୍ୟ ଜଳଉଦର ରୋଗରୁ ମୁକ୍ତି ଲାଭ କଲେ। ତାଙ୍କ ଶରୀର ପୂର୍ବ ଅବସ୍ଥାକୁ ଫେରି ଆସିଲା।

ବନ୍ଧନ ମୁକ୍ତ ହେବା ପରେ ଶୁନଃଶେପ  ଯଜ୍ଞ ସମ୍ପର୍ଣ୍ଣ କରୁଥିବା ଋଷି ମାନଙ୍କ ମଧ୍ୟରେ ଥିବା ମହର୍ଷି ବିଶ୍ଵାମିତ୍ର ଋଷି ଙ୍କୁ ନିଜ ପିତା ବୋଲି ଭାବି ତାଙ୍କ କୋଳ ଉପରେ ବସି ପଡିଲା.ଋଷି ବିଶ୍ଵାମିତ୍ର ମଧ୍ୟ ଶୁନଃଶେପ କୁ ନିଜର ପୌଷ ପୁତ୍ର ଭାବ ରେ ଗ୍ରହଣ କରିନେଲେ ।

ବିଶ୍ଵାମିତ୍ର ଶୁନଃଶେପ ଙ୍କୁ ନିଜ ପୁତ୍ର ଘୋଷିତ କରିବା ପରେ ଅଜୀଗର୍ତ ର ପୁତ୍ର ମୋହ ଜାଗି ଉଠିଲା। ସେ ଶୁନଃଶେପ ଙ୍କୁ ଫେରାଇ ନେବା କୁ ଚାହିଁଲେ ଏବଂ ସେ ନେଇ ଥିବା ଗାଈ ଗୁଡିକୁ ଫେରାଇ ଦେବେ ବୋଲି କହିଲେ । କିନ୍ତୁ ବାଳକ ଶୁନଃଶେପ ଏ ପ୍ରସ୍ତାବ ରେ ରାଜି ହେଲାନାହିଁ। ସେ କହିଲା ଯେଉଁ ପିତା ଧନ ଲୋଭ ରେ ନିଜ ପୁତ୍ର କୁ ପଶୁ ଭଳି ବଳି ଦେବା ପାଇଁ ପ୍ରସ୍ତୁତ ହୋଇ ଗଲେ ମୁଁ ତାଙ୍କ ପିତୃତ୍ଵ କୁ ଅସ୍ଵୀକାର କରୁଛି । ମୁଁ ଆଉ ତାଙ୍କ ସହିତ ଫେରିବି ନାହିଁ। ତା ପରେ ସେ ବିଶ୍ଵାମିତ୍ର ଙ୍କ ସହ ଚାଲି ଯାଇଥିଲେ । ଏଥି ପାଇଁ ଦେବତା ମନେ ମଧ୍ୟ ଆଶୀର୍ବାଦ କରିଥିଲେ ।

ISSN NO.
2582-208X

"ଚରୈବେତି ଚରୈବେତି ର କଥା" ବସ୍ତୁ ରୁ ଏଇ ସନ୍ଦେଶ ମିଳେ ଯେ -

ଆବହମାନ କାଳ ରୁ ମଣିଷ ମନରେ ପୁତ୍ର ପ୍ରାପ୍ତି ପାଇଁ ପ୍ରବଳ ଆକାଂକ୍ଷା ରହିଛି । ସେଥିପାଇଁ ସେ ବିଭିନ୍ନ ଦେବୀ ଦେବତା ଙ୍କୁ ମାନସିକ କରିଥାଏ ।

ପ୍ରିୟ ବ୍ୟକ୍ତି ଓ ବସ୍ତୁ ର ମୋହ ମନୁଷ୍ୟ କୁ ତା ପ୍ରତିଜ୍ଞା ରୁ ବିରତ ରହିବା ପାଇଁ ବିଭିନ୍ନ ବାହାନା ଖୋଜିବା କୁ ପ୍ରବର୍ତ୍ତାଇ ଥାଏ ।

ନିଜର ର ଜିନିଷ କୁ ତ୍ୟାଗ ନ କରିବା ପାଇଁ ମଣିଷ ଅନ୍ୟ ର ଜିନିଷ କୁ ଟଙ୍କା ଦେଇ କିଣିବା ପାଇଁ ପଛାଇ ନ ଥାଏ ।

ନିଜର ପ୍ରିୟ ବ୍ୟକ୍ତି ଓ ବସ୍ତୁ ର ରକ୍ଷା ପାଇଁ ମଣିଷ ସବୁବେଳେ ଦେବୀ ଦେବତା ଙ୍କ ଶରଣ ପଶେ ।

ଇନ୍ଦ୍ର ଙ୍କ ଦ୍ୱାରା ଦିଆ ଯାଇ ଥିବା ଚରୈବେତି ଚରୈବେତି ମନୁଷ୍ୟ କୁ ସର୍ବଦା ଉଦ୍ୟମ ଜାରୀ ରଖିବା ର ସ୍ପଷ୍ଟ ସନ୍ଦେଶ ଦିଏ । ସେଥିପାଇଁ କୁହା ଯାଇଛି -

"ଉଦ୍ୟମେନ ହି ସିଦ୍ଧନ୍ତି କାର୍ଯ୍ୟାଣି ନା ମନୋରଥୈଃ
ନ ହି ସୁପ୍ତସ୍ୟ ସିଂହସ୍ୟ ପ୍ରବିଶତି ମୁଖେ ମୃଗାଃ ।"

(ସମାପ୍ତ)

ISSN NO.
2582-208X

# ଗାଆଁ ପରିମଳ
# ଧୋବା ତୁଠରୁ



ପ୍ରସନ୍ନ କୁମାର ମେହେର

ଗାଆଁ ପରିମଳ ଧୋବା ତୁଠରୁ
ଖିଲି ଖିଲି ହସ ଶିଶୁ ଓଠରୁ
ଗାଈଗୋରୁ ବସ୍ତା ଗାଆଁ ଗୋଠରୁ
ସାଧୁଜନ ଭେଟ ବାବା ମଠରୁ ।।

ମାତା ଦରଶନ ଦେବୀ ପୀଠରୁ
ସଭିଏଁ ଜନମ ମାତା ଜଠରୁ
ଚୋର ତସ୍କରଙ୍କୁ ଜଣା ଶଠରୁ
ଜ୍ଞାନ  ଲଭିଥାଏ ଚାଟ ପାଠରୁ ।।

ଘରକୁ ସୁନ୍ଦର ଘରଣୀରାଣୀ
ବଧୂକୁ ସୁନ୍ଦର  ପାଟ ଓଢ଼ଣୀ
ମଥାକୁ ସୁନ୍ଦର କୁଞ୍ଚିଆ ବେଣୀ
ଲଜ୍ଜା ବିଭୂଷଣ ସିଏ ରମଣୀ ।

ଜଗାକୁ ସୁନ୍ଦର ତୁଳସୀ ହାର
ଶ୍ରୀକ୍ଷେତ୍ର ସୁନ୍ଦର ସିଂହ ଦୁଆର
ଶ୍ରୀମନ୍ଦିର ନେତ ଭାରି ସୁନ୍ଦର
ସୁଦର୍ଶନ ଚକ୍ର କି ଉଭାଗର ।।

ISSN NO.
2582-208X

ପ୍ରକୃତି ରାଣୀର ସୁନ୍ଦର ବେଶ
କଳା ମେଘ ତାର ମଞ୍ଜୁଳ କେଶ
ଶ୍ୟାମଳ ବସନ ଦେହେ ପରଶ
ନାଲି ଟୁକୁ ଟୁକୁ ସାଧବ ବୋହୂ
ନାଲି ରଙ୍ଗେ ଶୋଭେ ଚିତା ବହୁ ।।

ପ୍ରାଚୀ ଦିଗେ ଉଭା ବାଳସୂରୁଜ
ରକ୍ତିମ ଆଭା ମଞ୍ଜୁଳ ମୁରୁଜ
ବସୁନ୍ଧରା ମାତା ମୁଖେ ମଉଜ
ଦେଖି ଦେଲେ ଫେରେ ନି ଚକ୍ଷୁ ଆଜ ।।

ଅନ୍ତରଙ୍ଗ ବନ୍ଧୁ ସିଏ ନିଜର
ଦୂରୁ ଦେଖିଦେଲେ ହସର ଗୀର
ଘରକୁ ସୁନ୍ଦର ଫାଟକ ତାର
ଦିଶେ କିଶଳୟ ଭାରି ସୁନ୍ଦର ।।

ଗୃହ ପରିମଳ ତୁଳସୀ ଚୌରା
ଦାଣ୍ଡ ପରିମଳ ଛେରାପହଁରା
ଗାଆଁ ପରିମଳ ସଡକତରା
ନଭ ନିରିମଳ ଜୋଛନା ତାରା ।।

ଦିଗଶିରା, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ISSN NO.
2582-208X

# ବଳିଆର ମହାବାହୁ



ଜୟ କୁମାର ମିଶ୍ର

ବଳିଆର ହୋଇ, ଭୁବନରେ ନାହିଁ
କିଛିବି ଶ୍ୱାସିତ ହୋଇ,
ସବୁ ସାମୟିକ, ବିଜୁଳି ଝଲକ
ଦିନ କାଳ, ଦଣ୍ଡ, ପାଇଁ ॥(1)
ମୂଢ଼ ମାନସଟି, ଭାବ ଭାବନାଟି
ଭାଳୁ ଥାଏ ବହୁ କଥା,
ମୁହିଁ ଏକା ବଡ଼, ସବୁଠାରୁ ଦୃଢ଼
ଏକ ଛତ୍ରପତି ପନ୍ଥା ॥(2)
ଦିନ, କାଳ, ବେଳ, ଥିଲେ ଅନୁକୂଳ
ପାଗଳ କହିବ କଥା,
ସେ ବଡ଼ ଚତୁର, ବଡ଼ ପାରିବାର
ଊର୍ଦ୍ଧ୍ୱକୁ ଟେକି ତା ମଥା ॥(3)
ଭାଗ୍ୟର ନିୟନ୍ତା, ଜଗତ କରତା
ହୋଇଥିଲେ ପଛେ ସାହା,
ବଳେ, ବଳିଆର, ତେଜ ଓ ଉଜ୍ୱଳ
ଅହଂରେ ବୁଲାଇ ବାହା ॥(4)

ISSN NO.
2582-208X

ଯାହା ବି କରଇ, ଶୋଭା ମଣ୍ଡୁଥାଇ
ଉତ୍ତମ, ବେଭାର ଲାଗେ,
ଯିଏ ଯାହା କହୁ, ନାକ ଟେକୁ ଥାଉ
ଆଦର୍ଶ ଭାବନା ଜାଗେ ॥(5)
ଲୁଚକାଳି ଖେଳ, ସତମିଛ ମେଳ
ଠକ, ଦାଗି, ଶଠ, ବଳ,
କଳା ଧଳା କରେ, ଧଳା କଳା ବାରେ
ଅନୀତି, ଦୁର୍ନୀତି ଫଳ ॥(6)
ଚାଟୁକାରଙ୍କର, ଉଚିଷ୍ଟ ଭକ୍ଷଣ
ଅଇଁଠା ଖିଆଙ୍କ ପାଟି,
କରେ ସ୍ତବ ପାଠ, ସେ ପରା ଉତ୍କୃଷ୍ଟ
ସବୁରି ଦେବତା ଏଠି ॥(7)
ସେହିତ ପ୍ରଗତି, ସେହିତ ଉନ୍ନତି
ସେହି ସ୍ଥିତି, ସେହି ଗତି,
ତା ପାଇଁ ମୁକତି, ଦୁରାଏ ଦୁର୍ଗତି
ଅଭାବ ଯାଏ ରାତାରାତି ॥(୫)
ଲୁଚକାଳି ଖେଳ, ରାଜନୀତି ମେଳ
କିଣେ ନିରୀହଙ୍କ ମତି,
ମିଛ ପ୍ରତିଶୃତି, ଜାଳି ଆଶା ବତୀ
ନିରାଶାରେ ଆଶା ଜ୍ୟୋତି ॥(୨
ଯାତନାକୁ ଦିଏ, କାହାକୁ କନ୍ଦାଏ
ପ୍ରାଣର ଘାତକ କା'ର,
ମାନ, ଇଜ୍ଜତକୁ, କୋଳାଗ୍ରତ ତାକୁ
ପୁଞ୍ଜି ବଳେ ବଳିଆର ॥(10)
ଭୁଲଇ ସମ୍ପର୍କ, ବୟସର ଅଙ୍କ
ହୋଇ ମଦମତ୍ତ ନିତି,

ISSN NO.
2582-208X

ଫୁଲାଇ କେ ଛାତି, ବିବାଦକୁ ମତି
କୁଟ, କପଟରେ ଗତି, ॥(11)
କରି ହରିଲୁଟୁ, ପିନ୍ଧି ବୁଟୁ ସୁଟ
ଧୋବ ଧାଉଳିଆ ବାବୁ,
ଲୋକ ଦେଖାଣିଆ, କୁମ୍ଭୀର କାନ୍ଦଣା
ଛଳନା ନାଟକ ସବୁ ॥(12)
କେତେ ଦାନ ପୂଣ୍ୟ,ଭୋଜିଭାତ ମାନ
ଗରିବ, ଭିକାରୀ ପାଇଁ,
ସେବାଟି ସୀମିତି, ପ୍ରଚାର ବହୁତ
ଗଣମଧ୍ୟମକୁ ନେଇ ॥(13)
ମାଣ ପୁରିଗଲେ, ସେର ଭରିଗଲେ
ସବୁଖେଳ ହେବ ଇତି,
ଅଣ୍ଟି ଛୁରୀ ସେଠି, କାଟିଦେବ ତଣ୍ଟି
ସରିଯିବ ଖେଳ ସ୍ଥିତି, ॥(14)
ସବୁଠାରୁ ବଳି, ବାଲିଆର ହୋଇ
ସୃଷ୍ଟି କରତା ସାଇଁ,
ଦ୍ରୁବ କରେ ଦାରୁ, କରେ ମହାମେରୁ
ପାପୀଙ୍କୁ ବିନାଶେ ସେହି ॥(15)

ବୁଦୁର୍, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ଆଉ କିଛି ଚାହେଁ ନାହିଁ



ଝରଣା ବାରିକ

ବୁଢ଼ା ହେଲେ ମୁହିଁ ନ ଦିଅନ୍ତୁ ପଛେ
ଦୁଇ ଓଳି ଦୁଇ ମୁଠା,
ମୋରି ମୁଣ୍ଡରେ ବୋଳି ନ ଦିଅନ୍ତୁ
ନିଆଶ୍ରୀର ସେଇ ଅଠା।

ତିନି ହାତ ଜାଗା ମୋ ଭିଟା ମାଟିରେ
ଗୋଟେ କୋଣେ ମୋତେ ଦେଇ,
ପକେଇ ରଖନ୍ତୁ ପରିବାର ମୋର
ଆଉ କିଛି ଲୋଡା ନାଇଁ।

ଚାହେଁ ନାହିଁ ମୁହିଁ ଜରାଶ୍ରମେ ରହି
ପର ହାତେ ଖାଇବାକୁ,
ଭିଟାମାଟି ଛାଡି କା ଦୁଆରେ ପଡ଼ି
ଝୁରି ଝୁରି ମରିବାକୁ।

ମୋ ପୁଅ ବୋହୂ ଓ ନାତି ନାତୁଣୀ ଙ୍କ
ଗହଣରେ ଥିବି ରହି,

ISSN NO.
2582-208X

ମଲା ପରେ ମୋର ଚାରି ପାଖେ ବସି
କାନ୍ଦୁଥିବେ କଇଁ କଇଁ

ସାଇ ଭାଇ ମୋର ସୁଗୁଣ ବଖାଣି
ହେଉ ଥିବେ କୁହା କୁହି,
ସେତିକିରେ ମୋର ସ୍ୱର୍ଗ ପ୍ରାପ୍ତି ହେବ
ଆଉ କିଛି ଚାହେଁ ନାହିଁ l

ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- 9556846932

ISSN NO.
2582-208X

# 'ଛ ମାଣ ଆଠ ଗୁଣ୍ଠ', ଫକିର ମୋହନ ସେନାପତିଙ୍କ ଅନନ୍ୟ କୃତି



ଅସିତ ମହାନ୍ତ

(ଜନ୍ମଦିବସ ଉପଲକ୍ଷେ)

ଫକିର ମୋହନ ସେନାପତି (୧୩ ଜାନୁଆରୀ ୧୮୪୩ - ୧୪ ଜୁନ ୧୯୧୮) ଏକ ମଧ୍ୟବିତ୍ତ ପରିବାରରେ ଲକ୍ଷ୍ମଣ ଚରଣ ସେନାପତି ଏବଂ ତୁଳସୀ ଦେବୀ ସେନାପତିଙ୍କ ଘରେ ଜନ୍ମ ହୋଇଥିଲେ। ଦେଢ ବର୍ଷ ବୟସରେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା। ଚଉଦ ମାସ ପରେ ତାଙ୍କ ମାଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ତାଙ୍କ ଜେଜେମା ପିଲାଦିନରୁ ତାଙ୍କର ଯତ୍ନ ନେଉଥିଲେ।

ସେନାପତିଙ୍କ ମାମୁଁ ଯୁବକ ଫକିର ମୋହନଙ୍କ ପ୍ରତି ଇର୍ଷା କରୁଥିଲେ ଏବଂ ତାଙ୍କୁ ଶିକ୍ଷା ପାଇବାକୁ ଦେଇନଥିଲେ। ତାଙ୍କର ଦୁର୍ବଳ ସ୍ୱାସ୍ଥ୍ୟ ମଧ୍ୟ ତାଙ୍କର ବିଳମ୍ବିତ ଶିକ୍ଷା ପାଇଁ ଯୋଗଦାନ ଦେଇଥିଲା । ଫକିର ମୋହନ ସେନାପତି, ଯାହାଙ୍କୁ ଉତ୍କଳର ବ୍ୟାସ କବି ବୋଲି କୁହାଯାଏ, ସେ ଜଣେ ଭାରତୀୟ ଲେଖକ, କବି, ଦାର୍ଶନିକ ତଥା ସାମାଜିକ ସଂସ୍କାରକ ଥିଲେ। ସେ ଓଡିଆର ସ୍ୱତନ୍ତ୍ର ପରିଚୟ ପ୍ରତିଷ୍ଠା କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ଯାହା ମୁଖ୍ୟତଃ ଓଡ଼ିଶାର କଥିତ ଭାଷା। ତାଙ୍କର ଚାରିଟି ଉପନ୍ୟାସ, ୧୮୯୭ ରୁ ୧୯୧୫ ମଧ୍ୟରେ ଲିଖିତ, ଅଷ୍ଟାଦଶ ଏବଂ ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭରେ ଓଡିଶାର ସାମାଜିକ-ସାଂସ୍କୃତିକ ଅବସ୍ଥା ପ୍ରତିଫଳିତ ହୋଇଥିଲା । ଏହି ତିନୋଟି ଉପନ୍ୟାସ, ଛ ମାଣ ଆଠ ଗୁଣ୍ଠ, ମାମୁଁ ଏବଂ ପ୍ରାୟଶ୍ଚିତ ସାମାଜିକ ଜୀବନର ବାସ୍ତବତାକୁ

ISSN NO.
2582-208X

ଏହାର ବହୁ ପରିମାଣରେ ଆଲୋକିତ କରିଛନ୍ତି। "ଲଛମା" ହେଉଛି ଏକ ଐତିହାସିକ ରୋମାନ୍ସ ଯାହା ଅଷ୍ଟାଦଶ ଶତାବ୍ଦୀରେ ମରାଠା ଆକ୍ରମଣ ପରେ ଓଡିଶାର ବିଶୃଙ୍ଖଳା ପରିସ୍ଥିତିକୁ ସାମ୍ନା କରିଥାଏ। 'ଛ ମାଣ ଆଠ ଗୁଣ୍ଠ' ହେଉଛି ପ୍ରଥମ ଭାରତୀୟ ଉପନ୍ୟାସ ଯାହାକି ସାମ୍ରାଜ୍ୟ ପ୍ରଭୁଙ୍କ ଦ୍ୱାରା ଭୂମିହୀନ ଚାଷୀଙ୍କ ଶୋଷଣର ମୁକାବିଲା କରିଥିଲା । ଋଷରେ ଅକ୍ଟୋବର ବିପ୍ଳବ କିମ୍ବା ଭାରତରେ ମାର୍କ୍ସବାଦୀ ଚିନ୍ତାଧାରାର ଆବିର୍ଭାବ ପୂର୍ବରୁ ଏହା ଲେଖାଯାଇଥିଲା । ମୂଳତଃ ଓଡିଆ ଭାଷାରେ ଥିବା ଉପନ୍ୟାସଟି କାଲିଫର୍ନିଆ ୟୁନିଭରସିଟି ପ୍ରେସ୍ ଦ୍ୱାରା ଇଂରାଜୀ ଭାଷା ଅନୁବାଦରେ ପ୍ରକାଶିତ ହୋଇଥିଲା ।ଫକିର ମୋହନ ମଧ୍ୟ ଓଡିଆର ପ୍ରଥମ ଆତ୍ମଜୀବନୀ "ଆତ୍ମ ଜୀବନୀ ଚରିତ" ର ଲେଖକ ଅଟନ୍ତି ।

ଫକିରମୋହନ ସେନାପତିଙ୍କୁ ଓଡିଆ ଜାତୀୟତା ତଥା ଆଧୁନିକ ଓଡିଆ ସାହିତ୍ୟର ପିତା ଭାବରେ ବିବେଚନା କରାଯାଏ । ଫକିର ମୋହନ ସେନାପତିଙ୍କ ଏହି ଚତୁର ତଥା ହାସ୍ୟାସ୍ପଦ ଉପନ୍ୟାସ ଆଧୁନିକ ଭାରତୀୟ ସାହିତ୍ୟର ଅନ୍ୟତମ ଅଗ୍ରଣୀ ତଥା ଦେଶୀ ଭାରତୀୟ ଭାଷାର ବିନାଶ ବିରୁଦ୍ଧରେ ସଂଗ୍ରାମରେ ଜଣେ ପ୍ରାରମ୍ଭିକ କାର୍ଯ୍ୟକର୍ତ୍ତା - ଉଭୟ ସାହିତ୍ୟିକ କାର୍ଯ୍ୟ ଏବଂ ଏକ ଐତିହାସିକ ଦଲିଲ । ଏହା ଉଭୟ ବ୍ରିଟିଶ ଏବଂ ଭାରତୀୟ ସାହିତ୍ୟ ସମ୍ମିଳନୀ, "ଛ ମାଣ ଆଠଗୁଣ୍ଠ" ଉପନିବେଶ ଶାସନ ଅଧୀନରେ ଭାରତୀୟ ଗ୍ରାମ ଜୀବନର ଏକ ଅନନ୍ୟ "ଦୃଶ୍ୟ" ପ୍ରଦାନ କରିଥାଏ । ୧୮୩୦ ଦଶକରେ ଓଡ଼ିଶାରେ ଏହା ସ୍ଥାପିତ ହୋଇଥିଲା, ଉପନ୍ୟାସଟି ଏକ କ୍ଷୁଦ୍ର ଜମି ଉପରେ ଧ୍ୟାନ ଦେଇଥାଏ, ଯେଉଁଥିରେ ଏହି ସମ୍ପତ୍ତି ବିକ୍ରୟ ଏବଂ ପୁନଃ ବିକ୍ରୟ ଦ୍ୱାରା ପ୍ରଭାବିତ ହୋଇଥିବା ଲୋକଙ୍କ ଜୀବନ ଏବଂ ଭାଗ୍ୟ ଅନୁସନ୍ଧାନ କରାଯାଇଥାଏ । ଏହି ସୁନ୍ଦର ଅନୁବାଦ ବିଶ୍ୱସ୍ତରରେ ଗ୍ରାମାଞ୍ଚଳରେ ଉପନିବେଶବାଦୀତାର ଅଧିକ ଅସୁରକ୍ଷିତ ଦିଗଗୁଡିକ କିପରି ପ୍ରଭାବିତ କଲା ତାହାର ବିରଳ ତଥା ବାଧ୍ୟତାମୂଳକ ବିବରଣୀକୁ ବିଶ୍ୱସ୍ତ ଭାବରେ ପ୍ରଦାନ କରେ ।ଏହି ଉପନ୍ୟାସ ର ସାର କଥା ହେଉଛି - ଜଣେ ଜମିଦାର ରାମ ଚନ୍ଦ୍ର ମଙ୍ଗରାଜ ଏକ ବିବାହିତ ଦମ୍ପତି (ପତ୍ନୀ ସାରିଆ ଏବଂ ସ୍ୱାମୀ ଭଗିଆ) ଙ୍କ ଅତ୍ୟଧିକ ଉର୍ବର ଜମି ଉପରେ ଦୃଷ୍ଟି ରଖିଛନ୍ତି ଏବଂ ଏହି ଜମି ଛଡ଼ାଇବା ପାଇଁ ଏକ ଷଡଯନ୍ତ୍ର ରଚିଛନ୍ତି। ଜମି ହରାଇବା ପରେ ସ୍ୱାମୀ ପାଗଳ ହୋଇଯାଆନ୍ତି। ତାଙ୍କ ଗାଇ କୁ ମଧ୍ୟ ନିଆଯାଇଛି। ପତ୍ନୀ ସାରିଆଙ୍କୁ ଜମିଦାର ମାଡ ମାରିଥିଲେ। ସ୍ୱାମୀ, ଜମି ଏବଂ ସବୁକିଛି ହରାଇଥିବା ମହିଳା ଅନେକ

ISSN NO.
2582-208X

ଭାବନାରେ ପ୍ରତିଫଳିତ ହୋଇ ଜମିଦାର ଅତ୍ୟଧିକ ଯନ୍ତ୍ରଣା ଭୋଗୁଛନ୍ତି । ଜମିଦାର ସର୍ବଦା ସେହି ମହିଳାଙ୍କ ସ୍ୱର ଶୁଣିବାକୁ ପାଉଥିଲେ - "ମୋତେ ମୋର ଛ ଏକର ୮ ଗୁଣ୍ଠ ଜମି ଫେରାଇ ଦିଅ ଏବଂ ମୋତେ ମୋର ଜମି ଦିଅ, ମୋତେ ମୋର ଗାଇ ଦିଅ" । ତାଙ୍କର ମନ୍ଦ କାର୍ଯ୍ୟ ଯୋଗୁଁ ଶେଷରେ ଜମିଦାର ପ୍ରାଣ ତ୍ୟାଗ କରନ୍ତି । ଏହି ଉପନ୍ୟାସକୁ ଯଦି ଆମେ ମୂଲ୍ୟାଙ୍କନ କରିବା, ତେବେ ଅନେକ ମହତ୍ୱପୂର୍ଣ୍ଣ ବିନ୍ଦୁ ଉଜାଗର ହେବ, ଯାହା ବର୍ତ୍ତମାନର ସାହିତ୍ୟକୁ ଉନ୍ନତ କରିବାରେ ସାହାଯ୍ୟ କରିବ ।

**ସାହିତ୍ୟିକ ମହତ୍ୱ :** "ଛମାଣ ଆଠଗୁଣ୍ଠ" ଭାରତୀୟ ସାହିତ୍ୟର ଏକ କଳାକୃତି ଭାବରେ ବହୁଳ ଭାବରେ ସ୍ୱୀକୃତିପ୍ରାପ୍ତ । ଏହା ଓଡିଆ ସାହିତ୍ୟର ଏକ ମୋଡ଼ ବଦଳାଇଲା, କାହାଣୀ କହିବାରେ ବାସ୍ତବତା ଏବଂ ମାନସିକ ଗଭୀରତାକୁ ପରିଚିତ କରାଇଲା । ଏହି ଉପନ୍ୟାସ ମାନବିକ ସମ୍ପର୍କର ଜଟିଳତା, ଶ୍ରେଣୀ ବିଭାଜନ ଏବଂ ସାମ୍ରାଜ୍ୟ ପ୍ରଣାଳୀର ଶୋଷଣକାରୀ ପ୍ରକୃତିର ଆବିଷ୍କାର କରି ଏହାକୁ ସାହିତ୍ୟିକ କାନୁନର ଏକ ମହତ୍ୱପୂର୍ଣ୍ଣ ଅଂଶ ଭାବରେ ପରିଣତ କଲା ।

**ସାମାଜିକ ମନ୍ତବ୍ୟ:** ସେନାପତି ଓଡ଼ିଶାରେ ଔପନିବେଶିକ ଯୁଗରେ ବିଦ୍ୟମାନ ଥିବା ସାମାଜିକ-ଅର୍ଥନୈତିକ ଅବସ୍ଥାକୁ ଦକ୍ଷତାର ସହିତ ଚିତ୍ରଣ କରିଛନ୍ତି । ଉଜ୍ଜ୍ୱଳ ଚରିତ୍ର ଏବଂ ବିସ୍ତୃତ ବର୍ଣ୍ଣନା ମାଧ୍ୟମରେ, ସେ ଜମି ମାଲିକମାନଙ୍କ ଦ୍ୱାରା ନିମ୍ନ ଶ୍ରେଣୀର ଶୋଷଣକୁ ଆଲୋକିତ କରିଥିଲେ । ଉପନ୍ୟାସ, ସମାଜରେ ଥିବା ପ୍ରତିବାଦ ଏବଂ ଅନ୍ୟାୟକୁ ପ୍ରକାଶ କରିଥାଏ, ଯାହା ପାଠକମାନଙ୍କୁ ପ୍ରଚଳିତ ସାମାଜିକ ବ୍ୟବସ୍ଥାକୁ ବୁଝିବାରେ ଉତ୍ସାହିତ କରିଥାଏ ।

**ଚରିତ୍ର ଗୁଡିକର ବାସ୍ତବବାଦୀ ଚିତ୍ର:** ଉପନ୍ୟାସର ଅନ୍ୟତମ ଶକ୍ତି ଏହାର ସୁଚିନ୍ତିତ ଚରିତ୍ରଗୁଡ଼ିକରେ ଅଛି । ନାୟକ ରାମଚନ୍ଦ୍ର ମଙ୍ଗରାଜଙ୍କ ଠାରୁ ଆରମ୍ଭ କରି, ଯିଏ ନିଜର ବ୍ୟକ୍ତିଗତ ସମ୍ପତ୍ତିର ଅଭିବୃଦ୍ଧିରେ ସର୍ବଦା ଚେଷ୍ଟିତ, ହେରା, ଗୋବିନ୍ଦ, ଏବଂ ବଳରାମ ଭଳି ସ୍ମରଣୀୟ ଚରିତ୍ର ପର୍ଯ୍ୟନ୍ତ ପ୍ରତ୍ୟେକ ଚରିତ୍ର ବହୁମୁଖୀ । ମାନବ ତ୍ରୁଟି ଏବଂ ଗୁଣଗୁଡ଼ିକର ସେନାପତିଙ୍କ ଚିତ୍ରଣ କାହାଣୀରେ ଗଭୀରତା ଏବଂ ନିର୍ଭରଯୋଗ୍ୟତା ଯୋଗ କରିଥାଏ ।

ISSN NO.
2582-208X

**କାହାଣୀ କୌଶଳ:** ସେନାପତି ଏକ ଅନନ୍ୟ କାହାଣୀ କୌଶଳକୁ ନିୟୋଜିତ କରନ୍ତି, ଆଞ୍ଚଳିକ ଉପଭାଷା ସହିତ କଥାବାର୍ତ୍ତା ଭାଷାକୁ ମିଶ୍ରଣ କରନ୍ତି, ଯାହା କାହାଣୀରେ ସତ୍ୟତା ଏବଂ ସମୃଦ୍ଧତା ଯୋଗ କରିଥାଏ । ସେ ଗ୍ରାମୀଣ ଜୀବନ ଏବଂ ରୀତିନୀତିର ବିଭିନ୍ନ ସ୍ତରକୁ ଦକ୍ଷତାର ସହିତ ଚିତ୍ରଣ କରି ସମୟର ସେଟିଂ ଏବଂ ସଂସ୍କୃତିରେ ପାଠକମାନଙ୍କୁ ବୁଡ଼ାଇ ରଖିଥିଲେ । ଅନୁସନ୍ଧାନ କରାଯାଇଥିବା ଥିମ୍: "ଛମାଣ ଆଠଗୁଣ୍ଠ" ବିଭିନ୍ନ ବିଷୟବସ୍ତୁ ଯଥା ସାମାଜିକ ଅସମାନତା, ଲିଙ୍ଗଗତ ଗତିଶୀଳତା, ମାନବ ଲୋଭ, ଶୋଷଣ ଏବଂ ଗ୍ରାମୀଣ ସମାଜ ଉପରେ ଉପନିବେଶବାଦର ପରିଣାମ ପରି ଆବିଷ୍କାର କରେ । ଦଳିତ ସାମ୍ରାଜ୍ୟ ପ୍ରଣାଳୀ ଉପରେ ସେନାପତିଙ୍କ ସମାଲୋଚନା ଏବଂ ମାନବ ଅସ୍ତିତ୍ୱର ବିଷୟବସ୍ତୁଗୁଡ଼ିକର ଚିତ୍ରଣ ଏହି ଉପନ୍ୟାସକୁ ଥିମେଟିକ୍ ସମୃଦ୍ଧ ଏବଂ ଚିନ୍ତାଧାରା ସୃଷ୍ଟି କରେ ।

**ସାହିତ୍ୟିକ ଉତ୍ତରାଧିକାରୀ:** ଓଡିଆ ସାହିତ୍ୟ ଉପରେ ଉପନ୍ୟାସର ପ୍ରଭାବକୁ ଅତିରିକ୍ତ କରାଯାଇପାରିବ ନାହିଁ । ଏହା ସାମାଜିକ ଚିନ୍ତାଧାରାକୁ ସମାଧାନ କରିବା ଏବଂ କାହାଣୀ କହିବା ପାଇଁ ଏକ ବାସ୍ତବବାଦୀ ଆଭିମୁଖ୍ୟ ଗ୍ରହଣ କରିବାକୁ ପରବର୍ତ୍ତୀ ପିଢ଼ି ଲେଖକମାନଙ୍କୁ ପ୍ରେରଣା ଦେଇଥିଲା ।

ଭାରତରେ ଆଞ୍ଚଳିକ ସାହିତ୍ୟର ଅଭିବୃଦ୍ଧି ତଥା ବିକାଶରେ ସେନାପତିଙ୍କ ଅବଦାନ ଅତ୍ୟନ୍ତ ସମ୍ମାନିତ ରହିଛି । ପରିଶେଷରେ, "ଛମାଣ ଆଠଗୁଣ୍ଠ" ଓଡିଆ ସାହିତ୍ୟର ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟ, ଚରିତ୍ର, ସାମାଜିକ ମନ୍ତବ୍ୟ ଏବଂ ଚିନ୍ତାଧାରା ଥିମର ବାସ୍ତବ ଚିତ୍ରଣ ପାଇଁ ପ୍ରଶଂସିତ । ଫକିର ମୋହନ ସେନାପତିଙ୍କ ଉପନ୍ୟାସ ପାଠକମାନଙ୍କୁ ଏହାର ଅବିସ୍ମରଣୀୟ ପ୍ରାସଙ୍ଗିକତା ଏବଂ କଳାତ୍ମକ ଗୁଣ ସହିତ ଆକର୍ଷିତ କରିବାରେ ଲାଗିଛି । ଏଭଳି ଜଣେ ସୃଜନଶୀଳ ଏବଂ ପ୍ରଖର ବୁଦ୍ଧିର ଅଧିକାରୀଙ୍କ ଜନ୍ମଦିନରେ ତାଙ୍କୁ ସତ ସତ ନମନ ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୬୮୮୧୨

ISSN NO.
2582-208X

# କେମିତି କହିବି



ମନୋରମା ମହାନ୍ତ

ପଚାରନ୍ତି ଲୋକେ
କାହାପାଇଁ ଏତେ
କବିତା ଲେଖୁଛ କୁହ !
କିଏ ସେହି ନାରୀ
ଅନିନ୍ଦ୍ୟ ସୁନ୍ଦରୀ
ଆଖିରେ ଦେଇଛି ଲୁହ !
କାହା ପାଇଁ ତୁମ
କଲମ ମୁନରୁ
ଝରି ପଡେ ଏତେ କୋହ !
ତୁମେ ମୋର ସେହି
କାବ୍ୟ ନାୟିକା
କେମିତି କହିବି କୁହ !
ତୁମ ପାଇଁ ଯେତେ
କବିତା ଲେଖିଛି
ସବୁତ କୋହରେ ଭରା !
ତୁମ ପାଇଁ ଯେତେ
ରାତି ବିତାଇଛି
ସବୁ ମୋର ଲୁହ ଝରା !

ISSN NO.
2582-208X

ତୁମ ପାଇଁ କେତେ
ଅପେକ୍ଷା ର ରାତି
ସକାଳ ହେଇଛି ପରା !
କେମିତି କହିବି
ତୁମରି ସପନେ
ଆଖି ମୋର ନିଦ ଭରା !!

କୂଳସାହି, ଅଲଣାହାଟ,
ଜଗତସିଂହପୁର

ISSN NO.
2582-208X

# ଭାଷାରେ ଭେଦ



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ଓଡିଆରେ ଯାକୁ
ଆଶ୍ଳୀଳ କହୁଛ
ଇଁରେଜୀରେ ତାହା ଶ୍ଳୀଳ
ଓଡିଆରେ ଯଦି
କହିଦେବ ତାକୁ
ତିଳଟା ହୋଇବ ତାଳ ।

ଆମ ଓଡିଆର
ଅଶ୍ଳୀଳ ଶବ୍ଦକୁ
ଇଁରେଜୀରେ କହିଦେଉ
ସେମିତି କହିଲେ
ପ୍ରାଂଜଳ ଭାବରେ
କଥାଟାକୁ ବୁଝିଯାଉ ।

ହାଇଡ୍ରୋସିଲଠୁ
ପେନିସ ପର୍ଯ୍ୟନ୍ତ
ଖୋଲା ଖୋଲି ଭାବେ କହୁ
ତାର ପ୍ରତିଶବ୍ଦ

ISSN NO.
2582-208X

ଓଡିଆ ଭାଷାରେ
କହିବାକୁ ଡରିଥାଉ।

ଭର୍ଜିନା ବ୍ରେଷ୍ଟ
ଇଁରେଜୀରେ କହୁ
ଓଡିଆରେ କହୁ ନାହିଁ
ଯଦି କହି ଦେବା
ଓଡିଆ ଭାଷାରେ
ତ୍ରୁଟି ବି ରହିବ ନାହିଁ ।

ବହୁ ଗାଳି ଅଛି
ଓଡିଆ ଭାଷାରେ
ନିଆଁ ପରି ତରିଯାଏ
କହି ଦେଲେ ତାକୁ
ସମାଜ ଭିତରେ
ମହାଭାରତଟେ ହୁଏ।

ଅର୍ଥ ତ ସମାନ
ଭାଷା ହିଁ ଆଲଗା
ସୁରୁଚି କୁରୁଚି ଖାଲି
ଇଁରେଜୀରେ ଶୁଣି
ହସି ଦେଇଥାଉ
ଓଡିଆରେ ପଡୁ ନାଲି।

ଗାଆଁ ମଶାଣିକୁ
ଭାରି ଡର ଲାଗେ
କାଳେ ଭୂତ ପ୍ରେତ ଥିବେ

ISSN NO.
2582-208X

ଥୁଣ୍ଟା ବରଗଛ
କିଆ ବୁଦାଗୁଡା
ନିଇତି ଡରାଉ ଥିବେ ।

ପର ଗାଁ ମଶାଣି
ଜମା ଡରାଏନି
ତାହା ବିଷୟରେ ଅଙ୍କ
ସେହି ମଶାଣିରେ
ରାତି ଅଧେ ଯାଉ
ସତେ ଯେମିତି କି ବିଙ୍କ ।

ନିଜ ଗାଆଁ ପାଣି
ଅତୀବ ନିଜର
ନିତି  ସ୍ନାନ କରୁ ଆମେ
ଜାଣିଛୁ ପାଣିର
ଗଭୀରତା କେତେ
ଆସିଥାଏ  ସିଏ କାମେ ।

ପର ଗାଁ ପାଣିକୁ
ଡର ଲାଗିଥାଏ
ଗଭୀରତା ତାର କେତେ
କୁମ୍ଭୀର ଅଥବା
ଜୋକ ଯଦି ଥିବେ
ଲିଗିଯିବେ ଗୋଡ ହାତେ ।

ମୋ:9937462507

ISSN NO.
2582-208X

# ହାଟ



ବିଶ୍ୱନାଥ କର

ହାଟ ସାରା ଗହଳି
କେହି କେହି ହାତ ପତେଇ ମାଗୁଛନ୍ତି ଦୁଃଖ
ଦୁଃଖର ଦାବୀଦାର ସାଜି
ପ୍ରୀତିର ମୂଲଚାଲ ଭିତରେ
କିଣୁଛନ୍ତି ରଙ୍ଗହୀନ କାକର ବିନ୍ଦୁରେ
ଢଳ ଢଳ ଆଲୋକର ମାୟା ।

ଆଖିଝଲସା ନକଲି ହୀରାର ଆଲୋକେ
ପାଦ ଭୁଲେ କାହା ଗତି
ନିଜ ଭିତରେ ନିଜକୁ ଲୁଚେଇ ଛପେଇ
ଦୁଃଖଟିକେ ଖୋଜୁ ଖୋଜୁ
ମିଳିଯିବ କାଳେ ଅନାକାଙ୍କ୍ଷିତ ସୁଖରୁ ଚାମୁଚେ ।

ଗହଳି ହାଟସାରା
ଚାଲିଛି ବଣ୍ଟାକୁଣ୍ଡା

ISSN NO.
2582-208X

ବତୁରା ହୃଦୟରେ ନାଚୁଥିବା
ଶାରଦୀୟ ନୀଳଜ୍ୟୋସ୍ନାର ଝୁ ଝୁ ବର୍ଷା ।

ପଦ୍ମପୋଖରୀ କୂଳରେ ଦେହ ମାଜୁଥିବା
ପଦ୍ମିନୀ ନାୟିକାର ଅସଜଡା କେଶେ
ଲଟେଇ ଯାଉଥିବା ଲାସ୍ୟମୟୀ ଘୁମନ୍ତ ମେଘ
ରୂପେଲୀ ଜହ୍ନର ମାୟା କିରଣ ଧାପରେ
କଳା ପଡିଯାଉଛି
ମୀନାକରା ଆତ୍ମମଗ୍ନ ବାସ୍ନାୟିତ ତିଥି ।

ନିରୀହ ବାଟୋଇ ମାନେ ଝୁଣ୍ଟୁଛନ୍ତି
ଭଙ୍ଗୁର କାଚଖଣ୍ଡର ରାସ୍ତାରେ
ରହସ୍ୟମୟୀ ବନ୍ଧୁର ପଥରେ
ଆଶାରଖି ସମ୍ଭାବନାର ଦୃଢ ଭୁଇଁଟିଏ ପାଦତଳେ
ଜିଇଁଲା ଭଳି ଜୀବନଟିଏ ଥିବ ହାତେ କି ଚାଖଣ୍ଡେ ।

ଗହଳି କମୁନି
ଭିଡ ଭିତରେ ସ୍ୱପ୍ନମାନେ ଆହୁରି ସଜୀବ ହେଉଛନ୍ତି
ଦିନ ଦିନ ଧରି ଖୋଜୁଥିବା ଜୀବନ ଚୌପଦୀ
ବଂଶୀର କରୁଣ ସ୍ୱନେ
ଚାଖଣ୍ଡେ ସିଇଁଲେ ଫାଟିଯାଏ ହାତେ

ISSN NO.
2582-208X

ଦୁଃଖ ସବୁ ଅବୋଲକରା ଭଳି
କମ୍ବଳ ବିଛେଇ ପତଙ୍ଗକୁ ନିମନ୍ତ୍ରି ଜିଅନ୍ତା ଲାଭାକୁ ।

ଏତେ ଗହଳି ହାଟରେ
ହଜେଇ ଦେଇ ପାଇବା ରାସ୍ତାର ମାପ
ଭୁଲିଯାଉଛନ୍ତି ପ୍ରସ୍ଥାନର ଛକ
ଗହଳି ବଢୁଛି ବଢୁଛି ଜିଜ୍ଞାସା
ସୁଖ ବୋଲି ଭାବି ହାତ ପକେଇ କିଣୁଥିବା ଦୁଃଖ ।

ସାଇ କଲୋନୀ, ଦେଉଳସାହି,
ତୁଳସୀ ପୁର, କଟକ ୭୫୩୦୦୮
ସମ୍ପର୍କ 9776332639
ମେଲ୍ biswanathkar1956@gmail.com

ISSN NO.
2582-208X

# ନାଟକ

# ।।ଭଲ ମଣିଷ ଖୋଜିବା ଆସ ।।



ସୁଧାଂଶୁ ଶେଖର ଦ୍ୱିବେଦୀ

।। ୧୧ ଦୃଶ୍ୟ ।।

(ଥାନା: ଇନ୍ସପେକ୍ଟର ନିହାର ବସି ଫାଇଲ କାମ କରୁଥାଏ।ହଠାତ ନେତା ନିର୍ମଳ ଭାବମୂର୍ତ୍ତି ଗୋଗା ଓ ଯୋଗା ସହିତ ଆସେ ।)

ନିର୍ମଳ- ହଇରେ ଇନ୍ସପେକ୍ଟର ତୁମ ମାନଙ୍କର ତ ବହୁତ ବହପ ହେଇଗଲାଣି ମୋ ପୁଅକୁ ଧରିଆଣି ଥାନାରେ ରଖିଛ।

ନିହାର- ସାର! ଆପଣଙ୍କ ପୁଅ ଅମର୍ଯ୍ୟାଦାର ଶେଷ ସୀମା ଟପି ଯାଇଥିଲେ।

ନିର୍ମଳ- ଚୁପକର! ଅମର୍ଯ୍ୟାଦା! କିଭଳି ଅମର୍ଯ୍ୟାଦା? ଯବାନୀ ବେଳେ ସମସ୍ତେ ସେମିତି କରନ୍ତି। କିଏ ଲୁଚା ଛପା କରେ ଆଉ କିଏ ଦାଣ୍ଡ ଘାଟରେ କରେ। ତାମାନେ ନୁହେଁ କାହାକୁ ଭଲପାଇବାର ପରିଣତି ଅମର୍ଯ୍ୟାଦାର ରୂପ ନେବ। କନେଷ୍ଟବଳକୁ କୁହ ସସମ୍ମାନେ ମୋ ପୁଅକୁ ଲକଅପରୁ ନେଇଆସିବ।

ନିହାର- ସେଭଳି ଅର୍ଡର ମୁଁ ଦେଇପାରିବି ନାହିଁ ସାର।

ନିର୍ମଳ-ହ୍ୱାଟ ନନସେନ୍ସ! ତୁମେ ଜାଣିଛ ମୁଁ କି ପ୍ରକାର ଉପାଦାନରେ ଗଢ଼ା? ଏବେ ଆଖିମିଟିକା ମାରିବି ତ ତୁମକୁ କୋଉ କୋରାପୁଟ ହେଉ କି ମାଲକାନଗିରି ଟ୍ରାନ୍ସଫର

ISSN NO.
2582-208X

କରିଦେବି। କିନ୍ତୁ ନା, ମୁଁ ଜାଣେ ତୁମେ ମୋ ଆଦେଶକୁ କେବେ ଅମାନ୍ୟ କରିବ ନାହିଁ। ଶୀଘ୍ର କନେଷ୍ଟବଳକୁ କୁହ ମୋ ପୁଅକୁ ଲକଅପରୁ ରିଲିଜ କରିଆଣିବ।

ନିହାର-ଆପଣଙ୍କ ନିକଟରେ ସେ କ୍ଷମତା ଅଛି, ଆପଣ ମୋତେ କେବଳ କୋରାପୁଟ କି ମାଲକାନଗିରି ନୁହେଁ, ତାଠାରୁ ଅନୁନ୍ନତ ସ୍ଥାନକୁ ଟ୍ରାନ୍ସଫର କରିପାରିବେ। ବଟ ଆଇ ଏମ ସରି ସାର! ଆପଣ ଙ୍କ ଆଦେଶ ମୁଁ ମାନି ପାରିବି ନାହିଁ।

ନିର୍ମଳ- ଆରେ ହେ ଗୋଗା ଯୋଗା ଯାଅ, ଭିତରେ କନେଷ୍ଟବଳ ପାଖରୁ ଚାବିକାଠି ନେଇ ମୋ ପୁଅକୁ ଲକଅପରୁ ନେଇଆସିବ।

ବଳୟ- (ପ୍ରବେଶି)ସେଭଳି ଦୁଃସାହସ କଲେ ଆପଣଙ୍କୁ ବି ଲକ ଅପରେ ପୂରେଇବାକୁ ବାଧ୍ୟ ହେବି। ଆପଣ ଥାନାକୁ କଣ ଭାବିଛନ୍ତି। ଆମେମାନେ ଆପଣଙ୍କ ହାତର କଣ୍ଢେଇ ନୁହଁ ଯେ ଯେମିତି ଚାବି ମୋଡ଼ିବେ ଡିବିଡିବି ହେଇ ନାଚିବୁ।

ନିର୍ମଳ-ତାମାନେ ତୁମେ ମୋତେ ଧମକ ଦେଉଛ! ଜାଣ ଏସ.ପି ମନ୍ତ୍ରୀ ନିର୍ମଳ ଭାବମୂର୍ତ୍ତି ନିର୍ମଳ ପାଣିକୁ ବି ଗୋଳିଆ କରିଦିଏ। ଅଯଥା ମୋ ସହିତ ଯୁକ୍ତିତର୍କ ନ କରି ଯାଅ ମୋ ପୁଅକୁ ଖଲାସ କରିଦିଅ।

ବଳୟ-ଇମ୍ପୋସିବଲ! ଆପଣଙ୍କ ପୁଅ ବିଚ ରାସ୍ତାରେ ଅଭଦ୍ରାମିର ଧୃଷ୍ଟତା କରୁଥିଲା ସେଥିପାଇଁ ଧାରା ୩୦୨ ଅନୁଯାୟୀ କୋର୍ଟ ଚାଲାଣ କରାହେବ। କୋର୍ଟ ଯାହା ଡିସିସନ ଦେବ ତାକୁଇ ମାନିବା ପାଇଁ ଅପେକ୍ଷା କରନ୍ତୁ।

ନିର୍ମଳ- କଣ କହିଲ ମୋ ପୁଅକୁ କୋର୍ଟ ଡିସିସନ ଦେବ?

ବଳୟ-ଆଜ୍ଞା!

ନିର୍ମଳ- ପ୍ରଳୟ କରିଦେବି। ତୁମକୁ ଛାଡିବିନି। ପ୍ରଳୟର ସୂଅରେ ଭସେଇଦେବି। ମୁଁ ମନ୍ତ୍ରୀ ନିର୍ମଳ ଭାବମୂର୍ତ୍ତି ଯାହା ଚାହିଁବି ତାହା କରିଦେବି।

ବଳୟ-ପାଞ୍ଚ ବର୍ଷ କରିବେ ହେଲେ ଆମେମାନେ ଅବସର ନେବା ଯାଏ ଆଇନର ହାତ ଧରି ଚଉହଦୀରେ ପହରା ଦେଉଥିବୁ।

ISSN NO.
2582-208X

ନିର୍ମଳ- ପାଞ୍ଚ ବର୍ଷ ଭିତରେ ସବୁକିଛି ଓଲଟ ପାଲଟି ହେଇଯିବ ଏସ ପି। କିଏ ଜାଣେ ତୁମେ ଏଠି ଥିବ କି ଆଉ କୋଉଠି ?

ବଳୟ-ସତ୍ୟ ପଥରେ ଚାଲିଛି ବୋଲି ୧୫ ବର୍ଷ ହେଲା ପୋଲିସ ପୋଷାକ ପିନ୍ଧିବା ଦିନରୁ ଆଠଟି ସ୍ଥାନକୁ ଟ୍ରାନ୍ସଫର ହେଇସାରିଲିଣି ତଥାପି ମୋର କିଛି ଅବଶୋଷ ନାହିଁ।

ନିର୍ମଳ- କେତେ ନେବ କୁହ ?

ବଳୟ-ମାନେ ?

ନିର୍ମଳ- ଦକ୍ଷିଣା!କଥା କଣ କି ଆଜି କାଲି ବିନା ଦକ୍ଷଣାରେ କେହି କିଛି କରୁ ନାହାନ୍ତି।

ବଳୟ-ତାମାନେ ମୋତେ ଉତ୍କୋଚ ଦେବେ ?

ନିର୍ମଳ-ସମସ୍ତେ ନେଉଛନ୍ତି, ତୁମେ କୋଉ ମହାପୁରୁଷ ହେଇଗଲ କି ?

ବଳୟ- ଗେଟ ଆଉଟ!ଆଇ ସେ ଗେଟ ଆଉଟ।

ନିର୍ମଳ- ବିପି ବଢିଯିବ ଏସ ପି। କଣ୍ଟ୍ରୋଲରେ ରୁହ।ମୋ କଥା ମାନି ପୁଅକୁ ଛାଡିଦିଅ। ଯୌବନ ନିଶାରେ କଣ ଟିକେ କରିଦେଇଛି ତାମନେ ନୁହେଁ ମନ୍ତ୍ରୀ ନିର୍ମଳ ଭାବମୂର୍ତ୍ତିର ପୁଅ ଜେଲରେ ରହିବ।

ବଳୟ-ସମାଜ ବିରୋଧୀ କାର୍ଯ୍ୟକୁ ରୋକିବା ପାଇଁ ପୋଲିସ ଅଛନ୍ତି । ଆପଣଙ୍କ ପୁଅ ସମାଜର ଜଣେ କୀଟ।ତାକୁ ଉଚିତ ଦଣ୍ଡ ନ ମିଳିବା ଯାଏ ମୁକ୍ତି ଦେଇହେବ ନାହିଁ।

ନିର୍ମଳ- ତୁମେ ମୋ ଆଦେଶକୁ ଅମାନ୍ୟ କରିବ ?

ବଳୟ- ସରି ସାର! ଅପଣ ଏଠାରୁ ଚାଲିଯାଆନ୍ତୁ। ପୋଲିସର କାମ କରିବାକୁ ଦିଅନ୍ତୁ।

ନିର୍ମଳ- ଯିବି ନିଶ୍ଚୟ। ଆଉ କିଛି ସମୟ ପରେ ମୋ ପୁଅ ବି ବେଲ ରେ ଖଲାସ ହେଇଯିବ। କିନ୍ତୁ ଗୋଟେ କଥା ମନେରଖିବ ଏସ ପି ଜୀବନକୁ ଯେତେ ସରଳ ଭାବିଛ ତାହା ସେତେ ସରଳ ନୁହେଁ। ସତ୍ୟ ପଥରେ ଯିଏ ଚାଲେ ସେ ବାରମ୍ବାର ଝୁଣ୍ଟିପଡ଼େ। ଲହୁଲୁହାଣ ହୁଏ। ଶେଷରେ କଇଁଛ ଭଳି କବଚ ଭିତରେ ରହିବାକୁ ପଡେ।

ISSN NO.
2582-208X

ବଳୟ-ତଥାପି ମୋ ପାଇଁ ସତ୍ୟ ସନାତନ। ସତ୍ୟ ମୋ ଜୀବନର ଅମୋଘ ଅସ୍ତ୍ର ହେଇ ରହିବ।

ନିର୍ମଳ- ନିର୍ମଳ ଭାବମୂର୍ତ୍ତିର ଖେଳ ଦେଖିନାହଁ ଏସ ପି। ନୂଆ ଆସିଛ ତ ସେଥିପାଇଁ ମୋତେ ଭଲଭାବେ ଚିହ୍ନିନାହଁ। ରାଜନୀତିର ପଶାପାଲି ଖୁବ ଚମତକାର। ସେଇ ଚମତକାର ଭିତରେ ତୁମେ ପୋଖରୀ ଆଡ଼ିରେ ଛଟପଟ ହେଉଥିବା ମାଛ ପରି ଚିତ୍କାର କରିବ। ଆଉ ତୁମ ଚିତ୍କାର ସହିତ ତାଳ ଦେଇ ମୁଁ ନିର୍ମଳ ଭାବମୂର୍ତ୍ତି ଠୋ ଠୋ ହସୁଥିବି।

(ହସ ମଧ୍ୟରେ ମଞ୍ଚକୁ ଅନ୍ଧାର ନଇଁଆସେ)

[ମଞ୍ଚ ଅନ୍ଧାର]

ବାକି ଆର ଥରକୁ........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ପିଲାଦିନ



ସ୍ୱାଗତିକା ସାହୁ

ମନେ ପଡେ ଆଜି ପିଲାଦିନ କଥା
ଯାଆନ୍ତିକି ପିଲା ହୋଇ
ମିଳି ଯାଆନ୍ତାକି ସେ ସରଗ ସୁଖ
ସମୟ ଆସନ୍ତା ନେଇ ।।

ସାଙ୍ଗ ସାଥି ମେଳେ ଲୁଚକାଳି ଖେଳ
ଆହା କେଡେ ମନୋରମ
ରେସ ବାଜିରେ ଚୋର ହେଇଯିବା
ସତରେ ପାପ କରମ ।।

କଞ୍ଚା ବିରି ମୁଗ ତୋଳି ଆଣି ବିଲୁ
ସିଝାଇ ଖାଇବା ମଜା
ବିଲକୁ ଯିବାକୁ ଅଳି ଅଝଟ ଯେ
ସାଙ୍ଗରେ ନେବେନି ଅଜା ।।

ISSN NO.
2582-208X

ସାଙ୍ଗ ସାଥୀ ମେଳେ ବୋହୂ ଚୋରି ଖେଳ
ସନ୍ଧ୍ୟାକୁ ଆନନ୍ଦ ଦିଏ
ଜେଜେମା ଓ଼ଠରୁ ଅସୁରୁଣୀ ଗପ
ମନେ ଡର ଭରି ଦିଏ ।।

ରଙ୍ଗୀନ ମାଠିଆ ମୁଣ୍ଡରେ ଲଗାଇ
ପାଳଭୂତ ଖେଳ ସଜା
ନଡା ଗଦା ପରେ ଶୀତୁଆ ସକାଳ
ଚା' ପିଆର ସେ ମଜା ।।

ନଟୁ ବାଟି ଖେଳ ଟାୟାର ଚକ ରେ
ଯେତେ ତ ପ୍ରତିଯୋଗିତା
ତାଠାରୁ ମଧୁର ଆମ୍ବ ଜାମୁ ଚୋରି
ବୋଉର ଛାଞ୍ଚୁଣି ପିଟା ।।

ମନେପଡେ ଆଜି ସେ ବାସନା ସବୁ
ନାନା ଜାତି ଖିରି ପିଠା
ମିଳିଯାଆନ୍ତା କି ପେଟ ଭରିଦ୍ୟନ୍ତି
ବୋଉ ହାତର ସେ ମିଠା ।।

ଅଳପ ମସଲା ତେଲ ଲୁଣ ମାଖି
ସ୍ୱାଦିଷ୍ଟ ବ୍ୟଞ୍ଜନ ଯେତେ
ଆଜିର ସେ କେକ ପୁଡ଼ିଂ ଗୁପଚୁପ
ସରିକି ତା ସଙ୍ଗେ କେତେ ?

ISSN NO.
2582-208X

ଯାନିଯାତରାରେ କେତେ ମଜା କରୁ
ଅଭୁଲା ସେ ଦିନ ମାନ
ସେ ସ୍ମୃତି ଆସିଲେ ଅଶ୍ରୁର ତାଣ୍ଡବ
ବୋଲ ମାନେନି ନୟନ ।।

ହେ ସମୟ ତୁମେ ମାନିଯାଅ ଥରେ
ଦେଇଯାଅ ପିଲାଦିନ
ଚିର ଋଣୀ ହୋଇ ରହିଥିବି ସଦା
କରୁଥିବି ଅଭିମାନ ।।

ଅଧ୍ୟାପିକା
କନ୍ଧମାଳ

ISSN NO.
2582-208X

# ଆସ ଆସ
# ନବ ବରଷ



ଡ. ଅର୍ଜୁନ ଚରଣ ବାରିକ୍

ଆସ ଆସ ନବ ବରଷ ଦି ହଜାର ଚବିଶ ।
ସରୋଜ ଶ୍ରୀପଦ ଯୁଗଳ ସ୍ମରି ହୋଇ ହରଷ ।।
ଆନନ୍ଦ କନ୍ଦ ଗୋପ ଚାନ୍ଦ ନିତି ଭଜ ମାନସ ।
ସତ୍ୟ ସନାତନ ଗରୁଡ଼ାସନେ କରାଭିଲାଷ ।।
ନବ ଜଳଧର ସ୍ୱରୂପ ପ୍ରଭୁ କମଳା ଇଶ ।
ବରୁଣ ଜାମାତା ସେ ବିଶ୍ୱପିତା ଶ୍ରୀ ହୃ ଶୀ କେଶ ।।
ବନ୍ଦ ବନ୍ଦ ଶ୍ରୀ ହରି ପଦ ସୁଖ ହେବ ପ୍ରବେଶ ।
ରମଣୀ ରସିଆ କାଳିଆ ବିଷ୍ଣୁ ସେ ଜଗଦୀଶ ।।
ଷଟପଦ ସାଜ ରେ ମନ ତୁହି ନିଶି ଦିବସ ।
ଦିବସ ରଜନୀ ନୋହିଣ ମାୟାମୋହରେ ବଶ ।।
ହରଣ ହୋଇବ ତୋ ଦୁଃଖମାନ ସ୍ମର ସୁରେଶ ।
ଜାଗ୍ରତ ପ୍ରହରୀ ଶ୍ରୀପଦେ ଭଜ ହରିବ କ୍ଲେଶ ।।
ରମାରମଣ କଂଜ ପଦେ ଆଜ ଶରଣ ପଶ ।
ଚକାଚାନ୍ଦ ମୁଖ ଦର୍ଶନେ ହରିବ କଳମଶ ।।
ବିଶ୍ୱବିହାରୀ ନନ୍ଦ ଶିଷ୍ୟ ପଦ କମଳେ ଦାସ ।
ଶରଣ ପଶିଲେ ଲଭିବୁ ଜୀବନେ ତା ଆଶିଷ ।।

ଗ୍ରାମ ମହୁ, ଡାକ ମହୁ,
ଭାୟା ନମୌଜା,କେନ୍ଦ୍ରାପଡ଼ା
ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ବୁଦ୍ଧ



ପ୍ରିୟଦର୍ଶିନୀ ମିଶ୍ର

ମୁଁ ଖୋଜିଲି
ସତ୍ୟ ରୁ ଉର୍ଦ୍ଧ ଏକ ସତ୍ୟ
କାୟା ରୁ ଉର୍ଦ୍ଧ ଏକ କଳେବର
ମନ ରୁ ଉର୍ଦ୍ଧ ଏକ ଚିନ୍ତନ ।।

ମୋହ, ମରୀଚିକା ର ମାୟା ଜାଲ,
ଅଜ୍ଞାନତା ର ଅନ୍ଧକାର
ଜରା, ବାର୍ଦ୍ଧକ୍ୟ ର ବେଦନା,
ଦେହ ଓ ଦାହ ର ଭ୍ରମକୁ ଅତିକ୍ରମି...

ସୁବର୍ଣ୍ଣ ଅଟ୍ଟାଳିକା ର ସମ୍ମୋହନ
ପିତା,ମାତା, ପୁତ୍ର, ପତ୍ନୀ ଙ୍କ
ସ୍ନେହ, ଅନୁରାଗ,
ଭ୍ରାନ୍ତି ଭରା ଅନ୍ଧକାର ଓ
ମନର ସନ୍ଦେହକୁ ପରାଭୂତ କରି...

ମୁଁ ପାଇଲି
ଆଲୋକର ଯଥାର୍ଥତା
ସତ୍ୟ ର ଶୁଦ୍ଧତା ଓ
ମୋକ୍ଷ ଓ ବାସ୍ତବିକତା ।।

ଥାନେ, ମହାରାଷ୍ଟ୍ର

ISSN NO.
2582-208X

# ମାର୍ଗଶିର ଗୁରୁବାର



ଅଧ୍ୟାପିକା ରୋଜାଲିନ୍ ବାରିକ୍

ଲକ୍ଷ୍ମୀ ଗଜାରୁଢା ବିଷ୍ଣୁ ଘରଣୀ ।
ପଦ୍ମାଳୟା ତୋ ଅଶେଷ କରଣୀ ।।
ପଦ୍ମା ନାମ ଯେଣୁ ତୁ ପଦ୍ମ ପ୍ରିୟା ।
କମଳା ଗୋ ମାଆ ଅଟୁ ଅଭୟା ।
ଶ୍ରୀହରି ପ୍ରିୟା ତୁ ବୋଲାଉ ମାଆ ।
ଇନ୍ଦିରା ମାତ ଧର୍ମ ଅର୍ଥ ଦିଆ ।
ଲୋକ ମାତା ତୁହି ଜଗତ ମାତା ।
କ୍ଷିରାବ୍ଧୀ ତନୟା ସିନ୍ଧୁ ତୋ ପିତା ।
ରମା ରୂପେ ରମୁ ସକଳ ଭୂତେ ।
ଭାର୍ଗବୀ ତୁ ଭୃଗୁ ଋଷି ଦୁହିତେ ।
ଲୋକଜନନୀ ମାଆ ଧନ ଦାତ୍ରୀ ।
ଖିରସିନ୍ଧୁ ଜେମା ତୁ ଜଗ ଧାତ୍ରୀ ।
ମାର୍ଗଶିର ମାସର ଗୁରୁବାର ।
ଭ୍ରମଣ କରୁ ମା ମରତ ପୁରା ।।

ମହୁ, ଆଳି, କେନ୍ଦ୍ରାପଡା

ISSN NO.
2582-208X

# ଗୋଟିଏ ସନ୍ଧ୍ୟା: ଜରୱାଙ୍କ ଗହଣରେ

ପ୍ରିୟବ୍ରତ ପାତ୍ର

ଇଉରୋପୀୟଙ୍କ ଦୃଷ୍ଟିରେ ଆଦମ୍ ଓ ଇଭ୍ ଥିଲେ ବୁଶମାନ୍ ଜାତିର । ଅଷ୍ଟାଦଶ ଶତାବ୍ଦୀରେ ଏଭଳି ଜଣେ ବୁଶମ୍ୟାନ ମହିଳା ଙ୍କୁ ନେଇ ଲଣ୍ଡନର କୌଣସି ଏକ ଚିଡିଆଖାନାରେ ରଖାଯାଇଥିଲା ଏବଂ ସେଠାରେ ଫଳକଟିଏ ଝୁଲା ଯାଇଥିଲା – "Great, Grand, Grand…Old Lady of Human Civilisation" ଇଂରେଜ ପିଲାଏ ଯନ୍ତା ଭିତରେ ମଣିଷଟିକୁ ଦେଖି ଆମୋଦିତ ହେଉଥିଲେ । ଏହା ସାରା ମଣିଷ ସମାଜ ପାଇଁ ଏକ ପ୍ରଚଣ୍ଡ ଅସମ୍ମାନ ଥିଲା । ଏକବିଂଶ ଶତାବ୍ଦୀରେ ସେହି ମହିଳାଙ୍କ କଙ୍କାଳଟିକୁ କ୍ଷମା ପ୍ରାର୍ଥନା ସହ ଇଂଲଣ୍ଡ ସରକାର ଆଫ୍ରିକା ପଠାଇ ଦେଇଥିଲେ । ନୃତତ୍ୱ ବିଜ୍ଞାନ ଅନୁସାରେ ଏକଦା ମହାଦେଶ ସକଳ ପରସ୍ପର ଠାରୁ ବିଚ୍ଛିନ୍ନ ହେବା ପୂର୍ବରୁ ଏହି ଜନଜାତି ଆଣ୍ଡାମାନରେ ସୃଷ୍ଟି ହୋଇଥିଲେ ଏବଂ କାଳକ୍ରମେ ମୂଳ ଭୂଖଣ୍ଡ ଠାରୁ ବିଚ୍ଛିନ୍ନ ହୋଇ ଏଠାରେ ରହିଛନ୍ତି । ଆଉ କିଛି ଐତିହାସିକ ଅନୁମାନ କରନ୍ତି ଯେ ବହୁ ବର୍ଷ ତଳେ ଆଫ୍ରିକୀୟ କ୍ରୀତଦାସଙ୍କୁ ନେଇ ଯାଉଥିବା ପାଣି ଜାହାଜଟିଏ କୌଣସି କାରଣରୁ ଦୁର୍ଘଟଣାଗ୍ରସ୍ତ ହୋଇ ଆଣ୍ଡାମାନ ପାଖରେ ନଷ୍ଟ ହୋଇଗଲା ଏବଂ ସେଥିରୁ ପ୍ରାଣ ନେଇ ବଞ୍ଚି ଯାଇଥିବା ଆଫ୍ରିକୀୟ ମାନେ ଏଠାରେ ଜୀବନ ଯାପନ ଆରମ୍ଭ କଲେ । ସେଇ ଆବହମାନ କାଳରୁ ସେହି ଦ୍ୱୀପରେ ଯିଏ ପାଦ ଦେଲା ସେମାନେ ତାକୁ ପ୍ରାଣରେ ମାରି ଦେଇଛନ୍ତି । ସେମାନେ ସମୟକ୍ରମେ ନରଖାଦକ ଜାତିରେ ପରିଣତ ହୋଇଗଲେ । ଭାରତୀୟମାନେ ସୁଦୂର ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ଏପରିକି ଦକ୍ଷିଣ ଆମେରିକା ପର୍ଯ୍ୟନ୍ତ ବୋଇତ ଚଳାଇ ଯାଇଥିଲେ ସୁଦ୍ଧା ଆଣ୍ଡାମାନକୁ ନେଇ ବିଶେଷ ତତ୍ପର ନଥିଲେ – ତାର କାରଣ ଥିଲେ ଏହି ନରଖାଦକ ଜନଜାତି । ଇଂରେଜଙ୍କ ଶାସନ କାଳରେ କିଛି ମିଶନାରୀ ସେମାନନୁ ଶିକ୍ଷିତ କରିବା ପାଇଁ ଚେଷ୍ଟା କରିଥିଲେ ।

ISSN NO.
2582-208X

ଇତିହାସ କହେ ଏପରି ଏକ ଗୋରା ଲୋକଙ୍କୁ କୌଣସି ପରିସ୍ଥିତିରେ ସେମାନେ ଖୁବ୍ ଭଲ ପାଇ ବସିଲେ ଓ ବିଶ୍ୱାସ କଲେ । ଏପରିକି ନିଜର ଦଳପତିର ମାନ୍ୟତା ଦେଇଥିଲେ । କିନ୍ତୁ ଦିନେ ସେଇ ଗୋରା ଦଳପତି ଇଂରେଜ ବନ୍ଧୁକଧାରୀ ସୈନ୍ୟଙ୍କୁ ଏମିତି ଏକ ଠିକଣା ଯାଗାକୁ ନେଇଗଲେ ଯେଉଁଠାରେ ଜରଓ୍ୱାମାନେ ବହୁ ସଂଖ୍ୟାରେ ରହୁଥିଲେ । ବନ୍ଧୁକରୁ ଗୁଳି ଛୁଟିଲା ଏବଂ ବହୁ ସଂଖ୍ୟାରେ ଜରଓ୍ୱା ଟଳି ପଡିଲେ । ସେମାନେ ବିଶ୍ରାମ ନେଉଥିଲେ, ଛୋଟ ପିଲାମାନଙ୍କ ସହିତ ଖେଳୁଥିଲେ, ତେଣୁ ପ୍ରତ୍ୟାକ୍ରମଣ ପାଇଁ ସୁଯୋଗ ମଧ୍ୟ ପାଇ ନଥିଲେ । ତା ପରଠୁ ସମଗ୍ର ଜରଓ୍ୱା ଜାତି ପାଇଁ ଆଧୁନିକ ମଣିଷମାନେ ହେଲେ ଘୃଣା ଓ ଅକୃତଜ୍ଞତାର ପ୍ରତୀକ । ସେମାନେ ନିଜର ଆତ୍ମରକ୍ଷା ପାଇଁ ଆକ୍ରମଣ କରିବାକୁ ବାଧ୍ୟ ହୋଇଗଲେ । ପୀଢି ପରେ ପୀଢି ଏହି ଅବିଶ୍ୱାସ ଚାଲି ଆସିଲା ।

ସମଗ୍ର ଆଣ୍ଡାମାନ ରେ ସହଜରେ ପହଞ୍ଚି ହେଉଥିବା ଏକମାତ୍ର ନେଗ୍ରିଟୋ ଜାତୀୟ ଜନଜାତି ହେଉଛନ୍ତି ଜରଓ୍ୱା । ବର୍ଷା ବନ ସହ ବଡ ସଙ୍ଗତିପୂର୍ଣ୍ଣ ଭାବେ ଏମାନେ କେତେ ହଜାର ବର୍ଷ ଧରି ଚଳି ଆସୁଛନ୍ତି । ସେମାନଙ୍କ ଜୀବିକା ଜୀବନର ମୂଳ ଆଧାର ହେଲା ଜଙ୍ଗଲ । ତେଣୁ ଜଙ୍ଗଲ ପ୍ରତି ବିପଦ ସୃଷ୍ଟି କରୁଥିବା ସ୍ଥାନୀୟ ବାସିନ୍ଦାଙ୍କୁ ଏଯାବତ୍ କଡା ମୁକାବଲା କରି ନିଜର୍ ଅସ୍ତିତ୍ୱ ଜାହିର୍ କରି ଆସୁଛନ୍ତି । ଅନୁପ୍ରବେଶକାରୀ ତଥା ଅନ୍ୟାନ୍ୟ ଗଛକଟାଳୀ ଓ ଶିକାରଇଙ୍କୁ ବିନା ଦ୍ୱିଧାରେ ଏମାନେ ଶର ମାରି ହତ୍ୟା କରିଥାନ୍ତି । ସେମାନଙ୍କ ସଂରକ୍ଷିତ ଜଙ୍ଗଲ ମଧ୍ୟ ଦେଇ ଯାଉଥିବା ଗ୍ରାଣ୍ଡ୍ ଟ୍ରଙ୍କ ରୋଡ୍ ସେମାନଙ୍କ ସାର୍ବଭୌମତ୍ୱ ପ୍ରତି ଏକ ଆଘାତ । ବେଳେବେଳେ ଆଖପାଖ ବାସିନ୍ଦାଙ୍କ ବାଡି ବଗିଚାରୁ କଦଳୀ ଚୋରି କରିବା, କୁକୁଡା ଚୋରି କରିବା ସହ ଗୃହପାଳିତ ପଶୁମାନଙ୍କୁ ଉଠେଇ ନେବା ଘଟଣା ଶୁଣିବାକୁ ମିଳେ । ଯାତ୍ରୀଙ୍କ ଠାରୁ ଖାଦ୍ୟ ଲୁଣ୍ଠନ କରିବା ଏକ ସାଧାରଣ ଘଟଣା । କାରଣ ଖାଦ୍ୟାଭାବ ହେଲେ ଏକଥା ଯେ କେହି କରିବ । ଜଙ୍ଗଲ ଆକ୍ଟ ଅନୁଯାୟୀ ସେମାନଙ୍କର ଶିକାର ପ୍ରବୃତ୍ତି ଉପରେ କୌଣସି ଅଙ୍କୁଶ ନାହିଁ, କାରଣ ଶିକାର ହେଉଛି ସେମାନଙ୍କର ଏକମାତ୍ର ଜୀବିକା ।

ISSN NO.
2582-208X

କିଛି ପତ୍ର, ଛାଲି ଚୋବେଇ ପାଟିକୁ ଲାଲ କରିବା ଏମାନଙ୍କ ଏକ ପ୍ରାଚୀନ ସଉକ । ତେଣୁ ଯାତ୍ରୀମାନଙ୍କୁ ବେଳେ ବେଳେ ପାନ ମାଗନ୍ତି । କାଠ ଗଡିକୁ ଶୁଖିଲା ଲଟା ଦ୍ୱାରା ବାନ୍ଧି ଏମାନେ ଭେଳା କରିଥାନ୍ତି ଓ ତାହା ଦ୍ୱାରା ପାଖାପାଖି ଦ୍ୱୀପକୁ ଯିବା ଆସିବା କରିଥାନ୍ତି । ସେମାନେ ମାଛ ମାରନ୍ତି, ଗୋଡେଇ ଗୋଡେଇ ଶିକାର କରିଥାନ୍ତି । ସମୁଦ୍ର କୂଳରୁ କଙ୍କଡା ଓ କଇଁଚ ଅଣ୍ଡା ମଧ୍ୟ ସଂଗ୍ରହ କରିଥାନ୍ତି ।

ବିଭିନ୍ନ ଜନଜାତିଙ୍କ ଭିତ୍ରେ ଏକ ରକମର ସଂଗତି ରହିଆସିଥିଲା । କିନ୍ତୁ ୧୯୩୧ ମସିହାରେ ଆଉ ଏକ ଜନଜାତି ଗ୍ରେଟ୍ ଆଣ୍ଡାମାନିଜ୍ ଙ୍କ ସହିତ ଏହି ଜରୱାମନଙ୍କ ସଂଘର୍ଷ ଆରମ୍ଭ ହୋଇଗଲା । ଆଣ୍ଡାମାନିଙ୍କ ସଂଖ୍ୟା ଏକଦା ୫୦୦୦ ଥିଲା ବୋଲି ଇତିହାସ କହେ । ମିଳିମିଳା, ବସନ୍ତ, ସିଫିଲିସ୍ ଭଳି ମାରାତ୍ମକ ରୋଗରେ ପୀଡିତ ଗ୍ରେଟ୍ ଆଣ୍ଡାମାନିଙ୍କ ପାଇଁ ଜରୱାଙ୍କ ଆକ୍ରମଣ ଥିଲା ଆହୁରି ଭୟାବହ । ସେମାନେ ଏକ ରକମ ନିଷ୍ଚିହ୍ନ ହୋଇଯାଇଥିଲେ । ଯାହା ହେଉ ବଞ୍ଚି ଯାଇଥିବା ପାଞ୍ଚ ସାତ ଜଣଙ୍କୁ ସରକାର ସଂଗ୍ରହ କରି ଷ୍ଟ୍ରେଟ୍ ଦ୍ୱୀପରେ ସରକାରୀ ସହାୟତାରେ ରଖି ଦେବା ଯୋଗୁଁ ଉଭୟେ ଜରୱା ଓ ଆଣ୍ଡାମାନିଜ୍ ରକ୍ଷା ପାଇଗଲେ । କହିବା ବାହୁଲ୍ୟ ଏହି ସବୁ ଆଧୁନିକ ରୋଗ ଆଧୁନିକ ମଣିଷଙ୍କ ଠାରୁ ସେହି ଦ୍ୱୀପକୁ ସଂକ୍ରମିତ ହୋଇଥିଲା । କିଛି ବର୍ଷ ତଳେ ଘଟିଯାଇଥିବା ପ୍ରଳୟଙ୍କରୀ ସୁନାମୀରେ ସମସ୍ତେ ନିଷ୍ଚିହ୍ନ ହୋଇଯିବା ଆଶଙ୍କା କରାଯାଉଥିଲା । କିନ୍ତୁ ବଡ ଅଦ୍ଭୁତ ଭାବେ ସେମାନେ ଆଗରୁ ସୁରାକ୍ ପାଇ ନିରାପଦ ଜାଗାକୁ ଉଠି ଯାଇଥିଲେ ଏବଂ ସମସ୍ତେ ବଞ୍ଚି ଯାଇଥିଲେ । ବର୍ତ୍ତମାନ ସେମାନଙ୍କ ସଂଖ୍ୟା ୩୦୦ ରୁ ୪୦୦ ଭିତରେ ।

୧୯୭୪ ମସିହାରେ ଆଣ୍ଡାମାନରେ ପ୍ରବଳ ଖାଦ୍ୟାଭାବ ଦେଖାଦେଲା । ବହୁ ଜରୱାଙ୍କ ପ୍ରାଣହାନୀ ଘଟିଲା । ତେଣୁ ମାର୍ଚ୍ଚ ମାସରେ କଦଳୀ, ନଡିଆ, ଖାଦ୍ୟ ପୁଡିଆ ଆଦି ଆକାଶ ମାର୍ଗରୁ ସେମାନଙ୍କ ଜନବସତି ଉପରେ ପକାଗଲା । ତା ପରେ ଲଗାତାର ସାକ୍ଷାତକାରୀ ଦଳ ଯାଇ ସେମାନଙ୍କୁ ଫଳ, ପନିପରିବା, ନାଲିକନା ଉପହାର ଦେଇ ସେମାନଙ୍କ ସହ ବନ୍ଧୁତା ସୃଷ୍ଟି କଲେ । ୧୯୯୭ ମସିହା ପର୍ଯ୍ୟନ୍ତ ଆଖପାଖର ଜନବସତିଙ୍କୁ ଜରୱାମାନଙ୍କ

ISSN NO.
2582-208X


ଆକ୍ରମଣ ଲାଗି ରହୁଥିଲା । ସେହି ବର୍ଷ ଘମନ୍ଦ ମାସରେ ଆଉ ଏକ ବିଚିତ୍ର ଘଟଣା ଘଟିଲା । ଏନ୍ ମେ ନାମକ ଜରୱା ଯୁବକ ଜଣେ ଗଛ ଉପରେ ଚଢିଥିବା ବେଳେ ଅଚାନକ ତଳକୁ ଖସି ପଡିଲେ ।  କେତେ କହନ୍ତି ସ୍ଥାନୀୟ ବାସିନ୍ଦା ଜଣେ ବନ୍ଧୁକ ଫୁଟାଇବା ଯୋଗୁଁ ଭୟଭୀତ ହୋଇ ଯୁବକଟି ଖସି ପଡିଥିଲା । ତାର ଗୋଡ ଟି ଭାଙ୍ଗି ଯାଇଥିଲା ଏବଂ ସ୍ଥାନୀୟ ପ୍ରଶାସନ ତାକୁ ଉଦ୍ଧାର କରି ପୋର୍ଟବ୍ଲେୟାର ହସପିଟାଲରେ ଚିକିତ୍ସା କରାଇଥିଲେ । ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବା ପରେ ତାଙ୍କୁ ନେଇ ପୁରୁଣା ଜାଗାରେ ଛାଡି ଦିଆଯାଇଥିଲା । ତାହା ଥିଲା ସମଗ୍ର ମାନବ ଇତିହାସ ପାଇଁ ଏକ ନୂଆଁ ଖବର - ଜରୱା ଯୁବକ ସହ ଆଧୁନିକ ମଣିଷର ପ୍ରଥମ ଓ ମୈତ୍ରୀର ସମ୍ପର୍କ । ସେହି ଯୁବକ ଜଣକ ନିଜର ସୁନ୍ଦର୍ ସ୍ମୃତି କଥା ନିଶ୍ଚୟ ନିଜ ସାଥୀମାନଙ୍କୁ କହିଥିବେ । ତା ପରଠୁ ଜରୱା ମାନଙ୍କ ଆଧୁନିକ ମଣିଷ ପ୍ରତି ଘୃଣା ଯଥେଷ୍ଟ ହ୍ରାସ ହୋଇଛି । କେବେ କେବେ ଖାଦ୍ୟାଭାବ ଦେଖାଦେଲେ ସେମାନେ ଖାଦ୍ୟ ପାଇଁ ମୁଖ୍ୟ ରାସ୍ତାକୁ ଚାଲିଆସୁଛନ୍ତି । ଏହାକୁ ଏନମେ ବିପ୍ଲବ ବୋଲି କୁହାଯାଇପାରେ । ପୋର୍ଟବ୍ଲେୟାର ଠାରୁ ମାୟା ବନ୍ଦର ଦିଗେ ଯାଉଥିବା ଗ୍ରାଣ୍ଡ ଟ୍ରଙ୍କ ରୋଡରେ ୫୦ କିଲୋମିଟର ପରେ ଜିରାଙ୍ଗଟାଙ୍ଗ୍ ପଡେ, ଯେଉଁଠାରୁ ଅନୁମତି ନେଇ ଜରୱା ସଂରକ୍ଷିତ ଜଙ୍ଗଲକୁ ପ୍ରେବେଶ  ଅଧିକାର ମିଳିଥାଏ । କଦମତାଲ୍ ନାମକ ଜାଗାରେ କିଛି ଜରୱା ରହନ୍ତି । ମୁଖ୍ୟ ଜରୱା ବସତି ଦେଖିବା ପାଇଁ ଅନ୍ୟ ଏକ ଦ୍ୱୀପରେ ଥିବା ଉତ୍ତର ଜେଟିକୁ ଫେରି ଦ୍ୱାରା ଯାଇ ସେଠାରୁ ୭୫ କିଲୋମିଟର ସଂରକ୍ଷିତ ବନ ଭିତରେ ଗଲେ ପଡେ ଜରୱାମାନଙ୍କ ମୁଖ୍ୟ ବସତି । ଲିଖିତ ଅନୁମତି ପତ୍ର ସାଙ୍ଗରେ ସ୍ୱୀକୃତି ପ୍ରାପ୍ତ ସମାଜବିଜ୍ଞାନୀ ଓ ଭାଷାବିଜ୍ଞାନୀଙ୍କ ସାଙ୍ଗରେ ଗଲେ ସେମାନଙ୍କ ସହ ସିଧାସଳଖ ସାକ୍ଷାତ ହୋଇଥାଏ । ସେମାନଙ୍କ ହିଂସ୍ରତା କ୍ଷାନ୍ତ କରିବା ପାଇଁ ସାଙ୍ଗରେ ଯଥେଷ୍ଟ ଫଳ ଓ ନାଲିକନା ଅବଶ୍ୟ ନେବାକୁ ପଡିଥାଏ ।

କ୍ରମଶଃ.........

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ପିଠି



କୀର୍ତ୍ତନ ସାହୁ

ତମ ଘରର କଂକ୍ରିଟ ବୋଝ
ବୋହି ବୋହି ଏ ପିଠି
କଂକ୍ରିଟ ହେଇ ଯାଇଛି
ଆଉ ସବୁ ସହି ଯାଇଛି
କେବେ କେମିତି
ପ୍ରତିବାଦର ଚାରାଟିଏ ଅଙ୍କୁରିଲେ
ତମେ ତମ କ୍ଷମତାର
ଶକ୍ତିଶାଳୀ ପାଦରେ ଦଳି ଦେଇଛ

ଦାରିଦ୍ର୍ୟର କଷାଘାତ ଭିତରେ
ମୋ ଶୈଶବର ମାଟି ପିଣ୍ଡୁଳାଟି
ନା ଠିକ ରୂପ ନେଇ ପାରିଛି
ନା ଶିକ୍ଷାର ଆଲୋକ ଭିତରେ
ଠିକ ଭାବରେ ପ୍ରବେଶ କରି ପାରିଛି
ଯାହା ଖାଲି ଭାତ ଅଣ୍ଡା
ଅବା ଡାଲି ଖାଇ
ବଞ୍ଚି ଯାଉଛି
ମୋ ଯୁବାବସ୍ଥାରେ
ଖଟି ପାରିବା ବେଳେ

ISSN NO.
2582-208X

ମୋ ପାଇଁ ସବୁ ଧନ୍ଦା ବନ୍ଦ
ନା ତମ ପିଲା ସହ
ପଇସା ଦିଆ ସ୍କୁଲରେ
ପଢ଼ି ଚାକିରୀ କରି ପାରିଲି
ନା କିଛି କରିବାର
ବାଟ ପାଇଲି

ବିଦେଶରେ ଦାଦନ ଖଟିଲି
ମୁଁ ବଞ୍ଚିବା ପାଇଁ
ମୋ ପିଲା ଛୁଆ ମୁହଁରେ
ଦି ' ଟା ଦାନା ଦେବା ପାଇଁ

ମୋ ଦାଦନ ବନ୍ଦ
ସବୁ ଅନ୍ଧାର
ଏଇ ପିଠି ସବୁ ସହିଛି
ଦୁଃଖର ପାହାଡକୁ
ପିଠିରେ ଲଦି
ଘର ମୁହାଁ ଚାଲିଲି
ହୃଦୟ ସଙ୍ଗୀତ ଗାଇ ଗାଇ
ତମର ତ ସବୁ ଅଛି
ମୋ ପାଇଁ କି
କିଛି ନାହିଁ ପ୍ରଭୁ ହେ ... ।

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ଦୂରଭାଷ - ୯୪୩୮୪୧୪୭୦୧

ISSN NO.
2582-208X

# "ଉଡ଼ାଣ; କିଛି ଇଚ୍ଛାର"

ଜ୍ୟୋତିପ୍ରକାଶ ନାଏକ

ଅଜାଣତରେ ଦେଖି ଦେଇଥିଲି କିଛି ସ୍ୱପ୍ନ
ଖାଲି ସ୍ୱପ୍ନ ନୁହେଁ ତ,
ବୋଧେ ବାସ୍ତବତାର ସେ ପ୍ରତିଛବି
ହେଲେ କୁହତ ......
ପ୍ରତିଛବିର କି କେଉଁ ଡ଼େଣା ଥାଏ ?
ସ୍ୱପ୍ନର କଣ ସୀମା ଥାଏ ?

ନା ଭଲ ଲାଗେ,
ସ୍ୱପ୍ନରେ ଭିଜିବାକୁ, ନା
ଇଚ୍ଛା ହୁଏ ହଜିବାକୁ ।
ଆଉ ଏ ହଜିବା – ଭିଜିବା ପରିଧିରେ
ମୁଁ ନିଜକୁ ଖୋଜି ପାଏନା
ପାଇଲେ ......... ଚିହ୍ନିପାରେନା ।

ସ୍ୱପ୍ନ ଖୋଜି ନୟାନ୍ତ ହେଲିଣି
ସେ କି କେବେ ମିଳେ କି ?
ସେ ପରା ରାତିର ଛାତି ଚିରି ଧସେଇ ଆସେ
ଏଇ ଅଛି .........ଏଇ ନାହିଁ ,
କେତେବେଳେ ଦାଣ୍ଡଦୁଆରେ ତ
କେତେବେଳେ କଲେଜ୍ କ୍ୟାମ୍ପସରେ ...
କୁନି ଛୁଆର କାନ୍ଦୁରା ଚାହାଣିରେ,

ISSN NO.
2582-208X

ଗାନ୍ଧୀଛକର ବାଟବଣା ବୃଦ୍ଧ ଯଷ୍ଟିରେ
ତ କେତେବେଳେ କିଛି କରି ପାରିବାର
ଦୃଢ଼ତାରେ.......ଅବା
ଆଦରଣୀୟର ଅଳପ ଆଳାପରେ....।

ହେଲେ ସତେ ......
ସ୍ୱପ୍ନ ଭାରି ଦଗାଦିଆ
ଆଖିର ସ୍ୱପ୍ନକୁ ଲୁହ ପୋଛିଦିଏ
ତକିଆ ତାକୁ ଆବୋରି ବସେ !
ଆଉ ରାତିର ସାହାରା ଦେଇ
ନିଦକୁ ବି ଲୋରି ଶୁଣେଇ ଶୁଆଇବାକୁ ପଡ଼େ,
ଆଉ ବୁଝେଇବାକୁ ହୁଏ
ଏତେ ସପନକୁ ରାତି କାହିଁରେ .....
ଏତେ ସପନକୁ ରାତି କାହିଁ ?

ବରଗଡ଼, ଅମ୍ବାଭୋନା, ଘୁଘୁରାପାଲି

ISSN NO.
2582-208X

# ମାଗୁଅଛି ଏହି ଭିକ୍ଷା



ନରେନ୍ଦ୍ର ପ୍ରସାଦ ବେହେରା

କହରେ କାଳିଆ	କାହିଁକି ନିଷ୍ଠୁର
ହେଲୁ ଦେଶବାସୀ ପାଇଁ
ଭୟରେ ଜନତା	ଘରେ ରହିଛନ୍ତି
ବାହାରକୁ ସ୍ଥାନ ନାହିଁ ।୧।

ଯୁବକ ଯୁବତୀ	ବୃଦ୍ଧ ଆଉ ବୃଦ୍ଧା
କେହି ତ ପାଉନି ରକ୍ଷା
ପିଲା ଛୁଆଙ୍କର	ଜୀବନ ବଞ୍ଚାଅ
ମାଗୁଅଛି ଏହି ଭିକ୍ଷା ।୨।

ନ ରହିଲା ନାହିଁ	ମୂଳରେ କାଳିଆ
ଡାଳକୁ ବଞ୍ଚାଇ ରଖ
ସେହି ଡାଳଦିନେ	ମୂଳେ ପରିଣତ
ହୋଇଣ ଲଭିବ ସୁଖ ।୩।

ବିଚାର ପାଇଁ କି	ଆସନେ ବସିଛୁ
ବିଚାରପତି ହୋଇଣ

ISSN NO.
2582-208X

କାହିଁ ଗଲା ତୋର ବିଚାର କ୍ଷମତା
ହେଉଅଛୁ ହଇରାଣ ।୪।

କରନାହିଁ ଆଉ ହଇରାଣ ପ୍ରଭୁ
ଅସମ୍ଭାଳ ହୁଏ ଦୁଃଖ
ଏସମୟେ ପ୍ରଭୁ ନହୋଇ ମଉନ
ଜନତାଙ୍କୁ ଦିଅ ସୁଖ ।୫।

ଗୋଟିଏ ଚୁଟକି ମାରିଦିଅ ପ୍ରଭୁ
ମହାମାରୀ ହେବ ଦୂର
କରନାହିଁ ଡେରି ଆସ ଅବତରି
ଏଦେଶ ହେବ ଉଦ୍ଧାର ।୬।

କେତେ ବିପଦରୁ ଏଦେଶ ବାସୀଙ୍କୁ
କରିଛ ପ୍ରଭୁ ଉଦ୍ଧାର
ମହାମାରୀ ବେଳେ କବାଟ କିଳିଣ
କାହିଁକି ରହିଛ ଘର। ।୭।

କରୁଛି ପ୍ରାର୍ଥନା ପ୍ରଭୁ ଚକାଡୋଳା
କରନାହିଁ ଅବିଚାର
ସହିଲାଣି ଦେଶ ବହୁ କଷ୍ଟଭାର
ବିପଦୁ ଏବେ ଉଦ୍ଧାର ।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ପ୍ରାଣୀର ଭଲ ମନ୍ଦ ବାଣି
# ମରଣ କାଳେ ତାହା ଜାଣି



ବିରଞ୍ଚି ନାରାୟଣ ମିଶ୍ର

ତମସା ପୂର୍ଣ୍ଣ ଚେତନା ବ୍ୟକ୍ତିକୁ ଅନ୍ଧ କରିଦିଏ। ଫଳରେ କରୁଥିବା ସମସ୍ତ କର୍ମ ଠିକ୍ ବିଚାର କରି, ସତ୍ୟ ସହ ନିଜର କଳ୍ପନାକୁ ମିଶାଇ ନାନା ଅନୀତିରେ ବୁଡ଼ିରହେ। ନିଜକୁ ନ୍ୟାୟମୂର୍ତ୍ତୀ ମନେ କରେ। ମହତ୍ତ୍ୱ ଲୋକଟିଏ ସଂସାର ଭିତରେ ଥାଇ ବି ନିରାସକ୍ତ ଜୀବନ ବିତାଏ। ବ୍ୟକ୍ତିର ଭଲ ମନ୍ଦ ମୃତ୍ୟୁ ସମୟରେ ବିଧାତା ନିର୍ଣ୍ଣୟ କରେ।

ନିଜ ଢୋଲ ନିଜେ ବଜାଉ ବ୍ୟକ୍ତି ପାଇଁ ଏହା ଏକ ଚେତାବନୀ।
ଈଶ୍ୱରଙ୍କ ନିକଟରେ ସମର୍ପଣ ହିଁ ହେଉଛି ଜୀବନର ମୂଳମନ୍ତ୍ର।

କାଲି କଥା ଭାବି ମନ ଉଣା କରୁଛନ୍ତି କି । କାଲି ସନ୍ଧ୍ୟାରୁ ଆଜି ସକାଳ ଏଯାଏ ସମସ୍ତଙ୍କ ମନରେ ଗୋଟିଏ କଥା ବାରମ୍ବାର ପ୍ରତିଧ୍ୱନିତ ହେଉଛି...କ'ଣ ସବୁ ହୋଇଗଲା,ଏତେ ସ୍ୱପ୍ନ ମୁହୂର୍ତ୍ତକ ମଧ୍ୟରେ କେମିତି ମାଟିରେ ମିଶିଗଲା, କେଉଁଠି ରହିଲା ତ୍ରୁଟି କ'ଣ ଆମର କମି ରହିଗଲା ଯେଉଥି ପାଇଁ ଏଭଳି ଏକ ଦୁଃଖଦ ପରାଜୟକୁ ସାମ୍ନା କରିବାକୁ ପଡିଲା। ମୁଁ କହୁଛି କିଛିଦିନ ତଳେ ବିଶ୍ୱକପ୍ କ୍ରିକେଟରେ ଭାରତର ଅଷ୍ଟ୍ରେଲିଆ ଠାରୁ ପରାଜୟର କଥା। ଲଗାତାର ୧୦ଟି ମ୍ୟାଚରେ ବିଜୟୀ ହୋଇ ଅପରାଜେୟ ଭାରତ ଶେଷରେ ଅଷ୍ଟ୍ରେଲିଆ ପାଖରେ ଆତ୍ମସମର୍ପଣ କରିବାର କଥାକୁ କେହି ସହଜରେ ବିଶ୍ୱାସ କରି ପାରୁନାହାନ୍ତି। ନକରିବା ବି ସ୍ୱାଭାବିକ କାରଣ ଚଳିତ ବିଶ୍ୱକପରେ ଗତ ୧୦ଟି ମ୍ୟାଚର ପ୍ରଦର୍ଶନ ବିଶେଷକରି ନ୍ୟୁଜିଲାଣ୍ଡ ସହ ସେମି ଫାଇନାଲ କଥା ଯଦି ଦେଖିବା ତାହେଲେ

ISSN NO.
2582-208X

ଭାରତ ପାଖରେ ବିଶ୍ୱକପ୍ ବିଜୟୀ ହେବାର ସମସ୍ତ ଯୋଗ୍ୟତା ଥିଲା। ହେଲେ ସବୁ ଥାଇବି ଆମକୁ ପରାଜିତ ହେବାକୁ ପଡିଲା ।

ତେବେ ଏ ପରାଜୟର କାରଣ ଖୋଜିବାକୁ ଗଲେ ଯେଉଁ କେତୋଟି ସାମ୍ଭାବ୍ୟ କଥା ମନକୁ ଆସୁଛି ତା ମଧ୍ୟରେ ଭାରତୀୟ ଅଧିନାୟକଙ୍କ ବେପରୁଆ ଖେଳ, ସୁଭମନ ଗିଲ, ଆଉ ଶ୍ରୟସ ଆୟରଙ୍କ ସହଜ ଆଉଟ, କୋହିଲ, ଜାଦେଜା ଆଉ ଯାଦବଙ୍କ ଅସମୟରେ ଆଉଟ ଦଳକୁ ୩ଶହ ରନରୁ ଦୁରେଇ ରଖିଲା। ମାନସିକ ସ୍ତରରେ ଭଙ୍ଗି ପଡିଥିବା ଭାରତୀୟ ଦଳକୁ ଅଷ୍ଟ୍ରେଲିଆ ହରାଇବାରେ ସକ୍ଷମ ହେଲା। ଆଉ ଏକ ଦିଗରୁ ଦେଖିଲେ ଭାରତୀୟ ବୋଲର ଚତୁର୍ଥ ଉଇକେଟ୍ ଯୋଡି ଭାଙ୍ଗିବାରେ ବିଫଳ ହେବା ଭାରତ ପାଇଁ ଘାତକ ହୋଇଥିଲା। ଏହାବାଦ୍ ଆହୁରି ଅନେକ କାରଣ ଥିଲେବି ବିଫଳତା ବୁଝାଇ ଦେଉଛି ଯେଉଁ ଚେଷ୍ଟା ଆଉ ନିଷ୍ଠା ରହିବା କଥା ସେଥିରେ କିଛିଟା କମି ଥିଲା। ସଜଜ ଭାବରେ କହିବାକୁ ଗଲେ ଏ ବିଜୟ ଥିଲା ଭଲ କ୍ରିକେଟର ବିଜୟ ଯାହା ମାତ୍ର ୩କୋଟିର ଦେଶ କରି ଦେଖାଇଲା ୧୪୦ କୋଟିର ଦେଶ ବିରୋଧରେ ।

ଖେଳ ତ ସରିଗଲା ହେଲେ ଏହି ପରାଜୟର ପ୍ରଭାବରେ ଅନେକ କ୍ଷତି ହୋଇଗଲା ଭରତୀୟଙ୍କର। ଗତକାଲି ଠାରୁ ଅନେକ ସ୍ୱାଭାବିକ ଏଯାଏ ହୋଇ ପାରୁନାହାନ୍ତି। ଦିନ ତମାମ୍ ସବୁ କାମ ଛାଡି ଖେଳ ଦେଖିବାର ମୂଲ୍ୟ କିଛି ରହିଲା ନାହିଁ। କିନ୍ତୁ ଆମେ ଯଦି ଦେଖିବା କ୍ରିକେଟ୍ ବିଶ୍ୱକପ୍ ଇତିହାସରେ ଅନେକ ବାର ଭାରତକୁ ଏଭଳି ଦୁଃଖଦ ବିଦାୟ ନେବାକୁ ପଡିଛି। ଅନେକ ବର୍ଷ ପରେ ଏକ ସନ୍ତୁଳିତ ଦଳ ଏଥର ବିଶ୍ୱକପ୍ ଖେଳୁଥିଲା ଆଉ ଭଲ ବି ପ୍ରଦର୍ଶନ କରୁଥିଲା ହେଲେ ଫାଇନାଲ ମ୍ୟାଚ ପାଇଁ ଯେଉଁ ଯୋଜନାବଦ୍ଧ କାର୍ଯ୍ୟକ୍ରମର ଆବଶ୍ୟକତା ଥିଲା ତାହା ହୁଏତ କିଛିଟା କମ୍ ରହିଯିବାରୁ ଏଭଳି ପରାଜୟକୁ ସାମ୍ନା କରିବାକୁ ପଡିଲା। ତେବେ ବିଜୟ ପରାଜୟ ଗୋଟିଏ ମୁଦ୍ରାର ଦୁଇଟି ପ୍ୱାର୍ଶ ପରି। ୟୁରୋପୀୟ ଦେଶ ମାନଙ୍କରେ ବିଜୟ ପରାଜୟକୁ ନେଇ ପ୍ରତିକ୍ରିୟା ରଖନ୍ତି ଖେଳାଳୀ ମାନେ ଯେ ଏହା ହେଉଛି ଭଲ କ୍ରିକେଟର ବିଜୟ।

ଆମକୁ ମଧ୍ୟ ସେହି ମାନସିକତା ନେଇ ଆଗକୁ କ୍ରିକେଟ କୁ ଭଲପାଇବାକୁ ପଡିବ। ମନ ଊଣା ନକରି ଆସନ୍ତା ଦିନରେ ଆହୁରି ଭଲ ପ୍ରଦର୍ଶନ ପାଇଁ ପ୍ରସ୍ତୁତ ହେବାକୁ ପଡିବ।

ISSN NO.
2582-208X

ପରାଜୟ ବିଜୟର ରାସ୍ତା କଢାଇଥାଏ , ତୃଟି ସଂଶୋଧନ ପାଇଁ କ୍ଷେତ୍ର ପ୍ରସ୍ତୁତ କରାଇଥାଏ। ଶାସ୍ତ୍ର କହୁଛି ବିଜୟ ପରାଜୟ ଅପେକ୍ଷା ଲଢୁଆ ମନୋବୃତ୍ତି ନେଇ ଚେଷ୍ଟା କରିବା ହେଉଛି ପ୍ରକୃତ ଖେଳୁଆଡ ମନୋଭାବର ପରିଚୟ। ମୋର ବିଶ୍ୱାସ ଏ କଷ୍ଟ ଆଉ କିଛି ଘଣ୍ଟା ଯାଏ ଆମକୁ ବିଚଳିତ କରିବ ହେଲେ ଆମକୁ ଆମ ଲକ୍ଷ ପଥରୁ କିନ୍ତୁ ବିଚ୍ୟୁତ କରିପାରିବ ନାହିଁ।

ଭୁବନେଶ୍ୱର
9439011063

ISSN NO.
2582-208X

# ସତ୍ୟ ଶାନ୍ତିର ସେ ଯୁଗପୁରୁଷ



ରାଜକିଶୋର ସ୍ୱାଇଁ

ଆମ ଦେଶ ଦେବଭୂମି ଭାରତ
ବାପୁ ହୋଇଥିଲେ ତା କୋଳେ ଜାତ ।
ମୁକ୍ତ କରିବାକୁ ଜନମ ଭୂଇଁ
ଆସିଥିଲେ ସେ ଦେବଦୂତ ହୋଇ ।୧।
ତପ ରୂପେ ବରିନେଲେ ମୁକ୍ତକୁ
ଜପ କରିଥିଲେ ସଦା ସତ୍ୟକୁ ।
ଅହିଂସାକୁ କରିଥିଲେ ଭୂଷଣ
ଜାତ କଲା ଯା ଜନ ଜାଗରଣ ।୨।
କାମ ଦେଇଥିଲା ତାଙ୍କ କମିଆଁ
ଜଳଥିଲା "ଭାରତଛାଡ" ନିଆଁ ।
ସବୁ ପ୍ରତୀକ୍ଷାର ଅନ୍ତ ଘଟାଇ
ବିଦେଶୀଙ୍କୁ ଦେଇଥିଲେ ହଟାଇ ।୩।
ବୁହାଇଲେ ଭଗୀରଥ ବେଶରେ
ମୁକତିର ଗଙ୍ଗା ଆମ ଦେଶରେ ।
ଆନ ପାଇଁ ବଞ୍ଚି ଏ ଦୁନିଆଁରେ
ରହିଗଲେ ସେ ଜନମାନସରେ ।୪।
ତାଙ୍କ ଦରଶନ ବିଶ୍ୱରଧାର
ଆଦୃତ ହୁଅଇ ଜଗତ୍ ସାର ।

ISSN NO.
2582-208X

ତାଙ୍କ ଲାଗି ଆର୍ଯ୍ୟ ଭୂମି ଭାରତ
ସାରା ବିଶ୍ୱରେ ହୋଇଛି ବିଦିତ ।୫ ।
ଭୁଲିବାରୁ ଆମେ ତାଙ୍କର ନୀତି
ସମାଜରେ ବଢେ ହିଂସା ଅଶାନ୍ତି ।
ତାଙ୍କ ନୀତିକୁ କରିଲେ ପାଳନ
ଦେବା ତାଙ୍କୁ ଆମେ ଶ୍ରେଷ୍ଠ ସମ୍ମାନ ।୬ ।
ସତ୍ୟ ଶାନ୍ତିର ସେ ଯୁଗ ପୁରୁଷ
ସଭିଏଁ କରିବା ତାଙ୍କୁ ଆଦର୍ଶ ।
ପୃଥିବୀରେ ଶାନ୍ତି ପ୍ରତିଷ୍ଠା ପାଇଁ
ଗାନ୍ଧୀବାଦକୁ ଛାଡି ପନ୍ଥା ନାହିଁ ।୭ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X



# ପ୍ରତିଦାନ

ବାଙ୍କାବିହାରୀ ମହାକୁର

ସବୁଜୀମା ଭରା  ସୁଶୋଭିତ ଧରା
ସୃଷ୍ଟି ବିଚତ୍ର ଭିଆଣ
ଶାନ୍ତ ପରିବେଶ ଶୀତଳ ପରସ
ଜିଣି ନଏ ମନପ୍ରାଣ  ।

ଦିଅଇ ଆହାର ଛାଇ ଫୁଲ ପତ୍ର
ଘର କରଣୀୟ  ଦ୍ରବ୍ୟ
ଜାଳେଣୀ ରୂପରେ ଆସ୍ଥାନ ଶେଷରେ
ମନେ ନ କରେ ସଂଶୟ ।

ସ୍ୱାର୍ଥେ ହୋଇ ଅନ୍ଧ କାର୍ଯ୍ୟ କରୁ ମନ୍ଦ
ସଂସାରେ ବୋଲାଉ ଶ୍ରେଷ୍ଠ
ବୃକ୍ଷର ଜୀବନ ଜଗତ କଲ୍ୟାଣ
ତଥାପି କରୁଛୁ ନଷ୍ଟ ।

ହୁଏ ଅନାବୃଷ୍ଟି ଅବା ଅମ୍ଳବୃଷ୍ଟି
ଜଳ ବିହୁନେ ମରୁଡି

ISSN NO.
2582-208X

ଅସମୟ ବର୍ଷା କରେ ସେ ଦୁର୍ଦ୍ଦଶା
ସଂସାର ଦିଏ ଉଜାଡି ।

କାନ୍ଦୁଛି ଧରଣୀ ତୋତେ କ ଶୁଭୁନ
ଅମ୍ଳଜାନେ ହାହାକାର
ଗ୍ରୀଷ୍ମର ପ୍ରକୋପ ବଢେ ରୋଗଶୋକ
ମନେ ନ କରୁ ବିଗ୍ଭର ।

ଅସହ୍ୟ ଯନ୍ତ୍ରଣା ଦେଉଛି ମାଗଣା
ଘେନାକର ପ୍ରତିଦାନ
ଆଜ ପରିବେଶ ପରିପୂର୍ଣ୍ଣ ବିଷ
ଅକାଳେ ନଏ ଜୀବନ ।

ବୃକ୍ଷଲତା ପ୍ରତି କରିଲୁ ଅପ୍ରିତୀ
ଲୁପ୍ତ ହେଲେ ପଶୁପକ୍ଷୀ
ଛଟଛଟ ହୋଇ ବଞ୍ଚିଥିଲେ ତୁଇ
ଏକାକୀ ହେବୁ କ ସୁଖି ।

ପୃଥିବୀ ସଂକଟ ହେଲାଣି ଉତ୍କୃଷ୍ଟ
ଜୀବନେ ନାହିଁ କା ଶାନ୍ତ
ବୃକ୍ଷଲତା ଶୂନ୍ୟେ ତାହା ପ୍ରତିଦାନେ
ବଞ୍ଚିବୁ ଅର୍ଜି କ କର୍ତ୍ତି ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ନୀଳ-ନକ୍ଷତ୍ର



ପ୍ରତିଭା ଦାସ

ମୁଁ ମଧ୍ୟ ଆକାଶର ପ୍ରହରୀ ଥିଲି।
ମେଘ-ତଗ୍-ନକ୍ଷତ୍ର ଖଚିତ ଆକାଶକୁ ଚାହିଁ
କେବେ ବୋଧହୁଏ ଗୀତ ଗାଇଥିଲି ।

ସେତେବେଳେ ମୋର ବୟଷ କୋଡ଼ିଏ
ଅଥବା ଠିକ୍ ସେଇଭଳି କିଛି ଗୋଟିଏ ଥିଲା ।
ତାପରେ, କେତେବେଳେ ଯେ
ତଗ୍‌ବାହୀ ମେଘ ସବୁ
ଚୁନା ଚୁନା ହୋଇ କ୍ରମେ ନିଃଶେଷ ହୋଇ ଗଲା,
କିଏ ଯେ ନିଷ୍ଠୁର ନଖରେ ବିଦାରି ନେଲା ନୀଳ-ନକ୍ଷତ୍ର!

ଆକାଶଠାରୁ ସତ ହେଲା ମୋର ଆତଙ୍କ,
ପ୍ରେମଠାରୁ ମହିମାନ୍ୱିତ ହେଲା
ନିରୁକ୍ତ କିଛି ଶବ୍ଦ!

ISSN NO.
2582-208X

ଆଜି ବୟଷ ଯାଇ ଯାଇ  ଦୁଇକୁଡ଼ି ପାଖାପାଖି
ମୁଁ ଆଉଥରେ ସ୍ଥିର ହୋଇ ରହିଲି।
ହାତ ମୁଠାର ଆହତ ଗୋଲାପକୁ ଗ୍ରହି ଭାବୁଛି
ମୁଁ ଆଜନ୍ମ ତୁମରି ଗୀତର କବି,
ହୃଦୟରେ ମୋର ନୀଳ-ନକ୍ଷେତ୍ର, ଆନନ୍ଦର ଛବି!

ବିଶ୍ୱନାଥ ଗୁରିଆଲି
ଆସାମ

ISSN NO.
2582-208X

# ଜୀବନର ମାନେ କ'ଣ ?



ବିଜୟ କୁମାର ସାହୁ

ଭାରତୀୟ ସନାତନ ଧର୍ମର ଧ୍ୱଜାକୁ ଯେଉଁ ସିଦ୍ଧ ସାଧକ ବୈଷ୍ଣବ ସନ୍ଥ ଋଷିପ୍ରାଣମାନେ ସମଗ୍ର ବିଶ୍ୱରେ ବିଜୟକେତନ ଉଡାଇଥିଲେ ସେଥିମଧ୍ୟରୁ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ଅନ୍ୟତମ ଆର୍ଯ୍ୟ ଶିରୋମଣି ଅଟନ୍ତି । ସେ କହିଲେ ମନୁଷ୍ୟରୂପୀ ଜୀବର ସଜ୍ଞା କ'ଣ ? ତା'ର ମୌଳିକ ପରିଚୟ କ'ଣ ଅଟେ । ଏ ସବୁର ବାସ୍ତବ ପରିଚିତି କିଏ ତୁମକୁ ଦେବ ? ତୁମେ କ'ଣ ପଞ୍ଚ ଭୌତିକ ଶରୀର କେବଳ ଅଟ ? ତୁମ ଭିତରେ ମନ, ବୁଦ୍ଧି, ଚିତ୍ତ ଏବଂ ଅହଂକାର ବ୍ୟତୀତ ଅନ୍ୟ କିଛି କ'ଣ ନାହିଁ । ତୁମର ଆଧାର କ'ଣ କେବଳ ବଞ୍ଚିବାକୁ ବୁଝାଏ ? ବଞ୍ଚିବାର ମାନେ କ'ଣ କେବଳ ଭୋଗ ପାଇଁ ? ଆକାଶରେ ଡେଣା ମେଲାଇ ଉଡୁଥିବା ପକ୍ଷୀ, ଧରା ପୃଷ୍ଠରେ ବିଚରଣ କରୁଥିବା ପିମ୍ପୁଡିର ଆନନ୍ଦ ଏବଂ ତା'ର ସଂସାରକୁ କେବେ ଅବଲୋକନ କରିଛ କି ? ତୁମର ସ୍ୱତନ୍ତ୍ର ପରିଚୟ କ'ଣ ଅଟେ ? ସ୍ୱତନ୍ତ୍ର ବାସସ୍ଥାନ ବିଷୟରେ ସଚେତନ ଅଛ କି ? ମୁଁ ଏବଂ ମୋର, ତୁ ଏବଂ ତୋର ଏହି ଦୁଇଟି ସତ୍ତା ଭିତରୁ କେଉଁଟିକୁ ନିଜର କରିବାକୁ ଚେଷ୍ଟା କରିବାକୁ ପ୍ରଯତ୍ନ କରିଥାଅ ? ଜ୍ଞାନ କ'ଣ ? ଭକ୍ତି କ'ଣ ? କର୍ମ କ'ଣ ? ଯୋଗ କ'ଣ ? ଆତ୍ମ ବିଚାର କ'ଣ ? ଏ ସବୁ ବିଷୟରେ କେବେ କେମିତି ଚିନ୍ତା କରିଛ କି ? ମୃତ୍ୟୁକୁ ଭୟ କରକି ? ଜନ୍ମରେ ଆନନ୍ଦ ଓ ମୃତ୍ୟୁରେ କୋଳାହଳ କାହିଁକି ? ଏ ସବୁର ଯଥାର୍ଥ ଉତ୍ତର ଓ ଦିଗଦର୍ଶନ କିଏ ଦେଇ ପାରିବେ ? ନିଶ୍ଚୟ ଏ ସବୁର ଉତ୍ତର ତଥା ସଠିକ ମାର୍ଗଦର୍ଶନ ଜଣେ ଉତ୍ତମ ବ୍ରହ୍ମନିଷ୍ଠ ସଦଗୁରୁ ଦେଇ ପାରିବେ । ଏଥିରେ ଦ୍ୱିରୁକ୍ତିର ପ୍ରଶ୍ନ ନାହିଁ ।

ଅଜ୍ଞାନ ମୂଳ ହରଣଂ ଜନ୍ମ କର୍ମ ନିବାରଣମ ..... । ଗୁରୁ ଅଜ୍ଞାନରୂପୀ ଅନ୍ଧକାରକୁ ନିବାରଣ କରିବା ସଙ୍ଗେ ସଙ୍ଗେ ଜନ୍ମ ଓ କର୍ମକୁ ମଧ୍ୟ ସଜାଡି ଦିଅନ୍ତି । ଉତ୍ତମ ଗୁରୁ ଆଶ୍ରା

ISSN NO.
2582-208X

କରି । ଗୁରୁ ବଚନ ଶିରେ ଧରି ॥ ଯେ ଗୁରୁ ଜାଣେ ବେଦତତ୍ତ୍ୱ । ନିର୍ଗୁଣ ଆତ୍ମ ଜ୍ଞାନେ ରତ ॥ ସମ ଦରଶୀ ନିଷ୍ଠାପର । ତପ କଷଣ ସହେ ଧୀର ॥ ନିରତେ ଥାଇ ପରହିତେ । ଈଶ୍ୱର ମାୟା ଜାଣି ଚିତ୍ତେ ॥ ଏମନ୍ତ ଗୁରୁ ପାଦେ ଭଜି । ହିଂସା କପଟ ଦୂରେ ତେଜି ॥ ସେବା କରିବ ଦୃଢ ଚିତ୍ତେ । ଯେ ଗୁରୁ ଶିଷ୍ୟ ଭାବ ମତେ ॥

ଆସନ୍ତୁ ଉପରୋକ୍ତ ବିଷୟରେ ସମ୍ୟକ ଆଲୋଚନା କରିବା । ଭାରତୀୟ ଜୀବନ ଦର୍ଶନକୁ ସଦା ସର୍ବଦା ଅନୁରଣିତ କରୁଥିବା ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ ତାଙ୍କର ପ୍ରିୟ ସଖା ଅର୍ଜୁନଙ୍କୁ କହୁଅଛନ୍ତି – ହେ ପାର୍ଥ ! 'ମମୈବାଂଶୋ ଜୀବଲୋକେ ଜୀବଭୁତଃ ସନତନଃ । ମନଃଷଷ୍ଠାନିନ୍ଦ୍ରିୟାଣି ପ୍ରକୃତିସ୍ଥାନି କର୍ଷତି ॥ ସ୍ୱାମୀ ଶିବାନନ୍ଦ କହନ୍ତି ତୁମେ ଦେହ ନୁହଁ, ବୁଦ୍ଧି ନୁହଁ, ତର୍କ ନୁହଁ ତୁମେ ହେଉଛ ଅବିନାଶୀ ଚିରନ୍ତନ ଶାଶ୍ୱତ ସନାତନ ଦିବ୍ୟ ଆତ୍ମା । ଏଠାରେ ତର୍କ ଆସିପାରେ ଓହୋ ! ଏ କେମିତିକା କଥା ? ମୋର ଦେହ ଅଛି, ମନ ବି ଅଛି, ମୋଠାରେ ବୁଦ୍ଧି ଭରପୁର ଅଛି, ମୋର ଜୀବନ ଅଛି, ମୋର ଏକ ସ୍ୱତନ୍ତ୍ର ଇଚ୍ଛା ବା କାମନା ବି ଅଛି । ବୁଦ୍ଧି ଦ୍ୱାରା ଜ୍ଞାନ ଦ୍ୱାରା ମୁଁ ଏ ସମାଜରେ ପ୍ରତିଷ୍ଠିତ ହୋଇ ପାରିଛି । ମୋର ମନ ଗୋଟାଏ ଅଛି ଯାହା ଦ୍ୱାରା ମୋର ଇଚ୍ଛା ଯେତେବେଳେ ଯାହା ତାହା ମୁଁ ପାଇବାକୁ ଚେଷ୍ଟା କରିଥାଏ । ହେ ପରିଚିତ ବନ୍ଧୁ ! ତୁମ କଥା ସତ୍ୟ ହୋଇପାରେ, କେବଳ ତୁମ ପାଇଁ କିନ୍ତୁ ସାମଗ୍ରିକ ବିଧି ବ୍ୟବସ୍ଥାରେ ଏ କଥା କେତେ ସତ୍ୟ ତାହା ବିଚାର ସାପେକ୍ଷ । ଶାସ୍ତ୍ର ଯେହେତୁ ଆମର ଅନ୍ୟ ଏକ ଚକ୍ଷୁ ସେଥିପାଇଁ କୁହାଯାଇଅଛି – "ମନଏବ ମନୁଷ୍ୟାଣାଂ ବନ୍ଧମୋକ୍ଷୟଃ" ।

ଏପରି ସମୟ ବେଳେବେଳେ ଆସେ ଯେତେବେଳେ ମନୁଷ୍ୟର ନା ମନ ନା ତର୍କ ନା ବୁଦ୍ଧି କାମ କରିଥାଏ । ଗୋଟିଏ ଘଟଣାରୁ ଆମେ ଜାଣିପାରିବା ମନୁଷ୍ୟ ସମୟ ଓ ଘଟଣାବହୁତ ପରିସ୍ଥିତିରେ କେତେ ଅସହାୟ ହୋଇପଡେ । ଦ୍ରୋପଦୀଙ୍କର ମନ ଥିଲା, ବୁଦ୍ଧି ଥିଲା, ପାଞ୍ଚଜଣ ପତି ପରମେଶ୍ୱର ଥିଲେ, ସମ୍ମୁଖଭାଗର ମହାଭାଗ ଭୀଷ୍ମ, ଦ୍ରୋଣ, କୃପାଚାର୍ଯ୍ୟ ଏମିତି ଅନେକ ଶ୍ରେଷ୍ଠ ଯୋଦ୍ଧା ଏବଂ ଜ୍ଞାନୀ ମନୁଷ୍ୟ ଉପବେଶନ କରିଥିଲେ । ମହା ମହା ପରାକ୍ରମୀ ଯୋଦ୍ଧାମାନେ ଥିଲେ । ସେତେବେଳେ ଦ୍ରୋପଦୀଙ୍କ ଭିତରେ ଏମିତି କେଉଁ ଶକ୍ତି ଥିଲା ଯେ, ସେ ନିଜର ଇଜ୍ଜତ, ନିଜର ସତୀତ୍ୱକୁ ଅକ୍ଷୁର୍ଣ୍ଣ ରଖିବାକୁ ହେ କୃଷ୍ଣ ! ହେ ଗୋବିନ୍ଦ ! ପାହିମାମ ପାହିମାମ ବୋଲି ପ୍ରାର୍ଥନା କରିଥିଲେ ? ଏହାହିଁ ତାଙ୍କର ମୌଳିକ

ISSN NO.
2582-208X

ଚିନ୍ତାଧାର ଯାହାକୁ କୁହାଯାଏ ସମର୍ପଣ ଭାବ । ଦୀନତା ହେଉଛି ଭଗବାନଙ୍କଠାରୁ କୃପା ପାଇବାର ସବୁଠାରୁ ଶ୍ରେଷ୍ଠ ସରଳ ଉପାୟ । ଅନନ୍ୟଚେତାଃ ସତତଂ ଯୋ ମାଂ ସ୍ମରତି ନିତାଶଃ । ତସ୍ୟାହଂ ସୁଲଭଃ ପାର୍ଥ ନିତ୍ୟଯୁକ୍ତସ୍ୟ ଯୋଗିନଃ ॥ (ଗୀତା ୮/୧୪), ଅନ୍ୟନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ । ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ ॥ (ଗୀତା ୯/୨୨) ଏହି ଦୁଇଟି ଶ୍ଳୋକରେ ଭଗବାନ ଆଶ୍ୱାସନା ପ୍ରଦାନ କଲେ ଯେ, ଯେଉଁ ମନୁଷ୍ୟ ମୋତେ ଅନନ୍ୟ ଭାବରେ ନିତ୍ୟ ସ୍ମରଣ କରେ ମୁଁ ତା ନିକଟରେ ସୁଲଭ ହୋଇଯାଏ ଏବଂ ତାର ଭାର ବହନ କରେ । ଏହାଠାରୁ ଆଉ କ'ଣ ଆମମାନଙ୍କ ପାଇଁ ଶ୍ରେଷ୍ଠ ଉପାୟ ଅଛି ଯେ । ଯଦିଓ ଆମେ ପଞ୍ଚ ଭୌତିକ ଯଥା - ମାଟି, ପାଣି, ପବନ, ଅଗ୍ନି ଏବଂ ଆକାଶରୁ ନିର୍ମିତ ତାହା ଆମର ବାସ୍ତବ ରୂପ ନୁହଁ । ଏହା କେବଳ ସ୍ଥୂଳ ଶରୀର । ତା'ଭିତରେ ଏକ ସୂକ୍ଷ୍ମ ଶରୀର ଓ କାରଣ ଶରୀର ଅଛି । ଦେହ ଭିତରେ ଥିବା ଆତ୍ମା ବାସ୍ତବରେ ହେଉଛି ଆମର ସତ୍ତା । ସେ ଥିବାରୁ ଇନ୍ଦ୍ରିୟମାନେ ଚଳଚଞ୍ଚଳ ହେଉଅଛନ୍ତି ।

ତୁଳସୀ ଦାସ କହିଲେ - "ଜଡ ଚେତନ ସମଗ୍ର ଜଗତ ଯେଣୁ ବ୍ରହ୍ମମୟ ବୋଲି ଜାଣିଛି । ତେଣୁ ସବୁରି ପାଦପଦ୍ମକୁ ମୁଁ ଦୁଇହାତ ଯୋଡି ପ୍ରଣାମ କରୁଛି ॥ ସୀୟାରାମ ମୟ ସବ ଯଗଜାନି । କରହୁଁ ପ୍ରନାମ ଯୋରୀ ଯୁଗପାନୀ ॥ ଆମର ସ୍ଥିତି ସଂପୂର୍ଣ୍ଣ ଅଲଗା । ସମଗ୍ର ପୃଥିବୀରେ ଯଦି ଆମର ସ୍ଥିତିକୁ ଦେଖୁଥାଉଁ ତେବେ ପ୍ରତିଭାତ ହେବ ଆମେ ଶୂନ୍ୟ, ମହାଶୂନ୍ୟ । ଆଜିଯାଏ ପିତା - ପୁତ୍ର, ସ୍ୱାମୀ - ସ୍ତ୍ରୀ, ସମ୍ପତ୍ତି, ଜ୍ଞାନ ଓ ଗାରିମା ଇତ୍ୟାଦିକୁ ନେଇ ଯେଉଁଭଳି ଭାବରେ ନିଜର ପରିଚୟକୁ ସମାଜ ଆଗରେ ଥୋଇବାର ପ୍ରୟାସ କରୁଥିଲୁ ତାହା ଯେ ନିରର୍ଥକ ଏହା ବୋଧହେଉ ନାହିଁ କି ? ନଦୀଟି ସମୁଦ୍ରରୁ ସୃଷ୍ଟି ପୁଣି ସେ ସମୁଦ୍ର ଅଭିମୁଖେ ସତତ ଧାବିତ କାରଣ ସେ ଜାଣିଛି ମୋର ନିଜସ୍ୱ ସତ୍ତା ବୋଲି କିଛି ନାହିଁ ତେଣୁ ସେ ସାଗର ଅଭିମୁଖେ ଧାବିତ । ସେହିପରି ଆମର ସତ୍ତା ହେଉଛି ପରମାତ୍ମାଙ୍କ ନିକଟରେ ବିଲୀନ ହୋଇଯିବା କାରଣ ଆମେ ଜୀବ ଏବଂ ସେ ହେଉଅଛନ୍ତି ଆମର ଈଶ୍ୱର । ସେ ହେଉଅଛନ୍ତି ପରମାତ୍ମା ଯେ ସମସ୍ତଙ୍କର ପିତା, ପିତାଙ୍କର ପିତା, ପରମାତ୍ମା ଅଟନ୍ତି । ଯଦଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ । (ଗୀତା ୧୫/୬) ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ ॥ (ଗୀତା ୧୫/୭) ଯେଉଁଠିକି ଗଲେ ଆଉ ପୁନର୍ବାର ଫେରିବାର ନାହିଁ । ତାହାହିଁ ଆମର ମୌଳିକ ରହିବା ଘର ।

ISSN NO.
2582-208X

ଉଦିତ ସୂର୍ଯ୍ୟର ଆଲୋକ ରଶ୍ମି ଅସ୍ତ ସମୟରେ ନିଜ ଭିତରକୁ ପ୍ରବେଶ କରିଥାଏ । ସ୍ୱର୍ଣ୍ଣର ଅଳଙ୍କାର ସ୍ୱର୍ଣ୍ଣଠାରୁ ପୃଥକ ନୁହେଁ । ଅଦ୍ୱୈତଭାବ ଆମର ବାସ୍ତବ ପରିଚୟ । କେତେ ଦୂରେ ଚନ୍ଦ୍ର କେତେ ଦୂର କୁମୁଦିନୀ ପ୍ରୀତି ଅଭେଦ୍ୟ ତାଙ୍କର । ଶାସ୍ତ୍ର କହିଲେ କୌଣସି ଜଡ ପଦାର୍ଥ ପ୍ରତି ଆମର ଆସକ୍ତି ହେଉଅଛି ମୃତ୍ୟୁ ସଙ୍ଗେ ସମାନ । ବାୟା ବାବା କହିଲେ – ଯିବା ଆସିବା ଦୁଇ କଥା ମାତ୍ର ହୁଅଇ ସତ୍ୟ । ମଧ୍ୟେ କେତେ ଦିନ ବିହାର ଏହା ଅଟେ ବିଚିତ୍ର ॥ ମନୁ ସ୍ମୃତିରେ କୁହାଯାଇଅଛି – "ବେଦୋଅଖିଳୋ ଧର୍ମମୂଳଂ ......... ।" ମାନବ ପାଇଁ ଧର୍ମର ଶ୍ରେଷ୍ଠ ପରିଚୟ ହେଲା ସନାତନ ଧର୍ମ । ସମଗ୍ର ବିଶ୍ୱ ଧର୍ମକୁ ଆଶ୍ରୟ କରି ରହିଛି (ଧର୍ମୋ ବିଶ୍ୱସ୍ୟ ଜଗତଃ ପ୍ରତିଷ୍ଠା) । ପୁରୁଷାର୍ଥ ମଧ୍ୟରୁ ଧର୍ମ ହେଉଛି ମୂଳଭିତ୍ତି । ଯେଉଁ ଭିତ୍ତିଭୂମି ଉପରେ ଅର୍ଥ, କାମ, ମୋକ୍ଷ ପ୍ରତିଷ୍ଠିତ । ଧର୍ମେଣ ହୀନା ପଶୁଭିଃ ସମାନା । ଜୀବନ ଓ ମୃତ୍ୟୁ ଉଭୟ ଅଙ୍ଗାଙ୍ଗୀ ଭାବରେ ଜଡିତ । ଯେଉଁଠି ଜୀବନ ଅଛି ସେଠାରେ ମୃତ୍ୟୁ ନିଶ୍ଚିନ୍ତ । ମୃତ୍ୟୁ ପରେ ଜୀବନ ଏବଂ ଜୀବନ ପରେ ମୃତ୍ୟୁ ଧ୍ରୁବ ସତ୍ୟ । ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ । ତସ୍ମାଦପରିହାର୍ଯ୍ୟେ ର୍ଥେ ନ ତ୍ୱଂ ଶୋଚିତୁମର୍ହସି ॥ (ଗୀତା ୨/୨୭) ।

ମୁଁ ଏବଂ ମୋର ଭାବନା ହେଉଛି ସ୍ୱାର୍ଥର । ଏହା ଆସୁରିକ ଚିନ୍ତନ । ଦମ୍ଭ, ଦର୍ପ, ଅଭିମାନ, କ୍ରୋଧ ଆଦି ଆସୁରୀକ ସମ୍ପଦକୁ ପାଥେୟ କରି କେହି ଯଦି ଭାବୁଥାଏ ଏହା ହିଁ ମୋର ପ୍ରାଚୁର୍ଯ୍ୟ ତେବେ ତା'ର ଅଧୋଗତି ନିଶ୍ଚୟ । ଦୈବୀ ସମ୍ପଦ ଅର୍ଜନ କରିବାକୁ ହେବ । ତାହା ହେଉଛି ସତ୍ୟ, ଶାନ୍ତି, ଅହିଂସା, ଆକ୍ରୋଧ, ତ୍ୟାଗ, ଦୟା, କ୍ଷମା ଇତ୍ୟାଦି । ପରକ୍ଷଣରେ ଉଭୟ ସମ୍ପଦର ଊର୍ଦ୍ଧ୍ୱକୁ ଯାଇ ପରମାତ୍ମାଙ୍କଠାରେ ଦୃଷ୍ଟି ନିବନ୍ଧ କରିବାକୁ ହେବ । ତ୍ୟାଗରେ ଅମୃତତ୍ତ୍ୱ ପ୍ରତିଷ୍ଠିତ । ଉପନିଷଦରେ କୁହାଯାଇଛି – 'ନ କର୍ମଣା ନ ପ୍ରଜୟା ଧନେନ ତ୍ୟାଗେନୈକେ ଅମୃତତ୍ତ୍ୱ ମାନଶୁଃ' । ନା କର୍ମରେ ନା ସନ୍ତାନରେ ନା ସମ୍ପତ୍ତିରେ ଅମୃତ ଲାଭ କରିହେବ ।

******

ବିଜିଗୋଳ, ଏନ ଟି ପି ସି, ଅନୁଗୋଳ
ମୋ – ୮୭୬୩୧୪୮୭୨୩

ISSN NO.
2582-208X

# ଭ୍ରମ ର୍‌ ସ୍ତାର
# ବାଟୋଇ ନର



ଅଲେଖ ମେହେର

ମୁଁ ତୁଷାର୍ତ୍ତ ଯୁଗ ଯୁଗର  ତୁମେ ଶୀତଳ ଝରଣା,
କୋଳାହଳ ମୟ  ଜଗତେ  ନାହଁ  ମୋହର ଠିକଣା ।

ଅର୍ଣ୍ଣବେ କ୍ଷାର  ଜ୍ୟା-ରେ ବାତ ବସ୍ତ୍ର ଦେଶର ସ୍ପନ୍ଦନ,
ସୋଅହଂ ସ୍ୱର ଜପେ ଆତ୍ମା ବୋଲି ମସ୍ତକେ ଚନ୍ଦନ ।

ପୟରେ ଯେହ୍ନେ ବୁଦ୍'ବୁଦ ଜନମି  ଲଭେ  ମରଣ,
ତେସନେ ଜୀବ କର୍ମ ବଳେ ମିଳଇ ତବ ଚରଣ।

ମହା ତେଜୋମୟ କାୟାକୁ ବିଲୋକିବାର ଶକତି,
ନିଃଷ୍କାମ ଯୋଗୀହିଁ ଲଭନ୍ତି  ଧରି ହୃଦୟେ ଭକତି ।

କୁରୁକ୍ଷେତ୍ରେ ଯେଉଁ ରୂପକୁ ପାର୍ଥ କଲେ ଦରଶନ,
ବ୍ୟାସଙ୍କ ଗୀତାରୁ ମାନବ କରୁଛି ଅବଗାହନ ।

ମୋହ ମାୟା ଭରା ଅର୍ଣ୍ଣବେ ଆସେ କାମନାର ଢେଉ,
ମନର ମଧୁପ ଭଣ୍ଡାଏ ଇକ୍ଷଣ  ଦେଉ ନ ଦେଉ ।

ISSN NO.
2582-208X

ଲାଗିଯିବା ପରେ ଥୋପରେ ମୀନ ଆକୁଳ ନିରେଖି,
ଜିହ୍ୱା ଲାଳସାରେ ପରାଣ ବନରେ ନାଚଇ କେକୀ ।

ବିଶ୍ୱ ଜାଦୁଗର ପେଡିରେ  ହୋଇ ଖେଳଣା କଣ୍ଢେଇ,
ଆନଜନ ଦୃଶ୍ୟ ପଟରୁ  ନିଜକୁ  ଦିଏ ଭଣ୍ଡେଇ।

ତଟିନୀ ଗମଇ ଯେସନେ ପାରାବାର ସନ୍ନିକଟ,
ଜୀବାତ୍ମାର ଲକ୍ଷ୍ୟ ଈଶ୍ୱର  ଯେବେ  ଛାଡିଦିଏ ଘଟ ।

ଜାଣି ଅଜଣା ହୋଇ ନର  ନରକ ଦ୍ୱାର ଖୋଳଇ,
ଅନଳେ ପତଙ୍ଗ ଯେସନେ କରମ ଫଳ ଭୋଗଇ ।

ବରପଦର
ଗୋବିନ୍ଦପୁର ବରଗଡ଼
ମୋ-୬୩୭୦୨୨୦୫୫୯

ISSN NO.
2582-208X

# ଆଶା ଓ ନିରାଶା



କାର୍ତ୍ତୀକେଶ୍ୱର ନାୟକ

ସମାଜ ର ଯଦି ସୀମା ନ ରହିବ
ଅସୀମ ହେବ ସଂପତ୍ତି
ପର ଧନ ସବୁ ସାଉଣ୍ଟି ସାଉଣ୍ଟି
ବନି ଯାଅ କୋଟିପତି....

ସ୍ୱାଭିମାନ ଏଠି ପରଧନ ଲୁଟି
ସଂମର୍ପଣ ଏଠି ଶୁନ୍
ସତ୍ୟ ଅହିଂସା ଓଲଟି ଯାଇଛି
ଅସତ୍ୟ ଗାଉଛି ଧୂନ୍ ...

କୃଷକ ଚାହିଁଛି କୃତ୍ରିମ ଉପାୟ
ଅମଳ ହେବ ପ୍ରଚୁର
ଅ ଦିନିଆ ଫଳ ପନିପରିbAର
ବଢେ ରାସାୟନିକ ସାର...

ସରକାରୀ ବାବୁ ବିବେକ ବେକାବୁ
ଉପୁରି ଉପରେ ଆଶା
ଦି,ତାଲା ମହଲା ଛାତ ନ ପଡିଲା
ତିନି ତାଲା ର ପଡିଶା.....

ISSN NO.
2582-208X

କ୍ଷୀର ବାଲା ଏଠି ମିଛୁଆ ସାଜିଛି
କହେ ଖାଣ୍ଟି ଗାଇ କ୍ଷୀର
ବଜାର ପାଉଡର ପାଣିମିସାକ୍ଷୀର
ସିଝିଲେ ପଡେନି ସର.....

ପରୀକ୍ଷା ର ମାନ ଅଧିକ ନମ୍ବର
ପିତା ମାତାଂକର ଆଶା
ବଡ ପଦବି ର ଉଚ୍ଚ ଦରମାରେ
ଘାରିଛି ମହୁଲି ନିଶା....

ଅଟାଓ ବେସନ ମସଲା ସାମାନ
ସବୁଠି କରି ଭେଜାଲ
ରାମ ସାହୁ ଏଠି ଦୋକାନ ରେ ବସି
କହେ ଅସଲି ମାଲ୍ ....

ଡାକ୍ତର ଆମର ଦ୍ୱିତିୟ ଈଶ୍ୱର
ଅର୍ଥ ପାଇଁ ସେତ ଭୀରୁ
ଜାଣି ଶୁଣି ସେବା ଅବହେଳା କରେ
ରୋଗୀ ପଛେ ମଲେ ମରୁ..

ସୁଭାଷଂକ ଥିଲା ସ୍ୱପ୍ନ ସାମ୍ୟବାଦ
ସମାନ ବାଦର ଦିକ୍ଷା
ବଦଳି ଯାଇଛି ଗଣତନ୍ତ୍ର ନୀତି
ଉଦାରତା ଆମ ଶିକ୍ଷା.....

ଶ୍ରୀବିହାର ବୌଦ୍ଧ
ମୋ: 7978128353

ISSN NO.
2582-208X

# ନିର୍ବାଚନ ପର୍ବ



ମାନସ ରଞ୍ଜନ ନାୟକ

ପୂରୁ ବା ନପୂରୁ ଉଦର ଚାଖଣ୍ଡେ, ସରେନା ଅରବ ମନା
ଜୀବନ ହାଟରେ କିଣାବିକା ଚାଲେ, ବଞ୍ଚିବାର ଦାନାକନା ।
ବାପ ଗୋସାପଙ୍କ ପୁନେଇଁ ପରବ, ପାଲଟେ ସ୍ମୃତି ନିଆରା
ଅଜସ୍ର ଉତ୍ସାହ ଉନ୍ମେଷେ ଭିଜା, କିବା ନିର୍ବାଚନ ଫୁଆରା !

ସନା ମଳିକ'ର ବଦଳିଛି ଭେକ, ମିଳିଛି ପକ୍କା ଆବାସ
ବେପାରୀ କାଲୁ ହିସାବ ବୁଝିଛି, କରେ ଜିନ୍ଦାବାଦ ପ୍ରୟାସ ।
ଗାଁ ଅପନ୍ତରା, ଗଳିମୁଣ୍ଡ ପାଟ, ରାତାରାତି ହୁଏ ନିର୍ମଳ
ରଙ୍ଗମଖା ପରେ ଫଳକରେ ଲେଖା, ସ୍ୱଚ୍ଛ ମୋ ଗାଁ ପରିମଳ ।

ଯୋଜନ ଦୂର ଯୋଜନା ଯାକ, ନେତାଙ୍କ ଭାଷଣରେ ହାଜର
ମଥାନତ ଜୁହାର ସାଙ୍ଗକୁ, କିଣା କରତାଳିରେ ପ୍ରଚାର ।
ରଜ ପରବଠୁ ବଳିପଡେ ପୁଣି ମାଉଁସ ଭାତର ଭୋଜି
ଗଡ ଜୟ ପାଇଁ ପଙ୍ଗତରେ ବସି ମେଳି ଅମେଳିଙ୍କ ବାଜି ।

ISSN NO.
2582-208X

ଶୋଭାଯାତ୍ରା ନେଇ ପତାକା ହଲାଇ, ଗାଁ ଟୋକା ହେଲେ ମାତାଲ୍
ହାତଗୁଞ୍ଜା ସାଥେ ନାଲି ପାଣି ନିଶା, ମିଛ ସବୁ ହାଲଚାଲ୍ ।
ପରବ ପୂର୍ବରୁ ମୌସୁମୀ ପ୍ରାୟ, ଭାବି ନେତାଙ୍କ ଆଗମନ
ନ ମାଗି ବି ମିଳେ ପ୍ରୀତି ଭାଇଚାରା, ସତ ମହାର୍ଘ ସପନ!

ରାଣ ପ୍ରତିଶୃତି ଗୁଞ୍ଜରିତ ହୁଏ, କଟାଯାଏ କେତେ ନାଲିଫିତା
ଉତ୍ସବ ମୁଖର ଗାଁ ଛକ ଦାଣ୍ଡ, ନାଚେ କିବା ବାଡବତା!
ପ୍ରସ୍ତୁତି ପରବ ଉଚ୍ଚାଟ ବାଜାରେ, ନରନାରୀ ଆହ୍ଲାଦିତ
ସାମଗ୍ରୀକତାର ଏ ମହା ମିଳନେ, ପରବ କି ଅନୁପାତ ?

ଗଣତନ୍ତ୍ରର ମହାପର୍ବ ସିନା ସ୍ୱଚ୍ଛ ନିରପେକ୍ଷ ନିର୍ବାଚନ
ମତଦାତା ଯେବେ ବିକ୍ରୀ ହୁଏ ଏଠି, ନୁହଁ କି ଏ ପ୍ରହସନ?
ପ୍ରଗତି ନାରାରେ ଦୁର୍ଗତିର ଦୁର୍ଗ, ଗଢେ ଏ ମିଛ ପ୍ରଚାର
ନିର୍ବାଚନ ପର୍ବ ସଫଳ ହୋଇବ, ହେଜିଲେ ସମ୍ୟକ ବିଚାର ।

ମଞ୍ଜୁରୀ ରୋଡ୍, ଭଦ୍ରକ-୭୫୬୧୨୧
ଧ୍ୱନ- ୯୮୯୦୮୫୧୪୨୭

ISSN NO.
2582-208X

# ଅକୁହା କଥା



ସୁକୁମାରୀ ମେହେର

ଯାଉଥିଲି ଦିନେ ଅସରା ପଥରେ
ମଳୟ ପବନ ବାଜିଲା ଦେହରେ ।
ଶିହରୀ ଉଠିଲା ମୋ ଦେହର ଅଙ୍ଗ
ଟଳମଳ ହୋଇଗଲା ମୋର ପାଦ ।
ଭାବିଲି ମନେ କରୁଥିବେ ମୋ ପ୍ରିୟ
ସେଥିପାଇଁ ବୋଧେ ଆସିଲା ମଳୟ ।
ସେ ସମୟର ମୃଦୁ ପବନ
ଆଣିଦିଏ ମତେ ତୁମ ସନ୍ଧାନ ।
ପକ୍ଷୀମାନଙ୍କର କାକଲିର ସ୍ୱର
ମନେ ଭରିଦିଏ ଖୁସିର ଜୁଆର ।
ତୁମପାଇଁ ମନେ ମୋର ଭରିଛି ଭାବନା
କହିବି କହିବି ଭାବି ହୁଏ ବାଟବଣା ।
କେମିତି କହିବି ସେ ଅକୁହା କଥା
କହିବା ଆଗରୁ ବୁଝିଯାଅ ପରିଭାଷା ।
ତୁମପାଇଁ ମନେଅଛି ଆଦର ସମ୍ମାନ
ମୋ ମନମନ୍ଦିରେ ତୁମେ ସଦା ବିଦ୍ୟମାନ ।
ବେଶିକିଛି ଲୋଡ଼ାନାହିଁ ତୁମଠାରୁ ସାଥି
ତୁମ ବାହୁରେ ବାକି ଜୀବନଟା ଯାଉ ବିତି ।

ISSN NO.
2582-208X

ତୁମେପାଖେ ଥିଲେ ସବୁ ଖୁସିଯେ ପାଇବି
ସବୁଠାରୁ ଭାଗ୍ୟବତୀ ନିଜକୁ ମଣିବି।
କୋଠାଘର ସୁନାରୂପା ଚାହେଁନାହିଁ କିଛି
ତୁମ ଛୋଟ କୁଡ଼ିଆ ବି ମୋପାଇଁ ସମ୍ପତ୍ତି।
କହିବି କେମିତି ଏ ମନର ଭାଷା
ତୁମକଥା ଭାବିଦେଲେ ଲାଗିଯାଏ ନିଶା।
କହିବା ଆଗରୁ ବାଛିନିଅ ମୋ ପ୍ରେମକୁ
ମନଚାହେଁ ତୁମସାଙ୍ଗେ ଘର କରିବାକୁ।
ତୁମମୁଖ ତୁମକଥା କରିଛି ବିଭୋର
ଭୁଲିବାକୁ ଚାହିଁଲେବି ମନେପଡ଼େ ବାରବାର।
ଭାବେ ପ୍ରଭୁ ଗଢ଼ିଛନ୍ତି ମୋପାଇଁ ତୁମକୁ
ସାତଜନ୍ମ ପାଇଁ ମୋର ହାତ ଧରିବାକୁ।
ଭାବିଯାଏ କେତେକଥା ସମୀର ସୁଅରେ
କହିପାରିବିନି କେବେ ତୁମରି ଆଗରେ।
ଶୁଣିବାକୁ ତୁମଠାରୁ ଅପେକ୍ଷା କରିବି
ସେଇପଦେ କଥା ଖୁସିରେ ଶୁଣିବି।
କେଉଦିନ ଆସିମୋ ହାତଧରି କହିବ
ତୁମେ ମୋର ପ୍ରିୟତମା ମୋ ଗର୍ବ ଗୌରବ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ
ଅମୃତ ବିହାର, ସମ୍ବଲପୁର

ISSN NO.
2582-208X

# ବୃଦ୍ଧା ଆଶ୍ରମ



ପ୍ରଜ୍ଞା ପାରମିତା ଦାଶ (ମିଶ୍ର)

ଗୋବିନ୍ଦପୁର ବୋଲି ଛୋଟିଆ ଗାଁ । ସେ ଗାଁ ରେ ହରି ବୋଲି ଜଣେ ଚାହା ଦୋକାନୀ ତାର ପୁଅ ଆଉ ସେ ଗାଁ ରେ ରହେ । ତାର ପରିବାର କହିଲେ ତାର ପୁଅ (ବାସୁ) ଆଉ ସେ ନିଜେ ଆଉ କେହି ନାହାନ୍ତି । ତାର ପୁଅ (ବାସୁ) ଛଅ ମାସ ରହୋଇଥିଲା ତାର ମାଆ ଅରପାରିକି ଚାଲି ଯାଇଛି । ହରି ଭାରି ଗରିବ । ଦିନେ ଖାଇଲେ ଦୁଇ ଦିନ ଓପାସ । ହରି ଗୋଟିଏ ଚାହା ଦୋକାନରୁ ଯାହା ପଇସା ପାଏ ସେଇ ପଇସା ରେ ଦୁଃଖ, କଷ୍ଟ ରେ ସେ ଚଳିଯାଆନ୍ତି । ହେଲେ ହରି କାହା ପାଖରେ ହାତ ପତାଏ ନାହିଁ । ସେ ଭରି ସ୍ୱାଭିମାନ ଲୋକ । ସଂସାର ସବୁ ବାପା, ମାଆ ଙ୍କର ସପନ ଥାଏ ତାଙ୍କ ପିଲା କିଭଳି ଭଲ ପାଠ ପଢୁ, ଭଲ ମଣିଷ ଟିଏ ହେଉ । ଦୁନିଆରେ ବହୁତ ନାଁ କରୁ । ଆଉ ବାପା, ମାଆ, ଘର, ପରିବାର ର ନାଆ ରଖୁ । ଠିକ ସେହି ଭଳି ହରି ସପନ ଦେଖୁଥିଲେ ହରି, ବାସୁ ର ମାଆ, ଆଉ ବାପା ମଧ୍ୟ । ବାସୁ କୁ ପାଠ ପଢ଼େଇ ବା ପାଇଁ ହରି ଚାହା ସହ ଷ୍ଟେସନ ରେ କୁଲି କାମ କରି ବାସୁ କୁ ପାଠ ପଢ଼େଇଲା । ବସୁ ବି ବହୁତ ଭଲ ପାଠ ପଢିଲା । ଆଉ ଟପର ହେଲା । ଭଗବାନ ଙ୍କ କୃପାରୁ ବାସୁକୁ ବଡ ସରକାରୀ ଚାକିରୀ ମିଳିଲା । ହରି ବସୁର ବାହାଘର କରିଦେଲା । ସେ ଭାବିଲା ପୁଅକୁ ବାହା କରିଦେଲେ ତାର ଦୁଃଖ ଦୂର ହେବ । କିଛି ନହେଲେ ବୋହୂ ର ହାତ ପରସା ଖାଇବି ସେବା ଟିକେ ପାଇବି । ହେଲେ ତାର ଇଚ୍ଛା ତାର ସପନ ସପନ ରେ ରହିଗଲା । ତାର ପୁଅ (ବାସୁ) ବାପା ର ସବୁ ଦୁଃଖ, କଷ୍ଟ କୁଭୁଲିଗଲା । ବୁଢ଼ା ବାପା କୁ ଗାଁ ରେ ଛାଡି ବାସୁ ତାର ସ୍ତ୍ରୀ କୁ ନେଇ ସହର କୁ ଚାଲିଗଲା । କାରଣ ହରି ପାଠ ଶାଠପଢିନି ମୂର୍ଖ ଲୋକଟା ।

ISSN NO.
2582-208X

ଦୁଇ ବରଷ ପରେ.......

ହଠାତ ପୁଅର ଫୋନ ଆସିଲା ବାପା ମୋର ପୁଅ ହୋଇଛି ଆଉ ନାମ କରଣ କରିବି ତୁମେ ଆସିବ ।ପୁ ଅ ର ଏ କଥା ଶୁଣି ହରି ବହୁତ ଖୁସି ହୋଇଗଲା । ଖୁସି ରେ ଗାଁ ରେ ମିଠା ବାଣ୍ଟିଲା। କଥାରେ କହନ୍ତି-

"ଯାହା ପାଖରେ ମନ ଅଛି ତା ପାଖରେ ଧନ ନାହିଁ
ଯାହା ପାଖରେ ଧନ ଅଛି ତା ପାଖରେ ମନ ନାହିଁ "

ଠିକ ସେହିପରି ହରି ପାଖରେ ଧନ ସିନା ନାହିଁ ହେଲେ ବଡ ମନ ଟିଏ ଅଛି । ନାତୀ କୁ ଦେଖିବାକୁ ଯିବ ବୋଲି ନିଜର ଭିଟା ମାଟି କୁ ବନ୍ଧା ପକେଇ ଦେଲା । ଆଉ ଯେଉଁ ପଇସା ପାଇଲା ସେଇ ପଇସା ରେ ପୁଅ ପାଖକୁ ନାତୀ କୁ ଦେଖିବାକୁ ସହର କୁ ଗଲା । ପୁଅ ପାଖକୁ ଯାଇ ପହଁଚିଲା । ହରି ନାତି କୁ ଧରିବା ଲାଗି ଆଗ ହାତକୁ ପରିଷ୍କାର କରି ଧୋଇ ଆସିଲା । ନାତି କି ଧରି ବାକୁ ଯାଇଛିକି ନାହିଁ.. ପୁଅ କହିଲା ବାପା ମୋ ପୁଅକୁ ଧର ନାହିଁ ମୋ ପୁଅର ଇଂଫେକ୍ସନ ହୋଇଯିବ । ହାତକୁ ଧୋଇକି ମୋ ପୁଅକୁ ଧର । ଏକଥା ଶୁଣି ହରି ଭାବିଲା..

ଛଅ ମାସ ର ବାସୁ ହୋଇଥିଲା ବାସୁ ର "ମାଆ" ଆରପାରିକି ଚାଲିଗଲା ଆଉ ମୋର ଏଇ ଦୁଇ ହାତରେ ତାକୁ କୋଳେଇ କାଖେଇ ସତେଇଶି ବରଷର କରିଥିଲି ଆଜି ସେଇ ହାତରେ ନାତିକୁ ଧରିବାକୁ ଇଂଫେକ୍ସନ ହେଇଯାଉଛି..? ହଉ...

ନାତିର ନାମ କରଣ ପୂଜା ବସୁର ଅଫିସରୁ ବଡ ବଡ ଅଫିସର ମାନେ ଆସିଥାନ୍ତି ହରି କୁ ଦେଖି ହରିର ପରିଚୟ ପଚାରିଲେ ।

ବାସୁ ଅଫିସ ଙ୍କୁ କହିଲା ସେ ଆମ ଘର ର ନୂଆ ଚାକର ଅଳ୍ପ ଦିନ ହେଲା ଆସିଛି ବୋଲି କହିଲା କାହିଁକିନା ହରି ପାଠ ଶାଠ ପଢିନି ମୂର୍ଖ ଲୋକ। ପ୍ରତିଦିନ ବାସୁ ପାଖକୁ ବହୁତ ବଡ ବଡ ଅଫିସ ର ମାନେ ଆସନ୍ତି ଆଉ ହରିକୁ ଦେଖି ବସୁକୁ ତାଙ୍କ ବିଷୟରେ

ISSN NO.
2582-208X

ପଚାରନ୍ତି । ପ୍ରତିଦିନ ସଭିଙ୍କୁ କହି କହି ସେ ଭାରି ବିରକ୍ତ ହୋଇଗଲା । ଶେଷରେ ଚିନ୍ତା କଲା ହାରିକୁ ବୃଦ୍ଧା ଆଶ୍ରମ ରେ ଛାଡିଦେବ ।

"ନାଁ ଥିବ ବାଉଁଶ ନାଁ ବାଜିବ ବଇଁଶୀ "

ହାରିକୁ ବୃଦ୍ଧା ଆଶ୍ରମରେ ଛାଡିବ ବୋଲି ତାକୁ ବହୁତ ଭଲ କଥା, ଭଲ ବ୍ୟବହାର ମିଛରେ କହିଲା ବାପା ମୁଁ ତୁମ ପାଇଁ ଗୋଟିଏ ନୂଆ ଘରଟିଏ କିଣିଛି ତୁମେ ଆଜି ଠାରୁ ସେଇ ଘରେ ରହିବ । ଏଭଳି ବାହାନା ଆଉ ଅଭିନୟ କଲାଯେ ହରି (ବୁଢ଼ା) ବାପା ପୁଅର ମିଛକୁ ବୁଝିପାରିଲାନାହିଁ । ପୁଅର ମିଠା କଥାରେ ଅନ୍ଧ ହୋଇଗଲା । ପୁଅର ସବୁକଥା ତାକୁ ସତଲାଗିଲା । ସେ ତା ସାଙ୍ଗରେ ବୃଦ୍ଧା ଆଶ୍ରମ ଗଲା । ହରି ଯେବେ ସେ ଆଶ୍ରମରେ ପହଞ୍ଚି ବସୁକୁ ପଚାରିଲା ଆରେ ବାପା ଏ କେଉଁ ଜାଗା..? ଏ କଣ ତୋର ନୂଆ ଘର..? ବାସୁ କିଛି ନକହି ସେଇଠାରୁ ପଳେଇଆସିଲା । ସେ ଭାବିଲା ହାରିକୁ ବୃଦ୍ଧା ଆଶ୍ରମରେ ଛାଡ଼ିଦେଇ ବହୁତ ଭଲ କରିଛି । ଘରକୁ ଆସି ଘରେ ଆରାମ ରେ ରହିଲା । ସେ ଜାଣିପାରିଲା ନାହିଁ ସେ ତାର ଅଜାଣତରେ କେତେ ବଡ ଭୁଲ କରିଛି । ତର ବି ଗୋଟିଏ ପୁଅ । ବାସୁ ପ୍ରତି ମାସରେ ଆଶ୍ରମକୁ ହରି ର ଭଲ ମନ୍ଦ ପାଇଁ ପଇସା ପଠାଏ । ହରି ସେ ପଇସା କୁ ସବୁ ରଖିଥାଏ ଖର୍ଚ୍ଚ କରେନାହିଁ ।

ବାସୁ ତାର ପୁଅକୁ ଭାରି ଭଲ ପାଏ । ସେ ତାର ପୁଅକୁ କେଉଁଥିରେ ଅଭାବ ରଖିନଥିଲା । ବାସୁ ବି ହରି ଭଳି ସପନ ଦେଖିଲା । ବାସୁ ତାଠାରୁ ତାର ପୁଅକୁ ବହୁତ ବଡ କରିବ ବୋଲି । ବହୁତ ପରିଶ୍ରମ କଲା । ବାସୁ ଠାରୁ ବାସୁ ର ପୁଅ ବହୁତ ନାଁ କଲା । ଯେଉଁ ଘଟଣା ବାସୁ ଆଉ ହରି ର ଜୀବନରେ ଘଟିଥିଲା ଠିକ ସେଇ ଘଟଣା ପୁନରାବୃତ୍ତି ହେଲା । ବସୁର ପୁଅ ଘରେ ଗୋଟିଏ ପାର୍ଟି ରଖିଥିଲା । ସେ ତାର ଅଫିସର ମାନଙ୍କୁ ଡାକିଥିଲା । ପାର୍ଟି କୁ ଯେଉଁମାନେ ଆସିଥିଲେ ବାସୁର ପରିଚୟ ପଚାରିଲେ ବାସୁର ପୁଅ ତାର ଅଫିସକୁ କହିଲା ସେ ଆମ ଘର ର ନୂଆ ଚାକର । ଅଳ୍ପ ଦିନ ହେବ ସେ ଆମ ଘରକୁ ଆସିଛନ୍ତି । ଏଇ କଥା ସେ ତାର ପୁଅ ଠାରୁ ଶୁଣି ବହୁତ ଦୁଃଖ କଲା । ପାର୍ଟି ସରିବା ପରେ ବାସୁ ତା ପୁଅକୁ ଏ ଭଳି କାହିଁକି କହିଲୁ ବୋଲି ପ୍ରଶ୍ନ କଲା । ତାର ପୁଅ ଉତ୍ତର ହେଲା ବାପା ତୁମେ

ISSN NO.
2582-208X

କଣ ସବୁ ଭୁଲିଗଲ..? ତୁମେବି ତ ଦିନେ ତୁମ ବାପା ଙ୍କୁ ଚାକାର ବୋଲି ସଭିଙ୍କ ଆଗରେ କହିଥିଲ ଆଜି ମୁଁ ଠିକ ସେଇଆ କଲି ଏଥିରେ ଏତେ ମନ ଦୁଃଖ କରିବାରେ କଣ ଅଛି । ଆଉ ଅଳ୍ପ ଦିନ ଅପେକ୍ଷା କର । ମୁଁ ବି ତୁମକୁ ସେଇ ବୁଢା ଆଶ୍ରମରେ ଛାଡି ଆସିବି । ପୁଅ ଠାରୁ ବାସୁ ଏଭଳି କଥା ଶୁଣି ସେ ତାର ବୁଢା ବାପା ପ୍ରତି କରିଥିବା ଭୁଲ ବୁଝିପାରିଲା । ଆଉ ବହୁତ "ପଶ୍ୟାତାପ" କଲା । ଆଉ ତାର ବାପା କୁ ବୁଢା ଆଶ୍ରମ କୁ ଆଣିବାକୁ ଗଲା । ବାସୁ ଯିବା ବହୁତ ଡେରି ହୋଇଯାଇଥିଲା । ସେ ବୁଢା ଆଶ୍ରମରେ ପହଞ୍ଚି ହରିର କଥା ପଚାରିବାରୁ ଆଶ୍ରମର ସେବକ କହିଲେ ହରି ଆଉ ଏ ଦୁନିଆରେ ନାହିଁନ୍ତି । ଆରପାରିକି ଚାଲିଯାଇଛନ୍ତି । ଆଉ ଗଲା ଆଗରୁ ତୁମକୁ କିଛି ଦେଇ ଯାଇଛନ୍ତି । ବାସୁ ଦେଖିଲା ସେ ଯେଉଁ ପଇସା ମାସକୁ ମାସ ଦିଏ ସେଇ ପଇସା । ସେସବୁ ଦେଖି ବାସୁ ବହୁତ କାନ୍ଦିଲା । ବହୁତ ପଶ୍ଚ୍ୟାତାପ ମଧ୍ୟ କଲା । ଆଉ ସେ ସବୁ ପଇସା କୁ ତାର ପାଖରେ ତା ବାପାର ଆର୍ଶିବାଦ ଭାବି ତାର ପାଖରେ ରଖିଲା । ବାପା ର ମୂଲ୍ୟ କଣ ସେ ଜାଣିପାରିଲା ।

ସେଥିପାଇଁ କହନ୍ତି:

"ପାଖରେ ଥିବା ଜିନିଷ ର ମୂଲ୍ୟ ସେ ଗଲା ପରେ ଜାଣିପାରିବ"

ଯାଜପୁର
ବନ୍ଧମୁଣ୍ଡା

ISSN NO.
2582-208X

# ପୂଜ୍ୟ ନେତାଜୀ




ଦୀନବନ୍ଧୁ ପୋଇ

ଦିଲ୍ଲୀ ଚଲୋ ନାରା ଦେଇଥିଲ ପରା
ଦେଶ ସ୍ୱାଧୀନତା ପାଇଁ
ମାଗୁଥିଲ ରକ୍ତ ଭାରତବାସୀଙ୍କୁ
ମାତୃଭୂମି ପ୍ରୀତି ନେଇ ।
ଇଂରେଜମାନଙ୍କ ଅସହ୍ୟ ଯନ୍ତ୍ରଣା
ଅନୁଭବ କରିଥିଲ
ଗୁଳିର ଜବାବ ଗୁଳିରେ ଦେବାକୁ
ସମସ୍ତଙ୍କୁ କହୁଥିଲ ।
ଆଜାଦ ହିନ୍ଦ ଫଉଜ ଗଢି କି
ଫିରିଙ୍ଗି ସଙ୍ଗେ ଲଢିଲ
ନେତୃତ୍ୱ ତୁମର ବିଶ୍ୱରେ ଦେଖାଇ
ନେତାଜୀ ନାମ ପାଇଲ ।
ହେ ପୂଜ୍ୟ ସୁଭାଷ ଉଡାଇଲ ହୋସ
ଚାଲିଲାନି ଗୋରା ନାଡି

ISSN NO.
2582-208X

ତୁମ ସିଂହ ରଡି ଦେଇଥିଲା ତଡ଼ି
ଗଲେ ଶତ୍ରୁ ଦେଶ ଛାଡି ।
ତୁଳନା ନାହିଁ କେ ତୁମ ପରି ଜଣେ
ତୁମେ ଯେ ଅତୁଳନୀୟ
ତୁମ ଜନ୍ମ ଦିନେ କରୁଛୁ ପ୍ରଣାମ
ଆମେ ଯେତେ ଭାରତୀୟ ।

ଗୋରଡା ପାଳ
କରମୂଳ, ମହିମା ଗାଦି
ଢେଙ୍କାନାଳ ଦୂରଭାଷ -୯୯୩୮୦୨୪୧୨

ISSN NO.
2582-208X

# ଝର କଲମ



ନରଞ୍ଜନ ସାହୁ

ଏବେଏବେ ଯେବେ କବିତା ଲେଖେ ମୁଁ
କାଗଜ କଲମ ଧରି
ଲାଗୁଥାଏ ସତେ ମନର ଭାବନା
ଧୀରେଧୀରେ ଆସେ ସରି ।

ଦିନଥିଲା ଦିନେ ଲେଖିବା ପାଇଁକି
ମନରେ ସରାଗ ଥିଲା
ମୁଣ୍ଡଟା ପାକଳ ହୋଇ ନ ଥିଲା ତ
ଥିଲି ଗୋଟେ ଛୋଟ ପିଲା
ଲେଖିବାର ଜିଦ ବଢି ଚାଲିଥିଲା
ଲେଖେ ପରିଶ୍ରମ କରି ।

ବଡ଼ କବିଟିଏ ହେବି ବୋଲି ମନେ
ରହିଥିଲା କେତେ ଆଶା
ଶପଥ ବି କରିଥିଲି ମୁଁ ସେବିବି
ଆଜୀବନ ମାତୃଭାଷା
ମାତୃଭାଷା ସେବି ମାତୃଭୂମି ଋଣ
ଶୁଝିଶୁଝି ଯିବି ମରି ।

ISSN NO.
2582-208X

ଆଜି କିନ୍ତୁ ଆଉ ସେପରି ଲାଗେନା
ଯାହା ଥିଲା ଆଗ ଭଳି
ଶିଥିଳ ଚାଲଇ ମସି ଧରା ହାତ
ନ ପାରେ ସେପରି ଚଳି
ଶବ୍ଦମାନେ ଆଉ କଲମ ମୁନରୁ
ପଡ଼ନ୍ତି ନାହିଁଟି ଝରି ।

ନିହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ଭିନ୍ନ ଏକ ପରାଧୀନତା



ଅମୃତନାରାୟଣ ଶତପଥୀ

ଫୋନ୍ ଯେତେ ବେଳେ ତାରରେ ବନ୍ଧାଥିଲା ମନୁଷ୍ୟ ଥିଲା ସ୍ୱାଧୀନ,
ଫୋନ୍ ପୁଣି ଯେବେ ମୋବାଇଲ୍ ହେଲା ବ୍ୟକ୍ତି ହେଲା ପରାଧୀନ।(୧)

ସମୟ କଟିଲା ମୋବାଇଲ୍ ଧରି ମନୁଷ୍ୟ ହେଲା ଏକଲା,
ବନ୍ଧୁବାନ୍ଧବ ସାଙ୍ଗସାଥି ଛାଡି ଆଭାସୀ ଦୁନିଆରେ ମତୁଆଲା।(୨)

ପାନବିଡି ହେଲା ଛୋଟିଆ ନିଶା ମୋବାଇଲ୍ ନିଶା ଚଢିଲା ମୁଣ୍ଡ,
ଆତ୍ମହତ୍ୟା ପ୍ରବଣତା ବଢିଯାଉଛି ହେଲେ ନିଜ ଲୋକପାଖେ ଖୋଲେନି ତୁଣ୍ଡ।(୩)

କେତେ ପୁଣି ଘରସଂସାର ଉଜାଡି ସନ୍ଦେହ ମନୁଷ୍ୟ ମନରେ ଘାରି,
ସ୍ମାର୍ଟଯୁଗରେ ସ୍ମାର୍ଟଫୋନ୍ ଧରି ଅଭାବ ସମୟ ମନୁଷ୍ୟ ଭିକାରୀ।(୪)

ପରାଧୀନ ହେଲା ମନୁଷ୍ୟ ଆଉ ମୋବାଇଲ୍; ଘଣ୍ଟା, ରେଡ଼ିଓ, ଟର୍ଚ୍ଚ ଆଦି ଖାଇ,
ପିଲାମାନେ ପୁଣି ବହି ଛାଡିଲେଣି ମୋବାଇଲ୍ ନିଶାରେ ହୋଇଣ ବାଇ।(୫)

ଖେଳ ହେଉନାହିଁ କସରତ ଉଣା ମନୋରଞ୍ଜନ ନାହିଁ ପର୍ବପର୍ବାଣୀ,
ଆଭାସୀ ମାଧ୍ୟମ ସବୁ ସାରିଦେଲା ମିଛରେ କାହିଁ ମାରିବା ଫୁଟାଣି।(୬)

ISSN NO.
2582-208X

ଏଥିପାଇଁ ଯିଏ ଅଟେ ଜ୍ଞାନୀଗୁଣୀ ଛାଡିଦିଅ ବନ୍ଧୁ ମୋବାଇଲ୍ ନିଶା,
ପଶାପାଲିଠାରୁ ପୁଣି ଏହା ଭୟଙ୍କର ବୁଡାଇଲାଣି ଯେ କେତେ ବେଉସା।(୭)

ମନକୁ ସଂଯତ କରହେ ସଭିଏଁ ଡିଜିଟାଲ ନିଶାରୁ ରୁହଯେ ଦୂର,
ମନଯେ ପ୍ରସନ୍ନ ରହିବ ସର୍ବଦା ପୃଥିବୀ ହୋଇବ ସରଗପୁର।(୮)

ପୁସ୍ତକକୁ କର ସର୍ବଦା ଯେ ବନ୍ଧୁ ଅଟଇ ତାହା ଅମୂଲ୍ୟ ସମ୍ପଦ,
ପ୍ରକୃତ ଜ୍ଞାନକୁ ପାଇଗଲେ ପୁଣି ବଢିଯିବ ନିଜ ମୂଲ୍ୟ ଓ ଟଳିବ ସବୁ ବିପଦ।(୯)

ଏହିସବୁ ଛୋଟଛୋଟ କଥା ପୁଣି ଆଣିଦିଏ ସରସତା,
ସ୍ୱାଧୀନ ଚେତନା ମନରେ ଭରି ଦୂରକର ଭିନ୍ନଏକ ପରାଧୀନତା।(୧୦)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X
ବେଦାନ୍ତି

# ପ୍ରିୟାର ଦୁଃଖ



ବନ ଲତା ଦାସ

ମଣିଷ ମନର ଦୁଃଖ
ଆଉ ଦେହର ଦୁଃଖର
ଖାଲି ଦୁଃଖ ଦୁଃଖ ଦୁଃଖର
ନାହିଁ ଅନ୍ତର
କର ଧର ମୋର
ଘେନ ଆଜ୍ଞା ପ୍ରଭୁଙ୍କର
କରୁଣା ସାଗର କରିବେ ପାର
ହୃଦେ ଘେନ ପ୍ରଣାମ ତାଙ୍କର
କର ଚରଣ ନ ଚଳିଲା ମୋର
ଆଦର ନୋହିଲା ତୋହର
ମିତ୍ର ମୋର କଳା ମେଘ ଅମ୍ବର
କର ତୁ ମନେ ବିଚାର
ତୁମ ବିରହ ଲାଗେ
ଶତ ବଜ୍ରର ପ୍ରହାର
ଘେନ କୃପାନିଧି କରୁଣା ସାଗର

ISSN NO.
2582-208X

କିମ୍ବା ନ ବସ ଆସି ମୋ କୋଳର
କରୁଛି ମୁଁ ମନରେ ଏ ବିଚାର
କିଛି ହେବ ଏଠାରେ ଫଳ ମୋର
କର ତୋ ତନୁକୁ ନବ ନିଶାର
କଣ୍ଠ ମୁକତି ମାଳା ତୁ ମୋହର
କୁସୁମରେ ଯେମନ୍ତ ମଧୁ କର
କରୁଥାଇ ନିରନ୍ତରେ ସଞ୍ଚାର
କୃଷ୍ଣ ସେହି ରୂପେ ଗୋପୀଙ୍କ ସଙ୍ଗର
କରନ୍ତି ଶରଧାର କୁଞ୍ଜ ବିହାର
କିଛି ନୁହେଁ ଏ ଅନିତ୍ୟ ସଂସାର
କରିବା ଆମ୍ଭେ ଆସ ବନ ବିହାର
କେବଳ ଅମୃତ ଖାଇଲେ
ମନକୁ ନୁହେଁ ସୁଖ କର
ପୀୟୁଷ ଖାଇଲେ ବିନାଶ
କରିପାରେ କି ବିଷ ତା'ର
କଉ ସୁବିଚାରେ ରହୁଅଛ ଦୂର
ଇଏ ବସନ୍ତ ବେଳର
କାଳଯାକ ପ୍ରୀତି କରି କଲ ଅନ୍ତର
କୁସୁମ କାଳର
ମନେ ପଡ଼େ ତୁମ ସେହି ମିଠା ଚୁମ୍ବନ
ଆଉ ଓଠର ତୀକ୍ଷଣ ଧାର
କରୁଥିଲ ହସରେ ମୋତେ ଅଧୀର
ଗଢିଥିଲ ନୀଳ ଅମ୍ବରେ
ପ୍ରେମର ମନ୍ଦିର

ISSN NO.
2582-208X

କାମେ କାତର ହୋଇ ଅନ୍ତର
କରଇ ପୁଣି ମନେ ବିଚାର
କି କରୁଥିବ ବାନ୍ଧବୀ ମୋର
କରନ୍ତେ ଅବା ଥିଲେ ଉପାୟ
ତୁମର କାନ୍ତା ଠାରୁ ବିଚାର
ନବ କିଶୋରୀ ଚମ୍ପକ ଗୋରୀ
ବିମ୍ବ ଅଧର
କରି ଅମୃତ ଦାନ କର
ଆପଣାର ପ୍ରାଣର ।

ବର୍ତ୍ତନା, ସୋମନାଥପୁର
ବାଲେଶ୍ୱର

ISSN NO.
2582-208X

# ଓଡ଼ିଆ ସାହିତ୍ୟର ମାମୁଁ "କଣାମାମୁଁ"



ସତ୍ୟବ୍ରତ ଦାସ

ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କେବଳ ଗୋଟିଏ ମାତ୍ର ଉପନ୍ୟାସ କଣାମାମୁଁ ଅସଂପୂର୍ଣ୍ଣ ଉପନ୍ୟାସ ହେଲେ ମଧ୍ୟ ଆଦର୍ଶ ମାନବିକ ମୂଲ୍ୟ ବୋଧର ନଖୁଣ ଚିତ୍ର ଦେଖିବାକୁ ମିଳବା ସଙ୍ଗେ ସଙ୍ଗେ ଓଡ଼ିଆ ଉପନ୍ୟାସ ଦୁନିଆରେ ତାଙ୍କ ନାମକୁ ସ୍ୱର୍ଣ୍ଣାକ୍ଷରେ ଏକ ସଫଳ ରୂପ ପ୍ରଦାନ କରିଛି ।

କଣାମାମୁଁ ଉପନ୍ୟାସଟି ଅସଂପୂର୍ଣ୍ଣ ହେଲେ ମଧ୍ୟ ଅଭିରାମ ନାମକ ଏକ ଯୁବକର ଜୀବନ କାହାଣୀ ସହିତ କଣାମାମୁଁର କାହାଣୀ ଅଙ୍ଗାଅଙ୍ଗୀ ଭାବରେ ଜଡିତ ହୋଇ ବାସ୍ତବିକ ସଂପୂର୍ଣ୍ଣତା ଆଣିଦେଇଛି ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କଣାମାମୁଁ ଦ୍ୱିତୀୟ ବିଶ୍ୱଯୁଦ୍ଧର ଏକ ପ୍ରାକ କାଳୀନ ସୃଷ୍ଟି। ୧୯୩୭ ମସିହାରେ ଏହା ରଚତ ହୋଇଥିଲେ ମଧ୍ୟ ଏହାର ଆତ୍ମପ୍ରକାଶ ଘଟିଥିଲା ୧୦ ବର୍ଷ ପରେ ଅର୍ଥାତ ୧୯୪୭ ମସିହା ସେପ୍ଟେମ୍ବର ମାସ ୮ ତାରିଖରେ । ଡଗର ପତ୍ରିକାରେ ପ୍ରକାଶ କରିବାକୁ ଇଚ୍ଛା ପ୍ରକାଶ କରି କେତୋଟି ସଂଖ୍ୟା ପ୍ରକାଶ ପରେ ବନ୍ଦ ହୋଇଯାଇଥିଲା ୧୯୫୧ ମସିହାରେ ଜଳବାୟୁ ପରିବର୍ତ୍ତନ ପାଇଁ ଔପନ୍ୟାସିକ କଟକ ଆସିଥିବା ସମୟରେ ବହୁ ବନ୍ଧୁଙ୍କ ଅନୁରୋଧକ୍ରମେ କଣାମାମୁଁର ଶେଷ ଅଂଶ କଟକରେ ଲେଖିବା ପାଇଁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ ।

ISSN NO.
2582-208X

ଔପନ୍ୟାସିକ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଇଚ୍ଛା ଥିଲା କଣାମାମୁଁଙ୍କୁ ୧୯୪୨ ଅଗଷ୍ଟ ବିପ୍ଳବର ନେତା କରିବା ପାଇଁ । ମାତ୍ର ବିଧିର ବିଧାନ ଥିଲା ଅଲଗା । ଓଡ଼ିଆ ସାହିତ୍ୟର ଦୁର୍ଭାଗ୍ୟ। ଲେଖକଙ୍କ ବାସନା ବାସନାରେ ହିଁ ରହିଯାଇଥିଲା । ଉପନ୍ୟାସଟି ଅସଂପୂର୍ଣ୍ଣ ହୋଇ ମଧ କଣାମାମୁଁର ପ୍ରାଣପ୍ରାଚୁର୍ଯ୍ୟ ଥିଲା ଅତୁଳନୀୟ । ଏ ସମ୍ପର୍କରେ ଗ୍ରନ୍ଥର ପ୍ରକାଶକ ପ୍ରବେଶିକାରେ ଯଥାର୍ଥରେ କହିଛନ୍ତି –

"କଣାମାମୁଁ କଣା ରହିଗଲେ
ତଥାପି "ଚକ୍ଷୁ୍ୟ ପୀଡ଼ିବ କେବଳଂ" ତ ନୁହେଁ – ଏହା ଏକ ଅକ୍ଷୟ କୃତି ।"

କଣାମାମୁଁ ଉପନ୍ୟାସରେ ଔପନ୍ୟାସିକ ଜାତୀୟ ଆନ୍ଦୋଳନ, ନୀରିହ ପ୍ରଜାମାନଙ୍କ ଉପରେ ପୁଲିସର ନିର୍ମମ ଅତ୍ୟାଚ୍ଚର ଏବଂ ଦୌରାତ୍ମ୍ୟ, ପାଶ୍ଚାତ୍ୟ ସଭ୍ୟତାର କୁପ୍ରଭାବ ପ୍ରଭୃତିର ସୁସ୍ପଷ୍ଟ ଚିତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ମହାନ ମାନବିକତାର ଆଦର୍ଶ ଓ ଆହ୍ୱାନର ପ୍ରଭାବ ଦର୍ଶାଇଛନ୍ତି ।

ଏହିସବୁ ଆଦର୍ଶର ମୂର୍ତ୍ତିମନ୍ତ ଅବତାର ହେଉଛନ୍ତି କଣାମାମୁଁ । ତାଙ୍କ ଉପନ୍ୟାସରେ ଗାଁ ଚଉକିଆ ହଗୁରୀ ଜେନାଠାରୁ ଆରମ୍ଭ କରି ଟାଉଟର ପଟ୍ଟନାୟକ ଏବଂ ଦାସ ବୁଢା, ଗାଁର ଅମିନ ଏବଂ କାଣ୍ଡିଆଳ ପ୍ରଭୃତି ଏମିତିକ ହାଡ଼ିଆ ମାଆର ଚରିତ୍ର ମଧ ନିଜର ନିଜତ୍ୱକୁ କପରି ବଳ ଦେଇନଥିଲା ତାହା ତା'ର ପିକା ଖାଇ ଭୁଲାଇବା ବେଳର ବର୍ଣ୍ଣନାକୁ ସ୍ପଷ୍ଟ ଭାବରେ ପ୍ରମାଣିତ କରିଛନ୍ତି ।

'କଣାମାମୁଁ'ର ବିଷୟବସ୍ତୁ ଅନୁସାରେ ଆମେ ଯାହା ଉପଲବ୍ଧି କରୁ ପ୍ରକୃତରେ ଔପନ୍ୟାସିକଙ୍କର ମାତୁଳାଳୟ ଥିଲା ବୈତରଣୀ ନଦୀ କୂଳରେ ଅନତିଦୂରରେ ଏକ ଅଖ୍ୟାତ ପଲ୍ଲୀର ତାଙ୍କର ଏକ ନିଜ ମାମୁଁ ଥିଲେ ଯିଏକ ଅତ୍ୟନ୍ତ ପିତୃପ୍ରତିମ ଓ ସ୍ନେହୀ। ଏହା ବ୍ୟତୀତ ତାଙ୍କର ଆଉ ଜଣେ ବଳକା ସତକୁ ସତ ଚକ୍ଷୁଷାକାଣ –କଣାମାମୁଁ ଥିଲେ ଯିଏକ ସର୍ବସାଧାରଣରେ କଣାମାମୁଁ ନାମରେ ପରିଚତ ନଥିଲେ କିମ୍ବା ଉପନ୍ୟାସ କଣାମାମୁଁରେ ତାଙ୍କ ଚରିତ୍ରର କାଣିଚ୍ଛଏ ମଧ ବର୍ଣ୍ଣନା କରାଯାଇନାହିଁ । ସର୍ବସାଧାରଣରେ ପରିଚତ କଣାମାମୁଁ ହେଉଛନ୍ତି ତାଙ୍କ ଉପନ୍ୟାସ କଣାମାମୁଁର ଏକ ପ୍ରଧାନ ଚରିତ୍ର ।

ISSN NO.
2582-208X

ଉପନ୍ୟାସ ବର୍ଣ୍ଣିତ କଣାମାମୁଁର ନାମକରଣ ସଂପର୍କରେ ଅନେକ କଥା ଶୁଣାଯାଏ । ଗାଁର କାହାରି ମାଆର ଭାଇ ଲେଖାରେ ସେ ମାମୁଁ ନଥିଲେ । ଜଗତକଣା ପରମେଶ୍ୱର ଜଗତର ପିତା ହେବା ନ୍ୟାୟରେ ପିଲା ଠାରୁ ବୁଢା ପର୍ଯ୍ୟନ୍ତ ପୁରୁଷାନୁକ୍ରମେ ସମସ୍ତଙ୍କ ନିକଟରେ ସେ ଅଞ୍ଚଳର ସେ କଣାମାମୁଁ ନାମରେ ପରିଚିତ ଥିଲେ । ହେଲେ ମୁହଁରେ କେହି ତାଙ୍କୁ ଭରଷି କଣାମାମୁଁ ଡାକୁ ନ ଥିଲେ । ତାଙ୍କର କଣାମାମୁଁ ନାମକରଣ ଓ ଉପାଧି ସମ୍ବନ୍ଧରେ ଅନେକ ଲୋକ କାହାଣୀ ଜଡିତ ଅଛି ।

ପିଲାଦିନେ ତାଙ୍କର ଡେବିରି ଆଖିରେ ପଡି ଆଖି ନଷ୍ଟ ହୋଇଥିବା କଥା , ଔପନ୍ୟାସିକଙ୍କ ଗାଁରୁ ଥରେ ଆସିଲାବେଳେ ଦ୍ୱେଶନ ସମୟରେ ସେ ନିଜେ ବାହାଦୁରି ଦେଖାଇ ବାଣ ଫୁଟାଇବା ବେଳେ ଆଖି ନଷ୍ଟ ହୋଇଥିବା କଥା, ଔପନ୍ୟାସିକଙ୍କ ଗାଁର ବାସୁ ପଟ୍ଟନାୟକଙ୍କର କଣାମାମୁଁ କାଳକ୍ରମେ ପରିବର୍ତ୍ତନ ହୋଇ କଣାମାମୁଁ ନାମରେ ପରିଚିତ ହେବା କଥା, ବନ୍ୟା ସମୟରେ ସେ ଡଙ୍ଗାରେ ଚୂଡା ଗୁଡଲ ନେଇ ବନ୍ୟାବିପନ୍ନ ଲୋକମାନଙ୍କୁ ସାହାଯ୍ୟ କଲାବେଳେ ଡଙ୍ଗାରେ ନିଆଁ ଲାଗି ତାଙ୍କ ଆଖି ନଷ୍ଟ ହୋଇଥିବା କଥା, ଏବଂ ସର୍ବଶେଷରେ ଇଶାଣପୁରରୁ ଗ୍ରଣ୍ଡୀ ଝିଅ ଛୋଟୀ କନ୍ୟାକୁ ବର ବେଶରେ ବିଭା ହେବାକୁ ଯାଇ ନିଜର ଚଷମା ଦିଆ କଣା ଆଖି ଯୋଗୁ ସେଠାରେ ଅପଦସ୍ତ ହୋଇ ବିଭା ନ ହୋଇ ବର ବାହୁଡିବା ପରେ ସେହିଦିନଠାରୁ ସେ କଣାମାମୁଁ ନାମରେ ସେ ଅଞ୍ଚଳରେ ଅଧିକ ପରିଚିତ ।

କଣାମାମୁଁ କାହାର କଣ ବା ତାଙ୍କ ଘର କେଉଁଠି ସେ ସମ୍ବନ୍ଧରେ ସେମିତି କିଛି ସଠିକ୍ ବିବରଣୀ ନ ମିଳିଥିଲେ ମଧ୍ୟ ଗାଆଁଟା ଯାକର ସମସ୍ତଙ୍କ ନିକଟରେ ସେ ଅତି ଆପଣାର ଏବଂ ସମସ୍ତେ ମଧ୍ୟ ତାଙ୍କ ନିକଟରେ ଆପଣାର । ଏଣୁ ପ୍ରତ୍ୟେକ ଘରର ସେ ଜଣେ ଘରର ମଣିଷ ଏବଂ ସମସ୍ତଙ୍କ ଉପରେ ତାଙ୍କର ଅଖଣ୍ଡ ପ୍ରଭୁତ୍ୱ । କଣାମାମୁଁ ବାଟର ଭିକାରି ନ ଥିଲେ, ଗ୍ରେର ଡକାୟତ ନ ଥିଲେ କି କୁଣିଆ ମୈନି ନ ଥିଲେ - ସେ ଥିଲେ ଜହ୍ନମାମୁଁ ଭଳିଆ କଣାମାମୁଁ ।

ISSN NO.
2582-208X

ଦେଖିବାକୁ ପଞ୍ଚହତା ଭଳଆ ମରଦଟାଏ ଥିଲେ ସେ । ମୁହଁଟାଯାକ ବସନ୍ତ ଦାଗ, ବାଲୁ ବାଲୁ ମୁଛ, ଦାଢି ଏବଂ ଦେହଟା ମଧ୍ଯ ବେବାଗିଆ, ବେମାପିଆ ହେଲେ ମଧ୍ଯ ଔପନ୍ୟାସିକଙ୍କ ମତରେ ଥିଲେ ଚିର ନବୀନ, ଚିର ତରୁଣ, ଚିର ସ୍ଫୁର୍ତ୍ତିମାନ ଓ ଚିର ବସନ୍ତ । ଦୁନଆର ଚନ୍ତା, ଦକ, ଦାୟିତ୍ୱ, ଜଞ୍ଜାଳ ଓ ଦୁଶ୍ଚିନ୍ତାଦି ତାଙ୍କୁ ଆଦୌ ଛୁଇଁ ପାରି ନଥିଲ୍ ।

ବହିପତ୍ର ଓ କାଗଜ କଲମ ସାଙ୍ଗରେ ସେ ଅସହଯୋଗ କରିଥିଲେ ମଧ୍ଯ ଶାସନ କ୍ଷେତ୍ରରେ ଥିଲେ ପିଲ୍ମାନଙ୍କର ଅବଧାନ । ବାର ଚଉଦ ବର୍ଷର ପିଲ୍ମାନେ ତାଙ୍କୁ ବାଘ ଭାଲୁ ପରି ଡରୁଥିଲେ । ଖେଳାଳ ପିଲ୍ମାନଙ୍କ ନକଟରେ ସେ ଥିଲେ ଯମ ସଦୃଶ ଏବଂ ତାଙ୍କ ନା ଶୁଣିଲ୍କ୍ଷଣି ପିଲ୍ମାନେ ଛେରି ମୁତି ପକଉଥିଲେ । କଣାମାମୁଁ ବୟସରେ ଦରବୁଢା ହେଲେ ମଧ୍ଯ ତାଙ୍କର ସର୍ବଦା ଯୁବକ ସୁଲଭ ଗୁଣ ଥିଲ୍ । କଣାମାମୁଁ ଥିଲେ ଯୁବକ ଦଳ ଗଠନର ଯଥାର୍ଥ ସର୍ଦାର । କଣାମାମୁଁ କଣା ଥିଲେ ସତ ହେଲେ ଗାଁଟା ଯାକର ଟୋକା ତାଙ୍କର ଅସ୍ତ୍ର ଭଳଆ କାମ କରୁଥିଲେ । କଣାମାମୁଁଙ୍କ ଭାଷାରେ ତାଙ୍କର ବୁନଆଦି ଥିଲ୍ ଏବଂ ସେ ନୟାଗଡ଼ ରାଜାଙ୍କର ବଂଶଧର ଥିବାରୁ ଗାଁଟା ଯାକର ଟୋକାଙ୍କ ନକଟରେ ତାଙ୍କର ବଂଶ ଗାରିମା କହିଲେ ସରୁ ନ ଥିଲ୍ । ତାଙ୍କ ପୂର୍ବ ପୁରୁଷର ବଡ ଉଆଁସ କୁଆଡେ ଧନରତ୍ନରେ ଫାଟି ପଡୁଥିଲ୍ ଏବଂ ପଠାଣ ମରହଟ୍ଟାଙ୍କ ସାଙ୍ଗରେ ଲଢେଇ କରି ସେମାନେ ସର୍ବହରା ହୋଇ ଯାଇଥିଲେ । ସେ ନଜେ ସଙ୍ଗୀତଜ୍ଞ ଥିବାରୁ ଏବଂ ସଙ୍ଗୀତର ଉପାଦେୟତା ସମ୍ବନ୍ଧରେ ଅଧିକ ଜ୍ଞାନ ଆହରଣ କରିଥିବାରୁ ଗାଁ ଟୋକାଙ୍କୁ ମେଳ କରି ସେ ଏକ ସଙ୍ଗୀତ ଆଖଡ଼ା ଖୋଲିଥିଲେ । ଖାଲି ସେତିକ ନୁହେଁ, ସଙ୍ଗୀତ ଆଖଡ଼ା ସାଙ୍ଗକୁ ସେଠାରେ ଆସନ, ମୁଦ୍ଗର, ବାଡି ଖେଳ, ଛୁରା ଖେଳ, ଢାଲ ତରବାରି ଖେଳ, କୁସ୍ତି କସରତ ଓ ଧନୁର୍ବିଦ୍ୟା ଇତ୍ୟାଦି ଖେଳ ସଂପର୍କରେ ମଧ୍ଯ ଶିକ୍ଷା ଦିଆଯାଉଥିଲ୍ ।

ଯୁବକ ସୁଲଭ ଗୁଣ ନେଇ ସାଙ୍ଗସାଥିରେ ମିଶି ଟୋକାମାନେ ମାଛ ପୋଖରୀରୁ ମାଛ ଚୋରି କଲ୍ବେଳେ କମ୍ବା ଅନ୍ୟାନ୍ୟ ଛୋଟ ଛୋଟ ଚୋରି ଘଟଣାରେ ଲିପ୍ତ ରହି ଭୁଲ୍ ଭଟକା କଲ୍ବେଳେ ମାମୁଁଙ୍କ ଆଖିରେ ପଡୁଥିଲେ । ମାମୁଁ ବିପଦରୁ ସେମାନଙ୍କୁ ରକ୍ଷା କରିବା ପରେ ତାଙ୍କୁ ଭୀଷଣ ଗାଳ ଗୁଲଜ କରି ସତ୍ ପଥରେ ଆଗେଇବା ପାଇଁ ତାଗିଦ୍ କରୁଥିଲେ ।

ISSN NO.
2582-208X

ଦିନେ ଆଗୁନକ ଭାବରେ ଅଧରାତିରେ ଗାଁର ଥିଲା ବାଲା ପଧାନ ଘର ଡକାୟତି ହୋଇଥିଲା । ଭୁଜପୁରର ଡକାୟତମାନେ ସଂପତ୍ତି ଲୁଣ୍ଠନ କରି ନେଇ ସମସ୍ତଙ୍କ ଆଖିରେ କଳା କନା ବୁଲାଇ ଗ୍ଲଲି ଯାଇଥିଲେ ଏବଂ ପଧାନବୁଢାର ଏକମାତ୍ର ଅଲିଅଳୀ ନାତୁଣୀ ଅନୁକୁ ମଧ ଜୋର ଜବରଦସ୍ତ ଧରି ହରଣଗ୍ଲଳ କରି ନେଇ ଯାଇଥିଲେ । ଠିକ୍ ଏହି ସମୟରେ କଣାମାମୁଁଙ୍କ ଉପସ୍ଥିତି ପରିସ୍ଥିତିକୁ ସଂପୂର୍ଣ୍ଣ ନୂତନ ମୋଡ ଦେଇଥିଲା । ଅନୁକୁ ଖୋଜିବା ପାଇଁ ନଜେ କଣାମାମୁଁ ତାଙ୍କ ଅଧିନରେ ଆଠଜଣ ଆଖଡ଼ା ପିଲାଙ୍କୁ ଧରି ସାହିର ଦକ୍ଷିଣ ଦିଗକୁ ବାହାରିଯିବା ବେଳେ କୁଷୁନଆ ଅଧିନରେ ଅଭି ସହିତ ବଛା ବଛା ଏଗାର ଜଣ ପିଲାଙ୍କୁ ସାହିର ପୂର୍ବ ଦିଗକୁ ସେହି ରାତା ରାତି ପଠାଇ ଦେଇଥିଲେ । ଆଖଡ଼ା ପିଲାଙ୍କ ସମ୍ମିଳତ ପ୍ରଚେଷ୍ଟା ଓ ଦକ୍ଷତା ଫଳରେ କଣାମାମୁଁ ସାହିର ଖୁବ୍ ଅଳ୍ପ ଦୂରରେ ଥିବା ଏକ କଆ ବୋରେଇ ମଧରୁ ଅନୁକୁ ମୃତ୍ୟୁ ମୁଖରୁ ଉଦ୍ଧାର କରିଥିଲେ ।

ମାତ୍ର ସମୟର ସୁଅରେ ଭାସିଯାଇ କଣାମାମୁଁ ଘରପୋଡିରେ ଆକ୍ରାନ୍ତ ହୋଇ ନଜର ଉପଶମ ପୂର୍ବରୁ ପୋଲିସ ହାତରେ ଧରାପଡି ଜେଲ୍ ଦଣ୍ଡ ଭୋଗିଛନ୍ତୁ । ଫଳରେ ଏପେଟେ ଟୋକାଦଳ ନଜର ଆଦର୍ଶକୁ ଭୁଲି ଯାତ୍ରା ଦଳ, ତାସ୍ ଖେଳ, ପରଚର୍ଚ୍ଚା, ପର ନନ୍ଦା, ଟାହି ଟାପରା ରେ ମାତି ଦିନ କଟାଇଥିଲେ । ମାମୁଁଙ୍କର ସ୍ମୃତି ଆସ୍ତେ ଆସ୍ତେ ଲିଭି ଯାଇଥିଲା । ଗାଁ ଗଣ୍ଡାରେ ଅଘଟଣ ଘଟିଲେ କଣାମାମୁଁର ଅନୁପସ୍ଥିତି ପ୍ରାୟ ସମସ୍ତଙ୍କୁ ବାଟବଣା କରୁଥିଲା ।

ବାଘ ନଥିଲେ ମିରିଗ ନାଟ ଭଳି ମାମୁଁଙ୍କ ଅନୁପସ୍ଥିତିରେ ଗାଁଟା ବିଭାଜନ ହୋଇ ପଡିଥିଲା। ପରସ୍ପର ମଧ୍ୟରେ କଳିକଜିଆ କରି ଗାଁରେ ଶ୍ୟାମ ଓ ବଳିଆ ଦୁଇଟି ଥିଏଟର ପାର୍ଟି ଗଢିଥିଲେ । ଅଭିର ପୁଅ ଏକୋଇଶିଆ ଦିନ ଉଭୟ ଶ୍ୟାମ ଓ ବଳିଆ ଦୁଇଜଣ ଯାକ ଜିଦା ଜିଦରେ ସେଠାରେ ଷ୍ଟେଜ ବାନ୍ଧି ଥିଏଟର ଆରମ୍ଭ କରିବା ବେଳେ ପରସ୍ପର ପ୍ରତି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବାରେ ଉପନ୍ୟାସଟିର ପରିସମାପ୍ତି ଘଟିଛି ।

ଫକୀରମୋହନ ସେନାପତିଙ୍କ ପ୍ରଭାବ ଲକ୍ଷ୍ମୀକାନ୍ତଙ୍କ ଉପରେ ପଡିଥିବାରୁ ଉପନ୍ୟାସରେ ହାସ୍ୟରସର ପରିବେଷଣ କରିବାରେ ଔପନ୍ୟାସିକ କିପରି ଯଥେଷ୍ଟ ଦକ୍ଷତା ହାସଲ କରି ପାରିଛନ୍ତି । ସେସବୁ ହାଡ଼ିଆ ମା'ର ଖାସି ମାରି ଫିଷ୍ଟ କରିବାଲାଗି ଟୋକାଙ୍କ ଯୋଜନା, ସେମାନଙ୍କର ମାଛ ଚୋରି ଯୋଜନା ବେଳେ ମୁଣ୍ଡରେ ହାଣ୍ଡି ରଖି ଜଳରେ ଲୁଚିବାର ଚେଷ୍ଟା,

ISSN NO.
2582-208X

ପୋଖରୀ ହୁଡା ଗଛରେ ବେତାଳ ଥିବା ଭୟରେ, କୁଷୁନିଆଁର ଭୂମିରେ ପତ୍ତନ ଓ ଗାଁ ଗାଁ ଗର୍ଜନ, ଗଛ ଉପରୁ ମାମୁଁଙ୍କର ପୋଖରୀ ଜଳକୁ ଲମ୍ଫ ପ୍ରଦାନ କରି ଲୋକଙ୍କୁ ହୁରୁଡେଇବା ଚେଷ୍ଟା, ନିଜର ଅତୀତ କାହାଣୀ କହିଲା ବେଳେ ମାମୁଁଙ୍କର ବାହାପିଆଗିରି, ନବଗଡ଼ ରାଜ୍ୟରେ ସଙ୍ଗୀତଜ୍ଞ ମାନଙ୍କର ପ୍ରତିଦ୍ୱନ୍ଦ୍ୱିତା, ନବଗଡ ରାଜାଙ୍କର ସର୍କସ ଓ ଜଣେ ସାହସିକତାର ଫଳ, ବୌରାମ ଖାଁ ମିଆଁଙ୍କର ତୀର୍ଥଯାତ୍ରା ପ୍ରସଙ୍ଗରେ, ଲଙ୍କାରେ ଅସୁର ଥିବା କାହାଣୀ ଓ ତୀର୍ଥଯାତ୍ରୀମାନେ ଭାଲୁ ହୋଇ ଅସୁରଙ୍କଠାରୁ ରକ୍ଷା ପାଇବାର ବର୍ଣ୍ଣନା, ବାଗଦାଦରେ ଚାଲୁଣୀ ପରି ଗୋଲାପ ଫୁଲ ଥିବା ବର୍ଣ୍ଣନା, ମାମୁଁଙ୍କ ବ୍ରାହ୍ମଣ ଚାପୁଡ଼ାରେ ମୁନ୍‌ସୀଙ୍କର ଚକା ଭଉଁରୀ ଖାଇ ନିର୍ଘାତ ପଡିବା ଓ ଚିତ୍କାର କରି ପିସ୍ତଲ ଖୋଜିବା ଓ ଭୟରେ ପଟ୍ଟନାୟକ ଘରକୁ ଚାଲିଯିବା ଦୃଶ୍ୟ, ଅନୁ ପାଇଁ ପ୍ରସ୍ତାବିତ ବର ପଟ୍ଟନାୟକଙ୍କ ମନ୍ତ୍ରଣାରେ ଝାଡା ଯାଉଛି କହି ଛୁ କରିବା ଘଟଣା, ଗୃହ ବଣରେ ଟୋକାଙ୍କ ଫୁଟବଲ ଖେଳ, ଶ୍ୟାମା ଓ ବଳିଆ ଉଭୟ ଦଳର ଷ୍ଟେଜରେ ଗାଳିଗୁଲଜ କରିବା ଓ ଢ଼ିଆଁମାରିବା ଘଟଣା, ସୀତା ପାର୍ଟ କରୁଥିବା ପିଲା ପ୍ରମ୍ପଟରର ଦେ ଖଣ୍ଡେ ବିଡି (ପାର୍ଟ ଖାତାରେ ଲେଖା ନ ଥିଲେ ସୁଦ୍ଧା) ବୋଲି କହିବା ଇତ୍ୟାଦି - ବହୁ ଘଟଣା ଓ ଦୃଶ୍ୟରୁ ଜଣାପଡ଼ିଥାଏ । ହଗୁରୀ ଜେନା ଓ ବୈରାମ ଖାଁ ହାସ୍ୟରସର ଦୁଇଟି ମୂର୍ତ୍ତିମନ୍ତ ଅବତାର ରୂପେ ଠିଆ ହୋଇଥିବା ପରି ମନେ ହୁଅନ୍ତି ।

ପରିଶେଷରେ ଓଡ଼ିଆ ଉପନ୍ୟାସ ସାହିତ୍ୟରେ କଣାମାମୁଁର ସ୍ରଷ୍ଟା ଭାବରେ ଔପନ୍ୟାସିକ କାନ୍ତକବି ଯେ ଚିର ବନ୍ଦନୀୟ ଓ ଚିର ସ୍ମରଣୀୟ ଏକଥା ପାଠକ ପାଠିକା ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି ।

ଉତ୍କଳ ବିଶ୍ୱ ବିଦ୍ୟାଳୟ
ବାଣୀବିହାର, ଭୁବନେଶ୍ୱର
୭୭୫୧୯୨୬୬୦୫

ISSN NO.
2582-208X

# ଆମରି ଉତ୍କଳ

ପ୍ରସନ୍ନ କୁମାର ସାହୁ

ସବୁ ରାଜ୍ୟ ମଧ୍ୟେ ଆମରି ଉତ୍କଳ
ଶ୍ରେଷ୍ଠ ବିବେଚିତ ହୁଏ,
ପ୍ରକୃତି ମାତାର ଅପୂର୍ବ ସୌନ୍ଦର୍ଯ୍ୟ
ଏଇଠି ଝଲସି ଥାଏ ।
ଭୂଧର ମାଳା ଯେ ଚଉଦିଗେ ଘେରି
ବଢ଼ାଉଛି ଯାର ଶୋଭା,
ନୀଳ ସାଗର ଟି ଯା ଚରଣ ଧୋଇ
ବଢାଇ ଦିଏ ତା ଆଭା ।
ପ୍ରଭୁ ଜଗନ୍ନାଥ ନୀଳାଚଳେ ରହି
ହାତ ଠାରି ଡାକି ଥାନ୍ତି,
ତାଙ୍କରି ଡାକରେ ସାରା ପୃଥିବୀର
ଭକ୍ତ ଏଠି ଆସିଥାନ୍ତି ।
କଳା ଭାସ୍କର୍ଯ୍ୟର ନାହିଁ ପଟାନ୍ତର
କୋଣାରକ ମୂକ ସାକ୍ଷୀ,
ବିଶ୍ୱ ବାସୀ ଦିନେ ଥିଲେ ଯେ ଚକିତ
କଳା କୃତିତ୍ୱକୁ ଦେଖି ।
ବୀରତ୍ୱର ଏଠି ଅଭାବ ନଥିଲା
ଥିଲେ ଯେ ବୀର ପୁରୁଷ,
ନିଜ ଜୀବନକୁ ବାଜି ଲଗାଇଣ

ISSN NO.
2582-208X

ମାତ ମୁଖେ ଦେଇ ହସ ।
ବାର ବରଷର ବାଜି ରାଉତ ସେ
ରଖିଲା ଉତ୍କଳ ଟେକ,
ନ ଡରିଲା ପୁଣି ଜୀବନ ଦେବାକୁ
ଧନ୍ୟ ହେ ତାର ବିବେକ ।
ଖୋରଧା ଗଡ ର ପାଇକ ପୁଅ ସେ
ଶତ୍ରୁ ଅଇରି କୁଳର,
ହୋଇ ରକ୍ତ ମୁଖା ଭାଙ୍ଗି ଥିଲା ଦର୍ପ
ଫିରିଙ୍ଗି ରାକ୍ଷସଙ୍କର ।
ବୀରତ୍ୱର ପରା ପ୍ରତୂର୍ଯ୍ୟତା ଥିଲା
ଓଡ଼ିଆ ରମଣୀ ଠାରେ,
ହସି ଅନୁମତି ବିଜୟର ଟୀକା
ଦେଇ ପତିଙ୍କ ମଥାରେ ।
ବ୍ୟବସାୟ ଆଉ ବାଣିଜ୍ୟ କ୍ଷେତ୍ରରେ
ଓଡ଼ିଆ ବେପାରୀ ଗଣ,
ନୀଳ ପାରା ବାରେ ଭାସି ଭାସି ଯାଇ
ରଖିଲେ ବେପାରୀ ପଣ ।
ଆଜି କିନ୍ତୁ ଏହି ଓଡ଼ିଶା ମାଟିରେ
ଘଟେ ଅନ୍ୟାୟ ଅନୀତି,
ଭାଇର ରକତ ପାନ କରେ
ନାହିଁ ସ୍ନେହ ଭାବ ଭକ୍ତି ।
ରାଜନୀତି ପାଣି ବହୁତ ଗୋଳିଆ
ସଭିଙ୍କୁ ସ୍ୱାର୍ଥ ଘାରିଛି,
ରକ୍ଷକ ଏଠାରେ ଭକ୍ଷକ ସାଜିଣ
ରକ୍ତ ପିପାସୁ ହୋଇଛି ।

ISSN NO.
2582-208X

କେତେ ଝିଅ ବୋହୂ ଇଜ୍ଜତ ସହିତ
ଦିବାଲୋକେ ଖେଳ ହୁଏ,
ଏହି ଯେ ଓଡ଼ିଶା ଜାତୀୟ ସ୍ତରରେ
ବହୁ ଅପବାଦ ପାଏ ।
ଲାଂଚ ମିଛ ଏଠି ବେଲ ପତ୍ର ପରି
ଚଢ଼ା ଯାଏ ନେତା ଗଳେ,
ନିରୀହ ଜନତା ସଦା ଜଳୁ ଅଛି
ନିର୍ଯ୍ୟାତନା ଦାବାନଳେ ।

ବ୍ରହ୍ମପୁର, ଗଞ୍ଜାମ

ISSN NO.
2582-208X

# ଇପସା ଭିନ୍ନ ଏକ ପୃଥିବୀ ର



ପ୍ରତିମା ମହାରଣା

ତୁମେ ଛନ୍ଦ ମୋ ସଞ୍ଜ ଆକାଶ ର
ମୁଁ ଟିଏ ସ୍ଵପ୍ନ ଖୋଲା ପାପୁଲି ର
ପକ୍ଷ ମେଲେଇ ଉଡ଼ିଯିବି ବହୁ ଦୂର
ସ୍ଵପ୍ନିଳ ଆକାଶ ରେ ହଜିଯିବି
ପାହାନ୍ତି ପବନ ରେ ବହିଯିବି
ଜାଣେ ନାହିଁ କେତେ ଯେ ପ୍ରହର ହଜାଇଛି
ସୂକ୍ଷ୍ମ ଡୋର ରେ ଯା' କୁ ବାନ୍ଧିଅଛି
ଗଢ଼ିଛି ମୋ ହାତେ
ଚିମୁଟାଏ ମାଟି ର ସ୍ୱର୍ଗେ
ଭିଜାଇଛି ଅନେକ ମୁହୂର୍ତ୍ତ
ଅହେତୁକ ଯାତନା ରେ
କଳ୍ପନା ର ମୂର୍ତ୍ତୀ ଟେ
ପ୍ରସ୍ତୁତି ର ଶେଷ ପାହାଚ ରେ
ଭଙ୍ଗିବନି ତ କେଉଁ ଏକ
ଅଦୃଶ୍ୟ ବେଳା ରେ....
ପ୍ରତୀକ୍ଷା ସେଇ ପାହାନ୍ତି ପ୍ରହର ର
ଶେଷ ଇଚ୍ଛା ରେ
ଯୋଉଠି ତାରା ଫୁଲ ହସେ
ଅଲୋଡ଼ା ମୁହୂର୍ତ୍ତ ରେ.....

ସୁନ୍ଦରପଦା, ଭୁବନେଶ୍ୱର

ISSN NO.
2582-208X

# ନୀଳମାଧବ



ଶୁଭେନ୍ଦୁ ମେହେର

ରାଜ୍ୟ ତ୍ରିବେଣୀରେ ଅଛଇ ମନ୍ଦିର
ନୀଳମାଧବ ଟି ସେହି
ମହାନଦୀ କୁଆଁରିଆ ଓ କୁସୁମୀ
କୁଳୁକୁଳୁ ଯାଏ ବହି ।

ଶବର ରାଜା ଯେ ବିଶ୍ୱାବସୁ ଏଠି
ସ୍ଥାପି ପ୍ରସ୍ତର ମୂରତି
ରାଜା ଇନ୍ଦ୍ରଦ୍ୟୁମ୍ନ ଅନୁରୋଧେ ଆସି
ଉପସ୍ଥିତ ବିଦ୍ୟାପତି ।

ରୋହିଣୀ କୁଣ୍ଡରେ ସ୍ନାନାଦି ସାରିଣ
ବସି କଳ୍ପବଟତଳେ
ନୀଳମାଧବଙ୍କ ଅପୂର୍ବ ମହିମା
କ୍ଷଣେ ଅଦୃଶ୍ୟ ହୋଇଲେ ।

ଅଶ୍ୱମେଧ ଯଜ୍ଞ ସହିତେ ଦେବତା
ପୂଜାପାଠ କରାଇଲେ

ISSN NO.
2582-208X

କ୍ଷଣକ ମଧ୍ୟରେ ସେ ନୀଳମାଧବ
ସେହିଠାରେ ଉଭାହେଲେ ।

ତକ୍ଷଣେ ରାଜାଙ୍କୁ ଭିନ୍ନ ରୂପେ ମୁହିଁ
ଦେଖାଦେବି ବୋଲି କହି
ଜଗନ୍ନାଥ, ବଳଭଦ୍ର ସୁଭଦ୍ରା ଓ
ସୁଦର୍ଶନ ନାମ ବହି ।

ଚକ୍ର ତୀର୍ଥ କୂଳେ ଅଟକିବ ରାଜା
ତହିଁ ଅଛି ମହାମେରୁ
ଶଙ୍ଖ ଚକ୍ର ଗଦା ପଦ୍ମ ଥିବ ତହିଁ
ତହିଁରେ ହେବଟି ଦାରୁ ।

ତକ୍ଷଣେ ଠାକୁରେ ମିଳିଲେ ସେଠାରେ
ବିଶ୍ୱକର୍ମା ରୂପ ନେଇ
ରାଜାଙ୍କ ଭକ୍ତିରେ ପ୍ରୀତ ହୋଇ ପ୍ରଭୁ
ଗୁପ୍ତେ ମୂର୍ତ୍ତି ଗଢୁଥାଇ ।

ପ୍ରତିଷ୍ଠା ହୋଇଲେ ସେ ଦାରୁ ବିଗ୍ରହ
ସେହିଦିନୁ ସେହିଠାରେ
ନୀଳମାଧବ ହେ ସାହା ହୋଇଥିବ
ଦୀନ ଅକିଞ୍ଚନ ଠାରେ ।।

ଯାଲେ୍ଏ, ସୁବର୍ଣ୍ଣପୁର

ISSN NO.
2582-208X

# ଭ୍ରମର ଓ କମଳ



ସନ୍ତୋଷ କୁମାର ବେହେରା

ନଳିନୀ ପଙ୍କରେ ନଳିନୀ ଟି ଜାତ
କମଳ ଦଳ ମୁଦ୍ରିତ
ରବିଙ୍କ କିରଣ ପରଶ ପାଇଣ
ହୋଇଗଲା ପ୍ରସ୍ଫୁଟିତ (୧)

ସୁଗନ୍ଧରେ ମୁଗ୍ଧ ହୋଇ ଭ୍ରମ ରାଜ
ଗାଇ ଗୁଣୁ ଗୁଣୁ ଗୀତ
ପ୍ରେମରେ ପାଗଳ ହୋଇ ମତୁଆଲ ।
ଘୂରଇ ଅନବରତ (୨)

ଦେଖିଲା କମଳଦଳ ହେଲା ଖୋଲା
ଭାନୁ ଙ୍କ ପରଶ ପାଇ
ସୁଗନ୍ଧେ କମଳ ମହକାଇ ଦେଲା
ଭ୍ରମର କୁ କଲା ବାଇ (୩)

କମଳ ଦଳରେ ଭ୍ରମର ପଶିଲା
ଦେଲା ପ୍ରୀତିର ଚୁମ୍ବନ

ISSN NO.
2582-208X

ଚୁମ୍ବନଟି ପାଇ ପ୍ରଫୁଲ୍ଲିତ ହେଲା
ସ୍ନେହେ କଲା ଆଲିଙ୍ଗନ (୪)

ଦୁହେଁ ଦୁହିଁଙ୍କୁ ତ କରି ଆଲିଙ୍ଗନ
କ୍ରିଡାରେ ହୋଇଲେ ରତ
ସେହି ଦିନଠାରୁ ଭ୍ରମର କୁ ଦେଖି
କମଳ କରେ ସ୍ୱାଗତ (୫)

କପସିଲ୍, ତୁଷୁରା, ବଲାଙ୍ଗିର
ଫୋନ:ନ:-୭୭୩୫୬୧୫୧୦୭

ISSN NO.
2582-208X

# ମଧୁ ମାଳତୀ



ଡାଃ. ଅନତା ପଣ୍ଡା

## ପରିବାର ରଜ୍ଜୁ

(୫)

ବାହାରକୁ ଆସ ବୋହୂ ମା, ବାପା ଆଇଚନ୍ତି ।

ବାପା ଆସିଚନ୍ତି । ସବୁ ଠିକ୍ଠାକ୍ ତ । ଜଜମ୍ଙ୍କ ଦେହ ବେଶୀ ଖରାପ ହେଇନି ତ !

ତର ତର ହୋଇ ଛାତ ଉପରୁ ଉଠି ଦଉଡ଼ି ଦଉଡ଼ି ସିଢ଼ିରେ ତଳକୁ ଆସିଗଲା ମାଳତୀ । ବାପ, ପୁଅ ଧିଏଁ କ'ଣ ଆଲୋଚନାରେ ବ୍ୟସ୍ତ । ବାପାଙ୍କ ପାଦ ଛୁଇଁ ପ୍ରଣାମ କରି ଚା' ଆଣିବାକୁ ଭିତରକୁ ଗଲା ମାଳତୀ ।

ଏ ରୋଗଟା ସେଇମିତିରେ ମଧୁ । ପ୍ରାଣ ନେବନି । ମାତ୍ର ମଣିଷଟି ଗୋଟାଏ କାଠଗଡ଼ ଭଳି ପଡ଼ି ରହିଥିବ । ଘରେ ମର୍ଦ୍ଦ ପିଲା କେଇ ନାହାନ୍ତି । ବୁଢ଼ୀ ଜଣଙ୍କ କ'ଣ କେମିତି କରିବେ ! ବାଲୁଭାଇନାଙ୍କ ପାଖେ ଖବର ପହଞ୍ଚିଛି ତ !

ହଁ, ପ୍ରଥମ ଦିନରୁ । ହେଲେ ସିଏ ତ ଏମାନଙ୍କୁ ଛାଡ଼ି ଦେଇଛି କହିଲେ ଚଳେ । ଗାଁରେ କିଛି ସ୍କୁଲ ନ ଥିଲା ବୋଲି ଭାଲୁ ମାମୁଁ ଘରେ ରହି ପାଠ ପଢୁଥିଲା, ମାଇଁଟା ଉର୍ଦ୍ଦଣ୍ଡୀଟାଏ । ପିଲାଟାକୁ ଏତେ ଦହଗଞ୍ଜ କଲା ଯେ ସେ ଅଷ୍ଟମ ଶ୍ରେଣୀରୁ ପାଠ ଛାଡ଼ି ଘରେ ବସିଛି । ସେ ଏବେ ପିଲାଟା । ସିଏ ବା କ'ଣ ସାହାଯ୍ୟ କରିପାରିବ ? ଏସବୁ କଥା ଆଜି ମତେ

ISSN NO.
2582-208X

ଖବର ମିଳିଲା । ବାପାଙ୍କୁ ବି କହିଲି । ସିଏ ତ ଆଜି କାଲି ବେଶୀ କଥାବାର୍ତ୍ତା କରୁ ନାହାନ୍ତି, ତଥାପି କହିଲେ, ମଧୁକୁ କହ, ସିଏ ଶଳାକୁ ଆଣି ପାଖରେ ରଖୁ । ଭାଇ ଭୋଉଣୀ ଦିଟା ଯାକ ଏକାଠି ପାଠ ପଢ଼ିବେ । ଆଉ ସିଏ ଯାଇ ଗାଁରେ ତାଙ୍କ ପାଇଁ ଗୋଟେ କାହାକୁ ଲଗେଇ ଦେଇ ଆସୁ । ଏମିତିକା ରୋଗୀ ସେବା ଲାଗି ଆଜିକାଲି ଖୁବ୍ ବେଶୀ ଟଙ୍କା ଡିମାଣ୍ଡ କରୁଛନ୍ତି । କ'ଣ କରିବା, ସମସ୍ତେ ମିଳିମିଶି ଦେଇଦବା । ମଣିଷଟାକୁ ତ ଆଉ ଜୀଅନ୍ତା ମାରି ଦେବାନି ।

ହଁରେ ନୀଳ ମନେ ପଡ଼ିଲା, ମୁଁ ତାଙ୍କଠୁ କିଛି ଯୌତୁକ ଆକାରରେ ନ ନେଇଥିଲି ବୋଲି ସେ ଜବରଦସ୍ତ କରି ମାଳ ନାଁରେ ପାଞ୍ଚମାଣ ଜମି ଲେଖି ଦେଇଥିଲେ । ସେତକ ଯଦି ବିକ୍ରୀ କରି ତୋ ସମୁଦୁଣୀଙ୍କ ନାଁରେ ପୋଷ୍ଟ ଅଫିସରେ ରଖେଇ ଦିଅନ୍ତୁ ତାଙ୍କ ପାଇଁ ଗୋଟେ ବଡ଼ ସାହାଯ୍ୟ ମିଳିଯାଆନ୍ତା । ହେଲେ ସେଇଟା ଏବେ ମଧୁ ଆଉ ମାଳତୀର । ମଧୁକାନରେ ଏ କଥାଟା ପକେଇ ଦେ ।

ଏଥିପାଇଁ କିଛି କହିବାର ଅଛି ବାପା ! ଆଜି ମୁଁ ତାଙ୍କ ଗାଁକୁ ଯାଇ ଏଇଟାର ବିକ୍ରି ବ୍ୟବସ୍ଥା କରିବି । ବାପାଙ୍କ ପାଇଁ ଗୋଟାଏ ମର୍ଦ୍ଦପିଲାର ବ୍ୟବସ୍ଥା କରି ଭାଲୁକୁ ସାଂଗରେ ନେଇ ଆସିବି । ମାଲୁ ସ୍କୁଲରେ ଏବେ ଆଡ଼ମିଶନ୍ ଚାଲିଛି । ତା ପ୍ରିନ୍‌ସିପାଲ୍ ମୋ କଥା ଭାଙ୍ଗିବେନି ବୋଲି ମୋର ଦୃଢ଼ ବିଶ୍ୱାସ ।

ହଉ, ତୁ ସୁବିଧା କରି ଚାଲି ଯା । ଶନିବାର, ରବିବାର ଅଛି । ମୁଁ ମାଳକୁ ଦି ଦିନ ଲାଗି ଗାଁକୁ ନେଇ ଯାଉଛି । ତୋ ଜେଜେ ତାକୁ ବହୁତ ଝୁରୁଚନ୍ତି । ମୁହଁରେ କୋହୁ ନାହାନ୍ତି ସିନା। ହେଲେ ମନେ ମନେ ବହୁତ ଖୋଜୁଛନ୍ତି ।

ତୁମେ ତା'କୁ ନେଇ ଯା ବାପା, ମୋର କିଛି କହିବାର ନାହିଁ । ତା' ବାପଘର ଗାଁରୁ ଆସିବା ବେଳକୁ ତାକୁ ସାଂଗରେ ନେଇ ଆସିବି । ମୁଁ ଜାଣେ, ତୁମେ ଜାଣ, ଜଜମ୍ ଜାଣନ୍ତି ମାଳତୀ ଯୋଉଦିନ ମାଟ୍ରିକ ପାସ୍ କରି କଲେଜ ଯିବ ସେଇ ଦିନଟି ହେବ ଜଜମ୍‌ଙ୍କ ପାଇଁ ସବୁଠାରୁ ଖୁସିର ଦିନ ।

ISSN NO.
2582-208X

ଜଳଖିଆ ଆଣିବି ବାପା, ଚା' କପଟା ନୀଳମଣି ବାବୁଙ୍କ ହାତକୁ ଦେଇପଚାରିଲା ମାଳତୀ ।

ମଧୁ ଗାଧୋଇବାକୁ ଯାଇଛି । ଆସି ଯାଉ ସମସ୍ତେ ଏକାଠି ଖାଇବା । ତୁ ତୋର ବେଗ ଖଣ୍ଡକରେ ଦିଖଣ୍ଡ ଲୁଗାପଟା ରଖି ଦେ । ଜଳଖିଆ କରି ସାରି ଆମେ ବାହାରି ଯିବା ।

କୁଆଡ଼େ ବାପା ! ଗାଁକୁ !! ଜଜମ୍‌ଙ୍କ ଦେହ ଠିକ୍ ଅଛି ତ !

ହଁ, ସେ ଠିକ୍ ଅଛନ୍ତି, ଦି ଦିନ ପାଇଁ ମଧୁ ବାହାରକୁ ଯାଉଛି । ବୁଲି ଆସିଲେ ତତେ ଭଲ ଲାଗିବ । ଅମରକୁ ତୋ ମା' ଆଉ ଜେଜେ ଦିହେଁ ମନେ ପକାଉଛନ୍ତି । ନେଞ୍ଜାକୁ କହ, ସିଏ ବି ଆମ ସଂଗେ ବାହାରିପଡୁ ।

ସଂଧ୍ୟାକୁ ଗ୍ୟାସ୍ ବାଲା ଫିଟ୍ କରିବାକୁ ଆସିବ ବାପା, ତେଣୁ ନେଞ୍ଜା ଦିଦି ଯାଇ ପାରିବନି।

ଅମର ପରା ସ୍କୁଲ ଗଲାଣି । ଆମେ ତାକୁ ଆମ ସଂଗେ ନେଇଯିବା ।

ତା' ମା'କୁ ଛାଡ଼ି ସେ ଗୋଟେ ଦିନ ବି ରହିନି । କାନ୍ଦିବ ଯଦି ।

ଡାକିଲୁ ତାକୁ । ମୁଁ ପଚାରି ଦେଖେ । ହଇରେ ଟୋକା, ମୋ ସଂଗେ ଗାଁକୁ ଯିବୁ !

ମୋ ସ୍କୁଲ ।

ଆହା ହା ହା ହା...ମରି ଯାଉଁଥାଏଁ, ବାବୁଙ୍କର ଡିଗ୍ରୀ ପାଠ, ବିଗିଡ଼ି ଯିବ ।

ନାଁ ବାବୁ ବାପା, ସାର୍ କଇଚନ୍ତି, ସ୍କୁଲରେ ନିୟମିତ ହେବା ଭଲ ପିଲାମାନଙ୍କ ଲକ୍ଷଣ । ମୁଁ ତ ଭଲ ପିଲା ।

ISSN NO.
2582-208X

ତୁ ଭଲ ପିଲା ? ବାଳୁଙ୍ଗା ଟାଏ ।

ଆଖି ଛୁଉଁଚି ବାବୁ ବାପା । ବାବୁ ମା', ଜେଜେ ଦିହିଙ୍କୁ ପଚାର ମୁଁ ଭଲ ପିଲା ।

ସେମାନଙ୍କୁ ଦେଖିବାକୁ ତୋ ମନ ବଳୁନି ।

ଆଜି ମତେ ତୁମ ସାଥିରେ ନେଇଯିବ ବାବୁ ବାପା, କାଲି ପୁଣି ଏଠି ଛାଡ଼ି ଦେଇଯିବ ।

ତୋ ମା' ଯାଇ ପାରିବନି । ଘରେ ବହୁତ କାମ ଅଛି । ତୁ ତାକୁ ଖୋଜିବୁନି ?

ବାବୁ ମା' ପାଖରେ ଶୋଇପଡ଼ିବି ।

ଦ୍ୟାଟସ ଲାଇକ୍ ଏ ଗୁଡ଼ ବୟ ।

ମାନିଲ ତ, ମୁଁ ଗୁଡ଼ ବୟ ।

ହଁ ବାବା ଗୁରୁ, ତୁ ଦୁନିଆ ଭିତରେ ସବୁଠୁ ଭଲ ପିଲା ।

ଏଃ... ଶୁଣ ମା, ଶୁଣ କାକୀ ମା' ମୁଁ ବାବୁ ବାପା ସାଂଗରେ ଜେଜେ ପାଖୁକୁ ଯିବି ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ହେଲେ ପାରୁନାହିଁ କହିତ



ଜୟନ୍ତ କୁମାର ମଲ୍ଲିକ୍

ପାଦରେ ତୁମର ପାଉଁଜିର ସ୍ୱର
କେବେବି ଶବଦ ଆସୁନି
ଆଗପରି ଆଉ ତୁମ ଚଲାପଥ
ମଲ୍ଲୀଫୁଲ ପରି ବାସୁନି ।
ତୁମ ଓଠ ତୁଠେ ବାସ ଚହଟାଇ
ହସଫୁଲ ଆଉ ଫୁଟୁନି
ତୁମ ମନେ ଆଉ ମୋଅରି ପାଇଁ ତ
ପୀରତିର ଭାବ ଛୁଟୁନି ।
ତୁମ ଚାଲି ଆଉ ରାଜହଂସି ଚାଲି
ପରିକା ଲାଗୁନି ଜମାରୁ
ଲାଗୁଅଛି ମତେ ସରିଛି ଭରସା
ତୁମ ବିଶ୍ୱାସର ଅମାରୁ ।
କାହିଁକି ଏମିତି ଘଟୁଅଛି ପ୍ରିୟା
ଆଜିକାଲି ତୁମ ସହିତ
ଭାବିଲିଣି ଏହା ପଚାରିବି କେବେ
ହେଲେ ପାରୁନାହିଁ କହିତ ।

ଶୂରଡିହ,ଦଶରଥପୁର, ଯାଜପୁର
ମୋ;~୯୪୩୭୮୬୫୭୨୭

ISSN NO.
2582-208X

# କବି ଓ କବିତା



ସୁହଂସ ଭୋଇ

କବିଟିଏ ବିନା କବିତା ସପନ
ସ୍ୱପ୍ନ ବିନା କବି ଶ୍ରୀହୀନ
କବି ସପନରେ ଆସଇ କବିତା
କବିତାରେ ପ୍ରିୟା ଫଗୁଣ

କବି ଭାବନା ଟି ପରିସୀମା ହୀନ
ଉଡଇ ଯୋଜନ ଯୋଜନ
ବାଲିରେ ଗଢଇ ବିଳାସ ମହଲ
କୋଣାରକ କଳା ନିଖୁଣ

ପ୍ରତିଶ୍ରୁତି ଯେବେ ପ୍ରତାରଣା ସାଜେ
ଶବ୍ଦ କରେ ତାର ଦଂଶନ
କବିଟିଏ ବିନା କବିତା ସପନ
ସ୍ୱପ୍ନ ବିନା କବି ଶ୍ରୀହୀନ

ISSN NO.
2582-208X

ହୃଦୟ ତାହାର ପାରିଜାତ ବନ
ଫୁଟଇ ଅନେକ ସୁମନ
ମନଟି ତାହାର ହାଲୁକା ପବନ
ଛୁଇଁ ଯାଏ ପ୍ରତି ଅଙ୍ଗନ

ପ୍ରେମ ପ୍ରୀତି ଅନୁଭୂତିରେ କବିତା
କବିର ମାନସ ସନ୍ତାନ
କବିଟିଏ ବିନା କବିତା ସପନ
ସ୍ୱପ୍ନ ବିନା କବି ଶ୍ରୀହୀନ

ପହଣ୍ଡି, ବରଗଡ଼

ISSN NO.
2582-208X

# ଜାତୀୟ ଚରିତ୍ର



ଅମରନାଥ ବାରିକ

ତୁ ତ ମୂତୁରୀ ମୁଁ ତ ମୂତୁରୀ
ହେଂସ କାଇଁ ପାଇଁ ଧୋଇବା
ଆଲୋ ମୂତୁରୀ ଆମେ ଦୁହେଁ ଏବେ
ସାଙ୍ଗସୁଙ୍ଗା ହୋଇ ଶୋଇବା ।
ଗୋଟାଏ ଥାଳିରେ ଖାଇବା
ଯାହା ବଞ୍ଚିଯିବ ବଳକା ଅଇଁଠା
ବୁଲା କୁକୁରଙ୍କୁ ଖୋଇବା ।

ଦିନ ରାତି ଆମ ପାଦ ଚାଟିଛନ୍ତି
ତାଙ୍କୁ କିଆଁ ଆମେ ଛାଡ଼ିବା
ସମୁଦ୍ରରୁ ପାଣି ଅନେକ ଆସୁଛି
ଆଞ୍ଜୁଳାଏ କାଢ଼ି ପେଇବା ।
ରାଜନୀତି ଖେଳ କରିବା
ଯେଉଁ କୁଜିନେତା ମୁହଁଟି ଖୋଲିବ
ତାଙ୍କ ମୁଣ୍ଡେ ଅଠା ବୋଳିବା ।

ଜନତାଙ୍କୁ ପୁଣି ଭକୁଆ ସଜେଇ
ଚୋଖା ପଣସ ଖାଇବା

ISSN NO.
2582-208X

ଇଲେକ୍ସନ ବେଳେ ଖର୍ଚ୍ଚ କରିଥିଲେ
ସବୁ ଏଠୁ ଉଠେଇବା ।
କାହାକୁ ବା କାହିଁ କହିବା !
ପଦାରେ କେବଳ ବିଜେଡ଼ି ବିଜେପି
ଭିତିରିଆ ଏକ ହୋଇବା ।

ଥରେ ଆସିଥାଏ ମଉକା ଜୀବନେ
ହାତଛଡ଼ା କାହିଁ କରିବା
ଉପରେ ଉପରେ ପାଣି ସିଞ୍ଚି ଦେଶ
ଭିତରଟା ଖୋଳ କରିବା ।
ଦୁନିଆ ଯୋଜୋନା କାଢ଼ିବା
ଗରିବ ନାମରେ ନିଜ ପକେଟକୁ
ଆଗ ଭଲକରି ଭରିବା ।

ସତ କଥା ଯଦି ଆମେ କହିଦେବା
ଅପ୍ରିୟ ନିହାତି ହୋଇବା
ରାଜନୀତି ଖେଳ ବଡ଼ ଗଣ୍ଡଗୋଳ
ଆମେ ଏଠି କିଆଁ ପଶିବା
କାନ ମୁଣ୍ଡ ଆଉଁସିବା ।
ଗାନ୍ଧୀଜିଙ୍କ ଉପଦେଶ ମାନି ତିନି
ମାଙ୍କଡ଼ ପରିକା ହେବା ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

## ଭାଗ-୨୧

ଦାମ୍ପତ୍ୟ ଜୀବନର ସୁଖମୟ ଦିନଗୁଡିକ ଅତିବାହିତ ହେଉଥିଲା ଧୀରେ ଧୀରେ। ଦୁହେଁ ସ୍ୱାମୀ ସ୍ତ୍ରୀ ବେଶ୍ ଖୁସିରେ ଥିଲେ। ପରସ୍ପର ମଧ୍ୟରେ ଚାଲୁଥିଲା ମଧୁର କଥାବାର୍ତ୍ତା, ଭାବର ଆଦାନ ପ୍ରଦାନ, ଥଟ୍ଟା ପରିହାସ ଆଉ ଅନେକ କିଛି। ମନେ ପଡୁଥିଲା ପିଲାଦିନର କଥାସବୁ। ସ୍ତ୍ରୀ ମାଳତି ସ୍ୱାମୀ ଦେବଦତ୍ତଙ୍କୁ କହୁଥିଲା ସେ ଛୋଟ ବେଳେ କେମିତି ଅମାନିଆ ଥିଲା। ଟିକିଏ କଥାରେ ଲୁହ ଝରାଇ ଅଗଣାରେ ଥିବା କୂଅ ପାଖରେ ବସି ପଡୁଥିଲା। କିଏ କିଛି କହିଲେ ରାଗରେ ବାସନକୁସନ ଫୋପାଡୁଥିଲା। କେବେ କେବେ ଚୁଳି ମୁଣ୍ଡରେ ବସି ସୁଁ ସୁଁ ହୋଇ କାନ୍ଦୁଥିଲା। ସାଙ୍ଗମାନଙ୍କ ସହିତ କଥା କଟାକଟି ହେଲେ କେମିତି ମୁହଁ ଫୁଲାଉ ଥିଲା । କେହି ନଦେଖିଲା ଭଳି ଆଡ ଆଖିରେ ଚାହୁଁଥିଲା। କଥା ହେଲେ ପ୍ରତିତ୍ତୋର ଦେଉନଥିଲା। ସ୍ଥାନ ଛାଡି ସେଠାରୁ ଦୌଡ଼ି ପଳେଇ ଆସୁଥିଲା। କାହା ସହିତ ଝଗଡା ହେଲେ ସେ ମାରି ପାରୁନଥିଲା, କିନ୍ତୁ ପ୍ରତିସ୍ପର୍ଦ୍ଧାର ମୁଣ୍ଡର କେଶ ଧରି ଟାଣୁଥିଲା ଆଉ ଛେପ ପକାଇ ଦେଉଥିଲା। କୌଣସି ଆବଶ୍ୟକତା ପାଇଁ ମାଁ ବାପା ଠାରେ ଅଝଟ କରୁନଥିଲା। ପରବର୍ତ୍ତୀ ସମୟରେ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଏସବୁ ପିଲାଳିଆ ବୁଦ୍ଧିଟା କେବେ ଦୂରେଇ ଗଲା ଯେ ସେ ବି ଜାଣି ପାରିଲା ନାହିଁ। ବିସ୍ମୃତିର ପରଦା ଠେଲି କେହି କେହି ତା'ର ଅତୀତର ଅମାନିଆ ପ୍ରସଙ୍ଗ ଉଠେଇଲେ ଲାଜରେ ମୁହଁ ପୋତି

ISSN NO.
2582-208X

ଦେଉଥିଲା। ସେମାନେ ଆଜି ପର ହୋଇ ଯାଇଛନ୍ତି। କେବଳ ସ୍ମୃତି ହୋଇ ରହିଯାଇଛି ସେମାନଙ୍କ ସହିତ ବିତାଇଥିବା ପ୍ରତିଟି ମୁହୂର୍ତ୍ତ।

ପ୍ରିୟତମା ସ୍ତ୍ରୀର ପିଲା ଦିନର କଥା ଶୁଣି ସ୍ୱାମୀ ଦେବଦତ୍ତ ଟିକିଏ ହସିଦେଇ ପଚାରିଛନ୍ତି, "ଆଚ୍ଛା, ତୁମେ କେବେ କାହାକୁ ଭଲ ପାଇଛ ?" ଏ କି ଭଳି ପ୍ରଶ୍ନ ? ବିବାହ ପରେ ଏ ପ୍ରଶ୍ନର ଉଦ୍ଦେଶ୍ୟ କ'ଣ ? ଯଦି ଏହି ବିଷୟରେ ଜାଣିବାର ଥିଲା ତେବେ ତା' ପୂର୍ବରୁ ପଚାରି ପାରିଥା'ନ୍ତେ । ଏଇ ପ୍ରକାର ଅବାନ୍ତର ପ୍ରଶ୍ନର ଉତ୍ତର ଯେ ମଧୁର ସମ୍ପର୍କରେ ଟୋପାଏ ବିଷର କାର୍ଯ୍ୟ କରିବ ଏହା ଜଣା ନାହିଁ କି ? ଯଦି ମାଳତି ମିଛ କହିଦିଏ ତେବେ ଦେବଦତ୍ତ ବିଶ୍ୱାସ କରିବ କି ? ଯଦି ସତ କହେ ତ ସ୍ତ୍ରୀ ଅଲିମ୍ପିକରୁ ସ୍ୱର୍ଣ୍ଣ ପଦକ ପାଇଛି ବୋଲି ଗର୍ବ କରିବ ନାହିଁ। ଏହି ବିଷୟ ଉଠାଇ ଦେବଦତ୍ତ କ'ଣ ଆବିଷ୍କାର କରିବାକୁ ଚାହିଁଛି ଯେ ତା'କୁ ହିଁ ଜଣା। ବିସ୍ଫୋରଣ ସୃଷ୍ଟି କଲା ମାଳତିର ମାନସ ପଟରେ। ମୁହୂର୍ତ୍ତକ ପାଇଁ ହୃଦ୍ ସ୍ପନ୍ଦନ ବନ୍ଦ ହେଲା ପରି ଲାଗିଲା। ନିମିଷକେ ଉଭେଇ ଗଲା ପିଲା ଦିନର ସମସ୍ତ ଅତୀତ। କେନ୍ଦ୍ରୀଭୂତ ହୋଇଗଲା ମନପ୍ରାଣ ପ୍ରୟତମ ସତ୍ୟ ଉପରେ। ମୁଖ ମଣ୍ଡଳରେ ଖେଳିଗଲା ନିରବତାର ବାତାବରଣ। କିନ୍ତୁ ସ୍ୱାମୀ ନଜରରେ ସେ ଯେମିତି ତଳକୁ ଖସି ନଯାଏ ସେଥିପାଇଁ ହେଲା ଯତ୍ନବାନ। ସେହି ପ୍ରଶ୍ନର କୌଣସି ପ୍ରତିତ୍ତୋର ପ୍ରଦାନ କଲା ନାହିଁ। ଜୀବନରେ କେବେ ବି ଭାବିନଥିଲା ଦିନେ ସ୍ୱାମୀ ମଧ୍ୟ ଏପରି ପ୍ରଶ୍ନ ପଚାରିବେ ବୋଲି। ଯଦି ସତ କହିଦିଏ ତେବେ ସ୍ୱାମୀ କ'ଣ ତା'ର ଭଲ ପାଇବାକୁ ସ୍ୱୀକୃତି ଦେବେ ? ସ୍ତ୍ରୀ ସତ କହିଛି ବୋଲି ଗର୍ବ କରିବେ ? ନା କଦାପି ନୁହେଁ। ବରଂ ଏହାକୁ ନେଇ ଅନେକ ପ୍ରଶ୍ନ ପଚାରିପାରନ୍ତି। ଭଲ ପାଇବାର ପରିଣାମ କ'ଣ ହେଲା ? କିଏ କାହାକୁ କେତେ ପରିମାଣରେ ଠକିଛି ? ଅନେକ କିଛି---।

ଯୌବନରେ ଦେବଦତ୍ତ ମଧ୍ୟ କେହି ଜଣେ ଝିଅକୁ ଭଲ ପାଇଥିଲା। ତା'କୁ ନେଇ ଦେଖିଥିଲା କେତେ ସ୍ୱପ୍ନ। ମିଛେ ମିଛେ ଦେଇଥିଲା ଶତ ପ୍ରତିଶ୍ରୁତି। ହେଲେ ତା'କୁ

ISSN NO.
2582-208X

ଆପଣାର କରି ପାରିଲା ନାହିଁ। ଏ ଦୁହିଁଙ୍କ ଭଲ ପାଇବାର ପରିଣତି ମାଳତି ବୁଝେ। ଏଥିରେ କିଏ କାହାକୁ ଠକିଛି ସେ ଜାଣେ। ମାତ୍ର ସ୍ୱାମୀ ଦେବଦତ୍ତଙ୍କ ବିରୁଦ୍ଧରେ ପଦଟିଏ ମଧ୍ୟ ସ୍ୱର ଉତ୍ତୋଳନ କରି ନାହିଁ। ପଚାରି ନାହିଁ ତା'ଙ୍କ ପ୍ରେମ ପ୍ରଣୟର ସାରମର୍ମ। ତା'ଙ୍କ ମୁଖରୁ ଶୁଣିବାକୁ ଚାହିଁ ନାହିଁ ଏଥିରେ କିଏ କେତେ ହରେଇଛି। ତେବେ ଉଭୟ ଦେବଦତ୍ତ ଓ ମାଳତି ଦୁହେଁ ସମ ଅନୁଭବୀ। ସ୍ୱାମୀଙ୍କ ପୁନର୍ବାର ସେହି ପ୍ରଶ୍ନରେ ମାଳତି ସତ କହିବାକୁ ଯାଇ କହିଛି, "ହଁ ମୁଁ ମଧ୍ୟ ଜଣକୁ ଭଲ ପାଉଥିଲି ଆଉ ସେ ମଧ୍ୟ ମତେ ବହୁତ ଭଲ ପାଉଥିଲା। ଜାତିରେ ସେ ଥିଲା ମ୍ଲେଛ।" ଏହି ଭଲ ପାଇବା ମଧ୍ୟ ବଡ ବିଚିତ୍ର! ଧନୀ-ଗରିବ,କଲା-ଗୋରା, ଜାତି-ଅଜାତି କିଛି ମାନେ ନାହିଁ। ଯେମିତି ଭୀମ କୁମାରୀ ଦମୟନ୍ତୀ ଭଲ ପାଇଥିଲା ନଳକୁମାରଙ୍କୁ। ଦ୍ରୁପଦ ସୁତା ଯାଜ୍ଞସେନୀ ମନ ଦେଇଥିଲା ସାରଥୀ ପୁତ୍ର କର୍ଣ୍ଣକୁ। କନୌଜ କୁମାରୀ ସଂଯୋଗିତା ମନ ଦେଇଥିଲା ପୃଥ୍ୱୀରାଜ ଚୌହାନକୁ। ଆଫ୍ରିକୀୟ କ୍ରୀତଦାସ ଜମାଲୁଦ୍ଦିନ ୟାକୁତକୁ ମନ ଦେଇଥିଲା ରଜିୟା ସୁଲତାନା। ରାଜସ୍ଥାନ ରାଜକୁମାରୀ ମୁମଳ (ଲୈଲା) ବିବାହିତ ମହେନ୍ଦ୍ର (ମଜନୁ)କୁ ଭଲ ପାଇ ବସିଥିଲା। ବିଶ୍ୱାମିତ୍ରଙ୍କ ତପସ୍ୟା ଭଙ୍ଗ କରିବା ପାଇଁ ଆସିଥିବା ମେନକା ତା'ଙ୍କୁ ହିଁ ମନ ଦେଇଥିଲେ। ଏଥିରୁ କେହି ବାଦ୍ ପଡି ନାହିଁ କି ପଡିବେ ମଧ୍ୟ ନାହିଁ।

ସ୍ତ୍ରୀର ସତ୍ୟତାରେ ସ୍ୱାମୀ ଦେବଦତ୍ତ ଯେ ଖୁସି କି ଗର୍ବ ଅନୁଭବ କରିଥିବ ଏହା କଦାପି ହୋଇନପାରେ। କେଉଁ ସ୍ୱାମୀ ସ୍ତ୍ରୀର ଅନ୍ୟ ଯୁବକକୁ ଭଲ ପାଇବା ନେଇ ଆନନ୍ଦିତ ହେବ? ସେହି ସମୟରେ ଦେବଦତ୍ତ ମିଛେ ମିଛେ ଖୁସି ହେଲା ପରି ଜଣାପଡିଲା। କିନ୍ତୁ ଭଲ ପାଇବାଟା ଯେତେ ପବିତ୍ର ହେଉ ନା କାହିଁକି ସ୍ୱାମୀ ମନରେ ନିଶ୍ଚିତ ରୂପେ ସନ୍ଦେହ ଜାତ ହୋଇଥିବ। ପ୍ରେମିକ ଜଣକ ତା'ର ସରଳତାର ସୁଯୋଗ ନେଇ ସ୍ୱାର୍ଥ ହାସଲ କରିଥିବାର ଦୁଃଶ୍ଚିନ୍ତା ଗ୍ରାସ କରିଥିବ। ନିଜର ପ୍ରେୟସୀକୁ ନେଇ ବିତାଇଥିବା କଥା ଭାବିଥିବ। ନିର୍ଜନେ କେମିତି ଏକା ଏକା ଭେଟୁଥିଲେ, ଜନ ଗହଳିରେ କେମିତି ଆଖିର

ISSN NO.
2582-208X

ଇସାରା କରୁଥିଲେ, ଦୁହେଁ ପରସ୍ପରକୁ ମୁଗ୍ଧ ମଧୁର ନୟନରେ ଚାହିଁ ସଲାଜରେ କେମିତି ହସି ଦେଉଥିଲେ ମାନସ ପଟରେ ତାହା ହିଁ ଝଲସି ଉଠିଥିବ। କେମିତି ତା'କୁ କୋଳାଗ୍ରତ କରି ଗାଢ଼ ଚୁମ୍ବନଟି ଗଣ୍ଡଫଳକରେ ଆଙ୍କି ଦେଇଥିଲା ପୂର୍ଣ୍ଣିମା ଦିନ ତାହା ହିଁ ମନେ ପଡିଥିବ। କିନ୍ତୁ ଦେବଦତ୍ତ ଓ ମାଳତିର ଦାମ୍ପତ୍ୟ ଜୀବନଟା ନୂଆ ନୂଆ ଲାଗୁଥିବାରୁ ପରସ୍ପର ପ୍ରତି ବିଶେଷ ଆକର୍ଷଣ ଥିଲା। ତେଣୁ ଉଭୟଙ୍କ ଅତୀତକୁ ନେଇ କେହି କିଛି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ। ବରଂ ଜୀବନରେ ଯେପରି ପୁନର୍ବାର ଏହି ପ୍ରକାର ଭୁଲ ନହୁଏ ସେଥିପାଇଁ ମନେ ମନେ ସ୍ଥିର କରିନେଲେ।

କ୍ରମଶଃ ---

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ହୋ ଭଗତେ



ପ୍ରଶାନ୍ତ କୁମାର ନାଥ

ହୋ ଭଗତେ
ଓଃ ହୋ......
ବଡଦାଣ୍ଡେ ନନ୍ଦିଘୋଷ
ବିଜେଛନ୍ତି ଜଗନ୍ନାଥ
ନାହିଁ ଆଗ ବାଲି ପଥ ବଡ଼ ଦାଣ୍ଡ
ଶରଧାବାଲି କୁ ନାଶରେ...
ଟାଣେ ଭ୍ରିନାଣୀ।

ହୋ ଭଗତେ
ଓଃ ହୋ......
ଆମ ସରକାର ଦେଖ
ଯୋଜନା ପରେ ଯୋଜନା
କାର୍ଯ୍ୟକାରୀ ନୁହେଁ ଗୋଟିଏ ଜମା ହେ
ପ୍ରଜା ମରେ ବଡ଼ ଦୁଃଖରେ
ଟାଣେ ଭ୍ରିନାଣୀ।

ହୋ ଭଗତେ
ଓଃ ହୋ.....
ବିଶ୍ୱରେ ପଡିଛି ହୁରି
ଆମରି ରାଇଜ ମନ୍ତ୍ରୀ

ISSN NO.
2582-208X

ଯୁଆଡ଼େ ଯାଆନ୍ତି ସିଆଡେ ପ୍ରଶଂସା
ଯନ୍ତ୍ରୀ କରୁଛନ୍ତି ଚୋରୀରେ
ଟାଣେ ଭ୍ଭିନାଣୀ ।

ହୋ ଭଗତେ
ଓଃ ହୋ....
ଆମ ସରକାର ନୀତି
ସବୁ ଏଠି ରାଜନୀତି
ଜାତି ନନ୍ଦିଘୋଷ ଗଡାଉଛି ବସି
ହୋଇଣ ସେ ଉର୍ଦ୍ଧ୍ୱମତି ରେ
ଟାଣ ଭ୍ଭିନାଣୀ ।

ହୋ ଭଗତେ
ଓଃ ହୋ.....
ଓଡିଶା ରାଇଜ ପ୍ରଜା
ସ୍ୱାଭିମାନେ ବୁଦ୍ଧିମତା
ନିରିହ ମାନଙ୍କୁ ଲୁଟିଣ ଚାଲନ୍ତି
ସାଜି କେତେ କୁଜି ନେତାରେ
ଟାଣ ଭ୍ଭିନାଣୀ ।।

(ଜୁଣଗଡି)
ରାଜନଗର କେନ୍ଦ୍ରାପଡ଼ା

ISSN NO.
2582-208X

# ମାଆର ରାନ୍ଧଣା



ହରେରାମ ପଣ୍ଡା

ମାଆ ହାତ ରନ୍ଧା ପରି କିଛିନାହିଁ
ଏହି ସାରା ଦୁନିଆଁରେ,
ସୁଆଦ ଯାହାର ସବୁଠୁଁ ନିଆରା
ମହକରେ ମନ ପୂରେ ।
ଭଳିକି ଭଳି ସେ ରୋଷେଇ ଯୋଗାଡେ
ଆମରି ମନକୁ ଜାଣି,
ବାସନାରେ ତା'ର ମହକଇ ଘର
ମନ ନେଇଯାଏ ଟାଣି ।
ଛୋଟିଆ ରୋଷେଇ ଘରଟି ଆମର
ଯେଉଁଠି ମାଟିର ଚୁଲି ,
କାଠ ଜାଳି ମାଆ ରାନ୍ଧେ ଆମପାଇଁ
ବ୍ୟଞ୍ଜନ ଭଳିକି ଭଳି ।
ଦେଶୀ ମୁଗଡାଲି ଶାଗଭଜା ସାଥେ
ଚୂନାମାଛ ଚୁଡୁଚୁଡା,
ସାରୁ, ଆଳୁ, ବଡ଼ି, ଫୁଟା ତରକାରୀ
ମଞ୍ଜାର ପତର ପୋଡ଼ା ।
ଦହି ପଖାଳକୁ କଦଳୀର ଭଜା
ଛତୁ, ଆଳୁ, ବଢାବସା,

ISSN NO.
2582-208X

ବଡ଼ିଚୂରା, ଗୋଟା କଲରାର ଭଜା
ଆଳୁ, ପୋଟଳର କଷା ।
ବାରମାସେ ତେର ପରବ ଦିନରେ
କ୍ଷୀରୀ, ପୁରି, ତରକାରୀ,
ପୋଡପିଠା, ବୁଢ଼ା ଚକୁଳି, ଆରିସା,
ମଣ୍ଡା, କାକରା, ଏଣ୍ଡୁରୀ ।
ଏକା ଏକା ବସି ପରିବା ଯୋଗାଡେ
ବାଟଣା ବାଟେ ଶିଳରେ,
କେତେ ଶରଧାରେ ରାନ୍ଧେ ବସି ମାଆ
ଆମରି ରୋଷେଇ ଘରେ ।
ଯେତେ ବି ରାନ୍ଧଣା ଖାଇଲେ ଯେଉଁଠି
ମନ ଆମ ପୂରେନାହିଁ ,
ଅମୃତ ସମାନ ମାଆର ରାନ୍ଧଣା
ଯାହାର ତୁଳନା ନାହିଁ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
କୁଆଁସ, ଯାଜପୁର,
ସମ୍ପର୍କ - 9438065195

ISSN NO.
2582-208X

# ପ୍ରଥମ ପ୍ରେମ



ମାନସୀ ସାହୁ

ସାଗର ରୂପକ ଭିଡ଼ ଭିତରୁ
ଶାମୁକା ଟିଏ ଥିଲ ତମେ ।
ପ୍ରଥମ ଦେଖାରେ କେଜାଣି କାହିଁକି
ପର ହୋଇ ଆପଣର ଲଗିଲ ତମେ ।
ତୁମେ ଦେଇଥିବା ଅଭୁଲା ଭେଟି କୁ
ସ୍ମୃତି ରୂପେ ରଖିଛି ସାଇତି ।
ତୁମେ ସିନା ନାହଁ ଆଜି
କିନ୍ତୁ ଅଛି ସେଇ ଅଭୁଲା ସ୍ମୃତି ।
ମୋ ହୃଦୟରେ ଅଛ ତୁମେ ଆଜି
ଜାଣି ନାହିଁ ମୁଁ ଅଛି କି ନାହିଁ ।
ସେଇ ପ୍ରେମ ସମ୍ମାନ ରହିଛି ଏବେବି
ବାସ୍ ଖାଲି ସେଇ ନାୟକ ନାହିଁ ।
ତୁମ ପାଇଁ ଆଜି ବି ଜାଳେ ଦୀପ
କରି ମଙ୍ଗଳ କାମନା ହୋଇ ନିଃସ୍ୱାର୍ଥ ।
ରହିଲେ ଖୁସିରେ ତମେ
ପ୍ରେମ ହୋଇବ ମୋର ସଫଳ ।

ISSN NO.
2582-208X

ରାଧା କୃଷ୍ଣ ଥିଲେ ପ୍ରତୀକ ପ୍ରେମର
ତମକୁ ଦେଖିଲେ ଲାଗେ କୃଷ୍ଣ ମୋହର ।
ଜୀବନ ଦୋଛକିରେ ତୁମେ ରହି
ବାଛିନେଲ ନିଜର ପଥ ।
ତୁମେ ଥିଲ ମୋର ପ୍ରଥମ ପ୍ରେମ
ହୋଇ ରହିଗଲ ଶେଷ ।

ଗ୍ରାମ- କୁପୁର୍ ବଜାର
ଜିଲ୍ଲା-ବାଲେଶ୍ୱର

ISSN NO.
2582-208X

# ମଗୁଣ୍ଡର ଗୁରୁବାର



ଜୟନ୍ତୀ ଦେବୀ

ଜଗତ ଜନନୀ ବିଷ୍ଣୁ ପାଟରାଣୀ
ନାରାୟଣୀ ମହାମାୟା ।
ମାର୍ଗଶିର ମାସ ପ୍ରତି ଗୁରୁବାରେ
ଭ୍ରମନ ତୋହର ମାଆ ।
କରୁଣା ରେ ତୋର ନିର୍ଦ୍ଧନ ଜନର
ହୁଅଇ ଅଶେଷ ବୀତ ।
ତୁହି କମଳିନୀ ବୁଲି ଘର ଘର
ଅର୍ଣ୍ଣ କରିଥାଉ ଦଉ ।
ବିଧିରେ ତୋହର ନାମ ପଦ୍ମାଳୟା
ପଦ୍ମା ନାମ ଗୋଟି ବହୁ ।
କମଳା ଶ୍ରିହରି ପ୍ରିୟା ନାମ ତବ
ଜଗତେ ସାର୍ଥକ ହେଉ ।
ଇନ୍ଦିରା ନାମ ତୋ ବିଶ୍ୱରେ ବିଦିତ
ତୁହି କ୍ଷୀରାବ୍ଧି ତନୟା ।

ରମା ଲୋକମାତା ମାତ ସିନ୍ଧୁ ସୁତା
ନାରାୟଣଙ୍କ ର ଜାୟା ।
ତୁହି ମା ଭାର୍ଗବୀ ଏହି ସାରା ଭୁବି
ନିତି ପଡ଼ି ଚରଚଉ ।
ତୋ କରୁଣା କଣା ନକରିବୁ ଊନା
ସର୍ବ ଜୀବେ ଦୟା ଥାଉ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ତ୍ରାଣକର୍ତ୍ତା



ସିଦ୍ଧେଶ୍ୱର ତ୍ରିପାଠୀ

ବାବା ଭଲ ପ୍ରବଚନ ଦିଅନ୍ତି । ହଁ ଏମିତି କେତେ ବାବା ଅଛନ୍ତି। କିଏ ମେଞ୍ଚେ ଦାଢ଼ି ନିଶ ରଖିଛନ୍ତି କିଏ ସବୁ ଚାଂଛି ଦେଇଛନ୍ତି । କିଏ ଶିଖା ବଢ଼େଇଛନ୍ତି । କିଏ ଲଣ୍ଡା ମୁଣ୍ଡ କରି ବୁଲୁଛନ୍ତି । କିଏ ରାମ କଥା କହିଲେ ପାଞ୍ଚ ଲକ୍ଷ ନିଅନ୍ତି କିଏ କୃଷ୍ଣ କଥା କହି ଦଶ ଲକ୍ଷ ନିଅନ୍ତି । ଖାଲି ବାବା କାହିଁକି ଏମିତି ଅନେକ ମାତା ବି ଅଛନ୍ତି । ଆଉ ଏଇ ୟୁଟ୍ୟୁବ ଜମାନାରେ ନିଜର ପ୍ରବଚନର ଭିଡିଓ କରି ଭଲ ମୋଟା ଅଙ୍କର ଟଙ୍କା ବି କମାନ୍ତି ।

ଆଉ ଟିଭି ରେଡ଼ିଓ ଖବରକାଗଜ ସବୁଠିତ ପ୍ରବଚନ ଲୋକକଳାର ଅଭାବ ନାହିଁ । ଆଉ ଏଥିରେ ରାମ କୃଷ୍ଣଙ୍କ କଥା କମ, ଏଇ ଶହେ ଦୁଇଶହ ତିନିଶହ ବର୍ଷର ନିଶୁଆ ଦାଢିଆଙ୍କ ଆଲୋଚନା ବହୁତ । କାହାକୁ ବ୍ରହ୍ମା କୁହାଗଲାଣି କାହାକୁ କୃଷ୍ଣ କିଏ ଶଙ୍କରଙ୍କ ମନ୍ତ୍ରରେ ପୂଜା ପାଇଲାଣି କିଏ ଅନନ୍ତ ନାଗରେ ବସି ନାରାୟଣ ହୋଇଗଲାଣି । ଏଠି ଦୁଇ ଚାରିଟା ଭକ୍ତି ଗୀତ ଲେଖିଦେଲେ ବ୍ୟକ୍ତି ମାହାପୁର ହୋଇଯାଏ । ହଁ ଭାଗ୍ୟ ଭବିଷ୍ୟ ମାଟିଦୋଷ କହିଦେଉଥିବା ଲୋକଟି ତ ଏବେ ଦେବତା ଠୁ ବଡ଼ ।

ସେଇଠୁ ଆରମ୍ଭ ହୁଏ ଭିନ୍ନତା ମତ ପାର୍ଥକ୍ୟ ଏଇ ସନିଆ କଥା ଦେଖୁନ । ତା ପୁଅକୁ ବାର ବର୍ଷ ହେବ ତାର କଣ ଗୋଟେ ରୋଗ ହେଲାଯେ ଭଲ ହେଲାନି ଡାକ୍ତର ବଇଦ ଗୁଣିଆ ଝଡାଫୁଙ୍କା ସରିଲା । କୋଉଠି ମଙ୍ଗଳା ସନ୍ତୋସୀ ଲକ୍ଷ୍ମୀ ଲାଗୁଛନ୍ତି ତାଙ୍କୁବି ଦେଖା ହେଲା କିଛି ଲାଭ ହେଲାନି ।

ISSN NO.
2582-208X

ଜାତକ ଦେଖା ହେଲା ଅବଧାନେ ତାଙ୍କ ଦକ୍ଷିଣା ନେଲେ ଗୋସେଇଁ ଆସି ପୂଜା କରି ତାଙ୍କ ପ୍ରାପ୍ୟ ପାଇଗଲେ । ପୁଅର ବେକରେ ଡେଉଁରିଆ ହାତରେ ମୁଦି ଭର୍ତ୍ତି । ରବିବାର ଏ ଗଛରେ ପାଣି ଦିଅ ସୋମବାର ସେ ଗଛରେ ।

ଜାତକ ବାସ୍ତୁ କୋଉଠି କି ଦୋଷ ରହିଲା କେଜାଣି, ଏତେ ପୂଜା ପାଠ କରି ମୁଦି ଲଗେଇ ଭଜନ କୀର୍ତ୍ତନ ଶୁଣି ଏ ଦୀକ୍ଷା ସେ ଦୀକ୍ଷା ନେଲା ପରେବି ପୁଅଟି ମରିଗଲା । ଏତେ ଠାକୁର ପୂଜା ପାଠ ପରେବି ପୁଅଟି ଆରପାରିକୁ ଚାଲିଗଲା । ଶେଷ ଜୀବନଟା ଯେ ସେମାନଙ୍କର କେମିତି କଟିବ ସମୟ କହିବ ।

କେଜାଣି କିଏ ତ୍ରାଣ କର୍ତ୍ତା ତାକୁ ଆସି ଉଦେଇ ନେଇଯିବେ ବହୁ ଆଗକୁ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ଦିବ୍ୟ ପଥର ଯାତ୍ରୀ



ଦୀନବନ୍ଧୁ ବେଜ

ଶରୀର ଅନାବରଣ ଛେଳି ଛଡ଼ା କାଠଗଣ୍ଡି ପରି
ଗୁଣ୍ଡୁଚି ମୂଷାର ବେଖିଆଲି ଧାଁ ଧପଡ଼
ଗୁଣୁଗୁଣୁ ମଶା, ମାଛି ଓ ଡ଼ାଆଁଶ
ଲୋଲୁପ ଆଖି ପକାନ୍ତି କାମାନ୍ଧ ପଙ୍ଗପାଳ ଦଳ,
ଆହା କି ଦାରୁଣ... ଶରୀର ଅନାବରଣ ।

ଲଟାବୁଦା କଣ୍ଟା ଝଣ୍ଟାରେ ଅଟକି
ଲାଗି ଯାଇ କାନ୍ଧରେ ଓହଳି ଥିବା କାନି
ଡ଼ାଳପତ୍ର ଭାବି ଝୁଣି ଖାଇବାକୁ
ପ୍ରୟାସ କରି ଚାଲିଛନ୍ତି
ସର୍ବଗିଳା ଦି ଗୋଡ଼ିଆ ଛେଳି
ଯୁଗ ଯୁଗ ଧରି ରହିଛି ପିଣ୍ଡ
ମଖମଲ ଜରିଲଗା ନାରୀ ପିଣ୍ଡ ...
ସମୟ ସ୍ରୋତରେ କ୍ରିଡ଼ନକ ସଜାଇ ଥାଏ
କାମନାକୁ ଚାପିରଖି ଥିବା
ଭଦ୍ରମୁଖା ପିନ୍ଧା କିଛି ପୁରୁଷ ଉଦଣ୍ଡ ।

ISSN NO.
2582-208X

ପତର ଓ ପଥର ମଧ୍ୟରେ ସାମଞ୍ଜସ୍ୟ
ବାତ୍ସଲ୍ୟତା ଭିତରେ ହ୍ରେସା ରାବ
ଉଚ୍ଚ ତାପରେ କ୍ଷୀର ଉତୁରିବା ପରି
ରାସ୍ତା ଜଦି ଶୁନ୍ୟ ଥାଏ
ଦିନ ଦ୍ୱିପହରରେ କୁ ପୁରୁଷ ବି ମାରିପାରେ
ବାଘର ହେଣ୍ଟାଳ ......।

ନାରୀଟିଏ ବୁଲିଲେ ଅନାବରଣରେ
ରାସ୍ତା ହୁଏ ତୀର୍ଥକ୍ଷେତ୍ର
ଟୋକାଠାରୁ ବୁଢ଼ାଯାଏ
ଆଖିରେ ଆଖିରେ ପୁରେଇଥାନ୍ତି ପେଟ , , ,
ଭୋକ ବି ପଣବନ୍ଦୀ ଇନ୍ଦ୍ରିୟ ବି ପଣବନ୍ଦୀ ...
ମନ ଓ ପ୍ରକୃତି ଖାଲି ସ୍ୱୟଂକ୍ରିୟ
କାହା ଇଛାରେ କିଏ ଏହି ଦେବୀ ???
ଆଜି ହୋଇଛି ଏ ଦିବ୍ୟ ପଥର ଯାତ୍ରୀ ।।

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ବାସୁଦେବପୁର, ଭଦ୍ରକ

ISSN NO.
2582-208X

# ଶନି ଅଷ୍ଟୋତ୍ତର ଶତ ନାମ ସ୍ତୋତ୍ରମ୍



ଅଧ୍ୟାପକ ଅବିନାଶ ବାରିକ୍

ଶନୈଶ୍ଚରାୟ ଶାଂତାୟ ସର୍ବାଭୀଷ୍ଟପ୍ରଦାୟିନେ ଶରଣ୍ୟାୟ ବରେଣ୍ୟାୟ ସର୍ବେଶାୟ ନମୋ ନମଃ ॥ 1॥

ସୌମ୍ୟାୟ ସୁରବଂଦ୍ୟାୟ ସୁରଲୋକବିହାରିଣେ ସୁଖାସନୋପବିଷ୍ଟାୟ ସୁଂଦରାୟ ନମୋ ନମଃ ॥ 2 ॥

ଘନାୟ ଘନରୂପାୟ ଘନାଭରଣଧାରିଣେ ଘନସାରବିଲେପାୟ ଖଦ୍ୟୋତାୟ ନମୋ ନମଃ ॥3 ॥

ମଂଦାୟ ମଂଦଚେଷ୍ଟାୟ ମହନୀୟଗୁଣାତ୍ମନେ ମର୍ତ୍ୟପାବନପାଦାୟ ମହେଶାୟ ନମୋ ନମଃ॥ 4 ॥

ଛାୟାପୁତ୍ରାୟ ଶର୍ବାୟ ଶରତୂଣୀରଧାରିଣେ ଚରସ୍ଥିରସ୍ୱଭାବାୟ ଚଂଚଲାୟ ନମୋ ନମଃ ॥5॥

ନୀଲବର୍ଣାୟ ନିତ୍ୟାୟ ନୀଲାଂଜନନିଭାୟ ଚ ନୀଲାଂବରବିଭୂଷାୟ ନିଶ୍ଚଲାୟ ନମୋ ନମଃ॥6 ॥

ISSN NO.
2582-208X

ବେଦ୍ୟାୟ ବିଧିରୂପାୟ ବିରୋଧାଧାରଭୂମୟେ ବେଦାସ୍ୱଦସ୍ୱଭାବାୟ ବଜ୍ରଦେହାୟ ତେ ନମଃ॥ 7 ॥

ବୈରାଗ୍ୟଦାୟ ବୀରାୟ ବୀତରୋଗଭୟାୟ ଚ ବିପତ୍ପରଂପରେଶାୟ ବିଶ୍ୱବଂଦ୍ୟାୟ ତେ ନମଃ ॥୪॥

ଗୃଧ୍ରବାହାୟ ଗୂଢାୟ କୂର୍ମାଂଗାୟ କୁରୂପିଣେ କୁତ୍ସିତାୟ ଗୁଣାଢ୍ୟାୟ ଗୋଚରାୟ ନମୋ ନମଃ॥ 9 ॥

ଅବିଦ୍ୟାମୂଲନାଶାୟ ବିଦ୍ୟାଽବିଦ୍ୟାସ୍ୱରୂପିଣେ ଆୟୁଷ୍ୟକାରଣାୟାଽପଦୁଦ୍ଧର୍ତ୍ରେ ଚ ନମୋ ନମଃ ॥ 10 ॥

ବିଷ୍ଣୁଭକ୍ତାୟ ବଶିନେ ବିବିଧାଗମବେଦିନେ ବିଧିସ୍ତୁତ୍ୟାୟ ବଂଦ୍ୟାୟ ବିରୂପାକ୍ଷାୟ ତେ ନମଃ॥ 11 ॥

ବରିଷ୍ଠାୟ ଗରିଷ୍ଠାୟ ବଜ୍ରାଂକୁଶଧରାୟ ଚ ବରଦାଭୟହସ୍ତାୟ ବାମନାୟ ନମୋ ନମଃ॥ 12॥

ଜ୍ୟେଷ୍ଠାପତ୍ନୀସମେତାୟ ଶ୍ରେଷ୍ଠାୟ ମିତଭାଷିଣେ କଷ୍ଟୌଘନାଶକାର୍ୟାୟ ପୁଷ୍ଟିଦାୟ ନମୋ ନମଃ ॥ 13 ॥

ସ୍ତୁତ୍ୟାୟ ସ୍ତୋତ୍ରଗମ୍ୟାୟ ଭକ୍ତିବଶ୍ୟାୟ ଭାନବେ ଭାନୁପୁତ୍ରାୟ ଭବ୍ୟାୟ ପାବନାୟ ନମୋ ନମଃ ॥ 14 ॥

ଧନୁର୍ମଂଡଲସଂସ୍ଥାୟ ଧନଦାୟ ଧନୁଷ୍ମତେ ତନୁପ୍ରକାଶଦେହାୟ ତାମସାୟ ନମୋ ନମଃ॥ 15॥

ISSN NO.
2582-208X

ଅଶେଷଜନବଂଦ୍ୟାୟ ବିଶେଷଫଲଦାୟିନେ ବଶୀକୃତଜନେଶାୟ ପଶୂନାଂପତୟେ ନମଃ ॥ 16 ॥

ଖେଚରାୟ ଖଗେଶାୟ ଘନନୀଲାଂବରାୟ ଚ କାଠିନ୍ୟମାନସାୟାଽର୍ୟଗଣସ୍ତୁତ୍ୟାୟ ତେ ନମଃ॥ 17 ॥

ନୀଲଛତ୍ରାୟ ନିତ୍ୟାୟ ନିର୍ଗୁଣାୟ ଗୁଣାତ୍ମନେ ନିରାମୟାୟ ନିଂଦ୍ୟାୟ ବଂଦନୀୟାୟ ତେ ନମଃ॥ 18॥

ଧୀରାୟ ଦିବ୍ୟଦେହାୟ ଦୀନାର୍ତିହରଣାୟ ଚ ଦୈନ୍ୟନାଶକରାୟାଽର୍ୟଜନଗଣ୍ୟାୟ ତେ ନମଃ ॥ 19॥

କ୍ରୂରାୟ କ୍ରୂରଚେଷ୍ଟାୟ କାମକ୍ରୋଧକରାୟ ଚ କଳତ୍ରପୁତ୍ରଶତ୍ରୁତ୍ୱକାରଣାୟ ନମୋ ନମଃ ॥ 20॥

ପରିପୋଷିତଭକ୍ତାୟ ପରଭୀତିହରାୟ ଚ ଭକ୍ତସଂଘମନୋଽଭୀଷ୍ଟଫଲଦାୟ ନମୋ ନମଃ॥21 ॥

. ଜୟ ଶନିଦେବ

ସଂଗ୍ରାହକ: ଅଧ୍ୟାପକ ଅବିନାଶ ବାରିକ୍
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ଜୀବନ ର ନଉକା ରେ



ଦୁଷ୍ମନ୍ତ ବେହେରା

ଜୀବନ ନଉକା ରେ
ଜୀବନ ଭାସୁଛି
ଜୀବନ ର ଭାଗ୍ୟ
ନଉକା ରେ
ଜୀବନ ର ଭାଗ୍ୟ
ବାସ୍ନା ଖୋଜୁଛି
ଜୀବନ ର ଭାଗ୍ୟ
ନଉକା ରେ
ଜୀବନ ର ନଉକା ରେ
ଜୀବନ ଜାତନା
ଜୀବନ ରେ ପାଏ
ଜୀବନ ର ଭାଗ୍ୟ
ଜାତନା ରେ
ଜୀବନ ର ସୁଃଖ
ଦୁଃଖ ରେ ଭରିଲ
ଭରିଲ ଜୀବନେ ଦୁଃଖ
ଜୀବନ ର ନଉକା ରେ
ମଣିଷ ଜୀବନ ରେ
ଦେହ ହାଡ ମାଂସ

ISSN NO.
2582-208X

ରକ୍ତ ରେ ଗଢିଲ
ମଣିଷ ଜୀବନେ
ଭରିଲ ଲୋହ
ଲୁହ ତ ଭରିଲ
କଷ୍ଟ ବି ଭରିଲ
ଭରିଲ ଜୀବନେ ଦୁଃଖ
ଜୀବନ ର ନଉକା ରେ
ଦୁଃଖ ଭରି ତମେ
ପ୍ରେମ ଭରିଲ
ଭରିଲ ଜୀବନେ ସୁଃଖ
ଜୀବନ ନଉକା
ବାସ୍ନା ଖୋଜୁଛି
ଜୀବନ ର ନଉକା ରେ
ଜୀବନ ର ବିନ୍ଧୁ
ଶେଷ ବିନ୍ଧୁ ଯାଏ
ଖୋଜି ବୁଲୁଛି
ଜୀବନ ର ଆଲୋକ
ଜୀବନ ର ଆଲୋକ
ଲିଭି ବା ଆଗରୁ
ଜୀବନ ବଞ୍ଚିବା କୁ
ଇଛା ହୁଏ
ଜୀବନ ର ନଉକା ରେ

ଗ୍ୱସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ଲୀଳାମୟଙ୍କ ଲୀଳା



ଦାସ କମଳ କୁମାର

ଜୟ ଜଗନ୍ନାଥ । ଆପଣଙ୍କ ଲୀଳା କିଏ ବା ବୁଝିବ ମହାପ୍ରଭୁ । ହେ ଲୀଳାମୟ ଆପଣଙ୍କ ଲୀଳା କେବଳ ଆପଣଙ୍କୁ ଜଣା ।

କେତେ ଶରଧାରେ ବାପା ମାଆ ନାମ ରଖିଥିଲେ ଅଶୋକ । ଅଶୋକ ଅର୍ଥାତ୍ ଶୋକ ରହିତ ଜୀବନ । କିନ୍ତୁ କେଜାଣି କାହିଁକି ନାମ ଅନୁସାରେ ଫଳ ବିପରିତ ହୋଇଯାଏ। ନାମ ଥିବ ଚିରଞ୍ଜୀବୀ ଓ ମୃତ୍ୟୁଞ୍ଜୟ କିନ୍ତୁ ଅଳ୍ପାୟୁ ହୋଇଥିବ । ସତରେ ବିଧିର ନିୟମ ବିଚିତ୍ର । ଅଶୋକର ଦୁଃଖ ଦେଖି ଏକଥା ଭାବନ୍ତି ବାପା, ମାଆ ।

କଟକ ନିବାସୀ ଅର୍ଜୁନ ବାବ ଓ ସରିତା ଦେବୀ ଙ୍କ ଏକ ମାତ୍ର ସୁପୁତ୍ର ଅଶୋକ । ଦଶମ ପରୀକ୍ଷାରେ ଅଶୋକ, ଯେତେବେଳେ ଜିଲ୍ଲାରେ ସବୁଠାରୁ ଅଧିକ ନମ୍ବର ରଖି ପାସ୍ କରିଥିଲା ବାପା, ମାଆଙ୍କ ଖୁସି କହିଲେ ନସରେ । ଅଶୋକର ଭବିଷ୍ୟତକୁ ନେଇ କେତେ କ'ଣ ଆଶା ଥିଲା ବାପା ମାଆଙ୍କର । ରେଭେନ୍ସା କଲେଜ୍ କଟକରେ ଯୁକ୍ତ ଦୁଇ ବିଜ୍ଞାନରେ ନାମ ଲେଖା ହୋଇଥିଲା ଅଶୋକର । ବାପା ଅର୍ଜୁନ ଜଣେ ଶିକ୍ଷକ ହୋଇଥିବାରୁ ପୁଅର ଶିକ୍ଷାକୁ ନେଇ ଭାରି ଯତ୍ନବାନ ଥିଲେ, ମା ସରିତା ଜଣେ ଗୃହିଣୀ କିନ୍ତୁ ମହାପ୍ରଭୁଙ୍କୁ ଭାରି ଭଲ ପାଆନ୍ତି । ନିଜ ଠାକୁର ଘରେ ମହାପ୍ରଭୁଙ୍କ ବିଗ୍ରହ ରଖି ପୂଜା କରନ୍ତି ଏବଂ ପ୍ରତ୍ୟେକ ଦିନ ଗୀତା, ଭାଗବତ ପାଠ କରନ୍ତି ।

ଅଶୋକ ମଧ୍ୟ ମହାପ୍ରଭୁଙ୍କୁ ବହୁତ ଭଲ ପାଏ । ଯୁଆଡେ ବି ଯାଉ ପ୍ରଥମେ ମହାପ୍ରଭୁଙ୍କୁ ଦେଖା କରିବ, ପ୍ରଣାମ କରିବ, ତାପରେ ଯାଇ ଯିବ । ଏମିତି ସମସ୍ତ ସପରିବାର

ISSN NO.
2582-208X

ହସଖୁସିରେ ଜୀବନ ବିତାନ୍ତି । ହଠାତ୍ କ'ଣ ହୁଏ କେଜାଣି ଅଶୋକ ଚାଲିବାରେ କଷ୍ଟ ଅନୁଭବ କରେ । ସୁସ୍ଥ ସବଳ ପିଲା ଟା ଦିନକୁ ଦିନ ପରିସ୍ଥିତି ଏମିତି ହୁଏ ଅଶୋକ ଆଉ ଚାଲି ପାରେନା । ଭଲ ଭଲ ଡାକ୍ତର ଫେଲ୍ ମାରନ୍ତି, ସତେ ଅବା ମେଡିକାଲ୍ ବିଜ୍ଞାନ ଫେଲ୍ ମାରେ ଅଶୋକ ରୋଗ ଆଗରେ ।

କେତେ ସୁନ୍ଦର ହସିଲା ହସିଲା ପରିବାରରେ କାହାର ନଜର ଲାଗିଗଲା, ଭାଙ୍ଗି ପଡିଲେ ଅର୍ଜୁନ ବାବୁ ସରିତା ମାଡାମ୍ ଙ୍କ ଆଖିରୁ ଲୁହ ଶୁଖୁ ନଥାଏ । ମହାପ୍ରଭୁଙ୍କ ପାଖରେ କେତେ କାନ୍ଦନ୍ତି, କୁହନ୍ତି ଗୋଟିଏ ବୋଲି ପୁଅ ଦେଇଥିଲ, ତା ଚାଲିବା ଶକ୍ତି ନେଇଗଲ କାହିଁକି ଏମିତି କଲେ । ଶୋକ ସାଗରରେ ବୁଡିଗଲା ଅଶୋକ । କ'ଣ ବା କରିବ ସେ, ତା'ର ଭୂଲ୍ ବା କ'ଣ ? ମହାପ୍ରଭୁଙ୍କୁ କୁହେ "ମୋତେ ଏଇ ଛୋଟ ବୟସରୁ ପଙ୍ଗୁ କରି କ'ଣ ପାଇଲେ, ଆପଣଙ୍କ ଗୋଡ ନାହିଁ ବୋଲି ମୋର ଗୋଡକୁ ଅପଙ୍ଗ କରିଦେଲେ । ଆପଣ ତ ବିନା ଗୋଡରେ ବି ଚାଲି ପାରନ୍ତି କିନ୍ତୁ ମୁଁ ?"

ଏମିତି କିଛି ମାସ ବିତିଯାଏ, ଚିକିତ୍ସା ବି ଚାଲିଥାଏ ଗୋଟେ ଆଶା ଥାଏ, କେତେବେଳେ ମହାପ୍ରଭୁଙ୍କ କରୁଣା ହେବ ଅଶୋକ ପୂର୍ବ ଅବସ୍ଥାକୁ ଫେରିବ । କେବଳ ଏକମାତ୍ର ଭରଷା ମହାପ୍ରଭୁ ।

ଅଶୋକ ଗୋଡ ଖରାପ ଦିନଠାରୁ ଆଉ କଲେଜ୍ ଯାଇ ନଥାଏ । କେବଳ ମେଡିକାଲ୍ ଯାଏ ନହେଲେ ସର୍ବଦା ଘରେ ଥାଏ। ଅଶୋକର ଇଛା ଥାଏ ପୁରୀ ଯାଇ ମହାପ୍ରଭୁଙ୍କୁ ଦେଖିବା ପାଇଁ । ଏକଥା ବି ବାପା ମାଆଙ୍କ ଆଗରେ ପ୍ରକାଶ କରେ । ବାପା, ମାଆ କ'ଣ କରିବେ କୁହନ୍ତି ମହାପ୍ରଭୁ କରନ୍ତୁ ତୁ ଭଲ ହୋଇଯା, ଆମେ ସମସ୍ତେ ମିଶି ପୁରୀ ଯିବା ।

ନୂଆ ବର୍ଷ ସରିଥାଏ । ଗାଆଁର କିଛି ପିଲା ବାହାରି ଥାଆନ୍ତି ପୁରୀ ଯିବା ପାଇଁ । ଜିଦି ଧରିଲା ଅଶୋକ, ପୁରୀ ଯିବ । ମନ୍ଦିରକୁ ନ ଯାଇ ପାରିଲେ ମଧ୍ୟ ସିଂହଦ୍ୱାରରେ ରହି ପତିତପାବନକୁ ଦର୍ଶନ କରି କି ଆସିବ । ଅର୍ଜୁନ ବାବୁଙ୍କ ଛୁଟି ନାହିଁ କ'ଣ କରିବେ ? ସରିତା ମ୍ୟାଡାମ୍ ବି ଯାଇ ପାରିବେନି କାରଣ ଗ୍ରାମରୁ କେବଳ କିଛି ପୁରୁଷ ଲୋକହିଁ ଯାଉଥିଲେ । ଅଶୋକର ଦୁଇଜଣ ସାଙ୍ଗ ଏହା ଜାଣି ଅଶୋକର ଘରକୁ ଆସି ପୂର୍ଣ୍ଣ ଭରସା

ISSN NO.
2582-208X

ଦେଲେ ସେମାନେ ଅଶୋକକୁ ଯତ୍ନରେ ନେବେ, ଯତ୍ନରେ ଧରି ସଂଧ୍ୟା ପୂର୍ବରୁ ଫେରି ଆସିବେ ।

କଟକରୁ ପୁରୀ ବାଟ ସିନା କମ୍ । ପୁଅର ଏଭଳି ପରିସ୍ଥିତିରେ କେଉଁ ବାପା, ମାଆ ରାଜି ହେବ କିନ୍ତୁ ପୁଅର ଜିଦ୍ଦି ଏବଂ ପୁଅର ମହାପ୍ରଭୁଙ୍କ ପ୍ରତି ଭଲ ପାଇବା ଦେଖି ସମ୍ମତି ଜଣାଇଲେ ।

ଗାଡି ଲାଗିଲା ବଡ ଦାଣ୍ଡରେ । ଗହଳି ଅଧିକ ଥାଏ। ପତିତପାବନ ନେତକୁ ଅନାଇ ପ୍ରଣାମ କଲା ଅଶୋକ, ଲୁହ ଦି ଟୋପା ଝରି ପଡିଲା ଦୁଇ ନେତ୍ରରୁ। ବିଶେଷ ହଇରାଣ ହେବାକୁ ପଡିଲାନି, ଦୁଇ ସାଙ୍ଗ ହୁଇଲ୍ ଚେୟାର ବ୍ୟବସ୍ଥା କରି ଅଶୋକକୁ ବସାଇ ନେଇଗଲେ ସିଂହଦ୍ୱାର ପାଖକୁ । କୌଣସି ଧାଡିରେ ଯିବାକୁ ପଡିଲାନି, ଡ୍ୟୁଟିର ମୃତୟନ ଥିବା ପୋଲିସ୍ ଭାଇଙ୍କ ସହାୟତାରେ ଏକ ସ୍ୱତନ୍ତ୍ର ରାସ୍ତା ଦେଇ ଚାଲି ଆସିଲେ ।

ଦୁଇ ସାଙ୍ଗ ହୁଇଲ୍ ଚେୟାରରୁ ଓହ୍ଲାଇ ଦେଇ ବସାଇ ଦେଲେ ଅରୁଣ ସ୍ତମ୍ଭ ପାଖରେ। ସେଠାରୁ ପତିତପାବନ ଦେଖା ଯାଉଥାଆନ୍ତି । ଚକା ଚକା ଆଖିକୁ ଦେଖୁଥାଏ ଅଶୋକ, କେବଳ କାନ୍ଦୁଥାଏ ସେ, ପାଟିରେ କୌଣସି ଶବ୍ଦ ବାହାରୁ ନଥାଏ । ଜଣେ ସାଙ୍ଗ ଶରଧାବାଲିକୁ ଅଶୋକ ମୁଣ୍ଡରେ ବୋଳି ଦେଇ କହୁଥାଏ କାନ୍ଦେ ନାହିଁ ଅଶୋକ, ସବୁ ଠିକ୍ ହୋଇଯିବ । ବହୁତ ଗହଳି ଥାଏ, ସହଜେ ଅଶୋକର ଓଜନ ବି ଅଧିକ ତେଣୁ ତାକୁ ଟେକି ନେଇ ଦର୍ଶନ କରେଇବା କଷ୍ଟସାଧ୍ୟ ।

ଏକଥା ବି ବୁଝି ପାରିଥିଲା ଅଶୋକ ତେଣୁ କହିଲା ମୋତେ ଟିକେ ବାଇଶି ପାହାଚରେ ଛାଡିଦିଅ, ମୁଁ ସେଠି ବସିଥିବି, ତୁମେ ଦର୍ଶନ କରିବାକୁ ଯିବ । ସେଇଆ ହେଲା, ଅଶୋକକୁ କାଶୀ ବିଶ୍ୱନାଥଙ୍କ ଠାରୁ ଦୁଇ ତିନୋଟି ପାହାଚ ଆଗରେ ବସାଇ ଦିଆଗଲା, କାରଣ ସେହି ଜାଗା ସାଧାରଣତଃ ଗହଳି ହୁଏନି । ତା ପରେ ଅଶୋକକୁ ସେଠାରେ ଛାଡି ସମସ୍ତେ ଦର୍ଶନ କରିବାକୁ ଗଲେ ।

ସେଠାରେ ବସି ଅଶୋକ ବାଇଶି ପାହାଚର ରେଣୁକୁ ମୁଣ୍ଡରେ ମାରିଲା । କାନ୍ଦୁଥାଏ ଆଉ ଭାବୁଥାଏ ମହାପ୍ରଭୁ ଆପଣଙ୍କ ପାଖକୁ ଆସିଲି କିନ୍ତୁ ତୁମକୁ ଦର୍ଶନ କରି ପାରିଲିନି, ଏଇ ବାଇଶି ପାହାଚରୁ ଫେରିଯିବି । କେଡେ ହତଭାଗା ମୁଁ। ସତରେ କ'ଣବା କରି ପାରିବି ମୁଁ?

ISSN NO.
2582-208X

ମୋତେ ତ ଅପଙ୍ଗ କରି ଦେଇଛ । ତୁମେ ବି ମୋତେ ଦେଖିବାକୁ ଚାହୁଁନ । ତୁମର ଏତେ ବଡ ସୃଷ୍ଟିରେ ସାମାନ୍ୟ ମଣିଷ ଟେ ମୁଁ, ମୋତେ ନଦେଖିଲେ କ'ଣ ବା ଫରକ ପଡିବ ତୁମର । ଆଖିରୁ ବୋହି ଚାଲିଥାଏ ବହୁ ଦିନରୁ ସାଇତି ରହିଥିବା କୋହ ଓ ଅଭିମାନର ଅଶ୍ରୁ ।

ଭାବନା ରାଇଜରୁ କାହାର ଅଶୋକ ଡାକରେ, ଅଶୋକର ନଜର ସେହି ଡାକ ଆଡେ ପଳାଇଲା । ଦେଖେ ଅଳ୍ପ ଦୂରରେ କଳା ରଙ୍ଗର ଜଣେ ସ୍ୱାସ୍ଥ୍ୟବାନ ସେବାୟତ, ଅଶୋକ ଭାବିଲା ସେ ମୋତେ ବା କ'ଣ ପାଇଁ ଡାକିବେ । ତାପରେ ସେହି ସେବାୟତ କହିଲେ "କଟକର କିଏ ଅଶୋକ ଅଛ କି" ? ଏକଥା ଶୁଣି ହାତ ଟେକି ଦେଲା ଅଶୋକ । ସେ ସେବାୟତ ଅଶୋକ ପାଖକୁ ଆସିଲେ, କହିଲେ "ତୁମେ ଅଶୋକ ?, ତୁମ ସାଙ୍ଗମାନେ ମୋତେ ପଠାଇଛନ୍ତି ତୁମକୁ ନେଇ ଦର୍ଶନ କରେଇ ଦେବା ପାଇଁ " ।

ଅଶୋକ କହିଲା "ଆପଣ ଏକୁଟିଆ ମୋତେ ନେଇ ପାରିବେ"। ସେବାୟତ କହିଲେ"ଏହା ଆମର ନିତି ଦିନିଆ କାମ, ଏଇ ହାତରେ କେତେ ଲୋକଙ୍କର ଭାର ଉଠେଇଛି, ତୁମର ଭାର କେତେ "।

ଏହା କହି ଅଶୋକକୁ ଦୁଇ ହାତରେ ଟୋକି ନେଲେ ସେହି ସେବାୟତ ଜଣକ । ଭିଡକୁ କାଟି କାଟି ଆଗକୁ ବଢି ଚାଲିଲେ ସେବାୟତ, ସାତ ପାହାଚ ତାପରେ ଗରୁଡସ୍ତମ୍ଭର ଟିକିଏ ଆଗକୁ ଯାଇ କହିଲେ ଦେଖ୍ ଦେଖାଯାଉଛି । ସେତେ ଲୋକ ନଥାନ୍ତି ସେଠି ବହୁତ ଭଲରେ ଦର୍ଶନ କଲା ଅଶୋକ । ତାହା ପରେ ତୁଳସୀ ପତ୍ର ଟିଏ ଖାଇବାକୁ ଦେଇ ପୁନଶ୍ଚ ଆଣି ଛାଡି ଦେଲେ ସେଇ ସ୍ଥାନରେ ଯେଉଁ ସ୍ଥାନରେ ସେ ପୂର୍ବରୁ ବସିଥିଲା । ଏହାପରେ ପଇସା କଥା ଅଶୋକ ପଚାରିବାରୁ ପଇସା ପାଇଛି କହି ହସିଦେଇ ଚାଲିଗଲେ ସେଠାରୁ । ସେମିତି ଚାହିଁ ରହିଥାଏ ଅଶୋକ ସେହି ସେବାୟତଙ୍କୁ। କେତେବେଳେ ସେହି ଗହଳି ମଧ୍ୟରେ ଅଦୃଶ୍ୟ ହୋଇଗଲେ ଜାଣି ପାରିଲାନି ଅଶୋକ ।

ମହାପ୍ରଭୁଙ୍କୁ ଧନ୍ୟବାଦ ଦିଏ ଅଶୋକ । ସତରେ କେତେ କରୁଣାମୟ, ଦୟାମୟ ଆପଣ । କେତେ ସୁନ୍ଦର ଦର୍ଶନ ଦେଲେ ମୋତେ । ଆଖିରୁ ସ୍ୱତଃ ଝରି ଆସୁଥାଏ ଆନନ୍ଦାଶ୍ରୁ ।ସେହି ସମୟରେ ଅଶୋକର ସାଙ୍ଗ ମାନେ ପହଁଚି ସାରିଥାନ୍ତି ସେଠାରେ । ଅଶୋକ ଆଖିରେ ଲୁହ

ISSN NO.
2582-208X

ଦେଖି ସାଙ୍ଗମାନେ ପଚାରନ୍ତି "ମନ ଦୁଃଖ କରୁଛୁ ମହାପ୍ରଭୁଙ୍କୁ ଦେଖି ପାରିଲୁନି ବୋଲି"। ଅଶୋକ ସମସ୍ତ କଥା କହୁଛି ସେ କେମିତି ସୁନ୍ଦର ଭାବେ ଦର୍ଶନ କଲା ବୋଲି ।

ସମସ୍ତେ ଶୁଣି ଆଶ୍ଚର୍ଯ୍ୟ । ସେମାନେ କହିଲେ ଆମେ କୌଣସି ନନାଙ୍କୁ କହିନୁ । ଆଉ କେଉଁ ସେବାୟତ ଏମିତି କାମ ବି କରନ୍ତିନି । ଏହା ଶୁଣି ଅଶୋକର ବୁଝିବାକୁ ବାକି ରହିଲାନି ଯେ ଏସବୁ କାର୍ଯ୍ୟ ମହାପ୍ରଭୁଙ୍କର ବୋଲି । କାନ୍ଦି କାନ୍ଦି ଗଡିଗଲା ଅଶୋକ। କହିଲା ମହାପ୍ରଭୁ ମୁଁ ଆପଣଙ୍କୁ କେତେ ଦୋଷ ଦେଇଛି କ୍ଷମା କରନ୍ତୁ ମୋତେ । ମୋତେ ଆପଣ ଅପଙ୍ଗ କରି ଭଲ କରିଛନ୍ତି ,ନହେଲେ କ'ଣ ଆପଣଙ୍କ ସ୍ପର୍ଶ ପାଇ ପାରିଥାନ୍ତି ।

ଘରକୁ ଫେରି ସବୁକଥା କହିଲା ବାପା ମାଆଙ୍କୁ । ବାପା ମାଆ ହତବାକ୍ । ପ୍ରଣାମ କଲେ ମହାପ୍ରଭୁଙ୍କୁ । ଏହା ପରେ ଧିରେ ଧିରେ ସୁସ୍ଥ ହେଲା ଅଶୋକ । ଏବେ ସଂପୂର୍ଣ୍ଣ ସୁସ୍ଥ ହୋଇ ସାରିଲାଣି । ବାହାରିଛି ପୁରୀ । କିନ୍ତୁ ଆଜି ସେ ଅପଙ୍ଗ ନୁହଁ ।

ଆଉ କ'ଣ ମହାପ୍ରଭୁ ନିଜ ବାହୁରେ କୋଳେଇ ନେଇ ଯିବେ ବାଇଶି ପାହାଚରୁ ମନ୍ଦିର ମଧ୍ୟକୁ । ସତରେ ସେ ଗୋଡ ଥାଇ ଲାଭ କ'ଣ ତା'ଠାରୁ ଅପଙ୍ଗ ହେବା ଶହେ ଗୁଣ ଭଲ ।

( ଜୟ ଜଗନ୍ନାଥ )

ଗୋବିନ୍ଦପୁର,
ମାର୍ଥାପୁର

ISSN NO.
2582-208X

# ସମୟ



ବଂଶୀଧର ସା

ହେ ସମୟ, କା ପାଇଁ କଠୋର ତୁମେ
କା ପାଇଁ କୋମଳ
ବୁଝି ହୁଏ ନାହିଁ ତାହା
ତୁମ ପାଇଁ ଖେଳ । (୧)
ମନେ ପଡ଼େ ପ୍ରଥମ ସାକ୍ଷାତ ତୁମ
ହୋଇଥିବା ବେଳ
ଯେ ବେଳେ ମିଳଇ ମୋତେ
ଜନନୀର କୋଳ
କାନ୍ଦୁଥିଲି ଫଟାଇଣ
ମୋ ଏନ୍ତୁଡ଼ିଶାଳ
ମାତ୍ର ପରିଜନ ପାଇଁ ଥିଲା
ଆନନ୍ଦର ବେଳ।(୨)
ହେ ସମୟ.....
ଜୀବନଟା ଜିଇଁବାରେ
ବିତିଗଲା କାଳ
କାହା ପାଇଁ ହସ ଥିଲା
କା ପାଇଁ ଜଞ୍ଜାଳ
ତୁମ ସଙ୍ଗେ ଚାଲିବାରେ
ଦେଇଥିଲେ ତାଳ

ISSN NO.
2582-208X

ବୁଝି ପାରିଥାନ୍ତି ଅବା
ତୁମର ସେ ଖେଳ।(୩)
ହେ ସମୟ.....
ତୁମ ପାଖେ ନାହିଁ ପରା
ଅପେକ୍ଷାର ବେଳ
ଅବିରତ ଚାଲିବାରେ
ନାହିଁ ଶ୍ରମ ଝାଳ
ତୁମ ସଙ୍ଗେ ଚାଲିବାରେ
ଯିଏ ହୁଏ ମେଳ
ତାକୁ ତୁମେ ଦେଇଥାଅ
ଅନୁରୂପ ଫଳ।(୪)
ହେ ସମୟ....
ଜୀବନର ଅନ୍ତିମରେ
ବୁଝିଛି କେବଳ
ପଛେ ଫେରି ଚାହିଁବାକୁ
ନାହିଁ ଆଉ ବଳ
(ବନ୍ଧୁ) ପରିଜନ କାନ୍ଦୁଥିବେ
ହୋଇ ଏକ ମେଳ
ଯେବେ ମୁହିଁ ହେଇଯିବି
ନିସ୍ତେଜ, ନିଶ୍ଚଳ,ଅଚଳ।(୫)

ଅବସର ପ୍ରାପ୍ତ ଶିକ୍ଷକ
ବରପାଲି ପଡ଼ା ବଲାଙ୍ଗୀର

ISSN NO.
2582-208X

# ପାତାଳରେ ବସିଥିଲା ଛଳନା



ଡୁଇଟ୍ ଡେଭିଡ ଫିଲିପ

ତୁମେ ମୋ ପଦବୀକୁ ବାହା ହେଲ ନା ମୋ ଦେହକୁ,
ତୁମେ ମୋ ସୌନ୍ଦର୍ଯ୍ୟକୁ ବାହା ହେଲ ନା ମୋ ଆତ୍ମାକୁ,
ତୁମେ ହେଲ ମୋ ସ୍ପନ୍ଦନ, ଯେବେଠୁ ହେଲା ଦେଖା ତୁମକୁ,
ବାହାହେଲି ଆଜି ସତ, ଭେଦି ଥିଲ ଯେବେ ମୋ ପାତାଳକୁ।

କୁହ, ନୁହେଁ ମୋର ପ୍ରଶ୍ନ ଜଟିଳ,
କୁହ, ନୁହେଁ ମୋର ଆତ୍ମା ଶିଥିଳ,
ଉତ୍ତର ସୁସ୍ପଷ୍ଟ, ତୁମ ନୟନ ଯୁଗଳ,
ହେଲେ ମୋଠି ବି ନାହିଁ ବିକଳ୍ପ ।

ରହସ୍ୟ ତୁମ ହସ, ରହସ୍ୟ ତୁମ ବିତିଲା ଜୀବନ,
ତୁମ ପାତାଳ ଭିନ୍ନ, ପଶିପାରିବନୀ ସାମାନ୍ୟ,
ମୋ ପାତାଳ ମୋ ହୃଦୟ, ଭେଦିଲ ନଦେଇ ଅଙ୍ଗ,
ତୁମେ କେବଳ ଏକ ଶରୀର, ସେ ଭେଦି ନଥିଲା ମୋ ଗର୍ଭଗୃହ।

ଗର୍ଭ ପାତ ହେଲା ଆଜି ମୋର,
ଆଶ୍ୱସ୍ତି, ରହିବନି ଆଉ ହୋଇ ମୋର,
ମୋର ଭୁଲ, ନୁହେଁ ତୁମର,
ଶୁକ୍ରାଣୁ ସେ ପ୍ରହେଳିକା, ଡିମ୍ବାଣୁ ମୋ ମନ ।

ଓକିଲ ଓ ସମାଜ ସେବକ,
ଭବାନୀପାଟଣା, କଳାହାଣ୍ଡି,
୯୪୩୭୨୦୪୩୦୩/www.pensofdavid.com

ISSN NO.
2582-208X

# କାହାକୁ କହିବା



ଯଜ୍ଞଦତ୍ତ ସାମନ୍ତରାୟ

ଗଆଁର ରୂପଟି ବଦଳି ଯାଇକି
ପାଲଟି ଗଲାଣି ସହର,
କୋଠାଘର  ସବୁ ମାଳ ମାଳ ହେଲା
ହଜିଲା ଛପର ଘଅର ।
ଗାଆଁରେ କେହି ବି ମୁରୁଖ ହେଲେନି
ସଭିଏଁ ହୋଇଲେ ପଢୁଆ,
ପଢୁଆ ନାଆଁରେ ଅଡୁଆ କରିକି
କହିଲେଟି ବଡ ବଡୁଆ  ।
ବଡ ସାନ ମାନ ରହିଲାନି କିଛି
ଏକକୁ ଆରକେ ବଳକା,
ମାରି ନେଉଛନ୍ତି ମହାପାତ୍ରେ ସବୁ
ଚାହିଁଛନ୍ତି ଖାଲି ଜଳକା  ।
ଯେତେରାଜନୀତି ଛକାପଞ୍ଝା ପରା
ନିତି ହୁଏ ଏଠି ଗାଆଁରେ,
ଯୋଜନା ସବୁ ତ ଫସର ଫାଟଇ
ମିଳେ ନାହିଁ ଜମା ରାହାରେ  ।
ଚାଷ ଜମିର ରୂପ ବଦଳିଲା
ପାଲଟି ଗଲାଟି ପଳଟ,

ISSN NO.
2582-208X

ଖାଇବାକୁ ଦାନା ମିଳିବା ମୁସ୍କିଲ
ଚାଲେ ଖାଲି ହଟଚମଟ ।
ଘରେ ଘରେଟି ମୋବାଇଲ ବାଇକ୍
କେହି ନୁହେଁ ଆଉ ଗରିବ,
ଗରିବ ନାଆଁରେ ଯୋଜନା ହୁଅଇ
ଲୁଟିଆ ଲୁଟନ୍ତି ଦରବ ।
ଅସଲ ଗରିବ ନିଜ ବାଟେ ଥାଏ
ତାକୁ ପଚାରନ୍ତିନି କେହି,
ସରକାରୀ ଭତ୍ତା ମିଳେ ନାହିଁ ତାକୁ
ଟାଉଟର ଯାଆନ୍ତି ଖାଇ ।
ଗାଆଁ ରାଜନୀତି କହିଲେଟି ଭାଇ
ସରିବନି ଜମା କଥା,
କାହାକୁ କହିବା ଅନ୍ଧ ସରକାର
ଘୂରିଯାଏ ଦେଖି ମଥା ।

ସଂପାଦକ: ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ-୭୬୧୧୦୪
ମୋ.୯୩୩୭୪୪୯୨

ISSN NO.
2582-208X

# ସ୍ମୃତିର ସପନ ଭାସେ

ପ୍ରଶାନ୍ତ କୁମାର ଦାଶ

ତୁମେ ଗଛତଳ ସୁଶୀତଳ ଛାଇ
କ୍ଲାନ୍ତ ବାଟୋଇ ମୁଁ ଏକ
ତୁମେ ତଡିପାର ନିଦାଘ ବେଳର
ନିଆଁ ସମ ତାତି ଦୁଃଖ ।।

ତୁମେ ମଧୁମତୀ ସ୍ନେହ ସିକ୍ତ ମାଟି
ଆକାଶ ତୁମର ସାଥୀ
ସ୍ୱଚ୍ଛ ଜଳଧାରା ଢାଳି ଦିଏ ଦେହେ
ନିରନ୍ତର ଦିନ ରାତି ।।

ସରଗ ସୁଷମା ତୁମଦେହେ ଭରା
ଭରା ଫୁଲ ଫଳ ଜଳ
ସେଇ ଫଳ ଭରେ ସବୁରି ଶରୀରେ
ଅସରା ଅମାପ ବଳ ।।

ଅଳସୀ ଜହ୍ନର ଫିକା ହସ ତଳେ
ସରସ ସଂସାର ଗଢ଼ା
ଗ୍ରୀଷମ ପରଶେ ବିଶାଳ ପାଦପ
ଦେଇଥାଏ ପତ୍ରଝଡା ।।

ISSN NO.
2582-208X

ଲାଜର ଅବିର ମାଖିହେଇ ସଖୀ
ଅପରୂପ ଅଙ୍ଗ ରେଖା
ଛଳନା ଯେଉଁଠି ଶେଷ ହେଇଯାଏ
ସେଇଠି ତୁମର ଦେଖା ।।

ଧାନ ବିଲ ଧାରେ ଗୀତ ଗାଏ ନଈ
ତୁମ ସ୍ମୃତି ମନେପଡେ
ସେ ସ୍ମୃତିର ଛାପ ଦେଖିଦେଲେ ସଖୀ
ମୋ ଆଖିରୁ ଲୁହଗଡେ ।।

ରାତିବଢ଼ିଗଲେ ଆଖି ଦୁଇଧାରେ
ସ୍ମୃତିର ସପନ ଭାସେ
ମଜିଯାଏ ସଖୀ ତୁମ ରୂପ ଦେଖି
ମତୁଆଲା ପ୍ରେମ ରାସେ ।।

ଶେଷରେ ଉଜୁଡିଯାଏ ମୋ ସପନ
ବିଚ୍ଛେଦ ନିଆଁରେ ଜଳେ
ଆଖିଖୋଲି ଦେଖେ ନିରାଶାର ସୂର୍ଯ୍ୟ
ଉଇଁଥାଏ ନଭକୋଳେ ।।

କୁଞ୍ଜର ସଙ୍ଗଲାଇ
ପିପିଲି ପୁରୀ
Mobile -9668822190

ISSN NO.
2582-208X

# ଗଣେଶ କାହିଁକି ଅଗ୍ରପୂଜ୍ୟ



ଦେବଯାନୀ ବାରିକ୍

ଶିବ ପୁରାଣ ଅନୁସାରେ ଦେବୀ ପାର୍ବତୀ ନିଜ ଦେହରୁ ନିର୍ଗତ ମଇଳାରୁ ଏକ ମୂର୍ତ୍ତି ଗଠନ କଲେ ଏବଂ ତାକୁ ଜୀବନ ଦାନ ଦେଲେ। ପାର୍ବତୀ ଗଣେଶଙ୍କୁ ଦ୍ୱାର ଜଗାଇ ଏବଂ ଭିତରକୁ କାହାକୁ ପ୍ରବେଶ ନ କରେଇବା ପାଇଁ ଆଦେଶ ଦେଇ ସ୍ନାନ କରିବାକୁ ଗଲେ। ଠିକ ସେହି ସମୟରେ ମହାଦେବ ଘରକୁ ଫେରି ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ ।

ଗଣେଶ ପିତାଙ୍କୁ ଚିହ୍ନି ନ ପାରି ବାଟ ଛାଡ଼ିଲେ ନାହିଁ । ମହାଦେବ ଯେତେ ବୁଝାଇବାକୁ ଚେଷ୍ଟା କରିଲେ ଗଣେଶ ଶୁଣିନଥିଲେ। ଏହାପରେ କ୍ରୋଧରେ ମହାଦେବ ଗଣେଶଙ୍କ ଶିର ଛେଦନ କଲେ। ପାର୍ବତୀ ଏହା ଜାଣିବା ପରେ ଭୀଷଣ କ୍ରୋଧିତ ହୋଇଥିଲେ। ଦେବୀ ପାର୍ବତୀଙ୍କୁ ଶାନ୍ତ କରିବା ପାଇଁ ଗଣେଶଙ୍କୁ ପୁଣି ଜୀବୀତ କରିବାକୁ ମହାଦେବ ପ୍ରତିଶ୍ରୁତି ଦେଇଥିଲେ ।

ମହାଦେବ ଗଣେଶଙ୍କ ମୁଣ୍ଡ ଖୋଜି ନ ପାଇ ଉତ୍ତରଦିଗକୁ ମୁଣ୍ଡକରି ଶୋଇଥିବା ଗୋଟିଏ ହାତୀର ମୁଣ୍ଡକୁ କାଟି ଆଣି ଗଣପତିଙ୍କ ଶରୀରରେ ଯୋଡ଼ି ଜୀବନ ଦାନ କଲେ। ଏହା ପାର୍ବତୀ ତୁରନ୍ତ ଗଣେଶଙ୍କୁ ଆଲିଙ୍ଗନ କରି ଅଗ୍ରପୂଜ୍ୟର ବରଦାନ ଦେଇଥିଲେ। ଏହାପରେ ବ୍ରହ୍ମା, ବିଷ୍ଣୁ, ମହାଦେବ ତାଙ୍କୁ ଆଶୀର୍ବାଦ ଦେଇଥିଲେ। ମହାଦେବ ଗଣେଶଙ୍କୁ

ISSN NO.
2582-208X

ବିଘ୍ନନାଶକ ବୋଲି କହିଥିଲେ। ସେଥିପାଇଁ ବିଘ୍ନ କଥା ଆସିଲେ ସର୍ବ ପଥମେ ଗଣେଶଙ୍କୁ ଆରାଧନା କରାଯାଇଥାଏ ।

ଗଣେଶଙ୍କ ଶ୍ଲୋକ:-

ବକ୍ର ତୁଣ୍ଡ ମହା କାୟ, ସୂର୍ଯ୍ୟ କୋଟି ସମ ପ୍ରଭ
ନିର୍ବିଘ୍ନମ୍ କୁରମେ ଦେବ, ସର୍ବ କାର୍ଯ୍ୟେସୁ ସର୍ବଦା

ସଂଗ୍ରାହିକା: ଦେବଯାନୀ ବାରିକ୍
ମହୁ, ଆଳି,କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ଶୀତ



କାଳପ୍ରସାଦ ମହାପାତ୍ର

ଆକାଶଟା ପେଜୁଆ ଦେଖାଗଲା
ନଦୀନାଳ ସ୍ଥିର ହୋଇଗଲା
ଶୀତଳ ଚାଦରଟା ଧରି
ଶୁଭ୍ରକେଶି ଶୀତଦେବୀ
ଆସିଲେ କି ଧରାପୃଷ୍ଠେ!

ଚତୁର୍ଦିଗ ଟହଟହ ବାସନାରେ ଗୋଲାପ,
ଗେଣ୍ଡୁ ଓ ପଦ୍ମରେ
ଗଙ୍ଗ ଶିଉଳୀର ଧଳାନାଲି
ଗାଲିଚାଟା ବିଛାଇ ଦେଲା
ସକାଳ କଅଁଳ ଖରାରେ ।

ଘାସଫୁଲ ମୁଣ୍ଡଟେକି ଚାହିଁଦେଲା
ମୁକ୍ତାର କାକର ବିନ୍ଦୁ ଧାରେ
ପାଦଚଲା ରାସ୍ତାଘାଟ ସବୁ
ଦିଗବଳୟର ପାଖକୁ ଯାଇ
ଆକାଶରେ ମିଶିଯାଏ ।

ISSN NO.
2582-208X

ବୁଢ଼୍ୀଟି କମ୍ବଳ ଭିତରେ ଥରୁଥାଏ
ନାତିଟୋକା ଜାକେଟ ପିନ୍ଧି
ପକେଟଦୁଇଟାରେ ହାତ ପୂରାଇ
ସିଗାରେଟ ଧୂଆଁରେ ଶୀତଟାକୁ
ଫୁକରି ଉଡାଇ ଦିଏ କି ?

ଧାନକ୍ଷେତ ନଣ୍ଡା ହୋଇ ପଡେ
ଏବେ କି କଟାହୋଇଛି କି
ଶସ୍ୟ ଅମଳ ଚାରିଆଡେ
ଭୋଜିଭାତ ମଉଜର ପର୍ବ
ନିର୍ମଳ ଚନ୍ଦ୍ର କିରଣରେ ।

ଓଠକୁ ଥରାଇ ଥରାଇ ଆସେ
ନୂଆବର୍ଷ ଏଇ ଦିନରେ ତ
ଶୀତଳ ଡେଣା ଝାଡିଦିଏ
ଥରାଇ ଦେହ ମନ ଆମ
କାକର ବିନ୍ଦୁର ମୁକ୍ତାରେ ।

ମାଘରେ ଡ଼େଣା ଝାଡିଝାଡି ଉଡେ
ଆଗକୁ ଆଗେଇ ଚାଲେ
କେଉଁ ଏକ ଅଜଣା ଆତଙ୍କ
ଗ୍ରୀଷ୍ମର ରୌଦ୍ରତାପ ଅଗ୍ନିକୁ
ସ୍ୱାଗତ କରିବା ପାଇଁ ।

ଶିକ୍ଷକ,
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ଶ୍ୟାମଳାଙ୍ଗୀ ଚତୁର୍ଭୁଜା



ରାମ ଚନ୍ଦ୍ର ପ୍ରଧାନ

ଘେନ ମୋ ପ୍ରଣତି ହେ ମା' ସରସ୍ୱତୀ
କରୁଅଛି ଆଜି ଅଳି
ଅଜ୍ଞାନ ତିମିର କରିଦିଅ ଦୂର
ତୁମ କୃପା ଦେଇ ଢ଼ାଳି ।
ବ୍ରହ୍ମାଙ୍କ ନନ୍ଦିନୀ ବିଦ୍ୟା ପ୍ରଦାୟିନୀ
ତୁମେ ଅଟ କାଦମ୍ବରୀ
ଜଗତ ଜନନୀ ସରୋଜ ବାସିନୀ
ମାଆ ତୁମେ ଶୁକ୍ଳାମ୍ବରୀ ।
ଚିର ସନ୍ୟାସିନୀ ତ୍ରିଲୋକବାସିନୀ
ଶ୍ୟାମଳାଙ୍ଗୀ ଚତୁର୍ଭୁଜା
ସୌମ୍ୟା ସ୍ୱରୂପିଣୀ ହଂସ ବିହରଣୀ
ପଙ୍କଜ ଯୋନି ତନୁଜା ।
ମରାଳ ବାହିନୀ କଳୁଷ ନାସନୀ
ବୀଣାପାଣି ଭଗବତୀ
ଶ୍ୱେତ ପଦ୍ମାସନୀ ପୁସ୍ତକ ଧାରିଣୀ

ISSN NO.
2582-208X

ମହାଜ୍ଞାନୀ ଦୟାବତୀ ।
ଆସ ଅବତରି ଏ ମାୟା ମରତେ
ଜଳାଇ ଜ୍ଞାନର ଦୀପ
ହଟିଯାଉ ସବୁ ସଂସାରୁ କଳୁଷ
ଅଜ୍ଞାନତା ପାଉ ଲୋପ ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:9861638736

ISSN NO.
2582-208X

# ଧୋକା ଖାଇ ମୁଁ



ଚତରଂଜନ ବେହେର୍

ଧୋକା ଖାଇ ସମସ୍ତେ ମଦ କୁ ପିଇନ୍ତି
ହାତ କାଟି ଦିଅନ୍ତି ରାଗରେ......
ମୁଁ କିନ୍ତୁ ଧୋକା ପାଇବା ଦିନ ଠାରୁ
ଭର୍ତି ହୋଇଛି ଡାକ୍ତର ଖାନାରେ......!
ଭାବୁଥିବେ କେମିତି ହେଲା......
ଭୋଗ କରୁଛି ମୁଁ ପୂର୍ବ ଜନ୍ମ ରେ
ମୋ ଭାଗ୍ୟରେ ଯାହା ଥିଲା.....!!

ଦିନକ ଘଟଣା ଶ୍ରୀମତୀ ଙ୍କ ସହିତ
ଯାଇଥିଲୁ ଯାତ୍ରା ବୁଲି.....
ମୋ କାନ୍ଧ ରେ ହାତ ପକେଇ ଦେଲା
ମୋର ସମ୍ପର୍କୀୟ ଶାଳୀ......!
ଶ୍ରୀମତୀ ସେ କ୍ଷଣି ଗଲେ ବିଗିଡି......
ଜୋର୍ କରି ଧୋକା ଅଣ୍ଟା କୁ ମାଇଲେ
ତଳେ ମୁଁ ପଡ଼ିଲି ଗଡି.....!!

ସେଇ କ୍ଷଣି ଶ୍ରୀମତୀ ଭେନିଟ ବ୍ୟାଗ୍ ରୁ
ନିଜ ମୋବାଇଲ୍ କାଢି.....
କାନ୍ଦି କାନ୍ଦି ଆମ୍ବୁଲାନ୍ସ କୁ ଡାକି ଦିଅନ୍ତେ

ISSN NO.
2582-208X

ଆସିଲା ସାଇରନ ମାରି.....!
ମୋତେ ଦେଲେ ଆମ୍ବୁଲାନ୍ସ ରେ ଭରି......
ଶ୍ରୀମତୀ ଙ୍କ ହାତ ଗୋଡ ଉପରେ ଥିଲା
କୋଳରେ ଶୁଏଇ ଥିଲା ମୋ ଶାଳୀ......!!

କିଛି ବାଟ ଆମ୍ବୁଲାନ୍ସ ଅତକ୍ରମ ପରେ
ଶ୍ରୀମତୀ ରାଗରେ ଚଢ଼ି.....
ପଳା ପଳା କହି ମୋ ସୁନ୍ଦରୀ ଶାଳୀ କୁ
ଗାଡିରୁ ଦେଲେ କାଢ଼ି......!
ନେଇ ପକେଇଲେ ମୋତେ ବେଡ଼ ରେ.....
ହାଡ଼ ମୋର ଜମା ଯୋଡ଼ି ହେଇ ପାରୁନି
ଶ୍ରୀମତୀ ଙ୍କ ବଜ୍ରାଘାତ ରେ......!!

ବୌଦ୍ଧ
ମୋ - ୯୪୩୮୭୧୦୩୮୭

ISSN NO.
2582-208X

# ଏମିତି କିଛି



ଦୀପକ ନାୟକ

କେତେ ଥର ତୁମକୁ କହିଛି
ଦେଖ ମୋତେ , ନିରେଖି ଦେଖୁଥା
ଧାର ଧାର ଲୁହ ଟୋପେ କୁ ।
ନିଃସଙ୍କୋଚରେ ମାପିଦିଅ ମୋ ହୃଦୟ ର ସୀମା ସରହଦ
ଯାହା ଲମ୍ବିଛି ମୋ ଠାରୁ ତୁମ ଯାଏ ଏ ଯାବତ୍ ।

ଉହୁଁ, ତୁମେ କିନ୍ତୁ ସବୁଥର ପରି
ଏଥର ବି ନୀରବ ରେ।
ନିରବି ଗଲ ତୁମ ଇଚ୍ଛାରେ।
ମୋ ଇଚ୍ଛା କୁ ନିଜର କରିବାରେ ଏତେ କୁଣ୍ଠା କାହିଁକି ???
ସ୍ନେହର କି କିଛି ହାତ ଗୋଡ଼ ଅଛି
ଅଛି କିଛି ମାୟା କି ମୋହ ,
ଯେଉଁଠି ବି ବୁଣି ଦେଲେ ହସି ଉଠିବ କିଆରୀ କିଆରୀ।

ISSN NO.
2582-208X

ସଯତ୍ନେ ସାଇତା ସେ ଲାଜକୁଳୀ ଲତା,
ଛୁଇଁ ଦେଲେ ମୁଦି ହୋଇଯିବ ତୁମ ପ୍ରେମ ପରସ ରେ ।
ବଞ୍ଚିବାର ଗୋଟେ ଦୁରନ୍ତ ମୋହରେ ସେ ବି ପଥହରା।
ନୁହେଁ ତୁଳନୀୟ, ଭିଜା ଭିଜା ସ୍ୱପ୍ନ ରେ ବେଶ୍ ଅପାଶୋରା।।
କଳ୍ପନାର ଗୋଟେ ଦିଗହଜା ବୃନ୍ତରେ ସେ
ଶ୍ରଦ୍ଧା ସୁମନ ଟିଏ ।
ଆକାଶ ଛୁଆଁ ପ୍ରାପ୍ତି ର ଆଶାରେ କେବେ ମନ୍ମୟ, ତ କେବେ ତନ୍ମୟ ।

ଧର୍ମଶାଳା, ଯାଜପୁର

ISSN NO.
2582-208X

# ଆକାଶ ଦୀପ ଓ ଆମ ପରମ୍ପରା



ଲକ୍ଷ୍ମୀପ୍ରିୟା ବିଶ୍ୱାଳ

ଧର୍ମ ମାସ କାର୍ତ୍ତିକ । ଏହି ମାସ ରେ ବିଧବା ମହିଳା ଓ ଧର୍ମ ପରାୟଣା ମହିଳା ମାନେ ଭକ୍ତି ଓ ନିଷ୍ଠାର ସହ ପାଳନ କରିଥାନ୍ତି କାର୍ତ୍ତିକ ବ୍ରତ। ପ୍ରାତଃ ରୁ ଚଉରା ମୂଳରେ ରାଇ ଦାମୋଦର ପୂଜା କରିବା ସହିତ ସଂଧ୍ୟା ରେ ତୁଳସୀ ଚଉରା ମୂଳରେ ଜାଳିଥାନ୍ତି ଆକାଶ ଦୀପ।

କାର୍ତ୍ତିକ ମାସରେ ଚଉରା ମୂଳରେ ଆକାଶ ଦୀପ ଜାଳିବା ପରମ୍ପରା କାହିଁ କେତେ କାଳରୁ ଆମ ଓଡ଼ିଆ ସଂସ୍କୃତି ର ଏକ ଅଙ୍ଗ ଭାବେ ରହି ଆସିଛି । କାର୍ତ୍ତିକ ମାସରେ ଚଉରା ମୂଳରେ ଦୀପ ଜାଳିଲେ ଓ ସଂଧ୍ୟା ରେ ଆକାଶ ଦୀପ ଜାଳିଲେ ପୂର୍ବପୁରୁଷମାନେ ଖୁସି ହୋଇ ଆଶୀର୍ବାଦ କରନ୍ତି ଓ ଅଶେଷ ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି କାର୍ତ୍ତିକ ପୁରାଣରେ ଉଲ୍ଲେଖ ରହିଛି।

ଏକ ସିଧା ଲମ୍ବା ବାଉଁଶରେ ରଶି ଲଗାଯାଇ ପୋତା ଯାଇଥାଏ। ରଶିରେ ଏକ ସିକା ବନ୍ଧା ଯାଇ ତା ମଧ୍ୟରେ ଏକ ଛିଦ୍ର ଯୁକ୍ତ ମାଟି ହାଣ୍ଡି ରଖା ଯାଇଥାଏ। ହାଣ୍ଡି ଭିତରେ ବାଲି ଅଳ୍ପ ରଖାଯାଇ ସଂଧ୍ୟାରେ ପୂଜା କରା ଯାଇଥିବା ଜ୍ୱଳନ୍ତ ଘିଅ ଦୀପ ତା ମଧ୍ୟ ରେ ରଖାଯାଇ ହାଣ୍ଡିର ଘୋଡଣୀ ଦେଇ ରଶିରେ ହାଣ୍ଡି କୁ ବାଉଁଶ ଶୀର୍ଷ କୁ ଉଠାଯାଇଥାଏ । ବାଉଁଶ ଶୀର୍ଷରେ ରାତି ସାରା ହାଣ୍ଡି ଭିତରେ ଘିଅ ଦୀପ ଜଳୁଥାଏ । ହାଣ୍ଡିର ଛିଦ୍ର ଦେଇ ଦୀପର

ISSN NO.
2582-208X

ଆଲୋକ ଶିଖା ବହୁଦୂର ପର୍ଯ୍ୟନ୍ତ ଦେଖା ଯାଇଥାଏ । ଏହି ଆଲୋକକୁ ଦେଖି ପିତୃଲୋକ ମାନେ ବାଟ ଦେଖିପାରିଥାନ୍ତି ବୋଲି ବିଶ୍ୱାସ ରହିଛି।

ଆକାଶ ଦୀପକୁ ଲକ୍ଷ୍ମୀ- ନାରାୟଣ ଓ ରାଧା- ଦାମୋଦରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଥିବା ବିଶ୍ୱାସ କରାଯାଏ । ଆକାଶ ଦୀପ ଅନନ୍ତ ଆକାଶର ଚାରି ଦେବତାଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଏ ବୋଲି କୁହାଯାଏ । ଏହି ଦୀପ ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ଏକ ସଙ୍କେତ ପ୍ରଦାନ କରିଥାଏ । ଅତୀତରେ ସାଧବପୁଅ ମାନେ ବୋଇତରେ ଜାଭା, ସୁମିତ୍ରା ଦେଶକୁ ବେପାର ବଣିଜ କରି ସ୍ୱଦେଶ ପ୍ରତ୍ୟାବର୍ତନ କରିବା ସମୟରେ ଆକାଶ ଦୀପ ସାହାଯ୍ୟରେ ଦିଗ ଚିହ୍ନଟ ସହଜରେ ଜାଣି ପାରୁଥିଲେ । ଯାହା ଫଳରେ ସମୁଦ୍ର କୂଳକୁ ସହଜରେ ଫେରି ଆସି ପାରୁଥିଲେ । ସେହିପରି କାର୍ତ୍ତିକ ମାସରେ ବିଭିନ୍ନ ତୀର୍ଥକ୍ଷେତ୍ରକୁ ଯାତ୍ରା କରୁଥିବା ତୀର୍ଥଯାତ୍ରୀ ଆକାଶ ଦୀପକୁ ଲକ୍ଷ୍ୟ କରି ନିଜର ଲକ୍ଷ୍ୟସ୍ଥଳରେ ସୁବିଧାରେ ପହଞ୍ଚି ପାରୁଥିଲେ।

ଓଁ ନମୋ ଭଗବତେ ବାସୁଦେବାୟ

ସଂଗ୍ରାହିକା: ଲକ୍ଷ୍ମୀପ୍ରିୟା ବିଶ୍ୱାଳ
ଗ୍ରାମ, ମହୁ, ପୋଷ୍ଟ ମହୁ, ଥାନା-ଆଳ,
ଜିଲ୍ଲା, କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ସୁନେଲି କିରଣ



ସୂର୍ଯ୍ୟ ନାରାୟଣ ସାହୁ

କେହି କେହି ମତେ ଡାକନ୍ତି ସୁନିଲ,
କେହିତ ଡାକନ୍ତି ଭାଇ,
କେହି କେହି ଡାକନ୍ତି ସୂର୍ଯ୍ୟ ଭାଇ ପରା,
ଏତେ ଭଲ ଲାଗେ କାଇଁ ।

ଗାଁ ଲୋକ ପରା ସୁନିଲ ସୁନିଲ,
ପରିବାର ଲୋକ ବାବୁ,
ସାଙ୍ଗସାଥି ମାନେ ଯିଏ ଯାହା ଡାକନ୍ତି,
ଆହାଃ!! କି ମନଲୋଭା ।

ଜେଜେ ଡାକନ୍ତି ନାରାୟଣ ପରା,
ଅଜା ଡାକନ୍ତି କାଳିଆ,
ସାଙ୍ଗ ସାଥି ମାନେ ସୂର୍ଯ୍ୟ ଡାକନ୍ତି,
ଅଫିସ ରେ ତା ଭଲିଆ ।

ସ୍କୁଲ ରେ ଡାକନ୍ତି ସୂର୍ଯ୍ୟ ସାର୍ ପରା,
ସୂର୍ଯ୍ୟ ବୋଲି ଡାକେ କିରଣ,
ସୁନେଲି କିରଣ ସୂର୍ଯ୍ୟର ପରା ହେ,

ISSN NO.
2582-208X

ମନରେ ଉଠେ ପ୍ରଶ୍ନ ।
ସମସ୍ତେ ଡାକନ୍ତି ତୁମେ ତୁମେ ପରା,
ସେ ତୁମେ ର ମାନେ ନାହିଁ,
ତୁମେ ଯେବେ ଡାକ ତୁମେ ବୋଲି ଥରେ,
ଏତେ ଭଲ ଲାଗେ କାହିଁ ।

ଆସ୍କା, ଗଞ୍ଜାମ

ISSN NO.
2582-208X

# ସମ୍ମାନ

ବିନୟାନନ୍ଦ ବସ୍ତସ୍ୟ

ଯଦି କେହି କେବେ ଭାବୁଚି ଖରାପ
ଭାବୁଥାଉ ଭଲ କରି,
କେହି କି କାହାକୁ ଦେଉଛନ୍ତି କିଛି
ଭାବିକି ନ ଯାଆ ଡରି,
ସଫେଇ ନ ଦିଅ ଯାଇ,
ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କଲେ
କେହି ବି ଶୁଣିବେ ନାହିଁ

କାହାକୁ କୁହନା କାହା ଭୁଲ କେବେ
ଯିଏ ଯା କରୁଚି କରୁ,
ଭଲ ପାଇଁ ଯଦି କାହାକୁ ତିଆର
ଶତ୍ରୁ ହୋଇବ ମୂଳରୁ,
ଫାଣ୍ଡିକି ତିଆର ଥାଅ,
ଭଲ କରିବାକୁ ହୁଇଶିଲ ମାରି କିଏ। କି ଡାକିବ କହ ?

ତୁମକୁ ଯଦି ବା ଭୁଲ ନିନ୍ଦା କିବା
ଅପମାନ କିଏ କରେ,
ସାମ୍ନାରେ କରିଲେ ଉପଯୁକ୍ତ କଥା
କହି ରୁହ ନୀରବରେ,
କହିବା ଲୋକ ବାହାରେ,
ବୁଲି ବୁଲି ତାହା ପ୍ରଚାର କରିବ
ତୁମ ନାମ ଯତନରେ।

ISSN NO.
2582-208X

କାହାକୁ ସଫେଇ ଦେବା କି ନିଜକୁ
ନିର୍ଦ୍ଦୋଷ ବୋଲି କହିବା,
ଖଳ ଲୋକଙ୍କର ପ୍ରକୃତି ଅଟଇ
ଅପରକୁ ନିନ୍ଦା ଦେବା,
ନ ଭାବ ନ୍ୟୁନ ନିଜକୁ,
ସନମାନ ଜଗି ଚଳ ଏ ସଂସାରେ
ସମ୍ମାନ ଦେଇ ଅନ୍ୟକୁ ।

ନଆଳ, ଖୋର୍ଦ୍ଧା

ISSN NO.
2582-208X

# ଭୁବନେଶ୍ୱରରୁ କୋରାପୁଟ ରେଳ ଯାତ୍ରା



ଯଯାତି କେଶରୀ ମହାକୁଡ଼

ଯାତ୍ରା ଆରମ୍ଭ ଭୁବନେଶ୍ୱରରୁ
ବିଦ୍ୟୁତ ଚାଳିତ ରେଳରେବ୍।
ନାମଟି ତାହାର ହୀରାଖଣ୍ଡ ରେଳ
ଚାଲୁଥାଏ ନିତି ରାତିରେବ୍।
ନାଲି ରଙ୍ଗରେ ତା ଦେହକୁ ସଜେଇ
ଚାଲୁଥାଏ ଅବିରତ ଗତିରେବ୍।
କେତେ ରହଣି ସ୍ଥଳକୁ ଅତିକ୍ରମ କରି
ମାଡ଼ିଚାଲିଥାଏ ଆଗରେବ୍।
ଭୁବନେଶ୍ୱରରୁ ରେଳ ଯାତ୍ରା ଆରମ୍ଭ କରିସେ
ବିଶ୍ରାମ ନିଏ ଜଗଦଳ ପୁରରେ ।
ଚିଲିକା ହ୍ରଦର ପାଦ ସ୍ପର୍ଶ କରି
ଚାଲିଥାଏ ଆଶୀର୍ବାଦ ନେଇରେ ।
କେତେ କେତେ ନଦୀ ଅତିକ୍ରମ କରି
ଚାଲୁଥାଏ ନଦୀ ପୋଲ ଉପରେ ।
ତିନୋଟି ରାଜ୍ୟରେ ପାଦ ଥାପି ସିଏ
ଚାଲିଥାଏ ନିଜ ଗନ୍ତବ୍ୟ ସ୍ଥଳର ସନ୍ଧାନରେ ।
କେତେ ପାହାଡ଼ ପର୍ବତ ବକ୍ଷ ଚିରିସେ
ଚାଲିଥାଏ ନିଜ ଇଚ୍ଛାରେ ।

ISSN NO.
2582-208X

କେତେ ସୁଡ଼ଙ୍ଗ ମଧ୍ୟରେ ପ୍ରବେଶ କରିସେ
ବାହାରଇ ସୁଡ଼ଙ୍ଗ ଶେଷରେ ।
ହୀରାଖଣ୍ଡ ରେଳ ଚାଲୁଥାଏ କେତେ
ପ୍ରକୃତିର ପାଦ ଦେଶରେ ।
ପ୍ରକୃତି କୋଳରେ ରେଳ ଧାରଣାଟି
ପଡ଼ିଥାଏ ଅଙ୍କା ବଙ୍କାରେ ।
କେତେ ନଦୀ, ପାହାଡ଼କୁ ସିଏ ପଛରେ ପକାଇ
ଚାଲୁଥାଏ ଅବିରତ ଗତିରେ ।
କେତେ ରହଣି ସ୍ଥଳକୁ ଅତିକ୍ରମ କରି
ପହଞ୍ଚଇ କୋରାପୁଟ ଷ୍ଟେସନରେ ।

ଗ୍ରାମ:- ମଇତାପୁର
ଜିଲ୍ଲା:- ବାଲେଶ୍ୱର
ଭ୍ରାମ୍ୟଭାଷ :- ୭୩୮୧୨୭୦୨୦୯

ISSN NO.
2582-208X

# କଣ ମୁଁ ଯାଇ ପାରୁଛି ବହୁ ଦୂରକୁ

ଅନନ୍ତ ପ୍ରସାଦ ପ୍ରଧାନ

ଏ ଜୀବନ ଯେବେ ନିଆଳି ଲଟା ହୋଇଯାଏ
ଆଉ ଏକ ବୃକ୍ଷର ସାହାରା ଖୋଜେ
ସେତେବେଳେ କୀଟ ପତଙ୍ଗର ଶବ୍ଦ
ତାକୁ ବିଚଳିତ କରିଦିଏ
ତାକୁ ଲାଗେ ସେମାନେ ତାକୁ ପରିହାସ କରୁଛନ୍ତି ।
ଭାବେ ବହୁ ଦୂରକୁକ୍ ଚାଲିଯିବାକୁ
କିନ୍ତୁ ସୂତା କ୍ଷିଅ ପରି ଛନ୍ଦି ହୁଏ
ମୁକୁଳିବା ହିଁ କଷ୍ଟ ।
ମନକୁ ଶାନ୍ତ କରିବାକୁ ଯାଏ ସାଗରର ବେଳାଭୂମିକୁ
ସେଠି ଦେଖେ ସାଗରର ଲହରୀ ଗଢା ହୋଇଥିବା
ବାଲିଘର ଭାଙ୍ଗେ
ଦେଖେ ତାର ଶୀତଳ ପବନ ଆଉ ଯାତ୍ରୀମାନଙ୍କର ଖୁସି ।
ପୁଣି ଦେଖେ ସ୍ୱାଦହୀନ ଲୁଣିଆ ଜଳ
ଏ ସବୁ କଣ ତା ଜୀବନକୁ ସ୍ୱାଦିଷ୍ଟ କରିପାରିବ ।
ପୁଣି ଫେରିଆସେ ବୃକ୍ଷ ମୂଳକୁ
ମୁହଁ ପୋତି ଚକ୍ଷୁ ରୂପକ ସାଗରରୁ ଲୁଣି ଜଳ ଗଢାଏ
ଲହରୀର ଗର୍ଜନ ଶବ୍ଦ ପରି ମନର କୋହ ଶରୀରକୁ ଥରାଏ ।
ଯେତେବେଳେ ଆଖିର ଜଳ ଅଧର ସ୍ପର୍ଶ କରେ
ଚକ୍ଷୁ ଦୁଇଟି ବୁଝି ହୋଇଯାଏ ।
ନିଦ୍ରାରୁ ଉଠିଲା ବେଳକୁ ବହୁ ଦୂରକୁ ଯିବାକୁ ସାମର୍ଥ୍ୟ ନଥାଏ ।

ବ୍ରହ୍ମପୁର

ISSN NO.
2582-208X

# ଗରିବର ଲୁହ



ରେଖାରାଣୀ ବାରିକ୍

କଲମ ମୁନରେ ଆଙ୍କି ହେଇଯାଏ ଅନେକ କାହାଣୀ। କିଛି ସୁଖର କାହାଣୀ ଥାଏ ତ ଆଉ କିଛି ଦୁଃଖର। ସୁଖର କାହାଣଟି ମନକୁ ଆନନ୍ଦ ଦେଉଥିଲା ବେଳେ ଦୁଃଖର କାହାଣୀଟି ଶୁଣିଲେ ଆଖିରୁ ଲୋତକ ଝରି ପଡୁଥାଏ । ସେହିପରି ଏକ କାହାଣୀଟିଏ –

ଗୋଟିଏ ଗ୍ରାମର ଗରିବ ପରିବାରଟିରେ ବାପା, ମାଆ, ଦୁଇଝିଅ ଓ ପୁଅଟିଏ ଏଇ ପାଞ୍ଚଜଣକୁ ନେଇ ପରିବାରଟି। ଗରିବ ବାପାଟି ଦିନ ମଜୁରିଆ। ଖଟିକି ପିଲା ତିନି ଜଣଙ୍କୁ ମଣିଷ କରିବା ପାଇଁ ଚେଷ୍ଟା କରିଛି। ପୁଅଟି ସାନ ବୋଲି ବାପାର କାନ୍ଧରେ କାନ୍ଧ ମିଳାଇ ପାରିନାହିଁ। ଝିଅ ଦୁଇଟି ପାଠ ପଢ଼ି କେମିତି ବାପା, ମାଆଙ୍କର ନାଁ ରଖିବେ ସେଥିପାଇଁ ଦୁଇ ଭଉଣୀ ଚେଷ୍ଟିତ। ଗରିବ ବାପାଟିର ନାମ ନରୁ, ସେ ଦିନ ମଜୁରିଆ ହେଲେ ମଧ୍ୟ ପିଲା ତିନି ଜଣଙ୍କର କୌଣସି ଅଭାବ ରଖିବା ପାଇଁ ଦିଅନ୍ତି ନାହିଁ। ବେଳେ ବେଳେ ନରୁ ଦୁଃଖ ସହି ନ ପାରି ଲୁଚି ଲୁଚି କାନ୍ଦି ପକାଏ।ଘରେ ବଢ଼ିଲା ଝିଅ ଦୁଇଟି ବାପାର ମୁଣ୍ଡରେ ବୋଝ ହେଇ ଅଛନ୍ତି। ତା ସହିତ ଗାଁ ଲୋକ ମାନଂକର ହିଂସା କି ଝିଅ ଦୁଇଟି ବହୁତ ପାଠ ପଢ଼ିଛନ୍ତି। ଗାଁ ଲୋକ ମାନଂକ ଆଖିକୁ ଯାଉ ନାହିଁ। ନରୁ ଗାଁର କାହାରି ଘରକୁ ଗଲେ ସେମାନେ ଆରମ୍ଭ କରି ଦିଅନ୍ତି ତାଙ୍କ ଭାଗବତ – "ଘରେ ବଢ଼ିଲା ଝିଅ ଦୁଇଟାଙ୍କୁ କଣ ପାଇଁ ବାହାଘର ନ କରି ରଖିଛୁ, ଏତେ ପାଠ ପଢ଼ି କଣ କରିବେ ସେଇ ଚୁଲି ମୁହଁକୁ ଯିବେ।" ଏମିତି କଥା ନରୁ ଶୁଣିଲା ପରେ ଘରକୁ ଆସି ସ୍ତ୍ରୀ ଗଙ୍ଗା ସହ ଝଗଡ଼ା କରେ। କାହିଁକି ନା ଗୋଟେ ସ୍ୱାମୀ ତାର ସବୁ ରାଗକୁ ସ୍ତ୍ରୀ ଛଡ଼ା ଆଉ କାହା ଉପରେ ଶୋଧି ପାରେ

ISSN NO.
2582-208X

ନାହିଁ। ସେଥିପାଇଁ ଯେତେ ଯାହା ଉପରେ ରାଗ ଥିଲେ ସେ ତା ସ୍ତ୍ରୀ ଉପରେ ଗାଳି ଆଉ ମାଡ଼ ଦ୍ୱାରା ଶୋଧି ଦେଇଥାଏ। ଗାଁର ଲୋକ ଦେଖୁଥିଲେ ବି କେହି ଆସି ପ୍ରତିବାଦ କରନ୍ତି ନାହିଁ । ଗାଁର ଲୋକ ମାନେ କେବେ କାହାର ଖୁସି ଦେଖନ୍ତି ନି କେବଳ ତାଙ୍କର ମନ୍ଦ ହିଁ ଚିନ୍ତା କରନ୍ତି। କାହା ଘରେ ଯଦି କଳି ଲାଗିଥିବ ତାକୁ ସମାଧାନ ନ କରି ଠିଆ ହେଇ ଦେଖୁଥିବେ, ଦେଖିବା ଲୋକ ବହୁତ୍ କିନ୍ତୁ କେହି ପ୍ରତିବାଦ କରନ୍ତି ନାହିଁ । ନିଆଁ କୁ ଲିଭାଇବା ବଦଳରେ ନିଆଁରେ ଘିଅ ଢାଳିବା କାମ କରନ୍ତି ।

ଗ୍ରାମର ସମସ୍ତଙ୍କ ଅପେକ୍ଷା ନରୁ ହିଁ ଅଧିକ ଗରିବ ଥିଲା। କାହିଁକି ନା ସେ ଛନ୍ଦ କପଟ କାହା ସହ କରେ ନାହିଁ। କାହାକୁ ଚଢ଼ା ଗଳାରେ ଦୁଇପଦ କଥା ବି କହେ ନାହିଁ। ଗ୍ରାମର ଲୋକ ମାନେ ନରୁର ସରଳତାର ଫାଇଦା ଉଠାନ୍ତି। ନରୁ କାମକୁ ଗଲେ ସବୁଠାରୁ କଷ୍ଟ କାମ କରିବାକୁ ତାକୁ ହିଁ ଦିଅନ୍ତି । ଆଉ କିଛି ଲୋକ ଅଳ୍ପ ପଇସାରେ ତା ପାଖରୁ ଅଧିକ କାମ ହାସଲ କରି ନିଅନ୍ତି । ସେଥିପାଇଁ ତ କୁହାଯାଇଛି - "ଦୁର୍ବଳ ଉପରେ ସବଳର ଅତ୍ୟାଚାର" । ନରୁ ସବୁ ସହିଯାଏ କିନ୍ତୁ କିଛି ପ୍ରତିବାଦ କରେ ନାହିଁ। ନିଜର ଦୁଃଖକୁ କାହାକୁ ଜଣାଏ ନାହିଁ। ସେ ସବୁବେଳେ ଠାକୁରଙ୍କୁ ଡାକେ ଆଉ ଧର୍ମକୁ ସାକ୍ଷୀ ରଖେ ।

ନରୁ ଯେତେବେଳେ ୯ ବର୍ଷର ହେଇଥିଲା ସେତେବେଳେ ତା ବାପା ଆର ପାରିକୁ ଚାଲି ଯାଇଥିଲା । ସେହି ଦିନଠୁ ସେ ଆଜି ପର୍ଯ୍ୟନ୍ତ ପରିଶ୍ରମ କରି ଆସିଛି। ଯେଉଁ ବୟସରେ ସେ ହାତରେ କଲମ ଧରିବା କଥା ସେ ହାତରେ ଧରିଛି କୋଦାଳ।ଯେଉଁ ବୟସରେ ସେ ବାପା ମାଆଙ୍କର ସ୍ନେହ ପାଇବା କଥା ସେ ପାଇଛି ଭାଇ ଭାଉଜଙ୍କ ଗାଳି ଆଉ ଅତ୍ୟାଚାର। ସେହିଦିନ ଠାରୁ ଆଜିକୁ ୬୬ ବର୍ଷ ହେଲାଣି ସେ ଖଟି ଆସୁଛି। ରକ୍ତ ମାଂସର ଶରୀର କେତେ ବା ସହିବ।ସେ ପ୍ରଥମେ ପ୍ରଥମେ ବିଭିନ୍ନ ପ୍ରକାର ବେପାର କରୁଥିଲା- ଅଦା, ରସୁଣ, ପରିବା ବେପାର ଆଦି। ସବୁ ବେପାରକୁ ଲୋକ ମାନେ ବୋଡ଼େଇ ଦେଇଛନ୍ତି । ନିଜେ ନ ଖାଇ ଗରିବ ଭୋକିଲା ଲୋକ ମାନଙ୍କୁ ସେ ଖୋଆଇଛି। ତଥାପି ଭଗବାନ ନିଷ୍ଠୁର ଭାବରେ ନରୁକୁ କଷ୍ଟ ଉପରେ କଷ୍ଟ ଦେଇ ଚାଲିଛନ୍ତି।

ISSN NO.
2582-208X

ଦିନେ ନରୁ ବିଲରେ ଧାନ କାଟୁ କାଟୁ ଏହି ସବୁ କଥା ଭାବୁଥିଲା। ଖୋଲା ଆକାଶ ତଳେ ଠିଆ ହୋଇ ଉପରକୁ ହାତ ଯୋଡ଼ି ଭଗବାନଙ୍କୁ କହିଛି -"ହେ ଭଗବାନ! ଏଇ ଶରୀରକୁ କେତେ ଆଉ ଦୁଃଖ ଦେବୁ, କେତେ ଯନ୍ତ୍ରଣା ଦେବୁ, କେତେ କଷ୍ଟ ଦେବୁ, କେତେ ଆଉ ଏ ଆଖିରୁ ଲୋତକ ଝରେଇବୁ।ଏଇ ଗରିବର ଦୁଃଖ ଆଉ ଲୁହର କଣ ଅନ୍ତ ନାହିଁ" ?

ଭୋଗପୁର, ଖଇରା, ବାଲେଶ୍ୱର
ମୋ - ୮୪୫୭୮୮୦୯୩୯

ISSN NO.
2582-208X

# ଶ୍ରୀ ଅଞ୍ଜନେୟ ମଙ୍ଗଲାଷ୍ଟକମ୍



ଅଭିଲାଷ ବାରିକ୍

ଓଁ କପିଶ୍ରେଷ୍ଠାୟ ଶୂରାୟ ସୁଗ୍ରୀବପ୍ରିୟମନ୍ତ୍ରିଣେ।
ଜାନକୀଶୋକନାଶାୟ ଆଞ୍ଜନେୟାୟ ମଙ୍ଗଲମ୍ ॥ ୧॥

ମନୋବେଗାୟ ଉଗ୍ରାୟ କାଲନେମିବିଦାରିଣେ ।
ଲକ୍ଷ୍ମଣପ୍ରାଣଦାତ୍ରେ ଚ ଆଞ୍ଜନେୟାୟ ମଙ୍ଗଲମ୍ ॥ ୨॥

ମହାବଲାୟ ଶାନ୍ତାୟ ଦୁର୍ଦଣ୍ଡୀବନ୍ଧମୋଚନ।
ମୈରାବଣବିନାଶାୟ ଆଞ୍ଜନେୟାୟ ମଙ୍ଗଲମ୍ ॥ ୩॥

ପର୍ବତାୟୁଧହସ୍ତାୟ ରାକ୍ଷଃକୁଲବିନାଶିନେ।
ଶ୍ରୀରାମପାଦଭକ୍ତାୟ ଆଞ୍ଜନେୟାୟ ମଙ୍ଗଲମ୍ ॥ ୪॥

ବିରକ୍ତାୟ ସୁଶୀଲାୟ ରୁଦ୍ରମୂର୍ତ୍ତିସ୍ୱରୂପିଣେ ।
ରଷିଭିସ୍ସେବିତାୟାସ୍ତୁ ଆଞ୍ଜନେୟାୟ ମଙ୍ଗଲମ୍ ॥ ୫॥

ଦୀର୍ଘବାଲାୟ କାଲାୟ ଲଙ୍କାପୁରବିଦାରିଣେ ।
ଲଙ୍କୀଣୀଦର୍ପନାଶାୟ ଆଞ୍ଜନେୟାୟ ମଙ୍ଗଲମ୍ ॥ ୬॥

ISSN NO.
2582-208X

ନମସ୍ତେଽସ୍ତୁ ବ୍ରହ୍ମଚାରିନ୍ ନମସ୍ତେ ବାୟୁନନ୍ଦନ।
ନମସ୍ତେ ଗାନଲୋଲାୟ ଆଞ୍ଜନେୟାୟ ମଙ୍ଗଳମ୍ ॥ ୭॥

ପ୍ରଭବାୟ ସୁରେଶାୟ ଶୁଭଦାୟ ଶୁଭାତ୍ମନେ।
ବାୟୁପୁତ୍ରାୟ ଧୀରାୟ ଆଞ୍ଜନେୟାୟ ମଙ୍ଗଳମ୍ ॥ ୮॥

ଆଞ୍ଜନେୟାଷ୍ଟକମିଦଂ ଯଃ ପଠେତ୍ସତତଂ ନରଃ।
ସିଦ୍ଧ୍ୟନ୍ତି ସର୍ବକାର୍ଯ୍ୟାଣି ସର୍ବଶତ୍ରୁବିନାଶନମ୍ ॥ ୯॥

ଇତି ଶ୍ରୀଆଞ୍ଜନେୟ ମଙ୍ଗଳାଷ୍ଟକମ୍ ସମ୍ପୂର୍ଣ୍ଣମ୍

ନାମତାର୍, ରାଜକନକା

ISSN NO.
2582-208X

# ତୁମରି ନାମରେ ସକାଳ ଆରମ୍ଭ



ଜନ୍ମେଜୟ ନାୟକ

ତୁମରି ନାମରେ ସକାଳ ଆରମ୍ଭ
ସଞ୍ଜ ଆଳତିରେ ତୁମେ,
ଶୟନେ ସପନେ ଅବା ଜାଗରଣେ
ଭିଜେ ପରା ତୁମ ପ୍ରେମେ ।

ମୋ ମନ ମନ୍ଦିରେ ହୃଦୟ କନ୍ଦରେ
ସାଇତିଛି ତୁମ ଛବି,
ତୁମ ଇଙ୍ଗିତରେ ଲଲାଟ କଷଣ
ସହୁଛି ମୁଁ ସହିଯିବି ।

ଜୀବନ ଜଞ୍ଜାଳ ନାହିଁ ଥଳକୂଳ
ସାଜିଣ ତୁମେ ନାଉରୀ,
ଭବ ସାଗରରୁ ଉଦ୍ଧାର କରହେ
ପ୍ରଭୁ ନୀଳାଦ୍ରି ବିହାରୀ ।

ଅପଲକ ନେତ୍ରେ ବସିଛ ଶ୍ରୀକ୍ଷେତ୍ରେ
ବୋଲାଉଛ ଦୀନବନ୍ଧୁ,

ISSN NO.
2582-208X

ରୋଗୀଦୁଃଖୀଙ୍କର ଯାତନା ହରିଣ
ତୁମେ କରୁଣାର ସିନ୍ଧୁ ।

ମହାବାହୁ ଛାୟା ଆଶ୍ରୟର ରାହା
ବାଇଶି ପାହାଚେ ବସି,
ମୁକତି ଲଭିବି ତୁମ ନାମ ଧରି
ସକଳ ପାତକ ନାଶି ।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ମଗୁଶିର ଗୁରୁବାର ମହାଲକ୍ଷ୍ମୀଙ୍କର


ଅଳକା ବାରିକ୍

ଦୁଃଖ ନାଶିନି ମା ଜଗତ ଜନନୀ
ଭୁକ୍ତି ମୁକ୍ତି ପ୍ରଦାୟିନି ।
ନମୋ ନାରାୟଣୀ ଦେବୀ କମଳିନୀ
ନାରାୟଣଙ୍କ ଘରଣୀ ।।
ମଗୁଶୁର ମାସ ପ୍ରତି ଗୁରୁବାରେ
ସାରା ଜଗତ ଭ୍ରମଣୀ ।
ଧର୍ମ ଅର୍ଥ କାମ ତ୍ରିବର୍ଗ ଦାୟିନୀ କମଳା ଜଗଜନନୀ ।।
ମୋକ୍ଷଦାତା ହରି ବୈକୁଣ୍ଠ ବିହାରୀ
ଦେବଙ୍କ ମନୋହାରିଣୀ।
ଜୟ କମଳିନୀ ସନ୍ତାନ ବତ୍ସଲା
ଘେନ ମୋହର ଦୟିନୀ ।।

ଅଳକା ବାରିକ୍
ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଜରାଶ୍ରମ



ପ୍ରକାଶ ଚନ୍ଦ୍ର ପଣ୍ଡା

ଏଇ ଏକା ସାଥୀ ମୋର
ଶେଷ ସମୟର
ଲୋଡା ନାହିଁ ପୁଅ ଝିଅ
ବନ୍ଧୁ ସହୋଦର ।
ଜାଣି ନାହିଁ ଦିନେ ମୋର
ସାଥୀ ଅଶ୍ରୁଧାର
ଶେଷ ସମୟରେ ହେବ
ମୋର ସହଚର ।
ଦିନ ରାତି ଯାଏ କଟି
କହି ମୋର ମୋର
ଏବେ ବୁଝେ ଏହି ଥିଲା
ମୋ ମିଛ ସଂସାର ।
ଯେଉଁଠାରେ ନାହିଁ ସ୍ଥାନ
ଏବେ ଆଉ ମୋର
ପୁଅ ଆଉ ଆଗ ପରି
ଡାକେ ନାହିଁ ବାପା
ବୁଢା ବୋଲି କହେ ଏବେ
କଥା ବକା ସିଧା
ବୋହୁ କହେ ତୁମ ବାପା

ISSN NO.
2582-208X

ମୁଣ୍ଡ ଖାଏ ମୋର
ସବୁବେଳେ ଚିଡି ଚିଡା
ରକ୍ଷ ବ୍ୟବହାର ।
ଜନ୍ମ ଅଛି ଦିନେ ମୃତ୍ୟୁ
ହୋଇବ ମୋହର
ମୋହ ତ୍ୟାଗ କରି ଏବେ
ଛାଡି ପରିବାର ।
ଥିବା ଯାଏ ପ୍ରାଣେ ପିଣ୍ଡ
ସାଥୀ ଜରାଶ୍ରମ
ଦିବା ନିଶି ଧରେ ବସି
ତୁଣ୍ଡେ ହରିନାମ ।
ଏଥିଲା କାହାଣୀ ମୋର
ଯାହା ଧ୍ରୁବସତ୍ୟ
ସ୍ୱାର୍ଥସାନ୍ଧ ମଣିଷ ଏ
ଖାଲି ମିଛ ଆଉ ମିଛ ।
ସମୟର ଋତୁଚକ୍ର
ବଦଳିବ ଦିନେ
ଆଜି ମୁଁ ଏ ସ୍ଥାନରେ
କାଲି ଥିବ ତୁମେ ।
ଯଦି କେହି ବୃଦ୍ଧ ଜନେ
କର ଅବିଚାର
ଜରାଶ୍ରମ ଅଛି ଖୋଲା
ସାଥୀ ହେବ ତାର
ସାଥି ହେବ ତାର..........

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ଗାଆଁ ଆଉ ଶୀତ



ଅନନ୍ତ କୁମାର

ସତରେ ଗାଁ ଶବ୍ଦଟି ଶୁଣିଦେଲେ ଯିଏ ଯେଉଁଠି ଥାଉ ନା କାହିଁକି ତା ଆଖି ସାମ୍ନାରେ ଛୋଟ ବେଳୁ ଏ ଯାଏଁ ଗାଁର ଟିକି ନିକି ଘଟିଥିବା ଘଟଣା ଏବଂ ପ୍ରତେକଟି ଛବି ଝଲସି ଯାଏ ଆଉ ମନ ଭିତରେ କେତେ କଥା ମନକୁ ଆସି ଫେରିଯାଏ । ପ୍ରତେକଟି ଋତୁ ପ୍ରତେକଟି ପର୍ବ ଗାଁ ରେ ନିଆରା, ଶରତର ପରେ ପରେ ଶୀତ ଥିରି ଥିରି ପାଦ ପକାଇ ଆସେ ଏ ଧରା ବକ୍ଷକୁ ଆଉ ସମସ୍ତଙ୍କୁ ଭିଜେଇ ଦିଏ ତା ଟୋପା ଟୋପା କାକର ବିନ୍ଦୁରେ। ଗାଁ ଆଉ ଶୀତ ସତେ ଯେପରି ଦୁଇ ଭାଇ ଜଣେ ଜଣଙ୍କ ବିନା ଅଧୁରା, ସଂନ୍ଧ୍ୟା ହେଇ ଆସିଲେ ରବିର କିରଣ ଧିରେ ଧିରେ ନିସ୍ତେଜ ହେଇଯାଏ ଚନ୍ଦ୍ରମା ଧୀରେ ଧୀରେ ଶୀତଳ କିରଣ ଧରି ମାଡି ଆସେ । ସବୁଜ କ୍ଷେତରେ ପରିପୂର୍ଣ୍ଣ ଥିବା ଛୋଟ ଗାଆଁ ଟିକୁ ଯେତେ ରାତି ବଢୁ ଥାଏ ଛୋଟ ଗାଁ କୋଳାହଳ ଶୂନ୍ୟ ହେଇଯାଏ । ଶୀତ ଆସିଲେ ଗାଁ କୁ ସମସ୍ତଙ୍କୁ ଥରାଇ ଦିଏ ତା ସ୍ପର୍ଶରେ ଆଉ ଦେହକୁ ଢାଙ୍କି ଦେଇ ଥାଏ ଶୀତ ବସ୍ତ୍ର । ସତରେ ଶୂନ ଶାନ ରାତିରେ ଗାଁ ବିଲ ବାଡି ସବୁ କାକର ଟୋପା ଆଉ କୁହୁଡ଼ିରେ ଏତେ ଧବଳ ମୟ ଦିଶେ ତାହା କଳ୍ପନାର ବାହାରେ । ଅନ୍ଧକାର ଶୀତୁଆ ରାତିରେ କେବଳ ଗାଁରେ ବ୍ୟବହୃତ ଲଣ୍ଠନ ଏକ ମାତ୍ର ବାଟ ଦେଖେଇବାର ସାହା ଭରସା । ଯେବେ ରାତି ପାହି ପାହି ଆସେ ଶୀତ ଆହୁରି ଥରାଏ ଆଉ କାକର ବିନ୍ଦୁ ଠପ ଠପ ହେଇ ମାଟିରେ ପଡି ଭିଜାଏ । ଆଉ ରାତି ପାହି ଯେବେ ଗାଁ ର ସକାଳ ଆସେ ବିଲ ବାଡି କୁହୁଡ଼ି ମୟ ହେଇ ବୁଢିଆଣୀ ବସାର ଜାଲ ପରି ସଜେଇ ହେଇ ଧାନ କ୍ଷେତରେ ଏଣେ ତେଣେ ପଡିଥାଏ । କି ସୁନ୍ଦର ମନହୋର ଦୃଶ୍ୟ

ISSN NO.
2582-208X

ସେ ସମୟରେ କହିଲା ବେଳକୁ ମନ ପ୍ରଫୁଲ୍ଲିତ ହେଇ ଉଠୁଛି। ଆଉ ମନ ଚାହୁଁଛି ସେହି ଗାଁ କୁ ଫେରି ଯାଆନ୍ତି ସେହି ସମୟକୁ ଫେରି ଯାଇ ସବୁ ଦେଖନ୍ତି, ଶୀତ ସକାଳ ଆଉ ଗାଁ ସତରେ ଏକ ନିଆରା ଯୋଡି ଶୀତ ସମୟରେ,

ତିହିଡି, ଭଦ୍ରକ,
ଯୋଗାଯୋଗ -୮୩୩୯୯୩୯୯୨୯
କାର୍ଯ୍ୟକାରୀ ସମ୍ପାଦକ,
ଜାତୀୟ କବି ଲେଖକ ସଂଗଠନ

ISSN NO.
2582-208X

# ବୋଉ



ଶିବରାମ ସାହୁ

" ବୋଉ "

ତୋ କଥା ଆଜି ଭାରି ମନେପଡୁଛି
ସୁଖଃର ଦୁଃଖର ଘଡିରେ
ଆଜି ମୋ ପାଖରେ ତୁ ନାହୁଁ
କି ନାହିଁ ତୋର ଦୂରଦର୍ଶୀ ଚକ୍ଷୁ
ମାନୁଛି ବିଳମ୍ବରେ ହେଲେପଛେ
ତୁ ପୁଣି ଫେରିବୁ ତୋ ପୁଅ ପାଖକୁ
ସମସ୍ତ ଜଞ୍ଜାଳ ଓ କର୍ତ୍ତବ୍ୟ ସାରି
ହେଲେ ମୁଁ ବା କରିବି କଣ ?
ତୁ ମୋ ପାଖରେ ନଥିଲେ
ଜମା ଭଲ ଲାଗୁନିଗ
ତୋ ଗୀତ ଗପ ଆଉ
ତୋ ମମତାର ପଣତ
ତୋ ହାତ ରନ୍ଧା ଆଉ
ଆଦରର ଢେଗ
କାହିଁକି ମୋ ଏକେଲା ପଣର
ଫାଇଦା ଉଠାନ୍ତି ସବୁବେଳେ
ଏବେଏବେ ପରା ଆସିଥିଲୁ ତୁ

ISSN NO.
2582-208X

ଏଇନେ ପୁଣି ଚାଲି ଗଲୁ ଗାଆଁକୁ
କେବେ ପୁଣି ଫେରିବୁ ଜାଣିନି
ତୁ କଣ ଜାଣିନୁ ତୋର ଏ ପାଗେଳାଟା
ତୋ ଗାଳି ନ ଶୁଣିଲେ ସୁଧୁରିବନି କି
ବାପାଙ୍କଠୁ ଅଧିକ ତୋତେ ବୁଝିବନି
ପୁଣି କେବେ ଯେ ତୋ କୋଳରେ
ହାତ ଥାପୁଡାଇ ଶୁଆଇ ଦବୁ
ମୋ ନିଦ୍ରାକ୍ତ ପଲକକୁ ତୋରି ହାତରେ ଆଉଁସି
ଥିବୁ
କେମିତି ସମ୍ଭାଳିବି ବୋଉ ନିଜେ ନିଜକୁ
ବୁଝାପାଉନି ଭାରି କଷ୍ଟ ହଉଛି
ତତେ କହିପାରୁନି କାରଣ
ତୁ ମୋତେ ଆଜି ଛାଡିକି ଯାଇଅଛୁ, ଆଉ
ମୋଠାରୁ ଅନେକ ଦୂରରେ ରହିଛି
ତୋର ଦୁର୍ଲ୍ଲଭ ମମତା ଓ ଅସରନ୍ତି ସ୍ନେହ ॥

ଆର.କେ.କଲୋନୀ
ନବରଂଗପୁର-୯୯୩୭୬୫୩୩୬୧

ISSN NO.
2582-208X

# ସୂର୍ଯ୍ୟମୁଖୀ

ରୋହିତ କୁମାର

ସମସ୍ତେ କହନ୍ତି ମୁଁ କୁଆଡେ ବହୁତ ସୁନ୍ଦର !!

ସେମିତି ନାଇଁ କି ଏବେ ମୁଁ ମୋର ପ୍ରାପ୍ତ ବୟସରେ ସମସ୍ତଙ୍କୁ ସୁନ୍ଦର ଲାଗୁଚି, ଲୋକେ କହନ୍ତି ଯେତେବେଳେ ମୁଁ କଡ ଥିଲି ଭଲ ଭାବରେ ପ୍ରସ୍ଫୁଟିତ ବି ହେଇନଥିଲେ ସମସ୍ତେ କୁଆଡେ ମୋତେ ଅପେକ୍ଷା କରିଥିଲେ ଫୁଟିବାକୁ !! ସମସ୍ତେ ଜାଣିଥିଲେ ମୁଁ ସୁନ୍ଦର ହିଁ ହେବି । ଦୁନିଆରେ ସମସ୍ତେ ମୋତେ ପସନ୍ଦ କରନ୍ତି ହେଲେ ମୁଁ କେବଳ ତାଙ୍କୁ ହିଁ ପସନ୍ଦ କରେ ଜାଣେନି ତାଙ୍କୁ ମୁଁ ପସନ୍ଦ କି ନାଇଁ !! ଯେବେଠୁ ମୁଁ କଢରୁ ଫୁଟିଛି ତାଙ୍କୁ ମୁଁ ସବୁଦିନ ସବୁବେଳେ ଦେଖୁଥାଏ । ସିଏ ତାଙ୍କ ଘରୁ କେତେବେଳେ ବାହାରୁଛନ୍ତି ପୁଣି କେତେବେଳେ ସେଠି ଫେରୁଛନ୍ତି । ତାଙ୍କ ପ୍ରତିଦିନର ଦିନଚର୍ଯ୍ୟା ମୋତେ ସବୁ ଜଣା । ଦିନେ ଦିନେ ପାଗ ମେଘୁଆ ଥିଲେ ହିଁ ତାଙ୍କ ଦେଖା ମିଳେନି, ବୋଧହୁଏ ସେ ଘରୁ ବାହାରନ୍ତିନି ।

ସେ ଯୁଆଡେ ଯାଆନ୍ତି ମୁଁ ସବୁବେଳେ ନିଜର ରଖେ । ଆଜି କାଲି ଲୋକେ ସେ କଣ ତାକୁ stalk କରିବା କହୁଛନ୍ତି ତାକୁ, ହେଲେ ସେଟା ମୁଁ କରେ... ଟିକେ ନିର୍ଲଜ ମୁଁ। କିନ୍ତୁ ଦିନ ଦ୍ୱିପହର ସମୟରେ ପ୍ରାୟ ସେ ମୋତେ ସିଧାସଳଖ ଅନେଇ ଦିଅନ୍ତି ସେତେବେଳେ ତାଙ୍କୁ ମୁଁ ସିଧାସଳଖ ଦେଖିପାରେନା, ଟିକେ ମୁହଁକୁ ହାଲକା ବୁଲେଇ ଦିଏ । ଟିକେ ସମୟ ଗଡିଗଲେ ପୁଣି ମୁଁ ମୋ ମୁହଁ ତାଙ୍କ ଆଡକୁ ହିଁ ଥାଏ । ବେଳେବେଳେ ମୋତେ ଲାଗେ କି ସେ ମୋ ପାଇଁ ହିଁ ବୋଧେ ପ୍ରତିଦିନ ଦିନସାରା ବାହାରେ ହିଁ ଥାଆନ୍ତି !!

xxxxxxx

ISSN NO.
2582-208X

ସମୟ ଗଡିଚାଲିଲା ଏବେ ମୁଁ ମୋର ପ୍ରୌଢ ବୟସରେ । ଏବେ ମୋ ଶରୀରର ସେ ହଳଦିଆ ରଙ୍ଗ ସବୁ ଯେମିତି ଝଡିଯାଉଚି ଆଉ ମୁଁ କଳା କାଠ ପଡିଯାଉଛି । ସେ ଏବେ ବି ସେଇଭଳି ତାଙ୍କ କାମ କରିଚାଲିଛନ୍ତି । ଏବେ ଶୁଣେ ମୁଁ କି ତାଙ୍କୁ ଦୁନିଆ ସାରା ଅନେଇକି ଥାଆନ୍ତି ସିଏ ନହେଲେ କୁଆଡେ ଦୁନିଆ ଚାଲିବନି !! ହେଲେ ଏବେ ଆଉ ବଳ ନାହିଁ ତାଙ୍କୁ ଅନେଇବାକୁ ଏ ଝାଉଁଳା ଶରୀର ଆଉ ତାଙ୍କୁ ଚାହିଁ ପାରେନି ଆଖି ବନ୍ଦ ହେବାକୁ ବସିଲାଣି.... ଜୀବନରେ କେବଳ ଗୋଟେ ହିଁ ଅବଶୋଷ କି ତାଙ୍କୁ ମୁଁ କେତେ ପରିମାଣରେ ପସନ୍ଦ କରେ ସେଇଟା କେବେ କହିପାରିଲିନି ।

କେନ୍ଦୁଝର
ମୋ: ୭୮୪୭୯୩୪୭୯୩

ISSN NO.
2582-208X



# ଗେଲ ମୋର ଭୁଲିଗଲ

ତାରିପ୍ରସାଦ ଜେନା

ଏଇ ଦୁନିଆରେ ପ୍ରେମ ଅପରାଧୀ ଭଲ ତୁମେ ସଜାଇଲ
ମୁହଁ ସଳଖରେ କହିଦିଅ ଖୋଲି ଗେଲ ମୋର ଭୁଲିଗଲ
.......ଏଇ ଦୁନିଆରେ ପ୍ରେମ ଅପରାଧୀ...... ! ୦ !

ବଦନାମ ଦେବା ଖିଆଲରେ ଭାସି କରନାହିଁ ପ୍ରେମ ଘୃଣା
ହତଭାଗ୍ୟ ମୋତେ କାନ୍ଦିବାକୁ ଛାଡ଼ି ଦିଅ ଯେତେ ଉଲୁଗୁଣା,
ସହିବାକୁ ଅଛି ମଣିଷଟେ ମାତ୍ର ହୋଇ ପଛେ କଲବଲ
.......ଏଇ ଦୁନିଆରେ ପ୍ରେମ ଅପରାଧୀ...... ! ୧ !

ଦୁଃଖ ଅଜାଡ଼ିଲେ ସୁଖ ଯଦି ମିଳେ ହୁଅ ତୁମେ ଭାଗ୍ୟବତୀ
ଜୀଇ ମରିବାରେ ସ୍ମୃତି ପଖାଳୁଛି, ଫୁଲ ଆଉ ପ୍ରଜାପତି,
ଭୁଲ୍ ବୁଝିବାରେ ତୁମେ ଧୁରନ୍ଧରା, ଅଧା ପ୍ରେମେ ଛାଡ଼ିଦେଲ
.......ଏଇ ଦୁନିଆରେ ପ୍ରେମ ଅପରାଧୀ...... ! ୨ !

କେତେବେଳେ ଯଦି ଦେଖାହେବା ବାଟେ, ବାଟ ଭାଙ୍ଗି ଯିବନାହିଁ
ଅଭିନୟ କରି ହସିଦେବ ଟିକେ ଭଲ ଅଛ ବୋଲି କହି,
ଚୁମ୍ବନରେ ବାଧା ଆସିଗଲା କାଳେ ପର ମୋତେ କରିଦେଲ
.......ଏଇ ଦୁନିଆରେ ପ୍ରେମ ଅପରାଧୀ...... ! ୩ !

ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

ବେଦାନ୍ତି

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ପଞ୍ଚମ ଅଧ୍ୟାୟ

ରାଗ-ବସନ୍ତ ବରାଡି

ନାନା ରୂପେ ଲୀଳା ଖେଳାର ସମୟ ଶ୍ରବଣେ ଲାଗର ଅଦ୍ଭୁତ
ବିଶ୍ୱ ଯାଦୁକର କୁହୁକ ପେଡିରେ ଅଙ୍କ ଏହି ସାରା ଜଗତ
ବିବିଧ, ଜନ୍ମ ଦେଇ ବିଶ୍ୱେ ବିହରେ
ଜାଣିବାକୁ ମନ ହୁଅଇ ଉଚ୍ଛନ୍ନ ଜୀବନର ଶେଷ ବେଳାରେ ।୨୧।

କୃଷ୍ଣ ରସାମୃତ ଶୁଣିବାକୁ ଯେବେ ଉତ୍କଣ୍ଠା କରିଛ ଜାଗ୍ରତ
ବର୍ଣ୍ଣିବି ତୁମ୍ଭର ଅଗ୍ରତେ ରାଜନ ଶ୍ରୀବରି ମହିମା ଅମୃତ
ନିଖିଳ, ବ୍ରହ୍ମାଣ୍ଡ କରତା ଚରିତ
ପିଣ୍ଡରୁ ପରାଣ ବହିର୍ଗତ ପରେ ହେବ ବିଷ୍ଣୁ ଲୋକ ପ୍ରାପତ ।୨୨।

ସୁଲଳିତ ସ୍ୱରେ ଗାୟନ କରନ୍ତୁ ବ୍ୟାସଙ୍କ ତନୟ ଶିଷ୍ଟୋକ୍ତ
ପତିତପାବନ ପଦ ସରୋଜରେ ଥାପି ମନପ୍ରାଣ ଭକତି
ମାଧବ, ଅନାହି ଭଞ୍ଜନ ସାଗର
ଦୁବ କରେ ଦାରୁ ଯେଣୁ କଳ୍ପତରୁ ଯାହାଙ୍କ ମହିମା ଅପାର ।୨୩।

ଅନ୍ତର-ଗତରେ ତିନି ଭୁବନରେ ପୂରିତ ସକଳ ଜୀବରେ
ଭାବକୁ ନିକଟ ଅଭାବକୁ ଦୂର ରହିଥାଏ ଗୁପ୍ତ ଭାବରେ
ଶ୍ରୀହରି, ନାମ ସଂକୀର୍ତ୍ତନ ଭଜନେ
ଶରଣ ବତ୍ସଳ କଳୁଷ ହରଣ ମଙ୍ଗଳ ଆଚରେ ବିଧାନେ ।୨୪।

ISSN NO.
2582-208X

ବିଷ୍ଣୁ ନିର୍ଦ୍ଦେଶରେ ସୃଷ୍ଟି ବିଚରିଲେ ବିରଞ୍ଚି ଅତୀବ ଯତନେ
ବସୁନ୍ଧରା ପାଇଁ ସୂର୍ଯ୍ୟ ନିଶିକାନ୍ତ ନକ୍ଷତ୍ର ରଖିଲେ ଗଗନେ
ତ୍ରିଭାଗ, ଜଳଭାଗ କଲେ ଭିଆଣ
ଅବନୀ ଗରଭେ ମୂଲ୍ୟବାନ ଧାତୁ ଲୌହ, ହୀରା, ତମ୍ବା ସୁବର୍ଣ୍ଣ ।୨୫ ।

-: ଟୀକା :-

ଥାପି – ରଖି
ଶିଷ୍ଟୋକ୍ତ –ଭଦ୍ର (ଶାନ୍ତ ) କଥା
ସରୋଜରେ - ପଦ୍ମରେ

ବରପଦର, ଗୋବିନ୍ଦପୁର,
ବରଗଡ

ISSN NO.
2582-208X

# ଗୀତା ମାହାତ୍ମ୍ୟ



ମାଳତୀ ଦେବୀ

ଅସ୍ଥିର ବିଚାରଭୁକ୍ତ ବିବେକହୀନ ସକାମ ମନୁଷ୍ୟମାନଙ୍କର ବୁଦ୍ଧି ବହୁପ୍ରକାର ଓ ଅସଂଖ୍ୟ। ଯେଉଁମାନେ ଭୋଗରେ ବୁଡ଼ି ରହିଛନ୍ତି, ଯେଉଁମାନଙ୍କ ବୁଦ୍ଧିରେ ସ୍ୱର୍ଗ ହିଁ ପରମ ପ୍ରାପ୍ୟ ବସ୍ତୁ ଏବଂ ସ୍ୱର୍ଗରୁ ବଳି ଅନ୍ୟ କୌଣସି ବସ୍ତୁ ନାହିଁ ବୋଲି ବିବେଚନା କରନ୍ତି, ସେମାନେ ଭୋଗ-ଐଶ୍ୱର୍ଯ୍ୟ ପ୍ରାପ୍ତି ନିମନ୍ତେ କର୍ମଫଳ ଦେଉଥିବା କ୍ରିୟାବହୁଳ ଶୃତିମଧୁର ବାଣୀ କହନ୍ତି ଏବଂ ବାଣୀ ଦ୍ୱାରା ଯେଉଁମାନଙ୍କର ଚିତ୍ତ ହରଣ ହୋଇ ଯାଇଛି ଓ ପରମାତ୍ମାଙ୍କ ଠାରେ ତାଙ୍କ ଧ୍ୟାନ ରହେନାହିଁ ବୋଲି ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ।

ହେ ଅର୍ଜୁନ, ତୁମେ ଭୋଗ ଆସକ୍ତି ତ୍ୟାଗ କରିବା ସହ ହର୍ଷ-ଶୋକାଦି ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ଯୋଗକ୍ଷେମ (ଅପ୍ରାପ୍ତ ବସ୍ତୁର ପ୍ରାପ୍ତିକୁ ଯୋଗ ଓ ପ୍ରାପ୍ତ ବସ୍ତୁର ରକ୍ଷାକୁ କ୍ଷେମ କୁହାଯାଏ) ସ୍ୱାଧୀନ ଅନ୍ତଃକରଣଯୁକ୍ତ ହୋଇ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଯାଅ ।

ଯୁଦ୍ଧଭୂମିରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯୁଦ୍ଧଠୁ ଆଉ ସମ୍ମାନଜନକ ବିକଳ୍ପ ନାହିଁ ବୋଲି କହିଛନ୍ତି । ଯୁଦ୍ଧ ଭୂମିକୁ ଆସି ଯୁଦ୍ଧ କରିବା ହେଉଛଇ ବୀରତାର ପରିଚୟ । ଏଠାରେ ଧର୍ମ-ଅଧର୍ମ, ପରିବାର-ଆତ୍ମୀୟ ବା ଶତ୍ରୁଙ୍କର କୌଣସି ବିଚାର ନଥାଏ । ସେହିପରି ସାଧାରଣ ମନୁଷ୍ୟର ଏକ ପୂର୍ଣ୍ଣ ଜଳାଶୟରୁ ଯେତିକି ପାଣିର ପ୍ରୟୋଜନ ରହିଥାଏ ବ୍ରହ୍ମଜ୍ଞାନ ଲାଭ କରିଥିବା ବ୍ରାହ୍ମଣଙ୍କର ମଧ୍ୟ ସେତିକି ପ୍ରୟୋଜନ ରହିଥାଏ, ମନୁଷ୍ୟର କେବଳ କର୍ମ କରିବାରେ ଅଧିକାର ରହିଥିବା ବେଳେ କର୍ମଫଳର ଅଧିକାର ନଥିବା, କର୍ମ ନକରିବାରେ

ISSN NO.
2582-208X

ଆସକ୍ତି ନରହିବା ଆଦି ସମ୍ପର୍କରେ ମଧ୍ୟ ଭଗବାନ ଅର୍ଜୁନଙ୍କୁ ଉପଦେଶ ଦେଇ ଅର୍ଜୁନ ଆସକ୍ତି ତ୍ୟାଗ କରି ସିଦ୍ଧି ଓ ଅସିଦ୍ଧିକୁ ସମାନ ଭାବେ ବିବେଚନା କରି କର୍ମ କରିବାକୁ ଭଗବାନ ପରାମର୍ଶ ଦେଇଥିବା ବିଷୟ ଗୀତାରେ ଉଲ୍ଲେଖ ରହିଛି ।

ନମଃ ଭଗବତେ ବାସୁଦେବାୟ

ସଂଗ୍ରାହିକା: ମାଳତୀ ଦେବୀ
ପୁରୁଣା ବଜାର, ଲୋକାପଦା, ଆଳ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# କଲମ

ନଳେଶ କୁମାର

ମୁଁ ଲେଖି ଲେଖି,,, ହିଁ ମରି ଯିବି
ଜୀବ ହିଁ ଯିବ ନିହାତି ଯିବ
ସେଥି ପାଇଁ ତ ଜୀବନ
ହେଲେ ନୀଳ ଆକାଶରେ ତାରା ଟିଏ ହୋଇ ରହି ଥିବି,
ରାତ୍ରିର ମେଘୁଆ ପାଗରେ ମଧ୍ୟ,

ମୋତେ ଏହି ଦୁନିଆଁ
ନଜାଣିଲେ ନାହିଁ,,, ମୁଁ କିନ୍ତୁ ଦୁନିଆଁକୁ ଜଣେଇବାକୁ ଚାହେଁ,
ଟିକି ଟିକି ଶବ୍ଦ ମାଧ୍ୟମରେ କେତେ ଯେ ଇତିହାସ,ବେଦାନ୍ତ,
ସିଦ୍ଧାନ୍ତ, ଭୂଗୋଳ, ବିଜ୍ଞାନ, ଇଂରାଜୀ,

ଓ ବିଶେଷ କରିକି,,,,, ମୁଁ ଭଲ ପାଉଥିବା #ସାହିତ୍ୟ#
ମୋ' ଆଗରେ ଓ ପଛରେ ଥିବା ଶେଷ ଅକ୍ଷର "ମ'
'ମ' ଅକ୍ଷରୁ 'ମୃତ୍ୟୁ' ତାହା ହିଁ ମୋତେ  ସବୁବେଳେ ଜଗିଛି ।
ସଂସାରେ  ଭୟ ସୃଷ୍ଟି କରୁଥିବା
ଶବ୍ଦ ଅଟେ ଅଟେ ମୃତ୍ୟୁ ।
ହେଲେ ମୁଁ ମୃତ୍ୟୁକୁ ଡରେ ନାହିଁ,
ମୋ" ନାମର ମଝିରେ ଥିବା ଅକ୍ଷର 'ଲ' ତାହା କେହି
ହଟେଇ ପାରିବେ ନାହିଁ
ମୁଁ "କଲମ',, ,,ମୁଁ ଲେଖି ଲେଖି ମରିଯିବି

ବାଣୀକ୍ଷେତ୍ର ଭୁବନେଶ୍ୱର

ISSN NO.
2582-208X

# ଆମ ବିକଶିତ ମଲ୍ ସଭ୍ୟତା

ପ୍ରବୋଧ କୁମାର ହୋତା

ରାଜଧାନୀର ନାମୀ ଏକ ବହୁତଳ ମଲ ପ୍ରାଙ୍ଗଣରେ
କ୍ଲାନ୍ତଶ୍ରାନ୍ତେ ବସିଥିଲି ଏକାଏକା ଫୁଙ୍ଗୁଳା କାଠ ଆସନରେ
ଭିଡ଼ର ହାଉଯାଉଠାରୁ ଅନତି ନିଭୃତ କୋଣରେ
ନିରେଖୁଥିଲି ଚତୁଃର୍ଦିଗ ଏକ ବିମୁଗ୍ଧ ନୟନରେ ।

ଉଗ୍ର ଆଧୁନିକ ପରିପାଟୀରେ ସହସ୍ର ନରନାରୀ
ଦାମୀକାରରେ ବଜାର ପ୍ରାଙ୍ଗଣ ଯାଇଥିଲା ଭରି
କଡ଼ାପୋଷାକରେ ସଜାଗ କେତେ ନିରାପତ୍ତା ରକ୍ଷୀ
ଭିଡ଼ଭିତରେ ଥିଲି ଏକା ନଥିଲେ କେହି ସାଥି ।

କେତେବେଳୁ ସୂର୍ଯ୍ୟଦେବ ଯାଇଥିଲେ ଲୁଚି
ସୁଉଚ୍ଚ ପ୍ରାସାଦର ପଶ୍ଚାତରେ ଧୀରେ ଘୁଞ୍ଚି ଘୁଞ୍ଚି
ତାଙ୍କ ଉପସ୍ଥିତି ଆବଶ୍ୟକ ସେମିତି ନଥିଲା କିଛି
ସୁଦୃଶ୍ୟ ବତୀମାନେ ଆଲୋକ ଦେଉଥିଲେ ବିଞ୍ଚି ।

ଦୁଇପାର୍ଶ୍ୱରେ ଧାଡ଼ି ଧାଡ଼ି ଦାମୀ ବ୍ରାଣ୍ଡର ବଜାର
ପ୍ରତିଟି ସୋରୁମ ସୌଖିନ ଦ୍ରବ୍ୟରେ ଭରପୁର
ସୁନ୍ଦରୀମାନେ ଥିଲେ ନିୟୋଜିତ ବିକାକିଣାରେ
ଝଟକୁଥିଲା ସେ ବହୁତଳ ରଙ୍ଗୀନ ରୋଷଣୀରେ ।

ଏଠି ଚାଲିଥିଲା ଏକ ଅଘୋଷିତ ପ୍ରତିଯୋଗିତା
ସୋରୁମ ଚାକଚକ୍ୟ ସହ ବ୍ରାଣ୍ଡର କେତେ ଉଚ୍ଚତା
ପୁରୁଷ ମହିଳା ମଧ୍ୟ ପରଖୁଥିଲେ ତାଙ୍କ ଯୋଗ୍ୟତା
ପକେଟର ଓଜନ ସଙ୍ଗେ ତାଙ୍କ କାର୍ଡର ମାନ୍ୟତା ।

ISSN NO.
2582-208X

ସୌମ୍ୟା ସୁକୁମାରୀ ଜଣେ ଆଧୁନିକା ବାଳା
ଆସ୍ଥାନ ଜମେଇଦେଲେ ସତେ ସେ ଅବଳା
ମୋ ଆଖିରେ ବିସ୍ମୟର  ହାବଭାବ ଥିଲା
ଦେଖିଦେଇ ଅନୁରାଗେ ଓଠେ ହସିଦେଲା  ।

ଅଜଣା ସୁନ୍ଦରୀ ଲାଗୁଥିଲେ ସହଜ ଓ ଆତ୍ମୀୟ
ପାଖେ ପାଇ ବଢିଥିଲା ଆନ୍ତରିକ ଉତ୍ସାହ
ଆମ ଅର୍ଥନୀତି ବିଷୟରେ ଶୁଣେଇ କହିଲି
ବୈଶ୍ୱିକରଣ ଏବଂ ମୁକ୍ତ ଅର୍ଥନୀତିର ଜୟଗାନ କଲି ।

ଦେଖ- କେମିତି କ୍ଷିପ୍ରଗତିରେ ରାଜ୍ୟ କରୁଛି ପ୍ରଗତି
ବଢିଛି ଜନତାଙ୍କ ପ୍ରାଚୁର୍ଯ୍ୟ ଆଉ ତାଙ୍କ କ୍ରୟଶକ୍ତି
ଏଇତ ଆମ ଅର୍ଥନୀତି ଓ ମୁକ୍ତ ବଜାର ସଂସ୍କୃତି
କେତେ ଦ୍ରବ୍ୟ କେତେ ସେବା ଏଠି ବଜାର ରାଜୁତି ।

"ଏଇ ରଖନ୍ତୁ ମୋ କାର୍ଡ, ନମ୍ବର,  ଇମେଲ ଅଛି
ଏକରାତ୍ରି ମୂଲ୍ୟ ତିନିହଜାର ସର୍ତ୍ତାବଳି ଲାଗୁ ଅଛି
ସେବା ଗୁଣବତ୍ତା ଗ୍ରାହକ ସନ୍ତୁଷ୍ଟି ଗ୍ୟାରେଣ୍ଟି ଦେଉଛି
ମୁଁ ନିଜେ ଏକ ପଣ୍ୟଦ୍ରବ୍ୟ ଏଠି ଗ୍ରାହକ ଖୋଜୁଛି ।"

ଭ୍ୟାନିଟି ଝୁଲାଇ ଇଙ୍ଗିତରେ  ଚାଲିଗଲେ ମହିଳା
ମୋ ଦୃଷ୍ଟି ଅପଲକରେ ତାଙ୍କ ପଥ ଦେଖୁଥିଲା
ଏବେବି ମଲରେ ଆଲୋକ ଦାଉଦାଉ ଜଳୁଥିଲା
ମୋତେ କିନ୍ତୁ ସବୁକିଛି ଅନ୍ଧାର ଅନ୍ଧାର ଲାଗୁଥିଲା ।

ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର, ଭୁବନେଶ୍ୱର

ISSN NO.
2582-208X

# ଶିଖି ପୁଚ୍ଛ ଚୁଳିଆ



ସମ୍ପଦା ଦେବୀ

ଶିରେ ଶିଖିପୁଚ୍ଛ କି ମନୋହର ।
କେଶ ନିନ୍ଦା କରେ ନୀଳ ମେଘର ।
ନୟନ ଭ୍ରୂଲତା ଧନୁ ମାରର ।
ନେତ୍ର ପିତୁଳି କି କଳା ଭ୍ରମର ।
ନାସିକା ଶୋଭନ ଗଜ ମୋତିର ।
କପାଳେ ଚନ୍ଦନ ଚିତା ଆବର ।
ଶ୍ରବଣେ ଶୋହେ କୁଣ୍ଡଳ ମକର ।
ଗ୍ରୀବା ଶୋଭନ ହୀରକର ହାର ।
କଣ୍ଠାଭ ରଣ ହାର ମୁକୁତାର ।
ବକ୍ଷେ କୌସ୍ତୁଭ ମଣି ଶୋଭାକର ।
କର ଯୁଗଳ ଲମ୍ବେ ଜାନୁ ପର ।
ଓଷ୍ଠ ଶୋଭାବନ ପକ୍ୱ ବିମ୍ବର ।
କଟୀରେ ପୀତ ବସନ ସୁନ୍ଦର ।
ବେଣୁ ସ୍ୱନ କରେ ସଦା ବିଭୋର ।
ଶ୍ରୀବତ୍ସ ଲାଞ୍ଛନ ଶୋହେ ହୃଦର ।
ଦୟନା ମାଳ କୁ ତୁଳସୀ ହାର ।
କନ୍ଧେ ଶୋହେ ଉପବୀତ ସୁନାର ।

ISSN NO.
2582-208X

ଉତ୍ତରୀୟ ଶୋଭନ ଉର ପର ।
କଣ୍ଠେ ଓଢିଆଣୀ ପଦେ ନୂପୁର ।
କରେ ରୁଣ୍ଣୁ ଝୁଣ୍ଣୁ ମଧୁର ସ୍ୱର ।
ଆହା କି ସୁନ୍ଦର ଶ୍ରୀରାଧା ବର ।
ବିଶ୍ୱପତି ଚଉଦ ଭୁବନର ।
ପାଳକ ଅଟେ ସେ କୋଟି ବିଶ୍ୱର ।
ରମା ରମଣ ସେ ନନ୍ଦ କୁମର ।

ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଅଜାମିଳକୁ ବିଷ୍ଣୁଦୂତମାନେ ଯମଦୂତମାନଙ୍କ ଠାରୁ କାହିଁକି ରକ୍ଷା କଲେ



ନରେନ୍ଦ୍ର ପ୍ରସାଦ ବେହେରା

ଭାଗବତରେ ଉଲ୍ଲେଖ ଅଛି ଯେଉଁମାନ ପାପକାର୍ଯ୍ୟ କରନ୍ତି, ସେମାନଙ୍କୁ ନରକ ଯନ୍ତ୍ରଣା ଭୋଗକରିବାକୁ ହୁଏ । ଏହାଶୁଣି ରାଜା ପରୀକ୍ଷିତ ଶୁକଦେବଙ୍କୁ ପ୍ରଶ୍ନ କଲେ -ନରକ ଯନ୍ତ୍ରଣା ଭୋଗରୁ ତ୍ରାହି ପାଇବାର ଉପାୟ କ'ଣ ? ଶ୍ରୀଶୁକଦେବ କହିଲେ - ତପସ୍ୟା, ଶମ, ଦମ ଓ ନିୟମାଦି ଅଭ୍ୟାସ ଦ୍ୱାରା ଅବିଦ୍ୟାଜନିତ ପାପ ଦୂର ହୁଏ । ପୁଣି ଭକ୍ତି ଦ୍ୱାରା ମଧ୍ୟ ଦୂର ହୋଇପାରେ ।

କନୌଜ ଦେଶରେ ଅଜାମିଳ ନାମରେ ଜଣେ ବ୍ରାହ୍ମଣ ଥିଲେ । ସେ ବିବାହିତ ହୋଇ ମଧ୍ୟ ମୋହଗ୍ରସ୍ତ ଜୀବନ ଯାପନ କରୁଥିଲେ । ସେମାନଙ୍କ ଔରସରୁ ଦଶଟି ପୁତ୍ର ସନ୍ତାନ ଜନ୍ମ ହୋଇଥିଲେ । ସର୍ବକନିଷ୍ଠ ପୁତ୍ରର ନାମ ଥିଲା ନାରାୟଣ । ସର୍ବକନିଷ୍ଠ ସନ୍ତାନ ହୋଇଥିବାରୁ ଅଜାମିଳ ତାକୁ ଖୁବ୍ ଭଲ ପାଉଥିଲେ । ବୃଦ୍ଧ ବୟସରେ ମଧ୍ୟ ଏହି ପୁତ୍ର ନାରାୟଣ ପିତାଙ୍କର ପ୍ରାଣର ପ୍ରାଣ ହୋଇ ରହିଥିଲା; ତାଙ୍କର ମନ ଧ୍ୟାନ ଥାଏ ନାରାୟଣ ଉପରେ ।

ଦେଖୁ ଦେଖୁ ବ୍ରାହ୍ମଣର ବୟସ ୮୦ ବର୍ଷ ହୋଇଗଲା । ଜୀବନର ଅନ୍ତିମ କାଳ ଉପସ୍ଥିତ । ଦିନେ ଭୀଷଣାକାର ତିନିଜଣ ଯମଦୂତ ଆସି ବ୍ରାହ୍ମଣ ନିକଟରେ ପହଞ୍ଚିବାରୁ ସେ ନାରାୟଣ ନାରାୟଣ ବୋଲି ସାନ ପୁଅକୁ ଡାକ ଛାଡିଲା । ଏଣେ ଅଜାମିଳର ନାରାୟଣ ଡାକ ଶୁଣି ବୈକୁଣ୍ଠରେ ପ୍ରଭୁ ନାରାୟଣଙ୍କ ଆସନ ଟଳମଳ ହେଲା । ସେ ଚାରିଜଣ ବିଷ୍ଣୁଦୂତଙ୍କୁ ବ୍ରାହ୍ମଣ ନିକଟକୁ ପଠାଇଦେଲେ । ଯମଦୂତମାନେ ଅଜାମିଳକୁ ବାନ୍ଧି ନେଇଯିବାକୁ ବ୍ୟବସ୍ଥା କରୁଥିବା ସମୟରେ ହିଁ ସେଠାରେ ବିଷ୍ଣୁଦୂମମାନେ ଆସି ପହଞ୍ଚିଗଲେ । ଯମଦୂତମାନେ

ISSN NO.
2582-208X

ଯୁକ୍ତି କରି କହିଲେ- ଏ ବ୍ରାହ୍ମଣ ନିଜର ଧର୍ମପତ୍ନୀକୁ ତ୍ୟାଗ କରି ଅନ୍ୟ ଜଣେ ରମଣୀ ସହିତ ଅବୈଧ ସମ୍ପର୍କ ରଖି ପାପୀର ଜୀବନ ଅତିବାହିତ କରିଛି । ଏହି ପାପର ସମୁଚିତ ଦଣ୍ଡବିଧାନ ନିମନ୍ତେ ଆମେ ଏହି ବ୍ୟକ୍ତିକୁ ଯମରାଜ ନିକଟକୁ ନେଇଯାଉଛୁ । ବିଷ୍ଣୁ ଦୂତମାନେ କହିଲେ- ତା କିପରି ହେବ ? ଏହି ବ୍ୟକ୍ତିର ସମସ୍ତ ପାପର ପ୍ରାୟଶ୍ଚିତ ହୋଇଯାଇଛି । କାରଣ ଜୀବନର ଶେଷ ସମୟରେ ସେ ପରମ ଆଶ୍ରୟ ଶ୍ରୀନାରାୟଣଙ୍କ ନାମ ଉଚାରଣ କରିଛନ୍ତି । ଶ୍ରୀହରିଙ୍କର ନାମ କୃତପାପର ବିନାଶ ଘଟାଇଥାଏ । ଏହି ବ୍ୟକ୍ତି ଭଗବାନଙ୍କର ପବିତ୍ର ନାମ ନେଇଛି । ତେଣୁ ତାର ସମସ୍ତ ପାପ ଧୋଇ ହୋଇଯାଇଛି ।

ବିଷ୍ଣୁଦୂତମାନଙ୍କର ଯୁକ୍ତି ଶୁଣି ଯମଦୂତମାନେ ଅଜାମିଳକୁ ବନ୍ଧନମୁକ୍ତ କରିଦେଇ ଫେରିଗଲେ । ଯମଦୂତମାନଙ୍କ ହାତରୁ ମୁକ୍ତି ପାଇ ଅଜାମିଳ ବିଷ୍ଣୁ ଦୂତମାନଙ୍କୁ କୃତଜ୍ଞତା ଜଣାଇଲେ । ବିଷ୍ଣୁଦୂତମାନେ ଚାଲିଯିବା ପରେ ଆରମ୍ଭ ହୁଏ ଅଜାମିଳର ନୂତନ ଆଧ୍ୟାତ୍ମିକ ଜୀବନ । ମନରେ ଜାତ ହୁଏ ଘୋର ଅନୁଶୋଚନା । ସେ ଭାବିବାକୁ ଲାଗିଲା ହାୟ, ମୁଁ ଏତେ ଦିନ କି ପାପ କାର୍ଯ୍ୟ ନ କରିଛି । ନିଜର ଧର୍ମପତ୍ନୀ ଓ ବୃଦ୍ଧ ପିତାମାତାଙ୍କୁ ଅସହାୟ କରିଦେଇ, ସାମାନ୍ୟ ଜଣେ ଦାସୀର ସଂସ୍ପର୍ଶରେ ଆସି ବ୍ରାହ୍ମଣ କୁଳର ଘୋର ଅବମାନନା କରିଛି । ମୋର ଧର୍ମପତ୍ନୀକୁ ତାର ପ୍ରାପ୍ୟ ସମ୍ମାନ ନ ଦେଇ କେତେବଡ ଘୃଣ୍ୟ କାର୍ଯ୍ୟ ନ କରିଛି ? ତଥାପି ମୁଁ ବ୍ୟାକୁଳ ହୋଇ ପୁତ୍ର ନାରାୟଣକୁ ଡାକିବା ମାତ୍ରେ ମୁକ୍ତିର ଦୂତମାନଙ୍କୁ ଦୟାମୟ ପ୍ରଭୁ ନାରାୟଣ ମୋ ପାଖକୁ ପଠାଇଦେଇ ମୋତେ ନିଶ୍ଚିତ ମୃତ୍ୟୁ କବଳରୁ ଉଦ୍ଧାର କରିଛନ୍ତି । ମୁଁ ମୋ ପାପର ପ୍ରାୟଶ୍ଚିତ କରିବି । ମୁଁ ଆଉ ପୂର୍ବ ଜୀବନକୁ ଫେରିବି ନାହିଁ । ଆଉ ପାପ କରିବି ନାହିଁ । ଅନୁତାପର ଅଗ୍ନିରେ ଅଜାମିଳର ସମସ୍ତ ପାପ ଭସ୍ମୀଭୂତ ହୋଇଯାଇଥିଲା । ଅବଶିଷ୍ଟ ଜୀବନ, ଅଜାମିଳ ଶ୍ରୀହରିଙ୍କ ପାଦପଦ୍ମ ସ୍ମରଣ କରି ତାଙ୍କରି ନିକଟରେ ନିଜକୁ ସମର୍ପଣ କରିଦେଇଥିଲା । ମୃତ୍ୟୁ ସମୟ ଉପସ୍ଥିତ ହୁଅନ୍ତେ ବିଷ୍ଣୁଦୂତମାନେ ଆସି ଏକ ସୁବର୍ଣ୍ଣ ରଥରେ ବସାଇ ତାକୁ ବୈକୁଣ୍ଠଧାମକୁ ନେଇଯାଇଥିଲେ ।

ଆଳଦା, ଖଇର୍, ବାଲେଶ୍ୱର

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ଧର୍ମ ଭାବନା ଓ ଉତ୍ତମ ସ୍ୱାସ୍ଥ୍ୟ



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ପୃଥିବୀ ରେ ବିଭିନ୍ନ ଦେଶ ରେ ବସବାସ କରୁଥିବା ଧର୍ମାବଲମ୍ବୀ ବ୍ୟକ୍ତି, ଜାତି, ସମାଜ, ସମ୍ପ୍ରଦାୟ ଆଦିର ବ୍ୟକ୍ତି ସମୂହ ନିଜେ ନିଜର ଧର୍ମକୁ ଭକ୍ତି ପୂର୍ବକ ଶ୍ରଦ୍ଧା ଓ ବିଶ୍ୱାସ କରି ଜୀବନ ଅତିବାହିତ କରିଥାନ୍ତି । ଧରା ପୃଷ୍ଠରେ ଏମିତି କୌଣସି ବ୍ୟକ୍ତି କିମ୍ବା ସମ୍ପ୍ରଦାୟ ନାହାନ୍ତି ଯିଏକି ନିଜର ଧର୍ମ କିମ୍ବା ଧର୍ମଗୁରୁ ଙ୍କୁ ଛାଡି ରହିଛନ୍ତି। ହିନ୍ଦୁ, ଖ୍ରୀଷ୍ଟିଆନ, ମୁସଲମାନ, ବୌଦ୍ଧ, ଜୈନ, ପାର୍ସି ଆଦି ଯେତେ ଧର୍ମ ସମୂହ ରହିଛି ସେମାନେ ନିଜ ନିଜର ଧର୍ମଗ୍ରନ୍ଥ ଗୀତା, ପୁରାଣ, ବାଇବେଲ, କୋରାନ ଆଦି ବିଭିନ୍ନ ଗ୍ରନ୍ଥକୁ ନିଜର ଧର୍ମଗ୍ରନ୍ଥ ଭାବେ ପାଠ କରି ମନରେ ସାତ୍ତ୍ୱିକ ମନଭାବ ବୃଦ୍ଧି ସହ ଧର୍ମ ଅର୍ଜନ କରି ମାନସିକ ସ୍ତରରେ ଦେବତ୍ୱ ତଥା ଆଧ୍ୟାତ୍ମିକ ସର୍ତ୍ତା ଉପଲବ୍ଧି କରିବା ସହ ଦୈବୀ ଚିନ୍ତାଧାରା ରେ ଦୈନନ୍ଦିନ ନିଜନିଜର ରୀତିନୀତି ପାଳନ କରିଥାନ୍ତି ।

ଆମ ଦେଶ ଭାରତ ସାରା ପୃଥିବୀ ରେ ସର୍ବଶ୍ରେଷ୍ଠ ଗଣତନ୍ତ୍ର ରାଷ୍ଟ୍ର ଭାବେ ପୃଥିବୀ ପ୍ରସିଦ୍ଧ ଅଟେ । ପୃଥିବୀରେ ବସବାସ କରୁଥିବା ସବୁ ଧର୍ମାବଲମ୍ବୀ ତଥା ସବୁ ସମ୍ପ୍ରଦାୟର ବ୍ୟକ୍ତିବିଶେଶ ନିଜର ଧର୍ମ କୁ ସନମାନ ଜଣାଇ ଭାରତରେ ରହିଛନ୍ତି ।

ଆମ ଦେଶରେ ପୌରାଣିକ ମତାନୁସାରେ ବିଭିନ୍ନ ଦେବବାଦେବୀ ଙ୍କୁ ବିଭିନ୍ନ ଧର୍ମପୀଠ ସ୍ଥଳୀରେ ପୂଜାର୍ଚ୍ଚନା କରାଯାଉଥିବା ସହ ଓଁ ଶାନ୍ତି, ଦିବ୍ୟଜୀବନ ସଙ୍ଘ, ଠାକୁର ଅନୁଗୁଳଚନ୍ଦ୍ର, ଯୋଗଶକ୍ତି ଗାୟତ୍ରୀ, ସତ୍ୟସାଇ ବାବା, ଶିରଡ଼ି ସାଇବାବା, ନିଗମାନନ୍ଦ, ଶ୍ରୀ ଅରବିନ୍ଦ, ସ୍ୱମାୟାପା ଆଦି ବିଭିନ୍ନ ଧର୍ମଗୁରୁ ବା ଧର୍ମାନୁଷ୍ଠାନ ସହ ନିଜେ ନିଜର କାୟ୍ଯ,

ISSN NO.
2582-208X

ମନ, ବାକ୍ୟ ରେ ଭକ୍ତିପୂତ ନିମଗ୍ନ ରହି ନିଜେ ଏବଂ ଅନ୍ୟକୁ ବିପଥ ଗାମିରୁ ସୁପଥ କୁ ଆଣିବା ପାଇଁ ଉଦ୍ୟମ ଜାରିରଖିଥାନ୍ତି I ଯାହାର ଫଳ ସ୍ୱରୂପ ମନରେ, ଦୈବୀ କୃପା ପ୍ରାପ୍ତ ସହ,ଉତ୍ସାହ, ପ୍ରଫୁଲ୍ଲତା, ପବିତ୍ରତା, ଶାତ୍ତ୍ୱିକତା ଶକ୍ତିର ବୃଦ୍ଧି ଘଟି ମନରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହେବା ସହ ନିଜକୁ ଏଥିରେ ପୁର୍ଣମାତ୍ରାରେ ନିମଗ୍ନ କରାଇବା ଦ୍ୱାରା ଶାରୀରିକ ତଥା ମାନସିକ ସ୍ତରରେ ମନବଳ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଇବାସହ ଶରୀରେ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡି, ଖାଦ୍ୟ ଉତ୍ତମ ଭାବେ ପରିପକ୍ୱ ହେବା ସହ, ଶରୀରରେ ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା, ଶୁକ୍ର ସପ୍ତ ଧାତୁର ପ୍ରକ୍ରିୟା ତ୍ୱରାନ୍ୱିତ ହେବାସହ ଶରୀରରେ "ଓଜ" ଶକ୍ତିର ବୃଦ୍ଧି ଘଟିଥାଏ I ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ମତରେ ଏହି "ଓଜ" ଶକ୍ତି ହିଁ ମାନବ ଶରୀରରେ ରୋଗପ୍ରତିରୋଧକ ଶକ୍ତି (IMMUNITY POWER) ଅଟେ I ଯଦ୍ୱାର ମନୁଷ୍ୟର ଶାରୀରିକ ଓ ମାନସିକ ସ୍ତରରେ ସୃଷ୍ଟି ହେଉଥିବା ବିଭିନ୍ନ ରୋଗକୁ ପ୍ରତିରୋଧ କରାଇବାରେ ସାହାଯ୍ୟ କରିଥାଏ I

ହିନ୍ଦୁ ଶାସ୍ତ୍ରୀୟ ରେ ଉଲ୍ଲେଖ ରହିଛି ଯେ "ମୁକ କରୋତି ବାଚାଳମ, ପଙ୍ଗୁ ଲଙ୍ଘୟତେ ଗିରୀ" ଅର୍ଥାତ ଭଗବାନଙ୍କର ଆଶୀର୍ବାଦ ତଥା ସାନିଧ୍ୟ ବା କୃପାପ୍ରାପ୍ତ ଦ୍ୱାରା ଅସାଧ୍ୟ କାର୍ଯ୍ୟ ସାଧିତ ହେବା ସହ ଜଡ଼ା (ମୁକ) କଥା କହିଥାଏ ଏବଂ "ଛୋଟା" (ଅକ୍ଷମ ବ୍ୟକ୍ତି) ମଧ୍ୟ ପାହାଡ଼ ଅତିକ୍ରମ କରିପାରିଥାଏ I ତେଣୁ ପ୍ରତ୍ୟେକ ନିଜେ ନିଜର ଧର୍ମ ଶାସ୍ତ୍ର ତଥା ପରମ୍ପରା ନୀତିବାଣୀ କୁ ଅଣଦେଖା ନକରି ପ୍ରକୃତି କୁ ସମ୍ମାନ ଜଣାଇ ଦୈନନ୍ଦିନ କାର୍ଯ୍ୟ କରିବା ଦ୍ୱାରା ମନରେ ଯେଉଁ ଅଦୃଶ୍ୟ ସକାରାତ୍ମକ ଶକ୍ତି ଉଦ୍ରେକ ହୋଇଥାଏ ତାହା ମାନବ ଶରୀରରେ "ଓଜ" ଶକ୍ତି ବୃଦ୍ଧି କରାଇବାରେ ସହାୟକ ହୋଇଥାଏ, ଯାହାକି "ରୋଗପ୍ରତିରୋଧକ ଶକ୍ତି" ବୃଦ୍ଧି କରିବାରେ ସକ୍ଷମ ହୋଇଥାଏ I ଫଳ ସ୍ୱରୂପ ଶରୀରରେ ଶାରୀରିକ ଓ ମାନସିକ ସ୍ତରରେ ସୃଷ୍ଟି ହେଉଥିବା ରୋଗକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ, ଏହା ସ୍ପଷ୍ଟ ଭାବେ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି I ଏତଦ ସହ ପ୍ରାତଃ ରୁ ସନ୍ଧ୍ୟା ତ୍ୟାଗ ପରେପରେ ନିଜର ଇଛାମୁତାବକ ଇଷ୍ଟ ଦେବ, ଧର୍ମଗୁରୁ ମନରେ ଚିନ୍ତନ କରି, ସୂର୍ଯ୍ୟ ଙ୍କୁ ପ୍ରଣାମ କରି ନିଜର ଦୈନନ୍ଦିନ କାର୍ଯ୍ୟ ଆରମ୍ଭ କରିବା ଉଚିତ I ଯଦ୍ୱାରା ଦିନର ପ୍ରାରମ୍ଭରୁ ହିଁ ମନରେ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ I

ISSN NO.
2582-208X

ଆଜିର ଅତ୍ୟାଧୁନିକ ଯୁଗରେ ଯୁବ ସମ୍ପ୍ରଦାୟର ହୁଅନ୍ତୁ କିମ୍ବା କିଛି ବୟସ୍କ ଲୋକ ମଧ୍ୟ ନିଜର ପାରମ୍ପରିକ ଧର୍ମ ଓ ରୀତିନୀତି କୁ ଅଣଦେଖା କରି ପ୍ରାତଃରୁ ବିଳମ୍ବରେ ସନ୍ଧ୍ୟା ତ୍ୟାଗ କରିବା, ସନ୍ଧ୍ୟା ତ୍ୟାଗ ପରେ ମୋବାଇଲ, ଟିଭି ଆଦି ଦେଖିବାରେ ମଗ୍ନ ରହି ଦୈନନ୍ଦିନ କାର୍ଯ୍ୟ ଆରମ୍ଭ କରିଥାନ୍ତି, ଏହାରି ଫଳସ୍ୱରୂପ ମନୁଷ୍ୟ ମନରେ ସକାରାତ୍ମକ ଭାବନା ଠାରୁ ଦୂରେଇଯିବାର ସମ୍ଭାବନା ଅଧିକ ରହିଥାଏ । ତେଣୁ ଆମେ ଏ ସମସ୍ତ କଥାକୁ ଗଭୀରତା ର ସହ ଚିନ୍ତା କରିବାର ସମୟ ଆସଛି, ଧୀରେ ଧୀରେ ଆମ ମାନବ ସଭ୍ୟତା ଧର୍ମ ଭାବନା ଠାରୁ ଦୁରେଇ ଯାଉଛି । ଏବେ ଠାରୁ ଆମେ ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ସଚେତନତା ରହିବାର ଆବଶ୍ୟକତା ରହିଛି ।

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି
ଜିଲ୍ଲା -ନବରଙ୍ଗପୁର
ଫୋନ -୭୮୯୪୧୧୨୪୮୭

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ସୁଜି ଲଡୁ



ସମ୍ପଦା ଦେବୀ

### ଆବଶ୍ୟକୀୟ ସାମଗ୍ରୀ:

କାଜୁ ଓ କସମିସ୍ ଭଜା, କ୍ଷୀର ସିଝା, ସୁଜି, ଚିନି, ନଡିଆ କୋରା, ଗୁଜୁରାତି ଗୁଣ୍ଡ ଓ ତେଲ ।

### ପ୍ରସ୍ତୁତ ପ୍ରଣାଳୀ :

ପ୍ରଥମେ କାଜୁ ଓ କସମିସ୍ କୁ ଭାଜି ରଖନ୍ତୁ । ଗ୍ୟାସ୍ ଲଗାଇ କଡେଇରେ ତେଲ ଗରମ କରି ସୁଜିକୁ ଭାଜନ୍ତୁ । ସୁଜି ଭାସିସାରିବା ପରେ ନଡିଆ କୋରାକୁ ପକାନ୍ତୁ । ସୁଜି ନଡିଆ ଲାଲ୍ ହୋଇଯିବା ପରେ ସେଥିରେ ଚିନି ଗୁଜୁରାତି ଗୁଣ୍ଡ ଓ ଭଜା କାଜୁ କସମିସ୍ କୁ ପକାନ୍ତୁ । ଏହାପରେ ଏହାକୁ କ୍ଷୀରରେ (ସିଝା) ପକାଇ ଭଲ ଭାବରେ ଗୋଳାନ୍ତୁ । ସୁଜି ଓ କ୍ଷୀର ଭଲଭାବରେ ମିଶିଯିବା ପରେ ଏହାକୁ ଗୋଲ୍ ଗୋଲ୍ ଗୁଳା କରି ଲଡୁ ଆକାରରେ ଗଢନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କ ସୁଜି ଲଡୁ ।

ଆଳ, କେନ୍ଦ୍ରାପଡା

ISSN NO.
2582-208X

# ମାଂସ ଝୋଳ

ଅରବିନ୍ଦ ମିଶ୍ର

## ଆବଶ୍ୟକୀୟ ସାମଗ୍ରୀ:

ଖାସି ମାଂସ ଛୋଟ ଛୋଟ ହୋଇ କଟା ହୋଇଥିବା-୫୦୦ ଗ୍ରାମ, ୨୫୦ ଗ୍ରାମ ପିଆଜ, ୨୫୦ ଗ୍ରାମ ଟମାଟୋ, ୨ ଛୋଟ ପିସ୍ ଅଦା, ଏକ ପାଖୁଡା ରସୁଣ, ଲଙ୍କା ଗୁଣ୍ଡ, ଅଧ ଗ୍ଲମଚ୍ ଚନ, ୨୫୦ ମି.ଲି. ସୋରିଷ ତେଲ, ୧ ଗ୍ଲମଚ ଗରମ ମସଲ୍, ୨ ଗ୍ଲମଚ ହଳଦୀ ଗୁଣ୍ଡ, ୨ ପିସ୍ ଡାଲଚନ, ୬ ଗୋଟି ଲବଙ୍ଗ ।

## ପ୍ରସ୍ତୁତ ପ୍ରଣାଳୀ :

ପ୍ରଥମେ ମାଂସକୁ ଭଲ ଭାବରେ ଧୋଇଦେଇ ସେଥିରେ ଲୁଣ ଓ ହଳଦୀ ପକାଇ ମାରିନେଟ୍ କରି ରଖିଦିଅନ୍ତୁ । ଏହାପରେ ପିଆଜ, ଅଦା, ରସୁଣ ଗ୍ରାଇଣ୍ଡ କରି ପେଷ୍ଟ କୁ ରେଡି ରଖନ୍ତୁ । ବର୍ତ୍ତମାନ ପ୍ରେସର କୁକର ରେ ୨୦୦-୨୫୦ ଗ୍ରାମ ତେଲ ପକାନ୍ତୁ । ତେଲ ଅଳ୍ପ ଗରମ ହେବା ପରେ ସେଥିରେ ଅଧ ଗ୍ଲମୁଚ (ଛୋଟ ଗ୍ଲମୁଚରେ) ଚନ ପକାନ୍ତୁ ଏବଂ ତାକୁ କଫି କଲର ହେବା ପରେ ତେଲରେ ଗୋଳାନ୍ତୁ । ବର୍ତ୍ତମାନ ତେଲରେ ୬ ଟି ଲବଙ୍ଗ, ୨ ପିସ୍ ଡାଲଚନ ପକାନ୍ତୁ । ୧ ମିନଟ୍ ପରେ ସେଥିରେ ରଖିଥିବା ପେଷ୍ଟକୁ ପକାଇ ଗୋଳାନ୍ତୁ । ୧୫-୨୦ ମିନଟ୍ ପରେ ପେଷ୍ଟ ନାଲି ପଡି ଆସିବ ଏବଂ ତେଲ ଛାଡିବ । ସେତିକିବେଳେ ସେଥିରେ ମାରିନେଟ୍ କରି ରଖାଯାଇଥିବା ମାଂସକୁ ପକାଇ ଗୋଳାନ୍ତୁ । ଏବେ ସେଥିରେ ଆବଶ୍ୟକ ମୁତାବକ ଲୁଣ ମଧ ପକାନ୍ତୁ ଏବଂ ଗୋଳାନ୍ତୁ ।ପ୍ରେସର କୁକରର ଢାଙ୍କୁଣୀକୁ ଅଧା ଘୋଡାଇ ରଖି ମଝିରେ ମଝିରେ ଗୋଳାଉଥାନ୍ତୁ । ଏହି ସମୟରେ ପାଣି ମରି ମରି ଆସିବା ସମୟରେ ଟମାଟୋକୁ କାଟି ଏଥିରେ ପକାଇ ଦିଅନ୍ତୁ ଏବଂ ମଝିରେ ମଝିରେ ଗୋଳାଇ ଦିଅନ୍ତୁ । ପ୍ରାୟ ୧୫ ମିନଟ୍ ପରେ ଏଥିରେ ପାଣି ପକାଇ ଏବଂ ଗୋଳାଇ ପ୍ରେସର ର

ISSN NO.
2582-208X

ଢାଙ୍କୁଣୀ ଲଗାଇ ଦିଅନ୍ତୁ ଏବଂ କମ୍ ଆଞ୍ଚରେ ୬ ରୁ ୭ ଟି ହୁଇସିଲ୍ ହେବା ପର୍ଯ୍ୟନ୍ତ ବସାନ୍ତୁ । ଏହାପରେ ଗ୍ୟାସ ବନ୍ଦ କରିଦିଅନ୍ତୁ ଏବଂ ପ୍ରେସରକୁକରର ଢାଙ୍କୁଣୀ ନକାଢି ତାହାକୁ ଥଣ୍ଡା ହେବାକୁ ଦିଅନ୍ତୁ । ପୁରା ଗ୍ୟାସ ବାହାରିଯିବା ପରେ ଢାଙ୍କୁଣୀ ଖୋଲି ସେଥିରେ ଗରମ ମସାଲ୍ ପକାଇ ପୁଣି କିଛି ସମୟ ଢାଙ୍କୁଣୀ ବନ୍ଦ ରଖନ୍ତୁ ।



ଏବେ ପ୍ରସ୍ତୁତ ହୋଇଗଲା ଖାସି ମାଂସ ଝୋଳ । ଏହାକୁ ଗରମ ଗରମ ଭାତ ସାଙ୍ଗରେ ପରସନ୍ତୁ ।

ଲକ୍ଷ୍ମୀ

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ରସର୍ କେଳି



ସନ୍ତୋଷ କୁମାର ବେହେରା

ରସର୍ କେଳି ବୋ***
ଅକ୍ରୁର ଆଣିଛେ ରଥ ମଥୁରା ପୁରରୁ ରେ***
ମଥୁରା ପୁରରୁ
ରଥରେ ବସାଇ ନେବା କୃଷ୍ଣକେ ଗୋପରୁ
ଅଡର୍ ପାଇ ଆସିଅଛନ୍ କଂସ ରଜାଠାରୁ
ଛିନା ହେବା ଗୋପପୁର୍ ସଂଗାତ
କାନ୍ଦୁଅଛନ୍ ଗୋପୀ ମାନେ ରସୋ ରସୋ ତ (୧)

ରସର୍ କେଳି ବୋ****
ସବୁ ଗୋପୀ ଠୋଲ୍ ହେଇ କରୁଛନ୍ ବିଚାର ରେ***
କରୁଛନ୍ ବିଚାର
କୃଷ୍ଣ ଗଲେ ଗୋପପୁର୍ ଦିଶିବ ଅନ୍ଧାର
ନାଇଁ ବାଜେ ଆରୁ କାହ୍ନୁ ବଇଁଶୀର ସୁର
ରାଧାକେ ତ ବାଧା ହେବା ସଙ୍ଗାତ
ରାଧା ଗୁରି ମରବା ସତେ ଝୁରି ଝୁରି ତ (୨)

ISSN NO.
2582-208X

ରସର୍ କେଳି ବୋ******
ଗାଏ କେ ଚରାବା ଆରୁ ବଜାବା ବଇଁଶୀ ରେ***
ବଜାବା ବଇଁଶୀ
ମଠିଆ ଫଟାବା କିଏ ବାଟେ ହସି ହସି
ଦହି କେ ଖାଇବା ଗୋପେ ଘରେ ଘରେ ପଶି
ଛିନା ହେବା ତ ଯମୁନା ସଙ୍ଗାତ
ଛିନା ହେବା କୃଷ୍ଣ ବିନା ଗୋପପୁର ତ (୩)

କପସିଲ୍, ତୁଷୁର୍, ବଲ୍ଙ୍ଗିର
ମୋବା:-୭୭୩୫୭୧୫୧୦୭

ISSN NO.
2582-208X

# ଅଛେଁ ମୁଇଁ



ଗଜାନନ ମିଶ୍ର

ଏକଲା ପାରସିଁ ରହି,
ହେ ଜେନ୍ ଉଦୁଛେ ବୁଡୁଛେ
ଫେର୍ ଉଦୁଛେ ଏକଲା ।
ହେ ଜେନ୍ ବୁହୁଛେ ଇନୁ ହେନ୍କେ
ହେନୁ ଇନକେ ଏ ଏକଲା ।
ହେ ଜେନ୍ ଜଲୁଛେ ଭିତରେ ବାହାରେ
ଏ ଏକଲା ।

ହେନ୍ତା ମୁଇଁ ରହିଛେଁ,
ରହି ପାର୍ମି, ଚାଲ୍ ବୁଲ୍ କରିପାର୍ମି,
ଖାନାପିନା ସୁନା କରିପାର୍ମି,
ପାରୁଛେଁ ଭି ।
ଆରୁ ବାଁଚିଛେଁ ।

ତୁଇ ଅଛୁ ଆଏଜ୍,
କାଏଲ୍ ଥିବୁ କି ନେଇଁ ଜନା ।
ତୁଇ ମାରବୁ ଲାତ୍ ଆରୁ ଭାଗବୁ,

ISSN NO.
2582-208X

ତୋର୍ କାମକେ ନେଇଁ ଆଏଲେ ଜନା ।
ଖରାପ୍ ଭାବବାର ନେଇଁ କିଛୁ
ରୋକ୍ ଠୋକ୍ କଡା କହୁଛେଁ ଆଠ୍ନା ।

ଦେଖ୍, ଇନ ଅଛେ ପିତା, ଅଛେ ମିଠା,
ଅଛେ ଖଟା ।
କାଣା ନେଇଁ ନ ଇନେ!
ମୁଲ୍ ହେଲାବେଲକେ ଇ ଜିବନ
ଜନମ୍ ହେଇଥିଲିଁ ଏ ଏକଲା,
ସରଲାବେଲକେ ସଏଲତା ଅଁତ୍ ଭି
ହେବା ଇ ଜିବନ୍, ମରମି ଏ ଏକଲା ।

ଏକ୍ଲା ଭେକ୍ଲା ନେଇଁ ସେ ମୁଇଁ,
ସବୁ ପୁରିଛେ ଇ ମୋର୍ ଭିତରେ ।
ଏକ୍ଲା ପୁର୍ଥି ଘୁରୁଛେ ଦିନରାଏତ୍
ଦେଖୁଛୁଁ କି ନେଇଁ !
ସହି ସିଖିଛେଁ, ରହି ସିଖିଛେଁ
ଆରୁ ଗୁରଦୁଟେ ଜାନ୍ଲି ନ, ଜାନିଛେଁ ।
ଜାନିଛେଁ ଖରା କାକର୍ ମୋର୍ ଆଏ ।
ବୁରା ଭାବବାର୍ ନେଇଁ କିଛୁ,
ଅଛେ ମୁଇଁ, ଥିଲିଁ ଆରୁ ଥିମି ଏନ୍ତି ।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ଭୋଟ ଦିଅ ତମେ ଭୋଟ ଦିଅ !!!



ଏମ୍.ବିଜୟ କୁମାର

କହଲେ ନାଇ ଲୁଏ ମୋର କଥା
ଖାଲି କରୁଛେ ମୁଇ ସୁରତା
ତମେ ତୋ ସବଜାନତା ହୋ ଭୋଟର
ଆର କହେମି ମୁଇ କେନ କଥା
ଭୋଟ ଦିଅ ତମେ ଭୋଟଦିଅ
ନୋଟ ନେଇ କରି ଭୋଟ ଦିଅ
ଭୋଟଦିଅ ତମେ ଭୋଟଦିଅ
ମଦ ପିଇ କରି ତମେ ଭୋଟଦିଅ
ସଲାସୁତରା ଭିତରିଆ ସାରି
ମଗନିହା ପାଟି ସଭୁ ତୋ ସାଗସରତା
(୦)
ଭୋଟଦିଅ ତମେ ଭୋଟଦିଅ
ସାଗୁନ-କପଡା ନେଇ ଭୋଟ ଦିଅ
ଭୋଟ ଦିଅ ତମେ ଭୋଟ ଦିଅ!
ପରବତ ଉଫଡେଇ ଦେମୁଁ ଦେଖୁଥ
ରାଜା ଜମିଦାର ପଏସାବାଲାକେ
ବୁଆ/ଶଶୁର ତମର ଲେତାଗୁତା(୧)
ମୁଡିଆ ମାରୁଛୁ ହୋ ହୋ ଗୋଡ଼ ତଲେ
ଉହୁଲି ଯାଉଛୁ ବାରେ ଘାଏ ରଖ ହେଲେ
ସବୁବେଳେ ଠିଆ ହେଉଛୁ ତମର ସଖା

ISSN NO.
2582-208X

ଭୋଟ ବେଲେ ଖାଲି ଆମକେ ନାଇପ ଦେଖା
ମହାଦାନୀ ତମେ ହୋ  ଧେନ ଧେନ ଭୋଟଦାତା
(୨)
ଉଘି ନୁରେ ଖୁକି ମାଛି ନୁରେ ଘା
ବିଲେଇ ଆଏଖ ମୁଜି ତପଚାରନୀ ହୁଏଗା
ଖଲି ଚଁଟା ଚାମଚା ପରର ଭାତେ କୁକୁରମାଡ଼
ଦାଲଭାତ ଖାଇ ଜିନ୍ଦାବାଦ କରି କରି
ନିଜେ ମୃର୍ଦାବାଦ ନାଇ ମିଲେ ଟିକେ ହାଡ଼
ନେଇ ନେଇ ନେତା ମୁତି ମୁତି ମୁତୁରୀ
ଜିତି ଜିତି ଗୋଡ଼ର ଜୋତା
(୩)
କାଏ ଲାଭଲୋଭର ଲାଗି ନିଜକେ କରୁଛ ବିକ୍ରି
ଘିନି ନେଉଛନ ଭୋଟ ତମର ହାତ କାଟି କରି
ମନେରଖ ସବୁ ଦଲେ ଉଛ ଜାଏତ ମଗୁଁଆଲ
ସାବଧାନ ତମେ ତୋ ତାକର ପଛୁଆଲ
ଖୁଡ଼କଟା ଲୋକ ଇ ମାଏଟେ ତମେ ତୋ
ସାସନ କରବାର କଥା
(୪)
କହଲେ ନାଇ ଲୁଏ ମୋର କଥା
ଖାଲି କରୁଛେ ମୁଇ ସୁରତା
ତମେ ତୋ ସବଜାନତା ହୋ ଭୋଟର
ଆର କହେମି ମୁଇ କେନ କଥା। ।

ମହୁଲପଲ୍ଲୀ /ବୁଢ଼ାବାହାଲ/
ସଁଇନ୍ତଲ୍/ବଲ୍ଙ୍ଗୀର-୩୨
ମୋ-୭୯୭୮୭୮୪୧୩୦

ISSN NO.
2582-208X

# ସମାଜ୍ ସେବକ୍



ସୁନୀଲ କୁମାର ଅଗସ୍ତି

ବଛର୍ ତିନ୍ କୁଏର୍ ନୁ
ହେଲା ଅଏଧକା ଆ'ଦେ
ଦିନ୍ ଗଲା ମୋର୍ ସରି
ଆର୍ କାଇଛେ ଆଘର୍ ବାଗିର୍
ମନ୍ ଛନ୍ ଛନ୍,
ଶୁନି ଥିଲିଁ ଜିଁତା ଜିଁ
କରସି ଯମ୍ ପାପର୍ ହିସାବ୍
ଛାତି ମୋର୍ କରୁଛେ ଧଡ୍ ଧଡ୍,,
ମାଡକେ ବଫୁର୍ କରିଥିଲିଁ
କବାର୍ ଯେତେ ନିର୍ଲଜିଆ
ଦିଶୁଛେ ଆଁଖି ଇହାଛିନ୍ ଝଲ୍ ଝଲ୍,
ସକାଲୁ ସଂଜ୍ ଅଠି ପହର୍
'ନାମ୍' ନଉଛେଁ ମାହାପୁରୁ ତମର୍
ପାଇଛେଁ ମୁଁଇଁ ନା' ପେହେଚାନ୍ ଇଫାଲେ
ବଡ୍ ଗଖା 'ସମାଜ୍ ସେବକ୍'

ଟିଟିଲାଗଡ଼, ବଲାଙ୍ଗୀର
ମୋ/୭୭୩୫୮ ୭୬୬୪୯

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ନୂଆ ଫଳର ନୂଆ ସୁଆଦ



ଡ଼ଃ ରଞ୍ଜିତ କୁମାର ସାହୁ

କକା ସହରର ଚାକିରୀ ଛାଡି ଗାଆଁରେ ନୂଆ କରି ଚାଷ ବାସ ଆରମ୍ଭ କରିଛନ୍ତି I ତିନିଦିନ ଛୁଟି ଥିବାରୁ କୁନା ଗାଁଆକୁ ଆସି କକାଙ୍କ ନୂଆକରି ତିଆରି ହୋଇଥିବା ଫାର୍ମ ହାଉସ ବୁଲି ବୁଲି ଦେଖୁଥିଲା I କକା କୃଷି ଛାତ୍ର ଥିଲେ ତେଣୁ ନୂଆ ପ୍ରଣାଳୀରେ ଚାଷ  କରି ଗାଆଁରେ ନୂଆ ପ୍ରକାର  ପ୍ରକଳ୍ପ ସ୍ଥାପନ କରିବାର ପ୍ରୟାସ କରିବାକୁ ଚାହୁଁଥିଲେ I କ୍ଷେତ ମଧ୍ୟରେ ବୁଲା ବୁଲି ସାରି କୁନା ଟିକିଏ ଢ଼େପ ଜମି ଆଡକୁ ଚାଲିଗଲା I ଧାନ କ୍ଷେତ ପାଖରେ ଥିବା ଟିକିଏ ଢ଼େପ ଜମିରେ କୁନା ଦେଖିଲା ଗୁଡ଼ାଏ ଲତାକୁ ଧାଡି ଧାଡି କରି ଲଗା ଯାଇଛିI ଲତା ସବୁ ମଡ଼ା ଯାଇଛି ବାଉଁଶ ଖୁଣ୍ଟ ମଧ୍ୟରେ ବନ୍ଧା ହୋଇଥିବା ଦଉଡ଼ିରେ ।  ବହୁତ ସୁନ୍ଦର ଫୁଲ ସବୁ ଫୁଟିଛି ଏବଂ ସବୁଜ ରଙ୍ଗର ଫଳ ସବୁ ଓହଳିଛି I କିଛି କିଛି ଫଳ ହାଲୁକା ଗୋଲାପୀ ରଙ୍ଗର ମଧ୍ୟ ଦେଖା ଯାଉଥିଲା, ଯାହାକୁ ଜଣେ ଶ୍ରମିକ ନିଜର ଝୁଡିରେ ସଂଗ୍ରହ କରୁଥିଲା I କକା ଗୋଟିଏ ଫଳ ଯାହା ବହୁତ ଗୋଲାପୀ-ବାଇଗଣି  ରଙ୍ଗର ହୋଇଥିଲା ତୋଳି କୁନାକୁ ଧରେଇଦେଇ କହିଲେ, "ଏହାକୁ ଖାଅ" I ସାଥିରେ ଥିବା ଛୋଟିଆ ଛୁରୀଟିଏ ମଧ୍ୟ ଧରେଇଦେଲେ I କୁନା ଫଳଟିକୁ କାଟିଦେଲା ବେଳକୁ ତାହା ଭିତରେ ଅନେକ ଛୋଟ ଛୋଟ କଳା ରଙ୍ଗର ମଞ୍ଜି ଭର୍ତ୍ତି ହୋଇଥିଲା  ଏବଂ ପ୍ରତିଟି ମଞ୍ଜି ଚାରିପାଖେ ହଳଦିଆ ରଙ୍ଗର ବହଳିଆ ପରତ ଥିଲା ।

ତାହା ଦେଖି କୁନା ପୁଣି କକାଙ୍କ ଆଡ଼କୁ ଚାହିଁଲା I

ISSN NO.
2582-208X






"ଖାଇ ଦିଅ, କିଛି ହେବନି," କକା କହିଲେ ।

କୁନା ସବୁ ଗୁଡ଼ିକ ମୁହଁ ଲଗେଇ ଶୋଷି ନେଲା । ଖାଇବା ପରେ ତାହାର ମୁହଁ ର ଭାଙ୍ଗି ଦେଖି କକା ହସି କହିଲେ, "କେମିତି ଲାଗିଲା ?"

"ଟିକିଏ ଖଟା ଅଛି!" କୁନା କହିଲା, "ମୁଁ ଜାଣି ନଥିଲି ଏହି ରାଧା ତମାଳ ଫୁଲର ଫଳ କୁ ଖିଆ ଯାଏ ବୋଲି । ଫଳ ମଧ୍ୟ ପ୍ରଥମ କରି ଦେଖିଲି । ଆମ ବାଡ଼ିରେ ବି ବୋଉ ଲଗେଇଛି । ଫୁଲକୁ ପୂଜାରେ ବ୍ୟବହାର କରେ," କୁନା କହିଲା ।



ISSN NO.
2582-208X

"ନା, ନା, ଏହି ପ୍ରକାର ଫୁଲ ଅନେକ ଲତାରେ ଫୁଟେ । ରାଧା ତମାଳ ଭଳି ଫୁଲ ଥିବା ଅନେକ ଲତା ରହିଛି । କିନ୍ତୁ ସବୁ ଲତାର ଫଳ ଖାଇବା ଲାଗି ଉପଯୋଗୀ ନୁହେଁ । କେବଳ କିଛି ପ୍ରକାରର ଏହି ଶ୍ରେଣୀର ଲତାର ଫଳକୁ ଖିଆ ଯାଇ ପାରେ । ଏହା ଏକ ପ୍ରଚଳିତ ଫସଲ ଏବଂ ଏହି ବିହନ ମୁଁ ଅନ୍ୟ ରାଜ୍ୟରୁ ଆଣିଛି ପରୀକ୍ଷା ମୂଳକ ଭାବରେ," କକା କହିଲେ ।

"ଏହି ନୂଆ ପ୍ରକାରର ଫଳ "ରାଧା ତମାଳ ଅଥବା କୃଷ୍ଣ ତମାଳ ଲତାର ନୁହେଁ" । ଏଥିରେ ଅନେକ ପ୍ରକାର ଧାତବ ଅଛି ଯଥା, ପୋଟାସିଅମ, କାଲସିଅମ, ମ୍ୟାଗନିସିଅମ, ଜିଙ୍କ ଏବଂ ଲୌହ । ଏଥିରେ ପ୍ରାୟ 2% ତନ୍ତୁ ଏବଂ ପ୍ରଚୁର ପରିମାଣରେ ଭିଟାମିନ "ସି" ଓ ଭିଟାମିନ "ଏ" ଅଛି । ଏହାର ସେବନ ପାଚନରେ ସହାୟକ ହୁଏ ଏବଂ କୋଷ୍ଠ କାଠିନ୍ୟ ଦୂର କରେ । ଏଥିରେ କମ ପରିମାଣରେ ଶର୍କରା ଥିବାରୁ, ଏହା ମଧୁମେୟ ପୀଡିତଙ୍କ ପାଇଁ ମଧ୍ୟ ଉପଯୋଗୀ । ଏଥିରେ ଅଧିକ ପୋଟାସିଅମ ଥିବାରୁ ଏହା ହୃଦ ରୋଗ ଏବଂ ରକ୍ତଚାପ ରୋଗ ପାଇଁ ମଧ୍ୟ ହିତକାରୀ । ଏଥିରେ ପ୍ରଚୁର ପରିମାଣରେ ମ୍ୟାଗନିସିୟମ ଥିବାରୁ ଏହା ମାନସିକ ଚାପ କମେଇବାରେ ସାହାଯ୍ୟ କରେ । ଏହା ଶରୀରର ପ୍ରତିରୋଧକ ଶକ୍ତି ବଢେଇବାରେ ମଧ୍ୟ ସହାୟକ ହୁଏ ।"

"ମୁଁ ତ ଏତେ କଥା ଜାଣି ନଥିଲି," କୁନା କହିଲା ।

"ଏହା ଟିକିଏ ଖଟା ଲାଗେ ଏବଂ ଏହାର ମଞ୍ଜି ଖାଇ ହୁଏ ମଧ୍ୟ, କିନ୍ତୁ ଏହାର ଚୋପା ଖାଇବା ଲାଗି ଉପଯୋଗୀ ନୁହେଁ । ଏହା ଅଧିକାଂଶ ସମୟରେ ସର୍ବତ, କେକ, ଜାମ, ଜେଲି, ଜୁସ ଇତ୍ୟାଦିରେ ବ୍ୟବହାର କରାଯାଏ । ଅନେକ ସମୟରେ ଏହାକୁ ଅନ୍ୟ ଫଳର ରସ ସହିତ ମିଶା ଯାଇଥାଏ । ଏକ ବିଷୁବୀୟ ଅଞ୍ଚଳର ଫଳ ହୋଇଥିବାରୁ ଏହାର ନାତିଶୀତୋଷ୍ଣ ଦେଶକୁ ରପ୍ତାନି ଏକ ଲାଭକାରୀ ବ୍ୟବସାୟ ଏବଂ ଏହା ଏକ ଅର୍ଥକାରୀ ଫସଲ ହେବାର ସମ୍ଭାବନା ଥାଏ । ଆମେରିକାରେ ଥିବା ଲୋହିତ ଭାରତୀୟ ମାନେ ସେଠି ଥିବା ଏହି ପ୍ରକାର ଲତାର ଚେର ଏବଂ ପତ୍ରକୁ ଔଷଧ ଭାବରେ ବ୍ୟବହାର କରୁଥିଲେ । ଅନେକ ଥର ଫୁଲ କୁ ମଧ୍ୟ ଖାଦ୍ୟରେ ବ୍ୟବହାର କରୁଥିଲେ । ଏହା ଇଉରୋପ ଏବଂ ଆମେରିକାରେ ଲୋକପ୍ରିୟ ଅଟେ ଏବଂ ଚାହିଦା ରହିଛି ତେଣୁ ଏହାକୁ ଚାଷ କରି ଲାଭବାନ ହେବାର ସମ୍ଭାବନା ଅଛି । ଏହା ଏବେ ଅନେକ ରାଜ୍ୟରେ ମଧ୍ୟ ଲୋକପ୍ରିୟ ହେଲାଣି

ISSN NO.
2582-208X

ତେଣୁ ସ୍ଥାନୀୟ ବଜାରରେ ମଧ୍ୟ ଏହାକୁ ବିକି କିଛି ଅର୍ଥ ଅର୍ଜନ କରି ହେବ I ସେହି ସକାଶେ ମୁଁ ଏହି ଅଳ୍ପ କିଛି ଅଂଶରେ ଏହାକୁ ରୋପଣ କରିଛି I ଏହି ସବୁ ଫଳ ରାଜଧାନୀ ଯିବ I ଏଠାରେ ପ୍ରାୟ କେହି ଏହାକୁ ଖାଆନ୍ତି ନାହିଁ କିନ୍ତୁ ସେଠାରେ ବିଭିନ୍ନ ଫଳ ରସ ବିକାଳୀ ମାନେ ଏହାକୁ ବ୍ୟବହାର କରନ୍ତି," କକା କହିଲେ I

"ଏହା ଅତି ସହଜରେ ଚାଷ ହେଇପାରେ ଏବଂ ହଳଦୀ ଏବଂ ଅଦା କିଆରୀ ମଧ୍ୟରେ କରା ଯାଇପାରେ I ନିଗିଡ଼ା ଜମିରେ ଏବଂ ଦରସା ମାଟିରେ, ଢ଼େପ ଜାଗାରେ ଏହା ସହଜରେ ବଢି ପାରେ I ଏହାକୁ ସମୟରେ ଜଳ ଯୋଗେଇଦେବା ଆବଶ୍ୟକ ଏବଂ ଦରକାର ପଡିଲେ ଖରା ଦିନେ କେବଳ ଚେର ରେ ସିଞ୍ଚନ କରାଯାଇ ପାରେ I ଏହି ମଝିରେ ଯେଉଁ ଜାଗା ଅଛି ସେଥିରେ ପରେ ଅଦା ରୋପଣ ହେବ I ଏହି ଫୁଲ ସବୁ ପ୍ରଜାପତି ଆଉ ମହୁମାଛି କୁ ସାହାଯ୍ୟ କରେ ତେଣୁ ପରିବେଶ ପାଇଁ ମଧ୍ୟ ଲାଭକାରୀ," କକା କହିଲେ I

"ରାମୁ କହୁଥିଲା ଜଳଖିଆ ପ୍ରସ୍ତୁତ ହୋଇ ସାରିଲାଣି," କୁନା କହିଲା I

"ମୁଁ ଜାଣେ ତୁମକୁ ଭୋକ ଲାଗିଥିବ, ସେଥି ପାଇଁ ଫଳଟିଏ ଦେଲି ଖାଇବାକୁ I ଖାଲି ପେଟରେ ଫଳ ଖାଇବା ଭଲ I ଏବେ ଚାଲ ଜଳଖିଆ ଖାଇବା I ତୁମେ ଦିନରେ ଘରେ ରୁହ, ସନ୍ଧ୍ୟାରେ ଫେରି ଆସି ବଳକା ଜିନିଷ ଦେଖିବ I ମୋର ବହୁତ କାମ ଅଛି," କକା କହିଲେ I କକା ଆଉ କିଛି ପାଚିଲା ଫଳ ଦେଲେ କୁନାକୁ I କୁନା ନୂଆ ଫଳ ଆଉ ନୂଆ ସୁଆଦର ମଜା ନେଇ ମୁଣ୍ଡ ଟୁଙ୍ଗାରି କକାଙ୍କ ପଛେ ପଛେ ଚାଲିଲା I

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ତାଙ୍କୁ ନଜାଣେ କିଏ



ପ୍ରକାଶ କୁମାର ଗୁନ୍ଦ

କୋଉ ଶିଳିପି ଆଙ୍କିଛି କହ
ଏଡେ ସୁନ୍ଦର ଛବି
ସକାଳୁ ଉଠି ବୋଉକୁ ଯାଇ
ପଚାରି ଦେଲା ରବି ।।

ସକାଳ ହେଲେ ସୁରୁଯ ଢାଳେ
କାହା ଆଦେଶ ଖରା
ଆକାଶ ଦେହେ ଚଢେଇ ପଲ
ଦିଶନ୍ତି କେଡେ ତୋରା ।।

ପାହଡୁକୋଳୁ ଝରଣାଝରି
ନଈ ସାଥିରେ ମିଶେ
ଦିନରେ ନୁହେଁ ରାତିରେ କାହିଁ
ଜହ୍ନ ମାମୁଁଟି ଦିଶେ ।।

ISSN NO.
2582-208X

ଇନ୍ଦ୍ରଧନୁରେ ସାତଟି ରଙ୍ଗ
କିଏ ସେ ଦେଲା ଆଣି
ପଇଡଦେହେ  ରଖିଲା କିଏ
ଏତେ ମଧୁର ପାଣି   ।।

ପରଜାପତି ଡେଣାରେ ରଙ୍ଗ
ଫୁଲ ଦେହରେ ବାସ
ଛଅରତୁକୁ ସାତଟିବାର
ବରଷ ଆଉ ମାସ   ।।

ଯା'ପାଇଁ ଏତେ ସୁନ୍ଦର ଧରା
କିଏ ସେ ପରା ଏଇ
ଯାହାକୁ ଯୋଉଠି ରଖିବା କଥା
ରଖିଛି ଖଞ୍ଜି ସେଇ   ।।

କାହିଁକି ଏତେ ଅଧିର ବାବୁ
ଜାଣିବୁ ହେଲେ ବଡ
ଧିରେ ଧିରେ ତୁ ସବୁ ବୁଝିବୁ
ମନ ଦେଇକି ପଢ   ।।

ଦେଖୁଛୁ ଯାହା ଆଖି ଆଗରେ
ସବୁରି ମୂଳେ ସିଏ
ସାରା ସଂସାର ପାଳୁଛି ସେଇ
ତାକୁ ନଜାଣେ କିଏ   ।।

ଜୟପୁରଶାସନ ପିପିଲି ପୁରୀ
ମୋ-୭୦୦୮୯୨୫୯୫୪

ISSN NO.
2582-208X

# ଶୀତ ମାସର ମଜା



ମୀରା ବାଇ ପାଣିଗ୍ରାହୀ

ଶୀତ ଆସୁଅଛି ମାଡ଼ି ରେ ଭାଇନା
ମାଘ ମାସେ ହାଡ ଭାଙ୍ଗେ
ନିଆଁ ପୋଇବାକୁ ଭାରି ମନ ଲାଗେ
ମିଶି ଅଜା ଆଇ ସାଙ୍ଗେ ।
ସମସ୍ତ ଙ୍କ ଦେହେ ଶୀତ ବସ୍ତ୍ର ଥାଏ
କରିଥାନ୍ତି ପରିଧାନ
ଲକ୍ଷ୍ମୀ ମାଆଙ୍କ ର ଆଗମନ ହୁଏ
ଆସିଥାଏ ନୂଆଁ ଧାନ ।
ନାନା ପ୍ରକାର ର ପନି ଓ ପରିବା,
ହୋଇଥାଏ କିଣା ବିକା
ଏଇ ମାସେ  ହୁଏ ପିଲାଙ୍କର ଖେଳ
ଲାଗେ ନାହିଁ ତାଙ୍କୁ ଥକା ।
କଁଅଳିଆ ଖରା ଲାଗି ଥାଏ ଭଲ
ସଭିଙ୍କୁ ଲାଗେ ପସନ୍ଦ
ବଡ଼ି ପକା ହୁଏ ପାପଡ ବେଲନ୍ତି
ଖାଇଥାନ୍ତି ଭଲ ମନ୍ଦ ।
ସବୁ ମାସ ମଧ୍ୟେ ଶୀତ ଋତୁ ପରା
ହୋଇଥାଏ ଅନ୍ୟତମ
କମ୍ବଳ ଘୋଡେଇ ଶୋଇବାକୁ ମଜା
ହେବ ନାହିଁ କିଛି ସମ ।

କୋମନା ନୂଆପଡା

ISSN NO.
2582-208X

# ଆସନ୍ତୁ ପଢ଼ିବା ବହି

ବିଶ୍ୱବିଜୟୀ ଦାଶ

ଆସନ୍ତୁ ଆମେ ପଢିବା ବହି
ବହି କି କରିବା ଆମରି ସାଥି
ବହି ପଢ଼ି ଆମେ ଜାଣିବା ଶିକ୍ଷଣୀୟ କଥା
ଗଢ଼ିବା ଆମର ଉଜ୍ଜ୍ୱଳ ଭବିଷ୍ୟତ
ମହାପୁରୁଷଙ୍କ ଜୀବନୀ ପଢ଼ି
ଆମେ ଜାଣିବା ଆମ ଅତୀତର ଗାଥା ।
ଆଜିର ଡ଼ିଜିଟାଲ ଯୁଗ ରେ
ବହି କୁ କରିବା ନାହିଁ ପର,
ବହି ଯେ ଆମର ପ୍ରକୃତ ବନ୍ଧୁ
ଜୀବନ ର ଅମୂଲ୍ୟ ଧନ ଯେ ବହି
ବହି ଆମ ପଥ ପ୍ରଦର୍ଶକ ସାଜି
ସମାଜର ମଙ୍ଗଳ କରୁଥାଏ
ଜ୍ଞାନୀ ଗୁଣୀ ଙ୍କ ଅମୋଘ ଅସ୍ତ୍ର ଟି
ଗନ୍ତାଘର ସାଜି ରହିଥାଏ ବହି
ଆସ ଆମେ ପଢିବା ବହି
ବହି ପଢ଼ି ଗଢ଼ିବା ଆମେ ଆମର ଭବିଷ୍ୟତ

ଗମ୍ଭାରୀମୁଣ୍ଡା, ବାଣପୁର, ଖୋର୍ଦ୍ଧା
ମୋବାଇଲ ନଂ – ୬୩୭୦୨୦୮୪୨୮

ISSN NO.
2582-208X

# ଖୋଜି ଆଣିବା ଖୁସି



ବିକାଶ କୁମାର ହୋତା

ଧରା କୁ ଆମ ଶୀତ ଋତୁ ଟି
ଆସିଛି ହସି ହସି
ବଣଭୋଜି ତ କରିବା ଆମେ
ହୋଇଣ କେତେ ଖୁସି ।।(୧)
ଚାନ୍ଦା ଆଦାୟ କରିବା ଆମେ
ସାଙ୍ଗ ସାଥିଏ ଯେତେ
ହାଟକୁ ଯିବା କିଣି ଆଣିବା
ସଉଦା ସବୁ ସାଥେ ।।(୨)
ଆମିଷ ଭୋଜି କରିବା ନାହିଁ
ଜୀବ ଜନ୍ତୁଙ୍କୁ ମାରି
ତୁଚ୍ଛା କୁ କିଆଁ ପାପ ମୁଣ୍ଡେଇ
ହୋଇବା ଭାଗିଦାରୀ ।।(୩)
ଶୀତ ଦିନରେ ଜାତି ଜାତିକା
ପରିବା ମିଳିଥାଏ
ଆମିଷ ତୁଲ ଜୀବସାର ବି
ଏଥିରେ ଭରି ରହେ ।।(୪)

ISSN NO.
2582-208X

ଆଳୁ, ପୋଟଳ, ଝୁଡ଼ଙ୍ଗ କୋବି
ଆଣିବା ମୂଳା ସାରୁ
ଆଉ ଯାହା ବି ହୋଇବ ଲୋଡ଼ା
ଆଣିବା ନିଜ ଘରୁ ।।(୫)
ଶପଥ ନେବା ଆଜି ଆମେ ରେ
ଭଲ ମଣିଷ ହେବା
ଖରାପ ଗୁଣ ଯେତକ ଅଛି
ସବୁ ଦୂରେଇ ଦେବା ।।(୬)
କୁନା କୁନି ଏ ଆସ ସରବେ
ବଣକୁ ଯିବା ମିଶି
ଭୋଜି କରିବା ଏକାଠି ହୋଇ
ଖୋଜି ଆଣିବା ଖୁସି ।।(୭)

ଦକ୍ଷିଣକାଳୀ ରୋଡ଼
ବିଦ୍ୟାନଗର, ଢେଙ୍କାନାଳ

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ




ଦିଲ୍ଲୀ ପବ୍ଲିକ ସ୍କୁଲ, ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମତାମତ/ସମୀକ୍ଷା

## ବେଦାନ୍ତୀ - ଜାନୁୟାରୀ ସମୀକ୍ଷା



ଦେବଯାନୀ ସ୍ୱାଇଁ

"ବେଦାନ୍ତୀ" ର ଦୁଇଟି ଅନନ୍ୟ ଗୁଣ ମୋତେ ଖୁବ୍ ପ୍ରଭାବିତ କରେ। ଗୋଟିଏ ଏହାର ନିୟମିତତା। ଠିକ୍ ମାସର ୧ ତାରିଖ, କ୍ୟାଲେଣ୍ଡର୍ ପୃଷ୍ଠା ବଦଳାଇବା ପୂର୍ବରୁ ମୋବାଇଲ୍ ପରଦାରେ ବେଦାନ୍ତୀ ନୂତନ ସଂଖ୍ୟାର ସୂଚନା ମିଳେ। ଅନ୍ୟଟି ଏହାର ଆକର୍ଷଣୀୟ ପ୍ରଚ୍ଛଦ ପୃଷ୍ଠା। ତେଣୁ ପ୍ରତି ସଂଖ୍ୟା ଭଳି ଏଥରକ ମଧ୍ୟ ପ୍ରଚ୍ଛଦରେ ଏକ ସୁନ୍ଦର ଶୁଭ୍ର ନୀଳ ହୀରନ୍ ପକ୍ଷୀର ପ୍ରତିଛବି ମଣ୍ଡନ କରି ଆସିଛି ଆମ ପ୍ରିୟ "ବେଦାନ୍ତୀ"।

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ଇଂରାଜୀ ନବ ବର୍ଷର ଶୁଭକାମନା ଜଣାଇବା ସହିତ ପୁରୁଣା ବର୍ଷର ଅନୁଭୂତିକୁ ନେଇ ଏକ ସଫଳ ଜୀବନ ଓ ଏକ ଉତ୍ତମ ବ୍ୟକ୍ତିତ୍ୱ ଗଢିବା ପାଇଁ ଚେଷ୍ଟା କରିବା ଉଚିତ୍ ବୋଲି ନିଜର ମତ ବ୍ୟକ୍ତ କରିଛନ୍ତି।

ଭିତର ପୃଷ୍ଠାରେ ସବୁଥର ଭଳି ବିଭିନ୍ନ ବିଭାଗ ସହିତ ରହିଛି ଗଳ୍ପ, କବିତାର ଜୁଆର।

ପ୍ରଥମ ଗଳ୍ପ, ଧାରାବାହିକ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ, ଡି. ଏଫ୍. ଓ. ଅସୀମ, ପାଣ୍ଡାନାସ ବଣରେ ନିଆଁ ଲାଗିବାର ଭୟଙ୍କର ଦୃଶ୍ୟକୁ ବର୍ଣ୍ଣନା କରିଛନ୍ତି।

ISSN NO.
2582-208X

ଆମାଣ୍ଡା ଓରଫ ସୋନା ମୁଣ୍ଡରେ "ସୁନା କଳସୀ"। "ଶାକମ୍ବରୀ" ଭଳି ସବୁ ଝିଅ ବନନ୍ତୁ ସାହସୀ। ମୋର ପ୍ରିୟ ଧାରାବାହିକ ଗଳ୍ପ "ଉଠ୍ ପୁଟୁର୍"ରେ, ଅଭି ତା ଜୀବନର ସବୁଠୁ ମହତ୍ୱପୂର୍ଣ୍ଣ ପରୀକ୍ଷା, ଏକାଦଶ ବୋର୍ଡ ପରୀକ୍ଷା ଦେବାକୁ ଯାଉଛି। ତଥ୍ୟ ସମ୍ବନ୍ଧିତ ସନ୍ଦର୍ଭ "ସାନ୍ତାଳ ଜନଜାତି ଙ୍କର ଗଣପର୍ବ: ସହରାଏ" ଏବଂ "କୁମ୍ଭାର ସମ୍ପ୍ରଦାୟର ପର୍ବ : କୁରାଳ ପଞ୍ଚମୀ"। ସଂଗୃହୀତ ସନ୍ଦର୍ଭ "ଏକାକ୍ଷର ଓଁ କାରର ରହସ୍ୟ", "ବଳି ବାମନ ବେଶ" ଏବଂ "ଶ୍ରୀକ୍ଷେତ୍ର ପରିକ୍ରମା"ର ତାତ୍ପର୍ଯ୍ୟ ବର୍ଣ୍ଣନା କରାଯାଇଛି। ଏଥି ସହିତ ଅନେକ କାହାଣୀ, ଧାରାବାହିକ ଗଳ୍ପ ଓ ନାଟକ ରହିଛି।

କବିତାର ପ୍ରାରମ୍ଭରେ, "ନୂଆ ବରଷ (୨୦୨୪)", ସମସ୍ତଙ୍କୁ "ନବ ବର୍ଷର ଅଭିନନ୍ଦନ" ଜଣାଇ "ଆସିଛି ନୂଆ ବରଷ"।

"ମୋ ଜଗନ୍ନାଥ କେତେ ସୁନ୍ଦର", "କଳାଚାନ୍ଦ" ସେ "ବଉଳ ମାଳିଆ" ଦୟଣା ଚୂଳରେ ହସେ। "ହେ ଇଶ୍ୱର, ତୁମେ ଦୟାଳୁ!" "ତୁମାଶିଷ" ରହୁ ମାନବ ଜନେ। "ଶ୍ରୀକୃଷ୍ଣ ଙ୍କ ବଂଶୀ" ସେ ଯେ ଶାଶ୍ୱତ ପ୍ରେମର ରସ, ତିନି ଭୁବନକୁ କରିଥାଇ ବଶୀଭୁତ।

"ମୋ' ବୋଉ ଆଜିବି ମୋତେ ଡାକେ", "ବାପା ମୁଁ ତୁମ ପରୀ", ଝିଅ ମୋର ତୁହି ଦୁଇ କୁଳ ହିତେ ମମତାର ପୁଷ୍ପଧାନୀ।

ଅବ୍ୟକ୍ତ "ଆତ୍ମାର ସ୍ୱର", ତୁମ ଉପସ୍ଥିତି କେବଳ "ତୃଷ୍ଣା ନିବାରକ"। "ଥରେ ଆସି ଦେଖନ୍ତନି" ଏକଲା ପଣର ଅସହଣୀ ବେଦନା, ତୁମେ କେବେ ଆସିବ "ମସିହା"। କିଏ ବୁଝିଛି ନା ବୁଝିବ ତା "ନୀରବ ଓଠର ଭାଷା"। ସମୟ ସାଙ୍ଗେ ସବୁ ଲିଭିଯାଏ ସ୍ମୃତି ରହିଯାଏ ପଛକୁ, କିଏ କେବେ କଣ ଭୁଲିପାରେ ନିଜର "ପ୍ରଥମ ପ୍ରେମ" କୁ!!

"ଆସ ଆସ ବିହଙ୍ଗମ", "ଚିଲିକାର ତୀରେ ଥରେ", ତୃପ୍ତହେବେ ପର୍ଯ୍ୟଟକ, ବୃଦ୍ଧି ହେବ "ମଧୁରତା ଶୀତ ଋତୁର"।

"ଆମ ସଂସ୍କୃତି ମହାନ ଅତି", "ଏ କଳିକାଳ ଯୁଗ", ଆସୁରିକତାକୁ ଦୂରେ ଫିଙ୍ଗି ଦେଇ"ଆସ ଗଢିବା ଆମ ରାଇଜ"। "ନିସ୍ତବ୍ଧ ବାଟୋଇ" ମୁଁ "ଖୋଜୁଛି" ଘର ଟିଏ,

ISSN NO.
2582-208X

ସ୍ନେହ ଆଦର ସନମାନ ଝରୁଥିବ ଯେଉଁଠାରେ। "ଦିବ୍ୟ ଅଳଙ୍କାର ଅଟଇ ହସ, କରିପାରେ ସିଏ ସଭି ଙ୍କୁ ବଶ", "କିଛି ଫୁଲଠାରୁ ଶିଖ"।

କେବେ ଲୁହଧାର ଝରେ କେବେ ହସ ଓଠ ଧାରେ, ରାତି ନ ସରୁଣୁ କେବେ ଭାଙ୍ଗେ ସପନ– "ଏଇତ ଜୀବନ"!! ଏଥରକ ଏତିକିରେ ଥାଉ ମୋ କବିତା ବୟାନ।

ସ୍ୱାସ୍ଥ୍ୟ ବିଭାଗରେ, "ଅଧିକ ନୁହଁ କମ ଲୁଣ ଖାଉଥିଲେ ବି ସାବଧାନ ! ହୋଇପାରେ ଏହି ସମସ୍ୟା"।

ଆମ ହାଣ୍ଡିଶାଳରେ ବନିଥିବା ଗରମା ଗରମ "ପାଳଙ୍ଗ ପକୋଡି" ଖାଇ ଶୀତ ଦିନର ମଜା ନିଅନ୍ତୁ।

ଶିଶୁବିଭାଗରେ ରହିଛି, "ଶର୍କରାର ବୃକ୍ଷ" – ମପେଲ୍ ବୃକ୍ଷ ସମ୍ବନ୍ଧରେ ଜ୍ଞାନ। "ନୂଆ ଇଂରାଜୀ ବରଷ"କୁ ସ୍ୱାଗତ ଜଣାଇବା ସହିତ ରହିଛି "ଟିକି ଝରଣା", "ଜହ୍ନ ଆମର ମାମୁଁ", "ଏଣ୍ଡୁରି" ଓ "ମୋ ବିଦ୍ୟାଳୟ" ଭଳି ସୁନ୍ଦର କବିତା।

କୁନି ଆଦବିକା, ସ୍ୱଚ୍ଛତାର ଗୁରୁତ୍ୱ ଦର୍ଶାଇ "Clean India, Green India " ନାମରେ ଖୁବ୍ ସୁନ୍ଦର ଚିତ୍ର ଆଙ୍କିଛନ୍ତି।

ଏକ ବିଶେଷ ପ୍ରସଙ୍ଗରେ ରହିଛି "ବିଦେଶ ଖବର"– ସାଉଦି ଆରବର ରିୟାଦରେ ରହୁଥିବା ଓଡିଆ ମାନଙ୍କୁ ନେଇ ଗଢି ଉଠିଥିବା ଓଡିଶା ସାମାଜିକ ଓ ସାଂସ୍କୃତିକ ସଂଗଠନ, ରୋଜାର ୧୫ତମ ବାର୍ଷିକ ଉତ୍ସବର କିଛି ସ୍ମରଣୀୟ ମୁହୂର୍ତ୍ତ।

ଶେଷରେ ଆସନ୍ତୁ ୭୫ତମ ସାଧାରଣତନ୍ତ୍ର ଦିବସ ଅବସରରେ ସମସ୍ତେ ମିଳି ଉଚ୍ଚ ସ୍ୱରରେ ଗାଇବା 'ଜୟ ହିନ୍ଦ୍'।

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଫେବୃୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୩/୦୨/୨୦୨୪ | ଅଷ୍ଟକା ଶ୍ରାଦ୍ଧ |
| ୦୮/୦୨/୨୦୨୪ | ରଟନ୍ତୀ ଚତୁର୍ଦ୍ଦଶୀ ଉପବାସ, ସବେ-ମେରାଜ (ପୂର୍ବରାତ୍ରି) |
| ୦୯/୦୨/୨୦୨୪ | ତ୍ରିବେଣୀ ଅମାବାସ୍ୟା, ମା ବିରଳା ଦେବୀଙ୍କ ଜନ୍ମୋତ୍ସବ |
| ୧୦/୦୨/୨୦୨୪ | ଶ୍ରୀ ଜୀଉଙ୍କ ପଦ୍ମ ବେଶ |
| ୧୧/୦୨/୨୦୨୪ | ଚନ୍ଦ୍ର ଦର୍ଶନ ଓ ପୂଜା |
| ୧୨/୦୨/୨୦୨୪ | ଶରଣ ଶେଷ |
| ୧୩/୦୨/୨୦୨୪ | କୁମ୍ଭ ସଂକ୍ରାନ୍ତି, ବରଦା ଚତୁର୍ଥୀ |
| ୧୪/୦୨/୨୦୨୪ | ସରସ୍ୱତୀ ପୂଜା, ଶ୍ରୀ ପଞ୍ଚମୀ ଓ ବସନ୍ତୋତ୍ସବ |
| ୧୬/୦୨/୨୦୨୪ | ମାଘ ସପ୍ତମୀ, (କୋଣାର୍କ) ଚନ୍ଦ୍ରଭାଗା ସ୍ନାନ, ଭୀଷ୍ମାଷ୍ଟମୀ |
| ୨୦/୦୨/୨୦୨୪ | ଭୈମୀ ଏକାଦଶୀ (ବଡ) ଉପବାସ, ବ୍ୟାସ ସରୋବର ମେଳା, ବରାହ ଦ୍ୱାଦଶୀ |
| ୨୨/୦୨/୨୦୨୪ | ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ |
| ୨୩/୦୨/୨୦୨୪ | ଅଗ୍ନ୍ୟୁତ୍ସବ ଓ ଯୋରନ୍ଦା ମେଳା |
| ୨୪/୦୨/୨୦୨୪ | ମାଘ ପୂର୍ଣ୍ଣିମା, ମାଘ ବ୍ରତ ସମାପନ, ଶ୍ରୀମନ୍ଦିରରେ ଗଜ ଉଦ୍ଧାରଣ ବେଶ, ଚନ୍ଦ୍ରପୂଜା ଓ ଉପବାସ |
| ୨୬/୦୨/୨୦୨୪ | ସବେ-ବରାତ୍ (ପୂର୍ବରାତ୍ରି) |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଜାନୁୟାରୀ ମାସର ବିଜେତାଙ୍କ ନାମ



ISSN NO.
2582-208X

କଏ କହେ ୟାକୁ ପିଜୁଳ ତ
ଆଉ କଏ କୁହେ ଗୃଉଳଆ
ଭରି ସୁଆଦିଆ ଲାଗେ ତ ପାଟିକୁ
ଲାଗେ ଭରି ଆପଣିଆ
ଭିଟାମିନ୍ ସି ରେ ଭରପୁର ଇଏ
ପିଜୁଳ ଏହାର ନାଆଁ

ପବିତ୍ର ମିଶ୍ର, ସୋମନାଥପୁର ଶାସନ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**